# ମହାମନ୍ତ୍ରୀ ଉବାଚ

- ଲେଖକ -
**ଡକ୍ଟର ନାରାୟଣ ମହାନ୍ତି**
ପ୍ରାଧ୍ୟାପକ, ଦର୍ଶନ ବିଭାଗ
(ଅବସରପ୍ରାପ୍ତ)
ଜାତୀୟ କବି ବୀରକିଶୋର ସରକାରୀ କଲେଜ
କଟକ - ୭୫୩୦୦୩

- ପ୍ରକାଶକ -
**ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ**
ନଦିଆ ନିବାସ, ଝାଞ୍ଜିରୀମଙ୍ଗଳା
କଟକ - ୭୫୩୦୦୯

ଲେଖକ :
**ଡକ୍ଟର ନାରାୟଣ ମହାନ୍ତି**
'ନୀହାରିକା', ପ୍ଲଟ ନମ୍ବର-ସି/୧୧, ସେକ୍ଟର-୭
ମର୍କତ ନଗର (ସି.ଡି.ଏ.), କଟକ-୭୫୩୦୧୪

ପ୍ରକାଶକ :
**ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ**
ନଦିଆ ନିବାସ, ଝାଞ୍ଜିରୀମଙ୍ଗଳା, କଟକ-୭୫୩୦୦୯
Website: www.niharikadas.in

ପ୍ରାପ୍ତିସ୍ଥାନ :
**୧- କିତାବ ମହଲ**
କଲେଜ ଛକ, କଟକ-୭୫୩୦୦୩
ଫୋନ : ୦୬୭୧-୨୫୪୮୩୦୧
**୨- ଶ୍ରୀ ଦୀପକ କୁମାର ମହାନ୍ତ**
ପ୍ଲଟ ନମ୍ବର-ଏଫ/୬୪୮, ସେକ୍ଟର-୮
ମର୍କତ ନଗର (ସି.ଡି.ଏ.), କଟକ-୭୫୩୦୧୪
ଫୋନ : ୯୩୪୮୩୦୭୫୭୧

ପ୍ରଥମ ପ୍ରକାଶ :
**୨୦୨୧**

ଅକ୍ଷରସଜ୍ଜା :
**ଶ୍ରୀ ବିଜୟ କୁମାର ମହାନ୍ତି**
ଗୁଡୁ ଡି.ଟି.ପି. ଆର୍ଟ, ସେକ୍ଟର-୭
ମର୍କତ ନଗର (ସି.ଡି.ଏ.), କଟକ-୭୫୩୦୧୪

ମୁଦ୍ରଣ :
**ଶୁଭମ୍ ପ୍ରିଣ୍ଟର୍ସ, କଲ୍ୟାଣୀ ନଗର, କଟକ**

ପ୍ରଚ୍ଛଦ :
**ଶ୍ରୀ ଶଶିକାନ୍ତ ରାଉତ**

ମୂଲ୍ୟ : **ଟ.୧୦୦.୦୦ (ଏକଶହ ଟଙ୍କା ମାତ୍ର)**

# ଉତ୍ସର୍ଗ

ଆମର ସବା ସାନଭଉଣୀ ଅଧ୍ୟାପିକା ସଞ୍ଜୀବନୀ ମହାନ୍ତି (୧୯୭୨-୨୦୦୧)ଙ୍କ ସ୍ମୃତିରେ ଉକ୍ତ ପୁସ୍ତକ ଉତ୍ସର୍ଗ କରୁଛି ।

ନାରାୟଣ ମହାନ୍ତି

# ଆପଣ ଉତ୍ତରଦାୟୀ

'ମହାମନ୍ତ୍ରୀ ଉବାଚ', ଡକ୍ଟର ନାରାୟଣ ମହାଂତିଂକର ରମ୍ୟ-କଥନ ମୂଳକ ଗୋଟିଏ ଆତ୍ମ-ଅନୁଭୂତି ସଂପନ୍ନ ଗ୍ରଂଥ । ଏଥିରେ ସଂଯୋଜିତ ହୋଇଛି ୪୫ କ୍ଷୁଦ୍ର କଥା । କଥା ଅବଶ୍ୟ କଳ୍ପନାଶ୍ରିତ, କିଂତୁ କଳ୍ପନାର ଥାଏ ଏକ ବାସ୍ତବତାର ବୀଜ । 'ବୀଜ ଜାଣି ବୃକ୍ଷ' ପରି ବାସ୍ତବତାର ବୋଧ କଳ୍ପନାକୁ ରୂପାଂତର କରିଥାଏ ଯଦି ସେଥିରେ ଅନୁଭୂତି ହୋଇଥାଏ ତୀବ୍ର ବା ଉପଲବ୍ଧ ସତ୍ୟ (ସତ୍ୟ ଶବ୍ଦଟି ଏଠାରେ ଆଭିଧାନିକ ଅର୍ଥଯୁକ୍ତ ନୁହେଁ, ମର୍ମାର୍ଥ ବହନ କରେ) । ତେବେ ସବୁ କାହାଣୀରୂପ ଲେଖା ମନେହେବ ଯେମିତିକି ତାଙ୍କ ଆଖି ଆଗରେ ଘଟିଯାଇଛି । ଅବଶ୍ୟ ସେ କଳ୍ପନାରୁ ଝିଙ୍କିଆଣି କେତେକ ବୃତ୍ତାନ୍ତକୁ ସମସାମୟିକ ଜୀବନବୋଧ ସହ ମିଶାଇ ଦେଇଛଂତି ଓ କହୁଛଂତି, 'ଏମିତି ଆମ ଜୀବନକାଳରେ ଘଟିଛି ବା ଘଟିପାରେ' । ଯାହା ଘଟେ ସେଇଟିକୁ ଆମେ ଜୀବନର ବାସ୍ତବତା ବୋଲି କହିଥାଉ ।

ସାହିତ୍ୟର ଘଟଣା ସମ୍ଭାବନାମୟ । ଘଟିଥାଏ ତ ଭିନ୍ନ କଥା, ଯଦି ଘଟି ନଥାଏ ଘଟିପାରେ । ଏପରି କଥନରୀତିକୁ 'ଦୂରଦୃଷ୍ଟି' ହୁଏତ କୁହାଯାଇପାରେ, ସାହିତ୍ୟର କାର୍ଯ୍ୟ ତ ଏଇଆ । ଏତିକ ନଥିଲେ ସାହିତ୍ୟ ବହିପଢାର ଆନଂଦ ରହଂତା ନାହିଁ ।

ବହିଟି ଏଇଥିପାଇଁ ଘଟିତ ଓ ପ୍ରକଳ୍ପିତ ଘଟଣା ବହୁଳତାରେ ସଂକଳିତ ସଂଦେଶର ସଂଭାର । ଏଥିରୁ ଅନେକ ରଚନା ଆମକାଳର ସମ୍ବାଦପତ୍ରର ଖବର ଆକାରରେ ଘଟିଯାଇଛି । ଯେପରି ଚିଟଫଣ୍ଡ ମାମଲା, ଆନ୍ନା ହଜାରେଂକ ଆଂଦୋଳନ, ଲାଡେନ ହତ୍ୟା ପରି ବହୁ ଉଠାପକା ଖବର ସମ୍ବାଦପତ୍ରରେ ଦିନଦିନ ଧରି ସାମ୍ବାଦିକ ଉତ୍ସବ ଲାଗିରହିଥିଲା - ରୋଚକ ବା ଅରୋଚକ କାହାଣୀଗୁଡିକର ଅଂତରାଳରେ ଥିଲା ଜାତୀୟ ବା ଆନ୍ତର୍ଜାତୀୟ ସମସ୍ୟା - ସେଗୁଡିକ ସହିତ ସମାନ୍ତରାଳ ଭାବେ ଦେଖାଯାଇଥିଲା ନୈତିକତାର ସମସ୍ୟା ଓ ବିଶ୍ୱମାନବର ସ୍ଥିତିର ପ୍ରଶ୍ନ । ରାଷ୍ଟ୍ର ଓ ବିଶ୍ୱ ସମ୍ମୁଖୀନ ହେଉଥିବା ମୂଲ୍ୟବୋଧହୀନ ରାଜନୀତିକ ବା ମାନବିକ ସମସ୍ୟାକୁ ଗଳ୍ପାକାରରେ ସଂକ୍ଷେପରେ ପ୍ରକାଶ କରିବାରେ ନିଶ୍ଚୟ ଅଛି ଗୌରବ ।

ଦର୍ଶନର ଜଣେ ଅଧ୍ୟାପକ ଡକ୍ଟର ମହାଂତି । ଏଣୁ ଘଟଣାର ଅଂତରାଳରେ ତାଂକୁ ଜଳଜଳ ଦିଶିଛି ଅବକ୍ଷୟର ଚିତ୍ର । ଏମିତି ଘଟଣାକୁ ସମ୍ବାଦପତ୍ର ଯେପରି ପ୍ରକାଶ କରିଥାଂତି ସେଥିରେ ଥାଏ ଖବରର ତାତ୍ପର୍ଯ୍ୟ । ମାତ୍ର ସାହିତ୍ୟ ତାହାକୁ ମାନବର

ସଂକଟ ରୂପେ ସର୍ବକାଳର କରି ଗଢେ ଓ ପତନର ଅବଶ୍ୟମ୍ଭାବୀ ପରିଣତି ପ୍ରତି ସତର୍କ କରିଦିଏ । କଳଙ୍କିତ ରାଜନୀତି, ନୀତିହୀନ ଜୀବନ, ଦାଉପେଞ୍ଚ ଶଠ ବିକାଶ ମନ୍ତ୍ର, ଆତ୍ମବିଜ୍ଞାପନ ପ୍ରଧାନ ବୁଦ୍ଧିଜୀବୀ କେଉଁଟିର ଅଭାବ ଅଛି ଆମ ଦେଶ ବା ସମାଜରେ ? ଏହି ସଂକଳନରେ ଅନେକ ଲେଖା ଶିକ୍ଷା ସଂପର୍କରେ ସ୍ଥାନ ପାଇଛି । ଯେପରି ଡିପ୍ଲୋମା ପାଠ୍ୟକ୍ରମ, ଆଖିଦୃଶିଆ ପରୀକ୍ଷାଫଳ, ମୋ ପତ୍ନୀ ଅଧ୍ୟାପିକା, ଅଧ୍ୟକ୍ଷଙ୍କ ଫତ୍‌ୱା, ଅତିଥି ଅଧ୍ୟାପକ ପରି କେତୋଟି ସାଂପ୍ରତିକ ଶିକ୍ଷାର ଦର୍ପଣ ପରି ।

ତେବେ ପ୍ରଶ୍ନ ହୁଏ, ଡକ୍ଟର ମହାଂତି କାହିଁକି ଲେଖିଲେ ? ଲେଖାଗୁଡିକ ପୂର୍ବରୁ ବିଭିନ୍ନ ସ୍ତରରେ ପ୍ରକାଶ ପାଇଛି, ଏବେ ସେଗୁଡିକ ସଂକଳିତ ରୂପ ନେଇଛି । ତାଙ୍କର ଉଦ୍ଦେଶ୍ୟ ବିତିଯାଇଥିବା ସମୟକୁ ବାନ୍ଧିରଖିବା, ସମୟ ବଡ ରହସ୍ୟମୟ; ତା ପେଟ ଅସୀମ ଓ ଅନନ୍ତକାଳ ପାଇଁ ଭାବଗର୍ଭ ଧରି ଗତିକରେ । ଯିଏ ଯେତେବେଳେ ଯେଉଁ ରୂପରେ ତାକୁ ଲୋଡିବ ସେଥିରୁ କିଛି ନୁହେଁ ପାଇବ ବହୁ ତଥ୍ୟ, ବହୁ ପ୍ରଶ୍ନ । ସମୟର ଯଦି ଗୋଟିଏ ପରିଚୟ ହୁଏ 'ପ୍ରଶ୍ନ' ବୋଲି, ତେବେ ଦେଖିବା ଅତୀତ କେବଳ ଆମକୁ, ଆମର ଭବିଷ୍ୟତକୁ ପ୍ରଶ୍ନ ପଚାରି ଚାଲିଛି । ବଡ ଚତୁରତା ସହ ଦର୍ଶନ ଅଧ୍ୟାପକ ସମୟପେଟରୁ ବାହାର କରି ଆଣିଛନ୍ତି ସେହିପରି ଅଗଣିତ ପ୍ରଶ୍ନ ଓ ପାଠକକୁ ପଚାରିଛନ୍ତି, 'ଅଛି ଏହାର ଉତ୍ତର ଆପଣଙ୍କ ପାଖରେ' ?

କଟକ
୨୦ ଅକ୍ଟୋବର, ୨୦୨୦

**ଡକ୍ଟର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ମୁଖ୍ୟ
ସ୍ନାତକୋତ୍ତର ଓଡିଆ ବିଭାଗ
ରେଭେନ୍‌ସା ସ୍ୱୟଂଶାସିତ ମହାବିଦ୍ୟାଳୟ
କଟକ

# ଆଭାସ

ପ୍ରକାଶ ପାଇବାକୁ ଯାଉଥିବା, ଡକ୍ଟର ନାରାୟଣ ମହାନ୍ତିଙ୍କ 'ମହାମନ୍ତ୍ରୀ ଉବାଚ' ପୁସ୍ତକରେ ସଂକଳିତ ଲେଖାଗୁଡ଼ିକୁ ପଢ଼ିବାର ସୁଯୋଗ ଲାଭ କରି ମୁଁ ଆନନ୍ଦିତ । ପ୍ରକାଶ ଥାଉକି, ସଂକଳନଭୁକ୍ତ ଅନେକ ଲେଖା ଲେଖକଙ୍କ ସହଯୋଗରୁ ମୁଁ ପୂର୍ବରୁ ପାଠ କରିଥିଲି । ନାରାୟଣବାବୁ ନିଜର ଅନୁଭବ, ଅଭିଜ୍ଞାନ ଓ ସାମାଜିକ ଦୁର୍ଘଟଣାବଳୀକୁ ଏଭଳି ସରଳ ଭାଷାର ରୋଚକ ଶୈଳୀରେ ପ୍ରକାଶ କରିଥାନ୍ତି, ଯାହା ପୂର୍ବାନୁଭୂତ ଓ ଅବଜ୍ଞାତ ହୋଇଥିଲେ ବି, ମୋତେ ନୂଆ ପରି ଲାଗେ । ଏହାହିଁ ତାଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ବୋଲି ଯେକେହି ପାଠକ ବିଶ୍ୱାସ କରିବେ । ତାଙ୍କ ଅଭିବ୍ୟକ୍ତି କୌଶଳ ବାହ୍ୟତଃ ହାସ୍ୟ-ବ୍ୟଙ୍ଗ୍ୟଧର୍ମୀ ଅଥବା ବେଳେବେଳେ ରମ୍ୟ ଭାବ ଉଦବୋଧକ ଭଳି ପ୍ରତୀତ ହେଲେ ହେଁ, ବିଷୟ ପ୍ରସଙ୍ଗ ବାସ୍ତବାନୁଭବର ନିଚୋଳ ସ୍ୱାଭାବିକତାର ପ୍ରମୂର୍ତ୍ତ ଉଚ୍ଚାରଣ ବୋଲି ଜଣାଯାଇଥାଏ । ତେଣୁ, 'ମହାମନ୍ତ୍ରୀ ଉବାଚ' ପୁସ୍ତକରେ ସଂକଳିତ ଲେଖାବଳୀ ଲେଖକଙ୍କ ବୃତ୍ତିଗତ ଜୀବନାନୁଭବ୍ୟ ଓ ସାମାଜିକ ଘଟଣା କେତୋଟି ପ୍ରତି ମାର୍ମିକ ସଂବେଦନାର ସରସ ମନୋରମ ଗଦ୍ୟକୃତି । ଅନ୍ୟ ବାଗରେ କହିଲେ ହେବ, ଲେଖକଙ୍କର ସମାଜ ଓ ଜୀବନ, ବୃତ୍ତି ଓ ପ୍ରବୃତ୍ତି ପ୍ରତି ନିଜସ୍ୱ ପ୍ରତିକ୍ରିୟା ହିଁ ତାଙ୍କ ଲେଖାବଳୀର କାରକ । ପାରମ୍ପରିକ ଦୃଷ୍ଟିରୁ ତାଙ୍କ ଲେଖାଗୁଡ଼ିକ ଓଡ଼ିଆରେ ମନ୍ମୟ ପ୍ରବନ୍ଧ ଅଥବା ଲଳିତ ନିବନ୍ଧ ନାମରେ ଚିହ୍ନିତ ହେବ । ଓଡ଼ିଆ ସାହିତ୍ୟର ସମାନଧର୍ମା ପୂର୍ବସୂରିଙ୍କ ପରିପ୍ରେକ୍ଷୀରେ ନାରାୟଣବାବୁଙ୍କ ଲେଖାଗୁଡ଼ିକର ସ୍ୱାତନ୍ତ୍ର୍ୟ ରହିଛି, ଯାହା ଆଲୋଚକମାନେ ଆଲୋଚନା କରିପାରିବେ ବୋଲି ମୋର ବିଶ୍ୱାସ । ଆଶା, ପୁସ୍ତକଟି ପାଠକମାନଙ୍କଠାରୁ ବନ୍ଧୁତୁଲ୍ୟ ଆଦର ଲାଭ କରିବ ।

ବହିଟିର ସୁପ୍ରସାରଣ ଓ ନାରାୟଣବାବୁଙ୍କ ଲେଖକ ଜୀବନର ଉତ୍ତରୋତ୍ତର ସମୃଦ୍ଧି କାମନା କରୁଛି ।

କଟକ
୧୬.୧୦.୨୦୨୦

**ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭବାନୀପାଟଣା

# ମହାମନ୍ତ୍ରୀ ଉବାଚ

# ମୁଖବନ୍ଧ

ଓଡ଼ିଶା ସାହିତ୍ୟ ଏକାଡ଼େମୀ ୨୦୧୭ ମସିହାରେ ୫୦ଟି ବ୍ୟଙ୍ଗଗଳ୍ପକୁ ନେଇ 'ଓଡ଼ିଆ ବ୍ୟଙ୍ଗଗଳ୍ପ ସଂକଳନ' ପ୍ରକାଶ କରିଛନ୍ତି । ଏଥିରେ କିନ୍ତୁ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର କୌଣସି ରଚନା ସ୍ଥାନ ପାଇନାହିଁ । ସଂକଳକଦ୍ୱୟ ଏହାର କାରଣ ଦର୍ଶାଇ ଲେଖିଛନ୍ତି ଯେ, ସ୍ୱର୍ଗତ ପ୍ରହରାଜଙ୍କର ସମସ୍ତ କଥାସାହିତ୍ୟ ରମ୍ୟରଚନା ଅନ୍ତର୍ଭୁକ୍ତ ହେବ ବୋଲି ବିଚାର କରି ବ୍ୟଙ୍ଗଗଳ୍ପ ସଂକଳନରେ ତାହାକୁ ସ୍ଥାନିତ କରାଯାଇ ନାହିଁ । ସଂକଳକଦ୍ୱୟଙ୍କର ଏହି ମତାମତ ଯଥାର୍ଥ ମନେହୁଏ । କାରଣ ବ୍ୟଙ୍ଗରଚନା ଓ ରମ୍ୟରଚନା ମଧ୍ୟରେ ସୁସ୍ପଷ୍ଟ ପ୍ରାର୍ଥକ୍ୟ ରହିଛି ।

ଉଭୟ ବ୍ୟଙ୍ଗରଚନା ଓ ରମ୍ୟରଚନା ବ୍ୟକ୍ତି ବା ଅନୁଷ୍ଠାନ ବା ବ୍ୟବସ୍ଥାରେ ଥିବା ଦୋଷତ୍ରୁଟିକୁ ଲୋକଲୋଚନକୁ ଆଣି ତାହାର ସମାଲୋଚନା କରିଥାଏ । ମାତ୍ର ଏତିକିରେ କଥା ସରିଯାଏ ନାହିଁ । ଉଭୟ ରଚନା ଶେଷରେ ସମାଜକୁ ଏକ ଅତି ସ୍ୱଷ୍ଟ ବାର୍ତ୍ତା ପ୍ରଦାନ କରିଥାଏ । ସମାଜରେ ସୁଧାର ଆଣିବା ହିଁ ଏହି ବାର୍ତ୍ତାର ଲକ୍ଷ୍ୟ ଅଟେ । ମାତ୍ର ଉଭୟ ରଚନା ମଧ୍ୟରେ ଥିବା ପାର୍ଥକ୍ୟ ହେଲା, ବ୍ୟଙ୍ଗରଚନାରେ ହାସ୍ୟରସ କମ୍ ବା ବେଶୀ ହେଉ ନିଶ୍ଚୟ ରହିଥାଏ । କିନ୍ତୁ ରମ୍ୟରଚନାରେ ହାସ୍ୟରସ ଅତ୍ୟାବଶ୍ୟକ ନୁହେଁ । ଏହା ମୋର ନିଜସ୍ୱ ମତ ଅଟେ । ଉଲ୍ଲେଖଯୋଗ୍ୟ ଯେ, ମୋର କେତୋଟି ଲେଖାରେ ହାସ୍ୟରସର ମାତ୍ରା ନଗଣ୍ୟ ଅଟେ ।

୪୫ଟି ବ୍ୟଙ୍ଗ ଓ ରମ୍ୟ ରଚନାକୁ ବାଛି ଏହି ସଂକଳନରେ ସ୍ଥାନିତ କରିଅଛି । ଜୀବନର ଅପରାହ୍ନରେ ମୁଁ ବ୍ୟଙ୍ଗ / ରମ୍ୟ ରଚନା ଲେଖିବା ଆରମ୍ଭ କରିଥିଲି । ମୋର ପ୍ରଥମ ଲେଖା 'ସମ୍ବାଦ'ର ତା୧୮।୦୮।୨୦୦୪ରିଖ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ତା'ର ଛଅବର୍ଷ ପରେ ଅର୍ଥାତ୍ ୨୦୧୦ ମସିହାରେ ଦ୍ୱିତୀୟ ଲେଖା ସେହି 'ସମ୍ବାଦ'ରେ ପ୍ରକାଶ ପାଇଥିଲା । ତା'ପରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ ।

ଉକ୍ତ ସଂକଳନରେ ସ୍ଥାନିତ ୪୫ଟି ରଚନା ମଧ୍ୟରୁ ସର୍ବାଧିକ ୧୧ଟି ଦୈନିକ 'ଖବର'ରେ ପ୍ରକାଶ ପାଇଛି । ଆଠଟି ଲେଖା ଦୈନିକ 'ସମ୍ବାଦ'ର ପୃଷ୍ଠା ମଣ୍ଡନ କରିଥିବାବେଳେ ଛଅଟି ସାପ୍ତାହିକ 'ରାଷ୍ଟ୍ରଦୀପ'ରେ ପ୍ରକାଶିତ ହୋଇଛି । ଦୁଇଟି ଲେଖାଏଁ ରଚନା ଦୈନିକ 'ପ୍ରମେୟ', 'ନିର୍ଭୟ' ଓ 'ସଂଚାର'ରେ ସ୍ଥାନ ପାଇଛି । ଏହା ବାଦ୍ ଗୋଟିଏ ଲେଖାଏଁ ଲେଖା 'ବ୍ୟଙ୍ଗ ଦରବାର', 'ଶ୍ରୁତି', 'ଛାଇ', 'ହିନ୍ଦୁ ଶତାବ୍ଦୀ', 'ମାତୃଭାଷା', 'ଜାଗରଣ', 'ସତ୍ୟବାଦୀ', 'ନିତିଦିନ', 'ଧରିତ୍ରୀ',

'ଜନସୁଧା', 'ପ୍ରବାସୀ ଓଡ଼ିଆ', 'ଦିଗ ଓ ଦିଗନ୍ତ', 'ପ୍ରାଚୀ' ଓ 'ସମାରୋହ'ରେ ପ୍ରକାଶ ପାଇଛି ।

ଆଗ୍ରହର ସହ ମୋ ଲେଖା ପ୍ରକାଶ କରିଥିବାରୁ 'ଖବର'ର ସମ୍ପାଦକ ଅଧ୍ୟାପକ ବିଶ୍ୱରଂଜନ, ପରିଚାଳନା ସମ୍ପାଦକ ଶ୍ରୀ କିଶୋର ଶତପଥୀ, 'ସମ୍ବାଦ'ର ସଂପାଦକ ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକ, ମହାପ୍ରବନ୍ଧକ (ବାର୍ତ୍ତା) ଶ୍ରୀ ସିଦ୍ଧାର୍ଥ ମହାପାତ୍ର, 'କଥା'ର ସଂପାଦକ ଶ୍ରୀ ଗୌରହରି ଦାସ, 'ରାଷ୍ଟ୍ରଦୀପ' ପରିବାରର ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ଶିବ ନାରାୟଣ ସିଂହ, ଶ୍ରୀ ବିପିନ ବିହାରୀ ରାଉତ, ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ଶ୍ରୀମତୀ ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଓ ଶ୍ରୀ ଧ୍ରୁବ ଚରଣ ବେହେରା, 'ପ୍ରମେୟ'ର ସଂପାଦକୀୟ ପରାମର୍ଶଦାତା ଶ୍ରୀ ଅରବିନ୍ଦ ପରିଡ଼ା, 'ନିର୍ଭୟ'ର ସମ୍ପାଦକ ଶ୍ରୀ ନବୀନ ଦାସ, 'ସଂଚ଼ାର'ର ପରିଚାଳନା ସମ୍ପାଦକ ଶ୍ରୀ ଦେବେନ୍ଦ୍ର ପରିଡ଼ା, 'ବ୍ୟଙ୍ଗ ଦରବାର'ର ସଂପାଦକ ଶ୍ରୀ ଜ୍ଞାନ ହୋତା, 'ଶ୍ରୁତି'ର ସମ୍ପାଦକ ଶ୍ରୀ ସର୍ବେଶ୍ୱର ମିଶ୍ର, 'ଛାଇ'ର ଉପଦେଷ୍ଟା ମଣ୍ଡଳୀ ସଦସ୍ୟା ଶ୍ରୀମତୀ ପୂଜାରିଣୀ ଦାସ, 'ହିନ୍ଦୁ ଶତାବ୍ଦୀ'ର ସଂପାଦକ ଡକ୍ଟର ଗୌର ମହାନ୍ତି, କାର୍ଯ୍ୟକାରୀ ସଂପାଦକ ଶ୍ରୀ ଦୀପକ କୁମାର ମହାନ୍ତ, 'ମାତୃଭାଷା'ର ସମ୍ପାଦିକା ଶ୍ରୀମତୀ ସଲୀଳା କର, 'ଜାଗରଣ'ର ସଂପାଦକ ଶ୍ରଦ୍ଧେୟ ସରୋଜ କୁମାର ପଣ୍ଡା, 'ସତ୍ୟବାଦୀ'ର ସଂପାଦକ ଶ୍ରୀ ନିରଞ୍ଜନ ରଥ, 'ନିତିଦିନ'ର ସଂପାଦକୀୟ ପରାମର୍ଶଦାତା ଶ୍ରୀ ଅରବିନ୍ଦ ପରିଡ଼ା, 'ଧରିତ୍ରୀ'ର 'ସାହିତ୍ୟାୟନ'ର ସମ୍ପାଦକ ଡକ୍ଟର ହୃଷୀକେଶ ମଲ୍ଲିକ, 'ଜନସୁଧା'ର ସଂପାଦକ ଶ୍ରୀ ଦିଲୀପ କୁମାର ବେଉରା, ସହ ସଂପାଦକ ଡକ୍ଟର ବନଜ କୁମାର ବିଶ୍ୱାଳ, ପ୍ରବାସୀ ଓଡ଼ିଆ ବିକାଶ ସମିତିର ଆଇନ ବ୍ୟାପାର ମୁଖ୍ୟ ଶ୍ରୀ ଶିବନାଥ ମହାନ୍ତ, 'ଦିଗ ଓ ଦିଗନ୍ତ'ର ମୁଖ୍ୟ ସମ୍ପାଦକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, 'ପ୍ରାଚୀ'ର ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ, 'ସମାରୋହ'ର ସହଯୋଗୀ ସଂପାଦକ ଶ୍ରୀ ରବି ନାରାୟଣ ନନ୍ଦଙ୍କଠାରେ କୃତଜ୍ଞତା ଜଣାଉଛି ।

ମୋର ରଚନାଗୁଡ଼ିକ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ପ୍ରକାଶିତ ହେଉ - ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ (ଓଡ଼ିଆ), ସ୍ୱର୍ଗତ ଡକ୍ଟର କମଳଲୋଚନ କର (ସଂସ୍କୃତ) ଓ ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ (ସାହିତ୍ୟିକ) ଏହା ଚାହିଁଛନ୍ତି ଏବଂ ଏ ଦିଗରେ ମୋତେ ସାହାଯ୍ୟ କରିଛନ୍ତି ।

ଲେଖନୀ ଚାଳନା ଅବ୍ୟାହତ ରଖିବା ପାଇଁ ମୋତେ ଶ୍ରୀ ଅରୁଣ କୁମାର ପଣ୍ଡା, ଡକ୍ଟର ଅଶୋକ କୁମାର ରାୟ, ଡକ୍ଟର କାର୍ତ୍ତିକ ଚନ୍ଦ୍ର ଦାଶ, ଡକ୍ଟର ଗୌରୀଶଙ୍କର ସାହୁ, ଡକ୍ଟର ନଟବର ଶତପଥୀ, ଶ୍ରୀ ନାରାୟଣ ନାୟକ, ରୋଟାରୀଆନ ପ୍ରଦୀପ କୁମାର ମହାନ୍ତି, ଡକ୍ଟର ପବିତ୍ର କୁମାର ରଥ, ଡକ୍ଟର ପର୍ଶୁରାମ ରାୟସିଂହ, ଶ୍ରୀ ମାନସ କୁମାର ମହାନ୍ତି, ଡକ୍ଟର ଶଚୀନ୍ଦ୍ର ରାଉଳ, ଡକ୍ଟର ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀ, ଶ୍ରୀ ସୁଶାନ୍ତ

କୁମାର ଦାସ, ଶ୍ରୀ ସୋମନାଥ ମହାନ୍ତି, ରୋଟାରୀଆନ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ପ୍ରେରଣା ଯୋଗାଇଛନ୍ତି ।

ଇଞ୍ଜିନିୟର ଉମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଫେସର ଗଣେଶ ପ୍ରସାଦ ଦାସ, ଡକ୍ଟର ଜ୍ୟୋତ୍ସାରାଣୀ ଦାଶ, ପ୍ରାଧ୍ୟାପକ ତୁଷାରକାନ୍ତ ପଟ୍ଟନାୟକ, ପ୍ରାଧ୍ୟାପକ ପ୍ରଭାତ ରଞ୍ଜନ ପରିଡ଼ା, ଡକ୍ଟର ପ୍ରମୋଦ ସର, ଡକ୍ଟର ବିଚିତ୍ରାନନ୍ଦ ବଳ, ଅଧ୍ୟାପକ ବିଜୟ କୁମାର ନାୟକ, ଡକ୍ଟର ବିଜୟ ଭୂଷଣ ଆଚାର୍ଯ୍ୟ, ଶ୍ରୀ ରାଧୁ ମିଶ୍ର, ଶ୍ରୀ ସୁଧାଂଶୁ ମୋହନ ରାଉତରାୟ ପ୍ରମୁଖ ମୋ ଲେଖା ପଢ଼ିବା ପୂର୍ବକ ତା'ର ଭଲ ଓ ମନ୍ଦ ଦିଗ ଦର୍ଶାଇ ମୋତେ ଉତ୍ସାହିତ କରିଛନ୍ତି ।

ଅଧ୍ୟାପକ ଅନ୍ତର୍ଯ୍ୟାମୀ ଦୀକ୍ଷିତ, ଶ୍ରୀ କୃଷ୍ଣ ପ୍ରସାଦ ମହାନ୍ତି (ରିଲୁ), ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ, ଶ୍ରୀ ଝରେନ୍ଦ୍ର ସିଂହ, ଶ୍ରୀ ଦୋଳାନନ୍ଦ ବେହେରା, ଅଧ୍ୟାପକ ନିରଞ୍ଜନ ବେହେରା, ଡକ୍ଟର ପୂର୍ଣ୍ଣଚନ୍ଦ୍ର ରଥ, ଡକ୍ଟର ଲକ୍ଷ୍ମଣ କୁମାର ଚୌଧୁରୀ, ଡକ୍ଟର ଲକ୍ଷ୍ମଣ ସାହୁ, ଅଧ୍ୟାପକ ସୁରିଆ ଜୁଆଙ୍ଗ ପ୍ରମୁଖ ପ୍ରକାଶିତ ମୋ ରଚନାଗୁଡ଼ିକ ସାମାଜିକ ଗଣମାଧ୍ୟମରେ ସ୍ଥାନିତ କରି ଅଧିକରୁ ଅଧିକ ପାଠକଙ୍କ ଦୃଷ୍ଟିକୁ ଆଣିଛନ୍ତି ।

ଡି.ଟି.ପି. ପାଇଁ ଶ୍ରୀ ବିଜୟ କୁମାର ମହାନ୍ତି ତଥା ଶ୍ରଦ୍ଧେୟ ସୁଶାନ୍ତ କୁମାର ଦାସ ଓ ଶ୍ରଦ୍ଧେୟା ଝୁଲଣ ବରୁଆ ଏବଂ ଛାପିବା ପାଇଁ ଶ୍ରୀ ବୀରକିଶୋର ସାହୁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଏ ସମସ୍ତଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛି ।

ମୋର ପ୍ରତ୍ୟେକ କାର୍ଯ୍ୟରେ ଯାହାଙ୍କର ସଦିଚ୍ଛା ଓ ସହଯୋଗ ଭରିରହିଥିଲା ଏବଂ ଉକ୍ତ ପୁସ୍ତକ ପ୍ରକାଶନ ଯୋଗୁଁ ଯିଏ ସର୍ବାଧିକ ଖୁସି ହୋଇଥାନ୍ତେ, ସେ ଆଜି ଇହଧାମରେ ନାହାନ୍ତି । ମୋର ଧର୍ମପତ୍ନୀ ତଥା କଟକ ସିଟି କଲେଜ (ଏବର ଏନ୍.ଏସ୍.ଏମ୍. ସିଟି କଲେଜ)ର ଇତିହାସ ବିଭାଗର ଅଧ୍ୟାପିକା ତଥା ମୁଖ୍ୟ ଶ୍ରୀମତୀ ନୀହାରିକା ଦାସ ୧୯୯୪ ମସିହା ଡିସେମ୍ବର ମାସ ୧୪ ତାରିଖରେ ସ୍ୱର୍ଗାରୋହଣ କରିଛନ୍ତି । ତାଙ୍କର ସ୍ମୃତି କିନ୍ତୁ ପ୍ରତ୍ୟେକ ଦିନ ମୋ ମନରେ ଉଙ୍କିମାରୁଛି ଏବଂ ଜୀବନ-ଦୀପ ଲିଭିବା ପର୍ଯ୍ୟନ୍ତ ଉଙ୍କିମାରୁଥିବ ।

ମୋର ରଚନାବଳୀ ସମାଜରେ ସୁଧାର ଆଣିବା ଦିଗରେ କିଛିମାତ୍ରାରେ ସହାୟ ହେଲେ ଶ୍ରମ ସାର୍ଥକ ହେଲା ବୋଲି ମନେକରିବି ।

**ନାରାୟଣ ମହାନ୍ତି**

କଟକ
ତା୦୭।୧୦।୨୦୨୦ରିଖ

'ନୀହାରିକା', ପ୍ଲଟ ନମ୍ବର-ସି/୧୧,
ସେକ୍ଟର-୭, ମର୍କତ ନଗର (ସି.ଡି.ଏ.),
କଟକ-୭୫୩୦୧୪

# ସୂଚୀପତ୍ର


୧. କି ହୋଇଛି ଆଜ . . . . . . . . . . . . . . . . . . . . . . ୧୫
୨. ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ . . . . . . . . . . . . ୨୦
୩. ମୋ ଭାଇ ସେକ୍ରେଟାରୀ . . . . . . . . . . . . . . . . . . . ୨୮
୪. ଚାଲୁଣି ବୋଲେ ଛୁଞ୍ଚିକି . . . . . . . . . . . . . . . . . . ୩୫
୫. ବାହାଘର ଭୋଜି . . . . . . . . . . . . . . . . . . . . . . ୪୦
୬. ପ୍ରବଚନ ବିଭାଗ . . . . . . . . . . . . . . . . . . . . . . ୪୬
୭. ପୁନଃନିଯୁକ୍ତି ଲୋଡ଼ା . . . . . . . . . . . . . . . . . . . . ୫୩
୮. ରେଳମନ୍ତ୍ରୀଙ୍କୁ ଚିଠି . . . . . . . . . . . . . . . . . . . . . ୫୬
୯. ବିଭାଗୀୟ କାର୍ଯ୍ୟ ସମୀକ୍ଷା . . . . . . . . . . . . . . . . . . ୬୦
୧୦. ଆପେ ବଞ୍ଚିଲେ ବାପର ନାଁ . . . . . . . . . . . . . . . . . ୬୩
୧୧. ଇ.ଭି.ଏମ୍. ନା ତନ୍ତ୍ର . . . . . . . . . . . . . . . . . . . . ୬୭
୧୨. କହିଦେଉଥାଇ ପରକୁ (୧) . . . . . . . . . . . . . . . . . ୭୦
୧୩. ପୁଷ୍ପ ସଂଗ୍ରହ ନା ଫୁଲ ଚୋରି . . . . . . . . . . . . . . . . . ୭୫
୧୪. ତୋ’ ଆତ୍ମାର ସଦ୍‌ଗତି ହେଉ . . . . . . . . . . . . . . . . ୭୮
୧୫. ସରକାରୀ ବିବାହ ମଣ୍ଡପ . . . . . . . . . . . . . . . . . . ୮୧
୧୬. ପ୍ରଫେସର ଅଫ୍ ଚିଟ୍‌ଫଣ୍ଡ ସାଇନ୍ସ . . . . . . . . . . . . . . ୮୩
୧୭. ମୁକେଶର ମାଆଙ୍କ ପାଖକୁ ଚିଠି . . . . . . . . . . . . . . . ୮୬
୧୮. ଭକ୍ତର ଭଗବାନଙ୍କୁ ଚିଠି . . . . . . . . . . . . . . . . . . ୮୯
୧୯. ‘ବାଗି’ ବିବାଦ . . . . . . . . . . . . . . . . . . . . . . ୯୧
୨୦. ‘ଗୀତା-ରହସ୍ୟ’ର ରଚୟିତା ନୀଳକଣ୍ଠ ମଜୁମଦାରଙ୍କୁ ଚିଠି . . . ୯୪
୨୧. ଚିଟ୍‌ଫଣ୍ଡିଆ ନେତାଙ୍କୁ ପତ୍ନୀଙ୍କ ଚିଠି . . . . . . . . . . . . . . ୯୭
୨୨. ଭଗବାନ ଦାସଙ୍କ ଭାଷଣ . . . . . . . . . . . . . . . . . . ୯୯

୨୩. ଫୁଟବଲ ଓ ସଂରକ୍ଷଣ . . . . . . . . . . . . . . . . . . . ୧୦୩
୨୪. ସାବାସ ! ଅନନ୍ତ . . . . . . . . . . . . . . . . . . . . ୧୦୫
୨୫. ପୁନଶ୍ଚ ଆଳୁ. . . . . . . . . . . . . . . . . . . . . . . ୧୦୮
୨୬. କହିଦେଉଥାଇ ପରକୁ (୨) . . . . . . . . . . . . . . . . . ୧୧୧
୨୭. ଡିପ୍ଲୋମା ପାଠ୍ୟକ୍ରମ : ମନ୍ଦିର ପରିଚାଳନା . . . . . . . . . . ୧୧୪
୨୮. ମୋ ପତ୍ନୀ ଅଧ୍ୟାପିକା. . . . . . . . . . . . . . . . . . . . ୧୧୭
୨୯. କହିଦେଉଥାଇ ପରକୁ (୩) . . . . . . . . . . . . . . . . . ୧୨୧
୩୦. ଆଖିଦୃଶିଆ ପରୀକ୍ଷାଫଳ . . . . . . . . . . . . . . . . . . ୧୨୩
୩୧. ବାପା ! ମୁଁ ଇଂଜିନିୟର ହେବି . . . . . . . . . . . . . . . ୧୨୬
୩୨. କ୍ରୋଧଠାରୁ ଆଶ୍ୱସ୍ତି ପର୍ଯ୍ୟନ୍ତ . . . . . . . . . . . . . . . ୧୨୯
୩୩. ମହାମନ୍ତ୍ରୀ ଉବାଚ . . . . . . . . . . . . . . . . . . . . ୧୩୨
୩୪. ମାଓବାଦୀ ନେତା ବନାମ ଶିକ୍ଷକଙ୍କ ବିଧବା ପତ୍ନୀ . . . . . . . ୧୩୫
୩୫. ୱେଲକମ, ଫେୟାରୱେଲ . . . . . . . . . . . . . . . . . . ୧୩୮
୩୬. ପରୀକ୍ଷା ନିୟନ୍ତ୍ରକ ହେବିନାହିଁ. . . . . . . . . . . . . . . . ୧୪୦
୩୭. ସିଟି ବସ୍ ବନାମ ଡକାଳି, ଟଣାଳି ଓ ଖଞ୍ଜାଳି . . . . . . . . . ୧୪୩
୩୮. ଅଧ୍ୟକ୍ଷଙ୍କ ଫତ୍‌ୱା . . . . . . . . . . . . . . . . . . . . ୧୪୬
୩୯. ଅତିଥି ଅଧ୍ୟାପକ . . . . . . . . . . . . . . . . . . . . ୧୪୯
୪୦. ଉଠାପକା ଚାକିରି . . . . . . . . . . . . . . . . . . . . ୧୫୩
୪୧. ଲଫାପା . . . . . . . . . . . . . . . . . . . . . . . . ୧୫୬
୪୨. ଦୁର୍ନୀତି ବିରୋଧୀ ଆନ୍ଦୋଳନ ଓ ତହିଁରେ ମୋର ସ୍ଥାନ . . . . ୧୫୯
୪୩. ଲାଡ଼େନ ନିହତ : ବନ୍ଧୁ ବିଚଳିତ. . . . . . . . . . . . . . . ୧୬୧
୪୪. ଭଗବାନ ଦାସଙ୍କ ଡାଇରି . . . . . . . . . . . . . . . . . ୧୬୩
୪୫. ଭଗବାନ ଦାସଙ୍କ ଚିଠି . . . . . . . . . . . . . . . . . . . ୧୬୬

●

# କି ହୋଇଛି ଆଜ

ଆମ ସରକାରୀ କଲେଜସମୂହର ଶିକ୍ଷକମାନଙ୍କ ମଧ୍ୟରେ ଡକ୍ଟର ଭଗବାନ ଦାସ ଓରଫ ଦାସେ ଜଣେ ନିଆରା ମଣିଷ ଥିଲେ। ଆମେ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲି କହୁଥିଲୁ। ଅଧ୍ୟାପକ ବା ପ୍ରାଧ୍ୟାପକ ଥିଲାବେଳେ ତାଙ୍କର ଆଚରଣ ଯେପରି ଥିଲା, ଅଧ୍ୟକ୍ଷ ଦାୟିତ୍ୱ ନେଲାପରେ ତାହା ସେହିପରି ରହିଥିଲା। ପୁଣି ଅଧ୍ୟକ୍ଷ ପଦରୁ ଅପସାରିତ ହେଲାପରେ ବି ତାଙ୍କଠାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନଥିଲା।

ଦାସେ ସମୟ ସାରଣୀ ଦେଖି କଲେଜକୁ ଆସୁନଥିଲେ। ସେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୯ଟାରେ କଲେଜରେ ପହଞ୍ଚୁଥିଲେ ଏବଂ ଅପରାହ୍ନ ୪ଟା ୩୦ରେ କଲେଜ ଛାଡ଼ୁଥିଲେ। ଅର୍ଥାତ୍ କ୍ଲାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ କଲେଜରେ ରହୁଥିଲେ । ଦାସେ ଗଣିତର ଅଧ୍ୟାପକ ହୋଇଥିବାରୁ ଉଭୟ ବିଜ୍ଞାନ ଓ କଳା ଶ୍ରେଣୀରେ ପଢ଼ାଉଥିଲେ। କ୍ଲାସ ନଥିଲାବେଳେ ସେ ଷ୍ଟାଫ କମନ ରୁମ୍‌ରେ କମ୍ ସମୟ ରହୁଥିଲେ। ବେଶୀ ସମୟ ଲାଇବ୍ରେରୀ କିମ୍ବା କମନ ରୁମ୍‌ର ଆନେକ୍ସରେ ବିତାଉଥିଲେ। ସେଠାରେ ସେ ବହି, ଖାତା ଓ କଲମ ଧରି ବସୁଥିଲେ। ମୋଟ ଉପରେ ଦାସେଙ୍କର ଚାକିରି ଜୀବନ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣାରେ ହିଁ ବିତୁଥିଲା।

କଲେଜର ଅଧ୍ୟକ୍ଷ ଅବସର ନେବା ଦିନ ଦାସେଙ୍କୁ ସେହି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେ କଲେଜର ସର୍ବବରିଷ୍ଠ ପ୍ରାଧ୍ୟାପକ ହୋଇଥିବାରୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶକଙ୍କଠାରୁ ଆଦେଶ ଆସିଥିଲା। ଅଧ୍ୟକ୍ଷ ଦାୟିତ୍ୱ ନେଲାପରେ ଦାସେଙ୍କଠାରେ ଆମେ ସେପରି କିଛି ପରିବର୍ତ୍ତନ ଲକ୍ଷ୍ୟ କରିନଥିଲୁ। ସେ ପୂର୍ବବତ୍ ତାଙ୍କର କ୍ଲାସସବୁ ନେଉଥିଲେ ଏବଂ ଲାଇବ୍ରେରୀ ଓ କମନ ରୁମ୍‌ର ଆନେକ୍ସରେ ବହିପତ୍ର ଧରି ବସୁଥିଲେ। କ୍ଲାସସବୁ ସରିଲାପରେ ଦାସେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଯାଇ ଅଫିସ କାମ କରୁଥିଲେ। ଅଧ୍ୟକ୍ଷଙ୍କ କାମ ସାରି ବସାକୁ ଫେରୁଫେରୁ ସନ୍ଧ୍ୟା ହୋଇଯାଉଥିଲା। ସେ କିନ୍ତୁ ପ୍ରତ୍ୟେକ ଦିନ କାର୍ଯ୍ୟ ସମୟରେ ଥରେ କଲେଜସାରା ବୁଲିଆସୁଥିଲେ। ଏତିକିରେ ଭାଁଭାଁ ଦେଖାଯାଉଥିବା ବ୍ୟତିକ୍ରମ ଆପେଆପେ ସୁଧୁରିଯାଉଥିଲା। ଆମ କଲେଜ ଅବଶ୍ୟ ଠିକ୍ ମାର୍ଗରେ ଚାଲିଥିଲା ଏବଂ ସାରାରାଜ୍ୟରେ ସୁନାମ ଅର୍ଜନ କରିଥିଲା।

ସେଦିନ ଦାସେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଥିବାବେଳେ ଜନୈକ ଟ୍ରାଉଜର-ପଞ୍ଜାବି ପରିହିତ ଯୁବକ ହଠାତ୍ ଭିତରକୁ ପଶିଆସିଥିଲେ। "ଆପଣ ମୋତେ ଚିହ୍ନିଛନ୍ତି ତ ?" ସେ ସିଧାସଳଖ ପ୍ରଶ୍ନ କରିଥିଲେ। ତାଙ୍କ ଶ୍ରୀମୁଖକୁ ନିରିଖେଇ ଚାହିଁ ଦାସେ ନାସ୍ତିବାଚକ ଉତ୍ତର ଦେଇଥିଲେ। ଦାସେଙ୍କ ଉତ୍ତର ଶୁଣି ତାଙ୍କ ମୁଖମଣ୍ଡଳରେ ବିରକ୍ତି ଭାବ ପ୍ରକାଶ ପାଇଥିଲା। ସେ କହିଥିଲେ, "ମୁଁ ଚକ୍ରଧର ସାମଲ। ଗତ ନିର୍ବାଚନରେ ଏଠାରୁ ଏମ୍.ଏଲ୍.ଏ. ପାଇଁ ପ୍ରାର୍ଥୀ ହୋଇଥିଲି। ଖୁବ୍ କମ୍ ଭୋଟ ବ୍ୟବଧାନରେ ହାରିଯାଇଛି। ମାତ୍ର ଆମ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିଛି।" ଦାସେ ତାଙ୍କୁ ସସମ୍ମାନେ ବସିବା ପାଇଁ ଅନୁରୋଧ କଲେ ଏବଂ ଆଗମନର କାରଣ ଜିଜ୍ଞାସା କଲେ। ଶ୍ରୀ ସାମଲ ନିର୍ବିକାର ଭାବରେ କହିଲେ ଯେ, ସେ ନିର୍ବାଚନମଣ୍ଡଳୀର ସମସ୍ତ ସରକାରୀ କାର୍ଯ୍ୟାଳୟର ମୁଖ୍ୟମାନଙ୍କଠାରୁ ତାଙ୍କ ଖର୍ଚ୍ଚ ବାବଦକୁ ମାସକୁ ମାସ ଚାନ୍ଦା ନେବାକୁ ନିଷ୍ପତ୍ତି କରିଛନ୍ତି। ସେହି ଅନୁସାରେ କଲେଜର ମୁଖ୍ୟ ଭାବରେ ଦାସେ ତାଙ୍କର ଚାନ୍ଦା ଦେଇଦେବାକୁ ଚକ୍ରଧର ଦାବି କରିଥିଲେ। ଦାସେ କହିଲେ, "ମୁଁ ଦୀର୍ଘ ୩୫ ବର୍ଷ ଚାକିରି କଲିଣି; ଆଉ ଦୁଇବର୍ଷ ପରେ ଅବସର ନେବି। ଶିକ୍ଷାନୁଷ୍ଠାନର, ପୁଣି ସରକାରୀ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ କୌଣସି ରାଜନେତା ଚାନ୍ଦା ମାଗିବା କେଉଁଠି ଶୁଣିନଥିଲି। ଆପଣ ନୂଆ କଥା କହୁଛନ୍ତି।" "ଚୁପ୍‌ଚାପ୍ ମୋ ଚାନ୍ଦା ଦେଇଦିଅନ୍ତୁ। ନଚେତ୍ ଦେଖିବେ, ଅନେକ ନୂଆ କଥା ଦେଖିବେ", ଶ୍ରୀ ସାମଲ ରୁକ୍ଷ ସ୍ୱରରେ କହିଥିଲେ। ଦାସେ ଚାନ୍ଦା ଦେବେନାହିଁ ବୋଲି ରୋକ୍‌ଠୋକ୍ ଜଣାଇ-ଦେଇଥିଲେ। ତମତମ ହୋଇ ଚକ୍ରଧର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରୁ ବାହାରି ଯାଇଥିଲେ।

କିଛିଦିନ ପରେ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତହିଁରେ ମାନ୍ୟବର ଶିକ୍ଷାମନ୍ତ୍ରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମନ୍ତ୍ରୀ ପହଞ୍ଚିବା ମାତ୍ରେ ଅଧ୍ୟକ୍ଷ ଡକ୍ଟର ଭଗବାନ ଦାସ ତାଙ୍କୁ ନିଜ ପ୍ରକୋଷ୍ଠକୁ ପାଛୋଟି ଆଣିଥିଲେ। ମନ୍ତ୍ରୀ ସେଠାରେ ବସି କଫିପାନ କରୁଥିବାବେଳେ ଚକ୍ରଧର ସାମଲ ଭିତରେ ପ୍ରବେଶ କରିଥିଲେ। ଆବଶ୍ୟକ ନଥିଲେ ବି ମନ୍ତ୍ରୀ ଦାସେଙ୍କ ସହ ତାଙ୍କର ପରିଚୟ କରାଇ-ଦେଇଥିଲେ ଏବଂ ସିଧାସଳଖ କହିଥିଲେ, "ଚକ୍ରଧରଙ୍କର ଖର୍ଚ୍ଚ ବାବଦକୁ ଆପଣ ମାସକୁ ମାସ ତାଙ୍କୁ କିଛି ଟଙ୍କା ଦେବେ।" ମନ୍ତ୍ରୀଙ୍କ ଶ୍ରୀମୁଖରୁ ଏପରି କଥା ଶୁଣିବେ ବୋଲି ଦାସେ କେବେହେଁ ଭାବିନଥିଲେ। ଏହା ଶୁଣି ସେ ପ୍ରଥମେ ହଡ଼ବଡ଼ାଇ ଯାଇଥିଲେ। ତା'ପରେ କିନ୍ତୁ ମନକୁ ଦୃଢ଼ କରି କହିଲେ, "ମୋର କାହାଠାରୁ ଟଙ୍କା ନେବାର ନାହିଁ କି କାହାକୁ ଟଙ୍କା ଦେବାର ନାହିଁ। ଯଦି ଆପଣ କହିବେ, ତେବେ ମୋ

ଦରମାରୁ କାଟିକରି ତାଙ୍କୁ ଟଙ୍କା ଦେଇପାରେ।” ଏହା ଶୁଣି ଚକ୍ରଧର ରାଗରେ ଜର୍ଜର ହୋଇଗଲେ। “ଦରକାର ନାହିଁ। ଦେଖନ୍ତୁ ଏବେ କ’ଣ ହେଉଛି”, କହି ସେ ଚାଲିଗଲେ। ତା’ପରେ ଏ ସମ୍ପର୍କରେ ମନ୍ତ୍ରୀ କିନ୍ତୁ ଆଉ କିଛି କହିଲେନାହିଁ। ଦାସେଙ୍କର ମନେହେଲା, ମନ୍ତ୍ରୀ ତାଙ୍କ ମନୋଭାବକୁ ଗ୍ରହଣ କରିଛନ୍ତି।

ସପ୍ତାହେ ନପୂରୁଣୁ ଦାସେ ସରକାରଙ୍କଠାରୁ ଏକ ଅଭୂତପୂର୍ବ ଚିଠି ପାଇଲେ। ତହିଁରେ ଲେଖାଥିଲା, ଅଧ୍ୟାପକ ଶ୍ରୀ ଜ୍ଞାନାକର ମହାନ୍ତି ତିନିବର୍ଷ ପାଇଁ ଡେପୁଟେସନରେ ଅଧ୍ୟକ୍ଷ ପଦରେ ନିଯୁକ୍ତ ହେଲେ। ଯୋଗଦାନ ଦିନଠାରୁ ସେ ଏକବର୍ଷ ପ୍ରୋବେଶନରେ ରହିବେ ଏବଂ କାର୍ଯ୍ୟ ସନ୍ତୋଷଜନକ ହେଲେ, ଡେପୁଟେସନର ଅବଧି ଆଉ ଦୁଇବର୍ଷ ପାଇଁ ସମ୍ପ୍ରସାରଣ ହେବ। ଚିଠି ପଢ଼ି ଦାସେଙ୍କ ମୁଣ୍ଡ ଗୋଳମାଳ ହୋଇଗଲା। କୌଣସି ସଂସ୍ଥାର କର୍ମଚାରୀଙ୍କୁ ସେହି ସଂସ୍ଥାରେ ‘ଡେପୁଟେସନ’ରେ ନିଯୁକ୍ତି ଦେବା ଆମର ପ୍ରଶାସନିକ ଇତିହାସରେ ଏକ ସମ୍ପୂର୍ଣ୍ଣ ନୂଆକଥା ଥିଲା। ହଠାତ୍ ଦାସେଙ୍କର ମନେପଡ଼ିଗଲା ଯେ, ବାବୁ ଚକ୍ରଧର କହିଥିଲେ, “ଦେଖିବେ, ଅନେକ ନୂଆକଥା ଦେଖିବେ।” ଠିକ୍ ଏତିକିବେଳେ ଜ୍ଞାନାକର ଭିତରକୁ ପଶିଆସିଥିଲେ ଏବଂ ସେ ପାଇଥିବା ଚିଠି ଦେଖାଇ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଦାସେଙ୍କୁ କହିଥିଲେ। ଦାସେ ଉଁ କି ଚୁଁ ନକରି ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିଦେଇଥିଲେ।

ପାଞ୍ଚଜଣ ପ୍ରାଧ୍ୟାପକ ଓ ଦୁଇଜଣ ଅଧ୍ୟାପକଙ୍କୁ ଅତିକ୍ରମ ବା ସୁପରସିଡ଼ କରି ଜ୍ଞାନାକର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହୋଇଥିଲେ। ତା’ପରେ... ତା’ପରେ ଦାସେଙ୍କଠାରେ କିଛି ପରିବର୍ତ୍ତନ ଦେଖାଦେଇ ନଥିଲା ସତ, ମାତ୍ର କଲେଜରେ ଅପ୍ରତ୍ୟାଶିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ସରକାରଙ୍କଠାରୁ କଲେଜକୁ ଅନୁଦାନର ସୁଅ ଛୁଟିଲା। ପାଠାଗାର ପାଇଁ ବହି ଓ ବିଜ୍ଞାନାଗାର ପାଇଁ ଯନ୍ତ୍ରପାତି କିଣିବାକୁ ଅପର୍ଯ୍ୟାପ୍ତ ଟଙ୍କା ଆସିଲା। ଶ୍ରେଣୀଗୃହରୁ ପୁରୁଣା ବେଞ୍ଚ, ଡେସ୍କ ଆଦି ହଟାଇଦିଆଯାଇ ନୂଆ ଜିନିଷ ଅଣାଗଲା। ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ, ଷ୍ଟାଫ କମନ ରୁମ୍ ଆଦିରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଖଞ୍ଜିଦିଆଗଲା। ଖେଳ ପଡ଼ିଆର ଉନ୍ନତୀକରଣ, ବଗିଚାର ରକ୍ଷଣାବେକ୍ଷଣ ପାଇଁ ପ୍ରଚୁର ଅର୍ଥ ଆସିଲା। ନୂଆ ଶ୍ରେଣୀଗୃହ, ବିଜ୍ଞାନାଗାର, ଛାତ୍ରାବାସ ନିର୍ମାଣ ଲାଗି କାହିଁରେ କ’ଣ ଟଙ୍କା ମଞ୍ଜୁର ହେଲା। କହିବାକୁ ଗଲେ, କଲେଜରେ ଏକ ‘ନିର୍ମାଣ ଯୁଗ’ ଆରମ୍ଭ ହୋଇଗଲା। ଅଧ୍ୟକ୍ଷ ଜ୍ଞାନାକର ଆଖିବୁଜି ଖାଇଲେ; ବାବୁ ଚକ୍ରଧରଙ୍କୁ ଅବଶ୍ୟ ସିଂହଭାଗ ଦେଲେ।

ଜ୍ଞାନାକର ଯେଉଁ ଅଧ୍ୟାପକମାନଙ୍କୁ 'ସୁପରସିଡ଼୍' କରିଥିଲେ, ସେମାନେ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ସେ ମୂଳରୁ ଆଶଙ୍କା କରିଥିଲେ। ତେଣୁ ଅଧ୍ୟକ୍ଷ ଦାୟିତ୍ୱ ନେଲା ପରେପରେ ସେ ତା'ର ପ୍ରତିକାର ବ୍ୟବସ୍ଥା କରିଥିଲେ। ସେ କଲେଜର ସମସ୍ତ ଅଧ୍ୟାପକଙ୍କୁ 'କ୍ଲାସ ନେବାର ସ୍ୱାଧୀନତା' ପ୍ରଦାନ କରିଥିଲେ। ଅର୍ଥାତ୍ ଅଧ୍ୟାପକମାନେ ଇଚ୍ଛାହେଲେ କ୍ଲାସ ନେବେ, ନହେଲେ ନାହିଁ। କ୍ଲାସ ନନେଲେ ସେମାନଙ୍କୁ କୈଫିୟତ୍ ବି ମଗାଯିବ ନାହିଁ। ଏଥିଯୋଗୁଁ କଲେଜରେ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହୋଇଥିଲା ଏବଂ ଛାତ୍ର ଅସନ୍ତୋଷ ମୁଣ୍ଡ ଟେକିଥିଲା। ଏହା ଦେଖି ଜ୍ଞାନାକର ଛାତ୍ରମାନଙ୍କୁ ପରୀକ୍ଷାରେ 'କପି କରିବାର ସ୍ୱାଧୀନତା' ପ୍ରଦାନ କରିଥିଲେ। ଏଥିଯୋଗୁଁ ଉଭୟ ଛାତ୍ର ଓ ଅଧ୍ୟାପକ ଖୁସି ହୋଇ ଅଧ୍ୟକ୍ଷଙ୍କର ଜୟକାର କରିଥିଲେ। ଏଣେ କଲେଜର ଶୈକ୍ଷିକ ବାତାବରଣ ନଷ୍ଟ ହୋଇ କଲେଜ କିନ୍ତୁ ରସାତଳଗାମୀ ହୋଇଥିଲା।

ଚାହୁଁଚାହୁଁ ଜ୍ଞାନାକର ଅଧ୍ୟକ୍ଷ ହେବାର ଏକବର୍ଷ ପୂରିଯାଇଥିଲା। ତାଙ୍କ କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଶିକ୍ଷା ବିଭାଗ ଡେପୁଟେସନର ମିଆଦ ଆଉ ଦୁଇବର୍ଷ ବଢ଼ାଇଦେଇଥିଲେ। ଏଣେ ଧରାବନ୍ଧା ରୀତିରେ ମହାଲେଖାକାରଙ୍କ କାର୍ଯ୍ୟାଳୟରୁ ଅଡ଼ିଟରମାନେ ଆସି କଲେଜର ହିସାବ ତନଖି କରିଥିଲେ। ବର୍ଷକଯାକ ଅସଂଖ୍ୟ ଅନିୟମିତା ଦେଖି ସେମାନେ ତାଟକା ହୋଇଯାଇଥିଲେ। ସେମାନେ ରିପୋର୍ଟରେ ସେସବୁ ଉଲ୍ଲେଖ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ରିପୋର୍ଟ ପଢ଼ି ଜ୍ଞାନାକରଙ୍କର ହଲକ ଶୁଖିଯାଇଥିଲା। ସେ ଚକ୍ରଧରଙ୍କୁ ଡାକି ରିପୋର୍ଟ ଦେଖାଇଥିଲେ ଏବଂ କହିଥିଲେ, "ମୁଁ ଯାହା କରିଛି, ଆପଣଙ୍କ ପାଇଁ କରିଛି। ହରିଲୁଟ୍ କରି ଆପଣଙ୍କୁ ସିଂହଭାଗ ଦେଇଛି। କିନ୍ତୁ ଅଡ଼ିଟ ରିପୋର୍ଟରେ ସବୁଦୋଷ ମୋ ଉପରେ ଲଦିଦିଆଯାଇଛି।" "ବ୍ୟସ୍ତ ହୁଅନ୍ତୁ ନାହିଁ, ଚାଲନ୍ତୁ ମନ୍ତ୍ରୀଙ୍କ ପାଖକୁ ଯିବା", କହି ଚକ୍ରଧର ଉଠିଥିଲେ।

ଉଭୟ ମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲେ ଏବଂ ତାଙ୍କୁ ସମସ୍ତ ଘଟଣା ଅବଗତ କରାଇଥିଲେ। ଧୀର ଚିତ୍ତରେ ଏସବୁ ଶୁଣି ମନ୍ତ୍ରୀ ଠୋଠୋ ହୋଇ ହସିଥିଲେ। କହିଥିଲେ, "ଅଧ୍ୟକ୍ଷ ମହାଶୟ ! ମହାଲେଖାକାର ଯାହା ଦେଖିଲେ, ରିପୋର୍ଟରେ ତାହା ଲେଖିଲେ। ତାଙ୍କର କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। ସେ କ୍ଷମତା କେବଳ ଆମର ଅଛି। ଆମେ ଆପଣଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ

ନେବୁନାହିଁ। ଆପଣ ଯାଆନ୍ତୁ ଏବଂ ଯେପରି କଲେଜ ଚଳାଉଛନ୍ତି, ସେପରି ଚଳାନ୍ତୁ।” ମନ୍ତ୍ରୀଙ୍କଠାରୁ ଅଭୟବାଣୀ ଶୁଣି ଜ୍ଞାନାକର ସହର୍ଷ ବଦନରେ ଫେରିଲେ ଏବଂ ତାଙ୍କ କଥା ମାନି ପୂର୍ବବତ୍ କଲେଜ ଚଳାଇଲେ।

ସମୟ ବଡ଼ ବଳବାନ୍। ଡକ୍ଟର ଭଗବାନ ଦାସଙ୍କର ଚାକିରି ସରିଆସିଥିଲା। ଚାକିରିର ଶେଷ ଦିନରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଦିନ କିନ୍ତୁ ସେ ସବାଶେଷରେ କଲେଜ ଛାଡ଼ିଥିଲେ। ଫାଟକ ପାଖରେ ତାଙ୍କର ପାଦ ଅଟକିଯାଇଥିଲା। ସେ ବୁଲିପଡ଼ି ପଛକୁ ଚାହିଁଥିଲେ। ତାଙ୍କ ପାଟିରୁ ବାହାରିପଡ଼ିଥିଲା, “କି ଥିଲା ଏ ରାଜ୍ୟ (ଅନୁଷ୍ଠାନ), କି ହୋଇଛି ଆଜ।” ତଥାପି ଦାସେଙ୍କର ଈଶ୍ୱରଙ୍କ ପ୍ରତି ଥିବା ଆସ୍ଥା ଦୋହଲିନଥିଲା । କୁକର୍ମ କଲେ ପାପ ଅର୍ଜନ ହୁଏ ଏବଂ ପାପୀ ଦିନେନା ଦିନେ ଈଶ୍ୱରଙ୍କଦ୍ୱାରା ଦଣ୍ଡିତ ହୁଏ ବୋଲି ସେ ବିଶ୍ୱାସ କରୁଥିଲେ ।

ସମୟ ତା’ ବାଟରେ ଗଡ଼ିଚାଲିଲା। ଜ୍ଞାନାକରଙ୍କ ଚାକିରିରୁ ଅବସର ନେବାକୁ ଅଳ୍ପଦିନ ଥାଏ। ସେଯାଏ କିନ୍ତୁ ତାଙ୍କୁ ବାହାର ଦୁନିଆରେ ବୁଲିବାର ସୁଯୋଗ ମିଳିନଥିଲା । କାରାଗାର ତାଙ୍କୁ ଆପଣାଇ ନେଇଥିଲା ।

●

# ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ

ମହାନଗରର ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ସେଦିନ ସନ୍ଧ୍ୟାରେ ପଣ୍ଡିତ ବିଚକ୍ଷଣ ମହାପାତ୍ରଙ୍କ ବାସଭବନରେ ଆୟୋଜିତ ହୋଇଥିଲା। ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସଂଘ ଗଠନ କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା। ବୈଠକର ସମୟ ସନ୍ଧ୍ୟା ଛଅଟା ରଖାଯାଇଥିଲା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଚାରିଜଣ ବିଶିଷ୍ଟ ବୁଦ୍ଧିଜୀବୀ ସେଠାରେ ପହଞ୍ଚିଯାଇଥିଲେ। ମାତ୍ର ଯଥାସମୟରେ ସଭା ଆରମ୍ଭ ନକରି ପଣ୍ଡିତ ମହାପାତ୍ର ପଞ୍ଚମ ବୁଦ୍ଧିଜୀବୀଙ୍କ ଆଗମନକୁ ପ୍ରତୀକ୍ଷା କରିଥିଲେ। 'ପାଞ୍ଚ' ଏକ ଶୁଭସଂଖ୍ୟା ହୋଇଥିବାରୁ ପାଞ୍ଚଜଣଙ୍କ ଉପସ୍ଥିତିରେ ସଭା ଆରମ୍ଭ ହେବ ବୋଲି ସେ ଘୋଷଣା କରିଥିଲେ। ସନ୍ଧ୍ୟା ସାତଟାରେ ପଞ୍ଚମ ବୁଦ୍ଧିଜୀବୀଙ୍କର ଶୁଭାଗମନ ହୋଇଥିଲା। ତା'ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏକଘଣ୍ଟା ଅବଶ୍ୟ ବେକାର ଯାଇଥିଲା।

ପ୍ରାରମ୍ଭରେ ପଣ୍ଡିତ ମହାପାତ୍ର ବେଦମନ୍ତ୍ର ପାଠ କରିଥିଲେ। ତା'ପରେ କ୍ରମାନ୍ୱୟରେ ନିଜ ସମେତ ପାଞ୍ଚଜଣ ବିଶିଷ୍ଟ ବୁଦ୍ଧିଜୀବୀଙ୍କର ପରିଚୟ ପ୍ରଦାନ କରିଥିଲେ, ସେମାନଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଅନୁରୋଧ ରକ୍ଷା କରି ଆସିଥିବାରୁ ଧନ୍ୟବାଦ ଜଣାଇଥିଲେ ଏବଂ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାଞ୍ଜଳ ଭାବରେ ବୁଝାଇଦେଇଥିଲେ। ଅର୍ଥାତ୍ ଅନ୍ୟକୁ କଷ୍ଟ ନଦେଇ ପଣ୍ଡିତ ମହାପାତ୍ର ସଭାର ତିନିଟି ଅତ୍ୟାବଶ୍ୟକ କାର୍ଯ୍ୟ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ନିଜେ ସମ୍ଭାଳିନେଇଥିଲେ। ପାଠକେ ! ଉକ୍ତ ବୁଦ୍ଧିଜୀବୀ ସମ୍ମିଳନୀର ଅଧିକତର ବିବରଣୀ ଉପସ୍ଥାପନ କରିବା ପୂର୍ବରୁ ମୁଁ ଆପଣମାନଙ୍କ ଆଗରେ ଉପସ୍ଥିତ ବୁଦ୍ଧିଜୀବୀ-ମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ଉଚିତ ମନେକରୁଛି ।

ପ୍ରଥମ ବୁଦ୍ଧିଜୀବୀ ପଣ୍ଡିତ ବିଚକ୍ଷଣ ମହାପାତ୍ର ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ତାଙ୍କର ଚାକିରି-ଜୀବନ ଆରମ୍ଭ କରିଥିଲେ। ସେ ସଂସ୍କୃତ ଓ ଓଡ଼ିଆ ପଢ଼ାଉଥିବାରୁ ଛାତ୍ର, ସହକର୍ମୀ ଓ ଅଭିଭାବକମାନେ ତାଙ୍କୁ 'ପଣ୍ଡିତେ' ବୋଲି ଡାକୁଥିଲେ। ମାତ୍ର କୌଣସି ଅଜଣା କାରଣରୁ ସେ ଚାକିରି ଛାଡ଼ିଦେବାକୁ ବାଧ୍ୟ ହୋଇଥିଲେ। ତା'ପରେ କିଛିଦିନ ବେକାର ହୋଇ ବସିବା ଉତ୍ତାରେ ଏକ ଅନାମଧେୟ ଖବରକାଗଜର ସମ୍ବାଦଦାତା ରୂପେ ଯୋଗଦେଇଥିଲେ ।

ଏଥି ସଙ୍ଗେସଙ୍ଗେ ସେ କିଛି ସାମ୍ବାଦିକଙ୍କୁ ନେଇ ଏକ ସଂଘ ଗଠନ କରି ତା'ର ସଭାପତି (ଆଜୀବନ) ହୋଇଥିଲେ। ଆଜି ଉକ୍ତ ସମ୍ବାଦପତ୍ର ଆଉ ପ୍ରକାଶ ପାଉଛି କି ନାହିଁ, ତାହା ଜଣାନାହିଁ। କିନ୍ତୁ ପଣ୍ଡିତ ମହାପାତ୍ର ପୂର୍ବବତ୍ ସାମ୍ବାଦିକ ସଂଘର ସଭାପତି ରହିଛନ୍ତି।

ଦ୍ୱିତୀୟ ବୁଦ୍ଧିଜୀବୀ ଶ୍ରୀ ହାରଜିତ ମହାନ୍ତି ବିଦ୍ୟାଧ୍ୟୟନ ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଦୁଇଥର ସରପଞ୍ଚ ପଦ ପାଇଁ ଲଢ଼ି ପରାଜୟ ବରଣ କଲାପରେ ରାଜନୀତିକୁ ଛି କରିଦେଇଥିଲେ। ଏକ କିରାଣି ଚାକିରି ପାଇ ସେ ତହିଁରେ ଯୋଗଦେଇଥିଲେ। ଚାକିରିକାଳ ଭିତରେ ସେ ଥରେ ନିଲମ୍ବିତ ହୋଇଥିଲେ; କିନ୍ତୁ ତାହା ତାଙ୍କର ପଦୋନ୍ନତିରେ ବାଧକ ସାଜିନଥିଲା। ଶ୍ରୀ ମହାନ୍ତି ଅଫିସର ହୋଇ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ସହରର ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ସହ ନିଜକୁ ସମ୍ପୂର୍ଣ୍ଣ ରୂପେ ଜଡ଼ାଇଦେଇଛନ୍ତି।

ତୃତୀୟ ବୁଦ୍ଧିଜୀବୀ ଶ୍ରୀ ଭଗବାନ ଦାସ ଓରଫ ଦାସେ ବେସରକାରୀ କଲେଜରେ ଅଧ୍ୟାପନା କରି ନିକଟରେ ଅବସର ଗ୍ରହଣ କରିଛନ୍ତି। ସେ ସର୍ବଦା ନିଜ କାମରେ ନିୟୋଜିତ ଥିବା ମନେହୁଏ; ସମାଜ ଆଡ଼କୁ ଦୃଷ୍ଟି ଦେବା ଜଣାଯାଏ ନାହିଁ। ସେ ଓ ପଣ୍ଡିତେ ପାଖାପାଖି ଘର କରି ରହିଛନ୍ତି। ତେଣୁ ବୈଠକକୁ ନଆସିଲେ ପଣ୍ଡିତେ କାଳେ ଖରାପ ଭାବିବେ, ଏହି ଭାବନା ନେଇ ସେ ଆସିଛନ୍ତି। ସଂଘ ଗଠନରେ ଦାସେଙ୍କର ସେମିତି କିଛି ଆଗ୍ରହ ଥିବା ମନେହୁଏ ନାହିଁ।

ଚତୁର୍ଥ ବୁଦ୍ଧିଜୀବୀ ଶ୍ରୀ ବୃଷକେତୁ ମିଶ୍ର ତାଙ୍କ ନାମ ଆଗରେ 'ଆଡ଼ଭୋକେଟ' ଶବ୍ଦ ବ୍ୟବହାର କରିଥାନ୍ତି। ତହିଁରୁ ଓକିଲାତି ତାଙ୍କର ପେସା ବୋଲି ଜନଗଣ ଅବଗତ ହୁଅନ୍ତି। ମାତ୍ର ତାଙ୍କୁ କେହି କେଉଁ କଳାକୋଟ ପିନ୍ଧି କଚେରିରେ ଛିଡ଼ାହେବା ଦେଖିନାହିଁ। ବରଂ ଦିନର ଅଧିକାଂଶ ଭାଗ ସେ ଘରପାଖ ଚାହା ଓ ପାନ ଦୋକାନରେ ଦୃଶ୍ୟମାନ ହୋଇଥାନ୍ତି। ଗାଁରେ କିନ୍ତୁ ତାଙ୍କର ବେଶ୍ କିଛି ଜମିବାଡ଼ି ରହିଛି। ତାହା ଭାଗ ଦେଇ ମିଶ୍ରେ ସେଥିରୁ ଯାହା ପାଆନ୍ତି, ତହିଁରେ ବର୍ଷଯାକ ଆରାମରେ ଚଳିଯା'ନ୍ତି । ଅବଶ୍ୟ ସଭାସମିତି ନାଁ ଶୁଣିଲେ ସେ ଖିଆପିଆ ଛାଡ଼ି ଦୌଡ଼ିବା ଦେଖାଯାଇଥାଏ।

ପଞ୍ଚମ ବୁଦ୍ଧିଜୀବୀ ଡାକ୍ତର କୋଳାହଳ ଦ୍ୱିବେଦୀଙ୍କର ଏକ ନିଜସ୍ୱ କ୍ଲିନିକ୍ ରହିଛି। ସେଠାରେ ଲାଗିଥିବା ନାମଫଳକରୁ ସେ ରାଜ୍ୟ ବାହାରର କୌଣସି ଏକ ସଂସ୍ଥାରୁ ହୋମିଓପାଥିରେ ଡିଗ୍ରୀ ପାଇଥିବା ଜଣାଯାଏ। ତାଙ୍କ କ୍ଲିନିକ୍ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ଦଶଟାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଖୋଲାରହେ। କାଁଭାଁ

ରୋଗୀମାନେ ସେଠାକୁ ଆସୁଥିବାର ଅବଶ୍ୟ ଦେଖାଯାଇଥାଏ। ତାଙ୍କର ଧର୍ମପତ୍ନୀ ଏକ ସରକାରୀ ହାଇସ୍କୁଲରେ ଶିକ୍ଷକତା କରନ୍ତି; ତେଣୁ ପରିବାର ପୋଷଣର ଚିନ୍ତା ତାଙ୍କର ନଥାଏ। କୌଣସି ଦିନ ସନ୍ଧ୍ୟା ସମୟରେ ଡାକ୍ତର ଦ୍ୱିବେଦୀଙ୍କର କ୍ଲିନିକ୍ ଖୋଲା ହୁଏନାହିଁ। ସେ ସଂଗଠନ-ପ୍ରିୟ ହୋଇଥିବାରୁ ସନ୍ଧ୍ୟାରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ଲିପ୍ତ ଥାଆନ୍ତି।

ପାଠକେ ! ଉପସ୍ଥିତ ବୁଦ୍ଧିଜୀବୀଙ୍କର ପରିଚୟ ଏମନ୍ତ ପ୍ରଦାନ କରିସାରି ମୁଁ ଏବେ ଆପଣମାନଙ୍କ ଆଗରେ ସଭାର ବିଶଦ ବିବରଣୀ ଉପସ୍ଥାପନ କରିବାକୁ ଯାଉଛି। ପଣ୍ଡିତ ମହାପାତ୍ର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସଂଘ ଗଠନ କରିବା ଏହି ଏକତ୍ରୀକରଣର ଉଦ୍ଦେଶ୍ୟ ବୋଲି କହିସାରି ତା'ର ନାମକରଣ ସମ୍ପର୍କରେ ପ୍ରସ୍ତାବ ଆହ୍ୱାନ କରିଥିଲେ। ବିଳମ୍ବ ନକରି ପ୍ରଶାସକ ଶ୍ରୀ ହାରଜିତ ମହାନ୍ତି ଅନୁଷ୍ଠାନର ନାମ 'ମହାନଗର ବୁଦ୍ଧିଜୀବୀ ଫୋରମ' ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚିହ୍ନିକିଉଠି ଡାକ୍ତର ଦ୍ୱିବେଦୀ କହିଲେ, "ଆମ ସଂଗଠନର ନାମରେ କୌଣସି ଇଂରାଜୀ ଶବ୍ଦ ରଖିବାର ମୁଁ ଆଦୌ ପକ୍ଷପାତୀ ନୁହେଁ। 'ଫୋରମ' ଏକ ଇଂରାଜୀ ଶବ୍ଦ ହୋଇଥିବାରୁ ତାହା ନାମକରଣରୁ ବାଦ୍‌ଦିଆଯାଉ।" "ଆପଣ ଠିକ୍ କହିଛନ୍ତି", ସଭାପତି ପଣ୍ଡିତ ମହାପାତ୍ର ତାଙ୍କ ନିଷ୍ପତ୍ତି ଶୁଣାଇଥିଲେ। ଗତାନୁଗତିକ ରୀତିରେ ପ୍ରସ୍ତାବ ଓ ସମର୍ଥନ ଆସି ସେ କାର୍ଯ୍ୟକ୍ରମରେ ସଭାପତି ଆସନ ଅଳଙ୍କୃତ କରିନଥିଲେ। ବରଂ ତାଙ୍କ ଘରେ ସେ ସଭା ଆହୂତ କରିଥିବାରୁ ଆପେଆପେ ସଭାପତି ହୋଇଯାଇଥିଲେ।

ଡାକ୍ତର ଦ୍ୱିବେଦୀଙ୍କ ମତ ଗ୍ରହଣ କରାଯାଇଥିବାରୁ ଉତ୍‌ଫୁଲ୍ଲିତ ହୋଇ ସେ କହିଲେ, "ଏତେ ଝିଞ୍ଜଟରେ ପଶିବାନାହିଁ। ଆମ ସଂସ୍ଥାର ନାମ ସିଧାସିଧା 'ମହାନଗର ବୁଦ୍ଧିଜୀବୀ ସଂଘ' ରଖିଦେବା ।" ଗୁରୁଗମ୍ଭୀର କଣ୍ଠରେ ଆଡ଼ଭୋକେଟ ମିଶ୍ର ଭାଷିଲେ, "ଦେଖନ୍ତୁ, ସଂଘ କହିଲେ ସାଧାରଣତଃ ଶିକ୍ଷକ ସଂଘଗୁଡ଼ିକୁ ବୁଝାଇଥାଏ। ଆଉ, ଶିକ୍ଷକ ସଂଘ କଥା ପଡ଼ିଲେ ମନ ସ୍ୱତଃ ରାଜଧାନୀର 'ମାଷ୍ଟର କାଣ୍ଟିନ' ଆଡ଼କୁ ଚାଲିଥାଏ। ଶିକ୍ଷକ ସଂଘଗୁଡ଼ିକ ତରଫରୁ ସେଠାରେ ଆଠକାଳୀ ବାରମାସୀ ତମ୍ବୁ ପକାଇ ଧାରଣା ଦିଆଯାଇଥାଏ। ଯଦି ଆମେ ଅନୁଷ୍ଠାନର ନାମରେ 'ସଂଘ' ଶବ୍ଦ ବ୍ୟବହାର କରିବା, ତେବେ ଏହା ଧାରଣା ଦେଉଥିବା ବ୍ୟକ୍ତିମାନଙ୍କର ଏକ ସଙ୍ଗଠନ ବୋଲି ଭ୍ରମ ସୃଷ୍ଟି ହୋଇପାରେ । ତେଣୁ ମୁଁ ଏ ପ୍ରସ୍ତାବକୁ ବିରୋଧ କରୁଛି ।" "ତା'ହେଲେ ଅନୁଷ୍ଠାନର ନାମ କ'ଣ ରଖାଯିବ, ଆପଣ ପ୍ରସ୍ତାବ ଦିଅନ୍ତୁ," ସଭାପତି ପଣ୍ଡିତ ମହାପାତ୍ର କହିଥିଲେ। "ମହାନଗର ବୁଦ୍ଧିଜୀବୀ ସମିତି ରଖାଯାଉ", ଆହୁରି ଗମ୍ଭୀର ସ୍ୱରରେ ଆଡ଼ଭୋକେଟ ମିଶ୍ର ପ୍ରସ୍ତାବ ଦେଇଥିଲେ ।

ତାଙ୍କର ପ୍ରଥମ ପ୍ରସ୍ତାବ କାଟଖାଇଯାଇଥିବାରୁ ମନମାରି ବସିଥିବା ପ୍ରଶାସକ ଶ୍ରୀ ମହାନ୍ତି ଏବେ ପୁଣି ମୁହଁ ଖୋଲିଥିଲେ। "ସମିତି କହିଲେ ପଞ୍ଚାୟତ ସମିତି, ସମିତି ସଭ୍ୟ, ସମିତି କାର୍ଯ୍ୟାଳୟ ଆଦି କଥା ମନକୁ ଆସିଥାଏ। ଆଉ, ପଞ୍ଚାୟତ 'ପେଞ୍ଚର କେନ୍ଦ୍ରସ୍ଥଳୀ' ବୋଲି ଜନସାଧାରଣଙ୍କର ଏକ ଧାରଣା ରହିଛି। ଯଦି ଆମେ ସଂଗଠନର ନାମରେ 'ସମିତି' ଶବ୍ଦ ରଖିବା, ତେବେ ଏହା ପେଞ୍ଚୁଆମାନଙ୍କର ଏକ ସଂସ୍ଥା ବୋଲି ସର୍ବସାଧାରଣ ଭାବିପାରନ୍ତି। ତେଣୁ ଏହି ପ୍ରସ୍ତାବର ପୁନର୍ବିଚାର କରାଯାଉ।" ନିର୍ବାଚନ ଜିତିପାରି ନଥିଲେ ମଧ୍ୟ ଶ୍ରୀ ମହାନ୍ତି ଦୁଇଥର ସରପଞ୍ଚ ପଦ ପାଇଁ ଲଢ଼ିଥିଲେ। 'ପଞ୍ଚାୟତ' ଉପରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିଲା। ତାହାକୁ ସମ୍ମାନ ଜଣାଇ ସଭାପତି ପଣ୍ଡିତ ମହାପାତ୍ର ତାଙ୍କ କଥାକୁ ଗ୍ରହଣ କରିନେଇଥିଲେ।

ଏହିପରି ନାମକରଣ ସମ୍ପର୍କରେ ଆହୁରି କିଛି ସମୟ ମାନସ-ମନ୍ଥନ ଚାଲିଲା ପରେ ତହିଁରୁ ନିଷ୍କର୍ଷ ବାହାରିଥିଲା। ସର୍ବସମ୍ମତିକ୍ରମେ ଅନୁଷ୍ଠାନର ନାମ 'ମହାନଗର ବୁଦ୍ଧିଜୀବୀ ମହାମଣ୍ଡଳ' ରଖାଯାଇଥିଲା। ଗଭୀର ବିଚାର-ବିମର୍ଶରେ ମଗ୍ନ ଥାଇ ଘର୍ମାକ୍ତ ହୋଇପଡ଼ିଥିବା ବୁଦ୍ଧିଜୀବୀମାନେ ତା'ପରେ ଆଶ୍ୱସ୍ତ ହୋଇଥିଲେ।

ଏପର୍ଯ୍ୟନ୍ତ ଚୁପ୍ ହୋଇ ବସିଥିବା ଅଧ୍ୟାପକ ଭଗବାନ ଦାସ ଏବେ ମୁହଁ ଖୋଲିଥିଲେ। ସେ ପ୍ରଶ୍ନ କରିଥିଲେ, "ଆମେ କ'ଣ ଅନୁଷ୍ଠାନର ପରିସରକୁ ମହାନଗର ମଧ୍ୟରେ ସୀମିତି ରଖିବା? ଆମେ କ'ଣ ସାରାରାଜ୍ୟରେ ଆମ କାର୍ଯ୍ୟକୁ ପ୍ରସାରିତ କରିପାରିବା ନାହିଁ?" "ଆମେ ରାଜ୍ୟସାରା ସଂଗଠନର ବିସ୍ତାର ବେଶ୍ ଆରାମରେ କରିପାରିବା", ସଭାପତି ପଣ୍ଡିତ ମହାପାତ୍ର ଉତ୍ତର ଦେଇଥିଲେ। ତା'ହେଲେ ଅନୁଷ୍ଠାନର ନାମ 'ନିଖିଳ ଉତ୍କଳ ବୁଦ୍ଧିଜୀବୀ ମହାମଣ୍ଡଳ' ରଖାଯାଉ ବୋଲି ପ୍ରସ୍ତାବ ଦେଇ ଦାସେ କହିଲେ, "ଏତଦ୍ୱାରା ପୂର୍ବ ନାମରେ 'ମହା'ଶବ୍ଦ ଦୁଇଥର ବ୍ୟବହାର ହୋଇଥିବା ଦୋଷରୁ ବି ମୁକ୍ତି ମିଳିଯିବ।" ଦାସେଙ୍କ ପ୍ରସ୍ତାବକୁ ଅନ୍ୟମାନେ କରତାଳି ଦେଇ ସମର୍ଥନ ଜଣାଇଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

କିଛି ସମୟ ନୀରବରେ ବିତିଗଲା ପରେ ସଂଘପ୍ରିୟ ଡାକ୍ତର ଦ୍ୱିବେଦୀ କହିଲେ, "ଯଦି ଆମେ ସହଜରେ ସମଗ୍ର ରାଜ୍ୟରେ ଆମ କାର୍ଯ୍ୟର ବିସ୍ତାର କରିପାରିବା, ତେବେ ସାରାଦେଶରେ ବି ତାହା କରିପାରିବା।" "ପୁଣେ, ବାଙ୍ଗାଲୋର, ଅହମଦାବାଦରେ ମୋର ଅନେକ ଜଣାଶୁଣା ଲୋକ ଅଛନ୍ତି," ଆଡ଼ଭୋକେଟ ମିଶ୍ର କହିଥିଲେ। ଏ କଥା ସଭାପତି ପଣ୍ଡିତ ମହାପାତ୍ରଙ୍କ ମନକୁ ଖୁବ୍ ପାଇଥିଲା। ଆଲୋଚନାକୁ ଅଧିକ ନବଢ଼ାଇ ସେ ଘୋଷଣା କଲେ, "ନବନିର୍ମିତ ସଂଗଠନର

ନାମ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ' ରଖାଗଲା। ଆମ୍ଭେମାନେ ଲାଗିପଡ଼ି ଦେଶସାରା ଏହାର କାର୍ଯ୍ୟକୁ ଆଗେଇନେବା ।" ଏତିକିବେଳେ ହଠାତ୍ ଡାକ୍ତର ଦ୍ୱିବେଦୀ ପ୍ରଶ୍ନ କଲେ, "ସଂଘ ନାମରେ 'ନିଖିଳ' ଶବ୍ଦ ନଲାଗି 'ଅଖିଳ' ଶବ୍ଦ କାହିଁକି ଲାଗିବ ?" "ଭାଷାର ନିୟମ ଅନୁସାରେ ପ୍ରଦେଶର ନାମ ପୂର୍ବରୁ 'ନିଖିଳ' ଓ ଦେଶର ନାମ ପୂର୍ବରୁ 'ଅଖିଳ' ଶବ୍ଦ ବ୍ୟବହାର ହୋଇଥାଏ," ସଭାପତି ଉତ୍ତର ଦେଇଥିଲେ । ଏ ନିୟମ କେଉଁଠି ରହିଛି, ସେ ସମ୍ପର୍କରେ ଉପସ୍ଥିତ କୌଣସି ବୁଦ୍ଧିଜୀବୀ ଅବଶ୍ୟ ପ୍ରଶ୍ନ କରିନଥିଲେ ।

ନାମକରଣ ଚୂଡ଼ାନ୍ତ ହେବାପରେ ମହାମଣ୍ଡଳର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ପଣ୍ଡିତ ବିଚକ୍ଷଣ ମହାପାତ୍ର କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ପଣ୍ଡିତ ମହାପାତ୍ର ସଭାପତି, ଶ୍ରୀ ହାରଜିତ ମହାନ୍ତି ଉପସଭାପତି, ଡାକ୍ତର କୋଳାହଳ ଦ୍ୱିବେଦୀ ସମ୍ପାଦକ, ଆଡ଼ଭୋକେଟ ବୃଷକେତୁ ମିଶ୍ର କୋଷାଧ୍ୟକ୍ଷ ଓ ଅଧ୍ୟାପକ ଭଗବାନ ଦାସ ଉପଦେଷ୍ଟା ରୂପେ ନିର୍ବାଚିତ ହୋଇଥିଲେ। ଲୋକ ଅଭାବରୁ ସହସମ୍ପାଦକ ପଦବୀ ଖାଲି ପଡ଼ିଥିଲା। ସହସମ୍ପାଦକ ସମେତ ଆଉ ଚାରିଜଣ ଉପସଭାପତି ଓ ଚାରିଜଣ ଉପଦେଷ୍ଟା ତୁରନ୍ତ ଚୟନ କରିବାର ଦାୟିତ୍ୱ ସଭାପତିଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ।

ନବନିର୍ବାଚିତ ସଭାପତି ପଣ୍ଡିତ ମହାପାତ୍ର ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ ଜଳଯୋଗରେ ଆପ୍ୟାୟିତ କରିଥିଲେ। ତା'ପରେ ଚାହାପାନର ବ୍ୟବସ୍ଥା ହୋଇଥିଲା। ଚାହା ପିଇବା ଭିତରେ ପଣ୍ଡିତ ମହାପାତ୍ର ମହାମଣ୍ଡଳ ଗଠନର ଖବର ଲେଖି ସମ୍ପାଦକ ଡାକ୍ତର ଦ୍ୱିବେଦୀଙ୍କୁ ଉତାରିବା ପାଇଁ ଦେଇଥିଲେ। ଶ୍ରୀ ଦ୍ୱିବେଦୀଙ୍କର ଅକ୍ଷର ବେଶ୍ ଭଲ ହୋଇଥିବାରୁ ତାଙ୍କୁ ସେହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଖବର ଲେଖା ଚୂଡ଼ାନ୍ତ ହେବାପରେ ସଭାପତି ତାହା ଶ୍ରୀ ଭଗବାନ ଦାସଙ୍କ ଆଡ଼କୁ ବଢ଼ାଇଦେଇ ତାଙ୍କ ଉପରେ ପ୍ରକାଶନର ଗୁରୁଭାର ଅର୍ପଣ କରିଥିଲେ। ଗଣମାଧ୍ୟମ ସହ ଭଲ ସମ୍ପର୍କ ଥିବାରୁ ତାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।

ସମ୍ବାଦର ଶୀର୍ଷକ 'ଅଖିଳ ଭାରତୀୟ ବୁଦ୍ଧିଜିବୀ ମହାମଣ୍ଡଳ ଗଠିତ' ଉପରେ ଆଖି ବୁଲାଇଆଣି ଦାସେ ତାଟକା ହୋଇଯାଇଥିଲେ। ଖବରର ମୁଖ୍ୟ ଶବ୍ଦ 'ବୁଦ୍ଧିଜୀବୀ' ଭୁଲରେ 'ବୁଦ୍ଧିଜିବୀ' ବୋଲି ଲେଖାଯାଇଥିବା ତାଙ୍କ ଦୃଷ୍ଟିରେ ପଡ଼ିଥିଲା। 'ବୁଦ୍ଧିଜୀବୀ' ଶବ୍ଦରେ ଉଭୟ 'ଜ' ଓ 'ବ'ରେ ଦୀର୍ଘ 'ଈ'କାର ଲାଗିବ ବୋଲି ଦର୍ଶାଇ

ଦାସେ ଏହାକୁ ସଂଶୋଧନ କରିଦେବାକୁ କହିଥିଲେ। ଖୋଦ୍ ସଭାପତି ପଣ୍ଡିତ ମହାପାତ୍ର ସାମାନ୍ୟ ବିରକ୍ତି ପ୍ରକାଶ କରି ଦାସେଙ୍କ କଥାକୁ ଅଗ୍ରାହ୍ୟ କରିଦେଇଥିଲେ। ସେ କହିଲେ, "ଆପଣ ଖାଲି କହିଦେଲେ ହେବନାହିଁ । ଆପଣଙ୍କୁ ସେପରି କରିବାର କାରଣ ଦର୍ଶାଇବାକୁ ପଡ଼ିବ ।" ଇତିହାସ ଅଧ୍ୟାପକ ଭଗବାନ ଦାସ 'ବୁଦ୍ଧିଜୀବୀ' ଶବ୍ଦର ଠିକ୍ ବନାନ ଜାଣିଥିଲେ ସିନା, ହେଲେ ବନାନ ସେପରି ହେବାର କାରଣ ତାଙ୍କୁ ଜଣାନଥିଲା। ତେଣୁ ସେ ନୀରବ ରହିଥିଲେ। ଏହି ନୀରବତାକୁ ପଣ୍ଡିତ ମହାପାତ୍ର ଦାସେଙ୍କର ଦୁର୍ବଳତା ବା ବିଫଳତା ବୋଲି ଧରିନେଇଥିଲେ। "କାରଣ ନଦର୍ଶାଇ ଯାହା ଇଚ୍ଛା ତାହା କହିଦେଲେ ଭାଷାର ଅମର୍ଯ୍ୟାଦା ଘଟିବ । ଆମେ ବୁଦ୍ଧିଜୀବୀମାନେ ଏପରି କାର୍ଯ୍ୟରୁ ନିବୃତ୍ତ ହେବା ଉଚିତ," ଚଢ଼ା ଗଳାରେ ସେ କହିଥିଲେ। ନୀରବତା ଭାଙ୍ଗି ଦାସେ ପ୍ରଶ୍ନ କଲେ, "ପଣ୍ଡିତ ମହାଶୟ! ଦୟାକରି 'ଜ'ରେ ହ୍ରସ୍ୱ 'ଇ'କାର ଓ 'ବ'ରେ ଦୀର୍ଘ 'ଈ'କାର ଲାଗିବାର କାରଣ ଆପଣ ଦର୍ଶାଇବେ କି?" ସଳଖି ବସି ସହାସ୍ୟ ବଦନରେ ପଣ୍ଡିତ ମହାପାତ୍ର କହିଲେ, "ଦେଖନ୍ତୁ, 'ବୁଦ୍ଧି' ଓ 'ଜୀବୀ' ଏହି ଦୁଇଟି ଶବ୍ଦର ମିଶ୍ରଣରୁ 'ବୁଦ୍ଧିଜୀବୀ' ଶବ୍ଦ ସୃଷ୍ଟି ହୋଇଛି । 'ବୁଦ୍ଧି' ଶବ୍ଦର ବନାନରେ ଆମର ଦ୍ୱିମତ ନାହିଁ । ତେଣୁ ସେଥିରେ ମୁଣ୍ଡ ନପୂରାଇ ଆମେ 'ଜୀବୀ' ଶବ୍ଦକୁ ଆସିବା।" ସାମାନ୍ୟ ରହି ସେ କହିଲେ, "ଆମ ଭାଷାରେ ଉଭୟ ହ୍ରସ୍ୱ 'ଇ'କାର ଓ ଦୀର୍ଘ 'ଈ'କାର ପ୍ରଚଳନ ଅଛି। ଯେଉଁ ଶବ୍ଦରେ ଦୁଇଟିର ପ୍ରୟୋଗ ଆବଶ୍ୟକ ପଡ଼େ, ସେଠାରେ ନିୟମ ଦୃଷ୍ଟିରୁ ଆମେ ଦୁଇଟିଯାକ ଯୋଗକରିଥାଉ। ସେପରି ନକରି ଗୋଟିକର ଦୁଇଥର ବ୍ୟବହାର କରି ଅନ୍ୟଟିକୁ ପୂରା ବାଦ୍‌ଦେବା ଠିକ୍ ହେବନାହିଁ । କାରଣ ଯାହାକୁ ବାଦ୍‌ଦେବା ତା'ପ୍ରତି ଅନ୍ୟାୟ ହେବ। ଏହି ଅନ୍ୟାୟକୁ ରୋକିବା ପାଇଁ ଆମେ କାହାରିକୁ ବର୍ଜନ ନକରି ଦୁଇଟିଯାକର ବ୍ୟବହାର କରିଥାଉ ।"

ପଣ୍ଡିତ ମହାପାତ୍ରଙ୍କଦ୍ୱାରା କୋଷାଧ୍ୟକ୍ଷ ରୂପେ ନିଯୁକ୍ତ ହୋଇଥିବା ଶ୍ରୀ ମିଶ୍ର ରହିରହି ପ୍ରଶ୍ନ କରିଥିଲେ, "ତେବେ 'ଜ'ରେ ଦୀର୍ଘ 'ଈ'କାର ଓ 'ବ'ରେ ହ୍ରସ୍ୱ 'ଇ'କାର କାହିଁକି ଯୋଗନହେବ? ଏଥିରେ ତ ଦୁଇଟିଯାକ ମାତ୍ରାର ବ୍ୟବହାର ରହିଲା।" କ୍ଷଣିକ ରହି ପଣ୍ଡିତ ମହାପାତ୍ର କହିଲେ, "ଦେଖନ୍ତୁ, ଏହି ଉଭୟ ମାତ୍ରା ମଧ୍ୟରୁ ଆଗ ଆସିଲା ହ୍ରସ୍ୱ 'ଇ'କାର ଏବଂ ତା'ପରେ ଆସିଲା ଦୀର୍ଘ 'ଈ'କାର । ହ୍ରସ୍ୱ 'ଇ'କାର ଆଗ ଥିବାରୁ ପ୍ରଥମେ ତା'ର ପ୍ରୟୋଗ ହେଲା ଏବଂ ଦୀର୍ଘ 'ଈ'କାର ପଛରେ ଥିବାରୁ ତା'ର ବ୍ୟବହାର ପରେ ହେଲା । 'ଆଗ'କୁ ଆମେ ସର୍ବଦା ଆଦର କରିଥାଉ; କଥାରେ ଅଛି, 'ଆଗ ସୁନାପାଗ' । ପୂର୍ବେ ଚାଟଶାଳୀରେ ଅବଧାନେ ଆଗ ଆସୁଥିବା ପିଲାର ପାପୁଲିରେ 'ଶୂନ' ଦେଉଥିଲେ। ତେଣୁ ଆଗ ପ୍ରତି ସମ୍ମାନ ଜଣାଇ

'ଜିବୀ' ଶବ୍ଦରେ ପ୍ରଥମେ ହ୍ରସ୍ୱ 'ଇ'କାର ଓ ତା'ପରେ ଦୀର୍ଘ 'ଈ'କାରର ପ୍ରୟୋଗ ହୋଇଥାଏ ।"

ସଭାପତି ପଣ୍ଡିତ ମହାପାତ୍ରଙ୍କର ସଂକ୍ଷିପ୍ତ ଅଭିଭାଷଣ ସମାପ୍ତ ହୋଇଥିଲା । ବିଳମ୍ବ ନକରି ଦାସେ କହିଲେ, "ମୁଁ ଆପଣଙ୍କର ଯୁକ୍ତିକୁ ଗ୍ରହଣ କରିପାରିବି ନାହିଁ ।" ଏତେ ସମୟ ନୀରବରେ ବସିଥିବା ପ୍ରଶାସକ ଶ୍ରୀ ମହାନ୍ତି ସାମାନ୍ୟ ଚିଡ଼ିଉଠି କହିଥିଲେ, "ଆପଣ ସଭାପତିଙ୍କର ଯୁକ୍ତିକୁ ସ୍ୱୀକାର କରୁନାହାନ୍ତି କିମ୍ବା ନିଜ ମତ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିପାରୁ ନାହାନ୍ତି । ଏହା ଏକ ଅଚଳ ଅବସ୍ଥା ସୃଷ୍ଟି କରୁଛି ।" "ତେବେ ଏକ ଅଭିଧାନ ଆଣି 'ବୁଦ୍ଧିଜୀବୀ' ଶବ୍ଦର ବନାନ ଦେଖିଦେଲେ କାମ ସରିବ । ଅଚଳାବସ୍ଥା ସଙ୍ଗେସଙ୍ଗେ ଦୂର ହୋଇଯିବ," ଦାସେ କହିଥିଲେ । ନିଜର କ୍ରୋଧକୁ କିଛି ମାତ୍ରାରେ ସମ୍ବରଣ କରି ପଣ୍ଡିତ ମହାପାତ୍ର କହିଲେ, "ଆମ୍ଭେମାନେ ବୁଦ୍ଧିଜୀବୀ ହୋଇ ଯଦି ଅଭିଧାନ ଦେଖିବା, ତେବେ ତାହା ସମଗ୍ର ବୁଦ୍ଧିଜୀବୀ ସମାଜ ପ୍ରତି ଅପମାନ ହେବ। ଛାତ୍ରମାନଙ୍କ ମନରେ କୌଣସି ଶବ୍ଦର ବନାନ ନେଇ ଶଙ୍କା ଉପୁଜିଲେ, ସେମାନେ ଅଭିଧାନର ସାହାଯ୍ୟ ନେଇଥାନ୍ତି । ଅଭିଧାନ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ; ବୁଦ୍ଧିଜୀବୀମାନଙ୍କ ପାଇଁ ନୁହେଁ । ବୁଦ୍ଧିଜୀବୀ ହୋଇଥିବାରୁ ମୁଁ ଘରେ ଖଣ୍ଡେ ବି ଅଭିଧାନ ରଖିନାହିଁ ।" କ'ଣ କହିବାକୁ ହେବ ଜାଣିନପାରି ଦାସେ ଚୁପ୍ ରହିଥିଲେ । କିନ୍ତୁ ପଣ୍ଡିତ ମହାଶୟ ଅସହିଷ୍ଣୁ ନୁହନ୍ତି, ବରଂ ଉଦାର – ଏହା ପ୍ରମାଣ କରିବାକୁ ଚାହୁଁଥିଲେ । ସେ କହିଲେ, "ଆମ୍ଭେମାନେ ଗଣତନ୍ତ୍ର ଦେଶରେ ଜନ୍ମ ନେଇଛେ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ବିଶ୍ୱାସ କରୁଛେ। ଏହି ପଦ୍ଧତିରେ ଭୋଟ ନିଆଯାଇ ବହୁମତ (majority)କୁ ମାନିନିଆଯାଇଥାଏ। ସେହି ଅନୁସାରେ ଆମେ ଭୋଟ ମାଧ୍ୟମରେ 'ବୁଦ୍ଧିଜୀବୀ' ଶବ୍ଦର ବନାନ ନିର୍ଦ୍ଧାରଣ କରିବା ।" ଏହା କହି ସେ ଉପସ୍ଥିତ ସମସ୍ତଙ୍କ ହାତକୁ ଖଣ୍ଡେ ଲେଖା ଚିରକୁଟି ବଢ଼ାଇ-ଦେଇ ତହିଁରେ 'ବୁଦ୍ଧିଜୀବୀ' ଶବ୍ଦ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ଅବଶ୍ୟ କାର୍ଯ୍ୟ ହୋଇଥିଲା। ଗଣତିରେ ଦେଖାଯାଇଥିଲା ଯେ, ଚାରିଜଣ 'ବୁଦ୍ଧିଜିବୀ' ବୋଲି ଲେଖିଥିବା ସ୍ଥଳେ ମାତ୍ର ଜଣେ 'ବୁଦ୍ଧିଜୀବୀ' ବୋଲି ଲେଖିଛନ୍ତି। ଫଳାଫଳ ଘୋଷଣା କରି ସଭାପତି କହିଲେ, "୪/୧ ଭୋଟରେ 'ବୁଦ୍ଧିଜିବୀ' ଶବ୍ଦ ଠିକ୍ ବୋଲି ଗୃହୀତ ହେଲା ।" ଦାସେ ପୁଣି କ'ଣ କହିବାକୁ ବାହାରିଥିଲେ । ମାତ୍ର ସଭାପତି କହିଲେ, "ବହୁମତକୁ ସମ୍ମାନ ଦିଅନ୍ତୁ, ଅଧ୍ୟାପକ ମହାଶୟ ! ଯେତେ ତିକ୍ତ ହେଲେ ବି ତାହାକୁ ଗ୍ରହଣ କରନ୍ତୁ ।" ଦାସେ ଅବଶ୍ୟ ଆଉ ମୁହଁ ଖୋଲିନଥିଲେ । ଏବେ ସଭାପତି ଘୋଷଣା କଲେ, "ମୁଁ ସମ୍ପାଦକଙ୍କୁ ଅନୁରୋଧ

କରୁଛି, ସେ ଆସନ୍ତାକାଲି ଅଧ୍ୟାପକ ଭଗବାନ ଦାସଙ୍କୁ ସାଙ୍ଗରେ ନେଇ ଖବରକାଗଜ କାର୍ଯ୍ୟାଳୟକୁ ଯାଆନ୍ତୁ ଏବଂ ଏହି ଖବର ପ୍ରଦାନ ପୂର୍ବକ ତାହା କିପରି ବଡ଼ବଡ଼ ଅକ୍ଷରରେ ବାହାରିବ, ତା'ର ବ୍ୟବସ୍ଥା କରନ୍ତୁ ।" ସଭାପତି ପଣ୍ଡିତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ଶ୍ରୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇଥିଲା ।

ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପରଦିନ ପୂର୍ବାହ୍ନରେ ନବଗଠିତ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ'ର ସମ୍ପାଦକ ଡାକ୍ତର କୋଳାହଳ ଦ୍ୱିବେଦୀ ମହାମଣ୍ଡଳ ଗଠନ ସଂକ୍ରାନ୍ତ ଖବର ଧରି ଅଧ୍ୟାପକ ଭଗବାନ ଦାସଙ୍କ ଘରେ ହାଜର ହୋଇଥିଲେ । ଆଗ୍ରହ ନଥିଲେ ମଧ୍ୟ ଦ୍ୱିଧା ପ୍ରକାଶ ନକରି ଦାସେ ସମ୍ପାଦକଙ୍କ ସହ ବାହାରିପଡ଼ିଥିଲେ । କାରଣ ସେ ପଡ଼ୋଶୀ ପଣ୍ଡିତ ବିଚକ୍ଷଣ ମହାପାତ୍ର ଓ ଅନ୍ୟ ବୁଦ୍ଧିଜୀବୀମାନଙ୍କର ଅପ୍ରିୟ ହେବାକୁ ଚାହୁଁନଥିଲେ। ଉଭୟ ମହାନଗରର ପ୍ରମୁଖ ଖବରକାଗଜ କାର୍ଯ୍ୟାଳୟରେ ପହଞ୍ଚି ବାର୍ତ୍ତା ସମ୍ପାଦକ ଶ୍ରୀ ଉଦୟଭାନୁ ଆଚାର୍ଯ୍ୟଙ୍କୁ ଭେଟିଥିଲେ । କହିବା ବାହୁଲ୍ୟ ଯେ, ଆଗରୁ ଦାସେଙ୍କର ତାଙ୍କ ସହ ପରିଚୟ ରହିଥିଲା। ପ୍ରଣାମ କରି ଦାସେ ତାଙ୍କ ହାତକୁ ଖବରଟି ବଢ଼ାଇଦେଇଥିଲେ । ଖବରର ଶୀର୍ଷକରେ ଦୃଷ୍ଟି ପଡ଼ିବା କ୍ଷଣି ବାର୍ତ୍ତା ସମ୍ପାଦକ ଧରିଥିବା ନାଲିକାଳିର କଲମରେ 'ବୁଦ୍ଧିଜିବୀ' ଶବ୍ଦରେ ଥିବା 'ଜ'ର ହ୍ରସ୍ୱ 'ଇ'କାରକୁ କାଟି ଦୀର୍ଘ 'ଈ'କାର କରିଦେଇଥିଲେ । ତା'ପରେ ମୁହଁକୁ ସାମାନ୍ୟ ତଳକୁ କରି କହିଥିଲେ, "ଅଧ୍ୟାପକ ହୋଇଛନ୍ତି !" ତାଙ୍କର ଏହି ପଦକ କଥା ଦାସେଙ୍କର ମରମକୁ ଭେଦ କରିଥିଲା । ସେ ସ୍ତବ୍ଧ ହୋଇଯାଇଥିଲେ; ତାଙ୍କ ପାଟିରୁ କଥା ବାହାରିନଥିଲା। ଏହା ଜାଣି ବାର୍ତ୍ତା ସମ୍ପାଦକ କହିଲେ, "ଆପଣ ଯାଆନ୍ତୁ। ଆପଣଙ୍କ ଖବର କାଲି ନିଶ୍ଚୟ ବାହାରିବ ।" ଦାସେ ମୁହଁ ତଳକୁ ପୋତି ଦ୍ୱିବେଦୀଙ୍କ ସହ ଫେରିଆସିଥିଲେ । ବାଟସାରା ତାଙ୍କ କାନରେ ପ୍ରତିଧ୍ୱନିତ ହେଉଥିଲା, "ଅଧ୍ୟାପକ ହୋଇଛନ୍ତି!" ଏହି ବାକ୍ୟ ଭିତରେ ଅନେକ କଥା ଉହ୍ୟ ରହିଥିଲା । ଅବଶ୍ୟ ତାହାସବୁ ଅପ୍ରିୟ ଥିଲା – ଖୁବ୍ ଅପ୍ରିୟ ଥିଲା ।

ତା' ପରଦିନ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ ଗଠିତ' ଖବର ବଡ଼ବଡ଼ ଅକ୍ଷରରେ ପ୍ରକାଶ ପାଇଥିଲା । ଅବଶ୍ୟ ଖବରର ଶୀର୍ଷକରେ ଥିବା ଭ୍ରମ ସଂଶୋଧନ ହୋଇଯାଇଥିଲା । ଏହା ପଢ଼ି ଦାସେ କିନ୍ତୁ ଖୁସି ହୋଇପାରି ନଥିଲେ । ତାଙ୍କ କାନରେ ଖାଲି ପ୍ରତିଧ୍ୱନିତ ହେଉଥିଲା, "ଅଧ୍ୟାପକ ହୋଇଛନ୍ତି !"

●

# ମୋ ଭାଇ ସେକ୍ରେଟାରୀ

ହଠାତ୍ ଅଧ୍ୟାପକ ଶ୍ରୀ ଚକାଡୋଳା ପଣ୍ଡାଙ୍କ ବାସଗୃହକୁ ଅନେକ ଲୋକଙ୍କର ଯା-ଆସ ପଡ଼ୋଶୀମାନଙ୍କ ମନରେ କୌତୂହଳ ଜାତ କରିଥିଲା। କ୍ରମଶଃ ଏହି ଲୋକମାନଙ୍କର ସଂଖ୍ୟା ବୃଦ୍ଧିପାଇ ସେଠାରେ ଗହଳି ସୃଷ୍ଟି ହେବା ପରିଲକ୍ଷିତ ହୋଇଥିଲା। ଶ୍ରୀ ପଣ୍ଡା ସେ ଅଞ୍ଚଳରେ ଗୃହ ନିର୍ମାଣ କରି ରହିବା ଦିନଠାରୁ ଏପର୍ଯ୍ୟନ୍ତ ତାଙ୍କ ଘରକୁ ଲୋକମାନଙ୍କ ଯିବାଆସିବା ପ୍ରାୟଶଃ ଦେଖାଯାଉ ନଥିଲା। ଅପ୍ରତ୍ୟାଶିତ ଭାବେ ସେଠାରେ ଭିଡ଼ ଜମିବାରୁ ପଡ଼ିଶାମାନେ ତା'ର କାରଣ ଜାଣିବା ପାଇଁ ଆଗ୍ରହୀ ହୋଇଉଠିଥିଲେ। କାରଣ ଖୋଜୁଖୋଜୁ ସେମାନେ ଶ୍ରୀ ପଣ୍ଡାଙ୍କର ଅତୀତକୁ ଖୋଳିତାଡ଼ି ବାହାର କରିଥିଲେ।

ଅଧ୍ୟାପକ ଶ୍ରୀ ଚକାଡୋଳା ପଣ୍ଡା (ଅବସରପ୍ରାପ୍ତ) ରାଜଧାନୀଠାରୁ ପ୍ରାୟ ଏକଶହ କିଲୋମିଟର ଦୂର ଏକ ସହରାଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ସେଠାରେ ସେ ସ୍ନାତକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ରାଜଧାନୀକୁ ଆସିଥିଲେ। ସ୍ନାତକୋତ୍ତର ଶିକ୍ଷା ସମାପ୍ତ ହେବା ପରେପରେ ସେ ଅଧ୍ୟାପକ ଚାକିରି ପାଇଯାଇଥିଲେ। ସୌଭାଗ୍ୟବଶତଃ ନିଜ ସହରର କଲେଜରେ ତାଙ୍କୁ ନିଯୁକ୍ତି ମିଳିଥିଲା। ଯେଉଁ କଲେଜରେ ଅଧ୍ୟୟନ କରିଥିଲେ, ସେଠାରେ ଅଧ୍ୟାପନାର ସୁଯୋଗ ପାଇ ସେ କୃତାର୍ଥ ହୋଇଥିଲେ। ସ୍ୱାଭାବିକ ଭାବରେ ନିଜ ଘରେ ରହି ସେ କଲେଜକୁ ଯା-ଆସ କରୁଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ୍ ବିବାହ ପରେ ସ୍ଥିତି ବଦଳିଯାଇଥିଲା।

ଶ୍ରୀ ପଣ୍ଡାଙ୍କର ଧର୍ମପତ୍ନୀ ଅଳ୍ପଦିନ ଭିତରେ ଶ୍ୱଶୁରଙ୍କ ଘରେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଶ୍ୱଶୁରଙ୍କ ଘରର କୌଣସି ଲୋକ ଯେ ଭଲ ନୁହନ୍ତି, ଏହା ତାଙ୍କର ଅନୁଭବ ହୋଇଥିଲା। ସେହି ମନ୍ଦ ଲୋକମାନଙ୍କ ଗହଣରେ ଚଳିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ସେ ସ୍ୱାମୀଙ୍କୁ ଜଣାଇଦେଇଥିଲେ। ଏଥି ସଙ୍ଗେସଙ୍ଗେ ଘର ଛାଡ଼ି କଲେଜର କ୍ୱାର୍ଟର୍ସକୁ ଚାଲିଯିବା ପାଇଁ ଜିଦ୍‌ଧରି ବସିଥିଲେ। ଅର୍ଦ୍ଧାଙ୍ଗିନୀଙ୍କ କଥା ଶୁଣିଶୁଣି ଦୀର୍ଘଦିନ ଧରି ଢାଙ୍କି ହୋଇ ରହିଥିବା ସତ୍ୟ ପଦାକୁ ଆସିଥିବା ପରି ଶ୍ରୀ ପଣ୍ଡା ଅନୁଭବ କରିଥିଲେ। ତାଙ୍କ ବାପା, ମାଆ, ଭାଇ ଓ ଭଉଣୀ ଯେ ପ୍ରକୃତରେ ଭଲ ଲୋକ ନୁହନ୍ତି, ଏହି ସତ୍ୟ ସେ ଉପଲବ୍ଧି କରିଥିଲେ। ସତ୍ୟକୁ ଉନ୍ମୋଚନ

କରିବାରେ ସାହାଯ୍ୟ କରିଥିବାରୁ ଏହାର ଶ୍ରେୟ ସେ ସହଧର୍ମିଣୀଙ୍କୁ ପ୍ରଦାନ କରିଥିଲେ। ତତ୍‌ସହିତ ଘର ଛାଡ଼ି କଲେଜର କ୍ୱାଟର୍ସକୁ ଚାଲିଯିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ।

କଲେଜ ପରିସରରେ ୫୦ ସରିକି କ୍ୱାଟର୍ସ ରହିଥିଲା। ତହିଁରୁ ଏକ କ୍ୱାଟର୍ସ ଶ୍ରୀ ପଣ୍ଡାଙ୍କୁ ମିଳିଯାଇଥିଲା। ସେ ସପତ୍ନୀକ ସେଠାକୁ ଚାଲିଆସିଥିଲେ। ସ୍ୱାଭାବିକ ଭାବେ ସେଠାକୁ ପଡ଼ୋଶୀମାନଙ୍କର ଆତଯାତ ହୋଇଥିଲା। ଅବଶ୍ୟ ଶ୍ରୀ ପଣ୍ଡା ତାଙ୍କ କ୍ୱାଟର୍ସକୁ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଜଳଖିଆ ତ ଦୂରର କଥା, ଚାହା କପେ ବି ଦେଉନଥିଲେ। ମାତ୍ର ସେ ଅନ୍ୟ ଘରକୁ ଗଲେ ଯଚାଯାଉଥିବା ଚାହା ଓ ଜଳଖିଆକୁ ଆଗ୍ରହ ପୂର୍ବକ ଗ୍ରହଣ କରୁଥିଲେ। ତାଙ୍କର ଏହି ଗୁଣ ବା ଅବିଗୁଣ ସହକର୍ମୀ ତଥା ସେମାନଙ୍କ ପରିବାରବର୍ଗଙ୍କ ମଧରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେମାନେ ତାଙ୍କୁ ସାମନାରେ ନହେଲେ ବି ପଛରେ ମଖିଚୋଷ ଆଖ୍ୟା ଦେଉଥିଲେ। ଏହିପରି ଭାବରେ କିନ୍ତୁ ତାଙ୍କ ଚାକିରି ଜୀବନର ଅର୍ଦ୍ଧେକ ସମୟ ନିଜ ସହରର କଲେଜରେ ବିତିଯାଇଥିଲା। ଏହି ସହର ରାଜଧାନୀଠାରୁ ପ୍ରାୟ ଏକଶହ କିଲୋମିଟର ଦୂରରେ ଥିବାରୁ ଏଠାକୁ ଆସିବାକୁ ଅଧ୍ୟାପକମାନଙ୍କର ବିଶେଷ ଆଗ୍ରହ ନଥିଲା।

ସରକାରୀ ଚାକିରି କରି ଏକ ସ୍ଥାନରେ ସମଗ୍ର ଚାକିରିକାଳ ବିତାଇଦେବା ଯେ ସମ୍ଭବପର ନୁହେଁ, ତାହା ଶ୍ରୀ ପଣ୍ଡା ଭଲ ଭାବରେ ଜାଣିଥିଲେ। ତେଣୁ ସେ ଅନ୍ୟତ୍ର, ବିଶେଷତଃ ରାଜଧାନୀକୁ ବଦଳି ହୋଇଯାଇ ସେଠାରେ ଚାକିରିର ଅବଶିଷ୍ଟ ଅର୍ଦ୍ଧେକ ସମୟ କଟାଇଦେବାକୁ ସ୍ଥିର କରିଥିଲେ। ଅବଶ୍ୟ ରାଜଧାନୀକୁ ବଦଳି ହୋଇ ଆସିବା ଏକ ସହଜ ବ୍ୟାପାର ନଥିଲା। ଏଥିଲାଗି ମୋଟା ଅଙ୍କର ଅର୍ଥ ଆବଶ୍ୟକ ହେଉଥିଲା। ଏଥିରେ କାର୍ପଣ୍ୟ ନକରି ଶ୍ରୀ ପଣ୍ଡା ହାତ ଖୋଲା କରିଦେଇଥିଲେ। ତାଙ୍କର ରାଜଧାନୀର ଏକ କଲେଜକୁ ବଦଳି ହୋଇଥିଲା। ସେଠାରେ କିନ୍ତୁ କ୍ୱାଟର୍ସ ନଥିଲା। ସେ ଘର ଭଡ଼ାନେଇ ଅବସ୍ଥାନ କରିଥିଲେ। ଅବିଳମ୍ବେ ସେ ରାଜଧାନୀର ଉପକଣ୍ଠରେ ସଞ୍ଚିତ ଅର୍ଥ ଦେଇ ଜାଗାଖଣ୍ଡେ କିଣିଦେଇଥିଲେ। ଅବସର ଗ୍ରହଣର ପ୍ରାୟ ପାଞ୍ଚବର୍ଷ ପୂର୍ବରୁ ସେ ସେଠାରେ ଗୃହ ନିର୍ମାଣ ଆରମ୍ଭ କରିଥିଲେ। ନିଜ ତତ୍ତ୍ୱାବଧାନରେ ଧୀରେସୁସ୍ଥେ ଦୁଇବର୍ଷରେ ଘର ତିଆରି ସାରିଦେଇଥିଲେ। ତା'ପରେ ଭଡ଼ାଘର ଛାଡ଼ି ସ୍ୱଗୃହକୁ ଚାଲିଆସିଥିଲେ।

ଅଧ୍ୟାପକ ଚକାଡୋଳା ପଣ୍ଡାଙ୍କର ଚାକିରିକାଳ ଯେ ସମ୍ପୂର୍ଣ୍ଣ ପ୍ରତିବନ୍ଧଶୂନ୍ୟ ଥିଲା, ତାହା ନୁହେଁ। ସରକାର ଅବିଚାରିତ ଭାବେ ପ୍ରାୟ ପାଞ୍ଚଶହ ଅଧ୍ୟାପକଙ୍କ ଚାକିରିକାଳରୁ ପାଞ୍ଚବର୍ଷ ଲେଖାଏଁ କାଟିଦେଇଥିଲେ। ଦୁର୍ଭାଗ୍ୟବଶତଃ ଶ୍ରୀ ପଣ୍ଡା

ଏମାନଙ୍କ ମଧ୍ୟରେ ରହିଯାଇଥିଲେ। ସରକାରଙ୍କ ଅନ୍ୟାୟ ନିଷ୍ପତ୍ତିର ପ୍ରତିବାଦ କରି ସଂପୃକ୍ତ ଅଧ୍ୟାପକମାନେ ଆନ୍ଦୋଳନ ଚଳାଇଥିଲେ। ଶ୍ରୀ ପଣ୍ଡା କିନ୍ତୁ ଆନ୍ଦୋଳନକୁ ବାହାରି ନଥିଲେ। "ସମସ୍ତଙ୍କର ଯାହା ହେବ, ମୋର ତାହା ହେବ", ଭାବି ସେ ଚୁପ୍ ରହିଯାଇଥିଲେ। ସଂପୃକ୍ତ ଅଧ୍ୟାପକମାନେ ବିଭିନ୍ନ ଉପାୟରେ ବର୍ଷବର୍ଷ ଧରି ଆନ୍ଦୋଳନ ଜାରି ରଖିଥିଲେ। ମାତ୍ର ଶେଷରେ ତାହା ବିଫଳ ହୋଇଥିଲା।

ଅନନ୍ୟୋପାୟ ହୋଇ ସଂପୃକ୍ତ ଅଧ୍ୟାପକମାନେ ନ୍ୟାୟ ପାଇବା ପାଇଁ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ପ୍ରଥମେ ପଣ୍ଡା ମହାଶୟ ଟଙ୍କା ଖର୍ଚ୍ଚ କରି ଟ୍ରିବ୍ୟୁନାଲକୁ ଯିବାକୁ ଚାହୁଁନଥିଲେ। ଭାବିଥିଲେ, ସମସ୍ତଙ୍କର ଯାହା ହେବ, ତାଙ୍କର ବି ତାହା ହେବ। ମାତ୍ର ପରେ ଜାଣିଲେ ଯେ, ନ୍ୟାୟାଳୟରେ ସେପରି ହୁଏନାହିଁ। ଯେଉଁ ବ୍ୟକ୍ତି ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି, କେବଳ ସେ ହିଁ ତା'ର ଫଳ ପାଆନ୍ତି। ତେଣୁ ସେ ବିଳମ୍ବରେ ହେଲେ ସୁଦ୍ଧା ଟ୍ରିବ୍ୟୁନାଲରେ ମାମଲା ଦାୟର କଲେ। ଟ୍ରିବ୍ୟୁନାଲରେ କିନ୍ତୁ ବର୍ଷବର୍ଷ ଧରି ମାମଲାଗୁଡ଼ିକ ଗଡ଼ିଚାଲିଲା। ଶେଷରେ ସେସବୁର ଶୁଣାଣି ହୋଇ ରାୟ ପ୍ରକାଶ ପାଇଲା। ରାୟ ଅବଶ୍ୟ ଅଧ୍ୟାପକମାନଙ୍କର ସପକ୍ଷରେ ଯାଇଥିଲା। ସରକାର କିନ୍ତୁ ରାୟକୁ କାର୍ଯ୍ୟକାରୀ କଲେନାହିଁ। ଦେଖିଲେ, ଏହାକୁ କାର୍ଯ୍ୟକାରୀ କଲେ ପାଞ୍ଚଶହ ଜଣ ଅଧ୍ୟାପକଙ୍କୁ ଜଣ ପିଛା ପାଞ୍ଚଲକ୍ଷ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ। ତେଣୁ ଏହି ରାୟ ବିରୋଧରେ ହାଇକୋର୍ଟରେ ଅପିଲ ଦାଖଲ କଲେ। ହାଇକୋର୍ଟ କିନ୍ତୁ ସରକାରଙ୍କ ଅପିଲକୁ ଖାରଜ କରି ଟ୍ରିବ୍ୟୁନାଲର ରାୟକୁ କାଏମ ରଖିଲେ। ନଛୋଡ଼ବନ୍ଧା ସରକାର କିନ୍ତୁ ଏହା ବିରୋଧରେ ସୁପ୍ରିମ୍‌କୋର୍ଟରେ ଏସ୍.ଏଲ୍.ପି. ଦାଖଲ କଲେ। ସେଠାରେ ବି ସମଦଶା ଭୋଗିବାକୁ ପଡ଼ିଲା। ସର୍ବୋଚ୍ଚ ଅଦାଲତ ସରକାରଙ୍କ ଏସ୍.ଏଲ୍.ପି.କୁ ଖାରଜ କରିଦେଲେ। ପରିଶେଷରେ ସଂପୃକ୍ତ ଅଧ୍ୟାପକମାନେ ନ୍ୟାୟ ପାଇଲେ। ସେତେବେଳକୁ କିନ୍ତୁ ଅଧେ ଅଧ୍ୟାପକ ଚାକିରିରୁ ଅବସର ନେଇସାରିଥିଲେ।

ଅଦାଲତର ରାୟକୁ କାର୍ଯ୍ୟକାରୀ କରିବା ପାଇଁ ଅଧ୍ୟାପକମାନେ ମନପ୍ରାଣ ଦେଇ ଲାଗିପଡ଼ିଲେ। ସେମାନେ ବିଭାଗର ସେକ୍ରେଟାରୀଙ୍କୁ ଦେଖା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କଲେ। ଧୈର୍ଯ୍ୟର ସହ ସମସ୍ତ କଥା ଶୁଣି ସେକ୍ରେଟାରୀ କହିଲେ, "ବ୍ୟସ୍ତ ହୁଅନ୍ତୁ ନାହିଁ। ମୋ ପାଖକୁ ଫାଇଲ ଆସିଲେ ମୁଁ କରିଦେବି।" ତେଣେ କିନ୍ତୁ ଫାଇଲକୁ ପକାଇରଖିଥିବା ସଂପୃକ୍ତ କିରାଣି ବା ଡିଲିଙ୍ଗ ଆସିଷ୍ଟାଣ୍ଟ ଜଗତ୍‌ଗୁରୁ ମହାପାତ୍ର ତାହା ଛାଡ଼ିଲେନାହିଁ। ଅଧ୍ୟାପକମାନେ ତାଙ୍କୁ ଦେଖାକଲାରୁ ସେ କହିଲେ, "ଆପଣମାନେ ତ ଜଣପିଛା ପାଞ୍ଚଲକ୍ଷ ଟଙ୍କା କରି

ପାଇବେ। ମୋତେ ଆଗ ପାଞ୍ଚହଜାର ଟଙ୍କା ଲେଖାଏଁ ଦିଅନ୍ତୁ। ତା'ପରେ ମୁଁ ଫାଇଲ ଛାଡ଼ିବି।" ବର୍ଷବର୍ଷ ଧରି ଅଦାଲତରେ ଲଢ଼ିଥିବା ଅଧ୍ୟାପକମାନେ କିନ୍ତୁ ପାଞ୍ଚହଜାର କ'ଣ, ପଚାଶ ଟଙ୍କା ଦେବାକୁ ବି ରାଜି ହୋଇନଥିଲେ। ବରଂ ସେମାନେ ଅଦାଲତ ଅବମାନନା ମାମଲା ଦାଖଲ କରିବାକୁ ପ୍ରସ୍ତୁତି ଚଳାଇଥିଲେ।

ଏତିକିବେଳେ ବିଭାଗୀୟ ସେକ୍ରେଟାରୀଙ୍କର ବଦଳି ହୋଇଯାଇଥିଲା; ନୂଆ ସେକ୍ରେଟାରୀ ଆସି କାର୍ଯ୍ୟରେ ଯୋଗଦେଇଥିଲେ। ଅଧ୍ୟାପକ ଚକାଡୋଳା ପଣ୍ଡା (ଅବସରପ୍ରାପ୍ତ) ଘୋଷଣା କରିଦେଲେ ଯେ, ନୂଆ ସେକ୍ରେଟାରୀ ତାଙ୍କର ଭାଇ ହେବେ। ଅବଶ୍ୟ ଉଭୟଙ୍କର ସାଁଙ୍ଗ୍ଧା ଏକା ଥିଲା ଏବଂ ଉଭୟ ଏକା ଗାଆଁରୁ ଆସିଥିଲେ। ସେକ୍ରେଟାରୀଙ୍କର କିନ୍ତୁ ଗାଆଁ ସହ କୌଣସି ସମ୍ପର୍କ ନଥିଲା କିମ୍ବା ସେ ଗାଆଁର କୌଣସି ଲୋକଙ୍କୁ ଚିହ୍ନିନଥିଲେ। ଏଣେ ଶ୍ରୀ ପଣ୍ଡାଙ୍କ ଘୋଷଣା ଅଧ୍ୟାପକ ମହଲରେ ବିଦ୍ୟୁତ୍ ବେଗରେ ଖେଳିଯାଇଥିଲା; ସେମାନେ ତାଙ୍କର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରି ରହିଥିଲେ।

ଶ୍ରୀ ପଣ୍ଡା ସେକ୍ରେଟାରୀଙ୍କୁ ଦେଖା କରି ତାଙ୍କର ଗୁହାରି ଜଣାଇବାକୁ ସ୍ଥିର କଲେ। ସେ ଭାବିଲେ, ସେକ୍ରେଟାରୀଙ୍କୁ ଭେଟି ତାଙ୍କର ପରିଚୟ ଦେବେ। ସେକ୍ରେଟାରୀଙ୍କ ବାପା ଓ ତାଙ୍କର ବାପା ଖୁବ୍ ଘନିଷ୍ଠ ଥିଲେ ବୋଲି କହିବେ। ସେକ୍ରେଟାରୀ ନିଶ୍ଚୟ ତାଙ୍କ କଥା ଶୁଣିବେ – ଶ୍ରୀ ପଣ୍ଡାଙ୍କର ଏ ବିଶ୍ୱାସ ଜାତ ହୋଇଥିଲା। ସେହି ଅନୁସାରେ ଦିନେ ସେ କାଗଜପତ୍ର ଧରି ତାଙ୍କୁ ଦେଖା କରିବାକୁ ବାହାରିପଡ଼ିଲେ। ସେକ୍ରେଟାରିଏଟ୍‌ର ଫାଟକ ପାଖରେ ଥିବା ଅଭ୍ୟର୍ଥନା କକ୍ଷରେ ପହଞ୍ଚି ପ୍ରବେଶପତ୍ର ପାଇଁ ଦୀର୍ଘ ତିନିଘଣ୍ଟା ଯୁଝିଲେ। ଶେଷରେ ଅବଶ୍ୟ ତାଙ୍କର ବିଜୟ ହେଲା। ପ୍ରବେଶପତ୍ର ହାତରେ ଧରି ସେ ଭିତରେ ପ୍ରବେଶ କଲେ।

ସେଦିନ ପ୍ରଥମ ସୋପାନ ଉତ୍ତୀର୍ଣ୍ଣ ହେବାରେ ସଫଳ ହୋଇଥିବାରୁ ଶ୍ରୀ ପଣ୍ଡା ଉତ୍‌ଫୁଲ୍ଲ ହୋଇପଡ଼ିଥିଲେ। ସେ ସିଧା ପ୍ରାଇଭେଟ ସେକ୍ରେଟାରୀଙ୍କ ପାଖେ ପହଞ୍ଚି କହିଲେ, "ମୁଁ ସେକ୍ରେଟାରୀଙ୍କ ଭାଇ; ତାଙ୍କୁ ଦେଖା କରିବାକୁ ଆସିଛି।" ତତ୍‌କ୍ଷଣାତ୍ ପ୍ରାଇଭେଟ୍ ସେକ୍ରେଟାରୀ ଉତ୍ତର ଦେଲେ, "ଆପଣ ଯଦି ସେକ୍ରେଟାରୀଙ୍କ ଭାଇ, ତେବେ ତାଙ୍କ ଘରକୁ ଯାଇ ଦେଖା କରନ୍ତୁ।" କଥା ଏ ଆଡ଼କୁ ଯିବ ବୋଲି ପଣ୍ଡା ମହାଶୟ ଆଦୌ ଭାବିନଥିଲେ। ସେ କିଛି ସମୟ ସ୍ତବ୍ଧ ହୋଇ ଛିଡ଼ା ହୋଇଥିଲେ। ତା'ପରେ ପ୍ରାଇଭେଟ ସେକ୍ରେଟାରୀଙ୍କୁ ଯେତେ ନେହୁରା ହୋଇ କହିଲେ ସୁଦ୍ଧା ସେ ଆଉ ତାଙ୍କ କଥା ଶୁଣିନଥିଲେ।

ପ୍ରାଇଭେଟ ସେକ୍ରେଟାରୀଙ୍କ ପ୍ରକୋଷ୍ଠରୁ ବାହାରିଲାବେଳକୁ ଶ୍ରୀ ପଣ୍ଡାଙ୍କର ମୁଣ୍ଡ ଝାଇଁଝାଇଁ ହୋଇଯାଇଥିଲା। ସେ କ୍ୟାଣ୍ଟିନକୁ ଯାଇ କପେ ଚାହା ପିଇଥିଲେ। ତା'ପରେ ମନରୁ ହତାଶା ଭାବ ପୋଛିଦେଇ ସଂପୃକ୍ତ କିରାଣି ଜଗତ୍‌ଗୁରୁଙ୍କୁ ଦେଖା କଲେ ଏବଂ ତାଙ୍କ କାମ କରିଦେବା ପାଇଁ ଅନୁରୋଧ ଜଣାଇଲେ। ପୂର୍ବବତ୍ ପାଞ୍ଚହଜାର ଟଙ୍କା ଦେଲେ କାମ ଚଟାପଟ୍ କରିଦେବେ ବୋଲି ଜଗତ୍‌ଗୁରୁ ରୋକ୍‌ଠୋକ୍ ଜଣାଇଦେଲେ। ଧୈର୍ଯ୍ୟହରା ହୋଇ ଶ୍ରୀ ପଣ୍ଡା କହିଲେ, "ମୁଁ ଅଦାଲତ ଅବମାନନା ମାମଲା ଦାଖଲ କରିବି।" ହସିହସି ଜଗତ୍‌ଗୁରୁ ଭାଷିଲେ, "ତଦ୍ୱାରା ଦରକାର ପଡ଼ିଲେ ସେକ୍ରେଟାରୀ ବନ୍ଧା ହେବେ ସିନା, ମୋର କିଛି ହେବନାହିଁ।" ରାଗିଯାଇ ଶ୍ରୀ ପଣ୍ଡା କହିଲେ, "ଆପଣ ସେମିତି କ'ଣ କଥାବାର୍ତ୍ତା କରୁଛନ୍ତି। ଜାଣିଛନ୍ତି, ସେକ୍ରେଟାରୀ ମୋର ଭାଇ ହେବେ।" ଆହୁରି ଜୋର୍‌ରେ ହସି ଜଗତ୍‌ଗୁରୁ କହିଲେ, "ଯଦି ସେକ୍ରେଟାରୀ ଆପଣଙ୍କର ଭାଇ, ତେବେ ଯାଇ ତାଙ୍କୁ କହନ୍ତୁ।" ଚାରିଆଡୁ ବିଫଳ ହୋଇ ଶ୍ରୀ ପଣ୍ଡା ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

"ପଛଘୁଞ୍ଚା ନାହିଁ ବୀରର ଜାତକେ" ମନେପକାଇ ଶ୍ରୀ ପଣ୍ଡା ତା' ପରଦିନ ସକାଳେ ଶ୍ରୀ କେଶବ କର୍ମକାରଙ୍କ ଘରେ ପହଞ୍ଚିଥିଲେ। ଶ୍ରୀ କର୍ମକାର ଏକ କଲେଜର ଲାବ୍ ଆଟେଣ୍ଡାଣ୍ଟ ପଦରୁ ଅବସର ନେଇ ରାଜଧାନୀ ପାଖରେ ଏକ ଘର ତିଆରି କରି ରହୁଥିଲେ। ସେ ସ୍କୁଲ, କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କର ଛୁଟି ମଞ୍ଜୁରିଠାରୁ ଆରମ୍ଭ କରି ବଦଳି ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଅନାୟାସରେ କରାଇ ଆଣିପାରୁଥିଲେ। ଏଥିପାଇଁ ଅବଶ୍ୟ ସେ ହିତାଧିକାରୀଙ୍କଠାରୁ ଅର୍ଥ ନେଇ ସଂପୃକ୍ତ କିରାଣିଙ୍କୁ ପ୍ରଦାନ କରୁଥିଲେ। ତାଙ୍କର 'ମାର୍ଜିନ' କିନ୍ତୁ ଖୁବ୍ କମ୍ ରହୁଥିଲା। ପରୋପକାରକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିବା ଶ୍ରୀ କର୍ମକାର ଅବସର ନେବା ପରେ ପୂରା ସମୟ ଏହି କାର୍ଯ୍ୟରେ ବିନିଯୋଗ କରୁଥିଲେ। ସେ ଯେଉଁ କାର୍ଯ୍ୟରେ ହାତ ଦେଉଥିଲେ, ତହିଁରେ ନିଶ୍ଚୟ ସଫଳତା ହାସଲ କରୁଥିଲେ। ଶିକ୍ଷା ବିଭାଗରେ ତଳୁ ଉପର ଯାଏ ସମସ୍ତେ ତାଙ୍କର ଜଣାଥିଲେ।

ଶ୍ରୀ ପଣ୍ଡାଙ୍କଠାରୁ ଆସିବାର ଅଭିପ୍ରାୟ ଶୁଣି ଶିକ୍ଷା ବିଭାଗର ଟିକିନିଖି ଖବର ରଖୁଥିବା ଶ୍ରୀ କର୍ମକାର କହିଲେ, "ଜଗତ୍‌ଗୁରୁ ମହାପାତ୍ର ତ ଏ କାମ ଲାଗି ପାଞ୍ଚହଜାର ଟଙ୍କା ଦାବି କରୁଛି।" ବିନା ବାକ୍ୟବ୍ୟୟରେ ଶ୍ରୀ ପଣ୍ଡା ହାଣ୍ଡବ୍ୟାଗରୁ ପାଞ୍ଚହଜାର ଟଙ୍କା କାଢ଼ି ତାଙ୍କ ହାତକୁ ବଢ଼ାଇଦେଇଥିଲେ। ମୁଲଚାଲ ନକରି ସେ ଏତେ ଟଙ୍କା ଧରାଇଦେବେ ବୋଲି କର୍ମକାର ଆଦୌ ଭାବିନଥିଲେ। ଟଙ୍କା ହାତରେ ଧରି ସେ

କହିଲେ, "ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ମୁଁ ଅର୍ଡ଼ର ଆପଣଙ୍କ ପାଖେ ପହଞ୍ଚାଇଦେବାକୁ ଚେଷ୍ଟା କରିବି।" ମୁହଁରେ ବିଜୟର ଛାପ ନେଇ ଶ୍ରୀ ପଣ୍ଡା ଘରକୁ ବାହୁଡ଼ିଥିଲେ।

ବିଳମ୍ୱ ନକରି ତରତର ହୋଇ କର୍ମକାର ସେକ୍ରେଟାରିଏଟ୍ ଅଭିମୁଖେ ବାହାରିପଡ଼ିଥିଲେ। ଚିହ୍ନା ବ୍ରାହ୍ମଣର ପଇତା ଦରକାର ନାହିଁ। କର୍ମକାରଙ୍କର ପ୍ରବେଶପତ୍ର ଆବଶ୍ୟକ ନଥିଲା। ସେ ସିଧା ଜଗତ୍‌ଗୁରୁଙ୍କ ପାଖରେ ପହଞ୍ଚି ଶ୍ରୀ ପଣ୍ଡାଙ୍କର ନାମଧାମ ଲେଖାଥିବା ଖଣ୍ଡେ କାଗଜ ଓ ନୋଟ୍‌ବିଡ଼ା ତାଙ୍କ ହାତକୁ ବଢ଼ାଇଦେଇଥିଲେ। ତା'ପରେ ଜଗତ୍‌ଗୁରୁଙ୍କର ସଂକ୍ଷିପ୍ତ ପ୍ରଶ୍ନ ଥିଲା, "କେତେ ଅଛି ?" "ପାଞ୍ଚହଜାର", କର୍ମକାରଙ୍କର ଅନୁରୂପ ଉତ୍ତର ଥିଲା। ପାଟିରୁ ଯେଉଁ ଅଙ୍କ ବାହାରିଥିଲା, ସେହି ପରିମାଣର ଅର୍ଥ ମିଳିଯାଇଥିଲା; ମୂଲଚାଲର ପ୍ରଶ୍ନ ନଥିଲା। ପ୍ରସନ୍ନ ହୋଇ ଜଗତ୍‌ଗୁରୁ କହିଲେ, "ଆସନ୍ତାକାଲି ଉପରଓଳି ଆସି ସାର୍‌ଙ୍କର ଅର୍ଡ଼ର ନେଇଯିବେ।" ନିଜର ଭାଗ ଜଗତ୍‌ଗୁରୁଙ୍କଠାରୁ ଗ୍ରହଣ କରି କର୍ମକାର ବିଦାୟ ନେଇଥିଲେ।

ତା' ପରଦିନ ଯଥାସମୟରେ ସେକ୍ରେଟାରିଏଟ୍‌କୁ ଯାଇ ସେ ଜଗତ୍‌ଗୁରୁଙ୍କଠାରୁ ଅର୍ଡ଼ରର 'ପର୍ସନାଲ କପି' ଗ୍ରହଣ କରିଥିଲେ। ତାହାକୁ ନେଇ ସିଧାସଳଖ ଶ୍ରୀ ପଣ୍ଡାଙ୍କ ଘରେ ପହଞ୍ଚି ତାଙ୍କ ହାତକୁ ବଢ଼ାଇଦେଇଥିଲେ। କହିଥିଲେ, "ଏଥର କଲେଜରେ ବିଲ୍ ପ୍ରସ୍ତୁତ କରାଇ ଟ୍ରେଜେରିକୁ ପଠାଇ ଆପଣଙ୍କ ପ୍ରାପ୍ୟ ପାଞ୍ଚଲକ୍ଷ ଟଙ୍କା ଉଠାଇନେବେ।" "ମୁଁ ତୁରନ୍ତ ତାହା କରିବି। ଆପଣ କିନ୍ତୁ ଟଙ୍କା ଦେଇ ମୁଁ କାମ କରାଇଛି ବୋଲି କାହାରିକି କହିବେନାହିଁ", ଅନୁନୟ ହୋଇ ଶ୍ରୀ ପଣ୍ଡା କହିଥିଲେ। ହସିଦେଇ କର୍ମକାର ତାଙ୍କର ପ୍ରାପ୍ୟ ପକେଟରେ ପୂରାଇ ବିଦାୟ ନେଇଥିଲେ।

ଅର୍ଡ଼ରର କପି ପାଇ ଅଧ୍ୟାପକ ଚକାଡୋଳା ପଣ୍ଡା ଆନନ୍ଦରେ ଅଧୀର ହୋଇ-ଉଠିଥିଲେ। ସେ ତୁରନ୍ତ ବାଛିବାଛି ଦୁଇଜଣ ଅଧ୍ୟାପକଙ୍କୁ ଫୋନ୍ କରି ଏହା ଜଣାଇଦେଇଥିଲେ। ଅବିଶ୍ୱାସ ସ୍ୱରରେ ସେମାନେ ପ୍ରଶ୍ନ କରିଥିଲେ, "ଏହା କିପରି ସମ୍ଭବ ହେଲା ?" "ମୋ ଭାଇ ସେକ୍ରେଟାରୀ ତ। ତାଙ୍କୁ କହି କରାଇଦେଲି," ଶ୍ରୀ ପଣ୍ଡା ଉତ୍ତର ଦେଇଥିଲେ। ଅବିଶ୍ୱାସର ବାଦଲ ଘୁଞ୍ଚିଯାଇଥିଲା। ତତ୍ ସଙ୍ଗେସଙ୍ଗେ ସେହି ଦିନ ହିଁ ରାଜ୍ୟସାରା ଏ ଖବର ବ୍ୟାପିଯାଇଥିଲା।

ତା' ପରଦିନଠାରୁ ଶ୍ରୀ ପଣ୍ଡାଙ୍କ ଘରେ ଅଧ୍ୟାପକମାନଙ୍କର ଧାଡ଼ି ଲାଗିଥିଲା। ସେ ସମସ୍ତଙ୍କ ମୁହଁରେ ଗୋଟେ କଥା, "ଆପଣଙ୍କ ଭାଇ ସେକ୍ରେଟାରୀ। ଆପଣ ତାଙ୍କୁ କହି ଆପଣଙ୍କ କାମ କରାଇଦେଇଛନ୍ତି। ଆମ ପାଇଁ କହି ଆମ କାମ କରାଇଦିଅନ୍ତୁ।" ଶ୍ରୀ ପଣ୍ଡାଙ୍କର ବି ଗୋଟେ ଉତ୍ତର, "ମୁଁ ଭାଇଙ୍କୁ କହି ଆପଣମାନଙ୍କ କାମ ନିଶ୍ଚୟ

କରିଦେବି। ମୋତେ ଟିକେ ସମୟ ଦିଅନ୍ତୁ।" ସେ ଖଣ୍ଡେ କାଗଜରେ ଅଧ୍ୟାପକମାନଙ୍କର ନାମଧାମ ଲେଖିରଖି ସେମାନଙ୍କୁ ବିଦାୟ ଦେଉଥାନ୍ତି। ଗଲାବେଳେ କିନ୍ତୁ କହୁଥାନ୍ତି, "ମୋତେ ଫୋନ୍ କରିବେନାହିଁ। ଦରକାର ହେଲେ ଏଠାକୁ ଆସି କାମର ଅଗ୍ରଗତି ବୁଝିଯିବେ।" ଅଧ୍ୟାପକମାନେ ମନରେ ଆଶା ନେଇ ଫେରୁଥିଲେ। ତେଣୁ ଦ୍ୱିତୀୟ ବା ତୃତୀୟ ଥର ଆସିଲାବେଳେ ଖାଲିହାତରେ ଆସୁନଥିଲେ। ମିଠା, ଫଳ ଆଦି ଆଣି ଆସୁଥିଲେ। ଶ୍ରୀ ପଣ୍ଡାଙ୍କ ଘରେ ସେମାନଙ୍କର ଭିଡ଼ ଜମୁଥିଲା।

ପାଠକେ! ପଡ଼ୋଶୀମାନେ ଭିଡ଼ର କାରଣ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଥିଲେ, ମୁଁ ତାହା ଆପଣମାନଙ୍କ ଆଗରେ ପରିବେଷଣ କଲି। ଏହି ଭିଡ଼ କିନ୍ତୁ ବେଶିଦିନ ଲାଗିନଥିଲା; ହଠାତ୍ ଏହା ଠପ୍ ହୋଇଯାଇଥିଲା। ପଡ଼ୋଶୀମାନେ ତା'ର କାରଣ ବି ଖୋଜିବସିଥିଲେ। ସେମାନେ ଯେଉଁ ଖବର ସଂଗ୍ରହ କରିଥିଲେ, ତାହା ଏ ଲେଖକ ପାଖରୁ ଚିପୁଡ଼ିନେବାକୁ ଆପଣମାନେ ଟାକିବସିଥିବେ। ତେଣୁ ତାହା ଆପଣମାନଙ୍କୁ ଜଣାଇ ମୋ ଲେଖା ଶେଷ କରିବି।

ଅଧ୍ୟାପକମାନେ ଦୁଇତିନିଥର ଦୌଡ଼ିବା ପରେ ବି ସେମାନଙ୍କ କାର୍ଯ୍ୟର କିଛି ଅଗ୍ରଗତି ହୋଇନଥିଲା। ସେମାନଙ୍କ ମନରେ ସନ୍ଦେହ ଉଙ୍କିମାରିଥିଲା। ଠିକ୍ ଏତିକିବେଳେ କେଶବ କର୍ମକାର ଗୁମର ଖୋଲିଦେଇଥିଲେ। ସେ କହୁକହୁ ସତକଥା ଓଗାଳିପକାଇଥିଲେ। ବାରବର୍ଷର ଗୋଇ ଦିନେ ବାଟରେ ପଡ଼େ; ଅର୍ଥାତ୍ ଗୁପ୍ତକଥା ଲୁଚିରହେ ନାହିଁ। ଚକାଡୋଳା ସେକ୍ରେଟାରୀଙ୍କୁ କହିବୋଲି ନୁହେଁ, ବରଂ ଜଗତ୍‌ଗୁରୁଙ୍କୁ ଉତ୍କୋଚ ଦେଇ କାର୍ଯ୍ୟ ହାସଲ କରିଛନ୍ତି– ଏହା ଜଣାପଡ଼ିଯାଇଥିଲା। ଏହା ଜାଣି ଅଧ୍ୟାପକମାନେ ଛିଛା କରି ଶ୍ରୀ ପଣ୍ଡାଙ୍କ ଆଡ଼ୁ ମୁହଁ ଫେରାଇନେଇଥିଲେ। ତା'ପରେ ସେମାନେ ନ୍ୟାୟ ପାଇବା ପାଇଁ ଲାଞ୍ଚ ନଦେଇ ଅଦାଲତ ଆଡ଼କୁ ମୁହାଁଇଥିଲେ।

●

# ଚାଲୁଣି ବୋଲେ ଛୁଞ୍ଚିକି

ପୁଅ ବାହାଘରର ନିମନ୍ତ୍ରଣପତ୍ର ଛପା ହୋଇ ଆସିବା ଦିନ ପ୍ରଥା ଓ ପରମ୍ପରାକୁ ଜାବୁଡ଼ିଥିବା ଅଧ୍ୟାପକ ଭଗବାନ ଦାସ ଓରଫ ଦାସେ ଶ୍ରୀକ୍ଷେତ୍ରକୁ ଧାଇଁଥିଲେ । ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର ପ୍ରଦାନ ପୂର୍ବକ ବାହାଘରକୁ ଆସିବା ପାଇଁ ଆକୁଳ ପ୍ରାର୍ଥନା କରିଥିଲେ । ପୁରୀରୁ ଫେରି ସେଦିନ ଆଉ କୁଆଡ଼େ ନଯାଇ ବିଶ୍ରାମ ନେଇଥିଲେ ।

ଦାସେ ଚାକିରିରେ ଥିବା ଅବସ୍ଥାରେ ଏକମାତ୍ର ପୁତ୍ରର ବିବାହ ସାରିଦେବାକୁ ଚାହୁଁଥିଲେ । ମାତ୍ର ତାହା ସମ୍ଭବ ହୋଇନଥିଲା । ସେଥିଲାଗି ଦାସେଙ୍କର ଅବଶ୍ୟ ଦୁଃଖ ନଥିଲା । କାରଣ ସେ ନିୟତିବାଦ (determism)ରେ ବିଶ୍ୱାସ କରୁଥିଲେ । ବାରମ୍ବାର କହୁଥିଲେ, "କପାଳ ଲିଖନ କେ କରିବ ଆନ ।" ଦାସେ ସମସ୍ତ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଯେପରି କୌଣସି ସମ୍ପର୍କୀୟ ବ୍ୟକ୍ତି ବାଦ୍ ନପଡ଼ନ୍ତି, ସେଥିଲାଗି ସେ ଯଥେଷ୍ଟ ପୂର୍ବରୁ ସେମାନଙ୍କର ତାଲିକା ପ୍ରସ୍ତୁତ କରିଦେଇଥିଲେ ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପରେ ଦାସେ ତାଙ୍କର ବନ୍ଧୁ ତଥା ପୂର୍ବତନ ସହକର୍ମୀ ଶ୍ରୀ ଜଗତ୍‌ଗୁରୁ ମହାପାତ୍ରଙ୍କୁ ନିମନ୍ତ୍ରଣ କରିବା ପାଇଁ ସ୍ଥିର କରିଥିଲେ । ଉଭୟ ଏକ ସଙ୍ଗରେ ଅଧ୍ୟାପନା ଆରମ୍ଭ କରିଥିଲେ । ମାତ୍ର ପରେ ଶ୍ରୀ ମହାପାତ୍ର ଭାରତ ସରକାରଙ୍କ ଏକ ଉଦ୍ୟୋଗରେ ଚାକିରି ପାଇ ଚାଲିଯାଇଥିଲେ । ତାଙ୍କ ଚାକିରି ଜୀବନର ଅଧିକାଂଶ ସମୟ ରାଜ୍ୟ ବାହାରେ କଟିଥିଲା । ଦାସେଙ୍କ ଆଗରୁ ଅବସର ନେଇ ସେ ତାଙ୍କ ସହରକୁ ପୁଣି ଫେରିଆସିଥିଲେ । ଦାସେଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ କିନ୍ତୁ ଶେଷଆଡ଼କୁ ସାମାନ୍ୟ ଶିଥିଳ ହୋଇଯାଇଥିଲା ।

ପରଦିନ ଦାସେ ନିମନ୍ତ୍ରଣପତ୍ର ନେଇ ବନ୍ଧୁ ଶ୍ରୀ ମହାପାତ୍ରଙ୍କ ଘରେ ପହଞ୍ଚିଥିଲେ । ଅବଶ୍ୟ ଏଥିଭିତରେ ଶ୍ରୀ ମହାପାତ୍ରଙ୍କ ପୁଅ ସମୀରର ବିବାହ ହୋଇଯାଇଥିବା ଖବର ସେ ଆଗରୁ ପାଇଥିଲେ । ଘର କାନ୍ଥରେ ବାହାଘର ଚିତା ଦେଖି ସେ ଏନେଇ ସୁନିଶ୍ଚିତ ହୋଇଥିଲେ । କିନ୍ତୁ ଉଦାରମନା ଦାସେ ଏଥିଲାଗି କିଛି ବି ଖରାପ ଭାବିନଥିଲେ ।

କଲିଂବେଲ୍ ମାରି ଦାସେ କିଛି ସମୟ ଛିଡ଼ା ହୋଇ ରହିଲେ । ଭାବିଲେ, ଶ୍ରୀ ମହାପାତ୍ର ଆସିବେ ଏବଂ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବେ । ମାତ୍ର ପୁଅ ସମୀର ଆସି କବାଟ ଖୋଲିଲା ଏବଂ ନମସ୍କାର କଲା । ପୂର୍ବ ଅଭ୍ୟାସବଶତଃ ଦାସେ ସିଧା ଭିତରକୁ ଆସି ବୈଠକଖାନାରେ ବସିପଡ଼ିଲେ । ସେ ଗତାନୁଗତିକ ରୀତିରେ "କିପରି ଅଛୁ" ବୋଲି ପଚାରିଥିଲେ ଏବଂ ସେହି ରୀତିରେ "ଭଲ ଅଛି" ବୋଲି ଉତ୍ତର ପାଇଥିଲେ । "ହଉ ବାପାଙ୍କୁ ଡାକିଦେ", ଦାସେ କହିଥିଲେ । "ବାପା ତ ଏଠାରେ ରହୁନାହାନ୍ତି", ପୁଅ ଜବାବ ଦେଇଥିଲା । ବିସ୍ମିତ ହୋଇ ଦାସେ ପଚାରିଥିଲେ, "ସେ କେଉଁଠି ରହୁଛନ୍ତି ?" ନିର୍ବିକାର ଭାବେ ପୁଅ କହିଥିଲା, "ସେ ରାଜଧାନୀରେ ତାଙ୍କ ଶ୍ୱଶୁରଙ୍କ ଘରେ ରହୁଛନ୍ତି ।"

ଭୟଙ୍କର କ୍ରୋଧରେ ଦାସେଙ୍କର ଦେହ ଥରିଉଠିଥିଲା । ମନେମନେ କହିଥିଲେ, "ବଦମାସ କହିପାରୁନୁ ଯେ, ବାପା ମାମୁଘରେ ରହୁଛନ୍ତି । କହୁଛୁ କ'ଣ ନା, ସେ ତାଙ୍କ ଶ୍ୱଶୁରଙ୍କ ଘରେ ରହୁଛନ୍ତି ।" ମାତ୍ର ଦାସେ କୌଣସିମତେ ନିଜର କ୍ରୋଧକୁ ଚାପିଧରିଥିଲେ । ଏତିକିବେଳେ ଏକ ଫିଟ୍‌ଫାଟ୍ ଯୁବତୀ ଦ୍ରୁତ ଗତିରେ ଭିତରୁ ଆସି ବୈଠକଖାନା ଦେଇ ବାହାରକୁ ଚାଲିଯାଇଥିଲେ । ଦାସେ ଜିନ୍ ପୋଷାକ ପରିହିତା ଏହି ଆଧୁନିକା ଯୁବତୀଙ୍କ ଯିବା ପଥକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁରହିଥିଲେ । ତାଙ୍କ ଶଙ୍କା ଦୂର କରି ସମୀର କହିଲା, "ସେ ମୋର ଶାଳୀ ହେବେ । ସାଢ଼େ ନଅଟା ବାଜିଲାଣି । ଅଫିସ ବେଳ ହୋଇଗଲାଣି । ତେଣୁ ତରତର ହୋଇ ଚାଲିଗଲେ ।" ତା'ର ସ୍ପଷ୍ଟୀକରଣ ନସରୁଣୁ ଜନୈକା ମଧ୍ୟମ ବୟସ୍କା ତଥା ରୁଚିପୂର୍ଣ୍ଣା ଭଦ୍ରମହିଳା ଯୁବତୀଙ୍କ ପଥ ଅନୁସରଣ କରି ବାହାରକୁ ବାହାରିଗଲେ । ବାହାରେ ଗାଡ଼ି ଷ୍ଟାର୍ଟ ହେବାର ଶବ୍ଦ ଶୁଭିଲା । ଯୁବତୀଙ୍କୁ ବଳେଇଦେଇ ଭଦ୍ରମହିଳା ଅବଶ୍ୟ ତୁରନ୍ତ ଫେରିଆସିଲେ । ସମୀର ଦାସେଙ୍କ ସହ ତାଙ୍କର ପରିଚୟ କରାଇଦେଲା । ଦାସେଙ୍କୁ ବାପାଙ୍କର ବନ୍ଧୁ ଓ ଭଦ୍ରମହିଳାଙ୍କୁ ତା'ର ଶାଶୂ ବୋଲି ଚିହ୍ନାଇଦେଲା । ଭଦ୍ରମହିଳା ଦାସେଙ୍କୁ ନମସ୍କାର କରି ଚାହା ଆଣିବା ପାଇଁ ଭିତରକୁ ଚାଲିଗଲେ ।

ଦାସେ ସମୀରକୁ ପଚାରିଲେ, "ତୁମେ ତେବେ ଏଠି କେତେ ଜଣ ରହୁଛ ?" "ମୋ ଶାଶୂ, ମୁଁ, ମୋ ପତ୍ନୀ ଓ ମୋ ଶାଳୀ – ଆମେ ଚାରିଜଣ ରହୁଛୁ", ନିର୍ବିକାର ଭାବେ ସମୀର ଉତ୍ତର ଦେଲା । ତା'ପରେ ଦାସେଙ୍କ ପ୍ରଶ୍ନ ଥିଲା, "ଶ୍ୱଶୁର କୁଆଡ଼େ ଗଲେ ?" ସମୀର କ୍ଷଣିକ ପାଇଁ ନୀରବ ରହିଲା; ଏ ପ୍ରଶ୍ନ ତାକୁ ଆଘାତ ଦେଲା ପରି ବୋଧହେଲା । ବାଷ୍ପୀୟ କଣ୍ଠରେ ସେ କହିଲା, "ମୋ ବାହାଘର ପୂର୍ବରୁ ତାଙ୍କର

ଅକାଳ ବିୟୋଗ ଘଟିଥିଲା । ତାଙ୍କୁ ଦେଖିବାର ସୁଯୋଗ ମୁଁ ପାଇନାହିଁ ।” କଥା ବଦଳାଇ ଦାସେ ପଚାରିଲେ, “ଜେଜେଙ୍କ ଖବର କ’ଣ ?” ସମୀର କହିଲା, “ସେ ତ ଗାଆଁରେ ରହୁଛନ୍ତି । ସେଠାରେ ଦାଦା, ଖୁଡ଼ୀ ଅଛନ୍ତି । ତେଣୁ ଜେଜେଙ୍କର କିଛି ଅସୁବିଧା ନାହିଁ ।” ଦାସେ ସାମାନ୍ୟ ଆଶ୍ୱସ୍ତି ବୋଧ କରିଥିଲେ । ସମୀରର ଶାଶୂ ହାତରେ ଚାହା ଧରି ପ୍ରବେଶ କରିଥିଲେ । ତାଙ୍କ ପଛେପଛେ ତା’ର ସ୍ତ୍ରୀ ମୁଣ୍ଡରେ ଓଢ଼ଣା ଦେଇ ଖୁବ୍ ସଂଭ୍ରମତାର ସହ ଆସିଥିଲେ । ସେ ଦାସେଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଏବଂ ଦାସେ ତାଙ୍କୁ ଆଶୀର୍ବାଦ କରିଥିଲେ । ତା’ପରେ ମାଆ ଓ ଝିଅ ଭିତରକୁ ଚାଲିଯାଇଥିଲେ । ଦାସେ ନୀରବରେ ଚାହାପାନ କରିସାରି ସେଠାରୁ ବିଦାୟ ନେଇଥିଲେ ।

ଅଧ୍ୟାପକ ଭଗବାନ ଦାସ ଓରଫ ଦାସେ ନିମନ୍ତ୍ରଣପତ୍ର ହାତରେ ଧରି ଘରକୁ ଫେରିଯିବାକୁ ଚାହୁଁନଥିଲେ । ତେଣୁ ସେ ସିଧା ବସ୍‌ଷ୍ଟାଣ୍ଡକୁ ଯାଇ ସେଠାରୁ ରାଜଧାନୀକୁ ବସ୍ ଧରିଥିଲେ । ବସ୍‌ରୁ ଓହ୍ଲାଇ ଅଟୋରିକ୍ସା ଯୋଗେ ବନ୍ଧୁ ଶ୍ରୀ ଜଗତ୍‌ଗୁରୁ ମହାପାତ୍ରଙ୍କ ଶ୍ୱଶୁରଙ୍କ ଘରେ ପହଞ୍ଚିଥିଲେ । ପ୍ରାୟ ଚାରିଦଶନ୍ଧି ତଳର କଥା ତାଙ୍କ ମାନସପଟରେ ଭାସିଉଠିଥିଲା । ଶ୍ରୀ ମହାପାତ୍ରଙ୍କ ବାହାଘରରେ ସେ ଏଠାକୁ ବରଯାତ୍ରୀ ହୋଇ ଆସିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସେ ସମୟରେ ‘ମଣ୍ଡପ’ରେ ବିବାହ କାର୍ଯ୍ୟ ହେବା କଥା ଚିନ୍ତାର ବାହାରେ ଥିଲା । ପାରିପାର୍ଶ୍ୱିକ ସ୍ଥିତିରେ ବିରାଟ ପରିବର୍ତ୍ତନ ଘଟିଥିବା ଦାସେ ଲକ୍ଷ୍ୟ କରିଥିଲେ । ବିରାଟ ପ୍ରାସାଦର ଫାଟକରେ ଶ୍ୱଶୁରଙ୍କ ନାମଫଳକ ଲାଗିଥିଲା ଏବଂ ନାମ ତଳେ ‘ବିଲ୍‌ଡ଼ର’ ବୋଲି ଲେଖାଥିଲା । ଚାଳିଶବର୍ଷ ତଳେ କିନ୍ତୁ ଆମ ଭାଷାରେ ଏହି ଶବ୍ଦର ପ୍ରଚଳନ ହୋଇନଥିଲା ।

ବିରାଟ ପ୍ରାସାଦର ଠିକ୍ ପାର୍ଶ୍ୱରେ ଏକ ତୁଳନାତ୍ମକ ଭାବରେ ଛୋଟ ଅଥଚ ‘ବଢ଼ିଆ’ ଘର ଶୋଭା ପାଉଥିଲା । ତହିଁର ଫାଟକରେ ବନ୍ଧୁ ଶ୍ରୀ ଜଗତ୍‌ଗୁରୁ ମହାପାତ୍ରଙ୍କ ନାମଫଳକ ଝୁଲୁଥିଲା । ଦାସେ ଫାଟକ ଖୋଲି ଭିତରକୁ ନିର୍ବିଘ୍ନରେ ପ୍ରବେଶ କରିଥିଲେ । ସେ କଲିଂବେଲ୍ ମାରିବା ମାତ୍ରେ ବନ୍ଧୁ ଜଗତ୍‌ଗୁରୁ ଘରୁ ବାହାରିଆସିଲେ । ସେ ଦାସେଙ୍କୁ ଦେଖି ବହୁତ ଖୁସି ହେଲେ ଏବଂ ତାଙ୍କୁ ଭିତରକୁ ପାଛୋଟିନେଲେ । ପ୍ରାରମ୍ଭିକ ସମ୍ଭାଷଣ ପରେ ଦାସେ ପୁଅ ବାହାଘରର ନିମନ୍ତ୍ରଣପତ୍ର କାଢ଼ି ତାଙ୍କୁ ବଢ଼ାଇଦେଲେ । ନିମନ୍ତ୍ରଣପତ୍ର ହାତରେ ଧରି ସାମାନ୍ୟ ବିଚଳିତ ହୋଇ ଜଗତ୍‌ଗୁରୁ କହିଲେ, “ମୁଁ କିନ୍ତୁ ମୋ ପୁଅର ବାହାଘରରେ ଆପଣଙ୍କୁ ଡାକିପାରି ନଥିଲି ।” “ସେଥିରେ କିଛି ଯାଏଆସେ ନାହିଁ । ଆପଣ ବ୍ୟସ୍ତତା ଯୋଗୁଁ ଡାକିପାରି ନଥିବେ”, ଦାସେ ବୁଝାଇଦେଲେ ।

ଖୁବ୍ ଗମ୍ଭୀର ଭାବରେ ଜଗତ୍‌ଗୁରୁ କହିଥିଲେ, "ସେ ସମୟର ଘଟଣାକ୍ରମ ମନେପଡ଼ିଲେ ଦେହ କ'ଣ ହୋଇଯାଉଛି । ବାପାଙ୍କର ଅବସ୍ଥା ଖୁବ୍ ଗୁରୁତର ଥିଲା; ସେ ଆଇ.ସି.ୟୁ.ରେ ଥିଲେ । ଆଶା ଓ ଆଶଙ୍କା ଭିତରେ ଆମେ କାଳ କାଟୁଥିଲୁ । ସବୁକିଛି ଭୁଲି ଆମେ ତାଙ୍କ ସେବାରେ ଲାଗିପଡ଼ିଥିଲୁ । ଶେଷରେ ଈଶ୍ୱର ଆମର ପ୍ରାର୍ଥନା ଶୁଣିଲେ । ବାପା ଭଲ ହୋଇ ଘରକୁ ଫେରିଲେ ।" ଜଗତ୍‌ଗୁରୁ ଦୀର୍ଘଶ୍ୱାସ ଛାଡ଼ିଥିଲେ। "ଏବେ ବାପା କିପରି ଅଛନ୍ତି ?" ଦାସେ ପଚାରିଥିଲେ । "ସେ ଭଲ ଅଛନ୍ତି । ବର୍ତ୍ତମାନ ବିଶ୍ରାମ କରୁଛନ୍ତି," ଜଗତ୍‌ଗୁରୁ କହିଥିଲେ ।

ଆଶ୍ଚର୍ଯ୍ୟ ହୋଇ ଦାସେ ପ୍ରଶ୍ନ କଲେ, "ବାପା କ'ଣ ଏଠାରେ ରହୁଛନ୍ତି ?" "ହଁ, ସେ ମୋ ପାଖରେ ରହୁଛନ୍ତି", ସନ୍ତୋଷଭରା କଣ୍ଠରେ ଜଗତ୍‌ଗୁରୁ ଉତ୍ତର ଦେଲେ । ଆହୁରି ଆଶ୍ଚର୍ଯ୍ୟ ହୋଇ ଦାସେ କହିଲେ, "ମୁଁ କିନ୍ତୁ ଶୁଣିଲି ଯେ, ସେ ଗାଁରେ ଆପଣଙ୍କ ସାନଭାଇ ପାଖେ ରହୁଛନ୍ତି ।" ପ୍ରଥମେ ହଡ଼ବଡ଼ାଇ ଯାଇ ତା'ପରେ ଜଗତ୍‌ଗୁରୁ ସ୍ପଷ୍ଟୀକରଣ ଦେଲେ, "ନା, ନା, ମୁଁ 'ସେ ବାପା'ଙ୍କ କଥା କହୁନାହିଁ । ମୁଁ 'ଏ ବାପା'ଙ୍କ କଥା ଅର୍ଥାତ୍ ମୋ ଶ୍ୱଶୁରଙ୍କ କଥା କହୁଛି ।" ଦାସେ ଛାତକୁ ଚାହିଁଥିଲେ; ପଙ୍ଖା ଘୂରୁଥିଲା । "ଶ୍ୱଶୁରଙ୍କ ବୟସ କେତେ ହେବ ?" ସେ ପ୍ରଶ୍ନ କରିଥିଲେ । "ଛୟାନବେ ହେବ", ଜଗତ୍‌ଗୁରୁ ଉତ୍ତର ରଖିଥିଲେ । "ସେ ଶତାୟୁ ହୁଅନ୍ତୁ", ଦାସେ କାମନା କରିଥିଲେ । କିନ୍ତୁ ତାଙ୍କ କଥାରେ କେତେ ଆନ୍ତରିକତା ଥିଲା, ତାହା ଜଣାପଡ଼ି ନଥିଲା ।

ଶ୍ରୀ ଜଗତ୍‌ଗୁରୁ ମହାପାତ୍ର ଏଥର ସୋଫାରୁ ଉଠି ଭିତରକୁ ଯାଇଥିଲେ ଏବଂ ପତ୍ନୀଙ୍କୁ ଚାହା ଆଣିବା ପାଇଁ ବରାଦ କରି ଫେରିଆସିଥିଲେ । ଏବେ ଉତ୍କଣ୍ଠିତ ହୋଇ ଶ୍ରୀ ଭଗବାନ ଦାସ ପଚାରିଥିଲେ, "ଏଠାରେ ତେବେ ଆପଣ କିଏକିଏ ରହୁଛନ୍ତି ?" ଜଗତ୍‌ଗୁରୁ କହିଲେ, "ମୁଁ, ମୋ ପତ୍ନୀ, ମୋ ଶାଳୀ ଓ ମୋ ଶ୍ୱଶୁର – ଆମେ ଚାରିଜଣ ରହୁଛୁ ।" ତା'ପରେ ନିଜ ଆଡ଼ୁ କୈଫିୟତ ଦେଇ କହିଲେ ଯେ, ତାଙ୍କ ସଢ଼ୁ ବାଙ୍ଗାଲୋରରେ ଚାକିରି କରିଥିବାରୁ ସେଠାରେ ରହୁଛନ୍ତି । କିନ୍ତୁ ଶାଳୀ ଏଠାରେ ଚାକିରି କରିଥିବାରୁ ତାଙ୍କ ପାଖେ ଅବସ୍ଥାନ କରୁଛନ୍ତି । ସେ ପୁଣି କହିଲେ ଯେ, ଶ୍ୱଶୁରଙ୍କ ବିରାଟ ପ୍ରାସାଦରେ ଶଳା ତାଙ୍କର ପିଲାପିଲିଙ୍କୁ ଧରି ରହୁଛନ୍ତି । ସେ ଶ୍ୱଶୁରଙ୍କ ବ୍ୟବସାୟ ବୁଝିବାରେ ପୂରା ବ୍ୟସ୍ତ ରହୁଛନ୍ତି । ତାଙ୍କ ପତ୍ନୀ ଏତେବଡ଼ ଖଞ୍ଜାର ରକ୍ଷଣାବେକ୍ଷଣ, ସାଜସଜ୍ଜା ଆଦିରେ ବୁଡ଼ିରହୁଛନ୍ତି । ତେଣୁ ସେମାନେ ଠିକଣା ଭାବରେ ଶ୍ୱଶୁରଙ୍କର ଯତ୍ନ ନେଇପାରୁ ନାହାନ୍ତି । ଅଗତ୍ୟା ସେ ଶ୍ୱଶୁରଙ୍କୁ ଆଣି ତାଙ୍କ

ପାଖରେ ରଖିଛନ୍ତି । "ଶାଶୂ... ?" ଦାସେ ପଚାରିଥିଲେ । ଏହି ପ୍ରଶ୍ନରେ ଜଗତ୍‌ଗୁରୁଙ୍କର ଆଖି ଛଳଛଳ ହୋଇଉଠିଥିଲା; କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା । ସେ କହିଥିଲେ, "ମୋ ବାହାଘର ପରେପରେ ଶାଶୂ ଆରପାରିକୁ ଚାଲିଯାଇଥିଲେ ।" ପତ୍ନୀ ଚାହା ଧରି ଆସି ପହଞ୍ଚିଥିଲେ । ଦୁଇବନ୍ଧୁ ଚାହାପାନ କରିଥିଲେ । ଯିବା ପୂର୍ବରୁ ଦାସେ ପୁଅ ସମୀର ସହ ଦେଖା ହୋଇଥିବା କଥା ଜଗତ୍‌ଗୁରୁଙ୍କୁ ଜଣାଇଦେବାକୁ ଉଚିତ ମଣିଥିଲେ । ସେ କହିଥିଲେ, "ମୁଁ ଆଜି ପ୍ରଥମେ ଆପଣଙ୍କର ପୁରୁଣା ଘରକୁ ଯାଇଥିଲି । ସେଠାରେ ପୁଅ ସମୀର ସହ... ।" ତାଙ୍କୁ କଥା ସାରିବାକୁ ନଦେଇ ଜଗତ୍‌ଗୁରୁ ଗର୍ଜିଉଠିଲେ, "ସେ କୁଳାଙ୍ଗାରର ନାଁ ମୋ ଆଗରେ ଧରନ୍ତୁ ନାହିଁ । ପାଜି ଶାଶୂ ଆଉ ଶାଳୀକୁ ପାଖରେ ରଖି ଲୀଳା ଲଗେଇଛି ।" ଜଗତ୍‌ଗୁରୁ କ୍ରୋଧରେ ଏକରକମ ଥରୁଥିଲେ । ଦାସେ ହସିବେ କି କାନ୍ଦିବେ, ତାହା ଜାଣିପାରି ନଥିଲେ । ମନେମନେ କହିଥିଲେ, "ଚାଲୁଣି ବୋଲେ ଛୁଞ୍ଚିକି... ।" କିନ୍ତୁ କଥା ସେଦିଗକୁ ଯାଉ ବୋଲି ସେ ଚାହୁଁନଥିଲେ । ତେଣୁ ଆସନ ତ୍ୟାଗ କରିଥିଲେ ଏବଂ କହିଥିଲେ, "ମୁଁ ଆସୁଛି । ଆପଣ ବାହାଘରକୁ ନିଶ୍ଚୟ ଯିବେ ।" "ମୁଁ ଏକା ନୁହେଁ, ସସ୍ତ୍ରୀକ ଯିବି", କହି ଜଗତ୍‌ଗୁରୁ ବି ଆସନ ଛାଡ଼ିଥିଲେ । ସେ ଫାଟକ ଯାଏ ଆସି ଦାସେଙ୍କୁ ବଳାଇଦେଇଥିଲେ । ସେଠାରୁ ବାହାରି ଅଧ୍ୟାପକ ଭଗବାନ ଦାସ ଓରଫ ଦାସେ ରାଜଧାନୀର ଗହଳି ଭିତରେ ହଜିଯାଇଥିଲେ ।

●

# ବାହାଘର ଭୋଜି

ଅଧ୍ୟାପିକା କୁନ୍‌ମୁନ୍ ଦାସଙ୍କ ବଡ଼ଝିଅର ବିବାହ ଉତ୍ସବ ରାଜଧାନୀର ଏକ ଖ୍ୟାତନାମା ହୋଟେଲରେ ଖୁବ୍ ଜାକଜମକରେ ସମ୍ପନ୍ନ ହୋଇଥିଲା। କିନ୍ତୁ କଲେଜରେ ଥିବା ତାଙ୍କର ସମସ୍ତ ସହକର୍ମୀ ଏହି ଶୁଭକାର୍ଯ୍ୟରେ ଯୋଗଦାନ କରିପାରି ନଥିଲେ। ମୁଁ ଷ୍ଟାଫ କ୍ଲବର ସମ୍ପାଦକ ଥାଇ ସୁଦ୍ଧା ଏଥିରେ ଯୋଗଦେବାରୁ ବଞ୍ଚିତ ହୋଇଥିଲି। କାରଣ ଅଧ୍ୟାପିକା ଦାସ ନିଜେ ନିମନ୍ତ୍ରଣପତ୍ର ନଦେଇ ତାଙ୍କର ସ୍ୱତନ୍ତ୍ର ବାର୍ତ୍ତାବହଙ୍କ ହାତରେ ତାହା ଅଧ୍ୟକ୍ଷଙ୍କ ପାଖକୁ ପଠାଇଦେଇଥିଲେ । ପୁଣି ବାହାଘରର ଠିକ୍ ପୂର୍ବଦିନ ଅପରାହ୍ଣରେ ନିମନ୍ତ୍ରଣପତ୍ର ଅଧ୍ୟକ୍ଷଙ୍କ ପାଖରେ ପହଞ୍ଚିଥିଲା ଏବଂ ସେ ପିଅନଦ୍ୱାରା ସେସବୁ ବଣ୍ଟନର ବ୍ୟବସ୍ଥା କରିଥିଲେ । ଅଧ୍ୟାପିକା ଦାସ ଖୁବ୍ ଖାମଖିଆଲ ଭାବେ ନିମନ୍ତ୍ରଣ କରିଥିବାରୁ ଅନେକ ସହକର୍ମୀ ସେଥିପ୍ରତି ଗୁରୁତ୍ୱ ଦେଇନଥିଲେ ।

ସେ ଯାହାହେଉ, ଅଧ୍ୟାପିକା କୁନ୍‌ମୁନ୍ ଦାସଙ୍କ ଝିଅ ବାହାଘରର ପରଦିନ ସେ ସମ୍ପର୍କରେ କଲେଜର ଷ୍ଟାଫ କମନ ରୁମ୍‌ରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ବିବାହ ଉତ୍ସବରେ ଯୋଗଦେଇଥିବା ସହକର୍ମୀମାନେ ତହିଁର ଏକ ଶ୍ରୁତିମଧୁର ଧାରାବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ସଚିବଦ୍ୱୟ ବି ଯୋଗଦେଇଥିଲେ। ଏହି ଦୁଇ ବିଭାଗର ପ୍ରାୟ ସମସ୍ତ ଅଧିକାରୀଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ପର୍ଯ୍ୟାପ୍ତ ପରିମାଣର ସୁସ୍ୱାଦୁ ଖାଦ୍ୟପେୟର ବ୍ୟବସ୍ଥା ହୋଇଥିଲା। ଉପଲବ୍ଧ ହୋଇଥିବା ବିଭିନ୍ନ 'ଆଇଟମ୍'ର ତାଲିକା ଖୁବ୍ ଲମ୍ବା ଥିଲା। ସେସବୁ ଶୁଣି ଆମେ ତହିଁରୁ ବଞ୍ଚିତ ହୋଇଥିବା ବ୍ୟକ୍ତିମାନେ ଲୋଭାନ୍ୱିତ ହୋଇଉଠିଥିଲୁ। ଠିକ୍ ଏତିକିବେଳେ ଯୁବ ଅଧ୍ୟାପକ ବିପ୍ଳବ ଚୌଧୁରୀ କିନ୍ତୁ କଥାର ମୋଡ଼ ବଦଳାଇଦେଲେ। ଗୁରୁଗମ୍ଭୀର ସ୍ୱରରେ ସେ କହିଲେ, "ଅଧ୍ୟାପିକା ଦାସ ଆନ୍ତରିକତାର ସହ ଆମମାନଙ୍କୁ ତାଙ୍କ ଝିଅର ବାହାଘରକୁ ଡାକିନଥିଲେ। ନିଜେ ନିମନ୍ତ୍ରଣପତ୍ର ନଦେଇ ଅଧ୍ୟକ୍ଷଙ୍କ ଜରିଆରେ ଆମ ପାଖକୁ ପଠାଇଦେଇଥିଲେ। ପୁଣି ବାହାଘର ଦିନ ହିଁ ଆମେ ନିମନ୍ତ୍ରଣପତ୍ର ପାଇଥିଲୁ।" "ଠିକ୍ କଥା", କହି ଅଧ୍ୟାପିକା ସୁଲୋଚନା ଦେବୀ ବିପ୍ଳବଙ୍କୁ ସମର୍ଥନ ଜଣାଇଥିଲେ। ଏହାପରେ ଷ୍ଟାଫ କମନ ରୁମ୍‌ରେ ନୀରବତା ବିରାଜମାନ କରିଥିଲା। କିଛି କ୍ଷଣ ପରେ ନୀରବତା ଭାଙ୍ଗି

ବୟୋଜ୍ୟେଷ୍ଠ ଅଧ୍ୟାପକ ମଦନ ମହାପାତ୍ର ଓରଫ ମହାପାତ୍ରେ କହିଲେ, "ମାଡ଼ାମ୍‌ଙ୍କୁ ତେବେ କଲେଜରେ ଆମମାନଙ୍କୁ ଏକ ଭୋଜି ଦେବା ପାଇଁ କୁହାଯାଉ।" ତାଙ୍କ କଥାକୁ ଉପସ୍ଥିତ ପ୍ରାୟ ସମସ୍ତ ଅଧ୍ୟାପକ ସମର୍ଥନ ଜଣାଇଥିଲେ। କେହିକେହି ମୁହଁ ଖୋଲି ତ କେହିକେହି ନୀରବରେ ସମର୍ଥନ ଜ୍ଞାପନ କରିଥିଲେ। ମୁଁ ଷ୍ଟାଫ କ୍ଲବର ସମ୍ପାଦକ ହୋଇଥିବାରୁ ଏହି ପ୍ରସ୍ତାବ ଅଧ୍ୟାପିକା ଦାସଙ୍କୁ ଦେବା ପାଇଁ ମୋତେ ଦାୟିତ୍ୱ ଅର୍ପଣ କରାଯାଇଥିଲା।

ଅଧ୍ୟାପିକା କୁନ୍‌ମୁନ୍ ଦାସ କଲେଜକୁ ଆସିଲେ ମୁଁ ତାଙ୍କୁ ଭୋଜିର ପ୍ରସ୍ତାବ ଦେବି ବୋଲି ଠିକ୍ କରିଥିଲି। ମାତ୍ର ସେ ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ କଲେଜକୁ ଆସୁନଥିଲେ; ସପ୍ତାହରେ ପ୍ରାୟ ଥରେ ଆସୁଥିଲେ। କିନ୍ତୁ ଯେଉଁ ଦିନ ଆସୁଥିଲେ, ସେଦିନ ଅଧା ସମୟ ତାଙ୍କ ବିଭାଗରେ ଓ ଅଧା ସମୟ ଷ୍ଟାଫ କମନ ରୁମ୍‌ରେ ବିତାଉଥିଲେ। ବୋଧହୁଏ, ଆମମାନଙ୍କ ଆଗରେ ତାଙ୍କର ଉପସ୍ଥିତି ଜାହିର କରିବା ପାଇଁ ସେ ଷ୍ଟାଫ କମନ ରୁମ୍‌କୁ ଆସୁଥିଲେ । ସେ ଯାହାହେଉ, ଏଥିଯୋଗୁଁ କିନ୍ତୁ ଆମେ ନିୟମିତ ବ୍ୟବଧାନରେ ତାଙ୍କର ଦର୍ଶନଲାଭ କରୁଥିଲୁ। ସୁତରାଂ ମୁଁ ତାଙ୍କର ଆଗମନ ବାରିକୁ ପ୍ରତୀକ୍ଷା କରି ରହିଥିଲି।

ଉଲ୍ଲେଖଯୋଗ୍ୟ ଯେ, ଅଧ୍ୟାପିକା କୁନ୍‌ମୁନ୍ ଦାସଙ୍କର ସ୍ୱାମୀ ଶ୍ରୀ କଳାଙ୍କୁର ଦାସ, ଆଇ.ଏ.ଏସ୍. ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଥିଲେ। ସେ ସିଧାସଳଖ ଆଇ.ଏ.ଏସ୍. ପାଇନଥିଲେ ମଧ୍ୟ ରାଜ୍ୟ ପ୍ରଶାସନିକ ସେବାରୁ ପଦୋନ୍ନତି ପାଇ ସେଠାରେ ପହଞ୍ଚିଥିଲେ। ତାଙ୍କର ଦକ୍ଷତା ଉପରେ ପ୍ରଶ୍ନ କରିବାର ନଥିଲା। ସେ ନହେଲା କାମକୁ ମଧ୍ୟ ଅନାୟାସରେ ସମ୍ପନ୍ନ କରିପାରୁଥିଲେ। ଉଭୟ ପ୍ରଶାସନିକ ଓ ରାଜନୈତିକ ମହଲରେ ତାଙ୍କର ବେଶ୍ ପ୍ରତିପତ୍ତି ଥିଲା। ମାଆ ଲକ୍ଷ୍ମୀ ତାଙ୍କ ଉପରେ ସଦା ପ୍ରସନ୍ନ ଥିଲେ। ତାଙ୍କର ପତ୍ନୀ ଅଧ୍ୟାପିକା ଦାସଙ୍କୁ ପଦେ କହିବାର ସାହସ କାହାରି ନଥିଲା। ଅବଶ୍ୟ ଅଧ୍ୟାପିକା ହୋଇ ବି ସେ କେଭେଁ କ୍ଲାସ୍ ନେବାର ଆମେ ଦେଖିନଥିଲୁ। କିନ୍ତୁ ତାଙ୍କ ବିଭାଗରେ ଥିବା ଅନ୍ୟ ଦୁଇଜଣ ଅଧ୍ୟାପକ କୁହନ୍ତି ଯେ, ମାଡ଼ାମ୍‌ଙ୍କର କ୍ଲାସ୍ ଆଦୌ 'ଡ୍ରପ୍' ହୁଏନାହିଁ। ସେମାନେ ଭାଗବାଣ୍ଟି ତାଙ୍କର କ୍ଲାସ୍‌ସବୁ ନେଇଯାଆନ୍ତି। ଏହି ସୁଯୋଗ ରାଜଧାନୀରେ ଥିବା କଲେଜଗୁଡ଼ିକରେ ନମିଳିବାର ଆଶଙ୍କା କରି ସେ ସେଠାକୁ ବଦଳି ହୋଇ ଯାଉନଥିଲେ। ରାଜଧାନୀଠାରୁ ମାତ୍ର ୨୯ କି.ମି. ଦୂର ଦ୍ୱୈତ ନଗରୀର ଏହି କଲେଜ ତାଙ୍କୁ ଖୁବ୍ ଆରେଇଯାଇଥିଲା।

ସେ ଯାହାହେଉ, ଶୀଘ୍ର ଆମ ପ୍ରତୀକ୍ଷାର ଅନ୍ତ ଘଟିଥିଲା; ସେଦିନ ଅଧ୍ୟାପିକା ଦାସ ଷ୍ଟାଫ କମନ ରୁମ୍‌କୁ ଆଗମନ କରିଥିଲେ। ମୁଁ ଏହି ଦୁର୍ଲଭ ସୁଯୋଗକୁ ହାତଛଡ଼ା

କଲିନାହିଁ। କହିଲି, "ମାଡ଼ାମ୍! ଆପଣଙ୍କ ଝିଅ ବାହାଘରକୁ ଆମେ ସମସ୍ତେ ଯାଇପାରି ନଥିଲୁ।" ମୋଠାରୁ କଥା ଛଡ଼ାଇନେଇ ଅଧ୍ୟାପିକା ଦାସ କହିଲେ, "ମୁଁ ତ ଆପଣମାନଙ୍କ ନାମରେ ନିମନ୍ତ୍ରଣପତ୍ର ପଠାଇଦେଇଥିଲି। କିଏ ଗଲା ବା କିଏ ନଗଲା, ସେଥିରେ ମୋର କିଛି କରିବାର ନାହିଁ।" ତାଙ୍କର ଅତୀବ ସୁନ୍ଦର ମୁଖମଣ୍ଡଳରେ ବିରକ୍ତି ଭାବ ପ୍ରକଟିତ ହୋଇଥିଲା। ମୁଁ କଥାର ମୋଡ଼ ବଦଳାଇଦେବାକୁ ଚାହିଁଥିଲି। "ମୁଁ କ'ଣ କହୁଥିଲି କି, ଝିଅ ବାହାଘର ଉପଲକ୍ଷ୍ୟେ ଆପଣ କଲେଜରେ ଆମମାନଙ୍କୁ ଏକ ଭୋଜି ଦେଲେ ଭଲ ହୁଅନ୍ତା।" ଏହି କଥା ଶୁଣି ଅଧ୍ୟାପିକା ଦାସଙ୍କ ମୁହଁରୁ ବିରକ୍ତି ଭାବ ଉଭେଇଗଲା। ସେ ହସିହସି କହିଲେ, "ଓଃ ଏଇ କଥା ! କେବେ ଭୋଜି ଦେବି କୁହନ୍ତୁ।" "ବୁଧବାର ଦେଲେ ଭଲ ହୁଅନ୍ତା", ମୁଁ ଚଟାପଟ ଉତ୍ତର ଦେଇଥିଲି। "କେତେ ଜଣଙ୍କ ପାଇଁ ବ୍ୟବସ୍ଥା କରିବା ?" ସେ ପଚାରିଥିଲେ । "ଆମେ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ମିଶି ୭୦ଜଣ ଅଛୁ", ମୁଁ ଜଣାଇଥିଲି । "ତେବେ ଶହେଜଣଙ୍କ ପାଇଁ ବ୍ୟବସ୍ଥା କରୁଛି," କହି ସେ ସ୍ଥାନ ତ୍ୟାଗ କରିଥିଲେ। ସେଦିନ ସୋମବାର ଥିଲା। ଏତେ ଶୀଘ୍ର ଅର୍ଥାତ୍ ଦିନକ ପରେ କିପରି ଭୋଜିର ଆୟୋଜନ ହୋଇପାରିବ, ସେ ନେଇ କିନ୍ତୁ ଆମେ ସନ୍ଦିହାନ ଥିଲୁ।

ତା' ପରଦିନ ପୂର୍ବାହ୍ନରେ ଅଧ୍ୟକ୍ଷଙ୍କଠାରୁ ଡାକରାପାଇ ତାଙ୍କ ପ୍ରକୋଷ୍ଠରେ ହାଜର ହୋଇଥିଲି। ତାଙ୍କ ସମ୍ମୁଖରେ ବସିଥିବା ଆଗନ୍ତୁକଙ୍କ ସହ ସେ ମୋର ପରିଚୟ କରାଇଦେଲେ। ସେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଓ ମୁଁ ଷ୍ଟାଫ କ୍ଲବର ସମ୍ପାଦକ ବୋଲି ଚିହ୍ନାଇଦେଲେ। ଡାକରାପାଇ ଅଧ୍ୟାପକ ମଦନ ମହାପାତ୍ର ଓରଫ ମହାପାତ୍ରେ ମୋ ଆଗରୁ ଆସି ପହଞ୍ଚିଥିଲେ। ସିଡିଏମ୍‌ଓ କହିଲେ, "ଆମର ଅତିରିକ୍ତ ସଚିବ ଶ୍ରୀ କଳାଙ୍କୁର ଦାସ ଓ ତାଙ୍କର ଧର୍ମପତ୍ନୀ ଅଧ୍ୟାପିକା କୁନ୍‌ମୁନ୍ ଦାସଙ୍କ ତରଫରୁ ସେମାନଙ୍କ ଝିଅର ବାହାଘର ଉପଲକ୍ଷ୍ୟେ ଆସନ୍ତାକାଲି ଆପଣମାନଙ୍କୁ ଏକ ଭୋଜି ଦିଆଯିବ। ଅପରାହ୍ନ ୨ଟାରେ ଏଠାରେ ଶହେଜଣଙ୍କ ପାଇଁ ଏହି ଭୋଜିର ବ୍ୟବସ୍ଥା କରାଯିବ। ସାର୍ ଓ ମାଡ଼ାମ୍‌ଙ୍କ ତରଫରୁ ଆପଣ ସମସ୍ତଙ୍କୁ ଭୋଜିରେ ଯୋଗଦେବା ପାଇଁ ମୁଁ ନିମନ୍ତ୍ରଣ କରୁଛି। କ'ଣ କ'ଣ 'ଆଇଟମ୍' ପ୍ରସ୍ତୁତ ହେବ ଆପଣମାନେ ତା'ର ଏକ ତାଲିକା ବନେଇ ମୋତେ ଦିଅନ୍ତୁ।" ବିଳମ୍ବ ନକରି ସେହିଠାରେ ବସି ମହାପାତ୍ରେ ଓ ମୁଁ କିକି କିସମର ଖାଦ୍ୟ ତିଆରି ହେବ, ତା'ର ଏକ ସୁଦୀର୍ଘ ତାଲିକା କରି ଅଧ୍ୟକ୍ଷଙ୍କ ମାଧ୍ୟମରେ ସିଡିଏମ୍‌ଓଙ୍କୁ ପ୍ରଦାନ କଲୁ। ସିଡିଏମ୍‌ଓ ଗଲାପରେ ମହାପାତ୍ରେଙ୍କ ପରାମର୍ଶକ୍ରମେ ଅଧ୍ୟକ୍ଷ ଆସନ୍ତାକାଲି ଭୋଜି ହେବ ବୋଲି ଜଣାଇ ଏକ ନୋଟିସ୍ ଜାରି କରିଥିଲେ।

ତା' ପରଦିନ ମୁଁ ତରତର ହୋଇ କଲେଜରେ ପହଞ୍ଚିଲାବେଳକୁ ରୋଷେଇ ଆରମ୍ଭ ହୋଇଯାଇଥିଲା। କାର୍ଯ୍ୟ ଦିବସରେ ଭୋଜିର ଆୟୋଜନ କରାଯାଇଥିବାରୁ ତାହାକୁ ସୁଗମ କରିବା ପାଇଁ ମହାପାତ୍ରଙ୍କ ପରାମର୍ଶକ୍ରମେ ଅଧ୍ୟକ୍ଷ ଏକ ନୋଟିସ୍ ଜାରି କରିସାରିଥିଲେ। ତହିଁରେ ସେ ଲେଖିଥିଲେ ଯେ, ଆଜି ମଧ୍ୟାହ୍ନ ୧ଟା ୩୦ରେ କର୍ମଚାରୀ (ଷ୍ଟାଫ)ମାନଙ୍କର ଏକ ଜରୁରୀ ବୈଠକ କଲେଜର ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ତେଣୁ ମଧ୍ୟାହ୍ନ ୧ଟାଠାରୁ ସମସ୍ତ କ୍ଲାସ୍ 'ସସ୍‌ପେଣ୍ଡ' ହୋଇଯିବ। ନୋଟିସ୍ ପାଇ ଉଭୟ ଛାତ୍ର ଓ କର୍ମଚାରୀବୃନ୍ଦ ଅବଶ୍ୟ ଖୁସି ହୋଇଥିଲେ। ସିଡିଏମ୍‌ଙ୍କର ପ୍ରତିନିଧି ଭାବେ ତାଙ୍କ କାର୍ଯ୍ୟାଳୟର ଯୁବ କର୍ମଚାରୀ ଶ୍ରୀ ଉଜ୍ଜ୍ୱଳ ମହାନ୍ତି ରୋଷେଇର ତଦାରଖ କରୁଥିଲେ। ତାଙ୍କର କାର୍ଯ୍ୟପଟୁତା ଦେଖି ଆମ୍ଭେମାନେ ବିସ୍ମିତ ହୋଇଥିଲୁ। ଆମକୁ କୌଣସି କାମରେ ହାତ ଦେବାକୁ ପଡ଼ିନଥିଲା। ଶ୍ରୀ ମହାନ୍ତି ସାଲେପୁରରୁ ମିଠା, ଚାନ୍ଦୋଳରୁ ମାଂସ, ପାରାଦ୍ୱୀପରୁ ମାଛ ଇତ୍ୟାଦି ଇତ୍ୟାଦି ମଗାଇଥିଲେ। ରୋଷେଇବାସରେ ମୋର ଆବଶ୍ୟକତା ନଥିବାରୁ ମୁଁ ଷ୍ଟାଫ କମନ ରୁମ୍‌ରେ ବସି ରହିଥିଲି।

ଅଧ୍ୟାପକ ଶଙ୍କର ପରିଡ଼ା ଷ୍ଟାଫ କମନ ରୁମ୍‌ର ପିଅନ ମଙ୍ଗେଇ ସୋରେନକୁ ଡାକି କହିଲେ, "ମଙ୍ଗେଇ ! ଆଜି ତୋର କଚେ ପୁଅ ବାର। ଶହେଜଣଙ୍କ ପାଇଁ ରୋଷେଇ ହୋଇଛି। ମାଛ, ମାଂସ, ଚିଙ୍ଗୁଡ଼ି... ଖାଇବୁରେ ତଣ୍ଟି ଯାଏ ଖାଇବୁ।" ମଙ୍ଗେଇ କିଛି କହିଲାନାହିଁ; ଚୁପ୍‌ଚାପ୍ ଚାଲିଗଲା। ତାକୁ ଅର୍ଥାତ୍ ମଙ୍ଗେଇ ସୋରେନକୁ ବାଦ୍ ଦେଇ ଏହି କଲେଜର ଇତିହାସ ଲେଖାଯାଇ ପାରିବନାହିଁ। ମାତ୍ର ୧୬ ବର୍ଷ ବୟସରେ ସେ ଏଠାରେ ପିଅନ ଭାବେ ନିଯୁକ୍ତି ପାଇଥିଲା। ସେଦିନ ତାକୁ ଷ୍ଟାଫ କମନ ରୁମ୍‌ରେ ଅବସ୍ଥାପିତ କରାଯାଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସେ ସେହି ଷ୍ଟାଫ କମନ ରୁମ୍‌ରେ ସେହି ପିଅନ ଭାବରେ କାମ କରୁଛି। ମଙ୍ଗେଇକୁ 'ସେବା'ର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଲେ ଭୁଲ୍ ହେବନାହିଁ। ସେ ତା'ର ଦୈନନ୍ଦିନ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପନ୍ନ କରେ। ତା'ଛଡ଼ା ଅଧ୍ୟାପକମାନେ ବରାଦ କଲେ ସେମାନଙ୍କ ପାଇଁ ଚାହା, ପାନ ଆଦି ଆଣେ। ସେ କୌଣସି କାର୍ଯ୍ୟକୁ ମନାକରେ ନାହିଁ; ସର୍ବଦା କାର୍ଯ୍ୟରେ ବୁଡ଼ିରହିଥାଏ । କଥା କହିବାକୁ ତା'ର ଫୁରସତ ନଥାଏ। ମଙ୍ଗେଇ କେବଳ ଅବକାଶରେ ହିଁ ଗାଆଁକୁ ଯାଏ। ସେଠାରେ ତା'ର ସ୍ତ୍ରୀ ଓ ପିଲାମାନେ ରହନ୍ତି। ମଙ୍ଗେଇର ସବୁ ଭଲଗୁଣ ଭିତରେ କିନ୍ତୁ ଏକ ଖରାପ ଗୁଣ ଥାଏ। ସେ ଦେଶୀ ମଦ ପିଏ। ପଚାରିଲେ କହେ, ତା' ବାପା କୁଆଡ଼େ ତାକୁ ମଦ ପିଇବା ଶିଖାଇଥିଲେ। କିନ୍ତୁ

ମଙ୍ଗେଇ ମଦ ପିଇ ମାତାଲ ହେବା କେହି କେବେ ଦେଖିନାହାନ୍ତି। ମଦ ପରି ମାଂସ ପ୍ରତି ତା'ର ଖୁବ୍ ଆସକ୍ତି ଥାଏ। ମଙ୍ଗେଇ ଷ୍ଟାଫ କମନ ରୁମ୍‌ରେ ଅବସ୍ଥାପିତ ହୋଇଥିବାରୁ ଷ୍ଟାଫ କ୍ଲବର ପ୍ରତ୍ୟେକ ଭୋଜିରେ ଭାଗନେଇଥାଏ। ରନ୍ଧାବଢ଼ାରେ ସେ ମନପ୍ରାଣ ଦେଇ ଲାଗିପଡ଼େ। ସମସ୍ତ ଅଧ୍ୟାପକ ଖାଇସାରିଲା ପରେ ଯାଇ ଖାଏ। ଆମିଷ ପ୍ରତି ତା'ର ଭାରି ଲୋଭ ଥିବାରୁ ପେଟଭରି ମାଛମାଂସ ଖାଏ।

ସେ ଯାହାହେଉ, ନିଜର ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠାର ପ୍ରମାଣ ଦେଇ ଶ୍ରୀ ଉଜ୍ଜ୍ୱଳ ମହାନ୍ତି ମଧ୍ୟାହ୍ନ ୧ଟା ୪୫ ସୁଦ୍ଧା ରୋଷେଇବାସ ସାରିଦେଇଥିଲେ। କ୍ଲାସ୍‌ସବୁ 'ସସ୍‌ପେଣ୍ଡ' କରାଯାଇଥିବାରୁ ଛାତ୍ରଛାତ୍ରୀମାନେ ଘରକୁ ବାହୁଡ଼ିଯାଇଥିଲେ ଏବଂ କଲେଜର ବାତାବରଣ କୋଳାହଳରୁ ମୁକ୍ତ ହୋଇଯାଇଥିଲା। ଶ୍ରୀ ମହାନ୍ତି ବୁଲିବୁଲି ନିଷ୍ଠାର ସହ ସମସ୍ତ କର୍ମଚାରୀଙ୍କୁ ଭୋଜନ ପାଇଁ ଆମନ୍ତ୍ରଣ କରିଥିଲେ। ବଫେ (buffet)ର ବ୍ୟବସ୍ଥା କରାଯାଇଥିଲା। ନାନାଦି କିସମର ଖାଦ୍ୟ ପ୍ରସ୍ତୁତ ହୋଇଥିଲା; ସମସ୍ତ 'ଆଇଟମ୍' ଅତି ମଧୁର ସ୍ୱାଦଯୁକ୍ତ ଥିଲା। କଲେଜର ପ୍ରାୟ ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ଯୋଗଦେଇ ଭୁରିଭୋଜନ କରିଥିଲେ।

ସତ କହିବାକୁ ଗଲେ, ଭିନ୍ନଭିନ୍ନ କିସମର ସ୍ୱାଦିଷ୍ଟ ଖାଦ୍ୟପେୟରେ ବୁଡ଼ିରହି ଆମେ ସମସ୍ତେ ଦାତାଙ୍କ କଥା ଭୁଲିଯାଇଥିଲୁ। ଅବଶ୍ୟ ଦାତା ଅଧ୍ୟାପିକା କୁନ୍‌ମୁନ୍ ଦାସ ସେଦିନ କଲେଜକୁ ଆସିନଥିଲେ। ଖାଇସାରିଲା ପରେ ପୁରୁଖା ଅଧ୍ୟାପକ ମହାପାତ୍ରେ କିନ୍ତୁ ଉଚ୍ଚସ୍ୱରରେ କହିଥିଲେ, "ଦାତା ଅଧ୍ୟାପିକା ଦାସଙ୍କର ଜୟ ହେଉ।" ତାଙ୍କ ସହ ପାଳିଦେଇ ସମସ୍ୱରରେ ମୁଁ ଚିତ୍କାର କରିଥିଲି, "ତାଙ୍କ ଝିଅଜ୍ୱାଇଁଙ୍କର ମଙ୍ଗଳ ହେଉ।" ଭୋଜନ ପରେ ଆଉ ରହିବାର ଆବଶ୍ୟକତା ନଥିଲା; ତେଣୁ ଜଣକ ପରେ ଜଣେ କଲେଜ ଛାଡ଼ିଥିଲେ।

ଶେଷରେ ଆମେ ଚାରିପାଞ୍ଚଜଣ ଷ୍ଟାଫ କମନ ରୁମ୍‌ରେ ବସି ଗପ କରୁଥିଲାବେଳେ ହଠାତ୍ ଅଧ୍ୟାପକ ବିପ୍ଳବ ଚୌଧୁରୀ କହିଲେ, "ଆରେ, ମଙ୍ଗେଇ ତ କାହିଁ ଖାଇବାକୁ ଆସିଲାନାହିଁ।" ଏହା ଶୁଣି ଆମେ ତା'ର ଅନୁପସ୍ଥିତି ସମ୍ପର୍କରେ ସଚେତନ ହୋଇଉଠିଥିଲୁ। ତୁରନ୍ତ ଅଧ୍ୟାପକ ଶଙ୍କର ପରିଡ଼ା ଜବାବ ଦେଇଥିଲେ, "ମାଂସ ଲୋଭରେ ବେଶୀ ମଦ ପିଇଦେଇଥିବ। ନିଶା ଯୋଗୁଁ ଶୋଇପଡ଼ିଥିବ। ନିଦ ଭାଙ୍ଗିନଥିବ।" "ଚାଲନ୍ତୁ ତାକୁ ଡାକିଆଣିବା," କହି ମହାପାତ୍ରେ ଛିଡ଼ା ହୋଇପଡ଼ିଥିଲେ। ସେ ଓ ମୁଁ କଲେଜ ପରିସରରେ ଥିବା ମଙ୍ଗେଇ ସୋରେନର କ୍ୱାର୍ଟର୍ସ ଅଭିମୁଖେ ଅଗ୍ରସର ହୋଇଥିଲୁ।

କ୍ୱାର୍ଟର୍ସରେ ପହଞ୍ଚି ମୁଁ କବାଟ ଖଡ଼ଖଡ଼ କରିଥିଲି। ମହାପାତ୍ରେ କହିଲେ, "ନିଶାରେ ଶୋଇଯାଇଥିବ। ଜୋର୍‌ରେ କବାଟ ବାଡ଼ାନ୍ତୁ।" ମଙ୍ଗେଇ କିନ୍ତୁ ସଙ୍ଗେସଙ୍ଗେ ବାହାରିଆସିଥିଲା। ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଦିଶୁଥିଲା; ମଦ ପିଇଥିବାର କୌଣସି ଲକ୍ଷଣ ତା'ଠାରେ ନଥିଲା। "ଆରେ ଚାଲ, ଖାଇବୁ ଚାଲ", ମହାପାତ୍ରେ କହିଥିଲେ। "ନାହିଁ ମୁଁ ଯିବିନାହିଁ", ମଙ୍ଗେଇ ଜବାବ ଦେଇଥିଲା। କାହିଁକି ଯିବୁନାହିଁ ବୋଲି ମହାପାତ୍ରେ ପଚାରିଥିଲେ। ମଙ୍ଗେଇ କହିଲା, "ଯିଏ ଝିଅ ବାହାଘର ପାଇଁ ଭୋଜି ଦେଇଛନ୍ତି, ସେ ତ ମୋତେ ଡାକିନାହାନ୍ତି।" କଲେଜ ପ୍ରଶାସନରେ ପୋକ ବୋଲି ଧରାଯାଉଥିବା ମହାପାତ୍ରେ ପ୍ରତ୍ୟୁତ୍ତର ଦେଲେ, "ଅଧ୍ୟକ୍ଷ ତ ଭୋଜିରେ ଯୋଗଦେବାକୁ ନୋଟିସ୍ ଜାରି କରିଥିଲେ।" "ବାହାଘର ଭୋଜି ସରକାରୀ କାର୍ଯ୍ୟ ନୁହେଁ ଯେ ଅଧ୍ୟକ୍ଷ ଏଥିଲାଗି ନୋଟିସ୍ ଦେଇଦେଲେ ଆମେ ତାହା ମାନିନେବୁ", କହି ମଙ୍ଗେଇ ଭିତରକୁ ଚାଲିଯାଇଥିଲା। ମହାପାତ୍ରେ ଓ ମୁଁ ବାକ୍‌ଶୂନ୍ୟ ହୋଇ ସ୍ୱାଭିମାନୀ ମଙ୍ଗେଇ ସୋରେନର କ୍ୱାର୍ଟର୍ସରୁ ଫେରିଆସିଥିଲୁ।

●

# ପ୍ରବଚନ ବିଭାଗ

ଶ୍ରୀଯୁକ୍ତ ଭଗବାନ ଦାସ ତିନିମହଲା ବିଶିଷ୍ଟ 'ପୀଡ଼ାନାଶକ ନର୍ସିଂହୋମ୍'ରେ ପାହାଚ ଚଢ଼ି ତଳ ମହଲାରୁ ଉପର ମହଲାକୁ ଯାଇଥିଲେ ଏବଂ ପୁଣି ପାହାଚ ଓହ୍ଲାଇ ଉପର ମହଲାରୁ ତଳ ମହଲାକୁ ଫେରୁଥିଲେ । ତା'ପରେ ତଳ ମହଲାରେ ପଡ଼ିଥିବା ଚେୟାରସମୂହକୁ ଲକ୍ଷ୍ୟ କରି ଖାଲିରହିଥିବା ଚେୟାର ଉପରେ ବସିପଡୁଥିଲେ । ସେ ଶୁଣିଥିଲେ, ପାହାଚ ଚଢ଼ିବାଠାରୁ ବଳି ଉତ୍ତମ ବ୍ୟାୟାମ ଆଉ କିଛି ନାହିଁ । କିନ୍ତୁ ଏଥିଲାଗି ହୃତ୍‌ପିଣ୍ଡ ପୂରାପୂରି ଠିକ୍ ଥିବା ଦରକାର । ଅବଶ୍ୟ ଭଗବାନ ଦାସ ଓରଫ ଦାସେଙ୍କର କୌଣସି ହୃଦ୍‌ରୋଗ ନଥିଲା । ସେ କିନ୍ତୁ ବ୍ୟାୟାମ କରିବା ପାଇଁ ପାହାଚ ଚଢୁନଥିଲେ; ବରଂ  ସମୟ କଟାଇବା ଲାଗି ସେପରି କରୁଥିଲେ । ନର୍ସିଂହୋମ୍‌ରେ ରୋଗୀଙ୍କ ସାଙ୍ଗରେ ଥିବା ବ୍ୟକ୍ତି (ଆଟେଣ୍ଡାଣ୍ଟ)ମାନେ ସମୟ ବିତାଇବା କି ପୀଡ଼ାଦାୟକ, ତାହା ସେ ଓ ତାଙ୍କ ପରି ଅନୁଭବୀମାନେ ହିଁ ଜାଣୁଥିଲେ ।

ଚେୟାରରୁ ଉଠି ଦାସେ ପଦଚାରଣ ପାଇଁ ନର୍ସିଂହୋମ୍‌ର ଭିତର ଆଡ଼କୁ ଅଗ୍ରସର ହୋଇଥିଲେ । ତତ୍‌କ୍ଷଣାତ ଦୁଇଟି ବିରାଟକାୟ ସାଇନବୋର୍ଡ଼ ତାଙ୍କ ଦୃଷ୍ଟିରେ ପଡ଼ିଥିଲା । ପ୍ରଥମ ସାଇନବୋର୍ଡ଼ରେ ବିଭାଗଗୁଡ଼ିକର ନାମ ଇଂରାଜୀରେ ଓ ଦ୍ୱିତୀୟ ସାଇନବୋର୍ଡ଼ରେ ସେସବୁର ନାମ ଓଡ଼ିଆରେ ଲେଖାଥିଲା । ଦାସେ ଓଡ଼ିଆରେ ସ୍ନାତକୋତ୍ତର (ଏମ୍.ଏ.) ଉପାଧି ପ୍ରାପ୍ତ ହୋଇଥିବାରୁ ପ୍ରଥମେ ଓଡ଼ିଆରେ ଲିଖିତ ସାଇନବୋର୍ଡ଼ ପାଠ କରିଥିଲେ । ହୃଦ୍‌ରୋଗ ବିଭାଗ, କାନ-ନାକ-ଗଳା ବିଭାଗ, ସାଧାରଣ ଭେଷଜ ବିଭାଗ, ସାଧାରଣ ଶଲ୍ୟଚିକିତ୍ସା ବିଭାଗ, ସ୍ତ୍ରୀରୋଗ ବିଭାଗ, ଶିଶୁରୋଗ ବିଭାଗ, ଚର୍ମ ଓ ଯୌନରୋଗ ବିଭାଗ.... ପ୍ରବଚନ ବିଭାଗ । ମୋଟ୍ ୧୭ଟି ବିଭାଗ ମଧ୍ୟରୁ ଶେଷୋକ୍ତ 'ପ୍ରବଚନ ବିଭାଗ' ଉପରେ ଦାସେଙ୍କର ଚକ୍ଷୁ ନିବଦ୍ଧ ହୋଇଥିଲା । ତହିଁରୁ କିଛି ବୁଝିନପାରି ସେ ଇଂରାଜୀ ସାଇନବୋର୍ଡ଼ ଆଡ଼କୁ ଚାହିଁଥିଲେ । ସେଠାରେ ଶେଷରେ Sermon Department ବୋଲି ଲେଖାଥିଲା । ତାହା ପଢ଼ି ଦାସେ ଆହୁରି ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ । ତେଣୁ ସେ ନର୍ସିଂହୋମ୍‌ର କର୍ମଚାରୀଙ୍କୁ ପଚାରି ତୃତୀୟ ମହଲାରେ ଥିବା ପ୍ରବଚନ ବିଭାଗରେ ପହଞ୍ଚିଥିଲେ । ସେଠାରେ କିନ୍ତୁ ଏକ ତାଲା ଝୁଲୁଥିଲା । ଅବଶ୍ୟ ଲେଖାଥିଲା,

ଖୋଲିବା ସମୟ ସଂଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ । ଅଗତ୍ୟା ୬ଟାରେ ଆସିବାକୁ ସ୍ଥିର କରି ଦାସେ ଫେରିଯାଇଥିଲେ । 'ପୀଡ଼ାନାଶକ ନର୍ସିଂହୋମ୍'ରେ ଏହା ତାଙ୍କର ଦ୍ୱିତୀୟ ଦିନ ଥିଲା । ଗତ ସଂଧ୍ୟାରେ ତାଙ୍କ ଧର୍ମପତ୍ନୀ ଏଠାରେ ଭର୍ତ୍ତି ହୋଇଥିଲେ ।

ତଳକୁ ଓହ୍ଲାଇଆସି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଭଗବାନ ଦାସ ଓରଫ ଦାସେ ଖାଲିପଡ଼ିଥିବା ଚେୟାର ପୁନର୍ବାର ଦଖଲ କରିଥିଲେ । ସେହି କାଳ ଦିବସର ଘଟଣାବଳୀ ତାଙ୍କ ଆଖି ଆଗରେ ନାଚିଉଠିଥିଲା ।

ସେଦିନ ଛାତ ଉପରେ ଲୁଗା ଶୁଖାଇବାବେଳେ ଦାସେଙ୍କର ଅର୍ଦ୍ଧାଙ୍ଗିନୀ ତଳକୁ ଖସିପଡ଼ିଥିଲେ । ତାଙ୍କର ଜୀବନ ଯାଇନଥିଲା ସତ, ମାତ୍ର ସେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଦାସେ ଓ ବଡ଼ପୁଅ ମିଶି ତାଙ୍କୁ ବଡ଼ ଡାକ୍ତରଖାନାକୁ ନେଇଆସିଥିଲେ । ସେଠାରେ କର୍ତ୍ତବ୍ୟରତ ଡାକ୍ତର ଅବସ୍ଥା ଗୁରୁତର ବୋଲି ମତ ଦେଇଥିଲେ । "ଏପରି ଗୁରୁତର ରୋଗୀର ସଠିକ୍ ଚିକିତ୍ସା ସରକାରୀ ଡାକ୍ତରଖାନାରେ ହୋଇପାରିବ ନାହିଁ," ସେ କହିଥିଲେ । ଏ କଥା ଶୁଣି ବାପ ଓ ପୁଅ ନୈରାଶ୍ୟରେ ଭାଙ୍ଗିପଡ଼ିଲେ । ମାତ୍ର ଡାକ୍ତର କହିଲେ, "ଆପଣ ବରଂ ରୋଗୀକୁ ନର୍ସିଂହୋମ୍‌କୁ ନେଇଯାଆନ୍ତୁ । ସେ ବଞ୍ଚିଯାଇପାରେ ।" ଡାକ୍ତରଙ୍କର ଏହି କଥା ପଦକ ଦାସେଙ୍କ ମନରେ ଆଶାର ସଞ୍ଚାର କରିଥିଲା । "କେଉଁ ନର୍ସିଂହୋମ୍‌କୁ ନେବି ?" ସେ ପ୍ରଶ୍ନ କରିଥିଲେ । ଦୟାଳୁ ଡାକ୍ତର ପାଖରେ ଛିଡ଼ା ହୋଇଥିବା ଯୁବକକୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ ।

ତା'ପରେ ଦାସେଙ୍କୁ ଆଉ କିଛି କରିବାକୁ ପଡ଼ିନଥିଲା । ପରୋପକାରୀ ଯୁବକ ଜଣକ ତାଙ୍କ ପତ୍ନୀଙ୍କୁ ଏକ ନର୍ସିଂହୋମ୍‌ରେ ଆଣି ପହଞ୍ଚାଇଥିଲେ । ସେଠାରେ ଆଇ.ସି.ୟୁ.ରେ ତାଙ୍କୁ ଭର୍ତ୍ତି କରାଇ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ । ତା'ପରେ ସେ ସେଠାରୁ ବିଦାୟ ନେଇଥିଲେ । ଗଲାବେଳେ ଦାସେ ତାଙ୍କୁ କିଛି ପାରିଶ୍ରମିକ ଯାଚିଥିଲେ । ମାତ୍ର ସେହି ଅପରିଚିତ ଯୁବକ ଜଣକ ତାହାକୁ ପ୍ରତ୍ୟାଖ୍ୟାନ କରି ନୀରବରେ ପ୍ରସ୍ଥାନ କରିଥିଲେ । ତାଙ୍କ ପ୍ରତି କୃତଜ୍ଞତାରେ ଦାସେଙ୍କ ମୁଣ୍ଡ ନଇଁଯାଇଥିଲା । ଶିକ୍ଷକତା କରି ଜୀବନ ବିତାଇଥିବା ଭଗବାନ ଦାସ କିନ୍ତୁ ଜାଣିନଥିଲେ ଯେ, ସେହି ଦଲାଲ ଜଣକ ନର୍ସିଂହୋମ୍‌ର ମାଲିକଠାରୁ ମୋଟା ଅଙ୍କର ଅର୍ଥ ଲାଭ କରିବ ।

ଉକ୍ତ ନର୍ସିଂହୋମ୍‌ରେ ଚାହୁଁଚାହୁଁ ଚାରିଦିନ ବିତିଯାଇଥିଲା । ପତ୍ନୀଙ୍କ ଅବସ୍ଥାରେ କିନ୍ତୁ କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିଲା । ଦାସେଙ୍କ

ବନ୍ଧୁବାନ୍ଧବ, ସାଙ୍ଗସାଥୀ ପତ୍ନୀଙ୍କୁ ଦେଖିବା ପାଇଁ ସେଠାକୁ ଆସିଥିଲେ । ସେମାନେ କିନ୍ତୁ ସେହି ନର୍ସିଂହୋମ୍‌ର ଅବସ୍ଥା ଦେଖି ନାକ ଟେକିଥିଲେ । ସହରରେ ବଡ଼ବଡ଼ ନର୍ସିଂହୋମ୍ ଥାଉଥାଉ ଏପରି ଏକ ଛୋଟ ନର୍ସିଂହୋମ୍‌କୁ ବାଛିଥିବାରୁ ସେମାନେ ଦାସେଙ୍କୁ ଦୋଷ ଦେଇଥିଲେ । ଏଥି ସଙ୍ଗେସଙ୍ଗେ ଏକ ବଡ଼ ନର୍ସିଂହୋମ୍‌କୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ । ଦାସେ ସେମାନଙ୍କର ପରାମର୍ଶକୁ ଗ୍ରହଣ କରି ସେହି ନର୍ସିଂହୋମ୍ ଛାଡ଼ିବାକୁ ନିଷ୍ପତ୍ତି ନେଲେ ଏବଂ କର୍ତ୍ତୃପକ୍ଷଙ୍କୁ ତାହା ଜଣାଇଦେଲେ । ମାତ୍ର ନର୍ସିଂହୋମ୍ କର୍ତ୍ତୃପକ୍ଷ ରୋଗୀକୁ ଛାଡ଼ିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କଲେ । ଦାସେ ଅବଶ୍ୟ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ । ତେଣୁ କର୍ତ୍ତୃପକ୍ଷ ଅଶୀହଜାର ଟଙ୍କାର ବିଲ୍ ଧରାଇଦେଇ ତୁରନ୍ତ ଅର୍ଥ ପ୍ରଦାନ କରିବା ପାଇଁ କହିଥିଲେ । ଚାରିଦିନର ଆଇ.ସି.ୟୁ. ବାବଦକୁ ଦେୟ ଚାଳିଶହଜାର ଟଙ୍କା ଏବଂ ଔଷଧ ଆଦି ବାବଦକୁ ଖର୍ଚ୍ଚ ଚାଳିଶହଜାର ଟଙ୍କା ବିଲ୍‌ରେ ଦର୍ଶାଯାଇଥିଲା । ଦାସେ ଏହାର ପ୍ରତିବାଦ କରିଥିଲେ । କିନ୍ତୁ ନର୍ସିଂହୋମ୍ କର୍ତ୍ତୃପକ୍ଷ କିଛି ଶୁଣିନଥିଲେ । ପୂରା ଦେୟ ପଇଠ ନକଲେ ରୋଗୀକୁ ଛଡ଼ାଯିବ ନାହିଁ ବୋଲି ଜଣାଇଦେଇଥିଲେ । କାନମୁଣ୍ଡା ଆଉଁଶି ଦାସେ ଅଶୀହଜାର ଟଙ୍କା ଦାଖଲ କରିଥିଲେ । ତା'ପରେ ପତ୍ନୀଙ୍କୁ ସେଠାରୁ ଆଣି 'ପୀଡ଼ାନାଶକ ନର୍ସିଂହୋମ୍'ରେ ଭର୍ତ୍ତି କରିଥିଲେ ।

ଦାସେଙ୍କର ଭାବନାର ପ୍ରବାହ ମନ୍ଥର ଥିଲା; କିନ୍ତୁ ସମୟର ସ୍ରୋତ କ୍ଷିପ୍ର ଥିଲା । ଦାସେ ଘଣ୍ଟାକୁ ଚାହିଁଲାବେଳକୁ ୬ଟା ବାଜିସାରିଥିଲା ।  ସେ ନର୍ସିଂହୋମ୍‌ର ପ୍ରବଚନ ବିଭାଗ ଆଡ଼କୁ ଧାବମାନ ହୋଇଥିଲେ । ତାହା ଖୋଲିସାରିଥିଲା ଏବଂ ଭିତରେ ଜଣେ ଶ୍ମଶ୍ରୁଧାରୀ ସାଧୁ ଉପବେଶନ କରିଥିଲେ । ଦାସେ ବିନା ଦ୍ୱିଧାରେ ଭିତରେ ପ୍ରବେଶ କଲେ । ସନ୍ନ୍ୟାସୀ ତାଙ୍କୁ ଦେଖି ବସିବା ପାଇଁ କହିଲେ । ଦାସେ ତାଙ୍କ ସମ୍ମୁଖରେ ପଡ଼ିଥିବା ଚେୟାର ଅଧିକାର କଲେ । ସାଧୁଙ୍କ ପଛପଟ କାନ୍ଥରେ ଲେଖାଥିଲା– ସ୍ୱାମୀ ଶ୍ରୀଶ୍ରୀ ବିପିନାନନ୍ଦ ସରସ୍ୱତୀ ମହାରାଜା, ପ୍ରବଚକ । ଲେଖାରୁ ଦାସେ ସନ୍ନ୍ୟାସୀଙ୍କର ପରିଚୟ ପାଇଯାଇଥିଲେ । ଏଥର ସେ ନିଜର ପରିଚୟ ପ୍ରଦାନ କରିଥିଲେ । ସାମାନ୍ୟ କଥୋପକଥନ ପରେ ସାଧୁ ତାଙ୍କୁ ପ୍ରବଚନ ଶୁଣିବା ପାଇଁ ଆସିବାକୁ କହିଥିଲେ । ସଭାଗୃହରେ ଏହା ୬ଟା୩୦ରୁ ୭ଟା୧୫ ପର୍ଯ୍ୟନ୍ତ ଚାଲିବ ବୋଲି  ଜଣାଇଦେଇଥିଲେ ।

ଦାସେ ସେଠାରୁ ସିଧା ସଭାଗୃହକୁ ଯାଇଥିଲେ । ପ୍ରବଚକ ଯଥାସମୟରେ ପହଞ୍ଚି ତାଙ୍କର ପ୍ରବଚନ ଆରମ୍ଭ କରିଥିଲେ । ଦୀର୍ଘ ୪୫ ମିନିଟ୍ ଧରି ସେ ଖୁବ୍ ସରଳ

ଓ ପ୍ରାଞ୍ଜଳ ଭାବରେ କହିଚାଲିଥିଲେ । ତାଙ୍କ କଥାରେ ସମ୍ମୋହନ ଶକ୍ତି ଭରି-ରହିଥିଲା । ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇ ତାଙ୍କ କଥା ଶୁଣୁଥିଲେ । କେତେବେଳେ ୪୫ ମିନିଟ୍ ପୂରିଯାଇଛି, ଦାସେ ତାହା ଜାଣିପାରି ନଥିଲେ । ପ୍ରବଚନର ସାରାଂଶ ଥିଲା, 'ମଣିଷ ଜୀବନ ଅମୂଲ୍ୟ – ଏହା ଦୁର୍ଲଭ । ଅପର ପକ୍ଷରେ, ଧନସମ୍ପତ୍ତି ତୁଚ୍ଛ – ଏହା ଅଳୀକ । ଧନସମ୍ପତ୍ତିରେ ଆସକ୍ତି ରଖିବା ଉଚିତ ନୁହେଁ; ଜୀବନ ବଞ୍ଚାଇବା ପାଇଁ ବିନା ଦ୍ୱିଧାରେ ଏହାର ବିନିଯୋଗ କରିବା ଉଚିତ ।'

ଦାସେ ପ୍ରତ୍ୟେକ ଦିନ ନର୍ସିଂହୋମ୍‌ରେ ପ୍ରବଚନ ଶୁଣିବା ପାଇଁ ଯାଉଥିଲେ । ତାଙ୍କ ପରି ଅନେକ ଆଟେଣ୍ଡାଣ୍ଟ ବି ଆସୁଥିଲେ । ସଭାଗୃହ ପ୍ରାୟ ଭରପୂର ହୋଇଯାଉଥିଲା । ପ୍ରତ୍ୟେକ ଦିନ ପ୍ରବଚନର ସାରାଂଶ ଅବଶ୍ୟ ଏକ ଥିଲା, କିନ୍ତୁ ପ୍ରବଚକ ଭିନ୍ନଭିନ୍ନ ଉଦାହରଣ ଉପସ୍ଥାପନ କରୁଥିଲେ । ତେଣୁ ପରିବେଶ ଆଦୌ ବିରକ୍ତିକର ହେଉନଥିଲା । ବରଂ ବାତାବରଣ ସରସ ଓ ଗମ୍ଭୀର ହୋଇଉଠୁଥିଲା । ପ୍ରବଚନ ଶୁଣି ଶ୍ରୋତାମାନଙ୍କର ଜୀବନ ପ୍ରତି ଆସକ୍ତି ବଢୁଥିଲା । ଅପର ପକ୍ଷରେ, ସମ୍ପତ୍ତି ପ୍ରତି ସେମାନଙ୍କର ଆସକ୍ତି ଛିଡୁଥିଲା । ସଭାଗୃହର ଚାରିକାନ୍ଥରେ ତ ଲେଖା ଥିଲା – 'ଜୀବନ ଅମୂଲ୍ୟ; ସମ୍ପତ୍ତି ଅଳୀକ ।' ସେ ଯାହାହେଉ, ନର୍ସିଂହୋମ୍ କର୍ତ୍ତୃପକ୍ଷ ପ୍ରବଚନ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲି ବିନା ଶୁଳ୍କରେ ପ୍ରବଚନ ଶୁଣାଇବାର ବ୍ୟବସ୍ଥା କରିଥିବାରୁ ସେମାନେ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରୁଥିଲେ ।

ଏଣେ ଦିନ ଗଡ଼ିଚାଲିଥିଲା । ଦାସେ ପତ୍ନୀଙ୍କୁ ଧରି 'ପୀଡ଼ାନାଶକ ନର୍ସିଂହୋମ୍'କୁ ଆସିବା ଆଠଦିନ ହୋଇଯାଇଥିଲା । ପତ୍ନୀଙ୍କର ଅବସ୍ଥାରେ ଯେ ଉନ୍ନତି ହେଉନଥିଲା, ତାହା ନୁହେଁ । ମାତ୍ର ସେ ସୁସ୍ଥ ହେବାର ବେଗ ଖୁବ୍ ମନ୍ଥର ଥିଲା । ସେ ଭଲ ହୋଇ ଘରକୁ ଫେରିବା ପାଇଁ କେତେ ଦିନ ଲାଗିବ, ତାହା ଭାବି ହେଉନଥିଲା । ଟଙ୍କା ତ ପାଣି ପରି ବୋହିଯାଉଥିଲା । ଦିନକୁ ଆଇ.ସି.ୟୁ. ଚାର୍ଜ ଦଶହଜାର ଟଙ୍କା ପଡୁଥିଲା । ଔଷଧ ଆଦି ବାବଦକୁ ଦୈନିକ କେତେ ଖର୍ଚ୍ଚ ହେଉଥିଲା, ତା'ର କିଛି ଠିକ୍‌ଠିକଣା ନଥିଲା । କେଉଁ ଦିନ ଏକହଜାର ଟଙ୍କା ତ କେଉଁ ଦିନ ପାଞ୍ଚହଜାର ଟଙ୍କା ଲାଗୁଥିଲା । ପତ୍ନୀଙ୍କୁ କି ଔଷଧ, କି ଇଞ୍ଜେକସନ୍ ଦିଆଯାଉଛି, ଦାସେ ତାହା ଜାଣିବାର ଉପାୟ ନଥିଲା; କାରଣ ସେସବୁ ଆଇ.ସି.ୟୁ. ଭିତରେ ହିଁ ଦିଆଯାଉଥିଲା । ଖାଲି ଟଙ୍କା ଗଣିବା ଦାସେଙ୍କର  କାମ ଥିଲା ।

ଦାସେଙ୍କ ପାଖେ ଥିବା ଟଙ୍କା କ୍ରମଶଃ ସରିଆସୁଥିଲା । ସେଥି ସହ ତାଳଦେଇ ତାଙ୍କର ମୁଣ୍ଡବ୍ୟଥା ବଢ଼ିଚାଲିଥିଲା । ଅବସର ନେଲାପରେ ତାଙ୍କୁ ଗ୍ରାଚ୍ୟୁଟି ବାବଦକୁ

ପ୍ରାୟ ଦେଢ଼ଲକ୍ଷ ଟଙ୍କା ମିଳିଥିଲା । ଅଣ-ବିନିଯୋଗ ଅର୍ଜିତ ଛୁଟି ଭଙ୍ଗାଇ ସେ ପାଖାପାଖି ସେହି ପରିମାଣର ଅର୍ଥ ପାଇଥିଲେ । ପୁଣି କମ୍ୟୁଟେସନ ଅଫ୍ ପେନସନ ବାବଦରେ ସେ ଅଢ଼େଇଲକ୍ଷ ଟଙ୍କା ଆଣିଥିଲେ । ଜି.ପି.ଏଫ୍.ରୁ ମିଳିଥିବା ଟଙ୍କାର ପରିମାଣ ନଗଣ୍ୟ ଥିଲା । କାରଣ ସେ ପୂର୍ବରୁ ତହିଁରୁ ଟଙ୍କା ଉଠାଇସାରିଥିଲେ ।

ଚାକିରିରେ ଥିବାବେଳେ ଦାସେ ସହର ଉପକଣ୍ଠରେ ଏକ ଜାଗା କିଣିଥିଲେ । ସେଥିପାଇଁ ସେ ତାଙ୍କର ସମସ୍ତ ସଞ୍ଚିତ ଅର୍ଥ ଦେବାପରେ ବି ଆହୁରି ନିଅଣ୍ଟ ପଡ଼ିଥିଲା । ତେଣୁ ସେ ଜି.ପି.ଏଫ୍.ରୁ ଟଙ୍କା ଉଠାଇ ତାହା ଭରଣା କରିଥିଲେ । ଅବସର ନେଲାବେଳକୁ ତାଙ୍କ ହାତରେ ସେମିତି କିଛି ଟଙ୍କା ନଥିଲା । ଅବସରକାଳୀନ ପ୍ରାପ୍ୟରୁ ବଡ଼ପୁଅ ବ୍ୟବସାୟ କରିବା ପାଇଁ ଦୁଇଲକ୍ଷ ଟଙ୍କା ନେଇଥିଲା । ଏକ ବେସରକାରୀ ସଂସ୍ଥାରେ ଚାକିରି କରିଥିବା ସାନପୁଅକୁ ସରକାରୀ ଚାକିରି କରାଇଦେବ ବୋଲି କହି ଟାଉଟର ପଚାଶହଜାର ଟଙ୍କା ମାରିନେଇଥିଲା । ଜାଗା ଚାରିକଡ଼େ ପାଚେରି ନିର୍ମାଣ ଆରମ୍ଭ କରି ଦାସେ ସେ ବାବଦରେ କିଛି ଟଙ୍କା ଖର୍ଚ୍ଚ କରି-ଦେଇଥିଲେ । ଦୁର୍ଘଟଣା ପରେ ସେ କାମ ଆପେ ବନ୍ଦ ହୋଇଯାଇଥିଲା । ପତ୍ନୀଙ୍କର ଚିକିତ୍ସା ଖର୍ଚ୍ଚ ପାଇଁ ଆଉ ଅର୍ଥ କେଉଁଠୁ ଆସିବ, ଦାସେଙ୍କୁ ସେ ଚିନ୍ତା ଘାରିଥିଲା ।

ହଠାତ୍ ନର୍ସିଂହୋମ୍‌ର ସଭାଗୃହର ପରିଚାଳକ ହରି ଓଁ ଦାସେଙ୍କ ପାଖେ ପହଞ୍ଚି-ଯାଇଥିଲେ । ଦାସେ ତାଙ୍କୁ ପ୍ରତ୍ୟେକ ଦିନ ସଭାଗୃହରେ ଦେଖୁଥିଲେ । ତେଣୁ ସେ ହରି ଓଁଙ୍କୁ ଚିହ୍ନିଥିଲେ । ହରି ଓଁ କହିଲେ, "ଏତେଦିନ ଆଇ.ସି.ୟୁ.ରେ ବିତିଲାଣି । ବହୁତ ଅର୍ଥ ଶ୍ରାଦ୍ଧ ହେବଣି ।" "କୁହନ୍ତୁନି ସେ କଥା", ବ୍ୟସ୍ତ ଓ ବିବ୍ରତ ହୋଇ ଦାସେ କହିଥିଲେ । ହରି ଓଁ ତାଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ କହିଥିଲେ, "ବ୍ୟସ୍ତ ହୁଅନ୍ତୁ ନାହିଁ, ଅବସ୍ଥା ତ ଭଲ ଆଡ଼କୁ ଯାଉଛି ।" ଏତିକି କହି ସେ ଦାସେଙ୍କ ଆଡ଼କୁ ଏକ ନୋଟବିଡ଼ା ବଢ଼ାଇଦେଲେ । କହିଲେ, "ପଚାଶହଜାର ଟଙ୍କା ଅଛି; ରଖିଥାନ୍ତୁ । ଅଣ୍ଟନିଅଣ୍ଟ ହେଲେ କହିବେ ।" ଦାସେ ସ୍ୱପ୍ନ ଦେଖୁଛନ୍ତି ବୋଲି ଭାବିଥିଲେ । ତେଣୁ ଆଖି ମଳି ପୁଣି ଚାହିଁଥିଲେ । ନା ସ୍ୱପ୍ନ ନୁହେଁ; ଏହା ବାସ୍ତବତା । "ରଖନ୍ତୁ, କାମରେ ଲାଗିବ । ପରେ ଶୁଝିଦେବେ," ହରି ଓଁ କହିଲେ । ଥରିଲା ହାତରେ ଦାସେ ଟଙ୍କାବିଡ଼ା ଧରିଥିଲେ । ହରି ଓଁ ତତ୍‌କ୍ଷଣାତ୍ ବିଦାୟ ନେଇଥିଲେ। ଦାସେଙ୍କ ପାଟିରୁ ବାହାରିଥିଲା, "ହରି ଓଁ ! ତୁମେ ମଣିଷ ନୁହଁ, ତୁମେ ଭଗବାନ ।"

"ଅଣ୍ଟନିଅଣ୍ଟ□ହେଲେ କହିବେ", ହରି ଓଁଙ୍କର ଏହି କଥା ପଦକ ଦାସେଙ୍କ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । ତାଙ୍କ ମନରେ ସାହସ ଭରିଯାଇଥିଲା ।

ତିନିଦିନ ପରେ ହରି ଓଁ ପୁଣି ଆସିଥିଲେ । "ଟଙ୍କା ତ ସରିଆସିବଣି ?" ସେ ପ୍ରଶ୍ନ କରିଥିଲେ । "ଆପଣଙ୍କୁ କ'ଣ ବା କହିବି ! ଆପଣ ତ ସବୁ ଜାଣୁଛନ୍ତି," ଦାସେ ଉତ୍ତର ରଖିଥିଲେ । "ମୁଁ ଆପଣଙ୍କୁ ଆଉ ପଚାଶହଜାର ଟଙ୍କା ଦେଇପାରେ... କିନ୍ତୁ ଆପଣ ଏହା ପରିଶୋଧ କରିବେ କିପରି ?" ହରି ଓଁ ପଚାରିଲେ । ଦାସେ ନୀରବ ରହିଲେ; କାରଣ ଏହାର ଉତ୍ତର ତାଙ୍କ ପାଖେ ନଥିଲା । ହରି ଓଁ ମନେପକାଇଦେଲେ, "ଜୀବନ ଅମୂଲ୍ୟ; ସମ୍ପତ୍ତି ଅଳୀକ ।" "ହଁ, ପ୍ରତ୍ୟେକ ଦିନ ପ୍ରବଚନ ଶୁଣି ମୁଁ ଏହା ହିଁ ଶିଖିଛି," ଦାସେ କହିଥିଲେ । "ତେବେ ସହରର ଉପକଣ୍ଠରେ ଥିବା ଜମି ଖଣ୍ଡକ ବିକ୍ରି କରିଦିଅନ୍ତୁ," ହରି ଓଁ ନମ୍ରତାର ସହ ପ୍ରସ୍ତାବ ଦେଇଥିଲେ । "ତା'ଛଡ଼ା ମୋର ଅନ୍ୟ ଗତି ନାହିଁ," ଦାସେ କହିଥିଲେ । ହରି ଓଁ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ।

ତା' ପରଦିନ ହିଁ ଦାସେଙ୍କର ଜମି ବିକ୍ରି ହୋଇଯାଇଥିଲା ଏବଂ ସେ ତା'ର ମୂଲ୍ୟ ପାଇଯାଇଥିଲେ । ଜମି କିଣିଲାବେଳେ ଦାସେ କେତେ ଯେ ଦହଗଞ୍ଜ ହୋଇଥିଲେ, ତା'ର ଇୟତ୍ତା ନଥିଲା । ମାତ୍ର ବିକିଲାବେଳେ ଟିକିଏ ବି ଝିଞ୍ଜଟ ହୋଇନଥିଲା । ହରି ଓଁ ତାଙ୍କୁ ଗାଡ଼ିରେ ବସାଇ ରେଜିଷ୍ଟ୍ରୀଖାନାକୁ ନେଇଯାଇଥିଲେ । ସେଠାରେ ଆଖି ପିଛୁଳାକେ କାମ ସରିଯାଇଥିଲା । ହରି ଓଁ ଦାସେଙ୍କ ହାତରେ ପନ୍ଦର-ଲକ୍ଷ ଟଙ୍କା ଧରାଇଦେଇଥିଲେ ।

ଯାହାହେଉ, ତହିଁ ଆରଦିନ ଦାସେଙ୍କ ପତ୍ନୀ ଆଇ.ସି.ୟୁ.ରୁ ରୁମ୍‌କୁ ସ୍ଥାନାନ୍ତର ହୋଇଥିଲେ । ଏଥି ସଙ୍ଗେସଙ୍ଗେ ତାଙ୍କର ଖର୍ଚ୍ଚ ବି ଖୁବ୍ କମିଯାଇଥିଲା । ରୁମ୍ ଚାର୍ଜ ଦିନକୁ ମାତ୍ର ବାରଶହ ଟଙ୍କା ପଡୁଥିଲା । ଔଷଧ ଆଦି ବାବଦକୁ ଦୈନିକ ହଜାରେରୁ ଦେଢ଼ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିଲା । ଏଣେ ଦାସେଙ୍କ ହାତରେ ଯଥେଷ୍ଟ ଧନ ରହିଥିଲା ।

ରୁମ୍‌ରେ ଦଶଦିନ ରହିଲାପରେ ନର୍ସିଂହୋମ୍ କର୍ତ୍ତୃପକ୍ଷ ଦାସେଙ୍କ ପତ୍ନୀଙ୍କୁ ଡିସ୍‌ଚାର୍ଜ କରିଦେଇଥିଲେ । ଦାସେ ଏକ ଟ୍ୟାକ୍ସି ଭଡ଼ା କରି ତାଙ୍କୁ ଘରକୁ ଆଣିଥିଲେ । ଫେରିବା ବାଟରେ ଭାବୁଥିଲେ, ପ୍ରବଚନ ବିଭାଗ ଖୋଲି ପ୍ରବଚନ ମାଧ୍ୟମରେ 'ବ୍ରେନ୍-ୱାସ୍' କରାଉଛନ୍ତି । ଆଉ ତା'ପରେ ନିର୍ବିଘ୍ନରେ ସମ୍ପତ୍ତି / ଜମି କରଗତ କରିନେଉଛନ୍ତି। ତା'ପରେ ଯାଇ ରୋଗୀକୁ ଆଇ.ସି.ୟୁ. ଭିତରୁ ବାହାର କରୁଛନ୍ତି । "ହଉ ଭୋଗିବ, ଆର ଜନ୍ମରେ ଭୋଗିବ", ଦାସେ କ୍ଷୀଣ ସ୍ୱରରେ କହିଥିଲେ ।

ସେଦିନ ସଂଧ୍ୟାରେ ଭଗବାନ ଦାସ ଓରଫ ଦାସେ ପତ୍ନୀଙ୍କ ପାଖରେ ବସି ଖବରକାଗଜର ପୃଷ୍ଠା ଓଲଟାଉଥିଲେ । ପତ୍ନୀ କହିଲେ, "ଯାହା ହେବାର ଥିଲା,

ହୋଇଗଲା । ଆମ ଜାଗାକୁ ବନ୍ଧାଦେଇ ତୁମେ ବ୍ୟାଙ୍କରୁ ଋଣ ନେଇଆସ । ଆମେ ଯାଇତାଇ ଘରଖଣ୍ଡେ କରିଦେବା । ଉପରେ ଆଜବେଷ୍ଟସ୍ ପକାଇଦେବା । ଯେତେ ଶୀଘ୍ର ସମ୍ଭବ ସେଠାକୁ ଚାଲିଯିବା । ଆଉ ଘରଭଡ଼ା ଦେବାକୁ ପଡ଼ିବନାହିଁ । ଖାଲି ସ୍ଥାନରେ ପରିବା ଲଗାଇବା । ପରିବା ଖର୍ଚ୍ଚ ବି କମିଯିବ । ନିଜ ଘରେ ରହିବାର ସୁଖ ଆଉ କେଉଁଠି ମିଳିବନାହିଁ ।" ଆହା ! ବିଚରା ସ୍ତ୍ରୀ ଜାଣିନଥିଲେ ଯେ, ଇତିମଧ୍ୟରେ ଜାଗା ବିକ୍ରି ହୋଇସାରିଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ଦାସ ଓରଫ ଦାସେଙ୍କ ପାଟିରୁ କଥା ବାହାରିନଥିଲା । ସେ ନୀରବରେ ବାହାରକୁ ଚାଲିଆସିଥିଲେ । ସେ ଆକାଶକୁ ଚାହିଁଥିଲେ; ଦୀର୍ଘ ଶ୍ୱାସ ଛାଡ଼ିଥିଲେ । ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଥିଲା ।

•

# ପୁନଃନିଯୁକ୍ତି ଲୋଡ଼ା

ସମୟ ଅପରାହ୍ଣ ୫ଟା । ମୁଁ କାର୍ଯ୍ୟାଳୟ ଛାଡ଼ିବାକୁ ବସିଛି । ହଠାତ୍ ପୂର୍ବତନ ଅଧ୍ୟକ୍ଷ ସୁନୀଲ ଜେନା ଝଡ଼ ବେଗରେ ମୋ ପ୍ରକୋଷ୍ଠକୁ ପଶିଆସିଲେ । ସେ ଖୁବ୍ ବିବ୍ରତ ଥିବାପରି ଜଣାପଡୁଥିଲେ । ମୁଁ ଆସନରୁ ଉଠି ତାଙ୍କୁ ସମ୍ମାନ ଜଣାଇଥିଲି ଏବଂ ବସିବାକୁ ଅନୁରୋଧ କରିଥିଲି । ବସୁ ନବସୁଣୁ ସେ କହିଲେ, "ମୋତେ ସାହାଯ୍ୟ କରନ୍ତୁ; ନଚେତ୍ ମୁଁ ବଞ୍ଚିପାରିବି ନାହିଁ ।"

ଶ୍ରୀ ଜେନା ଆମ କଲେଜର ଅଧ୍ୟକ୍ଷ ପଦରୁ ଅବସର ନେବା ଦିନ ମୋତେ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ମୋ ଉପରେ ତାଙ୍କର ଆଶା ଓ ଭରସା ଥିବାରୁ ଅନ୍ୟ ଦୁଇଜଣଙ୍କର ବରିଷ୍ଠତାକୁ ଉପେକ୍ଷା କରି ମୋ ମୁଣ୍ଡରେ ଶିରପା ବାନ୍ଧିଥିଲେ । ତେଣୁ ତାଙ୍କ ପ୍ରତି ମୁଁ ଆବଶ୍ୟକତାଠାରୁ ଅଧିକ କୃତଜ୍ଞ ଥିଲି । କହିଲି, "ସାର୍ ବିବ୍ରତ ହୁଅନ୍ତୁ ନାହିଁ । ଆପଣଙ୍କର ଯାହା ସାହାଯ୍ୟ ଦରକାର, ମୁଁ ନିଶ୍ଚୟ କରିବି ।" ମୋ କଥା ଶୁଣି ସେ ସାମାନ୍ୟ ଆଶ୍ୱସ୍ତ ହେଲାପରି ବୋଧହେଲେ । କହିଲେ, "ମୋର ଅବସର ନେବା ଛଅମାସ ହୋଇଗଲା । ଏବେ ମୋ ହାତରେ କୌଣସି କାମ ନାହିଁ । ଘରେ ବସିବସି ମୁଁ ପାଗଳ ପ୍ରାୟ ଅନୁଭବ କରୁଛି । ଆପଣ ମୋତେ କଲେଜରେ ପୁନଃନିଯୁକ୍ତି ଦିଅନ୍ତୁ । ମୁଁ ପୁଣି ପିଲାମାନଙ୍କୁ ପାଠ ପଢ଼ାଇବି ।" ବିନମ୍ର ଭାବରେ ମୁଁ କହିଲି, "ଆପଣ ଅବସର ନେବା ପରେପରେ ସରକାର ସେ ପଦ ବଦଳିଦ୍ୱାରା ପୂରଣ କରିଦେଇଛନ୍ତି । ତେଣୁ ଆପଣଙ୍କ ବିଭାଗରେ ଆଉ କୌଣସି ପଦବୀ ଖାଲି ନାହିଁ । ଯଦି ଖାଲିଥାଆନ୍ତା, ତେବେ ମୁଁ ସରକାରୀ ଯୋଜନା ଅନୁସାରେ ଆପଣଙ୍କୁ 'ଗେଷ୍ଟ ଫାକଲ୍ଟି' ଭାବେ ରଖିଦେଇଥାନ୍ତି । କିନ୍ତୁ..." ମୋତେ କଥା ସାରିବାକୁ ନଦେଇ ଶ୍ରୀ ଜେନା କହିଲେ, "ପଦବୀ ଖାଲିନଥିବା କଥା ମୁଁ ଜାଣେ । ଆପଣଙ୍କୁ ଅନୁରୋଧ କରୁଛି, ମୋତେ ଅବୈତନିକ ଭାବେ ଶିକ୍ଷାଦାନ କରିବାକୁ ଅନୁମତି ଦିଅନ୍ତୁ ।"

ସରକାରୀ କଲେଜରେ ଅବୈତନିକ ଭାବେ କାର୍ଯ୍ୟ କରିବା ଆଦୌ ଆଇନସମ୍ମତ ନଥିଲା । କିନ୍ତୁ ପ୍ରାକ୍ତନ ଅଧ୍ୟକ୍ଷଙ୍କର ମାନସିକ ଅବସ୍ଥା ଦେଖି ମୁଁ ହଠାତ୍ ତାହା ଜଣାଇପାରି ନଥିଲି । ବରଂ କହିଥିଲି, "ମୋଦ୍ୱାରା ଯାହା ସମ୍ଭବ ତାହା ଅବଶ୍ୟ

କରିବି । କିନ୍ତୁ ତା'ପୂର୍ବରୁ ଆପଣଙ୍କୁ ଏକ ବିକଳ୍ପ ପ୍ରସ୍ତାବ ଦେବାକୁ ଚାହୁଁଛି ।" ସେ ନିରବ ରହିଥିଲେ ଏବଂ ତାଙ୍କ ନିରବତାକୁ ମୁଁ ସମ୍ମତି ବୋଲି ଭାବିଥିଲି । କହିଲି, "ଏବେ ଆମ ରାଜ୍ୟରେ ଘରୋଇ ଉଦ୍ୟୋଗରେ 'ସେଲ୍‌ଫ ଫାଇନାନ୍‌ସିଂ କଲେଜ'ସବୁ ଗଢ଼ିଉଠିଛି । ଏହି ଧରଣର କୌଣସି ଏକ କଲେଜରେ ଆପଣ ଅଧ୍ୟକ୍ଷ ରହିଲେ ଭଲ ହୁଅନ୍ତା । ମୁଁ ଏ ଦିଗରେ ଆପଣଙ୍କୁ ସାହାଯ୍ୟ କରନ୍ତି ।" ମୋ କଥା ଶୁଣି ସେ ଦୀର୍ଘନିଶ୍ୱାସ ଛାଡ଼ିଥିଲେ ଏବଂ କହିଥିଲେ, "ଅବସର ନେବାପରେ ଏକ 'ସେଲ୍‌ଫ ଫାଇନାନ୍‌ସିଂ କଲେଜ'ର ଅଧ୍ୟକ୍ଷ ଭାବେ ଯୋଗଦେଇଥିଲି । ମାତ୍ର ସେଠାରେ ମୋର ମାସେ ବି ପୂରଣ ହୋଇନଥିଲା । ପରିଚାଳନା ସମିତି ଜଣୈକା ଅଧ୍ୟାପିକାଙ୍କୁ ମୁଁ ଆପତ୍ତିଜନକ ବ୍ୟବହାର କରିଥିବାର ମିଥ୍ୟା ଅଭିଯୋଗ ଆଗତ କରିଥିଲେ । ଘଟଣା ପ୍ରଘଟ ହେଲେ ଅନୁଷ୍ଠାନର ଦୁର୍ନାମ ହେବା ଆଶଙ୍କା କରି ମୋତେ ଚାକିରି ଛାଡ଼ି ପଳାଇଯିବାକୁ ପରାମର୍ଶ ଦେଇଥିଲେ । ମୁଁ ଚୁପ୍‌ଚାପ୍ ସେଠାରୁ ପଳାଇଆସି ନିଶ୍ଚିତ ମାମୁଘର ଯିବାରୁ ରକ୍ଷା ପାଇଥିଲି ।" ସାର୍‌ଙ୍କଠାରୁ ଏହି ଘଟଣା ଶୁଣି ତାଙ୍କର ପୂର୍ବ ବୃତ୍ତାନ୍ତ ମୋର ମନେପଡ଼ିଯାଇଥିଲା । ସରକାରୀ ଚାକିରିରେ ଥିବାବେଳେ ଥରେ ଛାତ୍ରୀଙ୍କ ପ୍ରତି ଓ ଥରେ ଅଧ୍ୟାପିକାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା । ମାତ୍ର ନିର୍ଦ୍ଦେଶକ ତାଙ୍କର ବନ୍ଧୁ ହୋଇଥିବାରୁ ତାଙ୍କ ପାଖେ ନେହୁରା ହୋଇ ସେ ଅଭିଯୋଗରୁ ବର୍ତ୍ତିଯାଇଥିଲେ ।

କିଛି ସମୟ ନିରବରେ ବିତିଯିବା ପରେ ମୁଁ କହିଥିଲି, "ଯଦି ଆପଣ କୌଣସି କୋଚିଂ ସେଣ୍ଟରରେ ଶିକ୍ଷାଦାନ କରିବାକୁ ରାଜି ହୁଅନ୍ତି, ତେବେ ମୁଁ ତା'ର ବ୍ୟବସ୍ଥା କରିଦେବି ।" ମୋ କଥା ଶୁଣି ସେ ଆହୁରି ଭାଙ୍ଗିପଡ଼ିବା ପରି ଲାଗିଲେ । ଖୁବ୍ ନୀଚ ସ୍ୱରରେ କହିଲେ, "ମୁଁ ଏକ କୋଚିଂ ସେଣ୍ଟରରେ କିଛିଦିନ ପାଠ ପଢ଼ାଇଥିଲି । ମାତ୍ର ମୋର ପଢ଼ାଇବାର ମାନ ଖୁବ୍ ଉଚ୍ଚ ହୋଇଥିବାରୁ ପିଲାମାନେ ମୋ କଥା ବୁଝିପାରି ନଥିଲେ । ସେମାନେ ସେଣ୍ଟରର ମାଲିକଙ୍କୁ ଏହା ଜଣାଇଥିଲେ । ତେଣୁ ସେଠାରୁ ବି ବିଦା ହୋଇ ଆସିଥିଲି ।"

ମୁଁ ନିଜକୁ ନିଜେ କହିଥିଲି, "ମହାଶୟ କଲେଜରେ ଚାକିରି କରିଥିବାବେଳେ କେଉଁ କ୍ଲାସ୍ ନେଉଥିଲେ ଯେ ! କ୍ଲାସ୍ ନେଲେ ବି କେଉଁ ପାଠ ପଢ଼ାଉଥିଲେ ଯେ ! ପାଠ ପଢ଼ାଇଲେ ବି ପିଲାମାନେ କେଉଁ ବୁଝିପାରୁଥିଲେ ଯେ ! ଖାଲି ସରକାରୀ କଲେଜ ବୋଲି ଚାକିରି ନଯାଇ ରହିଯାଇଥିଲା ସିନା ! ଆଜି ସେ କୃତକର୍ମର ଫଳ ଭୋଗୁଛନ୍ତି ଯାହା ।"

ତାଙ୍କ ଆଗରେ ଉପସ୍ଥାପନ କଲାଭଳି ମୋ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା । ଶେଷରେ କହିଥିଲି, "ସାର୍ ! ଆପଣ ଅବସର ନେବା ଛଅମାସ ହୋଇଗଲାଣି । ଆଉ ଛଅମାସ ଧୈର୍ଯ୍ୟଧରି ଅପେକ୍ଷା କରନ୍ତୁ । ଚାହୁଁଚାହୁଁ ସମୟ ଗଡ଼ିଯିବ । ତା'ପରେ ଆପଣଙ୍କ ବିଭାଗରୁ ଜଣେ ଅଧ୍ୟାପକ ଅବସର ନେବେ ଏବଂ ସେଥିଯୋଗୁଁ ଗୋଟିଏ ପଦବୀ ଖାଲି ହେବ । ତହିଁରେ ମୁଁ ଆପଣଙ୍କୁ 'ଗେଷ୍ଟ ଫାକଲ୍‌ଟି' ଭାବେ ରଖିଦେବି ।" ମୋ କଥା ଶୁଣି ସେ ଦୀର୍ଘନିଶ୍ୱାସ ଛାଡ଼ିଥିଲେ । "ହଉ ଯାହା ଭାଗ୍ୟରେ ଅଛି," କହି ଆସନ ଛାଡ଼ିଥିଲେ । ମୁଁ ଜାଣିଥିଲି, ଛଅମାସ ବେଳକୁ ମୁଁ ଚାକିରିରେ ନଥିବି; ଅବସର ନେଇସାରିଥିବି ।

ଚାକିରିକାଳ ଭିତରେ ମୌଳିକ କର୍ତ୍ତବ୍ୟକୁ ଭୁଲିଯାଇ ଅବସର ନେବାପରେ ପୁନଃନିଯୁକ୍ତି ପଛରେ ଧାଇଁବାର ମନୋବୃତ୍ତିକୁ ମୁଁ ଆଦୌ ଗ୍ରହଣ କରିପାରି ନଥିଲି ।

●

# ରେଳମନ୍ତ୍ରୀଙ୍କୁ ଚିଠି

ସମ୍ମାନନୀୟ ମହାଶୟ,

ପ୍ରଣାମ ନେବେ । ଆପଣ ଜାଣନ୍ତି ଯେ, ଆମର ରେଳମନ୍ତ୍ରୀ ପ୍ରାୟଶଃ ରେଳଗାଡ଼ିରେ ଯିବାଆସିବା କରନ୍ତିନାହିଁ । ଏହା ଆମ ଦେଶର ଏକ ବୈଶିଷ୍ଟ ଅଟେ । ସେ ଉଡ଼ାଜାହାଜରେ ଯାତ୍ରା କରନ୍ତି ଏବଂ ତହିଁରୁ ଓହ୍ଲାଇ ମୋଟରଗାଡ଼ିରେ ଗନ୍ତବ୍ୟସ୍ଥଳକୁ ଯା'ନ୍ତି । ସୁତରାଂ ରେଳଯାତ୍ରୀଙ୍କର ଦୁର୍ଦ୍ଦଶା ପ୍ରତ୍ୟକ୍ଷ କରିବାର ଦୁର୍ଭାଗ୍ୟ ତାଙ୍କର ଜୁଟେନାହିଁ । କାହିଁକି କେଜାଣି, ଆପଣ ଏଥିରୁ ବ୍ୟତିକ୍ରମ ହେବେ ବୋଲି ମୁଁ ଭାବିଥିଲି । ମାତ୍ର ମୋ ଭାବନା ବାସ୍ତବତାରେ ରୂପାୟିତ ହେଲାନାହିଁ । ଗତ ଚାରିଦଶନ୍ଧି ଧରି ମୁଁ ରେଳଗାଡ଼ିରେ ଯା-ଆସ କରିଆସୁଛି । ମାତ୍ର ଆଜିର ଦୁର୍ଦ୍ଦଶା ଆଗ ଅପେକ୍ଷା ବଳିଗଲାଣି; ତାହା ଆଉ ସହି ହେଉନାହିଁ । ତେଣୁ ଏ ପତ୍ର ମାଧ୍ୟମରେ ସେସବୁ ଆପଣଙ୍କ ଦୃଷ୍ଟିକୁ ଆଣୁଛି ।

ରେଳଗାଡ଼ି ବିଳମ୍ବରେ ଚାଲିବା କିଛି ନୂଆକଥା ନୁହେଁ । କିନ୍ତୁ ଆଜି ତାହା ସୀମା ଟପିବାକୁ ବସିଲାଣି । ଆଗେ ବିଳମ୍ବକୁ 'ଘଣ୍ଟା'ରେ ପ୍ରକାଶ କରାଯାଉଥିଲା; ଏବେ କିନ୍ତୁ ତାହା 'ଓଳି'ରେ ବ୍ୟକ୍ତ କରାଯାଉଛି । (ମହାଭାଗ ! ଜାଣିବେ, 'ଓଳି' କହିଲେ ଦିବାଭାଗର ଅଧା ସମୟ ଅର୍ଥାତ୍ ଛଅଘଣ୍ଟାକୁ ବୁଝାଇଥାଏ ।) ସେଦିନ ମୋର ଜନୈକ ସହଯାତ୍ରୀଙ୍କୁ ତାଙ୍କର ପୁଅ ମୋବାଇଲ ଫୋନରେ ପଚାରିଥିଲେ, "ବାପା ! ଗାଡ଼ି କେତେ ବିଳମ୍ବରେ ଚାଲିଛି ?" ସେ ଉତ୍ତର ଦେଇଥିଲେ, "ଓଳିଏ 'ଲେଟ୍' ହେଲାଣି !" ମହାଶୟ ! ଆଜି ବି ଆମ ରାଜଧାନୀରୁ ଦେଶର ଅନେକ ସ୍ଥାନକୁ ସିଧାସଳଖ ରେଳଯାତ୍ରାର ସୁଯୋଗ ନାହିଁ । ସେସବୁ ସ୍ଥାନକୁ ଯିବାକୁ ହେଲେ ଆମେ ହାଓ୍ୱଡ଼ା ବା ଚେନ୍ନାଇ ବା ଅନ୍ୟ କୌଣସି ଷ୍ଟେସନରେ ଓହ୍ଲାଇ ସେଠାରୁ ଦୋସରା ଟ୍ରେନ୍ ଧରିଥାଉ । ଏହି ଆଗକୁ ଯାତ୍ରା ବା 'ଅନ୍‌ୱାର୍ଡ଼ ଜର୍ଣ୍ଣି' ପାଇଁ ଆମେ ମଝି ଷ୍ଟେସନରେ ଆଗେ ତିନି କି ଚାରି ଘଣ୍ଟା ସମୟ ହାତରେ ରଖୁଥିଲୁ । ମାତ୍ର ଏବେ ଗାଡ଼ି ଚଳାଚଳରେ ଅସ୍ୱାଭାବିକ ବିଳମ୍ବ ଯୋଗୁଁ ଓଳିଏ ସମୟ ହାତରେ ରଖିଲେ ବି ଯଥେଷ୍ଟ ହେଉନାହିଁ । ମଝି ଷ୍ଟେସନରେ ପହଞ୍ଚିଲାବେଳକୁ ନିର୍ଦ୍ଧାରିତ ଟ୍ରେନ୍ ଛାଡ଼ିଦେଇଥିବା ଦେଖାଯାଉଛି । ସେ କ୍ଷେତ୍ରରେ ଆମର ଅବସ୍ଥା ଯାହା ହୋଇଥାଏ, ତାହା ନଦେଖିବା ଲୋକ ବିଶ୍ୱାସ କରିବେନାହିଁ ।

ଟ୍ରେନ୍ ବିଳମ୍ବରେ ଚାଲୁଥିବାର ପ୍ରକୃତ କାରଣ ଆମେ ଜାଣିପାରି ନଥାଉ। ଷ୍ଟେସନ ନଥାଇ ମଧ୍ୟ ଗାଡ଼ି ଅଟକୁଥିବା ଏବଂ କିଛି ବୁଲାବିକାଳି ତହିଁରୁ ଓହ୍ଲାଇପଡୁଥିବା ଆମେ ଦେଖିଥାଉ। ପୁଣି କୌଣସି କୌଣସି ଷ୍ଟେସନରେ ଗାଡ଼ି ଦୀର୍ଘ ସମୟ ରହୁଥିବା ଏବଂ ଖିଆପିଆ ଧୁମଧାମରେ ଚାଲିଥିବା ଆମର ଦୃଷ୍ଟିରେ ପଡ଼ିଥାଏ। ଆଉ, ପାର୍ଶଲ ଭ୍ୟାନ୍‌ରୁ ଜିନିଷପତ୍ର କାଢ଼ିବାକୁ କେଉଁ ଷ୍ଟେସନରେ କେତେ ସମୟ ଲାଗେ, ତା'ର କିଛି ଠିକ୍‌ଠିକଣା ନ'ଥାଏ। ତାହା ପାର୍ଶଲ କ୍ଲର୍କ ଓ କୁଲିମାନଙ୍କ ମର୍ଜି ଉପରେ ନିର୍ଭର କରୁଥିବା ପରି ମନେହୁଏ। ଆମେ ଜଳକା ପରି ଚାହିଁରହିଥାଉ। ଟ୍ରେନ୍ ଠିକ୍ ସମୟରେ ଚଳାଚଳ କରିବାର ଦାୟିତ୍ୱ ବିଭାଗର ସାନ କି ବଡ଼ କୌଣସି କର୍ମଚାରୀଙ୍କର ଥିବାପରି ଜଣାପଡ଼େ ନାହିଁ।

ରେଳଗାଡ଼ିରେ ଯାତ୍ରୀମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ସମ୍ପର୍କରେ ଲେଖିବାର ଆବଶ୍ୟକତା ନାହିଁ। ଖୋଦ୍ କମ୍ପଟ୍ରୋଲର ଆଣ୍ଡ ଅଡ଼ିଟର ଜେନେରାଲ (ସିଏଜି) ତ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଏହି ଖାଦ୍ୟ ମଣିଷ ଖାଇବା ଯୋଗ୍ୟ ନୁହେଁ। ପାନୀୟ ବିଷୟରେ ରିପୋର୍ଟରେ ଦର୍ଶାଯାଇଛି ଯେ, ଟ୍ୟାପ୍‌ରୁ ଅଶୋଧିତ ପାଣିକୁ ସିଧାସଳଖ ବୋତଲରେ ଭର୍ତ୍ତି କରାଯାଇ ଯାତ୍ରୀମାନଙ୍କୁ ପିଇବାକୁ ଦିଆଯାଉଛି। ଖାଦ୍ୟର ମୂଲ୍ୟ ସମ୍ପର୍କରେ ନକହିବା ଭଲ। ନିରାମିଷ ମିଲ୍‌ର କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିଥିବା ଦାମ୍ ପଚାଶଟଙ୍କା ଅଟେ। ମାତ୍ର ଆମେ ଯାତ୍ରୀମାନେ ମିଲ୍ ପ୍ରତି ଶହେଟଙ୍କା ଗଣିଥାଉ। ନିର୍ବିଘ୍ନରେ ଆମଠାରୁ ଏହି ଦୁଇଗୁଣ ଅର୍ଥ ନିଆଯାଇଥାଏ। କଦବା କେହି ମିଲ୍‌ର ଦରକୁ ନେଇ ପ୍ରଶ୍ନ ଉଠାଇଲେ ତାହା ନିରର୍ଥକ ହୋଇଥାଏ। ମହାଶୟ ! ଦିନ ଦିପହରରେ ଜନସମାଗମ ମଧ୍ୟରେ ଚାଲିଥିବା ଏହି ହରିଲୁଟ୍ ସମ୍ପର୍କରେ ଆପଣ ନିଶ୍ଚୟ ଅବଗତ ଅଛନ୍ତି। ଏ ବିଷୟରେ ଆପଣଙ୍କୁ ଜଣାଇ ଲେଖାଯାଉଥିବା ଚିଠିସବୁ 'ସୋସିଆଲ ମିଡ଼ିଆ'ରେ ସ୍ଥାନିତ ହୋଇଛି। ଖାଦ୍ୟର ମାନ ଓ ମୂଲ୍ୟ ସମ୍ପର୍କରେ ଉଲ୍ଲେଖ କଲାପରେ ଏବେ ପରିମାଣ ସମ୍ବନ୍ଧରେ ଅବତାରଣା କରିବା। ଏକ ନିରାମିଷ ମିଲ୍‌ରେ ଦେଢ଼ଶହ ଗ୍ରାମ୍‌ର ରାଇସ୍ ପଲାଉ ବା ଜିରା ରାଇସ୍ ବା ଉତ୍କୃଷ୍ଟ ମାନର ପ୍ଲେନ୍ ରାଇସ୍ ରହିବ ବୋଲି କର୍ତ୍ତୃପକ୍ଷଙ୍କର ନିର୍ଦ୍ଦେଶ ରହିଛି। ତା'ସହ ଶହେ ଗ୍ରାମ୍‌ର ଦୁଇଟି ପରଟା ବା ଚାରିଟି ଚପାତି ବା ପାଞ୍ଚଟି ପୁରି ରହିବ ବୋଲି ନିୟମ ଅଛି। ସେହିପରି ଡାଲି ବା ସମ୍ବର, ତରକାରି, ଦହି ବା ମିଠା, ଆଚାର ଓ ପିଇବାପାଣିର ପରିମାଣ ବି ନିର୍ଦ୍ଧାରିତ ହୋଇଛି। ମାତ୍ର ଖାଇଲାବେଳେ ଖାଦ୍ୟର ନିର୍ଦ୍ଧାରିତ ପରିମାଣ କଥା ଭାବିଲେ ମନ ବିଦ୍ରୋହ କରିଉଠେ।

ଆମେ ଯାତ୍ରୀମାନେ ସମୟ ବିତାଇବା ପାଇଁ ଆବଶ୍ୟକ ଥାଉ ବା ନଥାଉ ଚାହାପାନ କରିଥାଉ । କର୍ତ୍ତୃପକ୍ଷ ଦେଢ଼ଶହ ଏମ୍ଏଲ୍ ସାଧାରଣ ମାନର ଚାହାର ମୂଲ୍ୟ ପାଞ୍ଚଟଙ୍କା ଓ ସେହି ପରିମାଣର ଚା' ଥଳି (ଟି ବ୍ୟାଗ୍) ସହ ଚାହାର ଦର ସାତଟଙ୍କା ଧାର୍ଯ୍ୟ କରିଛନ୍ତି । ଆଗେ 'ଟି ବ୍ୟାଗ୍' ସହ ଚାହା ଓ ତା' ସଙ୍ଗେ ଏକ ପ୍ୟାକେଟ ବିସ୍କୁଟ ଦେଇ ଚାହାବିକାଳି ଆମଠାରୁ ଦଶଟଙ୍କା ନେଉଥିଲା । ଏବେ ଆଉ ବିସ୍କୁଟ ଦିଆଯାଉନାହିଁ; ମାତ୍ର ମୂଲ୍ୟ ସେହି ଦଶଟଙ୍କା ନିଆଯାଉଛି । ଆପତ୍ତି ଉଠାଇଲେ ତାହା ଫଳପ୍ରସୂ ହେଉନାହିଁ; କପାଳରେ କର ମାରିବା ସାର ହେଉଛି । ତଥାପି ଆଶ୍ୱାସନାର କଥା ଯେ, ପିଇବାପାଣିର ମୂଲ୍ୟ ଓ ମାତ୍ରାରେ କିଛି ବି ଏକଡ଼ସେକଡ଼ ହେଉନାହିଁ । ଏକ ଲିଟର ପାଣି ଥିବା ପାଣିବୋତଲର ମୂଲ୍ୟ ପନ୍ଦରଟଙ୍କା ହିଁ ନିଆଯାଉଛି । ଅବଶ୍ୟ ସିଏଜି ରିପୋର୍ଟ ଅନୁସାରେ ଟ୍ୟାପ୍‌ରୁ ଅଶୋଧିତ ପାଣିକୁ ସିଧାସଳଖ ବୋତଲରେ ଭର୍ତ୍ତି କରି ଆମକୁ ଦିଆଯାଉଛି । କିନ୍ତୁ ତାହା ଆମେ କେଉଁ ଦେଖୁଛୁ ଯେ !

ମୋର ଗତ ରେଳଯାତ୍ରା ନୂଆଦିଲ୍ଲୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଥିଲା । ମଧ୍ୟାହ୍ନଭୋଜନ କରିସାରି ମୂଲ୍ୟ ପଇଠ କଲାପରେ ୱେଟରକୁ ବିଲ୍ ମାଗିଥିଲି । ସେ ଦେବ ବୋଲି କହି ଚାଲିଯାଇଥିଲା । ପୁଣି ରାତ୍ରିଭୋଜନର ମୂଲ୍ୟ ପ୍ରଦାନ କଲାବେଳେ ବିଲ୍ ଦେବାକୁ କହିଥିଲି । ଏଥର ସେ ରାଗିଯାଇ କହିଲା, "ଭୁବନେଶ୍ୱର ପର୍ଯ୍ୟନ୍ତ ତ ଯିବେ । ବିଲ୍ ପାଇଁ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି ?" ତା' ପରଦିନ ମଧ୍ୟାହ୍ନ-ଭୋଜନ ପରେ ମୁଁ ବିଲ୍ ମାଗିବା ପୂର୍ବରୁ ୱେଟର କହିଲା, "ଆପଣ ଓହ୍ଲାଇବା ଆଗରୁ ବିଲ୍ ଦେଇଦେବି ।" ତା' କଥାରେ ତାଚ୍ଛଲ୍ୟ ଭରିରହିଥିଲା । ମୁଁ ବିରକ୍ତ ହୋଇ କହିଲି, "ନଦେଲେ, ରେଳମନ୍ତ୍ରୀଙ୍କୁ ଲେଖି କରି ଜଣାଇଦେବି ।" କିଛି ନକହି ସେ ଚାଲିଗଲା । ମୋ କଥା ଶୁଣି ସେ ଡରିଯିବା ପରି ବୋଧ ହେଲା । ମୁଁ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇବା କ୍ଷଣି ୱେଟର ମୋ ଆଡ଼କୁ ଆସୁଥିବାର ଦେଖିଲି । ଭାବିଲି, ସେ ବିଲ୍ ଦେବାକୁ ଆସୁଛି । ମାତ୍ର ସେ ବିଲ୍ ତ ଦେଲାନାହିଁ, ବରଂ ଛିଗୁଲାଇ କହିଲା, "ଆଜ୍ଞା ! ରେଳମନ୍ତ୍ରୀଙ୍କୁ ମୁଁ ବିଲ୍ ଦେଲିନାହିଁ ବୋଲି ଲେଖି କରି ଜଣାଇଦେବାକୁ ଭୁଲିବେନାହିଁ ।" ଆଖିପିଛୁଳାକେ ସେ ଅନ୍ତର୍ଦ୍ଧାନ ହୋଇଗଲା । ତା'ର ବିଦ୍ରୂପ ମୋତେ ଯେତେ ବାଧୁନଥିଲା, ଆପଣଙ୍କ ଉପରେ ତା'ର ଭରସା ମୋତେ ତତୋଽଧିକ ଆଶ୍ଚର୍ଯ୍ୟ କରିଥିଲା । ସେ ଜାଣିଥିଲା ଯେ, ଆପଣଙ୍କ ପାଖକୁ ଲେଖିଲେ ବି ତା'ର ସାମାନ୍ୟ କ୍ଷତି ହେବନାହିଁ ।

ଛାଡ଼ନ୍ତୁ ସେ କଥା । ମୁଁ ରେଳଗାଡ଼ିରେ ସ୍ଲିପର କ୍ଲାସ୍ (ସଂରକ୍ଷିତ)ରେ ହିଁ ଯାତାୟାତ କରିଥାଏ । ଏବେ କିନ୍ତୁ ସେହି ଯାତ୍ରା ମୋତେ ନରକଯନ୍ତ୍ରଣା ଦେଉଛି ।

ଓ୍ୱେଟିଂ ଲିଷ୍ଟରେ ଥିବା ଯାତ୍ରୀମାନେ ଅବାଧରେ ଏହି ସଂରକ୍ଷିତ ବଗିରେ ପ୍ରବେଶ କରୁଛନ୍ତି । ମାସିକ ମିଆଦି ଟିକଟଧାରୀମାନଙ୍କ ପାଇଁ ତ ସାହାଣମେଲା ହୋଇଛି । ଏମାନେ ସମସ୍ତେ ବେଆଇନ ଭାବେ ସଂରକ୍ଷିତ ବଗିରେ ପ୍ରବେଶ କରି ଜୋର୍-ଜବରଦସ୍ତି ଆମ ସଂରକ୍ଷିତ ସ୍ଥାନରେ ବସିପଡୁଛନ୍ତି । ଏଣେ କିନ୍ନରମାନଙ୍କ ଜୁଲମ ବି ସୀମା ଟପିଯାଉଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱରେ ଥିବା କର୍ମଚାରୀ କିନ୍ତୁ ଏସବୁ ଦେଖି ନଦେଖିବା ପରି ଚାଲିଯାଆନ୍ତି । କାହା ଆଗେ କହିବା, କପାଳରେ ସିନା କର ମାରିବା ନ୍ୟାୟରେ ଆମେ ଏସବୁ ସହିବାକୁ ବାଧ୍ୟ ହୋଇଥାଉ ।

ହଁ, ଆମେ ଯାତ୍ରୀମାନେ ଟ୍ରେନ୍‌ରେ ଚଢ଼ିବାବେଳୁ ନିର୍ଦ୍ଧାରିତ ଷ୍ଟେସନରେ ଓହ୍ଲାଇବା ପର୍ଯ୍ୟନ୍ତ ଆମ ପରିବାରବର୍ଗ ଗଭୀର ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି । କେବେ ଓ କେଉଁଠି ରେଳ ଦୁର୍ଘଟଣା ହେଉଛି, ତାହା ଜାଣିବା ପାଇଁ ସେମାନେ ଟିଭି ସାମନାରେ ବସିରହୁଛନ୍ତି । ଏଥି ସଙ୍ଗେସଙ୍ଗେ ଆମର ନିରାପଦ ଯାତ୍ରା କାମନା କରି ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରିଚାଲୁଛନ୍ତି ।

ମହାଶୟ ! ସରକାରର ନବକଳେବର ହେବାପରେ ଆମର ରେଳଯାତ୍ରା ସୁଗମ ହେବ ବୋଲି ଆମେ ଧରିନେଇଥିଲୁ । ମାତ୍ର ଏବେ ମହର୍ଗରୁ ଆସି କାନ୍ତାରରେ ପଡ଼ି ତ୍ରାହିତ୍ରାହି ଡାକ ଛାଡୁଛୁ । ତଥାପି ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି, ସେ ଆପଣଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

॥ ଇତି ॥

ଆପଣଙ୍କର

ଭଗବାନ ଦାସ

●

# ବିଭାଗୀୟ କାର୍ଯ୍ୟ ସମୀକ୍ଷା

ପ୍ରଜାହିତୈଷୀ ତଥା ପ୍ରଜାବତ୍ସଳ ମହାରାଜ ଯଥାସମୟରେ ଦରବାରରେ ବିଜେ କରିଥିଲେ । ସେଦିନ ଶିକ୍ଷା ବିଭାଗର କାର୍ଯ୍ୟାବଳୀର ସମୀକ୍ଷା ହେବାର ଥିଲା । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ସର୍ବାଙ୍ଗୀଣ ଅଭିବୃଦ୍ଧି ଉପରେ ସର୍ବଦା ଜୋର୍ ଦେଉଥିବା ମହାରାଜ ଚାରିବର୍ଷରେ ଥରେ ପ୍ରତ୍ୟେକ ବିଭାଗର କାର୍ଯ୍ୟର ସମୀକ୍ଷା କରିଥାନ୍ତି । ମହାମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗର ଦାୟିତ୍ୱ ମୁଣ୍ଡାଇଥିବା ମାନ୍ୟବର ମନ୍ତ୍ରୀ ବିଭାଗୀୟ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ । ସେ କହିଲେ, "ଆମ ରାଜ୍ୟରେ ଶିକ୍ଷାନୁଷ୍ଠାନର ସଂଖ୍ୟା ଏଥିମଧ୍ୟରେ ଆଶାତୀତ ଭାବେ ବୃଦ୍ଧି ପାଉଛି । ସହରାଞ୍ଚଳର ପ୍ରତି ଗଳିରେ ଓ ଗ୍ରାମାଞ୍ଚଳର ପ୍ରତି ଗାଁରେ ଆଜି ଶିକ୍ଷାନୁଷ୍ଠାନ ଖୋଲି-ଯାଇଛି । ଆଗେ ଶିକ୍ଷାନୁଷ୍ଠାନର ସ୍ୱଚ୍ଛତା ଦୃଷ୍ଟିରୁ ଛାତ୍ରମାନେ ନାମଲେଖା ପାଇଁ ଶିକ୍ଷାନୁଷ୍ଠାନ ପଛରେ ଦୌଡ଼ୁଥିଲେ । କିନ୍ତୁ ଆଜି ଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ପାଇଁ ଛାତ୍ରମାନଙ୍କ ପଛରେ ଧାଉଁଛନ୍ତି ।" "ଭଲ, ବହୁତ ଭଲ", ମନ୍ତ୍ରୀଙ୍କ କଥାକୁ ତାରିଫ କରି ମହାରାଜ କହିଥିଲେ । ମହାରାଜଙ୍କ କଥାରେ ଉତ୍ସାହିତ ହୋଇ ପରାକ୍ରମୀ ମନ୍ତ୍ରୀ କହିଲେ, "ଆଗେ ପରୀକ୍ଷାରେ ପାସ ହାର ଶତକଡ଼ା ପଚାଶ ହେବା କାଠିକର ପାଠ ଥିଲା । କିନ୍ତୁ ଆଜି ଏଥିରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି । ଆମେ ଲାଗିପଡ଼ି ପାସ ହାର ଶତକଡ଼ା ଅଶୀ ପାଖାପାଖି କରିଦେଲୁଣି । ଏହି ହାର ଶତକଡ଼ା ଶହେ କରିବା ପାଇଁ ଆମର ଚେଷ୍ଟା ଅବ୍ୟାହତ ରହିଛି ।" "ଧନ୍ୟ ମନ୍ତ୍ରୀବର ! ତୁମେ ଧନ୍ୟ", ମହାରାଜ ଖୁସି ହୋଇ କହିଥିଲେ ।

ବିଚକ୍ଷଣ ମନ୍ତ୍ରୀ କହିଚାଲିଲେ, "ଶିକ୍ଷା ବିଭାଗରେ ଏବେ ମକଦ୍ଦମା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଛି ଏବଂ ଏହା ଅନ୍ୟ ସମସ୍ତ ବିଭାଗକୁ ଟପିବାକୁ ବସିଲାଣି ।" "ଅନ୍ୟ ବିଭାଗଗୁଡ଼ିକ ଏ ଦିଗରେ ତୁମ ବିଭାଗକୁ ଆଦର୍ଶ ରୂପେ ଗ୍ରହଣ କରିବା ଉଚିତ ହେବ । କିନ୍ତୁ ମକଦ୍ଦମା ପରି ଏକ ସ୍ପର୍ଶକାତର ବିଷୟରେ ଏତେ ଅଭିବୃଦ୍ଧି କିପରି ସମ୍ଭବ ହେଲା ?" ମହାରାଜ ପ୍ରଶ୍ନ କଲେ । ସୁଚତୁର ମନ୍ତ୍ରୀ ବୁଝାଇ କହିଥିଲେ, "କୌଣସି ଶିକ୍ଷକ ନ୍ୟାୟାଧିକରଣରେ ମାମଲା ଦାୟର କଲେ, ନ୍ୟାୟାଧିକରଣ ତାହା ଗ୍ରହଣ କରି ଆମ ପାଖକୁ ନୋଟିସ୍ ପଠାଇଥାନ୍ତି । ନୋଟିସ୍‌ର ଉତ୍ତର ଦେବା ପାଇଁ ଯେତେ ଅଧିକ ସମୟ ଗଡ଼ାଇବା ସମ୍ଭବ ହୁଏ, ଆମେ ତାହା କରିଥାଉ । ଉତ୍ତର ଏପରି

ଲେଖିଥାଉ ଯେ ଅଭିଯୋଗକାରୀ ତହିଁର ପ୍ରତ୍ୟୁତ୍ତର ଦେବାକୁ ବାଧ୍ୟ ହୁଏ । ତା'ପରେ ଯାଇ ମାମଲାର ଶୁଣାଣି ଆରମ୍ଭ ହୋଇଥାଏ । ଶୁଣାଣିବେଳେ ମଧ୍ୟ ଯେତେ ଅଧିକ ସମୟ ନିଆଯାଇପାରେ, ଆମେ ତାହା ନେଇଥାଉ । ଶୁଣାଣି ସରିଲେ ରାୟ ପ୍ରକାଶ ପାଏ ଏବଂ ଆମେ ପରାଜୟ ବରଣ କରିଥାଉ । ଇତିମଧ୍ୟରେ କିନ୍ତୁ ବର୍ଷବର୍ଷ ଗଡ଼ିଯାଇଥାଏ; ବିଚରା ଶିକ୍ଷକ ନୟାନ୍ତ ହୋଇପଡ଼ିଥାଏ । ତଥାପି ଆମେ ରାୟକୁ କାର୍ଯ୍ୟକାରୀ ନକରି ପକାଇରଖୁ । ତା'ପରେ ଶିକ୍ଷକ ବାପୁଡ଼ା ଆମ ନାମରେ ଅଦାଲତ ଅବମାନନା ମାମଲା ଦାଖଲ କରିଥାଏ । ତା'ର ନୋଟିସ୍ ପାଇଲା ପରେ ଯାଇ ଆମେ ଉଚ୍ଚ ନ୍ୟାୟାଳରେ ଅପିଲ କରୁ ।"

"ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଆମେ ଠିକ୍ ଏହି ପଦ୍ଧତି ଅନୁସରଣ କରି ବର୍ଷବର୍ଷ ଗଡ଼ାଇଦେଉ । ଏଠାରେ ହାରିଲା ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ ଦାଖଲ କରୁ । ସର୍ବୋଚ୍ଚ ନ୍ୟାୟାଳୟରେ ପରାଜୟର ସ୍ୱାଦ ଚାଖିବା ପରେ ସେଠାରେ ପୁଣି ରିଭ୍ୟୁ ପିଟିସନ୍ ଦାୟର କରିଥାଉ । ତାହା ନାକଚ ହେଲା ପରେ ସୁଦ୍ଧା ରାୟକୁ କାର୍ଯ୍ୟକାରୀ ନକରି ପକାଇରଖୁ । ବିଚରା ଶିକ୍ଷକ ପୁଣି ଅଦାଲତ ଅବମାନନା ମାମଲା ଆଡ଼କୁ ମୁହାଁଇଥାଏ । ଏହାର ନୋଟିସ୍ ପାଇଲା ପରେ ଅନନ୍ୟୋପାୟ ହୋଇ ରାୟକୁ କାର୍ଯ୍ୟକାରୀ କରି ସେହି ଅନୁସାରେ ଅଧମର ବାକିଆ ପ୍ରାପ୍ୟତକ ପ୍ରଦାନ କରିଥାଉ । ସେତେବେଳକୁ କିନ୍ତୁ ଆମଦ୍ୱାରା ଖୁବ୍ ହଲାପଟା ହୋଇଥିବା ଶିକ୍ଷକର ଅବସ୍ଥା ବାର୍ ବାଜିଯାଇଥାଏ ।"

ସାମାନ୍ୟ ରହି ମନ୍ତ୍ରୀ କହିଲେ, "ଏହିପରି ଭାବରେ କୋର୍ଟରେ ରହିଥିବା ମାମଲାଗୁଡ଼ିକୁ ଆମେ ବର୍ଷ ପରେ ବର୍ଷ ଗଡ଼ାଇ ସହଜରେ ସମାପ୍ତ ହେବାକୁ ଦେଉନାହିଁ । ଅପରପକ୍ଷରେ, ନୂଆନୂଆ ମାମଲାସବୁ ଦାଖଲ ହେଉଥିବାରୁ ସଂଖ୍ୟା ବଢ଼ିଚାଲେ ।" "ଚମତ୍କାର, ଚମତ୍କାର ମନ୍ତ୍ରୀବର । କିନ୍ତୁ ମାମଲା କ୍ଷେତ୍ରରେ ଏହି ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବାର ରହସ୍ୟ କ'ଣ, ମୋତେ ଖୋଲି କରି କୁହ", ମହାରାଜ ଆଦେଶ ଦେଇଥିଲେ । ମନ୍ତ୍ରୀ କହିଲେ, "ଆମ ବିଭାଗରେ ମକଦ୍ଦମା ସଂଖ୍ୟା ଅଧିକ ଥିବା ଦର୍ଶାଇ ସେସବୁର ସୁପରିଚାଳନା ପାଇଁ ଆମେ କିଛି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେଇଛୁ । ସେମାନେ ଜାଣିଛନ୍ତି ଯେ, ମକଦ୍ଦମା ସଂଖ୍ୟା କମିଗଲେ, ସେମାନଙ୍କର ଆଉ ଆବଶ୍ୟକତା ରହିବନାହିଁ ଏବଂ ସେମାନଙ୍କୁ କାଢ଼ିଦିଆଯିବ । ତେଣୁ ମକଦ୍ଦମା ସଂଖ୍ୟା ବୃଦ୍ଧି ପାଇଁ ସେମାନେ ଅହୋରାତ୍ର ନିଷ୍ଠାପର ଭାବରେ କାର୍ଯ୍ୟ କରିଚାଲିଛନ୍ତି ।" "ଭଲ କରିଛ, ଖୁବ୍ ଭଲ କରିଛ । ତୁମ ବିଭାଗର

କାର୍ଯ୍ୟାବଳୀରେ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେଲି । ଅଧିକ ଶୁଣିବାର ଆବଶ୍ୟକତା ନାହିଁ", କହି ମହାରାଜ ସିଂହାସନ ତ୍ୟାଗ କରିବାକୁ ଯାଉଥିଲେ । ମନ୍ତ୍ରୀବର ଯୋଡ଼ହସ୍ତରେ କହିଲେ, "ଆପଣଙ୍କର ଅନୁମତି ନେଇ ଜଣାଇବାକୁ ଚାହେଁ ଯେ, ଇନ୍ଦ୍ରପ୍ରସ୍ଥର ମହାରାଜ ତାଙ୍କ ରାଜ୍ୟରେ ଏକ ଅଜବ ନିୟମ ପ୍ରଣୟନ କରିଛନ୍ତି । ସେହି ନିୟମ ହେଲା, ଯେକେହି ଜଣେ ଶିକ୍ଷକ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ ବଳରେ ଯେଉଁ ସୁବିଧା  ପ୍ରାପ୍ତ ହେବ, ସେହି ଧରଣର ସମସ୍ତ ଶିକ୍ଷକଙ୍କୁ ସେହି ସୁବିଧା ଅବିଳମ୍ବେ ପ୍ରଦାନ କରାଯିବ । ଏହି ନିୟମ କାର୍ଯ୍ୟକାରୀ ହେବାରୁ ଇନ୍ଦ୍ରପ୍ରସ୍ଥର ଶିକ୍ଷା ବିଭାଗରେ ମାମଲା ସଂଖ୍ୟା ଶତକଡ଼ା ପଚସ୍ତରି ଭାଗ କମିଗଲାଣି । ସେଠାର କୋର୍ଟକଚେରିରେ କାଉ ଉଡ଼ିଲେଣି ।" "ମୁଁ ତାଙ୍କୁ ଜାଣେ । ସେ ସାମାଜିକ ଅଭିବୃଦ୍ଧିର, ଜନ-ବିକାଶର ପରିପନ୍ଥୀ", କହି ମହାରାଜ ସିଂହାସନ ତ୍ୟାଗ କରିଥିଲେ ।

ପ୍ରସ୍ଥାନ କାଳରେ ଜନୈକ ପାରିଷଦ ଗାଇଥିଲେ, "ବଡ଼ଲୋକ ହୋଇ ନଥାଏ ବୁଦ୍ଧି, ବ୍ରାହ୍ମଣ ହୋଇ ନଥାଏ ସିଦ୍ଧି । ହାତେ ଖଡ୍ଗ ନାହିଁ ଗୋଡ଼ରେ ମୁଦି, କହେ ଦନାଇ ଏ ନିର୍ଲଜ୍ଜ ବୁଦ୍ଧି ।" ମାତ୍ର ତାଙ୍କର ସ୍ୱର ଏତେ କ୍ଷୀଣ ଥିଲା ଯେ ତାହା କାନକୁ ଦି'କାନ ଶୁଭିନଥିଲା ।

●

# ଆପେ ବଞ୍ଚିଲେ ବାପର ନାଁ

ଅଧ୍ୟାପକ ଭଗବାନ ଦାସ, ସଂକ୍ଷେପରେ ଅଧ୍ୟାପକ ଦାସ, କାହାକାହାଦ୍ୱାରା ଅତି ସଂକ୍ଷେପରେ ଦାସେ ବୋଲି ଉଚ୍ଚାରିତ ବ୍ୟକ୍ତିଜଣକ ସେଦିନ ସକାଳେ ବୈଠକଖାନାରେ ବସି ସମ୍ବାଦପତ୍ର ପଠନରେ ମନୋନିବେଶ କରିଥିଲେ । ହଠାତ୍ ଏକ ନିର୍ଦ୍ଦିଷ୍ଟ ଖବର ଉପରେ ତାଙ୍କର ଆଖି ଲାଖିଯାଇଥିଲା ଏବଂ ଉକ୍ତ କ୍ଷୁଦ୍ର ସମ୍ବାଦଟିକୁ ସେ ଏକାଧିକବାର ପାଠ କରିଥିଲେ । ତାଙ୍କ ଆଖିରେ ସ୍ୱତଃ ଲୁହ ଆସିଯାଇଥିଲା । ଏତିକିବେଳେ ଧର୍ମପତ୍ନୀ ସୁଲୋଚନା ଦାସ ହାତରେ କପେ ଚାହା ଧରି ଭିତରକୁ ପଶିଆସିଥିଲେ । ସ୍ୱାମୀଙ୍କ ଆଖିରେ ଲୁହ ଦେଖି ସେ ତାଟକା ହୋଇଗଲେ । ପ୍ରାୟ ୩୫ ବର୍ଷର ବୈବାହିକ ଜୀବନ ଭିତରେ ସେ ସ୍ୱାମୀଙ୍କୁ କେବେ କାନ୍ଦିବାର ଦେଖିନଥିଲେ । ଥରିଲା କଣ୍ଠରେ ପଚାରିଲେ, "କ'ଣ ହେଲା ?" ନୀରବରେ ସ୍ୱାମୀ ଖବରକାଗଜ ତାଙ୍କ ଆଡ଼କୁ ବଢ଼ାଇଦେଇ ସେହି ନିର୍ଦ୍ଦିଷ୍ଟ ସମ୍ବାଦ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କଲେ । ଚାହା କପ୍‌କୁ ଟେବୁଲ ଉପରେ ରଖିଦେଇ ସୁଲୋଚନା ଦେବୀ ସମ୍ବାଦପତ୍ରକୁ ହାତରେ ଧରିଲେ । ସେହି ଖବରଟିକୁ ପଢ଼ିଲା ପରେ ସେ ଲଥ୍ କରି ସୋଫା ଉପରେ ବସିପଡ଼ିଲେ । ତାଙ୍କ ଆଖିରେ ବି ଲୁହ ଆସିଯାଇଥିଲା । ସେହି ସମ୍ବାଦ ନିମ୍ନ ଭାବରେ ଲେଖାଥିଲା ।

"ସାତବର୍ଷର ବାଳକକୁ ହତ୍ୟା କଲା ଆଇଏସ୍ । ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ (ଆଇଏସ୍) ଉତ୍ତର ସିରିଆରେ ଏକ ସାତବର୍ଷୀୟ ବାଳକକୁ ଜଘନ୍ୟ ଭାବେ ହତ୍ୟା କରିଥିବାର ଜଣାପଡ଼ିଛି । ପିଲାଟିର ଦୋଷ ଏଇଆ ଥିଲା ଯେ, ସେ ନିଜ ସାଙ୍ଗମାନଙ୍କ ସହିତ ଫୁଟ୍‌ବଲ ଖେଳୁଥିବାବେଳେ ଶପଥ ନେଇଥିଲା । ଖେଳ ଆରମ୍ଭ ପୂର୍ବରୁ ସେ ଶପଥ ନେଇଥିଲା ବୋଲି ଆଇଏସ୍‌କୁ ସୂଚନା ମିଳିଥିଲା । ଶପଥ ନେବାକୁ ଇସ୍‌ଲାମ ଧର୍ମ ବିରୋଧୀ ବୋଲି ଆଇଏସ୍ ଘୋଷଣା କରିଛି । ତେଣୁ ଆଇଏସ୍‌ର ପୁଲିସ ତାକୁ ଗିରଫ କରିଥିଲା । ପରେ ତା'ର ବିଚାର କରାଯାଇ ପ୍ରାୟ ସାତଶହ ଲୋକଙ୍କ ସମ୍ମୁଖରେ ତାକୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ପିଲାଟିର ପିତାମାତା ମଧ୍ୟ ସେହି ସମୟରେ ଉପସ୍ଥିତ ଥିଲେ । କିନ୍ତୁ ସେମାନେ ଏଭଳି ଦାରୁଣ ଦୃଶ୍ୟ ଦେଖି ଅଚେତ୍ ହୋଇଯାଇଥିଲେ ।"

କିଛି ସମୟ ନୀରବରେ ବିତିଗଲା । ନିମ୍ନ ସ୍ୱରରେ ସୁଲୋଚନା ଦେବୀ କହିଲେ, "ଧର୍ମ ନାମରେ ପୁଣି ବାପାମାଆଙ୍କ ସମ୍ମୁଖରେ ପୁଅକୁ ହତ୍ୟା... କି ବୀଭତ୍ସ, କି ଅଧାର୍ମିକ, କି ଅମାନବୀୟ କାର୍ଯ୍ୟ !" ଅଧ୍ୟାପକ ଦାସ କହିଲେ, "ମୁଁ ଯାଉଛି ଏ ସମ୍ପର୍କରେ ଆମ ସାହିରେ ରହୁଥିବା ଡି. ସୂତାଧରଙ୍କ ସହ କଥା ହେବି । ସେ ତ ଧର୍ମ ନାମରେ କୌଣସି କୁକାର୍ଯ୍ୟକୁ ବରଦାସ୍ତ କରନ୍ତିନାହିଁ; ତାହା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି । ତାଙ୍କ ସହ ଆଲୋଚନା କରି କିପରି ଏ ଘଟଣାର ପ୍ରତିବାଦ କରାଯିବ, ତାହା ସ୍ଥିର କରିବି ।" "କିଛି ନହେଲେ ବି ସେହି ମୃତ ଅବୋଧ ବାଳକ ଉଦ୍ଦେଶ୍ୟରେ ଏକ ମହମବତି ଶୋଭାଯାତ୍ରା ତ କରାଯାଇପାରିବ", ସୁଲୋଚନା ଦେବୀ କହିଥିଲେ ।

ଅଧିକ ବାକ୍ୟ ବିନିମୟ ନକରି ଅଧ୍ୟାପକ ଦାସ ଡି. ସୂତାଧରଙ୍କ ଘର ଆଡ଼କୁ ମୁହାଁଇଥିଲେ । ଘରର ଫାଟକରେ ଲାଗିଥିବା ନାମଫଳକ ଉପରେ ତାଙ୍କ ଚକ୍ଷୁ ନିବଦ୍ଧ ହୋଇଥିଲା । ତହିଁରେ ଲେଖାଥିଲା 'ଡି. ସୂତାଧର, ହେତୁବାଦୀ' । ଆଗରୁ ସେ ଶୁଣିଥିଲେ ଯେ, ଏହାଙ୍କର ପିତୃଦତ୍ତ ନାମ ଦେବେନ୍ଦ୍ର ଦାସ ଥିଲା । ମାତ୍ର ଦେବେନ୍ଦ୍ର ଶବ୍ଦର ଅର୍ଥ 'ଇନ୍ଦ୍ର' ବୋଲି ଜାଣିବା ପରେ ତାଙ୍କର ବିପ୍ଳବୀ ମନ ଏହାକୁ ଅଗ୍ରାହ୍ୟ କରିଦେଇଥିଲା । ପୁଣି ନାମ ପରେ ସାଙ୍ଗିଆର ବ୍ୟବହାରକୁ ତାଙ୍କର ବିଦ୍ରୋହୀ ଚେତନା ଗ୍ରହଣ କରିନଥିଲା । ଉଭୟ ଧର୍ମ ଓ ଜାତିର ଊର୍ଦ୍ଧ୍ୱକୁ ଯାଇ ସେ ସତ୍ୟପାଠ ଜରିଆରେ ତାଙ୍କ ନାମକୁ ବଦଳାଇ ଡି. ସୂତାଧର ରଖିଥିଲେ । ତାଙ୍କ ନାମ ପଛରେ ଯୋଡ଼ା ହୋଇଥିବା 'ହେତୁବାଦୀ' ଶବ୍ଦ କିନ୍ତୁ ଅଧ୍ୟାପକ ଦାସଙ୍କୁ ଭାରି ଅଖାଡୁଆ ଲାଗିଥିଲା । ଏହି ବିରଳ ଶବ୍ଦ ବଦଳରେ କୌଣସି ବହୁଳ ପ୍ରଚଳିତ ଶବ୍ଦ ବ୍ୟବହାର ହୋଇଥିଲେ ଭଲ ହୋଇଥାନ୍ତା ବୋଲି ସେ ଭାବିଥିଲେ ।

ମାତ୍ର ଏହି ଅନାବଶ୍ୟକ ଭାବନାରାଶିକୁ ମନରୁ କାଢ଼ିଦେଇ ଅଧ୍ୟାପକ ଦାସ ଫାଟକ ଖୋଲି ଭିତରକୁ ପଶିଥିଲେ । ଘରର କବାଟ ଖୋଲାଥିଲା ଏବଂ ଭିତରୁ ପତ୍ନୀଙ୍କର ପୂଜାପାଠର ଧ୍ୱନି ଭାସିଆସୁଥିଲା । ପୂଜାପାଠରେ ବ୍ୟାଘାତ ଉପୁଜାଇବାକୁ ନଚାହିଁ ସେ କବାଟ ପାଖରେ ଚୁପ୍‌ଚାପ୍ ଠିଆ ହୋଇଥିଲେ । ପୂଜା ସରିଲା ଉତ୍ତାରେ କଲିଂ ବେଲ୍ ନପାଇ ସେ "ଆଜ୍ଞା ଅଛନ୍ତି କି" ବୋଲି ଡାକ ଛାଡ଼ିଥିଲେ । ଏକା ଡାକରେ ବାହାରକୁ ଆସି ସୂତାଧର ଅଧ୍ୟାପକ ଦାସଙ୍କୁ ଦେଖି ଖୁସି ହୋଇଯାଇଥିଲେ । ସହାସ୍ୟ ବଦନରେ ସେ ତାଙ୍କୁ ଭିତରକୁ ପାଛୋଟି ନେଇ ବୈଠକଖାନାରେ ବସାଇଥିଲେ । ଦାସେ କିନ୍ତୁ ହଠାତ୍ ପ୍ରସଙ୍ଗ ଉପରକୁ ନଆସି "ଆପଣଙ୍କର କ'ଣ ସବୁ କାର୍ଯ୍ୟକ୍ରମ ଚାଲିଛି" ବୋଲି ଜିଜ୍ଞାସା କରିଥିଲେ ।

ଆନନ୍ଦରେ କୁରୁଳିଉଠି ସୂତାଧର କହିଥିଲେ, "ଆଜି ସମଗ୍ର ବିଶ୍ୱ ଅଶାନ୍ତ ହୋଇଉଠିଛି । ଧର୍ମ ନାମରେ ଚାରିଆଡ଼େ ହିଂସା ଲାଗି ରହିଛି । ଏ ଧରଣର ବର୍ବରତାକୁ ଦୂର କରି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଆମେ ଆଗେଇ ଚାଲିଛୁ ।" ଏତିକି ଶୁଣି ଦାସେ ଖୁବ୍ ଖୁସି ହୋଇଯାଇଥିଲେ ଏବଂ ଠିକଣା ଲୋକ ପାଖେ ପହଞ୍ଚିଛନ୍ତି ବୋଲି ଜାଣିପାରିଥିଲେ । ତଥାପି ପ୍ରସଙ୍ଗ ଉପରକୁ ନଆସି ତାଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସୂତାଧର କହିଥିଲେ, "ଦେବୀପୀଠଗୁଡ଼ିକରେ ଚାଲିଥିବା ପଶୁବଳିକୁ ଆମେ ବିରୋଧ କରୁଛୁ । ପଶୁ ହେଲେ ବି ସେମାନଙ୍କର ତ ଜୀବନ ଅଛି । ହଣାଖାଇଲାବେଳେ ସେମାନେ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି । ଏହି ନିରୀହ ପଶୁମାନଙ୍କ କଥା ଚିନ୍ତା କଲେ ମୋ ମନ ଯନ୍ତ୍ରଣାରେ ଜର୍ଜରିତ ହୋଇଉଠେ । ଧର୍ମ ନାମରେ ଚାଲିଥିବା ଏହି ବୀଭତ୍ସ କାଣ୍ଡକୁ ଆମେ ଆଉ ବରଦାସ୍ତ କରୁନାହୁଁ । ଏହାକୁ ବନ୍ଦ କରିବା ପାଇଁ ଆମେ ଆଗେଇ ଆସିଛୁ ।" "ଠିକ୍ କରିଛନ୍ତି । ଠିକ୍ କରିଛନ୍ତି", ଦାସେ ବଡ଼ପାଟିରେ କହିପକାଇଲେ ।

ଆହୁରି ଉଲ୍ଲସିତ ହୋଇ ଡି. ସୂତାଧର କହିଲେ, "ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ପ୍ରତ୍ୟେକ ବର୍ଷ ଗଛକଟା ଚାଲିଛି । ଗଛ ନିର୍ଜୀବରେ ନୁହେଁ, ସଜୀବରେ ଗଣାହୁଏ । ତେଣୁ ତା'ର ବି ଜୀବନ ଅଛି । ଗଛକୁ କାଟିଲାବେଳେ ସେ ତ କଷ୍ଟ ଅନୁଭବ କରୁଥିବ । ତା'ର କଷ୍ଟ କଥା ଭାବିଲେ ମୋ ମନ ଆନ୍ଦୋଳିତ ହୋଇଉଠେ । ତେଣୁ ପ୍ରତିବର୍ଷ କାଠରେ ରଥ ନିର୍ମାଣ ନକରି ବିକଳ୍ପ ଖୋଜିବା ପାଇଁ ଆମେ ପ୍ରସ୍ତାବ ଦେଇଛୁ । ଧର୍ମ ନାମରେ ଚାଲିଥିବା ଏପରି ଅବାଧ ଗଛକଟାକୁ ଆମେ ଆଉ ବରଦାସ୍ତ କରିବୁନାହିଁ ।"

ଅଧ୍ୟାପକ ଦାସ ଡି. ସୂତାଧରଙ୍କଠାରୁ ଅଧିକ କିଛି ଶୁଣିବାକୁ ଚାହୁଁନଥିଲେ । ସୂତାଧରଙ୍କ ଭୟଶୂନ୍ୟ ମନ, ଦୃଢ଼ ଇଚ୍ଛାଶକ୍ତି, ରୋକ୍‌ଠୋକ୍ କଥା, ସର୍ବୋପରି ମହାନ୍ ବ୍ୟକ୍ତିତ୍ୱ ପାଖରେ ତାଙ୍କର ମଥା ନଇଁଯାଇଥିଲା । ବୃକ୍ଷର କଷ୍ଟ, ପଶୁର ଯନ୍ତ୍ରଣାକୁ ସହ୍ୟ କରିପାରୁ ନଥିବା ସୂତାଧର ଯେ ମଣିଷ ପ୍ରତି ବର୍ବରତା କଥା ଶୁଣିଲେ ଡେଇଁପଡ଼ିବେ, ଏନେଇ ଦାସେ ନିଶ୍ଚିତ ହୋଇଯାଇଥିଲେ । ସେ ଆଉ କାଳବିଳମ୍ବ ନକରି ଆଣିଥିବା ଖବରକାଗଜ ଖୋଲି 'ସାତବର୍ଷର ବାଳକକୁ ହତ୍ୟା କଲା ଆଇଏସ' ଶୀର୍ଷକ ସମ୍ବାଦ ପଢ଼ିବା ପାଇଁ ସୂତାଧରଙ୍କ ହାତକୁ ବଢ଼ାଇଦେଇଥିଲେ । ସୂତାଧର ଅବଶ୍ୟ ଏକା-ନିଶ୍ୱାସରେ ସେ ଖବର ପାଠ କରିଥିଲେ ।

ତା'ପରେ ହେତୁବାଦୀ ଡି. ସୂତ୍ରଧର ଗୁମ୍‌ମାରି ବସିଗଲେ । ତାଙ୍କର ମୁଖମଣ୍ଡଳ ଲାଲ ପଡ଼ିଆସିଲା । ଅଧ୍ୟାପକ ଦାସ କହିଲେ, "ଆସନ୍ତୁ ସମସ୍ତ ସୀମା ଲଂଘନ କରିଥିବା ଏପରି ବର୍ବରତା ବିରୋଧରେ କାର୍ଯ୍ୟକ୍ରମର ଏକ ନକ୍ସା ପ୍ରସ୍ତୁତ କରିବା ।" ଥରିଲା କଣ୍ଠରେ ସୂତାଧର କହିଲେ, "ସେପରି କହନ୍ତୁ ନାହିଁ । ସେମାନେ ଆମ ମୁଣ୍ଡ ବି କାଟିଦେବେ" । ଦାସେ ଏପରି ଉତ୍ତର ଶୁଣି ହଡ଼ବଡ଼ାଇ ଯାଇଥିଲେ । କାରଣ ସେ ଏପରି ଉତ୍ତର ଆଶା କରିନଥିଲେ । ତଥାପି ମନକୁ ଦୃଢ଼ କରି ପଚାରିଲେ, "ମହତ୍ କାର୍ଯ୍ୟ ପାଇଁ ଲଢ଼େଇ କରି ଜୀବନ ଗଲେ, କ୍ଷତି କ'ଣ ?" "ଆପେ ବଞ୍ଚିଲେ ବାପର ନାଁ", କହି ସୂତାଧର ଠିଆ ହୋଇପଡ଼ିଲେ । ଶେଷ ଚେଷ୍ଟା କରି ଦାସେ କହିଲେ, "କିଛି ନହେଲେ ବି ସେହି ବାଳକ ଉଦ୍ଦେଶ୍ୟରେ ଏକ ମହମବତି ଶୋଭାଯାତ୍ରା ତ କରିପାରିବା ।" ସୂତାଧରଙ୍କର ଦେହ ଥରୁଥିଲା । ଦେହରୁ ଗମ୍‌ଗମ୍ ହୋଇ ଝାଳ ବାହାରୁଥିଲା । ଅସ୍ପଷ୍ଟ ଭାବରେ "ଆପଣ ଆସନ୍ତୁ" କହି ସେ ଘର ଭିତରକୁ ଚାଲିଯାଇଥିଲେ ।

ଫାଟକ ଖୋଲି ବାହାରକୁ ଆସିଲାବେଳେ ଅଧ୍ୟାପକ ଭଗବାନ ଦାସଙ୍କ ପାଟିରୁ ବାହାରିଥିଲା, "ହିପୋକ୍ରାଟ କେଉଁଠିକାର" ।

●

# ଇ.ଭି.ଏମ୍. ନା ତନ୍ତ୍ର

ପ୍ରିୟ ମହାଶୟ,

ସାଦର ନମସ୍କାର । ଆପଣ ଓ ମୁଁ – ଆମ ଦୁହିଁଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଆମ ଦୁହିଁଙ୍କର ସବୁଠାରୁ ପ୍ରିୟ ଜିନିଷ ହେଲା – କ୍ଷମତା । ଆମେ କୁଆଡ଼େ ଆମ ଗୁରୁଦ୍ୱୟଙ୍କୁ ଧୋକା ଦେଲୁ; ଆମେ କୁଆଡ଼େ ଜନତାଙ୍କୁ ପ୍ରତିଶ୍ରୁତି ଦେଇ ତାହା ପାଳନ କଲୁନାହିଁ । ଶିଡ଼ି ସାହାଯ୍ୟରେ ଛାତ ଉପରକୁ ଚଢ଼ିଲା ପରେ ଆମେ ଶିଡ଼ିକୁ ଠେଲିଦେଲୁ । କାରଣ ଆମକୁ ଆଉ ତଳକୁ ଓହ୍ଲାଇବାକୁ ପଡ଼ିବନାହିଁ ବୋଲି ଧରିନେଲୁ । ଛାତ ଉପର ଆମ ପାଇଁ କ୍ଷମତା କ୍ଷେତ୍ର ଥିଲା । ସେଠାରେ ପହଞ୍ଚି ଆମେ ଇନ୍ଦ୍ରଚନ୍ଦ୍ର ମାନିଲୁନାହିଁ । କ୍ଷମତା ଚାଲିଯିବାର ଆଶଙ୍କା ଦେଖାଯିବା ମାତ୍ରେ ଆମେ ରାମ୍ପିବିଦାରି ହେଲୁ; ଆଉୁସାଉୁ ଗପିଲୁ ।

ଆଜି ଆପଣଙ୍କ ଦଳ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଲା । ଜନତା ଜନାର୍ଦ୍ଦନ ଆପଣଙ୍କ ଦଳକୁ ପ୍ରତ୍ୟାଖ୍ୟାନ କଲେ । ଗଣତନ୍ତ୍ର ପଦ୍ଧତିର ନିର୍ବାଚନ ଏକ ଅପରିହାର୍ଯ୍ୟ ଅଙ୍ଗ । ଆଉ ନିର୍ବାଚନରେ ହାର୍‌ଜିତ୍ ଲାଗିରହିଛି । ଆମ ଦେଶରେ ଅତୀତରେ ପ୍ରମୁଖ ଜାତୀୟ ଦଳଗୁଡ଼ିକ ବି ପରାଜୟର ସ୍ୱାଦ ଚାଖିଛନ୍ତି । ମାତ୍ର ସେମାନେ ଏହି ଫଳାଫଳକୁ ଗ୍ରହଣ କରିନେଇଛନ୍ତି; ଆପଣଙ୍କ ଭଳି ବାଉଳିଛାଉଳି ହୋଇନାହାନ୍ତି । କ୍ଷମତା ଚାଲିଯିବାର ଭୟ ଆପଣଙ୍କୁ ଆଜି ଗ୍ରାସ କରିଛି । ଆପଣ ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍ (ଇ.ଭି.ଏମ୍.) ଉପରେ ଦୋଷ ଲଦିଦେଇଛନ୍ତି । ଆପଣ କହିଛନ୍ତି ଯେ, ଏକ ଗାଆଁରେ ନିର୍ବାଚନବେଳେ ଆପଣଙ୍କର ୧୫ଜଣ ସ୍ୱେଚ୍ଛାସେବୀ କାର୍ଯ୍ୟରତ ଥିଲେ । ନିର୍ବାଚନ ପରେ ଭୋଟ୍ ଗଣତିରେ ଦେଖାଗଲା, ଆପଣଙ୍କ ଦଳ ସେଠାରୁ ମାତ୍ର ଦୁଇଖଣ୍ଡ ଭୋଟ୍ ପାଇଛି । ଏହି ୧୫ଜଣ ସ୍ୱେଚ୍ଛାସେବୀଙ୍କର ତଥା ସେମାନଙ୍କ ପରିବାରର ସଦସ୍ୟମାନଙ୍କର ଭୋଟ୍ କୁଆଡ଼େ ଗଲା ବୋଲି ଆପଣ ପ୍ରଶ୍ନ କରିଛନ୍ତି । ଅନ୍ୟ କୌଣସି ବିକଳ୍ପ ନପାଇ ଆପଣ ଇ.ଭି.ଏମ୍. ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

ମହାଭାଗ ! ଆଜି ଆପଣଙ୍କର ସ୍ଥିତି ଯାହା, ଦିନେ ମୋର ଅବସ୍ଥା ବି ଠିକ୍ ସେହିପରି ଥିଲା । ସେଦିନର କଥା ମନେପଡ଼ିବାରୁ ହିଁ ମୁଁ ଆଜି ଆପଣଙ୍କ ପାଖକୁ ଏ ଚିଠି ଲେଖୁଛି । ଆମର ନିର୍ବାଚନ କୌଣସି ରାଜ୍ୟର ନିର୍ବାଚନ ନଥିଲା କିମ୍ବା ଏକ ବଡ଼ ସଂସ୍ଥାର ନିର୍ବାଚନ ନଥିଲା । ଏହା ଏକ ଛୋଟ ସଂସ୍ଥାର ନିର୍ବାଚନ ଥିଲା । କିନ୍ତୁ ନିର୍ବାଚନ ପ୍ରକ୍ରିୟା ସମାନ ଥିଲା । ଆମର ସମୁଦାୟ ସତୁରିଟି ଭୋଟ୍ ଗ୍ରହଣ କେନ୍ଦ୍ର

ରହିଥିଲା ଏବଂ ତିନିହଜାର ପାଞ୍ଚଶହ ଜଣ ଭୋଟର ଥିଲେ । ସମସ୍ତ ଭୋଟର ଉଚ୍ଚଶିକ୍ଷିତ ଅର୍ଥାତ୍ ସର୍ବନିମ୍ନ ସ୍ନାତକୋତ୍ତର ଉପାଧିଧାରୀ ଥିଲେ । ହଁ, ଆମର ଏକ ନିର୍ଦ୍ଦିଷ୍ଟ ୟୁନିଟ୍‌ରେ ମାତ୍ର ୧୮ଜଣ ଭୋଟର ରହିଥିଲେ । ସେଠାରେ ମୋର ଆପଣାର, ଅତି ଆପଣାର ଗୌରଗୋପାଳ ମୁଖିଆ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗୌରଗୋପାଳଙ୍କର ଦେହ ଅସୁସ୍ଥ ଥିବାରୁ ଡାକ୍ତର ତାଙ୍କୁ ପାହାଚ ଚଢ଼ିବାକୁ ପୂରାପୂରି ମନା କରିଥିଲେ । କିନ୍ତୁ ମୋର ପ୍ରାର୍ଥୀପତ୍ର ଦାଖଲ ଦିନ ସେ ପାହାଚ ଚଢ଼ି ଦ୍ୱିତୀୟ ମହଲାକୁ ଆସିଥିଲେ । ତାଙ୍କୁ ଦେଖି ମୁଁ ଭାବବିହ୍ୱଳ ହୋଇପଡ଼ିଥିଲି । କହିଥିଲି, "ଆପଣଙ୍କୁ ପାହାଚ ଚଢ଼ିବାକୁ ଡାକ୍ତର ସମ୍ପୂର୍ଣ୍ଣ ବାରଣ କରିଛନ୍ତି । ତା' ସତ୍ତ୍ୱେ..." ମୋତେ କଥା ସାରିବାକୁ ନଦେଇ ସେ କହିଲେ, "ଏ ଜୀବନ ତ କ୍ଷଣସ୍ଥାୟୀ । ଜୀବନଦୀପ ଦିନେ ଲିଭିବ ହିଁ ଲିଭିବ । ଆପଣ ମୋର ନେତା, ମୋର ଆଦର୍ଶ । ଆପଣଙ୍କ ଲାଗି ମୋ ଜୀବନ ଗଲେ, ଯାଉ ।" ମହାଶୟ, ଏହି ଘଟଣାରୁ ମୋ ପ୍ରତି ଗୌରଗୋପାଳଙ୍କର କେତେଦୂର ନିଷ୍ଠା ଥିଲା, ତାହା ଆପଣ ହୃଦୟଙ୍ଗମ କରିପାରୁଥିବେ ।

ସେହି ୟୁନିଟ୍‌ରୁ ଗୌରଗୋପାଳ, ତାଙ୍କ ପତ୍ନୀ କଳାବତୀ ଓ ଅନ୍ୟ ୧୬ ଜଣଙ୍କର ଭୋଟ ପାଇବା ନେଇ ମୁଁ ନିଶ୍ଚିତ ଥିଲି । ମାତ୍ର... ଭୋଟ୍ ଗଣତିରେ ଦେଖାଗଲା, ସେଠାରୁ ମୁଁ 'ଶୂନ' ଭୋଟ ପାଇଛି । ଏ ଖବର ପାଇ ମୋର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯିବା ପରି ଲାଗିଲା । ମୋ ଉପରେ ଆକାଶ ଛିଡ଼ିପଡ଼ିବା ଭଳି ବୋଧହେଲା । କିଛି ସମୟ ପରେ ମୁଁ ଜନୈକ ବନ୍ଧୁଙ୍କର ସାହାଯ୍ୟ ନେଇ ଗୌରଗୋପାଳଙ୍କ ପାଖରେ ପହଞ୍ଚିଲି । ସେ ହତବାକ୍ ହୋଇ ବସିଥିଲେ । ମୋ ଆଡ଼କୁ ଖୁବ୍ କରୁଣ ଦୃଷ୍ଟିରେ ଚାହିଁଲେ । ଥରିଲା କଣ୍ଠରେ କହିଲେ, "ମୁଁ ଓ ପତ୍ନୀ କଳାବତୀ ତ ଆପଣଙ୍କୁ ଭୋଟ ଦେଇଥିଲୁ । ମୁଁ ମୁଖିଆ ହୋଇଥିବାରୁ ମୋ କଥାରେ ଅନ୍ୟ ୧୬ଜଣଯାକ ବି ଆପଣଙ୍କୁ ଭୋଟ ଦେଇଥିଲେ । କିନ୍ତୁ ଗଣତିବେଳକୁ ଆପଣ ଖଣ୍ଡେ ବି ଭୋଟ ପାଇନଥିବା ଦେଖାଯାଇଥିଲା । ମୁଖିଆ ଭାବେ ମୁଁ ନିଜେ ତ ସମଗ୍ର ପ୍ରକ୍ରିୟାକୁ ପର୍ଯ୍ୟବେକ୍ଷଣ କରିଥିଲି ।" "ଏହା କିପରି ସମ୍ଭବ ହେଲା ?" ମୁଁ ଚିତ୍କାର କରି ଉଠିଥିଲି । "ତନ୍ତ୍ର, ତନ୍ତ୍ର ଛଡ଼ା ଆଉ କିଛି ନୁହେଁ । ପ୍ରତିପକ୍ଷ ତନ୍ତ୍ର ସାଧନା କରି ଆମ ଭୋଟସବୁ ତାଙ୍କ ଆଡ଼କୁ ନେଇଗଲେ", ଗୌରଗୋପାଳ ଉତ୍ତର ଦେଇଥିଲେ । ତାଙ୍କ କଥାକୁ ଗ୍ରହଣ କରିବା ପାଇଁ ମୁଁ ବାଧ୍ୟ ହୋଇଥିଲି । କାରଣ ମୋ ସମ୍ମୁଖରେ ଆଉ କୌଣସି ବିକଳ୍ପ ଉତ୍ତର ନଥିଲା । କହିବା ବାହୁଲ୍ୟ ଯେ, ସେ ନିର୍ବାଚନରେ ଇ.ଭି.ଏମ୍. ବ୍ୟବହାର ହୋଇନଥିଲା ।

ଆଜି ଆପଣ ଯେପରି ଇ.ଭି.ଏମ୍. ମୁଣ୍ଡରେ ଦୋଷ ଢାଳିଦେଉଛନ୍ତି, ସେଦିନ ମୁଁ ଠିକ୍ ସେହିପରି ତନ୍ତ୍ର ଉପରେ ଦୋଷ ଲଦିଦେଇଥିଲି । ମାତ୍ର ପ୍ରଚ୍ଛଦପଟର ପ୍ରକୃତ ଘଟଣା ଜାଣିବା ପରେ ମୋର ଚେତା ପଶିଥିଲା । ଆପଣଙ୍କର ସଦୟ ଅଗବତି ନିମନ୍ତେ ସେହି ଘଟଣା ଏଠାରେ ଉଲ୍ଲେଖ କରୁଛି ।

ନିର୍ବାଚନରେ ଗୌରଗୋପାଳଙ୍କ ଉପରେ ଶତକଡ଼ା ଶହେ ଭରସା କରି ମୁଁ ରହିଥିଲି । ନିର୍ବାଚନ ପୂର୍ବଦିନ କିନ୍ତୁ ମୋର ପ୍ରତିଦ୍ୱନ୍ଦ୍ୱୀ ସେହି ୟୁନିଟ୍‌ରେ ପହଞ୍ଚି ଥିଲେ । ସେ ଜଣେ ମହିଳା ଥିଲେ ଏବଂ ଜଣେ ନୂଆ ମୁହଁ ଥିଲେ । ସେ ସଦସ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବାକ୍ୟାଳାପ କରିଥିଲେ । ଅପର ପକ୍ଷରେ, ମୁଁ ପୂର୍ବ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବାରୁ ସଦସ୍ୟମାନେ ମୋ ଉପରେ ବୀତସ୍ପୃହ ହୋଇଉଠିଥିଲେ । ଗୌରଗୋପାଳଙ୍କ ପତ୍ନୀ କଳାବତୀଙ୍କ ସମେତ ସମସ୍ତେ ମୋ ପ୍ରତିଦ୍ୱନ୍ଦ୍ୱୀଙ୍କ କଥାରେ ଭାସିଯାଇଥିଲେ । ସେ ରାତିରେ କଳାବତୀ ଗମ୍ଭୀର ହୋଇ ଗୌରଗୋପାଳଙ୍କୁ କହିଥିଲେ, "ହଇହେ ! ମୁଁ ଗୋଟିଏ କଥା କହିବି । ଭାବୁଛି, ତୁମେ ମୋ କଥା ରଖିବ ।" ହସିହସି ଗୌରଗୋପାଳ କହିଥିଲେ, "ଜୀବନରେ ତୁମର କେଉଁ କଥା ରଖିନାହିଁ ଯେ !" "ତା'ହେଲେ ଶପଥ କର", ପତ୍ନୀ କହିଥିଲେ ଏବଂ ପତି ଶପଥ କରିଥିଲେ । ତା' ପରେ କଳାବତୀ କହିଥିଲେ, "ମୁଁ ଚାହେଁ, ଆମେ ଦୁହେଁ କାଲି ମାଡାମ୍‌ଙ୍କୁ ହିଁ ଭୋଟ ଦେବା ।" ଏହା ଶୁଣି ଗୌରଗୋପାଳ ଚମକି ଉଠିଥିଲେ । ମାତ୍ର ଶପଥ କରିସାରିଥିବାରୁ ତାଙ୍କର ଅନ୍ୟ ଉପାୟ ନଥିଲା । "ଅନ୍ୟମାନେ ତ ତୁମ ନେତାଙ୍କୁ ଭୋଟ୍ ଦେବେ । ତେଣୁ ଆମେ ନଦେଲୁ ବୋଲି ସେ ଜାଣିପାରିବେ ନାହିଁ", କଳାବତୀ କହିଥିଲେ । ପରଦିନ ଗୌରଗୋପାଳ ତାଙ୍କ ଶପଥ ପାଳନ କରିଥିଲେ । କଳାବତୀ ଓ ଅନ୍ୟମାନେ ମାଡ଼ାମ୍‌ଙ୍କୁ ହିଁ ଭୋଟ୍ ଦେଇଥିଲେ । ତେଣୁ ମୁଁ ସେଠାରୁ ଖଣ୍ଡେ ବି ଭୋଟ ପାଇନଥିଲି । ମହାରାଜଙ୍କ କ୍ଷୀର ସାଗର ଉପାଖ୍ୟାନ ମୋର ଅବଶ୍ୟ ମନେପଡ଼ିଥିଲା ।

ମହାଭାଗ ! ବାସ୍ତବତାକୁ ଜାଣିଲା ପରେ ମୁଁ ଆଉ ତନ୍ତ୍ର ଉପରେ ଦୋଷ ଦେଇନଥିଲି । ଆପଣ ବି ବାସ୍ତବତାକୁ ହୃଦୟଙ୍ଗମ କଲେ ଆଉ ଇ.ଭି.ଏମ୍. ଉପରେ ଦୋଷ ଲଦିବେନାହିଁ । ଏହି ଆଶା କରି ରହିଲି ।

ଗଣତନ୍ତ୍ର ଦୀର୍ଘଜୀବୀ ହେଉ ।

॥ ଇତି ॥

ଆପଣଙ୍କର

ଭଗବାନ ଦାସ

●

# କହିଦେଉଥାଇ ପରକୁ (୧)

ଅଧ୍ୟକ୍ଷଙ୍କ କାନରେ କଥାଟି ଯଥାସମୟରେ ପଡ଼ିଯାଇଥିଲା। ମୁଖ୍ୟ ପରୀକ୍ଷକ ତାଙ୍କୁ ଘଟଣାଟି ଜଣାଇଦେଇଥିଲେ। ତାହା ଶୁଣି କେନ୍ଦ୍ର ପରିଚାଳକ ଦାୟିତ୍ୱ ମୁଣ୍ଡାଇଥିବା ଅଧ୍ୟକ୍ଷ ବୀରଦର୍ପରେ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚିଗଲେ। ସମ୍ପୃକ୍ତ ସ୍କୃଟିନାଇଜରଙ୍କୁ ମାର୍କ ଫଏଲଗୁଡ଼ିକ ଆଣିବାକୁ କହିଲେ। ସେଗୁଡ଼ିକ ତନ୍ନତନ୍ନ କରି ଦେଖି ତହିଁରୁ ଅଧ୍ୟାପକ ଡକ୍ଟର ସୁନୀଲ ଜେନାଙ୍କ ମାର୍କ ଫଏଲ କାଢ଼ିଲେ। ଡକ୍ଟର ଜେନା ସେଥିରେ ରୋଲ ନମ୍ବର ଓ ମାର୍କ ଓଡ଼ିଆରେ ଲେଖିଥିଲେ। ଅଧ୍ୟକ୍ଷ ଜାଣିଥିଲେ ଯେ, ମାର୍କ ଫଏଲଗୁଡ଼ିକ ରାଜ୍ୟ ବାହାରକୁ 'ଟାବୁଲେସନ' ପାଇଁ ଯିବ। ସଂଖ୍ୟାଗୁଡ଼ିକ ଇଂରାଜୀ ବଦଳରେ ଓଡ଼ିଆରେ ଲେଖାଯାଇଥିବାରୁ କମ୍ପ୍ୟୁଟରରେ ତାହା 'ଏଣ୍ଟ୍ରି' କରିହେବ ନାହିଁ। ତେଣୁ ତାହା ଇଂରାଜୀରେ ଲେଖିବା ପାଇଁ ସେ ଡକ୍ଟର ଜେନାଙ୍କୁ କହିଥିଲେ। ମାତ୍ର ଶ୍ରୀ ଜେନା ନିଜକୁ ଏକ ନମ୍ବର 'ଓଡ଼ିଆ ଭାଷାପ୍ରେମୀ' ବୋଲି ଦାବି କରି ଇଂରାଜୀରେ ଲେଖିବାକୁ ରୋକ୍‌ଠୋକ୍ ମନା କରିଥିଲେ। ସେ ହଠାତ୍ ଛିଡ଼ା ହୋଇପଡ଼ି ଏକ ଭାଷଣ ଆରମ୍ଭ କରିଦେଇଥିଲେ।

ସେ କହିଥିଲେ, "ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ ୨୦୧୬ର ଧାରା ୨ର ଉପଧାରା (୨) ଅନୁଯାୟୀ ରାଜ୍ୟର ସମସ୍ତ କାର୍ଯ୍ୟାଳୟ-ଗୁଡ଼ିକରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରାଯିବ...।" ଡକ୍ଟର ଜେନାଙ୍କ କଥା ନସରୁଣୁ ପାଖରେ ବସିଥିବା ଓଡ଼ିଆ ଅଧ୍ୟାପକ ଶ୍ରୀ ବୁଲେଇ ଦାସ ଛିଡ଼ା ହୋଇପଡ଼ିଲେ। ବଡ଼ପାଟିରେ ସେ କହିଲେ, "ଭୁଲ ହୋଇଗଲା। 'ସମସ୍ତ କାର୍ଯ୍ୟାଳୟଗୁଡ଼ିକରେ' ହେବନାହିଁ। 'ସମସ୍ତ କାର୍ଯ୍ୟାଳୟରେ' କିମ୍ବା 'କାର୍ଯ୍ୟାଳୟ-ଗୁଡ଼ିକରେ' ହେବ। ଭୁଲ ହୋଇଗଲା।" ତାଙ୍କ ଆଡ଼କୁ ଚିହିଁକିଉଠି ଦର୍ଶନ ଅଧ୍ୟାପକ ଶ୍ରୀ ଜେନା କହିଲେ, "ମୁଁ ଯାହା କହୁଛି, ମୋ ମନକୁ କହୁନାହିଁ। ସରକାରୀ ଚିଠିରେ ଯାହା ଲେଖାଯାଇଛି, ତାହା ମୁଖସ୍ଥ କରି କହୁଛି। ସରକାରଙ୍କ ଭାଷାରେ ଭୁଲ ରହିନପାରେ। ଆପଣ ବେଶି ପାଣ୍ଡିତ୍ୟ ଦେଖାନ୍ତୁନାହିଁ। ବଦଳିକୁ ଡାକିହାକି....।" 'ବଦଳି' ଶବ୍ଦ ଶୁଣିବା ମାତ୍ରକେ ଅଧ୍ୟାପକ ଦାସ ଲଥ୍ କରି ବସିପଡ଼ିଥିଲେ।

ଧୀର ଭାବରେ ଅଧ୍ୟକ୍ଷ କହିଥିଲେ, "ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। 'କୌଣସି କାର୍ଯ୍ୟ କରିବା ପାଇଁ ଉଦ୍ୟମ କରିବା' ଓ 'ସେ କାର୍ଯ୍ୟ କରିବା'- ଏହା ଭିତରେ ପାର୍ଥକ୍ୟ

ଅଛି।" ଚିଡ଼ିଉଠି ଡକ୍ଟର ଜେନା କହିଲେ, "ମୋତେ ବେଶି ପାଠ ପଢ଼ାନ୍ତୁନାହିଁ। ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ ୨୦୧୬ ଲାଗୁ ହେବା ଦିନଠାରୁ ମୁଁ ଯାହା ଲେଖୁଚି ଓଡ଼ିଆରେ ହିଁ ଲେଖୁଛି। ଉଭୟ ଅକ୍ଷର ଓ ଅଙ୍କ ଓଡ଼ିଆରେ ଲେଖୁଛି ଏବଂ ଦସ୍ତଖତ ବି ଓଡ଼ିଆରେ କରୁଛି। ନିକଟରେ ଆମ ଶ୍ୱଶୁର ଘର ଗାଁରେ ଥିବା କଲେଜରେ ଏକ 'ନ୍ୟାସନାଲ ମେସିନାର' ଆୟୋଜିତ ହୋଇଥିଲା। ମୁଁ ତହିଁରେ ଓଡ଼ିଆରେ ଲିଖିତ 'ପେପର୍' ଉପସ୍ଥାପନ କରି ଚହଳ ପକାଇଦେଇଥିଲି। ମୁଁ ଜଣେ ସଚ୍ଚା ମାତୃଭାଷାପ୍ରେମୀ...। ଆପଣ ମୋତେ ନୀତି ଓ ଆଦର୍ଶରୁ କଦାପି ହଟାଇଦେଇ ପାରିବେନାହିଁ।" ଅଧିକ କିଛି ନକହି ଅଧକ୍ଷ ଚୁପ୍‌ଚାପ୍ ସ୍ଥାନ ଛାଡ଼ି ଚାଲିଯାଇଥିଲେ।

ଅଧକ୍ଷଙ୍କ ଯିବା ପଥକୁ ଚାହିଁ ଡକ୍ଟର ଜେନା କହିଥିଲେ, "ଭାଷାଦ୍ରୋହୀ, ଜାତିଦ୍ରୋହୀ, ଦେଶଦ୍ରୋହୀ...।" ଅଧକ୍ଷ ହଲ୍ ବାହାରକୁ ଚାଲିଯିବା ପରେ ପ୍ରଥମେ ଅଧ୍ୟାପକ ହରିବୋଲ ଦେବ୍ ଡକ୍ଟର ଜେନାଙ୍କ ପାଖକୁ ଆସି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, "ଦେଇଛନ୍ତି, ଭଲ କରି ପାନେ ଦେଇଛନ୍ତି।" ପରେପରେ ଅଧ୍ୟାପିକା ହୁଳହୁଳୀ ଦେବୀ ଆସିଲେ ଏବଂ କହିଲେ, "ଆପଣଙ୍କ ପରି ସଚ୍ଚା ମାତୃଭାଷାପ୍ରେମୀ ମୁଁ କେବେବି ଦେଖିନାହିଁ। କନ୍‌ଗ୍ରାଚୁଲେସନ୍ସ।" ତା'ପରେ ଜଣକ ପରେ ଜଣେ ପରୀକ୍ଷକ ଡକ୍ଟର ଜେନାଙ୍କ ପାଖକୁ ଆସି ତାଙ୍କ ଭାଷାପ୍ରେମର ଭୂୟସୀ ପ୍ରଶଂସା କରିବା ସଙ୍ଗେସଙ୍ଗେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଥିଲେ। ତାଙ୍କ ପାଖେ ଏତେ ଭିଡ଼ ଜମିବା ଦେଖି ଡକ୍ଟର ଜେନା ଆନନ୍ଦରେ କୁରୁଳିଉଠିଥିଲେ। "ଖାଲି କଥାରେ ନୁହେଁ, କାର୍ଯ୍ୟରେ କରି ଦେଖାଇବାକୁ ହେବ। ଆପଣମାନେ ବି ମୋ ପରି ମାର୍କ ଫଏଲରେ ସଂଖ୍ୟାଗୁଡ଼ିକ ଇଂରାଜୀରେ ନଲେଖି ଓଡ଼ିଆରେ ଲେଖନ୍ତୁ", ଡକ୍ଟର ଜେନା କହିଥିଲେ। ମାତ୍ର ଏହା ଶୁଣିବାକ୍ଷଣି ଭିଡ଼ ଜମାଇଥିବା ଅଧ୍ୟାପକବୃନ୍ଦ କିଛି ନକହି ଏକାବେଳେ ସେଠାରୁ ଅପସରିଯାଇଥିଲେ। ସେମାନେ ନିଜନିଜ ସ୍ଥାନରେ ବସି ପୂର୍ବବତ୍ ମୂଲ୍ୟାଙ୍କନରେ ମନୋନିବେଶ କରିବା ଦେଖାଯାଇଥିଲା।

ଏଣେ ଅଧକ୍ଷ ନିଜ ପ୍ରକୋଷ୍ଠକୁ ଫେରି କିଛି ସମୟ ଗୁମ୍ ହୋଇ ବସିପଡ଼ିଥିଲେ। ତା'ପରେ ସେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାନର କଣ୍ଟ୍ରୋଲରଙ୍କ ପାଖକୁ ଫୋନ ଲଗାଇଥିଲେ। ପରୀକ୍ଷକ ଶ୍ରୀ ଜେନା ମାର୍କ ଫଏଲରେ ଓଡ଼ିଆରେ ସଂଖ୍ୟା ଲେଖୁଛନ୍ତି ଏବଂ ତାହା ଚଳିବନାହିଁ ବୋଲି ଯେତେ କହିଲେ ବି ଶୁଣୁନଥିବା କଥା ଜଣାଇଦେଇଥିଲେ। ଏହି ପରିସ୍ଥିତିରେ ସେ କ'ଣ କରିପାରିବେ ବୋଲି କଣ୍ଟ୍ରୋଲରଙ୍କର ପରାମର୍ଶ ଲୋଡ଼ିଥିଲେ। "ମୁଁ ଚେୟାରମ୍ୟାନଙ୍କ ସହ ଆଲୋଚନା କରି ଆପଣଙ୍କୁ ଜଣାଉଛି", କଣ୍ଟ୍ରୋଲର କହିଥିଲେ। ଫୋନ ରଖି ସେ ଚେୟାରମ୍ୟାନଙ୍କ ପ୍ରକୋଷ୍ଠକୁ ଗଲେ ଏବଂ ତାଙ୍କୁ ସମଗ୍ର ଘଟଣା ଅବଗତ କରାଇଲେ।

ତତ୍‌କ୍ଷଣାତ୍ ଚେୟାରମ୍ୟାନ ଶିକ୍ଷା ନିର୍ଦ୍ଦେଶକଙ୍କ ପାଖକୁ ଫୋନ କରି ତାଙ୍କୁ ଘଟଣା ଜଣାଇଦେଲେ ଏବଂ ତାଙ୍କର ମତାମତ ଲୋଡ଼ିଲେ। "ମୁଁ ସଚିବଙ୍କ ସହ ଏ ବିଷୟରେ ବିସ୍ତୃତ ଆଲୋଚନା କରି ଆପଣଙ୍କୁ ଜଣାଉଛି। ଆପଣ ଅପେକ୍ଷା କରନ୍ତୁ", ନିର୍ଦ୍ଦେଶକ କହିଥିଲେ।

ନିର୍ଦ୍ଦେଶକଙ୍କର କିନ୍ତୁ ସଚିବଙ୍କ ପାଖକୁ ଫୋନ କରିବାର ସାହସ ନଥିଲା। ସେ ସଚିବଙ୍କୁ ଦେଖା କରିବା ପାଇଁ ସଚିବାଳୟରେ ପହଞ୍ଚିଲେ। ପ୍ରଥମେ ପି.ଏ.ଙ୍କ ସହ କଥା ହେଲେ ଏବଂ ପି.ଏ. ତାଙ୍କୁ ଅପେକ୍ଷା କରିବାକୁ କହିଲେ। ଦୀର୍ଘ ୪୫ ମିନିଟ୍ ଅପେକ୍ଷା କଲାପରେ ସଚିବଙ୍କଠାରୁ ଡାକରା ଆସିଥିଲା। ସେ ସଚିବଙ୍କ ପ୍ରକୋଷ୍ଠକୁ ପ୍ରବେଶ କଲାମାତ୍ରେ କ'ଣ ହୋଇଛି ବୋଲି ସଚିବ ପଚାରିଥିଲେ। "ଆଜ୍ଞା ! ମାର୍କ ଫଏଲରେ ଇଂରାଜୀରେ ସଂଖ୍ୟା ଲେଖିବାର ବିଧି ରହିଥିଲେ ବି ଅଧ୍ୟାପକ ସୁନୀଲ ଜେନା ତାହାକୁ ଅମାନ୍ୟ କରି ମନଇଚ୍ଛା ତହିଁରେ ଓଡ଼ିଆରେ ଲେଖୁଛନ୍ତି। ଏହାଦ୍ୱାରା ମାର୍କଗୁଡ଼ିକ କମ୍ପ୍ୟୁଟରରେ 'ଏଣ୍ଟ୍ରି' କରିବା ସମ୍ଭବ ହେବନାହିଁ...।" ନିର୍ଦ୍ଦେଶକଙ୍କ କଥା ନସରୁଣୁ ସଚିବ ଗର୍ଜିଉଠିଲେ, "ଆପଣ କିପରି ନିର୍ଦ୍ଦେଶକ ହେଲେ ମୁଁ ଜାଣିପାରୁନାହିଁ। ଯେତେବେଳେ ଆସୁଛନ୍ତି, ଖାଲି ସମସ୍ୟା ନେଇକରି ଆସୁଛନ୍ତି। ଯାଆନ୍ତୁ, ନିଜ ସ୍ତରରେ ତା'ର ସମାଧାନ କରନ୍ତୁ।" ନିର୍ଦ୍ଦେଶକ ଚୁପ୍‌ଚାପ୍ ସଚିବଙ୍କ ପ୍ରକୋଷ୍ଠରୁ ବାହାରି ଆସିଥିଲେ।

ନିଜ ଅଫିସକୁ ଫେରି ନିର୍ଦ୍ଦେଶକ ପ୍ରଥମେ 'ରିଲାକ୍ସ' ହେବାକୁ ଚେଷ୍ଟା କରିଥିଲେ। କିଛି ସମୟ ପରେ ଚେୟାରମ୍ୟାନଙ୍କ ପାଖକୁ ଫୋନ କରି କହିଥିଲେ, "ସଚିବଙ୍କ ପାଖରୁ ଫେରୁଫେରୁ ଡେରି ହୋଇଗଲା। ସେ ତ ମୋତେ ଜମାରୁ ଛାଡ଼ିଲେନାହିଁ। ଶିକ୍ଷା କ୍ଷେତ୍ରର ଯାବତୀୟ ସମସ୍ୟା ଉପରେ ମୋ ସଙ୍ଗେ ଆଲୋଚନା କଲେ। ମୋତେ କଫି ପିଆଇଲେ। ଶେଷରେ ମୁଁ ଡକ୍ଟର ଜେନା ସୃଷ୍ଟି କରିଥିବା ସମସ୍ୟା କଥା ଜଣାଇଲି। ସେ କହିଲେ, ଅଧ୍ୟକ୍ଷଙ୍କୁ କହିଦିଅନ୍ତୁ, ସେ ତାଙ୍କ ସ୍ତରରେ ତା'ର ସମାଧାନ କରିଦେବେ। କରିନପାରିଲେ, ବଦଳି ପାଇଁ ପ୍ରସ୍ତୁତ ହୋଇଯିବେ।"

ବାସ୍, ଚେୟାରମ୍ୟାନ ସଚିବଙ୍କ କଥା କଣ୍ଟ୍ରୋଲରଙ୍କ ଜରିଆରେ ଅଧ୍ୟକ୍ଷଙ୍କୁ ଜଣାଇଦେଲେ। ବଦଳି କଥା ଶୁଣି ଅଧ୍ୟକ୍ଷଙ୍କର ପିଳେହି ପାଣି ହୋଇଗଲା। ଏହି ସ୍ଥାନରେ ଅଧ୍ୟକ୍ଷ ପଦରୁ ଅବସର ନେବେ ବୋଲି ସେ ଚିନ୍ତା କରିଥିଲେ। ମାତ୍ର ଅଚାନକ ତାଙ୍କ ଚିନ୍ତାରାଜ୍ୟରେ ଝଡ଼ ସୃଷ୍ଟି ହେଲା। ବଦଳି ହେଲେ କେତେ ଯେ ହୀନସ୍ତା ହେବେ...। ରାତିରେ ସେ ଶାନ୍ତିରେ ଶୋଇପାରି ନଥିଲେ।

ପରଦିନ ଅଧ୍ୟକ୍ଷ ଯଥାସମୟରେ କଲେଜକୁ ଆସିଥିଲେ। ମାତ୍ର ତାଙ୍କ ମନ ଭାରାକ୍ରାନ୍ତ ଥିଲା। ମଧ୍ୟାହ୍ନରେ ମୁଖ୍ୟ ପରୀକ୍ଷକଙ୍କ ସହ ତାଙ୍କର ଆଲୋଚନା

ହୋଇଥିଲା। ଆଲୋଚନା ପରେ ଅବଶ୍ୟ ତାଙ୍କ ମନରେ ଆଶାର କ୍ଷୀଣ ଆଲୋକ ଦେଖାଦେଇଥିଲା। ଅର୍ଥାତ୍ ସେ ସାମାନ୍ୟ ଆଶାବାଦୀ ହୋଇଉଠିଥିଲେ। ତା'ପରେ ସେ ଧୀର ପଦପାତରେ ମୂଲ୍ୟାଙ୍କନ କେନ୍ଦ୍ରରେ ପ୍ରବେଶ କରିଥିଲେ। ଡକ୍ଟର ସୁନୀଲ ଜେନାଙ୍କ ପାଖରେ ପହଞ୍ଚୁପହଞ୍ଚୁ ଡକ୍ଟର ଜେନା କହିଲେ, "ସାର୍, ଇଂରାଜୀରେ ଲେଖିବା ପାଇଁ ମୋତେ ପ୍ରବର୍ତ୍ତାଇବାକୁ ଚେଷ୍ଟା କରନ୍ତୁନାହିଁ। ମୁଁ ଅଚଳ ମହାମେରୁ-ମୋ ନିଷ୍ପତ୍ତିରୁ ଆଦୌ ଟଳିବିନାହିଁ।" ହସିହସି ଅଧ୍ୟକ୍ଷ କହିଲେ, "ନା, ନା, ମୁଁ ଆଦୌ ସେ ପ୍ରସଙ୍ଗ ଉଠାଇବାକୁ ଆସିନାହିଁ।" ଡକ୍ଟର ଜେନା ଶାନ୍ତ ହେଲେ। ଅଧ୍ୟକ୍ଷ କହିଲେ, "ଆପଣଙ୍କର ଗଭୀର ବିଦ୍‌ବତ୍ତା ସମ୍ପର୍କରେ ମୁଁ ଅବଗତ ନଥିଲି। ଆଜି ସେ ସମ୍ପର୍କରେ ଶୁଣିବା ପରେ ଆପଣଙ୍କ ପାଖକୁ ଆସିଲି। ଆପଣ ଖାଲି ପିଏଚ୍.ଡି. କରି ରହିଯାଇ ନାହାନ୍ତି; ଏବେ ଡି.ଲିଟ୍. କରୁଛନ୍ତି। ତା'ଛଡ଼ା 'ପେପର୍' ଲେଖୁଛନ୍ତି; ବହି ବି ଲେଖୁଛନ୍ତି। ଆପଣଙ୍କ ପରି ଜ୍ଞାନୀଗୁଣୀ ବ୍ୟକ୍ତି ଆମ କ୍ୟାଡ଼ରରେ ନାହାନ୍ତି।" ଅଧ୍ୟକ୍ଷଙ୍କ ମୁହଁରୁ ନିଜର ପ୍ରଶଂସା ଶୁଣି ଡକ୍ଟର ଜେନା ଆନନ୍ଦରେ ଅଧୀର ହୋଇଉଠିଥିଲେ। "ସେଥିପାଇଁ ତ ଆପଣଙ୍କ ବିଷୟରେ, ଆପଣଙ୍କ ପରିବାର ବିଷୟରେ ଜାଣିବା ପାଇଁ ଧାଇଁ ଆସିଲି", ଅଧ୍ୟକ୍ଷ କହିଥିଲେ। ଡକ୍ଟର ଜେନା ଗଡ଼ ଜିଣିବା ପରି ଅନୁଭବ କରିଥିଲେ।

ଅଧ୍ୟକ୍ଷ ଜିଜ୍ଞାସା କରନ୍ତେ ଡକ୍ଟର ଜେନା ନିଜ ବିଷୟରେ ଅନର୍ଗଳ କହିଚାଲିଥିଲେ। ତାଙ୍କ କଥାରୁ ଜଣାଯାଇଥିଲା ଯେ, ସେ ତାଙ୍କ ଗାଁ ପାଖ ହାଇସ୍କୁଲରୁ ମାଟ୍ରିକ ଏବଂ ସେଠା କଲେଜରୁ ବି.ଏ. ପାସ କରିଥିଲେ। ତା'ପରେ ଏମ୍.ଏ. ପଢ଼ିବା ପାଇଁ ସହରକୁ ଆସିଥିଲେ। ଏମ୍.ଏ. ପାସ କଲା ପରେପରେ ଅଧ୍ୟାପକ ଚାକିରି ପାଇଯାଇଥିଲେ। ମାତ୍ର ସେ ପରୀକ୍ଷାଗୁଡ଼ିକରେ କେଉଁ ଡିଭିଜନ ରଖି ପାସ କରିଥିଲେ ଏବଂ ଅଧ୍ୟାପକ ଭାବେ ନିଯୁକ୍ତି ପାଇବା ପାଇଁ କେତେ ଟଙ୍କା ଦେଇଥିଲେ, ତାହା ପ୍ରକାଶ କରିନଥିଲେ। ସେ ଯାହାହେଉ, ପତ୍ନୀ ଗୃହିଣୀ ନା ଚାକିରିଆ ବୋଲି ଅଧ୍ୟକ୍ଷ ପଚାରନ୍ତେ ଡକ୍ଟର ଜେନା କହିଥିଲେ ଯେ, ବିବାହବେଳେ ତାଙ୍କ ପତ୍ନୀ ବି.ଏ. ପାସ କରିଥିଲେ। ବିବାହ ପରେ ଘରୋଇ ଭାବେ ଏମ୍.ଏ. (ଓଡ଼ିଆ) ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। କେତେଥର ପରୀକ୍ଷା ଦେବା ପରେ କେଉଁ ଡିଭିଜନ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି, ତାହା ଅବଶ୍ୟ ଗୁହ୍ୟ ରଖିଥିଲେ।

ପିଲାମାନଙ୍କ କଥା ପଡ଼ିଲାମାତ୍ରେ କିନ୍ତୁ ଡକ୍ଟର ଜେନା ଉଲ୍ଲସିତ ହୋଇ-ଉଠିଥିଲେ। ତାଙ୍କ ପୁଅଦୁହେଁ ସ୍କୁଲରେ ପଢୁଥିବା ଜଣାଇଥିଲେ। "ସେମାନେ ନିଶ୍ଚୟ ଭଲ ପଢୁଥିବେ", ଅଧ୍ୟକ୍ଷ ମନ୍ତବ୍ୟ ଦେଇଥିଲେ। ହସିହସି ଡକ୍ଟର ଜେନା କହିଥିଲେ, "ଭଲ ନୁହେଁ, ଖୁବ୍ ଭଲ ପଢୁଛନ୍ତି।" "ଆପଣଙ୍କ ପିଲା – ପୁଣି ଖୁବ୍ ଭଲ

ପଢ଼ିବେନାହିଁ !" ଅଧ୍ୟକ୍ଷ କହିଥିଲେ। ଡକ୍ଟର ଜେନା ଆହୁରି ଉତ୍‌ଫୁଲ୍ଲିତ ହୋଇଉଠିଥିଲେ। "ସେମାନେ କେଉଁ ଶ୍ରେଣୀରେ ପଢୁଛନ୍ତି ?" ଅଧ୍ୟକ୍ଷ ପଚାରିଥିଲେ। ବଡ଼ପୁଅ ଷ୍ଟାଣ୍ଡାର୍ଡ଼ ସିକ୍ସ ଓ ସାନପୁଅ ଷ୍ଟାଣ୍ଡାର୍ଡ଼ ଥ୍ରୀରେ ପଢୁଥିବା ଡକ୍ଟର ଜେନା ଜଣାଇଥିଲେ। "ସେମାନେ କେଉଁ ସ୍କୁଲରେ ପଢୁଛନ୍ତି ?" ଅଧ୍ୟକ୍ଷଙ୍କର ଶେଷ ପ୍ରଶ୍ନ ଥିଲା। ସଗର୍ବେ ଡକ୍ଟର ଜେନା କହିଥିଲେ, "କେମ୍ବ୍ରିଜ୍ ସ୍କୁଲରେ।"

ତା'ପରେ... ତା'ପରେ ଅଧ୍ୟକ୍ଷ କହିଥିଲେ, "ଏଣେ ଆପଣଙ୍କ ଭିତରେ ମାତୃଭାଷାପ୍ରେମ ଏତେ ଉଚ୍ଛୁଳିପଡୁଛି ଯେ, ବିଧି ଓ ବ୍ୟବସ୍ଥାକୁ ଭାଙ୍ଗି ମାର୍କ ଫଏଲରେ ସଂଖ୍ୟାଗୁଡ଼ିକ ବି ଓଡ଼ିଆରେ ଲେଖୁଛନ୍ତି। ତେଣେ ନିଜର ପିଲାମାନଙ୍କୁ ଓଡ଼ିଆ ମାଧ୍ୟମ ସ୍କୁଲରେ ନପଢ଼ାଇ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାଉଛନ୍ତି।" ଘଟଣା ଏପରି ମୋଡ଼ ନେବ ବୋଲି ଡକ୍ଟର ଜେନା ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ। ତାଙ୍କ ପାଟିରୁ ଆଉ କଥା ବାହାରିନଥିଲା। "ହିପୋକ୍ରାଟ", କହି ଅଧ୍ୟକ୍ଷ କେନ୍ଦ୍ରରୁ ପ୍ରସ୍ଥାନ କରିଥିଲେ। ଡକ୍ଟର ଜେନାଙ୍କ ମୁହଁ ଲାଲ ପଡ଼ିଯାଇଥିଲା; ଦେହରେ ଛୁରୀ ଚାଲିବା ପରି ସେ ଅନୁଭବ କରିଥିଲେ। ପାଖରେ ବସିଥିବା ପରୀକ୍ଷକମାନେ କିନ୍ତୁ ମୁରୁକିହସା ଦେଉଥିଲେ।

ଘରକୁ ଫେରି ଅଧ୍ୟାପକ ଜେନା ପତ୍ନୀଙ୍କ ଆଗରେ ଘଟଣା ମୂଳରୁ ଶେଷ ପର୍ଯ୍ୟନ୍ତ ବର୍ଣ୍ଣନା କରିଥିଲେ। ସବୁ ଶୁଣିସାରି ପତ୍ନୀ ବିଷଣ୍ଣ ବଦନରେ ପ୍ରଶ୍ନ କରିଥିଲେ, "ତା'ହେଲେ କ'ଣ ଆମେ ପୁଅ ଦିହିଙ୍କି ଇଂରାଜୀ ମାଧ୍ୟମ ସ୍କୁଲରେ ନପଢ଼ାଇ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ାଇଥିଲେ ଭଲ ହୋଇଥାନ୍ତା ?" ହସିହସି ଡକ୍ଟର ଜେନା ଉତ୍ତର ଦେଇଥିଲେ, "ନା, ନା, ମୁଁ ସେ କଥା କହୁନାହିଁ। ସେପରି କରିଥିଲେ ତ ସେଦୁହେଁ ଗଣ୍ଡମୂର୍ଖ ହୋଇ ବାହାରିଥାନ୍ତେ।"

ଓଡ଼ିଆ ଭାଷା ଓ ସାହିତ୍ୟରେ ଏମ୍.ଏ. ପାସ କରିଥିବା ପତ୍ନୀ ମନଖୋଲି ହସିଥିଲେ ଏବଂ କହିଥିଲେ, "ଠିକ୍ କଥା।" ବର୍ତ୍ତମାନ ଅବସ୍ଥାରେ କ'ଣ କରାଯିବ, ସେ ସମ୍ପର୍କରେ ଡକ୍ଟର ଜେନା ପତ୍ନୀଙ୍କର ପରାମର୍ଶ ଲୋଡ଼ିଥିଲେ। "ତୁମେ କାଲିଠାରୁ ଆଉ ମୂଲ୍ୟାଙ୍କନ କରିବା ପାଇଁ ଯାଅନାହିଁ", ପତ୍ନୀ ମନ୍ତ୍ରଣା ଦେଇଥିଲେ। ପତି ତାହାକୁ ତତ୍‌କ୍ଷଣାତ୍ ଅବଶ୍ୟ ଗ୍ରହଣ କରିନେଇଥିଲେ। ଏକଦା ଡକ୍ଟର ଜେନା ଅନ୍ୟମାନଙ୍କୁ ଓଡ଼ିଆ ଭାଷାପ୍ରେମୀ ହେବା ପାଇଁ ପ୍ରବର୍ତ୍ତାଉଥିଲେ। ଆଜି କିନ୍ତୁ ପତ୍ନୀଙ୍କ ପରାମର୍ଶକୁ ଅମାନ୍ୟ କରିବାର ଜୁ ତାଙ୍କର ନଥିଲା। ପରକୁ ବତାଇବା ସହଜ, କିନ୍ତୁ ନିଜେ ନିୟମ ବା ଆଦର୍ଶ ପାଳନ କରିବା କାଠିକର ପାଠ– ଏ କଥା ସେ ହୁଏତ ବୁଝିଥିବେ।

ତା'ପର ଦିନଠାରୁ ଡକ୍ଟର ଜେନାଙ୍କୁ ଆଉ ମୂଲ୍ୟାଙ୍କନ କେନ୍ଦ୍ରରେ ଦେଖିବାକୁ ମିଳିନଥିଲା। ମୁଖ୍ୟ ପରୀକ୍ଷକ ତାଙ୍କ କାମ କରିଥିଲେ। ଅଧ୍ୟକ୍ଷ ଆଶ୍ୱସ୍ତ ହୋଇଥିଲେ।

●

# ପୁଷ୍ପ ସଂଗ୍ରହ ନା ଫୁଲ ଚୋରି

ସବୁଦିନ ପରି ସେଦିନ ଗୋବର୍ଦ୍ଧନ ଗିରି ଓରଫ ଗିରି ଗୋବର୍ଦ୍ଧନ ଏକାଗ୍ରଚିତ୍ତରେ ଆଙ୍କୁଡ଼ି ସାହାଯ୍ୟରେ ଫୁଲ ତୋଳିବାରେ ଲାଗିଥିଲେ । ହଠାତ୍ ଏକ ବୋଲୁଅ ଆସି ତାଙ୍କ ଦେହରେ ବାଜନ୍ତେ ସେ ଚିତ୍କାର କରି ତଳେ ପଡ଼ିଯାଇଥିଲେ ଏବଂ ତାଙ୍କର ହୋସ ଉଡ଼ିଯାଇଥିଲା । କହିବା ବାହୁଲ୍ୟ ଯେ, ଗୃହକର୍ତ୍ତା ତାଙ୍କୁ ବାରମ୍ବାର ଫୁଲ ତୋଳିବାକୁ ବାରଣ କରିବା ସତ୍ତ୍ୱେ ସେ ସେଥିପ୍ରତି କର୍ଣ୍ଣପାତ ନକରିବାରୁ ବାଧ୍ୟ ହୋଇ ଏହି ବୋଲୁଅ ନିକ୍ଷେପ କରିଥିଲେ । ଯାହାହେଉ, ଗିରି ଗୋବର୍ଦ୍ଧନଙ୍କର ଚିତ୍କାର ଶୁଣି ଅଦୂରରେ ଫୁଲ ତୋଳୁଥିବା ପୁଷ୍ପକେତୁ ଦାସ ଓରଫ ଧୂମକେତୁ ଦାସ ଦୌଡ଼ିଆସି ସାହାଯ୍ୟ ପାଇଁ ବଡ଼ପାଟିରେ ଡାକପକାଇଥିଲେ । ମାତ୍ର ଜଣେ ବି କେହି ସାହାଯ୍ୟ କରିବାକୁ ଆଗେଇଆସି ନଥିଲେ । ବରଂ ଗିରି ଗୋବର୍ଦ୍ଧନଙ୍କର ଚିତ୍କାର ଶୁଣି ଘରୁ ବାହାରିଆସିଥିବା ଲୋକମାନେ ଦୂରରେ ଛିଡ଼ା ହୋଇ ମୁରୁକିହସା ଦେଉଥିଲେ ।

ଦୈବଯୋଗକୁ ରେଳଗାଡ଼ିରୁ ଓହ୍ଲାଇଥିବା ଯାତ୍ରୀଙ୍କୁ ଆଣି ଘରେ ଛାଡ଼ି ଏକ ଅଟୋରିକ୍ସା ସେହିବାଟେ ଫେରୁଥିଲା । ଧୂମକେତୁ ଦାସ ତାହା ଅଟକାଇ ଚାଳକ ସାହାଯ୍ୟରେ ଗିରି ଗୋବର୍ଦ୍ଧନଙ୍କୁ ଟେକି ଅଟୋରିକ୍ସାକୁ ଆଣିଥିଲେ ଏବଂ ଅବିଳମ୍ବେ ତାଙ୍କୁ ନିକଟସ୍ଥ 'ବିପଦବନ୍ଧୁ ନର୍ସିଂହୋମ୍'ରେ ପହଞ୍ଚାଇ ଦେଇଥିଲେ । ଡାକ୍ତର ପୋଷାକଧାରୀ ଜଣେବ୍ୟକ୍ତି ଆସି ତାଙ୍କୁ ଦେଖିଲାମାତ୍ରେ ଆଇ.ସି.ୟୁ.କୁ ନେଇଯିବାର ବ୍ୟବସ୍ଥା କରିଥିଲେ । ଏବେ ଧୂମକେତୁ ଦାସ ସାମାନ୍ୟ ଆଶ୍ୱସ୍ତ ହୋଇ ଗିରି ଗୋବର୍ଦ୍ଧନଙ୍କ 'ମୋବାଇଲ'ରେ ଫୋନ କରି ତାଙ୍କ ଧର୍ମପତ୍ନୀଙ୍କୁ ଘଟଣା ଜଣାଇଦେଇଥିଲେ । ପତ୍ନୀ ଅଳ୍ପ ସମୟ ଭିତରେ ନର୍ସିଂହୋମ୍‌ରେ ପହଞ୍ଚି ବାହୁନିବା ଆରମ୍ଭ କରିଦେଇଥିଲେ । ଡାକ୍ତରବେଶଧାରୀ ବ୍ୟକ୍ତିଜଣକ ଆସି ଆଶ୍ୱାସନା ଦେଇ କହିଥିଲେ, "ସେ ଭଲ ଅଛନ୍ତି । ଚେତା ଆସିଗଲାଣି । ଦେହର ବାହାରେ ଆଘାତ ଲାଗିନାହିଁ । ମାତ୍ର 'ଇଣ୍ଟରନାଲ ହାମରେଜ' ହୋଇଥିବା ଆଶଙ୍କା ରହିଛି । ତେଣୁ ସି.ଟି. ସ୍କାନର ବ୍ୟବସ୍ଥା କରୁଛୁ ।" "ଡାକ୍ତରବାବୁ ! ଆପଣ ଯାହା କରିବାର କରନ୍ତୁ । ମୋ ସ୍ୱାମୀଙ୍କୁ ଭଲ କରିଦିଅନ୍ତୁ," ପତ୍ନୀ ଆକୁଳ ନିବେଦନ କରିଥିଲେ ।

ନର୍ସିଂହୋମ୍ କର୍ତ୍ତୃପକ୍ଷ ଗିରି ଗୋବର୍ଦ୍ଧନଙ୍କୁ ସୁସ୍ଥ ଘୋଷଣା କଲାବେଳକୁ ସଂଧ୍ୟା ହୋଇଯାଇଥିଲା । ଆଇ.ସି.ୟୁ., ସି.ଟି. ସ୍କାନ, ଔଷଧ ଆଦି ବାବଦକୁ ସାତହଜାର ଟଙ୍କା ପୈଠ କରି ସେ ନର୍ସିଂହୋମ୍‌ରୁ ବାହାରିଥିଲେ । ଈଶ୍ୱର ବଞ୍ଚାଇଦେଇଥିବାରୁ ସେ, ତାଙ୍କ ଧର୍ମପତ୍ନୀ, ବନ୍ଧୁ ଧୂମକେତୁ ପ୍ରଭୃତି ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ । ମାତ୍ର ତାଙ୍କ ଦେହରେ ବିଶେଷ ଆଘାତ ଲାଗିନଥିବାରୁ ସାମାନ୍ୟ ପାଣି ଛିଞ୍ଚିଦେଇଥିଲେ ହୋସ ଆସିଯାଇଥାନ୍ତା ଏବଂ ନର୍ସିଂହୋମ୍ କର୍ତ୍ତୃପକ୍ଷ ତାଙ୍କୁ ଭୁତାଇ ସାତହଜାର ଟଙ୍କା ଲୁଟିନେଲେ – ସେ ଏହା ଯଥେଷ୍ଟ ପରେ ଅବଶ୍ୟ ଜାଣିଥିଲେ ।

ଆଉ ଫୁଲ ତୋଳିବାକୁ ନଯିବା ପାଇଁ ପରଦିନ ପତ୍ନୀ ତାଙ୍କୁ କଟାକ୍ଷ କରି କହିଥିଲେ । ମାତ୍ର ଗିରି ଗୋବର୍ଦ୍ଧନ ବୁଝାଇଦେଇଥିଲେ ଯେ, ସେ ନିଜ ପାଇଁ ଫୁଲ ତୋଳୁନାହାନ୍ତି । ଠାକୁରଙ୍କ ପୂଜା ପାଇଁ ଫୁଲ ସଂଗ୍ରହ କରୁଛନ୍ତି । ତାହା ବନ୍ଦ କରିଦେଲେ ଈଶ୍ୱରଙ୍କର ଅବମାନନା ହେବ । ଈଶ୍ୱରଙ୍କ ନାମ ଉଚ୍ଚାରଣ ପରେ ପତ୍ନୀ ଅବଶ୍ୟ ଚୁପ୍ ହୋଇଯାଇଥିଲେ । ତା'ପରଦିନ ଖବରକାଗଜରେ 'ଫୁଲ ତୋଳାଳିକୁ ଖଣ୍ଡାରେ ହାଣି ହତ୍ୟା' ଶୀର୍ଷକ ଏକ ସମ୍ବାଦ ପଢ଼ି ଗିରି ଗୋବର୍ଦ୍ଧନ ବିଚଳିତ ହୋଇ-ପଡ଼ିଥିଲେ । ଧୂମକେତୁ ଦାସଙ୍କ ସହ ପରାମର୍ଶ କରି ସେ ପରବର୍ତ୍ତୀ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ଫୁଲ ତୋଳାଳିମାନଙ୍କର ଏକ ବୈଠକ ଆହୂତ କରିଥିଲେ ।

ଗିରି ଗୋବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୋଟ ଦଶଜଣ ଫୁଲ ତୋଳାଳି ଯୋଗଦେଇଥିଲେ । ପ୍ରାରମ୍ଭିକ ସୂଚନା ଦେଇ ସେ କହିଥିଲେ, "ଆମ୍ଭେମାନେ ଆମର ସଂପୂର୍ଣ୍ଣ ଜାଗାରେ ଇଞ୍ଚେ ବି ନଛାଡ଼ି ଗୃହ ନିର୍ମାଣ କରିଛେ । ତହିଁରେ ରହିବା ସଙ୍ଗେସଙ୍ଗେ କିୟଦଂଶ ଭଡ଼ା ଦେଇ ଦି'ପଇସା ରୋଜଗାର କରୁଛେ । ମାତ୍ର ସେମାନେ ପୂରା ଜାଗାରେ ଘର ତିଆରି ନକରି କିଛି ଖାଲିସ୍ଥାନ ଛାଡ଼ିଛନ୍ତି ଏବଂ ତହିଁରେ ଫୁଲଗଛ ଲଗାଇଛନ୍ତି । ଆମ୍ଭେ ତହିଁରୁ ଫୁଲ ନେଲେ ଗଛ ମରିଯାଉ ନାହିଁ କିମ୍ବା ଫୁଲ ଫୁଟିବା ବନ୍ଦ ହୋଇଯାଉ ନାହିଁ । ଆମେ ସେମାନଙ୍କ ଗଛର ଫୁଲ ନେଇ ଠାକୁରଙ୍କ ପୂଜାରେ ବ୍ୟବହାର କରୁଛେ । ତେଣୁ ପୁଣ୍ୟର କିୟଦଂଶ ସେମାନଙ୍କ ପାଖକୁ ବି ଯାଉଛି । ତା'ସତ୍ତ୍ୱେ ସେମାନେ ଆମକୁ ବାରଣ କରୁଥିବାରୁ ଆମ୍ଭେ ଏକ ସଂଘ ଗଠନ କରି ତା' ମାଧ୍ୟମରେ ଏହାର ପ୍ରତିରୋଧ କରିବା ପାଇଁ ମୁଁ ପ୍ରସ୍ତାବ ଦେଉଛି ।"

ଗିରି ଗୋବର୍ଦ୍ଧନଙ୍କ କଥାକୁ ଉପସ୍ଥିତ ସମସ୍ତେ ଗ୍ରହଣ କରିନେଇଥିଲେ । ସଂଘର ନାମକରଣକୁ ନେଇ ସାମାନ୍ୟ ବାଦାନୁବାଦ ହୋଇଥିଲେ ବି ଶେଷରେ 'ପୂଜାପୁଷ୍ପ ସଂଗ୍ରହକାରୀ ମହାସଂଘ' ନାମ ଦିଆଯାଇଥିଲା । ସର୍ବସମ୍ମତିକ୍ରମେ ଗୋବର୍ଦ୍ଧନ ଗିରି ସଭାପତି ଓ ପୁଷ୍ପକେତୁ ଦାସ ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ । ପ୍ରଥମେ ଗିରି ଗୋବର୍ଦ୍ଧନଙ୍କ ଉପରେ ହୋଇଥିବା ଆକ୍ରମଣର ନିନ୍ଦା କରି ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ତା'ଛଡ଼ା ପୁଷ୍ପ ସଂଗ୍ରହକାରୀଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ, ସେମାନଙ୍କୁ ବର୍ଷାଦିନେ ବର୍ଷାତି ଓ ଶୀତଦିନେ ସ୍ୱେଟର ଯୋଗାଇଦିଆଯାଉ ଆଦି ଦାବି ଜଣାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ମହାସଂଘର ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏସବୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସଭା ପରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଏସବୁ ଦେଖୁଥିବା ମନ୍ଦିରର ପୂଜକ କିନ୍ତୁ କହିପକାଇଥିଲେ, "ଫୁଲଚୋରଗୁଡ଼ା... କେତେ ଟାଣରେ ମୁହଁଭୁରୁଡ଼ି ଦେଖାଉଛନ୍ତି ।" ତାଙ୍କ କଥା ଶୁଣିବାକୁ ସେଠାରେ ପ୍ରାୟ କେହି ନଥିଲେ ।

ଏହାର କିଛିଦିନ ପରେ ଗିରି ଗୋବର୍ଦ୍ଧନଙ୍କ ପତ୍ନୀ ପ୍ରାତଃଭ୍ରମଣରେ ଯାଇଥିବାବେଳେ ଦୁଇଜଣ ସୁନାଚେନ୍ ଲୁଟେରା ତାଙ୍କ ବେକରୁ ହାରକୁ ଭିଡ଼ିନେଲେ । ଭୟରେ ଜର୍ଜରିତ ହୋଇ ଧର୍ମପତ୍ନୀ ଘରେ ପହଞ୍ଚି ଭୋଭୋ ରଡ଼ିଛାଡ଼ି କାନ୍ଦିଲେ । ଗିରି ଗୋବର୍ଦ୍ଧନ ବ୍ୟସ୍ତ ହୋଇପଡ଼ି କ'ଣ ହୋଇଛି ବୋଲି ବୁଝିବାକୁ ଦୌଡ଼ିଆସିଲେ । ସବୁକଥା ଶୁଣି ଏ ଚୋର / ଲୁଟେରାଙ୍କ ଉତ୍ପାତରେ ଚଳିବା ସମ୍ଭବ ନୁହେଁ ବୋଲି ଚିତ୍କାର କରି ଥାନାକୁ ବାହାରିଲେ । ଯିବାବେଳେ ତାଙ୍କ ବିବେକ କହିଉଠିଲା, "ତୁମ ଫୁଲ ଚୋରି ହେଉଛି ପୁଷ୍ପ ସଂଗ୍ରହ ଆଉ ସୁନାଚେନ୍ ଚୋରି ହେଉଛି ଚୋରି !" କିନ୍ତୁ ଗିରି ଗୋବର୍ଦ୍ଧନ ବିବେକର କ୍ଷୀଣସ୍ୱରକୁ ଶୁଣିବା ଅବସ୍ଥାରେ ନଥିଲେ । ସେ ତାକୁ ଚାପିଦେଇ ମନକୁମନ କହିଲେ, "ଫୁଲ ଚୋରି ଗୋଟିଏ କଥା, ଚେନ୍ ଚୋରି ଆଉ ଗୋଟିଏ କଥା । ମୁଁ ସେହି ଦୁଇ ହାର ଲୁଟେରାଙ୍କୁ ପାନେ ନଦେଲେ ହେବନାହିଁ ।" ଏହା କହି ସେ ଥାନା ଆଡ଼େ ଅଗ୍ରସର ହେଲେ ।

●

# ତୋ’ ଆତ୍ମାର ସଦ୍‌ଗତି ହେଉ

ଶ୍ରୀମତୀ ନିର୍ମଳା ଦେବୀ ସେଦିନ ରାଜଧାନୀର ଉପକଣ୍ଠରେ ଅବସ୍ଥିତ ପ୍ରସିଦ୍ଧ ଦେବୀ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜାପାଠର ବ୍ୟବସ୍ଥା କରିଥିଲେ । ସେ, ତାଙ୍କ ସ୍ୱାମୀ, ତାଙ୍କ ଭାଇ, ସ୍ୱାମୀଙ୍କର ଜନୈକ ବିଶ୍ୱସ୍ତ ଅଧସ୍ତନ କର୍ମଚାରୀ ଓ ପୂଜକ - ଏହି ପାଞ୍ଚଜଣଙ୍କ ବ୍ୟତୀତ ଆଉ କେହି ଏହାର ସୂଚନା ପାଇନଥିଲେ । କହିବା ବାହୁଲ୍ୟ, ମାନସିକ ପୂରଣ ହୋଇଥିବାରୁ ହିଁ ନିର୍ମଳା ଦେବୀ ଏହି ପୂଜାପାଠର ଆୟୋଜନ କରିଥିଲେ ।

ତାଙ୍କ ସ୍ୱାମୀ ଶ୍ରୀଯୁକ୍ତ ନିର୍ମଳ ବାବୁ ରାଜଦରବାରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହୋଇଥିଲେ । ଯେକୌଣସି କାର୍ଯ୍ୟକୁ ନେଇଆଣି ଥୋଇପାରିବାରେ ସେ ପାରଙ୍ଗମ ଥିଲେ । ତାଙ୍କର ଦକ୍ଷତା ଉପରେ ଆଦୌ ପ୍ରଶ୍ନବାଚୀ ସୃଷ୍ଟି ହୋଇନଥିଲା । ମାତ୍ର ବିବିଧତାହୀନ ଧରାବନ୍ଧା କାର୍ଯ୍ୟ ପ୍ରତି ସେ କ୍ରମଶଃ ବୀତସ୍ପୃହ ହୋଇପଡ଼ିଥିଲେ । ତେଣୁ ଆନ୍ତରିକତା ସହ ସେ ପରିବର୍ତ୍ତନ ଚାହୁଁଥିଲେ । କ୍ଷେତ୍ରକୁ ଯାଇ ଜିଲ୍ଲାଧୀଶ ହେବା ପାଇଁ ତାଙ୍କର ମନ ବଳିଥିଲା । ସେ ଏ ଦିଗରେ ଚେଷ୍ଟା କରିଥିଲେ ଏବଂ ସଫଳ ହୋଇଥିଲେ ।

ମାତ୍ର ମନଲାଖି ସ୍ଥାନର ଜିଲ୍ଲାଧିପତି ହେବା ତାଙ୍କ ଭାଗ୍ୟରେ ଜୁଟିନଥିଲା । ଏକ ଉପାନ୍ତ ଜିଲ୍ଲାର ଜିଲ୍ଲାଧୀଶ ଭାବେ ସେ ଅବସ୍ଥାପିତ ହୋଇଥିଲେ । “ସେଠାରେ କିଛିଦିନ କାମ କରନ୍ତୁ । ତା’ପରେ ରାଜଧାନୀ ପାଖକୁ ନେଇଆସିବା ।” ଏହି ପ୍ରତିଶ୍ରୁତି ଧରି ସେ ନୂତନ କାର୍ଯ୍ୟରେ ଯୋଗଦେଇଥିଲେ । ସେହି ଉପାନ୍ତ ଜିଲ୍ଲାରେ ଉଗ୍ରପନ୍ଥୀମାନେ ଖୁବ୍ ସକ୍ରିୟ ଥିଲେ । ଦିନ ଦିପହରରେ ସେମାନେ ପ୍ରଜାଙ୍କୁ ଘରୁ ଉଠାଇ ନେଉଥିଲେ । ନିଜସ୍ୱ ଅଦାଲତରେ ତାଙ୍କର ବିଚାର କରୁଥିଲେ । ତା’ପରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରୁଥିଲେ ।

ଶ୍ରୀଯୁକ୍ତ ନିର୍ମଳ ବାବୁ କିନ୍ତୁ ବେଶ୍ ପାରିବାର ଲୋକ ଥିଲେ । ତେଣୁ ସେ ଉଗ୍ରବାଦୀମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିଥିଲେ । ସେମାନଙ୍କ ସହ ସେ ଏକ ଭିତିରି ବୁଝାମଣା କରିନେଇଥିଲେ । ସେହି ଅନୁସାରେ ଉଗ୍ରପନ୍ଥୀମାନେ ଯେକୌଣସି ପ୍ରଜାଙ୍କୁ ଘରୁ ଡାକିନେଇ ହତ୍ୟା କରିପାରିବେ । ଏଥିରେ ରାଜକର୍ମଚାରୀମାନେ ବାଧା

ଦେବେନାହିଁ । ଅପରପକ୍ଷରେ, ସେମାନେ ଜିଲ୍ଲାଧିପତି ତଥା ତାଙ୍କର ଅଧସ୍ତନ କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେବେନାହିଁ ।

ବୁଝାମଣା ଭିତ୍ତିରେ ଶାସନକାର୍ଯ୍ୟ ନିର୍ବିଘ୍ନରେ ଚାଲିଥିଲା । ତଥାପି ଶ୍ରୀଯୁକ୍ତ ନିର୍ମଳ ବାବୁଙ୍କର ସେଠାରେ ମନ ଲାଗୁନଥିଲା । ସେ ବଦଳି ହୋଇଯିବା ପାଇଁ ଭିତିରି ଚେଷ୍ଟା ଚଳାଇଥିଲେ । ତେଣେ ଶ୍ରୀମତୀ ନିର୍ମଳା ଦେବୀଙ୍କର ଅବସ୍ଥା ବି ଭଲ ନଥିଲା । ସ୍ୱାମୀଙ୍କର ଚିନ୍ତା ତାଙ୍କୁ ଜୋର୍ ଘାରିଥିଲା । ସେ ଦୈନିକ ରାଜଧାନୀ ଉପକଣ୍ଠରେ ଥିବା ଦେବୀପୀଠକୁ ଯାଉଥିଲେ । ତାଙ୍କ ସ୍ୱାମୀଙ୍କୁ ଆଖପାଖକୁ ବଦଳି କରିଆଣିବା ପାଇଁ ପ୍ରାର୍ଥନା କରୁଥିଲେ । ଦିନ ପରେ ଦିନ ଗଡ଼ିଚାଲିଥିଲା । ସ୍ୱାମୀଙ୍କର ଚେଷ୍ଟା କିମ୍ବା ସ୍ତ୍ରୀଙ୍କର ପ୍ରାର୍ଥନା ଫଳବତୀ ହେଉନଥିଲା ।

ହଠାତ୍ ଦିନେ ଜିଲ୍ଲାର ସଦର ମହକୁମାରେ ଏକ ଅଘଟନ ସଂଘଟିତ ହୋଇଗଲା । ସେଠାରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନର ଜନୈକ ଛାତ୍ର ଆତ୍ମହତ୍ୟା କରିଦେଲା । ସେ ଖୁବ୍ ଗରିବ ଅଥଚ ଅତ୍ୟନ୍ତ ମେଧାବୀ ଥିଲା । ବୃତ୍ତିଧାରୀ ଏହି ଛାତ୍ର ସେ ବାବଦ ଅର୍ଥ ନପାଇବାରୁ ଆତ୍ମହତ୍ୟା କରିଥିଲା । ମୃତ୍ୟୁ ପୂର୍ବରୁ ସେ ଏକ 'ସୁଇସାଇଡ୍ ନୋଟ୍' ଲେଖିଦେଇଯାଇଥିଲା । ତହିଁରେ ସେ ମୃତ୍ୟୁ ପାଇଁ ଜିଲ୍ଲାଧୀଶଙ୍କୁ ହିଁ ଦାୟୀ କରିଥିଲା । ଏ ଖବର ପ୍ରଚାରିତ ହେଲାପରେ ରାଜ୍ୟବ୍ୟାପୀ ପ୍ରଜାଆନ୍ଦୋଳନ ମୁଣ୍ଡ ଟେକିଥିଲା ।

ଆତ୍ମହତ୍ୟା କଲା ପୂର୍ବରୁ ଛାତ୍ର ଜଣକ ଏକାଧିକବାର ଜିଲ୍ଲାଧୀଶଙ୍କ କାର୍ଯ୍ୟାଳୟକୁ ଦୌଡ଼ିଥିଲା । ଶେଷରେ ତାଙ୍କର ଦର୍ଶନଲାଭ କରିବାର ସୁଯୋଗ ତା' ଭାଗ୍ୟରେ ଜୁଟିଥିଲା । ବୃତ୍ତି ବାବଦ ଅର୍ଥ ଦେଇଦେବାକୁ ସେ ନେହୁରା ହୋଇଥିଲା । ମାତ୍ର ଜିଲ୍ଲାଧିପତି ତା' କଥା ଶୁଣିନଥିଲେ ।

କଡ଼ାହାକିମ ଭାବେ ଜଣାଶୁଣା ଶ୍ରୀଯୁକ୍ତ ନିର୍ମଳ ବାବୁ ପ୍ରଜାମାନଙ୍କର ଗୁହାରି ଶୁଣି ତା' ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିନ୍ତୁ ପସନ୍ଦ କରୁନଥିଲେ । କାରଣ ସେ ଜାଣିଥିଲେ ଯେ, ଏପରି କଲେ ତାଙ୍କ ପାଖରେ ତୁଚ୍ଛାକୁ ପ୍ରଜାମାନଙ୍କର ଭିଡ଼ ଜମିବ । ପୁଣି ପ୍ରଜାମାନଙ୍କର ଦୁଃଖ ଦୂର ହେଲେ ତାଙ୍କର ଯେ ସୁଖପ୍ରାପ୍ତି ହେବ, ତାହା ବି ନୁହେଁ । କହିବା ବାହୁଲ୍ୟ, ସେ ସୁଖ ଓ ଅର୍ଥକୁ ଏକ ଓ ଅଭିନ୍ନ ବୋଲି ଧରିନେଇଥିଲେ ।

ଏଣେ ମେଧାବୀ ଛାତ୍ରର ଆତ୍ମହତ୍ୟା ଓ ସେଥିଯୋଗୁଁ ସୃଷ୍ଟି ହୋଇଥିବା ପ୍ରଜାମେଳିର ଖବର ମହାରାଜଙ୍କ ପାଖରେ ପହଞ୍ଚିଥିଲା । ସେ କାଳବିଳମ୍ବ ନକରି

ଶ୍ରୀଯୁକ୍ତ ନିର୍ମଳ ବାବୁଙ୍କର ବଦଳି ଆଦେଶ ଜାରି କରିଥିଲେ । ପ୍ରଜାମାନଙ୍କୁ ସର୍ବଦା ନିର୍ବୁଦ୍ଧିଆ ବୋଲି ଭାବୁଥିବା ମହାରାଜ ତାଙ୍କୁ ପୁଣି ରାଜଦରବାରକୁ ବଦଳି କରିଆଣିଥିଲେ ।

ବଦଳି ଖବର ଶୁଣି ଶ୍ରୀଯୁକ୍ତ ନିର୍ମଳ ବାବୁ ଖୁସିରେ କୁରୁଳି ଉଠିଥିଲେ । ଏଣେ ଶ୍ରୀମତୀ ନିର୍ମଳା ଦେବୀଙ୍କର ଆନନ୍ଦର ସୀମା ନଥିଲା । ସେ ଖବରକାଗଜ ଘାଣ୍ଟି ତହିଁରେ ବାହାରିଥିବା ମେଧାବୀ ଛାତ୍ରର ଫଟୋକୁ କାଢ଼ିଥିଲେ । ତାହାକୁ ଦି'ହାତରେ ଧରି କହିଥିଲେ, "ତୁ ମରିଯିବାରୁ ତୋ ବାପାମାଆଙ୍କର ସ୍ୱପ୍ନ ଧୂଳିସାତ୍ ହୋଇଗଲା ସତ, ମାତ୍ର ମୋର ସ୍ୱପ୍ନ ସାକାର ହୋଇଗଲା । ମୋ ସ୍ୱାମୀଙ୍କର ବଦଳି ଖାଲି ତୋର ଆତ୍ମହତ୍ୟା ଯୋଗୁଁ ହିଁ ସମ୍ଭବ ହୋଇପାରିଲା । ମୁଁ ତୋ' ଋଣ ଶୁଝିପାରିବି ନାହିଁ । ତୋ' ଆତ୍ମାର ସଦ୍‌ଗତି ହେଉ ।" ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଥିଲା ।

ମୃତ ଛାତ୍ରର ପିତାମାତା ଈଶ୍ୱରଙ୍କୁ 'ନିଷ୍ଠୁର' ବୋଲି କହି ମୁଣ୍ଡକୋଡ଼ି କାନ୍ଦୁଥିବାବେଳେ ଶ୍ରୀମତୀ ନିର୍ମଳା ଦେବୀ ଈଶ୍ୱରଙ୍କୁ 'ପରମ ଦୟାଳୁ' ଆଖ୍ୟା ଦେଇ ତାଙ୍କର ପୂଜାରେ ଲାଗିଥିଲେ ।

●

# ସରକାରୀ ବିବାହ ମଣ୍ଡପ

ୟୁ.ଏସ୍.ଏ. ବା ଦି ଷ୍ଟେଟ୍ସ୍ ବା ଆମେରିକାରେ ରହୁଥିବାର ମୋ ପୁଅର ବିବାହ ଆମର ଜନୈକ ଜଣାଶୁଣା ବ୍ୟକ୍ତିଙ୍କ ଝିଅ ସହ ଠିକ୍ ହୋଇଯାଇଥିଲା । ଆମ ଦେଶରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିଯାଇଥିବାରୁ ବିବାହ ନହୋଇ-ପାରିବାର ଆଶଙ୍କା ଭିତରେ ଥିବା ମୋ ପୁଅ ଏ ଖବର ଶୁଣି ଆଶ୍ୱସ୍ତ ହୋଇଥିଲା । ବିବାହ ସ୍ଥିର ହେବା ମାତ୍ରେ ମୁଁ ଦିନଧାର୍ଯ୍ୟ କରିବା ପାଇଁ ଅଡ଼ିବସିଥିଲି । କାରଣ ଏଥିରେ ବିଳମ୍ବ ହେଲେ ବିବାହ ପାଇଁ ମନଲାଖି ମଣ୍ଡପ ନମିଳିବାର ଭୟ ଥିଲା । ଏଣେ ପୁଅର ବରାଦ ଥିଲା ଯେ, ଆମେ ବାହାଘର ବେସରକାରୀ ବା ଅର୍ଦ୍ଧସରକାରୀ ମଣ୍ଡପରେ ନକରି ସରକାରୀ ମଣ୍ଡପରେ ହିଁ କରିବା । ତା'ର ଯୁକ୍ତି ଥିଲା ଯେ, ଆମେ ପରିଶ୍ରମ କରି ଉପାର୍ଜନ କରୁଥିବା ଅର୍ଥ ସରକାରୀ ତହବିଲ୍‌କୁ ଯିବା ଯଥାର୍ଥ ହେବ ।

ବିବାହ ତାରିଖ ଠିକ୍ ହେବାର ପରଦିନ ମୁଁ ସରକାରୀ ମଣ୍ଡପ ସଂରକ୍ଷଣ କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲି । ଦେଢ଼ଘଣ୍ଟା ଅପେକ୍ଷା କଲା ପରେ ଏହି ଦାୟିତ୍ୱରେ ଥିବା ସହକାରୀ ଆସି ପହଞ୍ଚିଥିଲେ । ତାଙ୍କ ଟେବୁଲ ଉପରେ ପଡ଼ିଥିବା କାଚ ତଳେ ଥିବା ଠାକୁରଙ୍କ ଫଟୋକୁ ମୁଣ୍ଡିଆ ପରେ ମୁଣ୍ଡିଆ ମାରି ସେ ଆସନ ଗ୍ରହଣ କରିଥିଲେ । ରାସ୍ତାରେ ଅସମ୍ଭବ ଧରଣର ଭିଡ଼ ହୋଇଥିବାରୁ ତାଙ୍କର ଆସିବାରେ ବିଳମ୍ବ ହେଲା ବୋଲି କହିଥିଲେ ଏବଂ ମୁଁ ଏତେ ସମୟ ଅପେକ୍ଷା କରିଥିବାରୁ ଦୁଃଖ ପ୍ରକାଶ କରିଥିଲେ । ସରକାରୀ କର୍ମଚାରୀ ହୋଇଥିଲେ ବି ତାଙ୍କର ବ୍ୟବହାର ଖୁବ୍ ମାର୍ଜିତ ଥିଲା । ବିଳମ୍ବ ନକରି ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ରେଜିଷ୍ଟର ବାହାର କରିବା ପାଇଁ ପିଅନକୁ ନିର୍ଦ୍ଦେଶ ଦେଇଥିଲେ । ସେ ବ୍ୟକ୍ତିଗତ ସ୍ତରରେ ମୋ ସହ ଭଲମନ୍ଦ କଥା ହୋଇଥିଲେ ଏବଂ ପୁଅ ଆମେରିକାରେ ରହୁଥିବା ଶୁଣି ଖୁସି ହୋଇଥିଲେ । ତାଙ୍କ କଥାରେ ଆତ୍ମୀୟତା ଭରିରହିଥିବା ମୁଁ ଲକ୍ଷ୍ୟ କରିଥିଲି । ରେଜିଷ୍ଟର ଆଣିବାରେ ବିଳମ୍ବ ହେଉଥିବାରୁ ସେ ପିଅନକୁ ତାଗିଦା କରିଥିଲେ ।

ପିଅନ ବୁକିଂ ରେଜିଷ୍ଟର ଦେଲା ପରେ ସହକାରୀ ତାହାକୁ ଧରି ମୁଁ କେଉଁ ଦିନ ମଣ୍ଡପ ନେବାକୁ ଚାହୁଁଛି ବୋଲି ପଚାରିଥିଲେ । ମୋଠାରୁ ତାରିଖ ଶୁଣିବା ମାତ୍ରେ ତାଙ୍କ ମୁଖମଣ୍ଡଳ ମଳିନ ପଡ଼ିଯାଇଥିଲା । ଦୁଃଖରେ ଭାଙ୍ଗିପଡ଼ି ସେ କହିଥିଲେ, "କ୍ଷମା କରିବେ । ସେଦିନ ପାଇଁ ଆମ ମଣ୍ଡପ ଆଗରୁ ବୁକିଂ ହୋଇସାରିଛି ।" ମୁଁ ବିବ୍ରତ ହୋଇପଡ଼ି କହିଥିଲି, ଏତେ ଆଗରୁ ଆସି ବି ଏପରି ହେଲା... ।" କିଛି ସମୟ ନିରବରେ ବିତିଯାଇଥିଲା ଏବଂ ମୁଁ ଚେୟାର ଛାଡ଼ିବାକୁ ବାହାରିଥିଲି ।

ହଠାତ୍ ପିଅନ ସହକାରୀଙ୍କ କାନରେ ମୁଁ ଶୁଣିପାରିବା ଭଳି କହିଥିଲା, "ସେଦିନ ମଣ୍ଡପ ନେଇଥିବା ବ୍ୟକ୍ତି ତାଙ୍କ ଭୋଜିକୁ ଘୁଞ୍ଚାଇଦେବେ ବୋଲି ମୋତେ କହୁଥିଲେ ।" "ତୁ ତାଙ୍କ ସହ ପକ୍କା କଥାବାର୍ତ୍ତା କରି ମୋତେ କାଲି ସୁଦ୍ଧା ଜଣା," ସହକାରୀ ନିର୍ଦ୍ଦେଶ ଦେଇଥିଲେ । ସେମାନଙ୍କ କଥୋପକଥନ ମୋ ମନରେ ଆଶାର ସଞ୍ଚାର କରିଥିଲା । "ଆପଣ ବ୍ୟସ୍ତ ହୁଅନ୍ତୁନାହିଁ । କାଲି ଆସନ୍ତୁ । କିଛି କରିବା," ମୋତେ ଆଶ୍ୱାସନା ଦେଇ ସହକାରୀ କହିଥିଲେ । କାଚ ତଳେ ଥୁଆ ହୋଇଥିବା ଠାକୁରଙ୍କ ଫଟୋକୁ ପ୍ରଣିପାତ କରି ମୁଁ ଫେରିଥିଲି ।

ତା'ପରଦିନ ଯଥାସମୟରେ ମୁଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲି । ମୋତେ ଦେଖି ସଂପୃକ୍ତ ସହକାରୀ ହସିହସି କହିଥିଲେ, "ଆପଣଙ୍କ କାମ ହୋଇଯିବ । ସେ ଲୋକ ବୁକିଂ ବାତିଲ କରିଦେବାକୁ ରାଜି ହୋଇଛି । କିନ୍ତୁ...।" "ପୁଣି କିନ୍ତୁ କ'ଣ ?" ମୁଁ ପ୍ରଶ୍ନ କରିଥିଲି । ସେ କହିଥିଲେ, "ଭାରି ଅବାଗିଆ ଲୋକ ଆଜ୍ଞା । ପାଞ୍ଚହଜାର ଟଙ୍କା ଦେଲେ ଛାଡ଼ିବ, ନଚେତ୍ ନାହିଁ ବୋଲି ଜିଦ୍ ଧରିଛି ।" ଏହା ଶୁଣି ମୁଁ ଭାବିଲି, ବାହାଘରରେ ପାଣି ପରି ଟଙ୍କା ଖର୍ଚ୍ଚ ହେବ । ଖର୍ଚ୍ଚ ତ ପୁଅ ବହନ କରିବ । ପାଞ୍ଚହଜାର ଟଙ୍କା ଅଧିକ ଯାଉ ପଛେ ସରକାରୀ ମଣ୍ଡପ ମିଳିଯାଉ । ଏହା ହେଲେ ପୁଅର ବରାଦ ରହିଯିବ ଓ ସେ ଖୁସି ହେବ । "ଠିକ୍ ଅଛି । ମୁଁ ପାଞ୍ଚହଜାର ଟଙ୍କା ଦେଇଦେଉଛି," କହି ପକେଟରୁ ଟଙ୍କା କାଢ଼ି ତାଙ୍କ ଆଡ଼େ ବଢ଼ାଇ-ଦେଇଥିଲି । "ନା, ନା, ମୁଁ ଆପଣଙ୍କଠାରୁ ଟଙ୍କା ନେବିନାହିଁ । ଏଥିରେ ମୋର କିଛି ଦେଣ୍ଣନେଣ୍ଣ ନାହିଁ । ଆପଣ ପିଅନକୁ ଦିଅନ୍ତୁ; ସେ ନେଇ ଦେଇଦେବ," ସହକାରୀ କହିଥିଲେ । ମୁଁ ତାହା ହିଁ କରିଥିଲି ।

ତା'ପରେ ସହକାରୀ କହିବା ଅନୁସାରେ ମଣ୍ଡପର ଭଡ଼ା ବାବଦକୁ ୭୫ ହଜାର ଟଙ୍କା ସରକାରୀ ତହବିଲରେ ଜମା କରି ରସିଦ ଆଣିଥିଲି । ତାଙ୍କୁ ରସିଦ ଦେଇ ତାଙ୍କଠାରୁ ପ୍ରାପ୍ତିପତ୍ର ବା ଆକ୍‌ନଲେଜ୍‌ମେଣ୍ଟ ନେବା ପାଇଁ ଅପେକ୍ଷା କରିଥିଲି । ପିଅନ ଆସି କହିଲା, "ସାର୍ ! ପୁଅର ବାହାଘର ହେଉଛି । ଭାରି ଖୁସିର କଥା । ମୋତେ ମିଠେଇ ଖିଆ ଦିଅନ୍ତୁ ।" ମୁଁ ପକେଟ୍‌ରୁ ଏକ ପଚାଶ ଟଙ୍କିଆ ନୋଟ୍ କାଢ଼ି ତାକୁ ଦେଇଥିଲି । ପାଞ୍ଚଶହ ଟଙ୍କାରୁ କମ୍ ଚଳିବନାହିଁ ବୋଲି ରୋକ୍‌ଠୋକ୍ କହି ସେ ଚାଲିଯାଇଥିଲା । ସଂପୃକ୍ତ ସହକାରୀ କହିଥିଲେ, "ସେ ଜମା ଭଲଲୋକ ନୁହେଁ ଆଜ୍ଞା । ତାକୁ ଦେଇଦିଅନ୍ତୁ । ନଚେତ୍ କୁଆଡ଼େ ଚାଲିଯିବ । ପ୍ରାପ୍ତିପତ୍ରର ବହି କାଢ଼ିବନାହିଁ ।" ଅଗତ୍ୟା ପିଅନ ହାତରେ ପାଞ୍ଚଶହ ଟଙ୍କା ଗୁଞ୍ଜିଦେଇ ପ୍ରାପ୍ତିସ୍ୱୀକାର ଧରି ଘରକୁ ଫେରିଥିଲି ।

ସେମାନେ ଯେ ନାଟକ କରି ମୋଠାରୁ ପାଞ୍ଚହଜାର ପାଞ୍ଚଶହ ଟଙ୍କା ଲୁଟିନେଲେ, ତାହା ଅବଶ୍ୟ ମୁଁ ଜାଣୁଥିଲି । •

# ପ୍ରଫେସର ଅଫ୍ ଚିଟ୍‌ଫଣ୍ଡ ସାଇନ୍ସ

'ଡକ୍ଟର ସିତାଂଶୁ ଦାସ, ପ୍ରଫେସର ଅଫ୍ ଚିଟ୍‌ଫଣ୍ଡ ସାଇନ୍ସ' । ଏହା ଲେଖାଥିବା ନାମଫଳକ ଦେଖି ମୁଁ ଅଟକିଯାଇଥିଲି । ଏହି ଲେଖା ଉପରେ ମୋ ଆଖି ଲାଖିଯାଇଥିଲା । ମୋ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା । ଏ କ'ଣ ଆମ ରାଜ୍ୟର ସିତାଂଶୁ ଦାସ ? ତା' ହେଲେ ସେ ଜେଲ୍‌ଖାନାରୁ କେବେ ଖଲାସ ହେଲେ ? ଇତ୍ୟାଦି । କାଳବିଳମ୍ବ ନକରି ମୋ ହାତବ୍ୟାଗ୍‌ରୁ ଖଣ୍ଡେ ଟୁକୁରା କାଗଜ କାଢ଼ିଲି । ତହିଁରେ ମୋ ନାମଧାମ ଲେଖି ପିଅନ ହାତକୁ ବଢ଼ାଇଦେଲି । କହିଲି, "ସାର୍‌ଙ୍କୁ ଦେଖା କରିବାକୁ ଆସିଛି ।" ଚିରକୁଟି ନେଇ ସେ ଭିତରକୁ ଚାଲିଗଲା ଏବଂ ଅଳ୍ପ ସମୟ ପରେ ଆସି ମୋତେ ପାଛୋଟି ନେଲା । ଏକ ସୁସଜ୍ଜିତ ପ୍ରକୋଷ୍ଠରେ ମୋତେ ବସାଇ କହିଲା, "ସାହେବ କନ୍‌ଫରେନ୍ସରେ ଅଛନ୍ତି । ସରିଲେ ଆପଣଙ୍କୁ ଦେଖା କରିବେ ।" ତା'ପରେ ସେ ମୋ ପାଇଁ ଥଣ୍ଡା ପାନୀୟ ଆଣି ଆସିଥିଲା ।

ସେଠାରେ ନିରବରେ ବସି ମୁଁ ପୁରୁଣା କଥାସବୁ ଭାବିଚାଲିଥିଲି । ସିତାଂଶୁ ଦାସ ଆମ କଲେଜରେ ଅଧ୍ୟାପକ ରୂପେ ଚାକିରି ଆରମ୍ଭ କରିଥିଲେ । ମାତ୍ର ଅଳ୍ପଦିନ ବାଦ୍ ସେ ଏହି ଚାକିରି ଛାଡ଼ି ଚାଲିଯାଇଥିଲେ । ପରେ ଆମେ ଶୁଣିଥିଲୁ ଯେ, ସେ ଚିଟ୍‌ଫଣ୍ଡ କାରବାର ମାଧ୍ୟମରେ ସାଧାରଣ ଜନତାଙ୍କ ସେବାରେ ନିୟୋଜିତ ଅଛନ୍ତି । ସେମାନଙ୍କଠାରୁ ଟଙ୍କା ଜମା ରଖି ତିନିବର୍ଷ ଭିତରେ ତାହା ଦ୍ୱିଗୁଣିତ କରିଦେବାର ସୁବ୍ୟବସ୍ଥା କରିଛନ୍ତି । ମନ୍ତ୍ରୀ, ଅଫିସର ଓ ଅଭିନେତ୍ରୀଙ୍କ ସହ ତାଙ୍କ ଫଟୋ ଖବରକାଗଜରେ ବାହାରିଥିବା ଦେଖିଥିଲୁ । ତା'ଛଡ଼ା ସେ ରାଜଧାନୀ ବାହାରକୁ ଗଲେ ମୋଟରଗାଡ଼ିରେ ନଯାଇ ବ୍ୟୋମଯାନରେ ଯାଉଥିବା ବି ଶୁଣିଥିଲୁ ।

ମାତ୍ର ହଠାତ୍ ଦିନେ ଜାଣିବାକୁ ପାଇଲୁ ଯେ, ସିତାଂଶୁ ଦାସ ଜମାକାରୀମାନଙ୍କର ଟଙ୍କା ପ୍ରତିଶ୍ରୁତି ମୁତାବକ ଫେରାଇଲେନାହିଁ । ତେଣୁ ସେମାନେ ଅନନ୍ୟୋପାୟ ହୋଇ ତାଙ୍କ ନାମରେ ଥାନାରେ ଏତଲା ଦେଲେ । ଏହାକୁ ଭିତ୍ତି କରି ପୁଲିସ ତାଙ୍କୁ ଗିରଫ କଲା । କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଦେଲା । ସେ ଜେଲଖାନାକୁ ଗଲେ । ଛଅଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସେ ଠକିନେଇଥିବା ଖବର ପ୍ରକାଶ ପାଇଲା । ଏତେ ପରିମାଣର ଟଙ୍କା ହଡ଼ପ କରିଥିବାରୁ ସେ ଆଉ ଜେଲ୍‌ରୁ

ମୁକୁଳିପାରିବେ ନାହିଁ ବୋଲି ଆମେ ଭାବିଥିଲୁ । ତା'ଛଡ଼ା ଜମାକାରୀମାନଙ୍କ ଆଖିର ଲୁହରେ ତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯିବ ବୋଲି ଆମେ ଧରିନେଇଥିଲୁ ।

"ସାହେବ ଡାକୁଛନ୍ତି, ଆସନ୍ତୁ ।" ପିଅନର ଏହି କଥାରେ ମୁଁ ଚିନ୍ତାରାଜ୍ୟରୁ ଫେରିଆସିଥିଲି । ମୁଁ ଚାମ୍ବର ଭିତରକୁ ପ୍ରବେଶ କଲାମାତ୍ରେ ଆମ ସିତାଂଶୁ ଦାସ ଚେୟାରରୁ ଉଠିଆସି ମୋତେ ସ୍ୱାଗତ ଜଣାଇଥିଲେ । ତା'ପରେ ଅନୁସନ୍ଧିସୁ ହୋଇ "ଆପଣ ଏଠାରେ କିପରି" ବୋଲି ପ୍ରଶ୍ନ କରିଥିଲେ । ମୁଁ କହିଥିଲି, "ଅବସର ନେଲା ପରେ ଏ ସହରରେ ଚାକିରି କରୁଥିବା ପୁଅ ପାଖକୁ ଚାଲିଆସିଛି । କିଛି କାମ ନଥିବାରୁ ଦିନସାରା ଲକ୍ଷ୍ୟହୀନ ଭାବରେ ଘୂରିବୁଲୁଛି । ଆଜି ଏଠାକୁ ଆସି ଆପଣଙ୍କ ନାମଫଳକ ଦେଖି ରହିଗଲି ।" ମୋତେ ଦେଖି ସେ ଖୁବ୍ ଖୁସି ହେଲା ପରି ମନେହେଉଥିଲେ । ମୁଁ ବି କୌତୂହଳୀ ହୋଇ "ଆପଣ କେବେ ପିଏଚ୍.ଡି. କଲେ" ବୋଲି ପଚାରିଥିଲି । ହସିହସି ସେ କହିଥିଲେ, "ପିଏଚ୍.ଡି. ନୁହେଁ, ମୁଁ ଏକାଥରେ ଡି.ଲିଟ୍. ପାଇଛି । ଓଡ଼ିଆ ଭାଷା ଓ ସାହିତ୍ୟରେ ଡି.ଲିଟ୍. ପାଇଛି ।" କଫି ଓ ଜଳଖିଆ ଆଣିବାକୁ ସେ ବରାଦ ଦେଇଥିଲେ ।

ତା'ପରେ ପଚାରିବି କି ନାହିଁ ଏହି ଦ୍ୱିଧା ଭିତରେ ଥାଇ ପଚାରିଥିଲି, "ଆମେ ଜାଣିବାରେ ଆପଣ ଜେଲ୍‌ରେ ଥିଲେ । ସେଠାରୁ କେବେ ... ?" ମୋ ପ୍ରଶ୍ନକୁ ସେ ଖୁସିବାସିରେ ନେଇଥିଲେ; ବୋଧହୁଏ ସେ ମୋଠାରୁ ଏ ପ୍ରଶ୍ନ ଆଶା କରୁଥିଲେ । ଖୋଲା ମନରେ ସେ କହିଥିଲେ, "ମୁଁ ଚିଟ୍‌ଫଣ୍ଡ ବ୍ୟବସାୟ କରୁଥିବାବେଳେ ଜାଣିଥିଲି ଯେ, ମୋତେ ଦିନେ ନା ଦିନେ ଏଥିପାଇଁ ଜେଲ୍ ଯିବାକୁ ପଡ଼ିବ । ପୁଣି ଜେଲ୍ ଯିବାବେଳେ ଜାଣିଥିଲି ଯେ, ମୋତେ ସେଠାରେ କମ୍ ସେ କମ୍ ବର୍ଷେ ବିତାଇବାକୁ ହେବ । ମୋର ଜାମିନ ଆବେଦନ ବାରମ୍ବାର ଖାରଜ ହୋଇଯାଉଥିଲା ଏବଂ ଏ ଖବର ଗଣମାଧ୍ୟମରେ ବଡ଼ ଆକାରରେ ପ୍ରକାଶ ପାଉଥିଲା । ଶେଷରେ ଜାମିନ ପାଇବା ପାଇଁ ମୁଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୧୯୭୮ ମସିହାରେ ନୀତି ନିର୍ଦ୍ଧାରଣ କରିଥିଲେ ଯେ, ଜାମିନ ହେଉଛି ବିଧି, ଜେଲ୍ ହେଉଛି ବ୍ୟତିକ୍ରମ (ବେଲ୍ ଇଜ୍ ରୁଲ୍, ଜେଲ୍ ଇଜ୍ ଏକ୍‌ସେପ୍‌ସନ୍) । ଏହାକୁ ଆଧାର କରି ୨ଜି ମାମଲାରେ ସଞ୍ଜୟ ଚନ୍ଦ୍ର ପ୍ରମୁଖଙ୍କ ଜାମିନ ଆବେଦନ ମଞ୍ଜୁର ହୋଇଥିଲା । ଉଭୟକୁ ଆଧାର କରି ମୁଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରୁ ଜାମିନ ପାଇଯାଇଥିଲି । ସେତେବେଳେ ଚାଲିଥିବା ରାଜନୈତିକ ଘନଘଟା ତଥା ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ମୁଁ ଜାମିନ ପାଇଥିବା ଖବର ହଜିଯାଇଥିଲା ।"

ମୁଁ ଅନୁଭବ କରିଥିଲି, ଦୀର୍ଘଦିନ ପରେ ଆଜି ସିତାଂଶୁ ଦାସ ମନକଥା ବଖାଣିବାର ସୁଯୋଗ ପାଇଛନ୍ତି । ସେ ପୁଣି କହିଥିଲେ, "କାରାଗାରରେ ଥିବାବେଳେ ସ୍ଥିର କରିଥିଲି, ସେଠାରୁ ମୁକୁଳିବା ପରେ ଜନୈକ ମହାପୁରୁଷଙ୍କ ଆଶ୍ରମକୁ ଚାଲିଯିବି ଏବଂ ଅବଶିଷ୍ଟ ଜୀବନ ସେଠାରେ ବିତାଇଦେବି । ମାତ୍ର ମୁଁ ମୁକ୍ତି ପାଇବା ପରେ ଆମର ଏହି ପଡ଼ୋଶୀ ରାଜ୍ୟର ଦୁଇନମ୍ବର ମନ୍ତ୍ରୀଙ୍କ ପୁଅ ମୋ ପାଖରେ ପହଞ୍ଚିଥିଲେ । ସେ ଚିଟ୍‌ଫଣ୍ଡ କାରବାର ବିଷୟରେ ଶିକ୍ଷା ଦେବାକୁ ଏକ ଅନୁଷ୍ଠାନ ଖୋଲିବାକୁ ଯାଉଥିବା ଜଣାଇଥିଲେ ଏବଂ ସେଥିରେ ମୁଁ ପ୍ରଫେସର ରୂପେ ଯୋଗଦେବାକୁ ପ୍ରସ୍ତାବ ଦେଇଥିଲେ । କାହିଁକି କେଜାଣି ମୁଁ ତାଙ୍କ ପ୍ରସ୍ତାବକୁ ଗ୍ରହଣ କରିନେଇଥିଲି ।"

ଚାହା ଓ ଜଳଖିଆ ଆସି ପହଞ୍ଚିଥିଲା । ସେ ନିର୍ବିକାର ଭାବରେ କହିଥିଲେ, "ମୁଁ ଏଠାରେ ରହି ମାସିକ ଏକଲକ୍ଷ ଟଙ୍କା ବେତନ ପାଉଛି । ଚିଟ୍‌ଫଣ୍ଡ ବ୍ୟବସାୟରୁ ଉପାର୍ଜନ କରିଥିବା ଛଅଶହ କୋଟି ଟଙ୍କାରୁ ଅର୍ଦ୍ଧେକ ଦେବାନେବାରେ ଯାଇଥିଲା । ଅବଶିଷ୍ଟ ତିନିଶହ କୋଟି ଟଙ୍କା ସୁଇସ୍ ବ୍ୟାଙ୍କ ଆଦି ବିଦେଶୀ ବ୍ୟାଙ୍କରେ ଜମା କରିଦେଇଥିଲି । ଏବେ ତା'ର ସୁଧ ଓ ମୋର ବେତନରେ ଚଳିଯାଉଛୁ ଏବଂ ଆମର ଆଗାମୀ ତିନିପୁରୁଷ ଏଥିରେ ଚଳିଯିବେ । ଏହି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନେ ଚିଟ୍‌ଫଣ୍ଡ କାରବାର କରି ଭଲ ଦି'ପଇସା ରୋଜଗାର କରିବେ। ମୁଁ ଚିଟ୍‌ଫଣ୍ଡ ବିଦ୍ୟାକୁ ଏକ ସାଇନ୍ସର ରୂପ ଦେଇଛି ।" "କିନ୍ତୁ ଜମାକାରୀମାନେ... ?" ମୁଁ ପଚାରିଥିଲି । ସେ କହିଥିଲେ, "ସେମାନେ ଜମାଟଙ୍କା ଫେରିପାଇବାକୁ ଅଦାଲତରେ ମାମଲା ରୁଜୁ କରିଛନ୍ତି । ଏହି ମାମଲାଗୁଡ଼ିକର ବିଚାର ଚାଲିଛି ଏବଂ ସେମିତି ଚାଲିଥିବ ।"

ମୁଁ ପ୍ରଫେସର ଡକ୍ଟର ସିତାଂଶୁ ଦାସଙ୍କ ପାଖରୁ ବିଦାୟ ନେଇ ଆସିଲାବେଳେ ସେହି ହତଭାଗ୍ୟ ଜମାକାରୀମାନଙ୍କ ଦୁର୍ଦ୍ଦଶା କଥା ଭାବୁଥିଲି । ସେମାନଙ୍କର ଲୁହ, ସେମାନଙ୍କର ନିଃଶ୍ୱାସ କିନ୍ତୁ ବ୍ୟର୍ଥ ଯାଇନଥିଲା। ପରବର୍ତ୍ତୀ ଅବସ୍ଥାରେ ସିତାଂଶୁ ଦାସଙ୍କର ଏକମାତ୍ର ଅଲିଅଳ ପୁତ୍ର ପାଗଳ ହୋଇଯାଇଥିଲା। ଦେଶର ତଥା ବିଦେଶର କୌଣସି ଚିକିତ୍ସକ ତା'କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇଆଣି ପାରିନଥିଲେ। ଏ କଥାକୁ ସେ ଯେତେ ଲୁଚାଇବାକୁ ଚେଷ୍ଟା କଲେ ବି ତାହା ଅବଶ୍ୟ ଲୁଚିନଥିଲା।

●

# ମୁକେଶର ମାଆଙ୍କ ପାଖକୁ ଚିଠି

ପୂଜନୀୟା ମାଆ,

ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବ । ପ୍ରାୟ ଅଢ଼େଇବର୍ଷ ଜେଲଖାନାରେ ରହିବା ପରେ ମୁଁ ଆଜି ପ୍ରଥମ କରି ତୁମ ପାଖକୁ ଚିଠିଖଣ୍ଡେ ଲେଖୁଛି । କାରଣ ମୃତ୍ୟୁଦଣ୍ଡରୁ ବରତିଯାଇ ବଞ୍ଚିରହିବାର ଆଶା ଆଜି ମୋର ଉଜ୍ଜୀବିତ ହୋଇଛି । ଏଥିମଧ୍ୟରେ ମୋତେ ନେଇ ସାରା ପୃଥିବୀରେ ଜୋର୍ ଚର୍ଚ୍ଚା ହୋଇଗଲା । ସତ କହୁଛି, ଏହା ମୋତେ ଖୁବ୍ ଉତ୍‌ଫୁଲ୍ଲିତ କରିଥିଲା । ମୁଁ ନିଃସନ୍ଦେହ ଯେ, ଏ ଚର୍ଚ୍ଚା ତୁମ କାନରେ ପଡ଼ିଥିବ । ଆଉ ତୁମେ ଅନ୍ତରରେ କାଣିଚାଏ ହେଉ ପଛେ ସୁଖ ଅନୁଭବ କରିଥିବ । ମୁଁ ତ ସ୍ପଷ୍ଟ ରୂପେ କହିଛି ଯେ, ଆମେ ଧର୍ଷଣ କଲାବେଳେ ସେ ଝିଅ ପ୍ରତିରୋଧ କରିବାର ନଥିଲା । ତା' ହୋଇଥିଲେ ଆମେ ଜଣକ ପରେ ଜଣେ ତାକୁ ମହାଆରାମରେ ଧର୍ଷଣ କରିଥାନ୍ତୁ । ଆଉ, ତା'ର ପୁରୁଷବନ୍ଧୁ ଚୁପ୍‌ଚାପ୍ ବସିରହି ଏହି ଦୃଶ୍ୟକୁ ଦେଖୁଥାନ୍ତା । ଆମ କାମ ସରିବା ପରେ ଆମେ ଉଭୟଙ୍କୁ ବସ୍‌ରୁ ଓହ୍ଲାଇ ଦେଇଥାନ୍ତୁ । ତା'ପରେ ସେମାନେ ନିଜନିଜର ବସାକୁ ବାହୁଡ଼ି ଯାଇଥାନ୍ତେ । ମାତ୍ର ସେମାନେ ଏପରି ନକରି ଭୁଲ୍ କଲେ ଏବଂ ଭୁଲ୍ ଯୋଗୁଁ ଦଣ୍ଡ ଭୋଗିଲେ ।

ଛାଡ଼ ସେକଥା । ଗତକାଲି ଆକସ୍ମିକ ଭାବେ ଜନୈକ ଭଦ୍ରଲୋକ ଜେଲଖାନାକୁ ଆସି ମୋତେ ଦେଖା କରିଥିଲେ । ଏଥିପୂର୍ବରୁ ଚଳଚ୍ଚିତ୍ର ନିର୍ମାତା ଲେଜଲି ଉଡ଼୍‌ୱିନ୍ ଏଠାରେ ମୋର ସାକ୍ଷାତକାର ନେଇଥିବାରୁ ତାକୁ ନେଇ ଦେଶବ୍ୟାପୀ ତମ୍ଭୁତୋଫାନ ହୋଇଥିଲା । ତେଣୁ ମୁଁ ଭାବିଥିଲି ଯେ, ଏହାପରେ ଆଉ କୌଣସି ବ୍ୟକ୍ତି ମୋତେ ଦେଖା କରିବା ଉପରେ ଖୁବ୍ କଟକଣା ଜାରି ହୋଇଯିବ । ମାତ୍ର ମୋର ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ସେହି ସଜ୍ଜନ କାଲି ମୋ ପାଖକୁ ଆସିଥିଲେ । ସମ୍ଭ୍ରମତାର ସହ ସେ ନିଜକୁ ଜଣେ ମାନବାଧିକାରକର୍ମୀ ଭାବେ ପରିଚିତ କରାଇଥିଲେ । ଅବଶ୍ୟ ପ୍ରଥମେ ମୁଁ ଏହାର ଅର୍ଥ ଠିକ୍ ଭାବେ ବୁଝିପାରି ନଥିଲି । ଚଳଚ୍ଚିତ୍ର ନିର୍ମାତାଙ୍କ ସହ ମୋର ସାକ୍ଷାତ୍‌କାର ତାଙ୍କ ମନକୁ ବେଶ୍ ପାଇଥିବା ସେ କହିଥିଲେ । ମୋତେ ଜଣେ ନିର୍ଭୀକ ବ୍ୟକ୍ତି ବୋଲି ଅଭିହିତ କରି ମୋ ବୁଦ୍ଧିମତ୍ତାର ପ୍ରଶଂସା କରିଥିଲେ । ମୋର ମୃତ୍ୟୁଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିଣତ କରାଇଦେବେ ବୋଲି ସେ ମୋତେ ଆଶ୍ୱାସନା ଦେଇଥିଲେ । ତାଙ୍କ କଥା

ଶୁଣି ମୁଁ ଅଭିଭୂତ ହୋଇପଡ଼ିଥିଲି । ନିଠାରୀ ଧାରାବାହିକ ହତ୍ୟାକାଣ୍ଡର ଅଭିଯୁକ୍ତ ସୁରେନ୍ଦ୍ର କୋଲିର ମୃତ୍ୟୁଦଣ୍ଡାଦେଶକୁ ଅସାମ୍ବିଧାନିକ ଘୋଷଣା କରାଇବାରେ ସେ ପ୍ରମୁଖ ଭୂମିକା ନିଭାଇଥିବା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, କୋଲି ପ୍ରାୟ କୋଡ଼ିଏ ଜଣ ବାଳିକା ଓ ମହିଳାଙ୍କୁ ଅପହରଣ କରିଆଣି ଧର୍ଷଣ କରିଥିଲା । ତା'ପରେ ସେମାନଙ୍କୁ ହତ୍ୟା କରି ଶବକୁ ପୁଣି ଧର୍ଷଣ କରିଥିଲା ଏବଂ ଶେଷରେ ସେମାନଙ୍କ ମାଂସକୁ ଭକ୍ଷଣ କରିଥିଲା । ଏପରି ଜଣେ ନରପିଶାଚକୁ ମୃତ୍ୟୁଦଣ୍ଡରୁ ରକ୍ଷା କରିପାରିଥିବାରୁ ସେ ଗର୍ବିତ ବୋଲି କହିଥିଲେ । କୋଲି ତୁଳନାରେ ମୋର ଅପରାଧ କିଛି ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ । ତା'ଛଡ଼ା ଧର୍ଷଣବେଳେ ମୁଁ ସେ ଦିଗକୁ ଧ୍ୟାନ ନଦେଇ ଏକାଗ୍ର ଚିତ୍ତରେ ଗାଡ଼ି ଚଳାଉଥିବା ସାକ୍ଷାତକାରରେ କହିଥିବାରୁ ସେ ସାଧୁବାଦ ଜଣାଇଥିଲେ ।

ମୋ ପାଇଁ ସେ ଦେବଦୂତ ଥିଲେ ବୋଲି ମୁଁ ଅନୁଭବ କରିଥିଲି । ପୃଥିବୀଯାକର ଜ୍ଞାନ ତାଙ୍କଠାରେ ଭରିରହିଥିବା ମୋତେ ବୋଧ ହୋଇଥିଲା । ସେ କହିଥିଲେ ଯେ, ସାଉଦି ଆରବରେ ଧର୍ଷଣକାରୀଙ୍କର ସର୍ବସାଧାରଣରେ ମୁଣ୍ଡକାଟ କରାଯାଏ । ଚୀନ ଦେଶରେ ଧର୍ଷଣକାରୀଙ୍କୁ ଗୋଳାବର୍ଷଣ କରି ମାରିଦିଆଯାଏ । ଉତ୍ତର କୋରିଆରେ ମଧ୍ୟ ଧର୍ଷଣକାରୀଙ୍କୁ ଦୟା ନଦେଖାଇ ଗୁଳିଚାଳନା କରି ହତ୍ୟା କରାଯାଏ । ଆଫଗାନିସ୍ଥାନରେ ବି ଧର୍ଷଣକାରୀଙ୍କୁ ଫାଶୀ ଦିଆଯାଏ । ସୁତରାଂ ଏସବୁ ଦେଶରେ ଧର୍ଷଣ କାଁ ଭାଁ ସଂଘଟିତ ହୋଇଥାଏ । ମାତ୍ର ଆମ ଦେଶରେ ଏପରି ପାଶବିକ ଓ ଅମାନବୀୟ ଦଣ୍ଡ ବ୍ୟବସ୍ଥାର ପ୍ରଚଳନ ନାହିଁ । ତେଣୁ ଆମ ଦେଶରେ ଧର୍ଷଣ ପାଇଁ ଯଥେଷ୍ଟ ସୁଯୋଗ ରହିଛି ବୋଲି ସେ ଦର୍ଶାଇଥିଲେ । ଧର୍ଷଣକାରୀମାନଙ୍କର ମୁଣ୍ଡକାଟ ହେଉଥିବା ଆଦି ଶୁଣି ମୋର କଠୋର ହୃଦୟ ତରଳିଯାଇଥିଲା । ସେମାନଙ୍କ ପ୍ରତି ମୋ ମନରେ ଗଭୀର ଅନୁକମ୍ପା ଜାତ ହୋଇଥିଲା । ମୁଁ କହିପକାଇଥିଲି, "ଆପଣ ଆଗ ସାଉଦି ଆରବ ଆଦି ଦେଶକୁ ଯାଇ ସେହି ହତଭାଗ୍ୟ ଧର୍ଷଣକାରୀମାନଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରନ୍ତୁ ।" ମୋ କଥା ଶୁଣି ତାଙ୍କ ପାଟିରୁ କଥା ବାହାରିନଥିଲା; ତାଙ୍କ ଦେହ ଥରିଉଠିଥିଲା । ଥଙ୍ଗେଇଥଙ୍ଗେଇ ସେ କହିଥିଲେ, "ସେସବୁ ଦେଶକୁ ଗଲେ ମୁଁ ଆଉ ଫେରିବିନାହିଁ । ମୋର ବି ମୁଣ୍ଡକାଟ ହୋଇଯିବ ।" ମୁଁ ଚିତ୍କାର କରି କହିଥିଲି, "ନା, ନା, ଆପଣ ସେଠାକୁ ଯାଆନ୍ତୁନାହିଁ । ଏଠାରେ ରହି ଆମର ମୃତ୍ୟୁଦଣ୍ଡକୁ ଲାଘବ କରାଇବାର ବ୍ୟବସ୍ଥା କରନ୍ତୁ ।" ତାଙ୍କ ମୁହଁରେ ପୁଣି ହସ ଫୁଟିଉଠିଥିଲା । ସେ କହିଥିଲେ, "ଧର୍ଷଣ କରିଥିବା ଅଭିଯୁକ୍ତ-ମାନଙ୍କର ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରାଇବା ପାଇଁ ଚେଷ୍ଟା

କରିବି ।” “ଭଗବାନ ଆପଣଙ୍କ ପଥକୁ କୁସୁମିତ କରନ୍ତୁ,” ମୁଁ କହିଥିଲି । ସେ ମୋଠାରୁ ବିଦାୟ ନେଇ ଚାଲିଯାଇଥିଲେ । ମୃତ୍ୟୁଦଣ୍ଡରୁ ବରତିଯାଇ ବଞ୍ଚିରହିବାର ଆଶା ମୋ ମନରେ ଦାନା ବାନ୍ଧିଥିଲା ।

ମାଆ ! ଆମ ପାଇଁ ବନ୍ଦୀ ଜୀବନ ବେଶ୍ ସୁଖକର ବୋଧ ହେଉଛି । ବାହାରେ ଥିବାବେଳେ ଆମ ପାଇଁ ‘ଅନ୍ନଚିନ୍ତା ଚମତ୍କାରା’ ଥିଲା । ମାତ୍ର ଏଠାରେ ତ ଅନ୍ନଚିନ୍ତା ଆଦୌ ନାହିଁ । ସକାଳେ, ମଧ୍ୟାହ୍ନରେ ଓ ସଂଧ୍ୟାରେ ଭୋଜନ ଠିକ୍‌ଠାକ୍ ମିଳିଯାଉଛି; ଏଥିରେ ଲେଶମାତ୍ର ବ୍ୟତିକ୍ରମ ହେଉନାହିଁ । ଅବଶ୍ୟ ବନ୍ଦୀ ଜୀବନ ପ୍ରଥମ ଅବସ୍ଥାରେ କଷ୍ଟକର ମନେ ହେଉଥିଲା । ସେଥିଯୋଗୁଁ ତ ଭାଇ ରାମ ସିଂହ ଆତ୍ମହତ୍ୟା କରିଦେଲା । ସେ ଶାରୀରିକ ଅକ୍ଷମ ଥିଲା । ତା’ସତ୍ତ୍ୱେ ଯେପରି ନିଖୁଣ ଭାବେ ଧର୍ଷଣ ସମ୍ପନ୍ନ କରିଥିଲା, ତା’ର ପଟ୍ଟାନ୍ତର ନାହିଁ । ତଦ୍ଦ୍ୱାରା ସେ ନିଜକୁ ଅକ୍ଷମ ନୁହେଁ, ଭିନ୍ନକ୍ଷମ ବୋଲି ପ୍ରମାଣିତ କରିଥିଲା । ଯୁଗଯୁଗକୁ ସେ ଭିନ୍ନକ୍ଷମମାନଙ୍କ ପାଇଁ କାହାଣୀ ହୋଇ ରହିଗଲା ।

ମୋ ମୃତ୍ୟୁଦଣ୍ଡ କୋହଳ ହୋଇଯିବାର ଆଶା ମୋ ମନରେ ଦୃଢ଼ରୁ ଦୃଢ଼ତର ହେବାରେ ଲାଗିଛି । ଏଥର ଦିନେ ନା ଦିନେ ଜେଲ୍‌ରୁ ମୁକ୍ତିପାଇବାର ସ୍ୱପ୍ନ ମୋ ମନରେ ଉଙ୍କିମାରିଲାଣି । ଯଦି ସେଦିନ ଆସେ, ତେବେ ଦେଶର ଯୁବକମାନଙ୍କୁ ଧର୍ଷଣର ସମସ୍ତ ଦିଗ ସମ୍ପର୍କରେ ଉତ୍ତମ ପ୍ରଶିକ୍ଷଣ ଦେବା ପାଇଁ ଏକ ଶିକ୍ଷାନୁଷ୍ଠାନ ଖୋଲିବାର ଯୋଜନା ମନକୁ ଆସୁଛି । ଏହି ଶିକ୍ଷାନୁଷ୍ଠାନକୁ ଆମ ସହ ଧର୍ଷଣରେ ଲିପ୍ତଥିବା ସେହି କିଶୋରର ନାମାନୁସାରେ ନାମିତ କରିବା ପାଇଁ ଚିନ୍ତା କରୁଛି । ଆମର ‘ଧର୍ମନିରପେକ୍ଷ’ ରାଷ୍ଟ୍ରରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି ହେବାର ଆଶଙ୍କା ଥିବାରୁ ତା’ର ନାମ ଏଯାଏ ପ୍ରକାଶ ପାଇନାହିଁ ।

ମାଆ ! ମୋତେ ଆଶୀର୍ବାଦ କର, ମୋ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହେଉ । କିନ୍ତୁ ଯଦି ମାନବାଧିକାରକର୍ମୀଙ୍କର ପ୍ରଚେଷ୍ଟା ବିଫଳ ହୁଏ ଏବଂ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ହୁଏ, ତେବେ... । ତାହା ଭାବିଲାବେଳକୁ ଦେହ ଶୀତେଇଉଠୁଛି - ଲୋମ ଟାଙ୍କୁରିଉଠୁଛି । ମୁଁ ଆଉ ଭାବିପାରୁ ନାହିଁ ମାଆ ! ମୁଁ ଆଉ ଭାବିପାରୁ ନାହିଁ । ରହୁଛି ।

॥ ଇତି ॥

ତୁମର ଆଦରର

ମୁକେଶ

●

# ଭକ୍ତର ଭଗବାନଙ୍କୁ ଚିଠି

ହେ ଭଗବାନ ଶ୍ରୀମଦ୍ ସାରଥି,

ମୋର ଭୂମିଷ୍ଠ ପ୍ରଣାମ ନେବେ । ଭକ୍ତ ଭଗବାନଙ୍କୁ ଚିଠି ଲେଖିବା ସମ୍ଭବ ନୁହେଁ । କାରଣ ଭଗବାନ ନିରାକାର, କିନ୍ତୁ ମଣିଷ ସାକାର । ନିରାକାରକୁ ସାକାର ଚିଠି ଲେଖିବାର ପ୍ରଶ୍ନ ହିଁ ଉଠେନାହିଁ । ମାତ୍ର ଆପଣ ଈଶ୍ୱର ହୋଇ ବି ନରରୂପ ଧାରଣ କରିଥିବାରୁ ମୁଁ ଏ ଧୃଷ୍ଟତା କରୁଅଛି । ପ୍ରଭୁ! ଘଟଣାଚକ୍ରରେ ଆପଣ ଏବେ ଚୌଦ୍ୱାର ଜେଲ୍‌ରେ ଅବସ୍ଥାନ କରୁଛନ୍ତି । ଆପଣ ୱାର୍ଡ଼ ନମ୍ବର ୩ର ସେଲ୍ ନମ୍ବର ୨ରେ ବିରାଜମାନ ଅଛନ୍ତି । ଆମେ ଖବର ପାଉଛୁ ଯେ, ଜେଲ୍‌ରେ ଅନ୍ତେବାସୀମାନେ ଆପଣଙ୍କ ସେଲ୍ ବାହାରେ ରହି ଆପଣଙ୍କୁ ଭୀଷଣ ଗାଳିଗୁଲଜ କରୁଛନ୍ତି । ସେମାନେ ଆପଣଙ୍କ ପ୍ରତି ଦୋଅକ୍ଷରି ପ୍ରୟୋଗ କରୁଛନ୍ତି । ମାତ୍ର କର୍ତ୍ତୃପକ୍ଷ ଆପଣଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବାରୁ ସେମାନେ ପାଖକୁ ଯାଇ ଆପଣଙ୍କୁ ଉତ୍ତମମଧ୍ୟମ ଦେବାରେ ସଫଳ ହୋଇପାରୁ ନାହାନ୍ତି । ଆମେ ଶୁଣୁଛୁ ଯେ, ଜେଲ୍‌ର ଖାଦ୍ୟ ଆପଣଙ୍କୁ ରୁଚ୍ୟ ହେଉନାହିଁ, ଜେଲ୍‌ର ଶଯ୍ୟା ଆପଣଙ୍କୁ ଗ୍ରାହ୍ୟ ହେଉନାହିଁ, ଜେଲ୍‌ର ପାଇଖାନା ଆପଣଙ୍କୁ ପସନ୍ଦ ହେଉନାହିଁ ଇତ୍ୟାଦି । ଈଶ୍ୱରଙ୍କର ଏଭଳି ଦୁର୍ଦ୍ଦଶା କଥା ଜାଣି ମୋର ମନ ଖୁବ୍ ବ୍ୟଥିତ ହୋଇଉଠୁଛି । ତେଣୁ ଆପଣଙ୍କୁ ନିମ୍ନୋକ୍ତ ପରାମର୍ଶ ପ୍ରଦାନ ପୂର୍ବକ ଏ ଚିଠି ଲେଖୁଛି । ଅବଶ୍ୟ ଏପରି ଧୃଷ୍ଟତା ପାଇଁ ଆରମ୍ଭରୁ ଆପଣଙ୍କଠାରେ କ୍ଷମା ଯାଚନା କରୁଅଛି ।

ପ୍ରଭୁ! "ଗାଈ କ୍ଷୀର ପ୍ରଦାନ କରିଥାଏ", "ମହୁମାଛି ମହୁ ପ୍ରସ୍ତୁତ କରିଥାଏ" ଆଦି ସ୍ୱାଭାବିକ ପ୍ରକ୍ରିୟାଗୁଡ଼ିକୁ ଆମେ ମଣିଷମାନେ ପ୍ରକୃତିର ନିୟମ ବୋଲି ଧରିନେଇଥାଉ । ଆମେ ଭାବିଥାଉ ଯେ, ପ୍ରକୃତିର ନିୟମଗୁଡ଼ିକ ଈଶ୍ୱରଙ୍କର ଅଧୀନ ଅଟନ୍ତି ଏବଂ ସେ ଚାହିଁଲେ ଏଗୁଡ଼ିକୁ ବଦଳାଇ ଦେଇପାରନ୍ତି । ଆପଣ ଈଶ୍ୱର ହୋଇଥିବାରୁ କଂକ୍ରିଟ୍ ଅର୍ଥାତ୍ ସିମେଣ୍ଟ, ବାଲି ଓ ଗୋଡ଼ିରେ ନିର୍ମିତ ନିର୍ଜୀବ ଗାଈଠାରୁ କ୍ଷୀର ନିର୍ଗତ କରାଇଥାନ୍ତି । ପୁଣି ନିଜର ଶ୍ରୀପଦପଲ୍ଲବରୁ ମହୁ ଝରାଇଥାନ୍ତି । ଏସବୁ କରି ଆପଣ କୌଣସି ଅଲୌକିକତା ପ୍ରଦର୍ଶନ କରିନଥାନ୍ତି, ବରଂ ନିଜର ଈଶ୍ୱରତ୍ୱ ହିଁ ପ୍ରମାଣିତ କରିଥାନ୍ତି ।

ଆପଣଙ୍କୁ ଏବେ କିଛିଦିନ ପାଇଁ ଜେଲ୍‌ଖାନାରେ ରହିବାକୁ ପଡ଼ିବ ହିଁ ପଡ଼ିବ । ତେଣୁ ସର୍ବାଗ୍ରେ ସେଠାରେ କଏଦୀମାନଙ୍କୁ ବାଟକୁ ଆଣିବାକୁ ହେବ । ମୋର ପରାମର୍ଶ ହେଲା, ଆପଣ କାରାଗାରର ଇଟା, ସିମେଣ୍ଟ ଓ ବାଲିରେ ନିର୍ମିତ କାନ୍ଥରୁ ଦୁଗ୍ଧ

ନିଃସୃତ କରାନ୍ତୁ ଏବଂ ଏଥିସହିତ ନିଜର ଶ୍ରୀଚରଣକମଳରୁ ମଧୁ ନିର୍ଗତ କରନ୍ତୁ । ଆପଣଙ୍କୁ ତ ଜେଲ୍ କର୍ତ୍ତୃପକ୍ଷ ଗୋଟିଏ ରସଥାଳି ଓ ଗୋଟିଏ ରସବାଟି ପ୍ରଦାନ କରିଛନ୍ତି । ଥାଳିରେ କ୍ଷୀର ଓ ବାଟିରେ ମହୁ ରଖି ସୁବିଧା ଦେଖି ତାହା ଓ୍ୱାର୍ଡ଼ରଙ୍କ ହାତକୁ ବଢ଼ାଇଦିଅନ୍ତୁ । ଦେଖିବେ, ତତ୍‌କ୍ଷଣାତ୍ ଜେଲ୍‌ସାରା ଏହି ଖବର ରଟିଯିବ । କଏଦୀମାନେ ସମୟ ପାଇଲା ମାତ୍ରେ ଆପଣଙ୍କ ସେଲ୍ ସମ୍ମୁଖରେ ଆସି ଯୋଡ଼ହସ୍ତରେ ଛିଡ଼ା ହୋଇଯିବେ । ଆପଣ ସେମାନଙ୍କ ମାଧ୍ୟମରେ ଦୁଇଟି ଗିଲାସ ଆଣି ପୁଣି ଦୁଗ୍ଧ ଓ ମଧୁ ସୃଷ୍ଟି କରି ତହିଁରେ ଭରି ସେମାନଙ୍କୁ ଦେଇଦିଅନ୍ତୁ । ଏହି ଐଶ୍ୱରିକ ଲୀଳା ଦେଖି ସେମାନେ ଆପଣଙ୍କଠାରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯିବେ । ବାସ୍! କାମ ତୁଟିଯିବ । ଈଶ୍ୱର ସ୍ଥାନ ଓ କାଳର ଊର୍ଦ୍ଧ୍ୱରେ ହୋଇଥିବାରୁ ଆପଣ ବାରିମୂଳ ଆଶ୍ରମରେ ଯାହା କରୁଥିଲେ, ଚୌଦ୍ୱାର ଜେଲ୍‌ରେ ତାହା ଅବଶ୍ୟ କରିପାରିବେ ।

ଆମର ଆଶଙ୍କା ଥିଲା ଯେ, ଅଦାଲତରେ ଆପଣଙ୍କ ସପକ୍ଷରେ ମାମଲା ଲଢ଼ିବାକୁ କୌଣସି ଆଇନଜୀବୀ ବାହାରିବେନାହିଁ; ମାତ୍ର ପ୍ରଥମେ ଜଣେ ଓ ଏବେ ତିନିତିନି ଜଣ ଆଇନଜୀବୀ ଆପଣଙ୍କ ପାଇଁ ଲଢ଼ିବାକୁ ଆଗେଇ ଆସିଲେଣି । ସେ ଯାହା ହେଲେ ବି ଜାମିନ ପାଇବା ପାଇଁ ଆପଣଙ୍କୁ ଆଉ କିଛିଦିନ ଜେଲ୍‌ରେ ଅପେକ୍ଷା କରିବାକୁ ପଡ଼ିବ । ଆପଣଙ୍କ ନବନୀତକୋମଳ ଶରୀର ଜେଲ୍‌ଖାନାର ଶଯ୍ୟାରେ ଅଶେଷ କଷ୍ଟ ଭୋଗ କରୁଅଛି । ସେ କଷ୍ଟ ଦୂରୀଭୂତ ହେବା ଅବଶ୍ୟ ଏତେ ବଡ଼କଥା ନୁହେଁ । ପ୍ରଭୁ! ଆମେ ଜାଣୁ ଯେ, ପିତାର ଔରସରୁ ଧର୍ମପତ୍ନୀର ଗର୍ଭରୁ ସନ୍ତାନସନ୍ତତି ଜାତ ହୋଇଥାନ୍ତି; ମାତ୍ର ଆପଣ ଭଗବାନ ହୋଇଥିବାରୁ 'ବିଭୂତି'ରୁ ଏକ ପୁତ୍ରସନ୍ତାନ ସୃଷ୍ଟି କରିଛନ୍ତି । ସେ ଏବେ ବଡ଼ ହୋଇ ରୂପର ସାମଞ୍ଜସ୍ୟ ଦୃଷ୍ଟିରୁ ଆପଣଙ୍କର ଭ୍ରମ ସୃଷ୍ଟି କରୁଅଛି । ଆପଣ 'ବିଭୂତି'ରୁ ମଣିଷ ସୃଷ୍ଟି କରିପାରୁଥିବାରୁ ତହିଁରୁ ଏକ ସୁକୋମଳ ଶଯ୍ୟା ସର୍ଜନ କରିବା କିଛି ବଡ଼କଥା ହେବନାହିଁ । ତେଣୁ ମୋର ପରାମର୍ଶ, 'ବିଭୂତି'ରୁ ଏକ ମନଲାଖି ପଲଙ୍କ ସୃଷ୍ଟି କରି ତହିଁରେ ଶୟନ ପୂର୍ବକ ଶ୍ରୀଅଙ୍ଗରୁ କ୍ଳେଶ ମୋଚନ କରନ୍ତୁ ।

ହେ ପ୍ରଭୁ ଶ୍ରୀମଦ୍ ସାରଥି! ମୋ ପରାମର୍ଶକୁ ଗ୍ରହଣ କରି ନିଜର ଈଶ୍ୱରତ୍ୱ ଜାହିର କରନ୍ତୁ । ନଚେତ୍ ସୁଯୋଗ ପାଇଲାମାତ୍ରେ ଜେଲ୍‌ରେ କଏଦୀମାନେ ଓ ଜାମିନ ପାଇ ବାହାରକୁ ଆସିଲେ ସାଧାରଣ ଜନତା ଆପଣଙ୍କ ଅବସ୍ଥା ବାରଗଣ୍ଡା ଦିକଡ଼ା କରିଦେବେ ।

॥ ଇତି ॥
ଭକ୍ତପ୍ରବର
ମୁଁ

●

# 'ବାଗି' ବିବାଦ

ମହାରାଜ ସେଦିନ ଯଥାସମୟରେ ଦରବାରରେ ବିଜେ କରିଥିଲେ । ସିଂହାସନରେ ବସିସାରି ସେ ସଭାସଦ୍‌ମାନଙ୍କ ଉପରେ ଏକ ତିର୍ଯ୍ୟକ୍ ଦୃଷ୍ଟିପାତ କରିଥିଲେ । ସେଦିନ ସେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ମାମଲାର ବିଚାର କରିବାର ଥିଲା । କାଳକ୍ଷେପଣ ନକରି ସେ ବିଭାଗୀୟ ମନ୍ତ୍ରୀଙ୍କୁ ଆବେଦନ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରୀତିମତ ପ୍ରସ୍ତୁତ ହୋଇଆସିଥିବା ମନ୍ତ୍ରୀ କହିଥିଲେ, "ମହାରାଜ ! ଆପଣ ଜାଣନ୍ତି ଯେ, ତିନିଦଶନ୍ଧି ତଳେ ଆମର ପ୍ରଜାମାନେ କୌଣସି କାରଣ ନଥାଇ ବ୍ୟସ୍ତ ରହୁଥିବା ପରିଲକ୍ଷିତ ହୋଇଥିଲା । ସେମାନେ ଏତେ ବ୍ୟସ୍ତ ଜଣାପଡୁଥିଲେ ଯେ, ଘରେ ରୋଷେଇ କରିବାକୁ ସମୟ ପାଉନଥିଲେ । ଏତିକିବେଳେ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ସଦୟ ହୋଇ ଆମ ପାଖକୁ ଆସିଥିଲେ ଏବଂ ଚଟ୍‌ପଟି ଖାଦ୍ୟ ବା ଫାଷ୍ଟଫୁଡ୍ ପ୍ରସ୍ତୁତ କରି ପ୍ରଜାମାନଙ୍କୁ ଯୋଗାଇଦେବେ ବୋଲି ପ୍ରସ୍ତାବ ଦେଇଥିଲେ । ଏହାକୁ ସମୟୋପଯୋଗୀ ପ୍ରସ୍ତାବ ମନେ କରି ଆମେ ଅକୁଣ୍ଠିତ ଚିତ୍ତରେ ତତ୍‌କ୍ଷଣାତ୍ ଗ୍ରହଣ କରିନେଇଥିଲୁ । ସେହି କମ୍ପାନୀ 'ବାଗି' ନାମକ ଚଟ୍‌ପଟି ଖାଦ୍ୟ ପ୍ରସ୍ତୁତ କରି ବଜାରକୁ ଛାଡ଼ିଥିଲେ ଏବଂ ତାହା ଖୁବ୍ ଶୀଘ୍ର ଆମ ପ୍ରଜାମାନଙ୍କର ପ୍ରିୟଭାଜନ ହୋଇପାରିଥିଲା । କ୍ରମେ ଆମ ବଜାରରେ ଏହାର ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଥିଲା ।"

ସାମାନ୍ୟ ରହି ମନ୍ତ୍ରୀ ପୁଣି କହିଥିଲେ, "ମାତ୍ର ଏବେ ଜଣେ ପ୍ରଜା ବାଗି ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିବାର ଖବର ପାଇ ଆମେ ଏହାର ଗୁଣବତ୍ତା ପରୀକ୍ଷା କରିବାକୁ ପରୀକ୍ଷାଗାରକୁ ପଠାଇଥିଲୁ । ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଲା ଯେ, ଏଥିରେ ଅତ୍ୟଧିକ ପରିମାଣର ସୀସା ଆଦି ରାସାୟନିକ ପଦାର୍ଥ ମିଶିକରି ରହିଛି । ଅନୁମୋଦନୀୟ ସୀମାଠାରୁ ଯଥେଷ୍ଟ ଅଧିକ ପରିମାଣର ସୀସା ଆଦି ଥିବାରୁ ଏହା ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ହାନିକାରକ ତଥା ବିପଜ୍ଜନକ ବୋଲି ସାବ୍ୟସ୍ତ ହେଲା । ତେଣୁ ଆମେ ଏହାର ବିକ୍ରି ଉପରେ ନିଷେଧାଜ୍ଞା ଜାରି କରିଦେଇଛୁ । କମ୍ପାନୀ କର୍ତ୍ତୃପକ୍ଷ ଆମେ ଜାରି କରିଥିବା ନିଷେଧାଦେଶ ବିରୋଧରେ ଆପତ୍ତି ଉଠାଇ ଆପଣଙ୍କ ଦ୍ୱାରସ୍ଥ ହୋଇଛନ୍ତି ।" ଏତିକି କହିସାରି ମନ୍ତ୍ରୀ ତାଙ୍କର ଆସନ ଗ୍ରହଣ କରିଥିଲେ ।

ତା'ପରେ ମହାରାଜ ଆଦେଶ ଦେଇଥିଲେ, "ଏବେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କର ଯାହା କହିବାର ଅଛି, ତାହା ଉପସ୍ଥାପନ କରିପାରନ୍ତି ।" ତତ୍‌କ୍ଷଣାତ୍ କମ୍ପାନୀର ଜନୈକ ପଦସ୍ଥ କର୍ମଚାରୀ ଛିଡ଼ା ହୋଇଥିଲେ ଏବଂ ସହାସ୍ୟ ବଦନରେ କହିଥିଲେ, "ମହାରାଜ ! ଆମ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ, ଅଭିସନ୍ଧିମୂଳକ, କପୋଳକଳ୍ପିତ ତଥା ଏକ ଆନ୍ତର୍ଜାତିକ ଷଡ଼ଯନ୍ତ୍ରର ଫଳ ଅଟେ । ହୋଇପାରେ, ଆମେ ପ୍ରସ୍ତୁତ କରିଥିବା ବାଗିରେ ଅଧିକ ପରିମାଣର ସୀସା ଆଦି ରହିଛି । କିନ୍ତୁ ଏଥିଯୋଗୁଁ ଯେ ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ, ତାହା ପ୍ରମାଣିତ ହୋଇପାରି ନାହିଁ । ଗତ ୩୦ବର୍ଷ ଧରି ଆମେ ଆପଣଙ୍କ ରାଜ୍ୟରେ ବାଗି ବିକ୍ରି କରିଆସୁଛୁ । ମାତ୍ର ଏହାକୁ ଖାଇ କୌଣସି ବ୍ୟକ୍ତି ମୃତ୍ୟୁବରଣ କରିଥିବାର ନଜିର ଆଦୌ ନାହିଁ । ମୃତ୍ୟୁବରଣ ତ ଦୂରର କଥା, ଏହାକୁ ଖାଇ କୌଣସି ବ୍ୟକ୍ତି ନୂତନ ରୋଗରେ ଆକ୍ରାନ୍ତ ହେବାର ଦୃଷ୍ଟାନ୍ତ ବି ନାହିଁ । ମହାରାଜ ! ଅତୀତରେ ଆପଣଙ୍କ ରାଜ୍ୟରେ ଏକ ପ୍ରମୁଖ ବହୁରାଷ୍ଟ୍ରୀୟ କମ୍ପାନୀଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ପାନୀୟରେ କୀଟନାଶକ ଔଷଧ ମିଶିଥିବା ପରୀକ୍ଷା ପରେ ଜଣାପଡ଼ିଥିଲା । ଆପଣଙ୍କ ବୈଜ୍ଞାନିକମାନେ ଦର୍ଶାଇଥିଲେ ଯେ, ଏହା ପାନ କଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ତା'ସତ୍ତ୍ୱେ ଏବେ ବି ଆପଣଙ୍କ ରାଜ୍ୟରେ ସେହି ପାନୀୟ ଅବାଧରେ ବିକ୍ରି ଚାଲିଛି । ତା'ଛଡ଼ା ଅନ୍ୟ ଏକ ବହୁରାଷ୍ଟ୍ରୀୟ କମ୍ପାନୀଦ୍ୱାରା ନିର୍ମିତ ଟୁଥ୍‌ପେଷ୍ଟରେ କ୍ଷତିକାରକ ଉପାଦାନ ରହିଛି ବୋଲି ଆପଣଙ୍କ ପରୀକ୍ଷାଗାରରେ ପରୀକ୍ଷାଦ୍ୱାରା ଜଣାପଡ଼ିଥିଲା । ଏହା ବ୍ୟବହାର କଲେ କର୍କଟ ରୋଗ ହେବାର ସମ୍ଭାବନା ଥାଏ ବୋଲି ଆପଣଙ୍କ ବୈଜ୍ଞାନିକମାନେ ଘୋଷଣା କରିଥିଲେ । ଉନ୍ନତ ରାଜ୍ୟଗୁଡ଼ିକରେ ଏହି ଟୁଥ୍‌ପେଷ୍ଟର ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ଆପଣଙ୍କ ରାଜ୍ୟରେ ଏହା କରାଯାଇ ନାହିଁ । ଏପରି ସ୍ଥଳେ ଆମେ ଉତ୍ପାଦନ କରୁଥିବା ବାଗି ଉପରେ ନିଷେଧାଜ୍ଞା ଜାରି କରିବା ସମ୍ପୂର୍ଣ୍ଣ ପକ୍ଷପାତମୂଳକ ବୋଲି ମନେହୁଏ । ତେଣୁ ମୁଁ ପ୍ରାର୍ଥନା କରୁଅଛି ଯେ, ନିଷେଧାଦେଶ ପ୍ରତ୍ୟାହାର କରି ଆମକୁ ପୂର୍ବବତ୍ ଅବାଧରେ ବ୍ୟବସାୟ ଚଳାଇବାର ସୁଯୋଗ ଦିଆଯାଉ ।"

ଏତିକିରେ ଜବାବସୁଆଲ ଶେଷ ହୋଇଥିଲା । ଅଧିକ ସମୟ ନନେଇ ବିଜ୍ଞ ପରି ପ୍ରତୀୟମାନ ହେଉଥିବା ମହାରାଜ ତାଙ୍କର ନିର୍ଣ୍ଣୟ ଶୁଣାଇଥିଲେ । ସେ କହିଥିଲେ, "ବାଗି ସ୍ୱାସ୍ଥ୍ୟ ପକ୍ଷେ ହାନୀକାରକ ବୋଲି ସମ୍ପୂର୍ଣ୍ଣ ଭାବେ ପ୍ରମାଣିତ ହୋଇପାରି ନାହିଁ । ବାଗି ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିବା ବ୍ୟକ୍ତି ଯେ

ଏଥିଯୋଗୁଁ ଅସୁସ୍ଥ ହେଲେ, ତା'ର କୌଣସି ପ୍ରମାଣ ନାହିଁ । ହୁଏତ ସେ ଅନ୍ୟ କାରଣରୁ ବି ଅସୁସ୍ଥ ହୋଇପାରିଥାନ୍ତି । ଆମ ରାଜ୍ୟରେ ତ ବାଗି ତିନିଦଶନ୍ଧି ଧରି ବିକ୍ରି ହେଉଛି । ଏହି ସମୟ ଭିତରେ ଜଣେ ବି ବ୍ୟକ୍ତି ବାଗି ଖାଇ ମୃତ୍ୟୁମୁଖରେ ପଡ଼ିଥିବା ବା ନୂତନ ରୋଗରେ ଆକ୍ରାନ୍ତ ହୋଇଥିବାର ନଜିର ନାହିଁ । ପୁଣି ବାଗିର ବ୍ୟବହାର ବିଶ୍ୱର ଉନ୍ନତ ରାଜ୍ୟଗୁଡ଼ିକରେ ଚାଲିଥିଲେ ବି ସେସବୁ ରାଜ୍ୟରୁ ଏପରି ଅଭିଯୋଗ ଆସିନାହିଁ । ଏହି ପରିସ୍ଥିତିରେ ବାଗିର ବିକ୍ରି ଉପରେ ଲାଗୁ ହୋଇଥିବା ନିଷେଧାଜ୍ଞାକୁ ମୁଁ ଅସିଦ୍ଧ ଘୋଷଣା କରି ଏହାକୁ ସଙ୍ଗେସଙ୍ଗେ ପ୍ରତ୍ୟାହାର କରିନେବାକୁ ଆଦେଶ ଦେଉଛି । ଯଥେଷ୍ଟ ପ୍ରମାଣ ନଥାଇ ନିଷେଧାଦେଶ ଜାରି ହୋଇଥିବା ଯୋଗୁଁ ବାଗି ପ୍ରସ୍ତୁତକାରୀ କମ୍ପାନୀର ପ୍ରଭୂତ କ୍ଷତିସାଧନ ହୋଇଛି । ଏହି କ୍ଷତିକୁ ଭରଣା କରିବା ଲାଗି ମୁଁ ରାଜକୋଷରୁ ଏକକୋଟି ଟଙ୍କା କମ୍ପାନୀକୁ ପ୍ରଦାନ କରିବା ପାଇଁ ଆଦେଶ ଦେଉଛି । ନଚେତ୍ ଅନ୍ୟାନ୍ୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଆମ ଦେଶ ଛାଡ଼ି ଚାଲିଯିବାର ଆଶଙ୍କା ରହିଛି ।" ନିର୍ଣ୍ଣୟ ଶୁଣାଇସାରି ମହାରାଜ ସିଂହାସନରୁ ଉଠିଥିଲେ ।

ଜନୈକ ସଭାସଦ୍ କହିବାକୁ ଚାହୁଁଥିଲେ ଯେ, "ମହାରାଜ ! ରାଜକୋଷରେ ଥିବା ଧନ ପ୍ରଜାମାନଙ୍କଠାରୁ ଟିକସ ଆକାରରେ ଆଦାୟ କରାଯାଉଛି । ଏଥିରୁ ଏକକୋଟି ଟଙ୍କା ଏକ ବହୁରାଷ୍ଟ୍ରୀୟ କମ୍ପାନୀକୁ ଟେକିଦେବା ଉଚିତ ହେଉନାହିଁ ।" ମାତ୍ର ଏହା କହିବା ଯୋଗୁଁ ପଦବୀ ଚାଲିଯିବାର ଆଶଙ୍କା ଥିବାରୁ ସେ ଚୁପ୍ ରହିବା ଶ୍ରେୟସ୍କର ମଣିଥିଲେ ।

•

# 'ଗୀତା-ରହସ୍ୟ'ର ରଚୟିତା ନୀଳକଣ୍ଠ ମଜୁମଦାରଙ୍କୁ ଚିଠି

ପୂଜ୍ୟ ମଜୁମଦାର ସାହେବ,

ପ୍ରଣାମ ନେବେ । ଆଶାକରେ କୁଶଳରେ ଥିବେ । କାହିଁକି କେଜାଣି, ଆଜି ଆପଣଙ୍କ କଥା ତୁହାକୁତୁହା ମନେପଡୁଛି । "ଆଗେକାଳେ ସବୁକିଛି ଠିକ୍‌ଠାକ୍ ଥିଲା ଏବଂ ଆଜିକାଲି ସବୁକିଛି ବିଗିଡ଼ିଯାଇଛି ।" ଏହି କଥାକୁ ମୁଁ କିନ୍ତୁ ଆଦୌ ଗ୍ରହଣ କରିପାରୁନାହିଁ । ଆପଣଙ୍କ ସମୟର ଘଟଣାବଳୀ ଆଡ଼କୁ ମୋ ମନ ଟାଣି ହୋଇଯାଉଛି । ସେ ସମୟରେ ବି ଖ୍ରୀଷ୍ଟିଆନ ମିସନାରୀମାନେ ଖୁବ୍ ସକ୍ରିୟ ଥିଲେ । ସେମାନେ ହିନ୍ଦୁ ଦେବାଦେବୀ ଓ ପୂଜାପାର୍ବଣକୁ ବିଦ୍ରୂପ କରି ପୁସ୍ତକ ରଚନା କରୁଥିଲେ । ଏହି ପୁସ୍ତକସବୁ ଛପାଇ ଆମ ମଧ୍ୟରେ ବଣ୍ଟନ କରୁଥିଲେ । ଆମର ଧର୍ମ ଓ ସଂସ୍କୃତି ପ୍ରତି ଆମ ମନରେ ବିଦ୍ୱେଷଭାବ ସୃଷ୍ଟି କରିବାକୁ ସତତ ଚେଷ୍ଟିତ ଥିଲେ ।

ଊନବିଂଶ ଶତାବ୍ଦୀର ଶେଷଆଡ଼ର କଥା । ଆପଣ ସେତେବେଳେ ରେଭେନ୍‌ସା କଲେଜର ଅଧକ୍ଷ ଥିଲେ । ମହାନ୍ ରେଭେନ୍‌ସା କଲେଜର ଅଧକ୍ଷ ହେବାରେ ଆପଣ ହିଁ ପ୍ରଥମ ଭାରତୀୟ ଥିଲେ । ଅଧକ୍ଷ ଦାୟିତ୍ୱ ନେଲାବେଳକୁ ଆପଣଙ୍କର ବୟସ ୪୩ କି ୪୪ ହୋଇଥିଲା । ଆପଣଙ୍କର ପତ୍ନୀ କିନ୍ତୁ ପରଲୋକଗମନ କରିସାରିଥିଲେ । ପାଞ୍ଚ/ଛଅ ବର୍ଷର ଝିଅଟିକୁ ଧରି ଆପଣ ଏକଲା ରହୁଥିଲେ । ତା'ର ଦେଖାଶୁଣା କରିବାକୁ ଜଣେ ଚାକରାଣୀ ଅବଶ୍ୟ ରଖିଥିଲେ । ମିସନାରୀମାନଙ୍କର କାର୍ଯ୍ୟକଳାପ ଆପଣଙ୍କ ମନରେ ଗଭୀର ରେଖାପାତ କରିଥିଲା । ସ୍ୱ-ଧର୍ମର ଗରିମା ବଜାୟ ରଖିବା ପାଇଁ ଆପଣ ଦୃଢ଼ସଂକଳ୍ପ ଥିଲେ । ଆମ ଧର୍ମ ଓ ସଂସ୍କୃତିର ମହନୀୟତା ପ୍ରକାଶ କରିବା ପାଇଁ ଆପଣ 'ଗୀତା-ରହସ୍ୟ' ରଚନା କରିଥିଲେ । ଏହି ବହିର ଖଣ୍ଡେ କପି ପାଇବାକୁ ମୁଁ କିନ୍ତୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ବିଫଳ ହୋଇଛି । ଆପଣଙ୍କର ବହି ପ୍ରକାଶିତ ହେବା ପରେପରେ ତା'ର ସମାଲୋଚନା ବି ପ୍ରକାଶ ପାଇଥିଲା । ଆମରି ଧର୍ମର ଲୋକ ହିଁ ତା'ର ସମାଲୋଚନା ଲେଖିଥିଲେ । ଘରଢିଙ୍କି ତ କୁମ୍ଭୀର । ସେ ପୁଣି ଆପଣଙ୍କ ଅଧୀନରେ ଚାକିରି

କରିଥିଲେ; ଆପଣଙ୍କ କଲେଜରେ ବିଜ୍ଞାନ ପଢ଼ାଉଥିଲେ । ତାଙ୍କର ନାମ ଥିଲା ଜୟଗୋପାଳ ଦେ । ତାଙ୍କ ବହିରେ ଶ୍ରୀକୃଷ୍ଣ ଚରିତ୍ର ପ୍ରତି ତାଚ୍ଛଲ୍ୟ ଭରିରହିଥିଲା । ଶ୍ରୀକୃଷ୍ଣଙ୍କ ପ୍ରତି ଏହି ଉପହାସ ଆପଣଙ୍କ ମନରେ ଅଶେଷ ଦୁଃଖ ଦେଇଥିଲା ।

ଆପଣ ଜୟଗୋପାଳ ଦେଙ୍କୁ ଡକାଇ ପଠାଇଥିଲେ । ଧୀର ଭାବରେ କହିଥିଲେ, "ଜୟଗୋପାଳ ! ତୁମେ ଏମ୍.ଏ. ପାସ କରିନାହଁ; ଖାଲି ବି.ଏ. ପାସ କରିଛ । ମୋ ପୂର୍ବରୁ ଥିବା ଅଧ୍ୟକ୍ଷ ଏସ୍. ଆ୍ୟାଗର୍ ତୁମକୁ ଏଠାରେ ରଖାଇଛନ୍ତି । ତୁମର ବାପା 'ଡେପୁଟି' ଅଛନ୍ତି; ଶ୍ୱଶୁର ବି 'ଡେପୁଟି' ଅଛନ୍ତି । ସେମାନଙ୍କ ଚାପରେ ହିଁ ତୁମେ ଏଠାରେ ନିଯୁକ୍ତି ପାଇଛ । ତୁମେ ଯୁବକ; ପୁଣି ସଜ୍ଜନ ମନେ ହେଉଛ । 'ଗୀତା-ରହସ୍ୟ'ର ସମାଲୋଚନା ଲେଖିବା ଭଳି ଦୁର୍ବୁଦ୍ଧି ତୁମର କାହିଁକି ହେଲା ?" ଜୟଗୋପାଳ କିଛି ଉତ୍ତର ନଦେଇ ନୀରବ ରହିଥିଲେ । ଆପଣ ଜାଣିଥିଲେ ଯେ, 'ଗୀତା'କୁ ବୁଝିବାଭଳି ବିଦ୍ୟା ଜୟଗୋପାଳଙ୍କର ନଥିଲା; ଭାଷା ଉପରେ ବି ତାଙ୍କର ସେତେ ଦଖଲ ନଥିଲା । ସୁତରାଂ ସେ ଏହି ସମାଲୋଚନା କିପରି ଲେଖିପାରିଲେ, ସେ ପ୍ରଶ୍ନ ଆପଣଙ୍କ ମନକୁ ଆନ୍ଦୋଳିତ କରିଥିଲା ।

ତା'ପରଦିନ କିନ୍ତୁ ଜୟଗୋପାଳ ଦେଙ୍କ ସମାଲୋଚନା ଲେଖିବାର ଭିତିରିକଥା ପଦାକୁ ଆସିଥିଲା । ଜଣାଯାଇଥିଲା ଯେ, ମିସନାରୀମାନେ ହିନ୍ଦୁ ଦେବାଦେବୀଙ୍କୁ ବିଦ୍ରୂପ କରି ଲେଖିଥିବା ଖଣ୍ଡେ ଚଟିବହିର ତାହା ଅନୁବାଦ ମାତ୍ର ଥିଲା । ତଥାପି ଆପଣଙ୍କର ମନ ବୁଝିନଥିଲା । ଅନୁବାଦର ଭାଷା ଯେ ଜୟଗୋପାଳଙ୍କର ହୋଇପାରେ, ତାହା ଆପଣ ଗ୍ରହଣ କରିପାରି ନଥିଲେ । ଏହା ପଛରେ ଅନ୍ୟମାନଙ୍କର ହାତ ଥିବା ଆପଣଙ୍କର ସଂଶୟ ହୋଇଥିଲା । ଦର୍ଶନ ବିଭାଗର ଅଧ୍ୟାପକ ହରିଶ ଚନ୍ଦ୍ର ଦତ୍ତ ଓ ସଂସ୍କୃତ ବିଭାଗର ଅଧ୍ୟାପକ ମୁରଲୀଧର ବନ୍ଦୋପାଧ୍ୟାୟଙ୍କ ଉପରେ ଆପଣଙ୍କର ସନ୍ଦେହ କେନ୍ଦ୍ରୀଭୂତ ହୋଇଥିଲା । କିନ୍ତୁ ବିଜ୍ଞାନର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟ ଏ ନାଟର ଗୋବର୍ଦ୍ଧନ ବୋଲି ଆପଣ ମନେ କରିଥିଲେ । ଅବଶ୍ୟ ଆପଣ ଜୟଗୋପାଳଙ୍କ ବ୍ୟତୀତ ଅନ୍ୟମାନଙ୍କୁ ସନ୍ଦେହ କରିବା କେତେଦୂର ଯଥାର୍ଥ ଥିଲା, ତାହା ଭିନ୍ନ କଥା ।

ମିସନାରୀମାନଙ୍କଠାରୁ ପ୍ରୋତ୍ସାହନ ପାଇ ଭଗବାନ ଶ୍ରୀକୃଷ୍ଣଙ୍କୁ ଉପହାସ କରାଯିବା ଘଟଣା ଆପଣଙ୍କୁ କିନ୍ତୁ ଅସହ୍ୟ ବୋଧ ହୋଇଥିଲା । ତେଣୁ ଏ ସମସ୍ତଙ୍କୁ ହଟାଇଦେବାକୁ ଆପଣ ଶିକ୍ଷା ନିର୍ଦ୍ଦେଶକ ବା ଡି.ପି.ଆଇ.ଙ୍କୁ ଚିଠି ଲେଖିଥିଲେ । ଫଳରେ ଆଗେ ଜୟଗୋପାଳ ଦେ ତଡ଼ାଖାଇଥିଲେ; କୃତକର୍ମର ଫଳ ତାଙ୍କୁ

ଭୋଗିବାକୁ ପଡ଼ିଥିଲା । ଶ୍ରୀ ବନ୍ଦୋପାଧ୍ୟାୟଙ୍କର ବି ବଦଳି ହୋଇଥିଲା । ମାତ୍ର ସେ ସଂସ୍କୃତ କଲେଜକୁ ଅଧ୍ୟକ୍ଷ ହୋଇ ଯାଇଥିଲେ । ଏହା ତାଙ୍କ ପ୍ରତି 'କୋପେ ବର' ସଦୃଶ ଥିଲା । ଆପଣ କିନ୍ତୁ ଚିଠିରେ ଶ୍ରୀ ରାୟଙ୍କୁ 'ଏବ୍‌ଲ ଅଫିସର' ବା ଦକ୍ଷ ଅଧିକାରୀ ବୋଲି ଜଣାଇଥିଲେ । ତେଣୁ ସେ ନଯାଇ ରହିଯାଇଥିଲେ । ପ୍ରକୃତରେ ଶ୍ରୀ ରାୟ ଖାଲି ଦକ୍ଷ ଅଧିକାରୀ ନଥିଲେ, ସେ ଓଡ଼ିଶାର ପରମ ହିତୈଷୀ ଥିଲେ । ସେ ହିଁ ପଠାଣି ସାଆନ୍ତଙ୍କୁ ବିଶ୍ୱଦରବାରରେ ଚିହ୍ନାଇଦେଇଥିଲେ । ଅବଶ୍ୟ କେବଳ ଶ୍ରୀ ଦତ୍ତଙ୍କ ପ୍ରତି ଅନ୍ୟାୟ ହୋଇଥିଲା ।

ମଜୁମଦାର ସାହେବ! ଭଗବାନ ଶ୍ରୀକୃଷ୍ଣଙ୍କୁ ଅପମାନିତ କରି ସେଦିନ ଜୟଗୋପାଳ ଦେ ତା'ର ବିଷମ ପରିଣାମ ଭୋଗ କରିଥିଲେ । ମାତ୍ର ଆଜି... । ଆଜି ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ପୁସ୍ତକ ଲେଖିଥିବା ଅଧ୍ୟାପକଙ୍କୁ ତ ସମ୍ମାନିତ କରାଯାଇଛି । ହିନ୍ଦୁଧର୍ମରେ କୁସଂସ୍କାର ଭରିରହିଛି ବୋଲି ସଭାସମିତି କରି ବଖାଣିବାରେ ଲାଗିଥିବା ଅଧ୍ୟାପକ ତ ବାହାବା ନେଉଛନ୍ତି, ଇତ୍ୟାଦି, ଇତ୍ୟାଦି । ସ୍ୱର୍ଗରେ ଥାଇ ଆପଣ ଏସବୁ ଦେଖୁଛନ୍ତି ତ ?

॥ ଇତି ॥

ଭବଦୀୟ

ଗୀତାପ୍ରେମୀ ଭଗବାନ ଦାସ

●

# ଚିଟ୍‌ପଣ୍ଡିଆ ନେତାଙ୍କୁ ପତ୍ନୀଙ୍କ ଚିଠି

ପ୍ରିୟତମ,

ଦୂରରେ ଥାଇ ତୁମକୁ ପ୍ରଣାମ ଜଣାଉଛି । ଜେଲଖାନାରୁ ତୁମେ ଲେଖିଥିବା ଚିଠି ପାଇଛି । ତା' ପୂର୍ବରୁ ଟେଲିଭିଜନ୍‌ର ପରଦାରେ ତୁମକୁ ଦେଖି ବେଶ୍ ଖୁସି ହୋଇଥିଲି । ସେଦିନ ତୁମକୁ କାରାଗାରରୁ କଚେରିକୁ ଅଣାଯାଇଥିଲା । ଶେରୱାନି ପିନ୍ଧି ତୁମେ ଖୁବ୍ ସୁନ୍ଦର ଦିଶୁଥିଲ; ଠିକ୍ ଜ୍ୱାଇଁପୁଅ ଭଳି ଦିଶୁଥିଲ । ତୁମ ମୁଖମଣ୍ଡଳରେ ହତାଶା ବା ବ୍ୟସ୍ତତାର ଲେଶମାତ୍ର ଚିହ୍ନ ନଥିଲା । ଶାସ୍ତ୍ରାନୁସାରେ ଦୁଃଖ ଆସିଲେ ବି ଯେଉଁ ବ୍ୟକ୍ତିଙ୍କ ମନରେ ଉଦ୍‌ବେଗ ଜାତ ହୁଏନାହିଁ, ତାଙ୍କୁ ସ୍ଥିରବୁଦ୍ଧି ବୋଲି କୁହାଯାଏ । ଶାସ୍ତ୍ରର ଏହି ମହାନ୍ ବାକ୍ୟ ତୁମଠାରେ ପ୍ରତିଫଳିତ ହୋଇଥିବା ସେଦିନ ଲକ୍ଷ୍ୟ କରିଥିଲି ।

ତା'ପରେ ଖବରକାଗଜରେ ପଢ଼ିଲି ଯେ, ତୁମେ ବାହାରେ ଯେମିତି ଥିଲ, ଭିତରେ ସେମିତି ଅଛ । ତୁମ ପାଇଁ ଜେଲଖାନାରେ ଅଲଗା ରୋଷେଇ ହେଉଛି । ତୁମର ପ୍ରିୟ ସିଗାରେଟ୍ ବି ତୁମକୁ ମିଳିଯାଉଛି । ଏସବୁ ଜାଣି ଭାରି ଖୁସି ହେଲି । ମୋ ରାଣ, ଆମ ପାଇଁ ଆଦୌ ବ୍ୟସ୍ତ ହେବନାହିଁ । ତୁମେ ତ ଆମ ପାଇଁ ଅମାପ ସମ୍ପତ୍ତି ରଖିଦେଇଛ । ବସି ଖାଇଲେ ନଈବାଲି ସିନା ସରିଯିବ, ମାତ୍ର ତୁମେ ରଖିଥିବା ଅଗାଧ ଧନ ସରିବନାହିଁ । ଖାଲି ଆମେ ନୁହେଁ, ଆମର ଆଗାମୀ ତିନିପୁରୁଷ ବସିଶୋଇ ଚଳିଯିବେ । ତୁମର ପୁଅ ତ ତୁମଠାରୁ ବେଶୀ ପାରଙ୍ଗମ ହୋଇଯାଇଛି । ଲୋକମାନେ କହୁଛନ୍ତି, 'ବାପ୍ ସେ ବେଟା ଜାଦା' ।

ଦିନେ ତୁମେ ସୁଖରେ ବୁଡ଼ିରହିଥିଲ । ଜନତାଙ୍କ ପଇସାରେ ତାରକା ହୋଟେଲରେ ଖାଉଥିଲ । ଉଡ଼ାଜାହାଜରେ ବିଦେଶ ବୁଲୁଥିଲ । କାର୍‌ରେ ସୁନ୍ଦରୀମାନଙ୍କୁ ଆଣି ନଚାଉଥିଲ ଇତ୍ୟାଦି, ଇତ୍ୟାଦି । ଆଜି ଏସବୁରେ ଅବଶ୍ୟ ବାଧା ସୃଷ୍ଟି ହୋଇଛି । ମାତ୍ର ଏ ଅବସ୍ଥା ଚିରଦିନ ପାଇଁ ରହିବନାହିଁ । ଆଜି ନହେଲେ କାଲି ତୁମକୁ ନିଶ୍ଚୟ ଜାମିନ ମିଳିଯିବ । କାରଣ ଆମ ଦେଶରେ "ଜାମିନ ହେଉଛି ବିଧି, ଜେଲ ହେଉଛି ବ୍ୟତିକ୍ରମ ।" ଥରେ ଜାମିନ ପାଇଗଲେ କଥା ସରିଯିବ । ମାମଲା ତା'

ବାଟରେ ଚାଲିଥିବ । ବର୍ଷ ପରେ ବର୍ଷ ବିତିଯିବ । ଆମ ଜୀବଦ୍ଦଶାରେ ମାମଲା ସରିବନାହିଁ ।

ଜନତାଙ୍କଠାରୁ ଝୁଣିଥିବା ଟଙ୍କା ତୁମେ ତ ଏକା ଖାଇଯାଇ ନାହଁ । ବଦାନ୍ୟ ଚିତ୍ତରେ ତୁମେ ଏହାର ସିଂହଭାଗ ରାଜନ୍ୟବର୍ଗଙ୍କ ମଧ୍ୟରେ ବଣ୍ଟନ କରିଛ । ସେଥିଲାଗି ତ ସେମାନେ ଏବେ ଏକ 'କର୍ପସ୍ ପାଣ୍ଠି' ଗଠନ କରିଛନ୍ତି । ଜନତାଙ୍କଠାରୁ ଟିକସ ଆକାରରେ ଆସିଥିବା ଅର୍ଥରେ ଏହି ପାଣ୍ଠି ଗଠନ କରାଯାଇଛି । ତୁମେ ସେମାନଙ୍କଠାରୁ ଲୁଟିଥିବା ଟଙ୍କା ଏହି ପାଣ୍ଠିରୁ ହିଁ ଭରଣା କରାଯିବ ବୋଲି କୁହାଯାଉଛି । ଚମତ୍କାର, ଚମତ୍କାର ପନ୍ଥା ।

ହଇହେ ! ମୋତେ ବାହା ହେଲାପରେ ହିଁ ତୁମର ଭାଗ୍ୟ ବଦଳିଥିଲା । ତୁମ ଘରକୁ ଅର୍ଥର ସ୍ରୋତ ଛୁଟିଥିଲା । 'ଅର୍ଥ'ର ପ୍ରାଚୁର୍ଯ୍ୟ ତୁମକୁ ଅବଶ୍ୟ 'କାମ' ଆଡ଼କୁ ଟାଣିନେଇଥିଲା । କାମ ପ୍ରବୃତ୍ତିର ଚରିତାର୍ଥ ପାଇଁ ତୁମେ... ଛାଡ଼ ସେକଥା । ଜେଲଖାନାରୁ ମୁକୁଳିବା ପରେ ମୁଁ କିନ୍ତୁ ତୁମକୁ ଏକ ପ୍ରସିଦ୍ଧ ଆଶ୍ରମକୁ ପଠାଇଦେବି । ସେଠାରେ ରହି ତୁମେ ଖାଲି 'ଧର୍ମ' ଅର୍ଜନ କରିବ । ଶେଷରେ 'ଧର୍ମ', 'ଅର୍ଥ' ଓ 'କାମ' ତୁମକୁ 'ମୋକ୍ଷ' ପଥରେ ନେଇଯିବ । ମୁଁ ତୁମକୁ ବହୁତ ଭଲପାଏ । ତେଣୁ ତୁମ ପାଇଁ ଏତକ ନିଶ୍ଚୟ କରିବି ।

ତୁମ ଯୋଗୁଁ ସାରା ଜୀବନର କଷ୍ଟଲବ୍ଧ ସଞ୍ଚିତ ଧନକୁ ହରାଇଥିବା ସାଧାରଣ ଜନତାର ଆଖିର ଲୁହ କିନ୍ତୁ ବ୍ୟର୍ଥ ଯିବନାହିଁ । ତୁମେ ଲୁଟିଥିବା ଧନକୁ ଫେରିପାଇବା ପାଇଁ ସେମାନେ ଚଳାଇଥିବା ସଂଗ୍ରାମ ଅବଶ୍ୟ ଫଳପ୍ରସୂ ହେବ । ଆମର ରାଜା ଗାଦିଚ୍ୟୁତ ହେବେ ଏବଂ ଗାଦିଚ୍ୟୁତ ହୋଇ ସେ ଦେଶାନ୍ତର ଗମନ କରିବେ । ପାରିଷଦବୃନ୍ଦ ପାତାଳରେ ପଶିବେ । ସେଥିରେ ଅବଶ୍ୟ ଆମର ଯାଏ କେତେ, ଆସେ କେତେ ।

॥ ଇତି ॥
ତୁମର ଆଦରର
ମୁଁ

●

# ଭଗବାନ ଦାସଙ୍କ ଭାଷଣ

ସେଦିନ ରିଙ୍ଗ ରୋଡ଼ରେ ଗଲାବେଳେ ଅଧ୍ୟାପକ ଭଗବାନ ଦାସ ଛିଡ଼ା ହୋଇ ଭାଷଣ ଦେଉଥିବାର ମୁଁ ଦେଖିବାକୁ ପାଇଥିଲି । ରାସ୍ତାକଡ଼ର ଏକ ପରିବା ଦୋକାନ ସାମନାରେ ଛିଡ଼ା ହୋଇ ସେ ଭାଷଣ ଦେଉଥିଲେ । କିଛିଲୋକ ତାଙ୍କୁ ଘେରିରହି ତାଙ୍କ ଭାଷଣ ଶୁଣୁଥିଲେ । ଏହା ଦେଖି ମୁଁ ସାଇକେଲରୁ ଓହ୍ଲାଇପଡ଼ିଥିଲି ।

ଅଧ୍ୟାପକ ଦାସ ମୋତେ କଲେଜରେ ପଢ଼ାଇଥିଲେ । ସେ ଜଣେ ଆଦର୍ଶ ଅଧ୍ୟାପକ ଥିଲେ ଏବଂ ଦର୍ଶନଶାସ୍ତ୍ର ଅଧ୍ୟାପନା କରୁଥିଲେ । ଯୁକ୍ତତିନି ଶ୍ରେଣୀରେ ମୁଁ ଦର୍ଶନଶାସ୍ତ୍ରକୁ ପାସ୍ ରୂପେ ରଖିଥିଲି । ତାଙ୍କର ବ୍ୟକ୍ତିତ୍ୱ ମୋତେ ଖୁବ୍ ପ୍ରଭାବିତ କରିଥିଲା ।

ସାଇକେଲରୁ ଓହ୍ଲାଇ ମୁଁ ସାରଙ୍କ ପାଖକୁ ଯାଇଥିଲି । ମୁଁ ତାଙ୍କୁ ପ୍ରଣାମ କଲାରୁ ସେ ଯନ୍ତ୍ରବତ୍ ହାତ ଉଠାଇଥିଲେ । ମାତ୍ର ମୋ ଆଡ଼େ ନଚାହିଁ ସେ ତାଙ୍କର ଭାଷଣ ଚାଲୁ ରଖିଥିଲେ । ସେ କହୁଥିଲେ, “ଚାହା କପ୍‌ର ଦାମ୍ ଆସି ପାଞ୍ଚଟଙ୍କା ହେଲାଣି । କୋଡ଼ିଏଟଙ୍କା ଦେଲେ ଚାରିକପ୍ ଚାହା ହିଁ ମିଳିବ ।” ଏ କଥାର ପ୍ରତିବାଦ ଜଣାଇ ଜନୈକ ଶ୍ରୋତା କହିଥିଲେ, “ଆମ ଅଞ୍ଚଳରେ କିନ୍ତୁ ଚାହା କପ୍‌ର ମୂଲ୍ୟ ଚାରିଟଙ୍କା ଅଛି ।” “ଭଲ ହେଲା । ତା’ହେଲେ କୋଡ଼ିଏଟଙ୍କାରେ ପାଞ୍ଚକପ୍ ଚାହା ମିଳିବ । ସେତେ ବେଶୀ ଫରକ ନାହିଁ,” ଅଧ୍ୟାପକ ଦାସ କହିଥିଲେ ।

ପରିବା ଦୋକାନ କରିଥିବା ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରୁ ସ୍ତ୍ରୀ କହିଥିଲା, “ବାବୁ, ଆମେ ଟଙ୍କା ଦେଇ ଦୋକାନରୁ ଚାହା ପିଇବା ଲୋକ ନୋହୁଁ । କୋଡ଼ିଏଟଙ୍କା ଦେଇଥିଲେ ଅଠରଟଙ୍କାରେ ଆମକୁ ଏକକିଲୋ ଚାଉଳ ମିଳିଥାନ୍ତା ଓ ଆଉ ଦୁଇଟଙ୍କା ବଳିଥାନ୍ତା । ଚାଉଳ ଆଣିଥିଲେ ଭାତ ରାନ୍ଧି ଖାଇଥାନ୍ତୁ ।” “ହଉ ହେଲା । ଓଳିଏ ଉପାସ ରହିଯିବ । ଓଳିଏ ଉପାସ ରହିଲେ ତ ମରିଯିବ ନାହିଁ,” ଅଧ୍ୟାପକ ଦାସ କହିଥିଲେ । “ଉପାସ ରହିବା ଆମ ପାଇଁ ନୂଆ କଥା ନୁହେଁ, ବାବୁ,” ସ୍ୱାମୀ ଜବାବ ଦେଇଥିଲା । “କୋଡ଼ିଏଟଙ୍କା ନେଇ ସେ ଧନୀ ହୋଇଯିବ ନାହିଁ କିମ୍ବା କୋଡ଼ିଏଟଙ୍କା ହରାଇ ତୁମେ ଗରିବ ହୋଇଯିବ ନାହିଁ”, ସାର୍ କହିଥିଲେ । ଏହାର ଉତ୍ତରରେ ସ୍ୱାମୀ କହିଥିଲା, “ଆମେ ତ ଗରିବ ଲୋକ । ଆଉ କେତେ ଗରିବ ହେବୁ, ବାବୁ !”

ଆଳୁ, ପିଆଜ ଓ ଫୁଲକୋବି ଧରି ରାସ୍ତାକଡ଼ରେ ସ୍ୱାମୀ ଓ ସ୍ତ୍ରୀ ବସିଥିଲେ । ଏହାକୁ ପରିବା ଦୋକାନ ବୋଲି କୁହାଯିବ କି ନାହିଁ, ତାହା ବି ଏକ ପ୍ରଶ୍ନ ଥିଲା । ସେ ଯାହାହେଉ, କ'ଣ ଘଟିଛି ଜାଣିବା ପାଇଁ ମୁଁ ଉତ୍ସୁକ ହୋଇପଡ଼ିଥିଲି । ମୋ ପରି ପଛରେ ପହଞ୍ଚିଥିବା ଲୋକମାନେ ବି ଘଟଣା କ'ଣ ଜାଣିବା ପାଇଁ ବ୍ୟଗ୍ର ହୋଇଉଠିଥିଲେ । "କ'ଣ ହୋଇଛି ?" ଜନୈକ ଶ୍ରୋତା ପ୍ରଶ୍ନ କରିଥିଲେ ।

ଦୁଇପ୍ରାଣୀଙ୍କ ମଧ୍ୟରୁ ସ୍ୱାମୀ କହିଥିଲା, କାର୍ ଚଳାଇ ଏହି ବାଟେ ଯାଉଥିବା ଜଣେ ବାବୁ ଆମକୁ ଦେଖି ଗାଡ଼ି ଅଟକାଇଥିଲେ । କାର୍‌ରୁ ଓହ୍ଲାଇ ସେ ଆମ ପାଖକୁ ଆସିଥିଲେ ଓ କାର୍ ଭିତରେ ତାଙ୍କର ସ୍ତ୍ରୀ ଓ ପିଲା ବସିରହିଥିଲେ । ସେ ଆମଠାରୁ ଆଳୁ ଓ କୋବି କିଣିଥିଲେ । ସେ ତାହା ଧରି ବାହାରିଲାବେଳେ ମୋ ସ୍ତ୍ରୀ ହିସାବ କରି କୋଡ଼ିଏଟଙ୍କା ଦେବାକୁ କହିଥିଲା । ଦେଇଦେଇଛି ବୋଲି କହି ସେ ଗାଡ଼ି ପାଖକୁ ଚାଲିଯାଇଥିଲେ । ମୁଁ ତାଙ୍କଠାରୁ ଟଙ୍କା ରଖିଛି କି ବୋଲି ସ୍ତ୍ରୀ ମୋତେ ପଚାରିଥିଲା । ମୁଁ ଜାମା ପକେଟ ଅଣ୍ଡାଳିଥିଲି; ତହିଁରେ ଟଙ୍କା ନଥିଲା । ଛିଡ଼ା ହୋଇ ପ୍ୟାଣ୍ଟ ପକେଟ ଘାଣ୍ଟିଥିଲି; ତହିଁରେ ବି ଟଙ୍କା ନଥିଲା । ନା, ମୋତେ ଦେଇନାହାନ୍ତି ବୋଲି କହିଥିଲି । ଏହା ଶୁଣି ମୋ ସ୍ତ୍ରୀ ପାଟି କରି ଉଠିଥିଲା । ମାତ୍ର ସେତେବେଳକୁ ବାବୁଙ୍କର ଗାଡ଼ି ଆମ ଆଖି ଆଢୁଆଳକୁ ଚାଲିଯାଇଥିଲା ।

ହଁ, ସ୍ତ୍ରୀର ପାଟି ଶୁଣି ସେହି ବାଟେ ଯାଉଥିବା ଅଧ୍ୟାପକ ଭଗବାନ ଦାସ ଅଟକିଯାଇଥିଲେ । ଘଟଣା କ'ଣ ଶୁଣି ସେ ତାଙ୍କର ଭାଷଣ ଆରମ୍ଭ କରିଦେଇଥିଲେ । ଦ୍ୱିତୀୟଥର ତାହା ଶୁଣିବା ପରେ ସେ କହିଥିଲେ, "କ୍ଷେତକୁ ଯାଇ ମାଗିଥିଲେ ତ ଚାଷୀ ମାଗଣାରେ କୋବି ଦେଇଥାନ୍ତା । ତାହା ନକରି.... ।" ସାର୍‌ଙ୍କ କଥା ଶେଷ କରିବାକୁ ନଦେଇ ଜନୈକ ଶ୍ରୋତା କହିଥିଲେ, "କ୍ଷେତକୁ ଯାଇଥିଲେ ବାବୁଙ୍କର ଗାଡ଼ି ପାଇଁ ତେଲ ଖର୍ଚ୍ଚ ହୋଇଥାନ୍ତା । ଏବେ କିନ୍ତୁ ପୂରା ମାଗଣାରେ କୋବି ଓ ତା' ସାଙ୍ଗକୁ ଆଳୁ ମିଳିଗଲା । ଆଜି ବାବୁଙ୍କ ଘରେ କୋବି-ଆଳୁ ତରକାରି ହେବ ନିଶ୍ଚୟ ।" "ସେ ତରକାରି କିନ୍ତୁ ସେମାନଙ୍କ ଦେହରେ ଯିବନାହିଁ । ସେମାନେ ଡାକ୍ତରଖାନାକୁ ଦୌଡ଼ିବେ", ସାର୍ ପାଟି କରି ଉଠିଥିଲେ । କପାଳରେ ହାତ ମାରି ସ୍ତ୍ରୀ କହିଥିଲା, "ଆମର କୋଡ଼ିଏଟଙ୍କା ଯେ ଚାଲିଗଲା, ବାବୁ ।"

ଅଧ୍ୟାପକ ଦାସ ବୁଝାଇଥିଲେ, "ବ୍ୟସ୍ତ ହୁଅନାହିଁ । ସେ ନର୍କରେ ପଡ଼ିବ । ନିଶ୍ଚୟ ନର୍କରେ ପଡ଼ିବ ।" "ସାର୍, ଏ ଜନ୍ମରେ ନା ଆର ଜନ୍ମରେ?" ମୁଁ ପଚାରିଦେଇଥିଲି । ସାର୍ ଉତ୍ତର ଦେଇଥିଲେ, "ଏହି ଜନ୍ମରେ ।" ସାମାନ୍ୟ ରହି ସେ

କହିଥିଲେ, "ତା ଦେହରେ ଏକ ବଥ ହେବ । ସେ ବଥ ଆଉ ଭଲ ହେବନାହିଁ । ସେ ଡାକ୍ତରଖାନାକୁ ଦୌଡ଼ିବ । ଡାକ୍ତର କହିବେ, କ୍ୟାନସର ହୋଇଛି । ଚିକିତ୍ସା ପାଇଁ ତା'ର ଅଜସ୍ର ଅର୍ଥ ଖର୍ଚ୍ଚ ହେବ । ତା'ର କାର୍ ବିକ୍ରି ହୋଇଯିବ । ତା'ର ଘର ବିକ୍ରି ହୋଇଯିବ । କିନ୍ତୁ ଚିକିତ୍ସାରେ କିଛି ଲାଭ ହେବନାହିଁ । ଶେଷରେ ସେ ମୃତ୍ୟୁମୁଖରେ ପଡ଼ିବ । ତା'ର ସ୍ତ୍ରୀ ଓ ପିଲା ଦାଣ୍ଡର ଭିକାରି ହୋଇଯିବେ ।"

"ସାର୍, ମାତ୍ର କୋଡ଼ିଏଟଙ୍କା ପାଇଁ ଏତେ କଥା ହୋଇଯିବ ?" ମୁଁ ପ୍ରଶ୍ନ କରିଥିଲି । ସାର୍ ଉତ୍ତର ଦେଇଥିଲେ, "ହଁ ହେବ । ନିଶ୍ଚୟ ହେବ ।" ସାର୍‌ଙ୍କ କଥା ଦୁଇପ୍ରାଣୀଙ୍କ ମନରେ ସାନ୍ତ୍ୱନା ଭରିଦେଇଥିଲା । ତାହା ସେମାନଙ୍କ ଦୁଃଖ ଲାଘବ କଲା ପରି ଜଣାଯାଇଥିଲା । ସେମାନଙ୍କ ମୁହଁରେ ହସ ଫୁଟିଉଠିଥିଲା । ଖାଲି ସେତିକି ନୁହେଁ, ତାହା ମୋ ମନରେ ବି ଆଶାର ସଞ୍ଚାର କରିଥିଲା ।

ତା'ପରେ ସାର୍ ସେଠାରୁ ବିଦାୟ ନେଇ ଆସିଥିଲେ । ମୁଁ ସାଇକେଲ ଗଡ଼ାଇ ତାଙ୍କ ସଙ୍ଗେ ଚାଲିଥିଲି । ସେ ମୋର ଭଲମନ୍ଦ ପଚାରି ବୁଝିଥିଲେ । କ୍ରମେ ଅତୀତର ସେହି ଅଭୁଲା ସ୍ମୃତି ମୋ ମାନସପଟରେ ଭାସିଉଠିଥିଲା । ମୁଁ ଆରମ୍ଭ କରିଥିଲି, ଚାକିରିଖଣ୍ଡେ ପାଇବା ପାଇଁ ମୁଁ ବାରମ୍ବାର ହୋଇ ବିଫଳ ହୋଇଥିଲି । ଶେଷରେ ଏଥିଲାଗି ବିଶିଷ୍ଟ 'ସମାଜସେବୀ' ଶ୍ରୀ ଖଡ଼ି ମହାପାତ୍ରଙ୍କ ଦ୍ୱାରସ୍ଥ ହୋଇଥିଲି । ସେ ଶାସକଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ ଏବଂ ମନ୍ତ୍ରୀମାନଙ୍କ ସହିତ ତାଙ୍କର ସୁସମ୍ପର୍କ ଥିଲା । ସେ ଏକ ଭବ୍ୟ ଦ୍ୱିତଳ ପ୍ରାସାଦ ନିର୍ମାଣ କରି ତହିଁରେ ସ୍ତ୍ରୀ ଓ ପିଲାଙ୍କ ସହ ରହୁଥିଲେ । ତାଙ୍କର ଏକ ଖୁବ୍ ମୂଲ୍ୟବାନ କାର୍ ଥିଲା । ତାଙ୍କଦ୍ୱାରା କାମ ହୋଇପାରିବ ବୋଲି ମୁଁ ନିଶ୍ଚିତ ହୋଇପଡ଼ିଥିଲି ।

ମୋଠାରୁ ଦୁଃଖ ଶୁଣିଲା ପରେ ଶ୍ରୀ ମହାପାତ୍ର ମୋର ଚାକିରି କରାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ମୋତେ ଦଶହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଦେଇଥିଲେ । ଅର୍ଥର ପରିମାଣ କମ୍ କରିବା ପାଇଁ ମୁଁ ତାଙ୍କୁ ଅନୁରୋଧ କରିଥିଲି । ମାତ୍ର ତାହା ଆଦୌ ସମ୍ଭବ ନୁହେଁ ବୋଲି ସେ ରୋକ୍‌ଠୋକ୍ ଜଣାଇଦେଇଥିଲେ ଏବଂ ପୂରା ଟଙ୍କା ଶୀଘ୍ର ଦେଇଦେବା ପାଇଁ କହିଥିଲେ । ଅଗତ୍ୟା ମୁଁ ମରିପଡ଼ି ଟଙ୍କା ଯୋଗାଡ଼ କରି ତାଙ୍କ ହାତରେ ଧରାଇଦେଇଥିଲି ।

ମୁଁ ଇଣ୍ଟରଭ୍ୟୁ ଦେଇଥିଲି ଓ ଯଥାସମୟରେ ଫଳ ପ୍ରକାଶ ପାଇଥିଲା । ମାତ୍ର ତହିଁରେ ମୋ ନାମ ନଥିବା ଦେଖି ମୋ ପାଦତଳୁ ମାଟି ଖସିଯାଇଥିଲା । ମୁଁ ଶ୍ରୀ ଖଡ଼ି ମହାପାତ୍ରଙ୍କ ଘରକୁ ଦୌଡ଼ି ଥିଲି । ମାତ୍ର ତାଙ୍କର ଦେଖାନପାଇ ହତାଶ ହୋଇ

ଫେରିଥିଲି । ଦଶଥର ସରିକି ଗଲା ପରେ ଦିନେ ତାଙ୍କର ଦେଖା ପାଇଥିଲି । ମୋର ଚାକିରି ହୋଇନଥିବା କଥା ଜଣାଇ ଟଙ୍କା ଫେରାଇଦେବାକୁ ପ୍ରାର୍ଥନା କରିଥିଲି । ସେ ଖୁବ୍ ରାଗିଯାଇ କହିଥିଲେ, "ତୁମ ଟଙ୍କା ମୁଁ ମନ୍ତ୍ରୀଙ୍କୁ ଦେଇଦେଇଛି । ତେଣୁ ତାହା ଫେରାଇବାର ପ୍ରଶ୍ନ ଉଠୁନାହିଁ ।" ପୁନର୍ବାର ତାଙ୍କ ଘରକୁ ନଆସିବା ପାଇଁ ସେ ମୋତେ ଧମକ ଦେଇଥିଲେ । ତାଙ୍କର ନାଲିଆଖି ଦେଖି ମୋର ମନରେ ଭୟର ସଞ୍ଚାର ହୋଇଥିଲା ।

"ସାର୍, କୋଡ଼ିଏଟଙ୍କା ଠକିଦେଇଥିବା ବ୍ୟକ୍ତି ଯଦି କ୍ୟାନସରରେ ମରିବ, ତେବେ ମୋଠାରୁ ଦଶହଜାର ଟଙ୍କା ଠକି ନେଇଥିବା ବ୍ୟକ୍ତିର କ'ଣ ହେବ ?" ଖୁବ୍ ଉତ୍ସୁକତାର ସହ ମୁଁ ଅଧ୍ୟାପକ ଦାସଙ୍କୁ ପଚାରିଥିଲି । ସାର୍ ଅଟକିଯାଇଥିଲେ ଓ ମୋ ମୁହଁକୁ ଚାହିଁଥିଲେ । ଧୀର ସ୍ୱରରେ କହିଥିଲେ, "କୋଡ଼ିଏଟଙ୍କା ଠକିନେଇଥିବାରୁ ସେ ଲୋକ କ୍ୟାନସର ଭୋଗିବନାହିଁ । ଏଥିଯୋଗୁଁ ସେ କୋବି-ଆଳୁ ତରକାରି କରି ଖାଇବ । ସେହିପରି ତୁମଠାରୁ ଦଶହଜାର ଟଙ୍କା ଠକିନେଇଥିବା ଖଡ଼ି ମହାପାତ୍ର ସେଥିଲାଗି ନର୍କରେ ପଡ଼ିବନାହିଁ । ତୁମଠାରୁ ନେଇଥିବା ଟଙ୍କାକୁ ସେ ତା' ଘରର ତୃତୀୟ ମହଲା ନିର୍ମାଣରେ ଖଟାଇବ ।"

ଆଶାହୀନ ହୋଇ ମୁଁ ଅଧ୍ୟାପକ ଦାସଙ୍କୁ ପ୍ରଶ୍ନ କରିଥିଲି, "ତା'ହେଲେ ସେ ଦୁଇପ୍ରାଣୀଙ୍କୁ ଆପଣ ସେପରି କଥା କାହିଁକି କହୁଥିଲେ ?" ସ୍ଥିରଚିତ୍ତରେ ସାର୍ ଉତ୍ତର ଦେଇଥିଲେ, "ସେମାନଙ୍କର ଦୁଃଖ ଲାଘବ କରି କାର୍ଯ୍ୟ କରିଚାଲିବାକୁ ପ୍ରେରଣା ଦେବା ପାଇଁ ମୁଁ ଏପରି କଥା କହିଥିଲି ।"

ଅଧ୍ୟାପକ ଭଗବାନ ଦାସଙ୍କୁ ପ୍ରଣାମ କରି ସାଇକେଲ ଚଳାଇ ମୁଁ ମୋ ବାଟରେ ଯାଇଥିଲି । କିନ୍ତୁ ଶେଷ ପର୍ଯ୍ୟନ୍ତ 'ଚିତାକଟା' ଖଡ଼ି ମହାପାତ୍ରକୁ ଭୁଲିପାରି ନଥିଲି । ଅନ୍ୟମାନଙ୍କୁ ପଚାରି ତା'ର ଖବରଅନ୍ତର ରଖୁଥିଲି । ଉପର ବର୍ଣ୍ଣିତ ଘଟଣାର ବହୁବର୍ଷ ପରେ ସମ୍ବାଦ ପାଇଥିଲି ଯେ, ଖଡ଼ି ମହାପାତ୍ରର ପୁଅ ନିଶାସକ୍ତ ବା ଡ୍ରଗ୍ ଆଡ଼ିକ୍ଟ ହୋଇଯାଇଛି । ସେ ମଦ ପିଇ ରାସ୍ତାରେ ଗଡୁଛି । ପରିଚିତ ଲୋକ ତାକୁ ରାସ୍ତାରୁ ଉଠାଇ ଘରେ ଛାଡୁଛନ୍ତି । ଏହା ଜାଣି ପିଲାବେଳେ ଶୁଣିଥିବା ଏକ ଢଗ ମୋର ମନେପଡ଼ିଥିଲା । "ପୁଅ ଯେବେ ଯୋଗ୍ୟ, ଧନ କାହିଁ ପାଇଁ ସଞ୍ଚୁ । ପୁଅ ଯେବେ ଅଯୋଗ୍ୟ, ଧନ କାହିଁ ପାଇଁ ସଞ୍ଚୁ ।"

●

# ଫୁଟବଲ ଓ ସଂରକ୍ଷଣ

ବୀରକିଶୋର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସରେ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିବା ପାଇଁ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । ରାଜ୍ୟର ମାନ୍ୟବର କ୍ରୀଡ଼ାମନ୍ତ୍ରୀ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ । 'ଟ୍ରାଫିକ୍ ଜାମ୍' ଯୋଗୁଁ ସେ ଏକଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ମଧ୍ୟ ଫୁଟବଲପ୍ରେମୀମାନେ ଆଦୌ ଧୈର୍ଯ୍ୟହରା ନହୋଇ ଉତ୍ସୁକତାର ସହ ତାଙ୍କୁ ଅପେକ୍ଷା କରି ରହିଥିଲେ । ସେ ପହଞ୍ଚିବାମାତ୍ରେ ଉଦ୍ୟୋକ୍ତାମାନେ ଆଉ ବିଳମ୍ବ ନକରି ସଭାକାର୍ଯ୍ୟ ଆରମ୍ଭ କରିଦେଇଥିଲେ ।

ପ୍ରଥମେ ଅନୁଷ୍ଠାନର ସମ୍ପାଦକ ହୟଗ୍ରୀବ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେ କହିଥିଲେ, "ଆମର ପରମ ସୌଭାଗ୍ୟ ଯେ, ଆମେ ଆଜି ଆମର ଅତିପ୍ରିୟ କ୍ରୀଡ଼ାମନ୍ତ୍ରୀ ମାନ୍ୟବର ସଂକର୍ଷଣଜୀଙ୍କୁ ମୁଖ୍ୟଅତିଥି ରୂପେ ପାଇଅଛୁ । ମନ୍ତ୍ରୀ ରୂପେ ଦାୟିତ୍ୱ ନେବା ଦିନଠାରୁ ସେ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଅହରହ ଚିନ୍ତା କରିଚାଲିଛନ୍ତି । ଆମେ ତାଙ୍କୁ ନିମନ୍ତ୍ରଣ କରିବାକୁ ଯିବା ଦିନ ସେ ଗତ ବିଶ୍ୱକପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଆମ ଦେଶ ଯୋଗ୍ୟ ବିବେଚିତ ହୋଇନଥିବାରୁ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଦୁଃଖ ପ୍ରକାଶ କଲାବେଳେ ତାଙ୍କର ଆଖି ଛଳଛଳ ହୋଇଯାଇଥିଲା ଏବଂ କଣ୍ଠ ବାଷ୍ପାକୁଳ ହୋଇପଡ଼ିଥିଲା । କ୍ରୀଡ଼ା ପ୍ରତି ମନ୍ତ୍ରୀଙ୍କର ଅନୁରାଗ ଦେଖି ଆମେ ଚକିତ ହୋଇଯାଇଥିଲୁ ।"

ତା'ପରେ ସଭାପତିଙ୍କ ଅନୁରୋଧକ୍ରମେ ମୁଖ୍ୟଅତିଥି ମାନ୍ୟବର କ୍ରୀଡ଼ାମନ୍ତ୍ରୀ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ । ଶ୍ରୋତୃମଣ୍ଡଳୀଙ୍କୁ ଯଥାମାନ୍ୟ ସମ୍ବୋଧନ କରି ସେ କହିଥିଲେ, "ଆପଣମାନେ ଜାଣନ୍ତି, ଆମର ପ୍ରିୟ ଜନ୍ମଭୂମି ଭାରତବର୍ଷରେ ୧୨୫ କୋଟି ଲୋକ ବାସ କରନ୍ତି । ଏବେ ମଧ୍ୟ ଫୁଟବଲ ଆମ ଦେଶର ଦ୍ୱିତୀୟ ଜନପ୍ରିୟ ଖେଳ ହୋଇ ରହିଛି । କିନ୍ତୁ ଅତ୍ୟନ୍ତ ଲଜ୍ଜାର କଥା ଯେ, ଆମେ ଗତ ବିଶ୍ୱକପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗନେବାର ଯୋଗ୍ୟତା ହାସଲ କରିପାରିଲୁ ନାହିଁ । ଅଥଚ ଗୃହଯୁଦ୍ଧ, ଆତଙ୍କବାଦୀ କାର୍ଯ୍ୟକଳାପ ଆଦି ଯୋଗୁଁ ଅଶାନ୍ତ ହୋଇପଡ଼ିଥିବା ନାଇଜେରିଆ, ଆଲଜେରିଆ, ଆଇଭରି କୋଷ୍ଟ, ଇରାନ ଭଳି ଦେଶ ଆମକୁ ପଛରେ ପକାଇ ବିଶ୍ୱକପ ଫୁଟବଲ ଖେଳରେ ଭାଗ ନେଇପାରିଲେ । ଆପଣମାନଙ୍କ ଆଗରେ ଏସବୁ ବଖାଣି ମୁଁ ଚୁପ୍ ହୋଇ ବସିରହିବା ଲୋକ ନୁହେଁ । ମୁଁ

କଥାରେ ନୁହେଁ, କାମରେ ବିଶ୍ୱାସ କରେ । ଏହି ସ୍ଥିତିର ଦ୍ରୁତ ତଥା ନିଶ୍ଚିତ ଉନ୍ନତି ପାଇଁ ମୁଁ ଏକ 'ଆକ୍ସନ୍ ପ୍ଲାନ୍' ପ୍ରସ୍ତୁତ କରିଛି ଏବଂ ତାହା ଏବେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି ।"

ମନ୍ତ୍ରୀ ଟେବୁଲ ଉପରେ ଥୁଆ ହୋଇଥିବା ଏକ ଗିଲାସକୁ ଉଠାଇ ତହିଁରୁ ଢୋକେ ପାଣି ପିଇଥିଲେ । ତା'ପରେ କହିଥିଲେ, "ଆପଣମାନେ ଜାଣନ୍ତି ଯେ, ଫୁଟବଲ ଖେଳରେ ଗୋଟିଏ ଦଳରେ ଏଗାରଜଣ ଖେଳାଳି ଥା'ନ୍ତି । ତା'ବାଦ୍ ବାରଜଣ ବଦଳିଆ ବା ସବ୍‌ଷ୍ଟିଚ୍ୟୁଟ୍ ବି ଥା'ନ୍ତି । ମାତ୍ର ଆଶ୍ଚର୍ଯ୍ୟର କଥା, ଏପର୍ଯ୍ୟନ୍ତ ଏଥିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇନାହିଁ । ମୁଁ ଆଜି ଏଠାରେ ଘୋଷଣା କରୁଛି ଯେ, ଏହି ଖେଳାଳିମାନଙ୍କ ମଧ୍ୟରେ ୨୨.୫% ଅନୁସୂଚିତ ଜନଜାତି, ୧୬.୨୫% ଅନୁସୂଚିତ ଜାତି ଓ ୧୧.୨୫% ଏସ୍.ଇ.ବି.ସି.ର ବ୍ୟକ୍ତି ରହିବେ । ଅର୍ଥାତ୍ ଏହି ତିନିବର୍ଗର ବ୍ୟକ୍ତିଙ୍କ ପାଇଁ ଶତକଡ଼ା ପଚାଶ ସ୍ଥାନ ସଂରକ୍ଷଣ ରହିବ ।" ମାନ୍ୟବର କ୍ରୀଡ଼ାମନ୍ତ୍ରୀ ଏହି ଘୋଷଣା କଲାମାତ୍ରେ ଘନଘନ କରତାଳି ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠିଥିଲା । ସହାସ୍ୟ ବଦନରେ ମନ୍ତ୍ରୀ କରତାଳିକୁ ଉପଭୋଗ କରିଚାଲିଥିଲେ ।

ହଠାତ୍ ଖେଳପଡ଼ିଆର ଏକ କୋଣରେ କୋଳାହଳ ସୃଷ୍ଟି ହେବାର ପରିଲକ୍ଷିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହା ସ୍ଥାନୀୟ କଲେଜର ଖେଳପଡ଼ିଆ ଥିଲା ଏବଂ ପଡ଼ିଆର ସେହି କୋଣରେ କଲେଜର ଦଳେ ଛାତ୍ରୀ ସମବେତ ହୋଇଥିଲେ । ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ମଞ୍ଚ ଆଡ଼କୁ ମାଡ଼ିଆସିବା ଦେଖାଯାଇଥିଲା । ସ୍ଥିତପ୍ରଜ୍ଞ ମନ୍ତ୍ରୀ କିନ୍ତୁ ସାମାନ୍ୟ ବିଚଳିତ ନହୋଇ ସେମାନେ କ'ଣ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଥିଲେ । ସେମାନଙ୍କର ନେତ୍ରୀ କହିଥିଲେ, "ଫୁଟବଲ ଖେଳାଳିଙ୍କ ମଧ୍ୟରେ ମହିଳାମାନଙ୍କ ପାଇଁ ଯଥାଯଥ ସ୍ଥାନ ସଂରକ୍ଷଣ ରଖିବାକୁ ଆମେ ଦାବି କରୁଛୁ ।" ଆଶ୍ଚର୍ଯ୍ୟ ହୋଇ ମନ୍ତ୍ରୀ ପଚାରିଥିଲେ, "ମହିଳାମାନଙ୍କ ପାଇଁ ତ ଅଲଗା ଫୁଟବଲ ଦଳ ରହିଛି । ଏଥିରେ ପୁଣି ସେମାନଙ୍କ ପାଇଁ କିପରି ସ୍ଥାନ ସଂରକ୍ଷଣ ରହିବ ?" ନେତ୍ରୀ ଜବାବ ଦେଇଥିଲେ, "ଛାତ୍ରୀମାନଙ୍କ ପାଇଁ ତ ଅଲଗା ଶିକ୍ଷାନୁଷ୍ଠାନ ରହିଛି । ତା' ସତ୍ତ୍ୱେ ସେମାନେ ତ ପୁଣି ସାଧାରଣ ଶିକ୍ଷାନୁଷ୍ଠାନରେ ପଢ଼ୁଛନ୍ତି ।" ମନ୍ତ୍ରୀ କ'ଣ କହିବେ ଜାଣିପାରି ନଥିଲେ । ଛାତ୍ରୀମାନେ ଦାବି ପୂରଣ ହେବା ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ଘେରାଉ କରାଗଲା ବୋଲି ଘୋଷଣା କରିଥିଲେ ।

ମନ୍ତ୍ରୀଙ୍କ ଇସାରାରେ ପି.ଏ. ତତ୍‌କ୍ଷଣାତ୍ ପୁଲିସକୁ ଖବର ଦେଇଥିଲେ । ମହିଳା ପୁଲିସମାନେ ବେଶ୍ ସମୟ କସରତ କରି ମନ୍ତ୍ରୀଙ୍କୁ ଛାତ୍ରୀମାନଙ୍କ କବଳରୁ ମୁକୁଳାଇ ଥିଲେ ।

●

# ସାବାସ ! ଅନନ୍ତ

ରାଜଧାନୀର ସର୍ବୋତ୍ତମ ସଭାଗୃହରେ ସେଦିନ ଏହି ସର୍ବୋତ୍କୃଷ୍ଟ ସମାବେଶର ଆୟୋଜନ କରାଯାଇଥିଲା । ସମାବେଶକୁ ସାରାରାଜ୍ୟରୁ ବଛାବଛା ଉଦୀୟମାନ ଯୁବକମାନଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା । ଫାଟକ ପାଖରେ ନିମନ୍ତ୍ରଣପତ୍ର ଦେଖି ସେମାନଙ୍କୁ ଭଲ ରୂପେ ଯାଞ୍ଚ କରି ଭିତରକୁ ଛଡ଼ାଯାଇଥିଲା । କାରଣ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଦୌ ଭଲ ନଥିଲା । ଦିନ ଦିପହରରେ ଲୁଣ୍ଠନ, ଧର୍ଷଣ, ହତ୍ୟା ଆଦି ଅବାରିତ ଭାବେ ଚାଲିଥିଲା । ତେଣୁ ସମାବେଶ ସ୍ଥଳୀରେ ବି କୌଣସି ଅଘଟଣ ସଂଘଟିତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନଥିଲା । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତନଖି ବ୍ୟବସ୍ଥାକୁ ଖୁବ୍ କଡ଼ାକଡ଼ି କରାଯାଇଥିଲା । କହିବା ବାହୁଲ୍ୟ ଯେ, ସମାବେଶରେ ସ୍ୱୟଂ ମହାରାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା ।

ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ନିମନ୍ତ୍ରିତ ଯୁବପ୍ରତିନିଧିମାନେ ପହଞ୍ଚିଯାଇଥିଲେ ଏବଂ ସଭାକକ୍ଷ ଭରପୂର ହୋଇଯାଇଥିଲା । ଯଥାସମୟରେ ମହାରାଜ ମହାମନ୍ତ୍ରୀଙ୍କ ସହ ଆସି ମଞ୍ଚରେ ଆସନ ଗ୍ରହଣ କରିଥିଲେ । ପ୍ରଥମେ ମହାମନ୍ତ୍ରୀ ସେଦିନ ସମ୍ବର୍ଦ୍ଧିତ ହେବାକୁ ଥିବା ସାହସୀ ଯୁବକ ଅନନ୍ତଙ୍କୁ ଡାକିବାରୁ ସେ ମଞ୍ଚ ଉପରକୁ ଆସିଥିଲେ ଏବଂ ଖାଲିଥିବା ତୃତୀୟ ଆସନରେ ଉପବେଶନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସେପର୍ଯ୍ୟନ୍ତ ଶ୍ରଦ୍ଧେୟ ଅନନ୍ତ ସମବେତ ଯୁବକମାନଙ୍କ ଗହଣରେ ହଜିଯାଇଥିଲେ । ତତ୍ପରେ ମହାମନ୍ତ୍ରୀ ସ୍ୱଳ୍ପ ସମୟ ଭିତରେ ପ୍ରାରମ୍ଭିକ ସୂଚନା ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବକ୍ତବ୍ୟର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ ମହାରାଜଙ୍କର ଉଚ୍ଛ୍ୱସିତ ପ୍ରଶଂସା ଗାନରେ ଶତମୁଖ ହୋଇ-ଉଠିଥିଲେ । ଆମ ମହାରାଜଙ୍କ ପରି ସୁଶାସକ ନଥିଲେ, ନାହାନ୍ତି ଓ ନଆସିବେ ବୋଲି ସେ ଜୋର୍ ଦେଇ କହିଥିଲେ ।

ତା'ପରେ ମହାରାଜ ସମବେତ ଯୁବକମାନଙ୍କୁ ଲିଖିତ ଭାଷଣ ପାଠ ପୂର୍ବକ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ, "ତୁମେମାନେ ଜାଣ ଯେ, ନିର୍ଭୀକ ଯୁବକ ଅନନ୍ତଙ୍କୁ ତାଙ୍କର ସାହସିକତା ପାଇଁ ସମ୍ବର୍ଦ୍ଧିତ କରିବାକୁ ଆମ୍ଭେମାନେ ଏଠାରେ ଏକତ୍ର ହୋଇଛେ । ଶ୍ରଦ୍ଧେୟ ଅନନ୍ତ ସେଦିନ ଜନୈକ କୁଖ୍ୟାତ ଲୁଟିଆକୁ କାବୁ କରିନେଇ ଯେଉଁ ସାହସିକତାର ପରିଚୟ ଦେଲେ, ତା'ର ପ୍ରଶଂସା କରିବା ପାଇଁ ମୋ

ପାଖରେ ଭାଷା ନାହିଁ । ସେଦିନ ପୂର୍ବାହ୍ନରେ ଖୋଦ୍ ରାଜଧାନୀରେ ଜନୈକା ମହିଳା ତାଙ୍କ ବାସଭବନ ସାମ୍ନାରେ ଓଳାଉଥିବାବେଳେ ଦୁଇଜଣ ଲୁଟିଆ ତାଙ୍କଠାରୁ ସୁନାଚେନ୍ ଛଡ଼ାଇନେଇଥିଲେ । ଏହା ଦେଖି ତାଙ୍କର ପଡ଼ୋଶୀ ଅନନ୍ତ ଦୌଡ଼ିଆସି ଲୁଟିଆଦ୍ୱୟଙ୍କ ମୁକାବିଲା କରିଥିଲେ । ଏତିକିବେଳେ ଜଣେ ଲୁଟିଆ ଖସିଯାଇ ଅନନ୍ତଙ୍କ ଉପରକୁ ଦୁଇରାଉଣ୍ଡ ଗୁଳିଚାଳନା କରିଥିଲା ଏବଂ ଏଥିଯୋଗୁଁ ସେ ଆହତ ହୋଇଥିଲେ । ତା' ସତ୍ତ୍ୱେ ଅନନ୍ତ ଆର ଲୁଟିଆକୁ ନଛାଡ଼ି କାବୁ କରିଦେଇଥିଲେ । ତତ୍ପରେ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ସେ ଲୁଟିଆକୁ ବାନ୍ଧିପକାଇଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ । ଯାହାହେଉ, ଖୁବ୍ ବ୍ୟସ୍ତତା ସତ୍ତ୍ୱେ ଆମ ପୁଲିସଦଳ ମାତ୍ର ଏକଘଣ୍ଟା ମଧ୍ୟରେ ସେଠାରେ ପହଞ୍ଚି ଧରାପଡ଼ିଥିବା ଲୁଟିଆକୁ ଗିରଫ କରିନେଇଥିଲେ ।"

ସାମାନ୍ୟ ରହି ମହାରାଜ ଉପସ୍ଥିତ ଯୁବଗୋଷ୍ଠୀ ଆଡ଼କୁ ତିର୍ଯ୍ୟକ୍ ଦୃଷ୍ଟିପାତ କରିଥିଲେ ଏବଂ ତା'ପରେ ପୁଣି ଲିଖିତ ଭାଷଣ ପଢ଼ିଚାଲିଥିଲେ । ସେ କହିଥିଲେ, "ତୁମେମାନେ ଜାଣି ଖୁସି ହେବ ଯେ, ଆମ ରାଜ୍ୟରେ ଗତବର୍ଷ ମୋଟରସାଇକେଲ, ଅଟୋରିକ୍ସା, କାର୍ ଆଦି ବ୍ୟବହାରର ସର୍ବାଧିକ ଅଭିବୃଦ୍ଧି ଘଟି ଏ କ୍ଷେତ୍ରରେ ରାଜ୍ୟ ପ୍ରଥମ ସ୍ଥାନ ଲାଭ କରିଛି । ଆମ ରାଜ୍ୟ ପାଇଁ ଏହାଠାରୁ ବଳି ଗର୍ବ ଓ ଗୌରବର ବିଷୟ ଆଉ କିଛି ଥାଇନପାରେ । ଏତେ ସଂଖ୍ୟକ ଯାନବାହନକୁ ନିୟନ୍ତ୍ରଣ କରିବା ପାଇଁ ଆମର ସୁଦକ୍ଷ ପୁଲିସବାହିନୀ ମନପ୍ରାଣ ଦେଇ ପୂରାଦମ୍‌ରେ ଲାଗିପଡ଼ିଛନ୍ତି । ଏ ଦିଗରେ ସେମାନଙ୍କର ଗଭୀର ନିଷ୍ଠା ତଥା ପୂର୍ଣ୍ଣ ଏକାଗ୍ରତାକୁ ମୁଁ ଭୂୟସୀ ପ୍ରଶଂସା କରୁଛି । ହେଲ୍‌ମେଟ୍ ନପିନ୍ଧି ମୋଟରସାଇକେଲ ଚଳାଉଥିବା, ବେଲ୍ଟ ନବାନ୍ଧି କାର୍ ଚଳାଉଥିବା ବ୍ୟକ୍ତିମାନଙ୍କୁ ଧରି ସେମାନେ ଜୋରିମାନା ଆଦାୟ କରୁଛନ୍ତି । ଅବଶ୍ୟ ଅଧିକାଂଶ କ୍ଷେତ୍ରରେ ସେମାନେ ନିର୍ଦ୍ଧାରିତ ଅର୍ଥଠାରୁ କମ୍ ଆଦାୟ କରି ଛାଡ଼ିଦେଉଛନ୍ତି । ଏପରି ସ୍ଥଳେ ଲୋକମାନେ ରସିଦ୍ ମାଗୁନାହାନ୍ତି କି ସେମାନେ ତାହା ଦେଉନାହାନ୍ତି । ଏଥିଯୋଗୁଁ କିନ୍ତୁ ଆମର ପୁଲିସବାହିନୀ ଦୟା ଓ କ୍ଷମାର ଅବତାର ରୂପେ ବିବେଚିତ ହୋଇ ଜନସାଧାରଣଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି । ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିଲେ ମଧ୍ୟ ପୁଲିସବାହିନୀର ପ୍ରାଣମୂର୍ଚ୍ଛା ଉଦ୍ୟମ ଯୋଗୁଁ ତାହା ନିୟନ୍ତ୍ରଣାଧୀନ ରହିଛି । ଏପରି ମହତ୍ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେମାନେ ହତ୍ୟା, ଡକାୟତି, ଧର୍ଷଣ ପରି ଇତର କାର୍ଯ୍ୟ ପ୍ରତି ଦୃଷ୍ଟି ଦେବାକୁ ଅବଶ୍ୟ ବେଳ ପାଉନାହାନ୍ତି ।"

ସମବେତ ଯୁବକମାନଙ୍କ ଆଡ଼କୁ ଚାହିଁ ସ୍ମିତହାସ୍ୟ କରି ମହାରାଜ ତାଙ୍କ ଭାଷଣର ଶେଷ ଅଂଶ ପାଠ କରିଥିଲେ । ସେ କହିଥିଲେ, "ଏପରି ସ୍ଥଳେ ମୁଁ ଆହ୍ୱାନ କରୁଅଛି ଯେ, ତୁମେମାନେ ଶ୍ରଦ୍ଧେୟ ଅନନ୍ତଙ୍କ ପରି ଆଗେଇଆସି ଚୋରି, ଡକାୟତି, ହତ୍ୟା ଆଦିର ପ୍ରତିରୋଧ କରି ତହିଁରେ ସଂପୃକ୍ତ ଥିବା ଅପରାଧୀମାନଙ୍କର ଦୃଢ଼ ମୁକାବିଲା କର । ଏଥିରେ ସଫଳତା ଲାଭ କଲେ ମୁଁ ତୁମକୁ ଏକଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିବି । ଆଉ ଯଦି ଅପରାଧୀମାନଙ୍କ ଗୁଳି ବାଜି ତୁମେ ଆହତ ହୁଅ, ତେବେ ସରକାରୀ ହାସପାତାଳରେ ମାଗଣାରେ ତୁମର ଚିକିତ୍ସାର ବ୍ୟବସ୍ଥା କରାଇବି । ତା'ଛଡ଼ା ଯଦି ସେମାନଙ୍କ ଗୁଳିମାଡ଼ରେ ତୁମର ମୃତ୍ୟୁ ଘଟେ, ତେବେ ମୁଁ ତୁମର ପରିବାରକୁ ଦଶଲକ୍ଷ ଟଙ୍କାର ସହାୟତା ଯୋଗାଇଦେବି ।" ଯୁବ ଶ୍ରୋତାମାନଙ୍କର ଘନଘନ କରତାଳି ଧ୍ୱନି ମଧ୍ୟରେ ମହାରାଜ ତାଙ୍କ ଭାଷଣ ଶେଷ କରିଥିଲେ । ତା'ପରେ ମହାମନ୍ତ୍ରୀଙ୍କ ଅନୁରୋଧକ୍ରମେ ସେ ସାହସୀ ଯୁବକ ଅନନ୍ତଙ୍କୁ ଏକଲକ୍ଷ ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଧାଡ଼ିକିଆ ଉତ୍ତରରେ ଅନନ୍ତ ମହାରାଜଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଥିଲେ । ଶେଷରେ ମହାମନ୍ତ୍ରୀ ସମବେତ ଯୁବକମାନଙ୍କୁ ମଧ୍ୟାହ୍ନଭୋଜନ ପାଇଁ ଆମନ୍ତ୍ରଣ ଜଣାଇଥିଲେ । ଏତିକିବେଳେ ବଗୁଲିଆ ଚଗଲା ବଡ଼ପାଟିରେ କହିପକାଇଥିଲା, "ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି-ପଡ଼ିଲାଣି । ପୁଲିସ ଆଉ ଅପରାଧୀଙ୍କ ଭିତରେ ସଲାସୁତୁରା ହୋଇ କାମ ଚାଲିଛି । ଲୁଣ୍ଠନ ଦ୍ରବ୍ୟ ସେମାନଙ୍କ ମଧ୍ୟରେ ଅଧାଅଧା ବଣ୍ଟାଯାଉଛି । ଏଣେ ଆମକୁ ଅପରାଧୀଙ୍କ ସହ ମୁକାବିଲା କରିବାକୁ କୁହାଯାଉଛି । ପୁରସ୍କାର ମୋର ଦରକାର ନାହିଁ । ପୈତୃକ ପ୍ରାଣ ରହିଥାଉ ।" ମାତ୍ର ତା' କଥାକୁ କର୍ଣ୍ଣପାତ ନକରି ଯୁବକମାନେ ଭୋଜନକକ୍ଷ ଆଡ଼କୁ ଏକାମୁହାଁ ହୋଇ ଧାଇଁଥିଲେ ।

●

# ପୁନଶ୍ଚ ଆଳୁ

ମହାରାଜ ସେଦିନ ଯଥାସମୟରେ ଦରବାରରେ ବିଜେ କରିଥିଲେ । ସେ ବିଶେଷ ବିବ୍ରତ ଥିବାପରି ଜଣାପଡୁ ନଥିଲେ । ସୁତରାଂ ତାଙ୍କ ପାଇଁ କୌଣସି ଅତି ଜରୁରୀ ସମସ୍ୟା ନଥିବାଭଳି ବୋଧ ହେଉଥିଲା । ହାଲୁକା ଭାବରେ ସେ କହିଥିଲେ, "ମହାମନ୍ତ୍ରୀ ! ରାଜ୍ୟରେ ଦେଖାଦେଇଥିବା ଆଳୁ ସଙ୍କଟକୁ ଆପଣ ଦକ୍ଷତାର ସହ ମୁକାବିଲା କରିଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।" କୃତକୃତ୍ୟ ହୋଇ ଯୋଡ଼ହସ୍ତରେ ମହାମନ୍ତ୍ରୀ କହିଥିଲେ, "ମହାରାଜ ! ଆପଣଙ୍କର କୃପାଦୃଷ୍ଟି ଥିବା ପର୍ଯ୍ୟନ୍ତ ମୁଁ ଅସମ୍ଭବକୁ ସମ୍ଭବ କରିଚାଲିଥିବି ।" ସାମାନ୍ୟ ରହି ମହାରାଜା କହିଥିଲେ, "ମହାମନ୍ତ୍ରୀ ! ଆପଣ ଜାଣନ୍ତି, ଆମ ରାଜ୍ୟରେ ଆଳୁ ସଙ୍କଟ ବାରମ୍ବାର ଦେଖାଦେଉଛି । ତେଣୁ ମୁଁ ଏହାର ଏକ ସ୍ଥାୟୀ ସମାଧାନ ଚାହୁଁଛି ।" ମହାମନ୍ତ୍ରୀ ସତେଯେପରି ଦୀର୍ଘଦିନ ହେଲା ଏହା ଶୁଣିବାକୁ ଅପେକ୍ଷା କରିଥିଲେ । ତତ୍‌କ୍ଷଣାତ୍ ସେ କହିଉଠିଥିଲେ, "ମଣିମା ! ଏଥିପାଇଁ ମୁଁ ଏକ ଦୀର୍ଘମିଆଦୀ ତ୍ରିସୂତ୍ରୀ ଯୋଜନା ପ୍ରସ୍ତୁତ କରିସାରିଛି । ଅନୁମତି ଦେଲେ, ତାହା ଆପଣଙ୍କ ଆଗରେ ପ୍ରକାଶ କରିବି ।" "ମହାମନ୍ତ୍ରୀ ! ନିର୍ବିଘ୍ନରେ ତୁମର ତ୍ରିସୂତ୍ରୀ ଯୋଜନା ମୋ ସମ୍ମୁଖରେ ଉପସ୍ଥାପନ କର", ମହାରାଜ ଆଦେଶ ଦେଇଥିଲେ ।

ମହାମନ୍ତ୍ରୀ କହିଥିଲେ, "ଆମ ରାଜ୍ୟରେ ୪୦ ଲକ୍ଷ ପ୍ରଜା ମଧୁମେହ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ମାତ୍ର ତହିଁରୁ ଶତକଡ଼ା ମୋଟେ ୪୦ ଭାଗ ରୋଗୀ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୬୦ ଭାଗ ରୋଗୀଙ୍କୁ ଚିହ୍ନଟ କରାଯାଇ ନାହିଁ । ତେଣୁ ଆମକୁ ତୁରନ୍ତ ରାଜ୍ୟବ୍ୟାପୀ ମଧୁମେହ ନିରୂପଣ ଅଭିଯାନ ଚଳାଇ ଏହି ୬୦ ଭାଗ ରୋଗୀଙ୍କୁ ଚିହ୍ନଟ କରିବାକୁ ହେବ । ଚିହ୍ନଟ ହୋଇଗଲେ ଏମାନେ ଆଳୁ ଖାଇବା ଛାଡ଼ିଦେବେ । ଏଥିଯୋଗୁଁ ଆଳୁର ଚାହିଦା ତୁଳନାତ୍ମକ ଭାବେ କମିଯିବ ଏବଂ ଚାହିଦା କମିଗଲେ ମୂଲ୍ୟ ବି କମିଯିବ ।" "ଧନ୍ୟ ମହାମନ୍ତ୍ରୀ ! ତୁମେ ଧନ୍ୟ । ମୁଁ ତୁମର ବୁଦ୍ଧିକୁ ତାରିଫ୍ ନକରି ରହିପାରୁ ନାହିଁ", ମହାରାଜ କରିଥିଲେ ।

ମହାରାଜଙ୍କଠାରୁ ପ୍ରଶଂସା ଶୁଣି ମହାମନ୍ତ୍ରୀ ଅଧିକ ଉତ୍ସାହିତ ହୋଇପଡ଼ିଥିଲେ । ସେ କହିଥିଲେ, "ଆମ ରାଜ୍ୟର ପ୍ରଜାକୁଳ ମଧୁମେହର ଭୟାବହତା ସମ୍ପର୍କରେ

ଉଣାଅଧିକେ ସଚେତନ ଅଛନ୍ତି । ଏହି ରୋଗ ଆମ ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରିପକାଏ । ହୃତ୍‌ପିଣ୍ଡ, କିଡ଼ନୀ, ଚକ୍ଷୁଠାରୁ ପାଦ ପର୍ଯ୍ୟନ୍ତ ଅଙ୍ଗଗୁଡ଼ିକ ଏଥିଯୋଗୁଁ ଆକ୍ରାନ୍ତ ହୋଇଯା'ନ୍ତି । ଏହା ରକ୍ତଚାପ, ହୃଦ୍‌ଘାତ, ଅନ୍ଧତ୍ୱ ଆଦି ରୋଗକୁ ଡାକିଆଣିଥାଏ । ଆମ ପ୍ରଜାମାନେ ଖାଲି ମଧୁମେହ ହୋଇଛି ବୋଲି ଜାଣିଲାମାତ୍ରେ ଆଗ ଆଳୁ ଖାଇବା ଛାଡ଼ିଦେବେ ।"

ସାମାନ୍ୟ ରହି ମହାମନ୍ତ୍ରୀ ତାଙ୍କର ଦ୍ୱିତୀୟ ଯୋଜନା ଉପସ୍ଥାପନ କରି କହିଥିଲେ, "ଆଗେ ଆମ ରାଜ୍ୟରେ ଆଳୁ କହିଲେ ଲୋକମାନେ ଖମ୍ବଆଳୁ ବା ଦେଶୀଆଳୁକୁ ବୁଝୁଥିଲେ । ଏବେ କିନ୍ତୁ ଅବସ୍ଥା ପୂରା ବଦଳିଯାଇଛି । ଆଜି ଆଳୁ କହିଲେ ପ୍ରଜାମାନେ ବିଲାତିଆଳୁକୁ ହିଁ ବୁଝୁଛନ୍ତି । ବିଦେଶୀମାନେ ପୂର୍ବେ ଆମ ରାଜ୍ୟକୁ ଏହି ଆଳୁ ଆଣିଥିଲେ । ତେଣୁ ଏହା ସ୍ୱଦେଶୀ ନୁହେଁ, ବରଂ ବିଦେଶୀ ଦ୍ରବ୍ୟ ଭାବେ ଗଣ୍ୟ ହୁଏ । ଜାତିର ଜନକ ମହାତ୍ମା ଗାନ୍ଧି ଦିନେ ବିଦେଶୀ ଜିନିଷ ବର୍ଜନ ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ଗଢ଼ିତୋଳିଥିଲେ । ଆଜି ବି ଗାନ୍ଧିଜୀଙ୍କ ଆଦର୍ଶ ମରିଯାଇ ନାହିଁ । ଆମ ରାଜ୍ୟରେ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ତାଙ୍କ ଆଦର୍ଶର ପ୍ରଚାର ଜାରି ରଖିଛନ୍ତି । ଆମେ ସେହି ସଂସ୍ଥାଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ଦେବା ଏବଂ ଆଳୁ ଏକ ବିଦେଶୀ ଦ୍ରବ୍ୟ ହୋଇଥିବାରୁ ତାହା ବର୍ଜନ କରିବା ପାଇଁ ଲୋକଙ୍କୁ ବୁଝାଇବାକୁ କହିବା । ଏହା ହେଲେ ଆଳୁ ବ୍ୟବହାର ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇପାରିବ ।" ମହାମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ଶୁଣି ମହାରାଜ ଅବଶ୍ୟ ନୀରବ ରହିଥିଲେ ।

ତା'ପରେ ମହାମନ୍ତ୍ରୀ ତାଙ୍କର ତୃତୀୟ ତଥା ଶେଷ ଯୋଜନା ଉପସ୍ଥାପନ କରିଥିଲେ । ସେ କହିଥିଲେ, "ଆମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୋଷଘରେ ଆଳୁ ଅର୍ଥାତ୍ ବିଲାତିଆଳୁ ପଶେନାହିଁ । ଶ୍ରୀଜଗନ୍ନାଥ ଯେଉଁ ଆଳୁ ଖାଉନାହାନ୍ତି, ଆମ ପ୍ରଜାମାନେ ସେ ଆଳୁ ଖାଇବା ଉଚିତ ନୁହେଁ । ଏ ଦିଗରେ ଆମେ ପ୍ରାଜ୍ଞପୁରୁଷ ବାବା ସାରୁଶ୍ୱର କିମ୍ବା ବାବା ମାରୁଶ୍ୱରଙ୍କର ସାହାଯ୍ୟ ନେବା । ତାଙ୍କୁ କହିଲେ,  ସେ ଘୋଷଣା କରିଦେବେ ଯେ, ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଜାମାନଙ୍କୁ ଆଳୁ ନଖାଇବା ପାଇଁ ତାଙ୍କୁ ସ୍ୱପ୍ନରେ ଆଦେଶ ଦେଇଛନ୍ତି । ଏହାକୁ ଅମାନ୍ୟ କଲେ ମହାବାତ୍ୟା ମାଡ଼ିଆସିବ, ଘରଦ୍ୱାର ଭାଙ୍ଗିଯିବ, ପ୍ରଜାମାନେ ମୃତ୍ୟୁମୁଖରେ ପଡ଼ିବେ । ମଣିମା ! ଆପଣ ଦେଖିବେ, ଏହା ଶୁଣି ଆମର ଈଶ୍ୱରଭୟାଳୁ ପ୍ରଜାମାନେ ବିଶେଷ ଭାବେ ପ୍ରଭାବିତ ହେବେ ... ।" "ଚମତ୍କାର, ଚମତ୍କାର ତୁମର ଯୋଜନା,

ମହାମନ୍ତ୍ରୀ ! ମୁଁ ତୁମର ଏହି ତ୍ରିସୂତ୍ରୀ ଯୋଜନାକୁ ଅନୁମୋଦନ କରୁଅଛି", ମହାରାଜ କହିଥିଲେ ।

ଏହାପରେ ମହାମନ୍ତ୍ରୀ ପ୍ରସନ୍ନ ଚିତ୍ତରେ ତାଙ୍କ ଆସନରେ ବସିପଡ଼ିଥିଲେ । ତତ୍‌କ୍ଷଣାତ୍ କୃଷି ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ଛିଡ଼ା ହୋଇ ହାତଯୋଡ଼ି କହିଥିଲେ, "ମହାରାଜ ! ଆମ ରାଜ୍ୟରେ ଆଳୁ ଉତ୍ପାଦନ ବଢ଼ାଇବା ଓ ଉତ୍ପାଦିତ ଆଳୁକୁ ସଂରକ୍ଷଣ କରିବା ପାଇଁ ମୁଁ ଆପଣଙ୍କ ସମ୍ମୁଖରେ ଏକ ପ୍ରସ୍ତାବ ଆଗତ କରିବାକୁ ଚାହୁଁଛି ।" ବିରକ୍ତ ହୋଇ ମହାରାଜ କହିଥିଲେ, "ମହାମନ୍ତ୍ରୀଙ୍କ ସୁଚିନ୍ତିତ ଓ ଉପଯୋଗୀ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିସାରିବା ପରେ ମୁଁ ଆଉ ତୁମର କୌଣସି କଥା ଶୁଣିବିନାହିଁ ।" ଏହା କହି ମହାରାଜ ସିଂହାସନ ତ୍ୟାଗ କରିଥିଲେ । କୃଷିମନ୍ତ୍ରୀ ମନକୁମନ କହିଥିଲେ, "ଏଠାରେ ତ ଭଲ କହିଲେ ଭେଲ ହୁଏ ।"

●

# କହିଦେଉଥାଇ ପରକୁ (୨)

ସହର ଉପକଣ୍ଠରେ ବଙ୍କା ବାବୁ ବାସୋପଯୋଗୀ ଜମିଖଣ୍ଡେ କିଣି ରଖିଥିଲେ । ତହିଁରେ ଘରଟିଏ ତିଆରି କରି ରହିବା ତାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ ଥିଲା । କିଛି ଟଙ୍କା ଗଚ୍ଛିତ କରି ରଖିବା ପରେ ସେ ଗୃହ ନିର୍ମାଣ ଆରମ୍ଭ କରିଥିଲେ । ସ୍ତ୍ରୀ ସିଧା ଦେବୀ ଚାହୁଁଥିଲେ, ଛୋଟ ଘରଟିଏ ତିଆରି କରି ସେଠାକୁ ଚାଲିଯିବେ । ଏହାଦ୍ୱାରା ମାସକୁ ମାସ ଘରଭଡ଼ା ଗଣିବାରୁ ତ୍ରାହି ମିଳିବ । କିନ୍ତୁ ବଙ୍କା ବାବୁ ଇଞ୍ଚେ ଖାଲିସ୍ଥାନ ବା ଓପନ୍ ସ୍ପେସ୍ ନରଖି ସମଗ୍ର ଜାଗାରେ ଗୃହ ନିର୍ମାଣ ଆରମ୍ଭ କରିଥିଲେ । ଏକାବେଳକେ ଦୁଇମହଲା ଘର ତିଆରି କରିବାର ଯୋଜନା ତାଙ୍କର ଥିଲା । ସେ ଚାହୁଁଥିଲେ, ତଳ ମହଲା ଭଡ଼ା ଲଗାଇଦେଇ ଉପର ମହଲାରେ ରହିବେ । ଏହାଦ୍ୱାରା ଘରଭଡ଼ା ଗଣିବାରୁ ରକ୍ଷା ମିଳିବା ସଂଗେସଂଗେ ଘର ଭଡ଼ାଦେଇ ସେ କିଛି ଟଙ୍କା ଉପାର୍ଜନ କରିପାରିବେ । ତେଣୁ ଏକମୁହାଁ ହୋଇ ସେ ଦୁଇଟିଯାକ ମହଲାର ଛାତ ପକାଇଦେଇଥିଲେ । ତା'ପରେ କିନ୍ତୁ ଘର ତିଆରି କାମ ବନ୍ଦ ହୋଇଯାଇଥିଲା । କାରଣ ଗଚ୍ଛିତ ଥିବା ଟଙ୍କା ସରିଯାଇଥିଲା । ଏଣେ ଉଭୟ ମହଲାର କାନ୍ଥ ପଲସ୍ତରା ହେବା, ଚଟାଣରେ ମାର୍ବଲ ପଡ଼ିବା, ଇଲେକ୍ଟ୍ରି ଉପକରଣ ଲାଗିବା, ପାଇପ୍ ଆଦି ଲାଗିବା, ଘର ରଙ୍ଗ ହେବା ଇତ୍ୟାଦି କାର୍ଯ୍ୟ ବାକି ଥିଲା ।

ଗୃହ ନିର୍ମାଣ ଶେଷ କରିବାକୁ ଟଙ୍କା କୁଆଡୁ ଆସିବ, ସେହି ଚିନ୍ତାରେ ବଙ୍କା ବାବୁ ପାଗଳପ୍ରାୟ ହୋଇଯାଇଥିଲେ । ତାଙ୍କର ମେଡ଼ିକାଲ୍ ରିପ୍ରେଜେଣ୍ଟେଟିଭ୍ ଚାକିରିରେ ବିଶେଷ ଉପୁରି ନଥିବା ସେ ଅବଶ୍ୟ କହିବୁଲୁଥିଲେ । କିନ୍ତୁ 'ଫିଜିସିଆନ୍ ସାମ୍ପଲ୍' ଭାବରେ ଆସୁଥିବା ଔଷଧରୁ କିଛି ବିକ୍ରି କରିଦେଇ ଦିପଇସା ଉପାର୍ଜନ କରୁଥିଲେ । ତା'ଛଡ଼ା ଔଷଧ ବିକ୍ରି ବଢ଼ାଇବା ପାଇଁ 'କନ୍‌ସଲ୍‌ଟାନ୍ସି ଫି' ନାମରେ ଡାକ୍ତରଙ୍କୁ ଦେବାକୁ ଆସୁଥିବା ଅର୍ଥକୁ ସୁଯୋଗ ଉଣ୍ଡି ପକେଟସ୍ଥ କରୁଥିଲେ । ଅଧିକନ୍ତୁ ଟୁର୍‌ରେ ନଯାଇ ମଧ୍ୟ ଯାଇଛି ବୋଲି ଦର୍ଶାଇ ଟି.ଏ. ଓ ଡି.ଏ. ବାବଦକୁ ଟଙ୍କା ନେବାକୁ ସେ ଆଦୌ ପଛାଉନଥିଲେ । ତଥାପି ଘର ତିଆରି ପାଇଁ ତାଙ୍କୁ ଟଙ୍କା ନିଅଣ୍ଟ ପଡ଼ିଥିଲା ।

ଅନେକ ଦିନ ତଳେ ବଙ୍କା ବାବୁଙ୍କ ଶ୍ୱଶୁର ଏକ ବୈଷୟିକ ଶିକ୍ଷାନୁଷ୍ଠାନ ଆରମ୍ଭ କଲାବେଳେ ତାଙ୍କଠାରୁ କିଛି ଟଙ୍କା ମାଗିନେଇଥିଲେ । ଏଥିମଧ୍ୟରେ

ଶିକ୍ଷାନୁଷ୍ଠାନଟି ତାଙ୍କର 'ପରିଚାଳନାଗତ ଦକ୍ଷତା' ଯୋଗୁଁ ଖୁବ୍ ନାଆଁ କରିସାରିଲାଣି । ଆଜି ଶ୍ୱଶୁରଙ୍କର ଆର୍ଥିକ ଅବସ୍ଥା ମଧ୍ୟ ବେଶ୍ ସ୍ୱଚ୍ଛଳ ହୋଇସାରିଛି । ତେଣୁ ବଙ୍କା ବାବୁ ନିଷ୍ପତ୍ତି କଲେ ଯେ, ଶ୍ୱଶୁରଙ୍କୁ ନେଇଥିବା ଟଙ୍କା ଫେରାଇଦେବାକୁ କହିବେ । ସେହି ଟଙ୍କା ମିଳିଗଲେ ଘର ତିଆରି କାମକୁ ସେ ଆଗେଇନେବେ ।

ସେଦିନ ସନ୍ଧ୍ୟାରେ ବଙ୍କା ବାବୁ ପତ୍ନୀ ସିଧା ଦେବୀଙ୍କୁ ତାଙ୍କର ନିଷ୍ପତ୍ତି ଜଣାଇ-ଦେଇଥିଲେ । ତା'ପରେ... ତା'ପରେ ସିଧା ଦେବୀଙ୍କ ରାଗ ପଞ୍ଚମକୁ ଉଠିଯାଇଥିଲା । ସେ ଗର୍ଜନ କରି କହିଥିଲେ, "ଛୋଟଲୋକ, ଛୋଟଲୋକ କେଉଁଠିକାର । ବାପାଙ୍କୁ କେବେ କିଛି ଟଙ୍କା ଦେଇଥିଲ ଯେ, ଆଜିଯାଏ ସେ କଥା ମନେରଖିଛ । ଛୋଟଲୋକ, ଛୋଟଲୋକ... ।" ପରିସ୍ଥିତି ଏତେଦୂର ଯିବ ବୋଲି ବଙ୍କା ବାବୁ ଆଶଙ୍କା କରିନଥିଲେ । କାନରେ ହାତ ଦେବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା । ତାଙ୍କ ଯୋଜନା ଫସରଫାଟି ଯାଇଥିଲା ।

ଇଚ୍ଛା ଥିଲେ ଉପାୟ ଆସେ । ବଙ୍କା ବାବୁଙ୍କ ମସ୍ତିଷ୍କକୁ ଏକ ନୂଆ ବୁଦ୍ଧି ଜୁଟିଲା । ସେ ନିଶ୍ଚିତ ଥିଲେ ଯେ, ତାଙ୍କ ନୂଆ ଯୋଜନା ବିଷୟ ଶୁଣି ପତ୍ନୀ ଆଦୌ ରାଗିବେନାହିଁ । ତେଣୁ ସେ ସିଧା ଦେବୀଙ୍କ ଆଗରେ ତାଙ୍କର ସୁଚିନ୍ତିତ ଯୋଜନାକୁ ବ୍ୟକ୍ତ କରିଥିଲେ । ସେ କହିଥିଲେ, "ତୁମେ ମନା କରିବା ସତ୍ତ୍ୱେ ଏତେବଡ଼ ଘର ତିଆରି ଆରମ୍ଭ କରିଦେଇଛି । ତାକୁ ତ ପୁଣି ଯେନତେନ ପ୍ରକାରେ ସାରିବାକୁ ହେବ । ମୁଁ ଭାବୁଛି, ବୋଉର ବାପାଙ୍କ ଘର ଅର୍ଥାତ୍ ମୋର ମାମୁଘରକୁ ଯିବି ଏବଂ ତାଙ୍କ ସମ୍ପତ୍ତିରୁ ବୋଉର ଭାଗ ଦାବି କରିବି । ଭାଗ ମିଳିଗଲେ, ତାହାକୁ ବିକ୍ରି କରି ଟଙ୍କା ଆଣି ଘର ତିଆରି ସାରିଦେବା ।" ଏହା ଶୁଣି ଗେହ୍ଲେଇ ହୋଇ ସିଧା ଦେବୀ ପଚାରିଥିଲେ, "ତାହା କ'ଣ ସମ୍ଭବ ?" ହସିହସି ବଙ୍କା ବାବୁ ଉତ୍ତର ଦେଇଥିଲେ, "ବୋଉ ତା' ବାପାଙ୍କର ଖାଲି ପୈତୃକ ସମ୍ପତ୍ତି ନୁହେଁ, ସ୍ୱଅର୍ଜିତ ସମ୍ପତ୍ତିରୁ ମଧ୍ୟ ଭାଗ ପାଇପାରିବ ବୋଲି ସରକାର ବାହାଦୁର ଏବେ ନୂଆ ଆଇନ କରିଦେଇଛନ୍ତି ।" ଆନନ୍ଦୋଚ୍ଛ୍ୱାସକୁ ଚାପିରଖି ସିଧା ଦେବୀ କହିଥିଲେ, "ତୁମ ବୋଉଙ୍କର ବାପା ତ କେବେଠାରୁ ମରିଗଲେଣି । ତାଙ୍କର ପୁଅ ଅର୍ଥାତ୍ ତୁମ ମାମୁ ମଧ୍ୟ ସଂସାରରୁ ଚାଲିଗଲେଣି । ମାମୁଙ୍କର ଗାଁରେ ରହୁଥିବା ପୁଅ ତୁମକୁ ଚିହ୍ନିପାରିବ ତ ?" "ତୁମେ ସେସବୁ ଚିନ୍ତା କରନାହିଁ । କଲା କାମ ମୁଁ କରିବି", ବଙ୍କା ବାବୁ ଉତ୍ତର ଦେଇଥିଲେ । ଖୁସିରେ ଅଧୀର ହୋଇ ପତ୍ନୀ ନିର୍ଦ୍ଦେଶ ଦେଇଥିଲେ, "ହଉ, ଯାହା କରିବାର କର ।"

ସେଦିନ ସନ୍ଧ୍ୟାରେ କିନ୍ତୁ ପତ୍ନୀଙ୍କର ମୁଖମଣ୍ଡଳ ଗମ୍ଭୀର ହୋଇଯାଇଥିବା ବଙ୍କା ବାବୁ ଲକ୍ଷ୍ୟ କରିଥିଲେ । ପତ୍ନୀଙ୍କ ଆନନ୍ଦରେ ଭଟ୍ଟା ପଡ଼ିଯାଇଥିବା ତାଙ୍କର ଉପଲବ୍ଧି ହୋଇଥିଲା । ଏହାର କାରଣ ପଚାରିବାକୁ ଅବଶ୍ୟ ତାଙ୍କର ସାହସ କୁଳାଇନଥିଲା । କିନ୍ତୁ ଶୋଇବାବେଳେ ସିଧା ଦେବୀ ତାଙ୍କ ଆଡୁ କଥା ଆରମ୍ଭ କରିଥିଲେ । ସେ କହିଥିଲେ, "ହଇହୋ ! ତୁମେ ତ ତୁମ ମାମୁଘର ସମ୍ପତ୍ତିରୁ ଭାଗ ଆଣିବାକୁ ଯାଉଛ । ପରେ ଏହା ଜାଣି ଆମ ପୁଅ ଯଦି ତା' ମାମୁଘର ସମ୍ପତ୍ତିରୁ ଭାଗ ମାଗିବାକୁ ବସିବ, ତେବେ... ।" ପତ୍ନୀଙ୍କୁ କଥା ଶେଷ କରିବାକୁ ନଦେଇ ବଙ୍କା ବାବୁ କହିଥିଲେ, "ଆମ ପୁଅକୁ ଆମେ ମାର୍ଜିତ କରି ବଢ଼େଇଛେ । ସେ କଦାପି ଏପରି କାମ କରିବନାହିଁ ।" ସ୍ୱାମୀଙ୍କର ଏହି କଥାରେ ସିଧା ଦେବୀ ଖୁସିରେ ବିଭୋର ହୋଇଉଠିଥିଲେ । ତାଙ୍କ ପାଟିରୁ ବାହାରିପଡ଼ିଥିଲା, "ହଁ, ହଁ, ସେ କ'ଣ ତୁମ ପରି ଅମଣିଷ ହୋଇଛି !" ଅବଶ୍ୟ ତାଙ୍କ କଥାକୁ ଶୁଣି ନଶୁଣିଲା ପରି ବଙ୍କା ବାବୁ ରହିଯାଇଥିଲେ । ପତ୍ନୀ କହିଥିଲେ, "ଶୁଭସ୍ୟ ଶୀଘ୍ରମ୍ । ଡେରି ନକରି ଯାହା କରିବାର ଶୀଘ୍ର କର ।"

ତା'ପରଦିନ ସକାଳେ ବଙ୍କା ବାବୁ ମାମୁଘର ସମ୍ପତ୍ତିରୁ ବୋଉର ଭାଗ ଆଣିବା ପାଇଁ ମାମୁଘରକୁ ବାହାରିଯାଇଥିଲେ ।

●

# ଡିପ୍ଲୋମା ପାଠ୍ୟକ୍ରମ : ମନ୍ଦିର ପରିଚାଳନା

ମନ୍ଦିର ପରିସରରେ ନିର୍ମିତ ସୁରମ୍ୟ ପ୍ରାସାଦର ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ମୁଁ କଫି ପିଉଥିଲି ଏବଂ ତା' ସଙ୍ଗେସଙ୍ଗେ ଖବରକାଗଜର ପୃଷ୍ଠା ଓଲଟାଉଥିଲି । କାହିଁକି କେଜାଣି, ଅତୀତର ଘଟଣାବଳୀ ମୋ ଅନିଚ୍ଛା ସତ୍ତ୍ୱେ ଆଖି ଆଗରେ ଭାସିଯାଉଥିଲା ।

ଗାଁ ସ୍କୁଲରୁ ପ୍ରଥମ ଶ୍ରେଣୀରେ ଏଚ୍.ଏସ୍.ସି. ଓ ଗାଁ କଲେଜରୁ ପ୍ରଥମ ଶ୍ରେଣୀରେ ବି.ଏ. (ଅନର୍ସ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ମୁଁ ଏମ୍.ଏ. ପଢ଼ିବା ପାଇଁ ରାଜଧାନୀକୁ ଆସିଥିଲି । କହିବା ବାହୁଲ୍ୟ, କଠୋର ପରିଶ୍ରମ କରି ମୁଁ ଏମ୍.ଏ. (ଅର୍ଥନୀତି) ପରୀକ୍ଷାରେ ମଧ୍ୟ ପ୍ରଥମ ଶ୍ରେଣୀ ପାଇ ସଫଳତା ଅର୍ଜନ କରିଥିଲି । ମାତ୍ର ତା'ପରେ ଦୁଇବର୍ଷ କାଳ ଚାକିରି ପଛରେ ଗୋଡ଼ାଇଗୋଡ଼ାଇ ବିଫଳ ହୋଇଥିଲି । ଏପରିକି ବାପାଙ୍କୁ କହି ଗାଁରୁ କିଛି ଜମି ବିକ୍ରି କରି ମନ୍ତ୍ରୀଙ୍କ ପାଖଲୋକଙ୍କୁ ତିରିଶହଜାର ଟଙ୍କା ଦେଇ ତହିଁରେ ବି ନିରାଶ ହୋଇଥିଲି ।

ତା'ପରେ ମୁଁ ଜୀବନ ସଂଗ୍ରାମରେ ହାରିଗଲା ପରି ଅନୁଭବ କରିଥିଲି ଏବଂ ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲି । ସେହି ଅନୁସାରେ ଆତ୍ମହତ୍ୟା କରିବା ପାଇଁ ସେଦିନ ମୁଁ ରେଲ୍ ଲାଇନ୍ ଆଡ଼କୁ ଅଗ୍ରସର ହେଉଥିଲି । ହଠାତ୍ ଜୋରରେ ପବନ ବୋହିଥିଲା ଓ ଏକ କାଗଜଖଣ୍ଡ ଉଡ଼ିଆସି ମୋ ଗୋଡ଼ରେ ବାଜିଥିଲା । ମୁଁ କାଗଜଖଣ୍ଡକ ଉଠାଇଆଣି ତା' ଉପରେ ଆଖି ବୁଲାଇନେଇଥିଲି । ତହିଁରେ ଲେଖାଥିଲା, 'ନିଶ୍ଚିତ ନିଯୁକ୍ତି ପାଠ୍ୟକ୍ରମରେ ଯୋଗଦିଅନ୍ତୁ: ଭବିଷ୍ୟତ ପାଇଁ ନିଶ୍ଚିତ ରୁହନ୍ତୁ' । ଏହି କାଗଜଖଣ୍ଡିକ ମୋ ପାଇଁ ଈଶ୍ୱର ପ୍ରେରିତ ଥିଲା ବୋଲି ମୁଁ ଅନୁଭବ କରିଥିଲି । ତେଣୁ ନିଷ୍ପତ୍ତିରେ ପରିବର୍ତ୍ତନ କରି ମୁଁ ବସାକୁ ଫେରିଆସିଥିଲି ।

ପରଦିନ ମୁଁ ସେହି କାଗଜଖଣ୍ଡରେ ଉଲ୍ଲେଖ ଥିବା ଠିକଣା ଅନୁସାରେ 'ନିଶ୍ଚିତ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର'ରେ ପହଞ୍ଚିଥିଲି । ଅଭ୍ୟର୍ଥନାକାରିଣୀଙ୍କୁ ଭେଟିବା ପରେ ସେ ମୋତେ ମୁଖ୍ୟ କାର୍ଯ୍ୟନିର୍ବାହକଙ୍କ ପାଖକୁ ନେଇଯାଇଥିଲେ । ମୁଁ ଆସନ ଗ୍ରହଣ କଲା ପରେ କାର୍ଯ୍ୟନିର୍ବାହକ କହିଥିଲେ, "ଆମେ ଛଅଟି ବିଷୟରେ ଡିପ୍ଲୋମା ପାଠ୍ୟକ୍ରମ ଚାଲୁ କରିଛୁ ଓ ପ୍ରତ୍ୟେକ ପାଠ୍ୟକ୍ରମର ଅବଧି ଛଅମାସ ରଖିଛୁ । ଆମର ପ୍ରଥମ ପାଠ୍ୟକ୍ରମ ହେଲା, 'ମାଓବାଦୀ କାର୍ଯ୍ୟକଳାପ' ।" ମାଓବାଦୀ ଶବ୍ଦ ଶୁଣି ମୁଁ ପୂରା

ଛାନିଆ ହୋଇଯାଇଥିଲି ଓ କହିଥିଲି "ନାହିଁ ଆଜ୍ଞା ! ମୋର ସେ ପାଠ୍ୟକ୍ରମ ଲୋଡ଼ା ନାହିଁ ।" ତତ୍କ୍ଷଣାତ୍ କାର୍ଯ୍ୟନିର୍ବାହକ କହିଥିଲେ, "ଆମର ଦ୍ୱିତୀୟ ପାଠ୍ୟକ୍ରମ ହେଲା, 'ମନ୍ଦିର ପରିଚାଳନା' ।" ତା'ପରେ ଏହି ପାଠ୍ୟକ୍ରମ ଉପରେ ସେ ଏକ ପ୍ରାଞ୍ଜଳ ବାଖ୍ୟା ପ୍ରଦାନ କରିଥିଲେ । ତାଙ୍କର କଥା ମୋ ମନକୁ ପାଇଥିଲା ଓ ସେ ମୋତେ ଦେବଦୂତ ପରି ମନେହୋଇଥିଲେ । ମୁଁ ଏହି ପାଠ୍ୟକ୍ରମରେ ନାମ ଲେଖାଇବାକୁ ମନସ୍ଥ କରିଥିଲି । କୋର୍ସ ଫି ବାବଦରେ ତିରିଶହଜାର ଟଙ୍କା ଦେବାକୁ ପଡ଼ିବ ଓ ସେଥିରେ ମୂଲଚାଲର ପ୍ରଶ୍ନ ନାହିଁ ବୋଲି ସେ ସ୍ପଷ୍ଟ ରୂପେ ଜଣାଇଦେଇଥିଲେ ।

ମନକୁ ଦୃଢ଼ କରି ମୁଁ ଗାଁକୁ ଯାଇଥିଲି ଓ ବାପାଙ୍କୁ କହି ପୁଣି ଖଣ୍ଡେ ଜମି ବିକ୍ରି କରାଇଥିଲି । ତତ୍ପରେ 'ନିଶ୍ଚିତ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର'କୁ ଆସି ତିରିଶହଜାର ଟଙ୍କା ଦାଖଲ କରିଥିଲି । ସେଠାରେ ନାମ ଲେଖାଇ ମୁଁ ମନଧ୍ୟାନ ଦେଇ ପାଠ ପଢ଼ିଥିଲି । ନିର୍ଦ୍ଧାରିତ ସମୟରେ ଖୁବ୍ ସଫଳତାର ସହ ମୁଁ ପାଠ୍ୟକ୍ରମ ସମାପ୍ତ କରିଥିଲି ।

ପାଠ୍ୟକ୍ରମ ସମାପ୍ତି ପରେ ମୁଁ ରାଜଧାନୀ ଉପକଣ୍ଠରେ ଜାତୀୟ ରାଜପଥ କଡ଼ରେ ସେଦିନ ଖଣ୍ଡେ ପଥର ଥୋଇ ତହିଁରେ ସିନ୍ଦୂର ଲଗାଇଦେଇଥିଲି । ତା' ପାଖରେ ଖଣ୍ଡେ ବାଡ଼ି ପୋତି ସେଥିରେ ଏକ ପତାକା ଝୁଲାଇଦେଇଥିଲି । ସେହି ଦିନ ହିଁ ମୋ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା ।

କମ୍ ଦିନର ବ୍ୟବଧାନରେ ସେହି ସ୍ଥାନରେ ଆଜି ଏକ ରମଣୀୟ ମନ୍ଦିର ଓ ମନ୍ଦିର ବେଢ଼ାରେ ଏକ ସୁଶୋଭିତ ପ୍ରାସାଦ ଗଢ଼ିଉଠିଛି । ସେହି ପ୍ରାସାଦର ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ମୁଁ ଆନନ୍ଦରେ କଫି ପାନ କରୁଛି ।

ଆଜି ମୁଁ ଖାଲି ଆତ୍ମନିଯୁକ୍ତି ପାଇନାହିଁ, ବରଂ ବାରଜଣଙ୍କୁ ନିଯୁକ୍ତି ଦେଇପାରିଛି । ମନ୍ଦିରରେ ଦୁଇଓଳି ପୂଜା କରିବା ପାଇଁ ଦୁଇଜଣ ପୂଜକ ନିୟୋଜିତ ହୋଇଛନ୍ତି । ମନ୍ଦିର ବେଢ଼ାରେ ଥିବା ଭୋଗ ଦୋକାନରେ ଦୁଇଜଣ ଓ ତା'ପାଖ ଦୀପ, ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଦୋକାନରେ ଦୁଇଜଣ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ସର୍ବସାଧାରଣଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରିବାକୁ ଦୁଇଜଣ ରୋଷେୟା ଓ ସେମାନଙ୍କୁ ସହଯୋଗ କରିବାକୁ ଜଣେ ଟହଲିଆ କାର୍ଯ୍ୟରତ ଅଛନ୍ତି । ପ୍ରସାଦ ପରିବେଷଣ କରିବା ତଥା ରୋଷେଇ ସାମଗ୍ରୀ କ୍ରୟ କରିବା ପାଇଁ ଦୁଇଜଣ ବ୍ୟକ୍ତି ନିଯୁକ୍ତ ହୋଇଛନ୍ତି । ଦୈନିକ ରାତି ନଅଟାରେ ସେଦୁହେଁ ପରିବା ମାର୍କେଟକୁ ଯାଆନ୍ତି ଓ ବଳିପଡ଼ିଥିବା ପରିବାକୁ ନଷ୍ଟ ହେବାକୁ ନଦେଇ ସ୍ୱଳ୍ପ ମୂଲ୍ୟରେ କିଣିଆଣନ୍ତି । ପ୍ରସାଦ ସେବନବେଳେ

କୌଣସି ବ୍ୟକ୍ତି ଚାଉଳ, ଡାଲି ଓ ପରିବା ଆଦିର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇଲେ, ସେମାନେ ତା'ର ମୁକାବିଲା କରନ୍ତି । ସେମାନେ କୁହନ୍ତି, "ଭଗବାନଙ୍କର ପ୍ରସାଦକୁ ନିନ୍ଦା କଲେ ନର୍କରେ ପଡ଼ିବ । ସେପରି କରନାହିଁ, ଆରାମରେ ଖାଇଦିଅ ।" ଏତିକିରେ ସମସ୍ତେ ଚୁପ୍ ହୋଇଯାଆନ୍ତି ।

ମନ୍ଦିର ପରିସରରେ ଏକ ପ୍ରଶସ୍ତ କକ୍ଷ ବା ହଲ୍ ରହିଛି । କେବଳ ଧର୍ମପରାୟଣ ବ୍ୟକ୍ତିମାନେ ଧାର୍ମିକ କାର୍ଯ୍ୟରେ ଏହାକୁ ସ୍ୱଳ୍ପ ଭଡ଼ା ଦେଇ ନେଇଥାନ୍ତି । ଏଥିରେ ଧାର୍ମିକ ସଭା ତଥା ଜନ୍ମଦିନ, ଉପନୟନ, ବିବାହ, ଏକାଦଶାହ ଆଦି ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ହଲ୍‌ର ପରିଚାଳନା ପାଇଁ ଜଣେ 'କେୟାର ଟେକର' ନିଯୁକ୍ତ ହୋଇଛନ୍ତି । ମନ୍ଦିର ନିର୍ମାଣରେ ମୋତେ କିଛି ମୂଳଧନ ଖଟାଇବାକୁ ପଡ଼ିନାହିଁ । ଯାହା ହୋଇଛି, ଭକ୍ତମାନଙ୍କର ଦାନ ତଥା ଲୋକପ୍ରତିନିଧିମାନଙ୍କ ଅନୁଦାନରୁ ହିଁ ହୋଇଛି । ଜମି ବିକି ପଢ଼ିଥିବା ଡିପ୍ଲୋମା ପାଠ ମୋ ଜୀବନରେ ଅଯଥା ହୋଇନାହିଁ ବୋଲି ମୁଁ ଆଜି ଅନୁଭବ କରୁଛି । କଥାରେ ଅଛି, "ପେଟ ପୋଷ, ନାହିଁ ଦୋଷ ।"

●

# ମୋ ପତ୍ନୀ ଅଧ୍ୟାପିକା

ମୋ ପତ୍ନୀ ଡକ୍ଟର (ଶ୍ରୀମତୀ) ଡଲି ଦାସ ନବଗଠିତ ଉଇଲିୟମ୍ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପ୍ରାଧ୍ୟାପିକା ବା ରିଡ଼ର ରୂପେ ସମ୍ପ୍ରତି ଯୋଗଦାନ କରିଛନ୍ତି । ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଅପେକ୍ଷା ଗବେଷଣା ଉପରେ ଅଧିକ ଜୋର୍ ଦିଆଯାଉଥିବାରୁ ଗବେଷଣା କାର୍ଯ୍ୟରେ ତାଙ୍କର ଢେର୍ ସମୟ ବିତୁଛି । ଏବେ ତାଙ୍କ ଅଧୀନରେ ଚାରିଜଣ ପିଏଚ୍.ଡି. ଡିଗ୍ରୀ ପାଇବା ପାଇଁ ଗବେଷଣାରେ ରତ ଅଛନ୍ତି । ଅଧ୍ୟାପନା ପରେ ସେମାନଙ୍କର ଗବେଷଣା କାର୍ଯ୍ୟ ତଦାରଖ କରି ସେ ଘରକୁ ଫେରିଲାବେଳକୁ ରାତି ୧୦ଟା ପରେ ହୋଇଯାଉଛି ।

ହଁ, ଅତୀତ ଆଜି ମୋ ଆଖି ଆଗରେ ଭାସିଉଠୁଛି । ବିବାହ ପୂର୍ବରୁ ମୁଁ କନ୍ୟା ଦେଖିବାକୁ ଯାଇଥିଲି । ଦେଖିଲା ମାତ୍ରେ ମୁଁ ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଥିଲି । ତାଙ୍କର ସୌନ୍ଦର୍ଯ୍ୟ ହିଁ ମୋତେ ଆକର୍ଷିତ କରିଥିଲା । ତାଙ୍କୁ ବିବାହ କରିବାକୁ ମୁଁ ଖାଲି ହଁ ଭରିନଥିଲି, ବରଂ ମୋ ଆଡୁ ଯଥେଷ୍ଟ ଆଗ୍ରହ ଦେଖାଇଥିଲି । ଅବଶ୍ୟ ଆମ ପକ୍ଷରୁ 'ଦବାନବା' ବିଷୟରେ କଥା ଚାଲିଥିବାବେଳେ ପ୍ରସ୍ତାବ ଭାଙ୍ଗିଯିବାର ସମ୍ଭାବନା ଉପୁଜିଥିଲା । ମାତ୍ର ସେଠାରେ ବାହାହେବାକୁ ମୋର ଉତ୍ସୁକତା ଦେଖି ବାପା 'ଦବାନବା' ବିଷୟରେ କଥା ବନ୍ଦ ରଖିଥିଲେ । ବାପାଙ୍କ ଅନିଚ୍ଛା ସତ୍ତ୍ୱେ ମୁଁ ବିନା ଯୌତୁକରେ ତାଙ୍କୁ ବିବାହ କରିଥିଲି ।

ବିବାହ ସମୟରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ବି.ଏ. ବୋଲି ମୁଁ ଜାଣିଥିଲି । ମାତ୍ର ଛଅମାସ ପରେ ସେ ମୋତେ ଏକ ଚମକପ୍ରଦ ଖବର ଦେଇଥିଲେ । ଏମ୍.ଏ. ପରୀକ୍ଷାଫଳ ପ୍ରକାଶ ପାଇଛି ଓ ତହିଁରେ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଜଣାଇଥିଲେ । ମୁଁ ଅବିଶ୍ୱାସ ଢଙ୍ଗରେ ତାଙ୍କ ଆଡ଼କୁ ଚାହିଁରହିଥିଲି । ଏହା ଜାଣିପାରି ସେ ହସିଥିଲେ ଓ କହିଥିଲେ ଯେ, ସେ ଘରୋଇ ଭାବରେ ଏମ୍.ଏ. (ଓଡ଼ିଆ) ପରୀକ୍ଷା ଦେଇଥିଲେ ଓ ତହିଁରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସୁଖବର ଶୁଣି ମୁଁ ମିଷ୍ଟାନ୍ନ ବଣ୍ଟନ ନକରି ରହିପାରି ନଥିଲି ।

ଏମ୍.ଏ. ପାସ କରିଥିବାରୁ ସେ ଅଧ୍ୟାପିକା ଚାକିରି କରିବା ପାଇଁ ମନ ବଳାଇ ତାହା ଦେଖିବା ପାଇଁ ଦିନେ ମୋତେ କହିଥିଲେ । ତାଙ୍କ ପାଇଁ ଚାକିରି ଅନ୍ୱେଷଣରେ ବାହାରି ମୁଁ ସେଦିନ ଆମ ସହରର ନବଗଠିତ ଆଦର୍ଶ କଲେଜର ସମ୍ପାଦକଙ୍କୁ ଭେଟି

ତାଙ୍କ ସହ କଥାବାର୍ତ୍ତା ହୋଇଥିଲି । ସେ ହଁ ଭରିବାରୁ ପତ୍ନୀ ତାଙ୍କର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କୀୟ ପ୍ରମାଣପତ୍ରଗୁଡ଼ିକର ନକଲ ସହ ଦରଖାସ୍ତ କରିଥିଲେ । ତା'ପରେ ଆଶା ଓ ଆଶଙ୍କା ଭିତରେ ମୁଁ ଏକାଧିକଥର ସମ୍ପାଦକଙ୍କୁ ସାକ୍ଷାତ୍ କରିଥିଲି । ଶେଷରେ ସେ ଜଣାଇଥିଲେ ଯେ, ମୋ ପତ୍ନୀ ଏମ୍.ଏ. ପରୀକ୍ଷାରେ ଶତକଡ଼ା ୫୫ ନମ୍ବର ରଖିଥିଲେ ମଧ ବି.ଏ. ପଢ଼ିଲାବେଳେ ତାଙ୍କର ଅନର୍ସ ନଥିଲା । ସୁତରାଂ ତାଙ୍କୁ ଅଧ୍ୟାପିକା ରୂପେ ନିଯୁକ୍ତି ଦେବା ସମ୍ଭବ ନୁହେଁ ବୋଲି ସେ କହିଥିଲେ । ତାଙ୍କ କଥାକୁ ଗ୍ରହଣ କରି ପଳାଇଆସିବା ସ୍ଥିତିରେ ମୁଁ ନଥିଲି । ମୁଁ ମୋ ଆଡୁ 'ମୂଳଚାଳ' ପ୍ରସଙ୍ଗ ଉଠାଇଥିଲି । ଭିଡ଼ିମୋଡ଼ି ହୋଇ ସେ କୋଡ଼ିଏହଜାର ଟଙ୍କାରେ ରାଜି ହୋଇଥିଲେ । ସେହି ଅନୁସାରେ ଟଙ୍କା ଦେବା ପରଦିନ ସେ ନିଯୁକ୍ତିପତ୍ର ଧରାଇଦେଇଥିଲେ ।

ଆଦର୍ଶ କଲେଜ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ଥିଲା । ମୋ ପତ୍ନୀଙ୍କୁ ଦରମା ପ୍ରାୟ ମିଳୁନଥିଲା କିମ୍ବା ଖୁବ୍ କମ୍ ମିଳୁଥିଲା । ମାତ୍ର ସେଥିପ୍ରତି ଆମର ଦୃଷ୍ଟି ନଥିଲା । ମୋର ବ୍ୟବସାୟ ଆପାତତଃ ଠିକ୍ ଚାଲିଥିଲା ଓ ଆମର ଆର୍ଥିକ ସଙ୍କଟ ପ୍ରାୟ ନଥିଲା । ଅଧ୍ୟାପିକା ହୋଇପାରିଥିବାରୁ ସେ ଯେତିକି ଗର୍ବିତ ଥିଲେ ମୁଁ ବି ସେତିକି ଗର୍ବ ଅନୁଭବ କରୁଥିଲି । ଅବଶ୍ୟ ତାଙ୍କୁ ପ୍ରତ୍ୟେକ କାର୍ଯ୍ୟ ଦିବସରେ କଲେଜକୁ ଯିବାକୁ ପଡୁନଥିଲା । ଯେଉଁଦିନ କଲେଜକୁ ଯାଉଥିଲେ, ସେଦିନ ବି ବେଶୀ ସମୟ ସେଠାରେ ରହିବାକୁ ହେଉନଥିଲା ।

ହଠାତ୍ ଦିନେ ପତ୍ନୀ ପିଏଚ୍.ଡି. ଡିଗ୍ରୀ ପାଇଁ ଗବେଷଣା କରିବେ ବୋଲି ମୋତେ କହିଥିଲେ । ପ୍ରସ୍ତାବିତ ଗାଇଡ଼ଙ୍କ ସହ କଥାବାର୍ତ୍ତା କରିସାରି ରେଜିଷ୍ଟ୍ରେସନ ପାଇଁ ସେ ବିଶ୍ୱବିଦ୍ୟାଳୟକୁ ଦରଖାସ୍ତ କରିଥିଲେ । ଯାହାହେଉ, ପ୍ରାୟ ଛଅମାସ ଭିତରେ ତାଙ୍କର ରେଜିଷ୍ଟ୍ରେସନ ହୋଇଯାଇଥିଲା । ମାତ୍ର ତା'ପରେ କାହିଁକି କେଜାଣି ସେ ଆଉ ପିଏଚ୍.ଡି.ର ନାମ ଧରିନଥିଲେ । ଏଥିମଧ୍ୟରେ ପ୍ରାୟ ଛଅବର୍ଷ ବିତିଯାଇଥିଲା ଏବଂ 'ଥେସିସ୍' ଦାଖଲ ନକଲେ ରେଜିଷ୍ଟ୍ରେସନ ରଦ୍ଦ ହୋଇଯିବ ବୋଲି ବିଶ୍ୱବିଦ୍ୟାଳୟରୁ ଚିଠି ଆସିଥିଲା । ଅଗତ୍ୟା ସେ ଓ ମୁଁ ଦୁହେଁ ଯାଇ ତାଙ୍କ ଗାଇଡ଼ଙ୍କ ପାଖେ ହାଜର ହୋଇଥିଲୁ । ପତ୍ନୀଙ୍କର ଗବେଷଣାରେ କୌଣସି ଅଗ୍ରଗତି ହୋଇନଥିବାରୁ ସେ ବିରକ୍ତି ପ୍ରକାଶ କରିଥିଲେ । ପିଏଚ୍.ଡି. ଡିଗ୍ରୀ ପାଇଁ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ଦର୍ଶାଇ ଏଥିରେ ପତ୍ନୀଙ୍କର ଅବହେଳାକୁ ସେ ସହଜରେ ଗ୍ରହଣ କରିନଥିଲେ । ଯାହାହେଉ, ତାଙ୍କର ରାଗ ଶାନ୍ତ ହେଲା ପରେ ମୁଁ 'ଦେଣନେଣ' ଆଡ଼କୁ କଥାର ମଙ୍ଗ ମୋଡ଼ିଥିଲି । ତା'ର ଛଅମାସ ଭିତରେ ମୋ ପତ୍ନୀ ପିଏଚ୍.ଡି.

ଉପାଧି ପ୍ରାପ୍ତ ହୋଇଥିଲେ । ସେଦିନ ବିଶ୍ୱବିଦ୍ୟାଳୟର ଗେଷ୍ଟ ହାଉସ୍‌ରେ ମୁଁ ଏକ ଭବ୍ୟ ଭୋଜିର ଆୟୋଜନ କରିଥିଲି ।

ସମୟ ଗଡ଼ିଚାଲିଥିଲା । ଆମ ସହରରେ ସରକାର ନୂଆ କରି ଉଇଲିୟମ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ହଠାତ୍ ଦିନେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର (ଶ୍ରୀମତୀ) ଖଲି ଦାସ ଆମ ଘରେ ଆସି ପହଞ୍ଚିଯାଇଥିଲେ । ସେ ମୋ ପତ୍ନୀଙ୍କୁ ତାଙ୍କ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ । ସେ କହିଥିଲେ ଯେ, ମୋ ପତ୍ନୀଙ୍କ ପ୍ରତିଭା ସମ୍ପର୍କରେ ସ୍ୱୟଂ କୁଳପତି ଅବଗତ ଅଛନ୍ତି ଏବଂ ସେ ବିଶ୍ୱବିଦ୍ୟାଳୟରେ ଯୋଗଦିଅନ୍ତୁ ବୋଲି କୁଳପତି ଇଚ୍ଛା ପ୍ରକାଶ କରିଛନ୍ତି । ଅବଶ୍ୟ କୁଳପତି ତାଙ୍କର ପ୍ରତିଭା ବିଷୟରେ ଅବଗତ ଥିଲେ ନା ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ ଥିଲେ, ତାହା ଏକ ଅନାବଶ୍ୟକ ପ୍ରସଙ୍ଗ ଥିଲା । ମାତ୍ର ରେଜିଷ୍ଟ୍ରାରଙ୍କ କଥା ଶୁଣି ଆମେ ଦୁହେଁ ସ୍ୱାଭାବିକ ଭାବେ ଭାରି ଖୁସି ହୋଇଥିଲୁ । ସେ ମୋ ପତ୍ନୀଙ୍କୁ ତାଙ୍କ ଗାଡ଼ିରେ କୁଳପତିଙ୍କ ପାଖକୁ ନେଇଯାଇଥିଲେ । କୁଳପତିଙ୍କ ସହ ପ୍ରାରମ୍ଭିକ କଥାବାର୍ତ୍ତା ପରେ ସେ ପତ୍ନୀଙ୍କୁ ଆଣି ଘରେ ଛାଡ଼ିଦେଇ ଯାଇଥିଲେ ।

ମୋ ପତ୍ନୀଙ୍କ ପ୍ରତିଭା ସମ୍ପର୍କରେ ମୁଁ ଏଯାଏ ବିଶେଷ ଅବଗତ ନଥିବାରୁ ନିଜକୁ ଧିକ୍‌କାର କରିଥିଲି । ଅବଶ୍ୟ ପୂର୍ବରୁ ଦିନେ ମୁଁ ତାଙ୍କର ପାଣ୍ଡିତ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପାଇଥିଲି । ସେଦିନ ଗାଁ ହାଇସ୍କୁଲରେ ପଢୁଥିବା ମୋର ପୁତୁରା ସଙ୍କର୍ଷଣ ଆମ ଘରକୁ ଆସିଥିଲା । ସଦ୍ୟ କିଣିଥିବା ଏକ ବହି ଉପରେ ସେ ତା'ର ନାମ ଲେଖିଥିବା ଦେଖି ପତ୍ନୀ ମୋର ଚିହିଁକି ଉଠିଥିଲେ । ତା' ନାମରେ ବନାନ ଭୁଲ କରିଥିବା ଦର୍ଶାଇ ସେ 'ଶଙ୍କର୍ଷଣ' ବୋଲି ଲେଖିବାକୁ ଚେତାଇଦେଇଥିଲେ । ସେ କହିଥିଲେ ଯେ, 'ଶଙ୍କର' ଶବ୍ଦର ବନାନ ତାଲବ୍ୟ 'ଶ'ରୁ ଆରମ୍ଭ ହୋଇଥିବାରୁ 'ଶଙ୍କର୍ଷଣ' ଶବ୍ଦର ବନାନ ସେହି ତାଲବ୍ୟ 'ଶ'ରୁ ଆରମ୍ଭ ହେବ । ତାହା ନକରି 'ସଙ୍କର୍ଷଣ' ଶବ୍ଦର ବନାନ ଦନ୍ତ୍ୟ 'ସ'ରୁ ଆରମ୍ଭ କରିବା ଏ ମସ୍ତବଡ଼ ଭୁଲ ବୋଲି ସେ ଦର୍ଶାଇଥିଲେ । ତା'ଛଡ଼ା ଏପରି ବନାନ ଭୁଲ କରି ଲେଖିବା ଓଡ଼ିଆ ଭାଷା ପ୍ରତି ବିଦ୍ରୂପ ବୋଲି ସେ କ୍ଷୋଭର ସହ କହିଥିଲେ । ସେଦିନ ହିଁ ତାଙ୍କର 'ଅସାଧାରଣ ବୁଦ୍ଧି' ସମ୍ପର୍କରେ ମୁଁ ସମ୍ୟକ୍ ସୂଚନା ପାଇଥିଲି । ଅବଶ୍ୟ ପ୍ରତିଭା କେବେବି ଲୁଚିରହେ ନାହିଁ । ତେଣୁ ମୋ ପତ୍ନୀଙ୍କ ପ୍ରତିଭା ବିଦ୍ୱାନ୍ କୁଳପତିଙ୍କ ପାଖରେ ପହଞ୍ଚିଯାଇଥିଲା । ଗୁଣ ଚିହ୍ନେ ଗୁଣିଆ ।

କୁଳପତିଙ୍କ ପାଖରୁ ଫେରିଲା ପରେ ସେ ପ୍ରାଧ୍ୟାପକ ପଦବୀ ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିଥିଲେ । ତା'ପରେ ଇଣ୍ଟରଭ୍ୟୁ ପାଇଁ ଦିନ ଧାର୍ଯ୍ୟ ହୋଇ ତାଙ୍କ

ପାଖକୁ ଚିଠି ଆସିଥିଲା । ସେଦିନ ରେଜିଷ୍ଟ୍ରାର ଡକ୍ଟର (ଶ୍ରୀମତୀ) ଖଲି ଦାସ ଆମ ଘରକୁ ଆସି ନିଜ ଗାଡ଼ିରେ ତାଙ୍କୁ ନେଇଯାଇଥିଲେ । ମାତ୍ର ଛାତ୍ର ଆନ୍ଦୋଳନ ଯୋଗୁଁ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗିରହିଥିଲା । କୁଳପତିଙ୍କ ଅପସାରଣ ଦାବି କରି ଛାତ୍ରମାନେ ଆନ୍ଦୋଳନ ଚଳାଇଥିଲେ । ସେମାନଙ୍କର ଅଭିଯୋଗ ଥିଲା ଯେ, ରେଜିଷ୍ଟ୍ରାର ସୁନ୍ଦରୀ ସ୍ତ୍ରୀମାନଙ୍କୁ ଯୋଗାଡ଼ କରି କୁଳପତିଙ୍କ ପାଖକୁ ପଠାଉଛନ୍ତି ଓ କୁଳପତି ସେମାନଙ୍କୁ ସଂଭୋଗ କରି ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦେଉଛନ୍ତି ଇତ୍ୟାଦି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ କୁଳପତି ବିଶ୍ୱବିଦ୍ୟାଳୟକୁ ଆସିପାରି ନଥିଲେ । ତେଣୁ ସେଦିନ ଇଣ୍ଟରଭ୍ୟୁ ହେବ କି ନାହିଁ ସେଥିନେଇ ସନ୍ଦେହ ଉପୁଜିଥିଲା ।

ଶେଷରେ କିନ୍ତୁ ବିଶ୍ୱବିଦ୍ୟାଳୟ ପରିସର ବାହାରେ ଥିବା କୁଳପତିଙ୍କ ବାସଭବନରେ ଇଣ୍ଟରଭ୍ୟୁ ହେବ ବୋଲି ଘୋଷଣା କରାଯାଇଥିଲା । ସେହି ଅନୁସାରେ ମୋର ପତ୍ନୀ ରେଜିଷ୍ଟ୍ରାରଙ୍କ ସହ ତାଙ୍କର ଚିତ୍ତାକର୍ଷକ ବାସଭବନରେ ପହଞ୍ଚିଥିଲେ । ସେଠାରେ ଇଣ୍ଟରଭ୍ୟୁ ଦେଇସାରି ସେ ଫଳାଫଳକୁ ଅପେକ୍ଷା କରି ରହିଥିଲେ । ସେହି ଦିନ ହିଁ ଫଳାଫଳ ପ୍ରକାଶ ପାଇବ ଓ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ଦିଆଯିବ ବୋଲି କୁଳପତି ଜଣାଇସାରିଥିଲେ । କାରଣ ବିଳମ୍ବ ହେଲେ ବାହ୍ୟ ଚାପ ପଡ଼ିବାର ସମ୍ଭାବନା ଥିବାରୁ ସେ ତାହା ଏଡ଼ାଇଯିବାକୁ ଚାହୁଁଥିଲେ । ପରିଶେଷରେ ଫଳାଫଳ ଘୋଷିତ ହୋଇଥିଲା ଓ ମୋ ପତ୍ନୀ ନିଜର 'ଯୋଗ୍ୟତା ବଳରେ' ମନୋନୀତ ହୋଇଥିଲେ । ଏ ଖବର ତାଙ୍କଠାରୁ ଫୋନ ଯୋଗେ ପାଇ ମୁଁ ଆନନ୍ଦରେ ଅଧୀର ହୋଇଉଠିଥିଲି । ମାତ୍ର ନିଯୁକ୍ତିପତ୍ର ପ୍ରସ୍ତୁତ ହୋଇ ଦିଆଯିବାକୁ ସମୟ ଲାଗିବ ବୋଲି ସେ ଜଣାଇଥିଲେ । ବିଳମ୍ବ ହେଲେ ବି ରେଜିଷ୍ଟ୍ରାର ତାଙ୍କୁ ଆଣି ଘରେ ଛାଡ଼ିଦେଇ ଯିବେ ବୋଲି ସେ କହିଥିଲେ । ସେଦିନ ବିଳମ୍ବିତ ରାତ୍ରିରେ ନିଯୁକ୍ତିପତ୍ର ଧରି ପତ୍ନୀ ଘରକୁ ଫେରିଥିଲେ । ତା'ପରଦିନ ସେ ଉଇଲିୟମ୍ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପ୍ରାଧ୍ୟାପିକା ବା ରିଡ଼ର ରୂପେ ଯୋଗଦେଇଥିଲେ ।

ନିନ୍ଦୁକମାନେ କହୁଥିଲେ, ମୋ ପତ୍ନୀଙ୍କ ପରି 'ଅଯୋଗ୍ୟ' ବ୍ୟକ୍ତିମାନେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ପାଇଁ ନିଯୁକ୍ତି ପାଉଥିବାରୁ ଆମ ରାଜ୍ୟର କୌଣସି ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ହୋଇପାରୁ ନାହିଁ । କିନ୍ତୁ ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କରିବାକୁ ମୁଁ ଉଚିତ ମଣୁନଥିଲି ।

●

# କହିଦେଉଥାଇ ପରକୁ (୩)

ସମୟ ଅପରାହ୍ଣ ୪ଟା ହେବାକୁ ଯାଉଥିଲା । କଲେଜ ପରିସରରେ ଜଣେ ବି ଛାତ୍ର କି ଛାତ୍ରୀ ନଥିଲେ । ଅଧ୍ୟାପକ ଓ ଅଧ୍ୟାପିକାମାନେ କାମ ସାରି ଘରକୁ ବାହୁଡ଼ି ଯାଇଥିଲେ । ଅଧ୍ୟାପକ ଭଗବାନ ଦାସ କିନ୍ତୁ ଷ୍ଟାଫ କମନ ରୁମ୍‌ରେ ଏକା ବସିଥିଲେ । ଖଣ୍ଡେ ବହି ଧରି ସେ ତହିଁରେ ମନୋନିବେଶ କରିଥିଲେ । ପିଅନ ତା'ର କର୍ତ୍ତବ୍ୟ ଅନୁସାରେ ଠିକ୍ ୪ଟାରେ ଶେଷ ଘଣ୍ଟା ବଜାଇଥିଲା । ତା'ପରେ ଅଧ୍ୟାପକ ଦାସ ସ୍ଥାନ ତ୍ୟାଗ କରିଥିଲେ । କହିବା ବାହୁଲ୍ୟ, ପ୍ରତ୍ୟେକ କାର୍ଯ୍ୟ ଦିବସରେ ସେ ଶେଷ ଘଣ୍ଟା ଶୁଣିବା ପରେ ହିଁ କଲେଜ ଛାଡ଼ୁଥିଲେ ।

କଲେଜର ଭିତର ଗେଟ୍ ପାଖରେ ସେଦିନ ଏ ଅସମୟରେ ଅଧ୍ୟାପିକା ମୋନାଲି ମୋନାଲିସା ଛିଡ଼ା ହୋଇଥିଲେ । ସେ ହାତରେ ଗୋଛାଏ କାଗଜ ଧରିଥିଲେ । ପାଖରେ ଏକ ଟେବୁଲ ଉପରେ ଚଢ଼ି ପିଅନ ମାଗୁଣି କାନ୍ଥରେ ପୋଷ୍ଟର ଲଗାଉଥିଲା । ସେ ଗୋଟିଏ ପୋଷ୍ଟର ଲଗାଇସାରି ଦ୍ୱିତୀୟ ପୋଷ୍ଟର ମାରୁଥିଲା । ଭଗବାନ ଦାସ ସେଠାରେ ଅଟକିଯାଇଥିଲେ । ଲାଗିସାରିଥିବା ପୋଷ୍ଟର ଉପରେ ତାଙ୍କର ଆଖି ପଡ଼ିଥିଲା ଓ ଧ୍ୟାନର ସହ ସେ ତାହା ପାଠ କରିଥିଲେ । ତହିଁରେ ଲେଖାଥିଲା, "ଅପରିଚିତ ବ୍ୟକ୍ତିଙ୍କ ସହିତ ଯୌନକ୍ରିୟା ସମୟରେ କଣ୍ଡୋମ ବ୍ୟବହାର କରନ୍ତୁ; ଏଚ୍.ଆଇ.ଭି./ଏଡ଼ସ ଓ ଯୌନରୋଗରୁ ଦୂରେଇ ରୁହନ୍ତୁ ।" ପୋଷ୍ଟର ପଢ଼ିବାରେ ତାଙ୍କର ଏକାଗ୍ରତା ଦେଖି ଅଧ୍ୟାପିକା ମୋନାଲି ଏକ ମୁରୁକିହସା ଦେଇଥିଲେ । ଭଗବାନ ଦାସ କହିଥିଲେ, "ଭଲ ହୋଇଛି । ଖୁବ୍ ଭଲ ହୋଇଛି ।" ସାମାନ୍ୟ ଲାଜେଇଯାଇ ମାଡ଼ାମ୍ କହିଥିଲେ, "ସାର୍ ! ସରକାର ନୂଆ ଯୋଜନା ଅନୁସାରେ ବଛାବଛା କଲେଜଗୁଡ଼ିକରେ 'ଜ୍ଞାନ ବର୍ଦ୍ଧକ କେନ୍ଦ୍ର'ମାନ ଖୋଲୁଛନ୍ତି । ଆମ କଲେଜରେ ଏହି କେନ୍ଦ୍ରର ଦାୟିତ୍ୱ ଅଧ୍ୟକ୍ଷ ମୋ ଉପରେ ନ୍ୟସ୍ତ କରିଛନ୍ତି । ସରକାର ଗତକାଲି ରାଜଧାନୀଠାରେ କେନ୍ଦ୍ର ସଂଯୋଜକମାନଙ୍କର ଏକ ବୈଠକ ଡାକିଥିଲେ । ସେହି ବୈଠକରେ ଆମକୁ ଏହି ପୋଷ୍ଟରସବୁ ଦିଆଯାଇଥିଲା । ସେଗୁଡ଼ିକ ଆଣି ଏଠାରେ ଲଗାଉଛି ।"

ମାଡ଼ାମ୍‌ଙ୍କ କାମକୁ ତାରିଫ କରି ଭଗବାନ ଦାସ କହିଥିଲେ, "ଭଲ କରିଛନ୍ତି... । ଏଥିରୁ ଗୋଟିଏ ପୋଷ୍ଟର ଘରକୁ ନେଇଯା'ନ୍ତୁ । ଘରେ ଲଗାଇ-

ଦେବେ ।” ଏତିକି ଶୁଣି ଅଧ୍ୟାପିକା ମୋନାଲି ରାଗରେ ପାଚିଯାଇଥିଲେ । ସେ ଗର୍ଜି-ଉଠିଥିଲେ, “ବହୁତ ସାହସ ହୋଇଗଲାଣି । କ'ଣ କହୁଛନ୍ତି, କାହାକୁ କହୁଛନ୍ତି, ଜାଣୁଛନ୍ତି ତ ? ମୋ ଘରେ ଦୁଇଦୁଇଟା ବଢ଼ିଲା ଝିଅ ଅଛନ୍ତି । ମୁଁ ଏ ପୋଷ୍ଟର ନେଇ ଘରେ ମାରିବି ? ଏହା ପଢ଼ିଲେ ସେମାନଙ୍କ ମନରେ କୁଚିନ୍ତା ପଶିବ; ସେମାନେ ବିପଥଗାମୀ ହେବେ । ଏହା କ'ଣ ଆପଣ ଜାଣିପାରୁ ନାହାନ୍ତି ?” ମାଡ଼ାମ୍ ଉତ୍ତେଜିତ ହୋଇପଡ଼ିଥିଲେ । ଭଗବାନ ଦାସ କିନ୍ତୁ ଅବିଚଳିତ ଭାବରେ ଛିଡ଼ା ହୋଇଥିଲେ । ସତେ ଯେପରି ସେ ଏସବୁ ଶୁଣିବାକୁ ପ୍ରସ୍ତୁତ ଥିଲେ । ଆଦୌ ବିକ୍ଷୁବ୍ଧ ନହୋଇ ସେ କହିଥିଲେ, “ମୁଁ ଜାଣିଛି ଆପଣଙ୍କର ଦୁଇଟି ପ୍ରାପ୍ତବୟସ୍କା ଝିଅ ଅଛନ୍ତି । ଆମ କଲେଜରେ ତ ହଜାର ପାଖାପାଖି ସମବୟସୀ ଝିଅ ପଢୁଛନ୍ତି । ଏହି ପୋଷ୍ଟର ପଢ଼ିଲେ ସେମାନଙ୍କ ମନକୁ ବି କୁଭାବନା ଆସିବ; ତେଣୁ ସେମାନେ ବି ବିପଥଗାମୀ ହେବାର ଆଶଙ୍କା ଦେଖାଦେବ । ମାଡ଼ାମ୍ ! ଥରେ ଆମ କଲେଜର ଛାତ୍ରୀମାନଙ୍କୁ ଆପଣଙ୍କ ଝିଅ ଦୃଷ୍ଟିରେ ଦେଖନ୍ତୁ ତ... ।” ଅଧ୍ୟାପିକା ମୋନାଲିଙ୍କ ପାଟିରୁ କଥା ବାହାରିନଥିଲା । ସେ ନିରବରେ ଛିଡ଼ା ହୋଇଥିଲେ ।

ତା'ପରେ ଭଗବାନ ଦାସ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ, ଛାତ୍ରଜୀବନରେ ବ୍ରହ୍ମଚର୍ଯ୍ୟର ଆବଶ୍ୟକତା, ଆମକୁ ପାଶ୍ଚାତ୍ୟ ଅଭିମୁଖୀ କରିବାର ଯୋଜନା, ଏଡ଼ସ ଓ କ୍ୟାନସରର ତୁଳନା ଆଦି ଉପରେ ଏକ ନାତିଦୀର୍ଘ ଭାଷଣ ଦେଇଥିଲେ । ଶେଷରେ ସେ ପ୍ରଶ୍ନ କରିଥିଲେ, “ଆମ ସରକାର ଛାତ୍ରଛାତ୍ରୀଙ୍କ ଭିତରେ ଅଧିକ ଭୟାବହ କ୍ୟାନସର ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନନେଇ ଏଡ଼ସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାହିଁକି ଏତେ ତତ୍ପର ହୋଇପଡ଼ିଛନ୍ତି ?” ଖମ୍ବ ପରି ଛିଡ଼ା ହୋଇଥିବା ଅଧ୍ୟାପିକା ମୋନାଲି କିନ୍ତୁ ଏ ପ୍ରଶ୍ନର ଉତ୍ତର ଦେଇନଥିଲେ । ସେ ମାଗୁଣି ଆଡ଼କୁ ଚାହିଁଥିଲେ ଓ ପୋଷ୍ଟର ଦୁଇଟି ଚିରିଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତେ ସମୟ ଧରି ଟେବୁଲ ଉପରେ ଛିଡ଼ା ହୋଇ ଉଭୟଙ୍କର କଥାବାର୍ତ୍ତାକୁ ଧ୍ୟାନର ସହ ଶୁଣୁଥିବା ମାଗୁଣି ତତ୍‌କ୍ଷଣାତ୍ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଥିଲା । ସେ ତଳକୁ ଓହ୍ଲାଇ ଆସିବାବେଳେ ତା' ମୁହଁରେ ତୃପ୍ତିର ଆଭାସ ମିଳୁଥିଲା । ଭଗବାନ ଦାସ ଆଗକୁ ପାଦ ବଢ଼ାଇଥିଲେ ।

●

# ଆଖିଦୃଶିଆ ପରୀକ୍ଷାଫଳ

ରାଜ୍ୟ ସରକାର ପଠାଇଥିବା 'କାରଣ ଦର୍ଶାଅ ନୋଟିସ' ସେଦିନ ଆମ କଲେଜରେ ଆସି ପହଞ୍ଚିଥିଲା । ଗତ ତିନିବର୍ଷ ଧରି ଆମ କଲେଜର ପରୀକ୍ଷାଫଳ କାହିଁକି ପଚାଶ ପ୍ରତିଶତରୁ କମ୍ ହେଉଛି, ସେ ସମ୍ପର୍କରେ ସରକାର ଆମଠାରୁ କୈଫିୟତ ତଲବ କରିଥିଲେ । ନୋଟିସ ପାଇବାର ଏକମାସ ଭିତରେ ଉତ୍ତର ଦେବାକୁ କୁହାଯାଇଥିଲା ଏବଂ ଉତ୍ତର ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରୋକ୍ଷ ଧମକ ଦିଆଯାଇଥିଲା ।

କାରଣ ଦର୍ଶାଅ ନୋଟିସ ପାଇ ଅଧ୍ୟକ୍ଷଙ୍କ ସମେତ ଆମେ ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ସ୍ତବ୍ଧ ହୋଇଯାଇଥିଲୁ । ଆମ ଚାକିରି ଉପରେ ଆଞ୍ଚ ଆସିବାର ଆଶଙ୍କା ଆମକୁ ଚିନ୍ତାରେ ପକାଇଦେଇଥିଲା । ଏହାକୁ ନେଇ ଆମ ଭିତରେ ଗଭୀର ବିଚାରବିମର୍ଶ ଚାଲିଥିଲା । ଶେଷରେ ସେଦିନ ସଂଧ୍ୟାରେ ଆମେ ସମସ୍ତେ ପରିଚାଳନା କମିଟିର ସଭାପତି ଭଗବାନ ଦାସଙ୍କ ଘରେ ପହଞ୍ଚିଯାଇଥିଲୁ । ଅଧ୍ୟକ୍ଷ ତାଙ୍କ ହାତକୁ ସରକାର ପଠାଇଥିବା ନୋଟିସ ବଢ଼ାଇଦେଇଥିଲେ । ଏହା ଆମୂଳଚୂଳ ପାଠ କରିସାରି ସେ ଆମମାନଙ୍କ ଆଡ଼କୁ ଚାହିଁଲେ । ଆମେମାନେ ନୀରବରେ ବସିରହିଥିଲୁ । "ଆପଣମାନେ କ'ଣ କହିବାକୁ ଆସିଛନ୍ତି ?" ସେ ପଚାରିଥିଲେ । ଷ୍ଟାଫ କ୍ଲବର ସମ୍ପାଦକ ମଣିନାଗ ସିଧାସଳଖ କହିଥିଲେ, "ସାର୍ ! ଆମକୁ ଯୁଗୋପଯୋଗୀ ହେବାକୁ ପଡ଼ିବ । ଅର୍ଥାତ୍ ପରୀକ୍ଷା ହଲ୍‌ରେ ଆମକୁ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଡାକିଦେବାକୁ ହେବ । ତା'ଛଡ଼ା ପରୀକ୍ଷାର୍ଥୀମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିବାକୁ ପଡ଼ିବ । ତା'ହେଲେ ଯାଇ ପରୀକ୍ଷାଫଳ ଶତକଡ଼ା ପଚାଶ ପ୍ରତିଶତରୁ ଅଧିକ ହୋଇପାରିବ ।"

ଏହା ଶୁଣି ଭଗବାନ ଦାସ ରାଗରେ ପାଚିଯାଇଥିଲେ । ସେ ଗର୍ଜିଉଠିଥିଲେ, "ନା, ଆଦୌ ନୁହେଁ । ମୁଁ ନୀତି ଓ ଆଦର୍ଶ ସହିତ ଆଦୌ ସାଲିସ କରିପାରିବି ନାହିଁ । ପରିସ୍ଥିତି ଯାହା ହେଉନା କାହିଁକି, ମୁଁ ପରୀକ୍ଷାରେ କପି କରିବାକୁ ଦେବିନାହିଁ । ଆପଣମାନେ ଆସିପାରନ୍ତି ।" ଏହା କହି ସେ ଭିତରକୁ ଚାଲିଯାଇଥିଲେ ।

ଭଗବାନ ଦାସ ଆମ ଅଞ୍ଚଳରେ ଗାନ୍ଧିବାଦୀ ବୋଲି ଜଣାଶୁଣା ଥିଲେ । ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସେ କାର୍ଯ୍ୟ କରିଚାଲିଥିଲେ । କଲେଜ ଉପରେ ସେ ତୀକ୍ଷ୍ଣ ନଜର ରଖିଥିଲେ । କଲେଜରେ ନିୟମିତ ଭାବେ କ୍ଲାସ ହେଉ

ଏବଂ ପରୀକ୍ଷାରେ କପି ନହେଉ, ଏହା ଉପରେ ସେ ଜୋର୍ ଦେଉଥିଲେ । ଆମ ପାଖ କଲେଜଗୁଡ଼ିକର ଅବସ୍ଥା କିନ୍ତୁ ଭିନ୍ନ ପ୍ରକାରର ଥିଲା । ସେସବୁ କଲେଜରେ ପାଠପଢ଼ା ପ୍ରାୟ ହେଉନଥିଲା । ଅପର ପକ୍ଷରେ, ପରୀକ୍ଷାରେ କପିକୁ ପୂରା ପ୍ରଶ୍ରୟ ଦିଆଯାଉଥିଲା । ତେଣୁ ସେସବୁ କଲେଜର ପରୀକ୍ଷାଫଳ ଭଲ ହେଉଥିଲା । ଫଳକୁ ଦେଖି ଅଧିକ ସଂଖ୍ୟକ ପିଲା ନାମ ଲେଖାଇବାକୁ ଆଗେଇଆସୁଥିଲେ । ଆମ କଲେଜରେ କପି କରିବାର ପ୍ରଶ୍ନ ନଥିବାରୁ ପରୀକ୍ଷାଫଳ ସେତେ ଭଲ ହେଉନଥିଲା । ତେଣୁ ଛାତ୍ର ସଂଖ୍ୟା ମଧ୍ୟ କମ୍ ଥିଲା । ମାତ୍ର ଭଗବାନ ଦାସ ସେଥିପ୍ରତି ଆଦୌ ଗୁରୁତ୍ୱ ହେଉନଥିଲେ । ସେ ଆମ କଲେଜକୁ ଏକ 'ଆଦର୍ଶ କଲେଜ' ରୂପେ ଗଢ଼ିତୋଳିବାକୁ ମନସ୍ଥ କରିଥିଲେ ।

ସଭାପତିଙ୍କ ପାଖରୁ ଫେରିଲା ପରେ ଆମେ କାରଣ ଦର୍ଶାଅ ନୋଟିସର କି ଉତ୍ତର ଦେବୁ ତାହା ସ୍ଥିର କରିପାରି ନଥିଲୁ । ସୁତରାଂ ନୀରବ ରହିବା ଉଚିତ ମନେକରି ନୋଟିସର ଉତ୍ତର ଦେଇନଥିଲୁ । ମାତ୍ର ହଠାତ୍ ଦିନେ ସରକାରଙ୍କଠାରୁ ଏକ ସ୍ମାରକ ବା ରିମାଇଣ୍ଡର ଆସି ପହଞ୍ଚିଥିଲା । ତହିଁରେ ଉତ୍ତର ଦେବା ପାଇଁ ଆମକୁ ଆଉ ପନ୍ଦର ଦିନ ସମୟ ଦିଆଯାଇଥିଲା । ଏଥର ଉତ୍ତର ନଦେଲେ କଲେଜର ସ୍ୱୀକୃତି ପ୍ରତ୍ୟାହାର କରିନିଆଯିବ ବୋଲି ସ୍ପଷ୍ଟ ରୂପେ ଉଲ୍ଲେଖ ଥିଲା । ଏହା ପଢ଼ି ଆମେମାନେ ମୁଣ୍ଡରେ ହାତଦେଇ ବସିଥିଲୁ । ଶେଷରେ ପୁଣି ସଭାପତିଙ୍କ ଘରେ ହାଜର ହୋଇଥିଲୁ । କଲେଜର ସ୍ୱୀକୃତି ପ୍ରତ୍ୟାହାରର କଥା ଉଠିଥିବାରୁ ସେ ବିଚଳିତ ହୋଇପଡ଼ିଥିଲେ । କାରଣ ସେ ନିଷ୍ଠାର ସହ ଗଢ଼ିଥିବା ଶିକ୍ଷାନୁଷ୍ଠାନ ତାଙ୍କ ଆଖି ଆଗରେ ଭାଙ୍ଗିଯିବାର ଆଶଙ୍କା ତାଙ୍କ ମନକୁ ଛୁଇଁଥିଲା । କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଆମ ଆଡ଼କୁ ଅନାଇଥିଲେ । ପରୀକ୍ଷାର୍ଥୀମାନଙ୍କୁ କପି କରିବାର ସୁଯୋଗ ଦେବାକୁ ଆମେ ପୁଣି ପ୍ରସ୍ତାବ ଦେଇଥିଲୁ । ସେ କୌଣସି ଉତ୍ତର ଦେଇନଥିଲେ; ଅଶ୍ରୁଳ ନୟନରେ ଆମ ଆଡ଼କୁ ଚାହିଁଥିଲେ । ଆମ୍ଭେମାନେ ତାଙ୍କ ପାଖରୁ ବିଦାୟ ନେଇଥିଲୁ ।

ଅବଶ୍ୟ 'ଦବାନବା'ର ବ୍ୟବସ୍ଥା କରି ସରକାରୀ କାର୍ଯ୍ୟାନୁଷ୍ଠାନକୁ ସାମୟିକ ଭାବେ ଟାଳିଦେଇଥିଲୁ । ଏଣେ ପରୀକ୍ଷା ସମୟ ଆସିଯାଇଥିଲା । ଆମେ ଯୋଜନା ମୁତାବକ କାର୍ଯ୍ୟ କରିଥିଲୁ । ପରୀକ୍ଷା ଆରମ୍ଭ ହେବା ମାତ୍ରେ ଆମେ ସଂକ୍ଷିପ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଡାକିଦେଉଥିଲୁ । ଏତିକି କଲା ପରେ ଆମେ ଅବଶ୍ୟ ଆଶ୍ୱସ୍ତି ଅନୁଭବ କରୁଥିଲୁ । ତା'ପରେ ପରୀକ୍ଷାର୍ଥୀମାନେ ଧୀରେସୁସ୍ଥେ ଦୀର୍ଘ ପ୍ରଶ୍ନର ଉତ୍ତର ଲେଖୁଥିଲେ । ଏଥିଲାଗି ଆମେ ସେମାନଙ୍କୁ କପି କରିବାର ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲୁ । କିନ୍ତୁ ପରୀକ୍ଷା ହଲ୍‌କୁ ମାଛହାଟରେ ପରିଣତ ନକରିବାକୁ ପରାମର୍ଶ ଦେଇଥିଲୁ । ଯାହା କରିବାର ଚୁପ୍‌ଚାପ୍ ଶୃଙ୍ଖଳାର ସହ କରିବା ପାଇଁ କହୁଥିଲୁ ।

ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପରୀକ୍ଷାର ତଦାରଖ କରିବାକୁ ସ୍କ୍ୱାଡ଼ ପଠାଉଥିଲେ । ତା'ର କିପରି ସାମନା କରିବାକୁ ହେବ, ଆମେ ତହିଁର ବ୍ୟବସ୍ଥା ଅବଶ୍ୟ କରୁଥିଲୁ । ସ୍କ୍ୱାଡ଼ ଆସୁଥିବାର ଆଗୁଆ ସୂଚନା ପାଇବା ପାଇଁ ବାଟରେ ଦୁଇଟି ସ୍ଥାନରେ ମୋବାଇଲ ଫୋନ ଧରି ଆମ ଲୋକ ଜଗିରହୁଥିଲେ । କୌଣସି କାର୍ ସେବାଟ ଦେଇ ଗଲେ ସେମାନେ ସଙ୍ଗେସଙ୍ଗେ ତା'ର ସୂଚନା ଆମକୁ ପ୍ରଦାନ କରୁଥିଲେ । ଆମେ ଏହି ସୂଚନା ପରୀକ୍ଷାର୍ଥୀମାନଙ୍କୁ ତୁରନ୍ତ ଜଣାଇଦେଉଥିଲୁ । ଗାଡ଼ି କଲେଜର ମୁଖ୍ୟ ଫାଟକ ପାଖେ ପହଞ୍ଚିଲେ ଫାଟକ ଖୋଲିବାକୁ ଜାଣିଶୁଣି ସାମାନ୍ୟ ଡେରି କରିଦେଉଥିଲୁ । ପ୍ରଥମେ ସ୍କ୍ୱାଡ଼ର ସଦସ୍ୟମାନଙ୍କୁ ଅଧକ୍ଷଙ୍କ ପ୍ରକୋଷ୍ଠକୁ ଡାକି ଜଳଯୋଗରେ ଆପ୍ୟାୟିତ କରୁଥିଲୁ । ତା'ପରେ ସେମାନେ ପରୀକ୍ଷା ହଲ୍ ବୁଲି ପିଲାମାନେ ଶୃଙ୍ଖଳାର ସହ ପରୀକ୍ଷା ଦେଉଥିବା ଦେଖୁଥିଲେ । ସେମାନେ ଗଲା ପରେ ଆମ ପିଲାମାନେ ପୁଣି ସେମାନଙ୍କ କାମରେ ଲାଗିଯାଉଥିଲେ ।

ପରୀକ୍ଷାଫଳ ଯଥାସମୟରେ ପ୍ରକାଶ ପାଇଥିଲା । ଆମ କଲେଜର ଶତକଡ଼ା ସତୁରି ପିଲା ଉତ୍ତୀର୍ଣ୍ଣ ହୋଇଥିଲେ । ଆମେମାନେ ଆତ୍ମସନ୍ତୋଷ ଲାଭ କରିଥିଲୁ । ପରବର୍ଷ ବାର୍ଷିକ ଉତ୍ସବକୁ ଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅତିଥି କରି ଡାକିଥିଲୁ । ନିର୍ଦ୍ଦେଶକ ତାଙ୍କ ଭାଷଣରେ କହିଥିଲେ, "ଦିନେ ଆପଣଙ୍କ କଲେଜର ପରୀକ୍ଷାଫଳ ସନ୍ତୋଷଜନକ ନହେବାରୁ ଆମେ କାରଣ ଦର୍ଶାଅ ନୋଟିସ ପଠାଇଥିଲୁ; ଏପରିକି ସ୍ୱୀକୃତି ପ୍ରତ୍ୟାହାର କରିନେବାକୁ ଧମକ ଦେଇଥିଲୁ । ତା'ପରେ କଲେଜର ଛାତ୍ର, ଅଧ୍ୟାପକ, ଅଭିଭାବକ, ସର୍ବୋପରି ସ୍ଥାନୀୟ ଜନସାଧାରଣ ମିଳିତ ଭାବେ ଅବସ୍ଥା ସୁଧାରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ତା'ର ଫଳସ୍ୱରୂପ କଲେଜର ପରୀକ୍ଷାଫଳ ଶତକଡ଼ା ସତୁରି ହୋଇପାରିଲା । ଏଥିଲାଗି ମୁଁ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ।"

ତା'ପରେ ମାନ୍ୟବର ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, "ଆନ୍ତରିକ ଉଦ୍ୟମ କେବେ ବ୍ୟର୍ଥ ହୁଏନାହିଁ । କଠୋର ପରିଶ୍ରମର ଫଳ ଅବଶ୍ୟ ମିଳେ । ଆପଣମାନେ ଏହା କାର୍ଯ୍ୟରେ କରି ଦେଖାଇଦେଇଛନ୍ତି । ଯେଉଁ କଲେଜଗୁଡ଼ିକର ପରୀକ୍ଷାଫଳ ପଚାଶ ପ୍ରତିଶତରୁ କମ୍ ହେଉଛି, ସେମାନେ ଆପଣଙ୍କର ଆଦର୍ଶ ଅନୁସରଣ କରିବାକୁ ମୁଁ ଆହ୍ୱାନ ଦେଉଛି । ତା'ହେଲେ ଦେଶର ଶିକ୍ଷା ମାନଚିତ୍ରରେ ଆମେ ଏକ ଆଖିଦୃଶିଆ ସ୍ଥାନ ଲାଭ କରିପାରିବା ।" ମଞ୍ଚାସୀନ କଲେଜ ପରିଚାଳନା କମିଟିର ସଭାପତି ଗାନ୍ଧିବାଦୀ ଭଗବାନ ଦାସ ମନକୁମନ କହିଥିଲେ, "ନଷ୍ଟସ୍ୟ କାନ୍ୟା ଗତିଃ ।"

●

# ବାପା ! ମୁଁ ଇଂଜିନିୟର ହେବି

ଗତକାଲି ପୁଅର ଯୁକ୍ତଦୁଇ ପରୀକ୍ଷାଫଳ ପ୍ରକାଶ ପାଇଥିଲା । ଏହା ଶୁଣିବା ମାତ୍ରେ ସେ ମୋତେ ଫୋନ କରି ଜଣାଇଦେଇଥିଲା । ତା'ର ପରୀକ୍ଷାଫଳ ଜାଣିବାକୁ ମୋର ଅବଶ୍ୟ ଆଗ୍ରହ ନଥିଲା । କାରଣ ତିନିଥର ଫେଲ ହେବା ପରେ ଏଥର ବି ତାହା ହେବ ବୋଲି ମୁଁ ଧରିନେଇଥିଲି । ମାତ୍ର ମୋତେ ଆଶ୍ଚର୍ଯ୍ୟାନ୍ୱିତ କରି ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି ବୋଲି କହିଥିଲା । ଏହା ଶୁଣି ମୋର ତଥା ତା' ବୋଉର ଆନନ୍ଦର ସୀମା ରହିନଥିଲା ।

ସେ ମାଟ୍ରିକ ପରୀକ୍ଷା ଦେଲାବେଳେ ମୁଁ ସ୍କୁଲଶିକ୍ଷା ନିର୍ଦ୍ଦେଶାଳୟରେ ଏସ୍.ଓ. ଅର୍ଥାତ୍ ବଡ଼ବାବୁ ଥିଲି । ମୋର ବିଦ୍ୟାବୁଦ୍ଧି ପ୍ରୟୋଗ କରି ସେ ପ୍ରଥମ ଶ୍ରେଣୀରେ ପାସ କରିବାର ସୁବ୍ୟବସ୍ଥା କରିଦେଇଥିଲି । ତା'ପରେ ମୋର ତଥା ତା' ବୋଉର ସ୍ୱପ୍ନକୁ ସମ୍ମାନ ଜଣାଇ ସେ ଯୁକ୍ତଦୁଇରେ ବିଜ୍ଞାନ ପଢ଼ିଥିଲା । ସେ ପରୀକ୍ଷା ଦେଲାବେଳକୁ ମୁଁ ଅବସର ନେଇସାରିଥିଲି । ତେଣୁ ମୋ କରଣି ଆଉ କାମ କରିନଥିଲା । ଲଗାତାର ତିନିବର୍ଷ ଧରି ସେ ପରୀକ୍ଷାରେ ଫେଲ ହୋଇଥିଲା ଓ ତା'ପରେ ପାଠ ଛାଡ଼ି-ଦେଇଥିଲା । ମୋର ଚିରଶତ୍ରୁମାନେ କହୁଥିଲେ, ମୁଁ କୁଆଡ଼େ ଚାକିରିକାଳରେ ଶିକ୍ଷକମାନଙ୍କ ତଣ୍ଟିଚିପି ପଇସା ନେଉଥିବାରୁ ମୋ ପୁଅ ପାଠ ନପଢ଼ି ବାଲୁଙ୍ଗା ହୋଇଗଲା ।

ଦିନେ ହଠାତ୍ ସେ ପୁଣିଥରେ ପରୀକ୍ଷା ଦେବ ବୋଲି ତା' ବୋଉ ମାଧ୍ୟମରେ ମୋତେ ଜଣାଇଥିଲା ଓ ଫର୍ମ ପୂରଣ କରିବା ପାଇଁ ଟଙ୍କା ମାଗିଥିଲା । ସେ ଆମର ଏକମାତ୍ର ପୁତ୍ର ହୋଇଥିବାରୁ ମୁଁ କିଛି ନଭାବି ତାକୁ ଟଙ୍କା ଦେଇଥିଲି । ସେ ଫର୍ମ ପୂରଣ କରିଥିଲା ଓ ପରୀକ୍ଷା ଦେଇଥିଲା । ଶେଷରେ କାଲି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଖବର ମୋତେ ଫୋନରେ ଜଣାଇଥିଲା । ମାତ୍ର ସେ ବିଳମ୍ବିତ ରାତିରେ ଘରକୁ ଫେରିଥିବାରୁ ମୁଁ ତା' ସହ କଥା ହୋଇପାରି ନଥିଲି । ଆଜି ସକାଳେ ତା'ର କୃତିତ୍ୱ ପାଇଁ ମୁଁ ତାକୁ ଅଭିନନ୍ଦନ ଜଣାଇଥିଲି ଓ ଏହା କିପରି ସମ୍ଭବ ହେଲା ବୋଲି ପଚାରିଥିଲି ।

ପୁଅ ମୋର ନିର୍ବିକାର ଚିତ୍ତରେ କହିଥିଲା, "ଆମ ରାଜ୍ୟର ଇଂଜିନିୟରିଂ କଲେଜଗୁଡ଼ିକରେ ଯୋଗ୍ୟ ଛାତ୍ରଙ୍କ ଅଭାବ ଯୋଗୁଁ ଅନେକ ସ୍ଥାନ ଖାଲିପଡୁଥିଲା। ଏହାର ପ୍ରତିକାର କରିବା ପାଇଁ ଇଂଜିନିୟରିଂ କଲେଜଗୁଡ଼ିକ ତରଫରୁ ଆମ ରାଜ୍ୟର ଶାସନ ମୁଖ୍ୟଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦିନେ ଶାସନ ମୁଖ୍ୟ ତାଙ୍କର ମୁଖ୍ୟ ପରାମର୍ଶଦାତାଙ୍କୁ ଡାକି ବିରକ୍ତି ପ୍ରକାଶ କରିବା ସଂଗେସଂଗେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀବର୍ଷ ଏହାର ପୁନରାବୃତ୍ତି ହେବନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇ ପରାମର୍ଶଦାତା ସେଦିନ ଦରବାରକୁ ଫେରିଥିଲେ।

ଚତୁର ପରାମର୍ଶଦାତା ଜାଣିଥିଲେ ଯେ, ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ବେଶୀ ଛାତ୍ର ଶତକଡ଼ା ୫୦ରୁ କମ୍ ମାର୍କ ରଖୁଥିବାରୁ ଇଂଜିନିୟରିଂ କଲେଜରେ ନାମ ଲେଖାଇବାକୁ ଯୋଗ୍ୟ ହୋଇପାରୁ ନାହାନ୍ତି। କାରଣ ସାରା ଦେଶରେ ନିୟମ ଥିଲା ଯେ, ଇଂଜିନିୟରିଂ କଲେଜରେ ନାମ ଲେଖାଇବାକୁ ହେଲେ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସର୍ବନିମ୍ନ ଶତକଡ଼ା ୫୦ ନମ୍ବର ରଖିବାକୁ ହେବ। ତେଣୁ ସେ ନିଜେ ଯୁକ୍ତଦୁଇ ସ୍ତରରେ ପ୍ରଶ୍ନପତ୍ରର 'ମାର୍କ ଡିଷ୍ଟ୍ରିବ୍ୟୁସନ'ରେ ଆଖିଦୃଶିଆ ପରିବର୍ତ୍ତନ କରିଦେଲେ। ଅବଶ୍ୟ ପୂର୍ବ ପରି ଥିଓରୀରେ ୭୦ ଓ ପ୍ରାକ୍ଟିକାଲରେ ୩୦ ମାର୍କ ରଖିଲେ। ମାତ୍ର ଥିଓରୀରେ ୨୦ ମାର୍କର ଅତିସଂକ୍ଷିପ୍ତ (ଅବ୍‌ଜେକ୍‌ଟିଭ୍) ପ୍ରଶ୍ନ, ୨୯ ମାର୍କର ସଂକ୍ଷିପ୍ତ ପ୍ରଶ୍ନ ଓ ୨୧ ମାର୍କର ଦୀର୍ଘ ପ୍ରଶ୍ନ ଆସିବାର ବ୍ୟବସ୍ଥା କରିଦେଲେ। ନିୟମ ଦୃଷ୍ଟିରୁ, 'ମାର୍କ ଡିଷ୍ଟ୍ରିବ୍ୟୁସନ'ରେ ପରିବର୍ତ୍ତନ କରିବାର ଅଧିକାର ପରାମର୍ଶଦାତାଙ୍କର ନଥିଲା। ଏହି କ୍ଷମତା କେବଳ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ହାତରେ ଥିଲା। କିନ୍ତୁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଏହା ସ୍ୱୟଂ ମୁଖ୍ୟ ପରାମର୍ଶଦାତାଙ୍କର କାର୍ଯ୍ୟ ବୋଲି ଜାଣିଲା ପରେ ନୀରବ ରହିଲେ। ଏଣେ କଲେଜର ଅଧ୍ୟକ୍ଷ ମୋତେ ଡାକି ଏହି ପରିବର୍ତ୍ତନ କଥା ବୁଝାଇଦେଇଥିଲେ ଏବଂ ମୁଁ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲି।"

ସହାସ୍ୟ ବଦନରେ ପୁଅ ପୁଣି କହିଥିଲା, "ଆମ ସାର୍‌ମାନେ ପରୀକ୍ଷା ହଲ୍‌ରେ କଳାପଟାରେ ଅତିସଂକ୍ଷିପ୍ତ ଓ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଲେଖିଦେଇଥିଲେ ଏବଂ ମୁଁ ତାହା ଦେଖି ଉତାରିପକାଇଥିଲି। କିନ୍ତୁ ଦୀର୍ଘ ପ୍ରଶ୍ନଗୁଡ଼ିକ ବୁଝିନପାରି ପଦାର୍ଥ ବିଜ୍ଞାନରେ ନଈବଢ଼ି ଓ ଘରପୋଡ଼ି ଉପରେ ରଚନା ଲେଖିଥିଲି। ସେହିପରି ରସାୟନ ବିଜ୍ଞାନରେ ଗାଈ ଓ ହାତୀର ଆତ୍ମକଥା ଲେଖିଦେଇଥିଲି ଇତ୍ୟାଦି। ମୁଁ ଜାଣିଥିଲି ଯେ, ଅତିସଂକ୍ଷିପ୍ତ

ପ୍ରଶ୍ନର ଉତ୍ତର ମୂଲ୍ୟାୟନବେଳେ ପରୀକ୍ଷକ ଏକମାର୍କ ବି କମ୍ କରିପାରିବେ ନାହିଁ। ଅର୍ଥାତ୍ ମୁଁ ଏଥିରେ ୨୦ ରୁ ୨୦ ମାର୍କ ପାଇବି। ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଉତ୍ତାରିଲା-ବେଳେ ମୁଁ ଖୁବ୍ ସାବଧାନତା ଅବଲମ୍ବନ କରିଥିଲେ ମଧ୍ୟ ଭୁଲର ସମ୍ଭାବନା ରହିଥିଲା। ତଥାପି ଏଥିରେ ପରୀକ୍ଷକ ଖୁବ୍ ବେଶୀରେ ୭ ମାର୍କ କାଟିଲେ ବି ମୁଁ ୨୨ ମାର୍କ ପାଇବା ନିଧାର୍ଯ୍ୟ ଥିଲା। ଆଉ ପ୍ରାକ୍‌ଟିକାଲ୍‌ରେ ତ ସର୍ବନିମ୍ନ ୨୮ ମାର୍କ୍ ଦେବାକୁ ଅଧ୍ୟକ୍ଷ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କର ଦାବି ମୁତାବକ ଅର୍ଥ ମୁଁ ବିନା ଦ୍ୱିଧାରେ ପ୍ରଦାନ କରିସାରିଥିଲି। ଏହିପରି ମୋଟ ପ୍ରତ୍ୟେକ ବିଷୟରେ ୧୦୦ ରୁ ୭୦ ମାର୍କ ପାଇବା ପକ୍‌କା ଥିଲା। ତେଣୁ ଦୀର୍ଘ ପ୍ରଶ୍ନର ଉତ୍ତରରେ ମାର୍କ ପାଇବା ମୋର ଲୋଡ଼ା ନଥିଲା।"

ଆତ୍ମବିଶ୍ୱାସର ସହ ପୁଅ ପୁଣି କହିଥିଲା, "ବାପା ! ମୋର ଗଣନା ଆଦୌ ଭୁଲ ହୋଇନାହିଁ; ମୁଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି। ଏଥର ଇଂଜିନିୟରିଂ କଲେଜରେ ନାମ ଲେଖାଇବି ଓ ଇଂଜିନିୟର ହେବି।" ମୋ ମନକୁ ଆସିଥିଲା, ଏପରି ପିଲା ଇଂଜିନିୟର ହେଲେ ଏମାନଙ୍କ ତତ୍ତ୍ୱାବଧାନରେ ନିର୍ମିତ ପୋଲ ଭୁଶୁଡ଼ିପଡ଼ିବ ହିଁ ପଡ଼ିବ। ମାତ୍ର ମନର କଥାକୁ ଚାପିରଖିଥିଲି ଏବଂ ପାଟିରୁ ବାହାରିଥିଲା, "ଧନ୍ୟ ପୁଅ ଧନ୍ୟ।" ମୋ କଥାରେ ବାଧା ଦେଇ ସେ କହିଥିଲା, "ଧନ୍ୟ, ମୁଖ୍ୟ ପରାମର୍ଶଦାତା ଧନ୍ୟ।"

●

# କ୍ରୋଧଠାରୁ ଆଶ୍ୱସ୍ତି ପର୍ଯ୍ୟନ୍ତ

ମହାରାଜ ସେଦିନ ତାଙ୍କ ମନ୍ତ୍ରିପରିଷଦର ଏକ ଜରୁରୀ ବୈଠକ ଡକାଇଥିଲେ। ମନ୍ତ୍ରିମାନେ ଯଥାସମୟରେ ଆସି ଦରବାରରେ ହାଜର ହୋଇଯାଇଥିଲେ। ମହାରାଜ କିନ୍ତୁ ଠିକଣା ସମୟରେ ରାଜସଭାରେ ବିଜେ କରିନଥିଲେ। ତାଙ୍କର ଆସିବାରେ ବିଳମ୍ବ ହେଉଥିବାରୁ ମନ୍ତ୍ରିମାନେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ। କାରଣ ସେମାନେ ଜାଣିବାରେ ମହାରାଜଙ୍କର ଯଥେଷ୍ଟ ସମୟ ଜ୍ଞାନ ଥିଲା ଏବଂ ତହିଁରେ ଆଦୌ ଏପଟସେପଟ ହେଉନଥିଲା। ତେଣୁ ସେଦିନର ବ୍ୟତିକ୍ରମ ମନ୍ତ୍ରିମାନଙ୍କୁ ଚିନ୍ତାରେ ପକାଇଦେଇଥିଲା।

ହଠାତ୍ ଭିତରୁ ମହାରାଜଙ୍କର ଗର୍ଜନ ଶୁଭିଥିଲା। ସେ ଗର୍ଜିଗର୍ଜି ରାଜସଭାରେ ପ୍ରବେଶ କରିଥିଲେ। ମନ୍ତ୍ରିମାନେ ତାଙ୍କର ଏ କ୍ରୋଧାନ୍ୱିତ ରୂପ ଆଗରୁ କେବେହେଁ ଦେଖିନଥିଲେ। ତେଣୁ ସେମାନଙ୍କର ପିଳେହି ପାଣି ହୋଇଯାଇଥିଲା; ସେମାନେ ନିର୍ଜୀବ ପରି ଛିଡ଼ା ହୋଇରହିଥିଲେ। ମହାରାଜ ଚିତ୍କାର କରି କହିଥିଲେ, "ମୋ ରାଜ୍ୟରେ ପୁଣି ଜନୈକ ସ୍କୁଲ ପିଲାକୁ ଅପହରଣ କରିନିଆଗଲା। ତାକୁ ମୁଣ୍ଡଜାମିନ ରଖି ଅର୍ଥ ଦାବି କରାଗଲା। ଅର୍ଥ ନମିଳିବାରୁ ତାକୁ ହତ୍ୟା କରି ଫିଙ୍ଗିଦିଆଗଲା।" ସିଂହାସନରେ ଉପବେଶନ କରୁକରୁ ସେ ସେହିପରି କହିଥିଲେ, "ମହାମନ୍ତ୍ରୀ ! ମୋ ରାଜ୍ୟରେ ଏହା କିପରି ସମ୍ଭବ ହେଲା, ତା'ର ଜବାବ ମୋତେ ଦିଅନ୍ତୁ। ଉତ୍ତର ସନ୍ତୋଷଜନକ ନହେଲେ, ମୁଁ ଆପଣଙ୍କୁ ଆଜି ହିଁ ବହିଷ୍କାର କରିବି।"

ଧୀରଚିତ୍ତରେ ମହାମନ୍ତ୍ରୀ କହିଥିଲେ, "ମହାରାଜ ! ମୋ ମୁଣ୍ଡ ରଖିଲେ ରଖିବେ, ନେଲେ ନେବେ। କିନ୍ତୁ ଅନୁଗ୍ରହ ପୂର୍ବକ ମୋ କଥା ଶୁଣିବା ହୁଅନ୍ତୁ। ଏହା ସତ୍ୟ ଯେ, ତିନିଜଣ ଦୁରାତ୍ମା ଅର୍ଥ ଲାଳସାରେ ଷଷ୍ଠ ଶ୍ରେଣୀର ଛାତ୍ର ହରିଶଙ୍କରକୁ ଅପହରଣ କରିନେଇଥିଲେ। ସେମାନେ ତାକୁ ମୁଣ୍ଡଜାମିନ ରଖି ତା' ବାପାଙ୍କଠାରୁ ତିନିଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ସେମାନେ ହରିଶଙ୍କରକୁ ହତ୍ୟା କରିବେ ବୋଲି ସ୍ପଷ୍ଟ ଭାବେ ସୂଚାଇଦେଇଥିଲେ। ଏଥି ସଂଗେସଂଗେ ଏ ଘଟଣା ଆମର ସୁରକ୍ଷା କର୍ମୀମାନଙ୍କୁ ନଜଣାଇବାକୁ ସତର୍କ କରିଦେଇଥିଲେ। ଯଦି ସେ ଏହା ଜଣାନ୍ତି, ତେବେ ତାଙ୍କ ପୁଅକୁ ହତ୍ୟା କରାଯିବ ବୋଲି ନିଃସର୍ତ୍ତ ଭାବେ

କହିଦେଇଥିଲେ । କିନ୍ତୁ ତା'ର ବାପା ସେମାନଙ୍କର କଥା ନମାନି ଆମର ସୁରକ୍ଷା କାର୍ଯ୍ୟାଳୟକୁ ଆସି ଏହା ଜଣାଇଥିଲେ । ଦୁର୍ବୃତ୍ତମାନେ ଏ ଖବର ପାଇବା ମାତ୍ରେ ନିରୀହ, ନିଷ୍ପାପ, ନିଷ୍କପଟ ହରିଶଙ୍କରକୁ ମାରି ଜଙ୍ଗଲରେ ଫିଙ୍ଗିଦେଇଥିଲେ ।"

ଢେପ ଢୋକି ମହାମନ୍ତ୍ରୀ କହିଥିଲେ, "ମହାରାଜ ! ଅପହର୍ତ୍ତାମାନଙ୍କର ବାରଣ ସତ୍ତ୍ୱେ ହରିଶଙ୍କରର ବାପା ସୁରକ୍ଷା କାର୍ଯ୍ୟାଳୟକୁ ଆସି ଅପହରଣ ଖବର ପେସ କରାଇବା ଠିକ୍ ହୋଇନଥିଲା । ବରଂ ସେମାନଙ୍କର ଦାବି ମୁତାବକ ସେ ତିନିଲକ୍ଷ ଟଙ୍କା ପଇଠ କରିଦେଇଥିଲେ କଥା ଛିଡ଼ିଥାନ୍ତା । ତାଙ୍କର ଭଲ ରୋଜଗାର ଥିଲା; ଅର୍ଥର ଅଭାବ ନଥିଲା । ଅପର ପକ୍ଷରେ ଅପହର୍ତ୍ତାମାନେ ଯାହା କହିଥିଲେ, ତାହା କାର୍ଯ୍ୟରେ ପରିଣତ କରିଥିଲେ । ଯଦି ସେମାନେ ତାହା ନକରିଥାନ୍ତେ, ତେବେ ସେମାନଙ୍କର କଥା ଓ କାର୍ଯ୍ୟ ମଧ୍ୟରେ ଫରକ ଥିବା ପ୍ରମାଣିତ ହୋଇଥାନ୍ତା । ଏହାଦ୍ୱାରା ଆମ ସମାଜରେ ମୂଲ୍ୟବୋଧ ନିମ୍ନଗାମୀ ହେଉଥିବାର ସ୍ପଷ୍ଟ ସୂଚନା ମିଳିଥାନ୍ତା ।"

ମୁଣ୍ଡ ସାମାନ୍ୟ ଉପରକୁ ଟେକି ମହାମନ୍ତ୍ରୀ କହିଥିଲେ, "ମହାରାଜ ! ଆମର ସୁରକ୍ଷା କର୍ମୀମାନେ ମାଓବାଦୀମାନଙ୍କୁ ଦମନ କରିବା କାର୍ଯ୍ୟରେ ମନପ୍ରାଣ ଢାଳି ଲାଗିପଡ଼ିଛନ୍ତି । ସେମାନଙ୍କର କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀମାନେ ହଗିମୂତି ଛାନିଆ ହୋଇଗଲେଣି । ଦୈନିକ କେହି ନା କେହି 'ହାର୍ଡ଼କୋର୍' ମାଓବାଦୀ ସେମାନଙ୍କ ପାଖକୁ ଆସି ଆତ୍ମସମର୍ପଣ କରୁଛନ୍ତି । ଅବଶ୍ୟ... ଅବଶ୍ୟ ମାଓବାଦୀମାନଙ୍କର ନୃଶଂସ କାଣ୍ଡ ସାମାନ୍ୟ କମିବାର ସୂଚନା ମିଳୁନାହିଁ । ସେମାନେ ନିରୀହ ପ୍ରଜାମାନଙ୍କ ମଧ୍ୟରୁ ଯାହାକୁ ନାହିଁ ତାକୁ ଘରୁ ଡାକିନେଇ ଗଳା କାଟି ହତ୍ୟା କରୁଛନ୍ତି । ତା' ସତ୍ତ୍ୱେ ଆମର ସୁରକ୍ଷା କର୍ମୀମାନେ ଗଭୀର ନିଷ୍ଠା, ଅସୀମ ଧୈର୍ଯ୍ୟ ଓ ପ୍ରଚଣ୍ଡ ଆତ୍ମବିଶ୍ୱାସର ସହ ସେମାନଙ୍କର ମୁକାବିଲା କରୁଛନ୍ତି । ନଚେତ୍ ମାଓବାଦୀମାନେ ଏତେବେଳକୁ ରାଜଧାନୀର ଉପକଣ୍ଠରେ ଆସି ହାଜର ହୋଇସାରନ୍ତେଣି । ଏହି ପରିସ୍ଥିତିରେ ଆମର ସୁରକ୍ଷା କର୍ମୀମାନେ ହତ୍ୟା, ଧର୍ଷଣ, ଅପହରଣ ପରି ଛୋଟମୋଟ କଥାରେ ମୁଣ୍ଡ ପୂରାଇବା ଉଚିତ ମନେ ହେଉନାହିଁ ।"

ମହାମନ୍ତ୍ରୀଙ୍କୁ ଆଉ ଅଧିକ କହିବାକୁ ନଦେଇ ମହାରାଜ ତୁଣ୍ଡ ଖୋଲିଥିଲେ । ସେ କହିଥିଲେ, "ମହାମନ୍ତ୍ରୀ ! ଆପଣ ତିନିପକ୍ଷର ଅର୍ଥାତ୍ ଅପହୃତ, ଅପହର୍ତ୍ତା ଓ ସୁରକ୍ଷା କର୍ମୀଙ୍କର କଥା ଖୁବ୍ ପ୍ରାଞ୍ଜଳ ଭାବରେ ମୋ ଆଗରେ ଉପସ୍ଥାପନ କରିଛନ୍ତି । ଏହା ଶୁଣି ମୁଁ ଆଶ୍ୱସ୍ତ ହେଲି ଏବଂ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଆଇନ ଠିକ୍ ଭାବରେ ତା' ବାଟରେ ଚାଲିଛି । ସୁରକ୍ଷା କର୍ମୀମାନଙ୍କର ମନୋବଳ ଭାଙ୍ଗିଦେଲା ପରି

କୌଣସି ପଦକ୍ଷେପ ଆମେ ନେବାନାହିଁ । ଏହିଠାରେ ହିଁ ଘଟଣାର ପୂର୍ଣ୍ଣଚ୍ଛେଦ ଟାଣିବା ।" ମହାରାଜଙ୍କଠାରୁ ଏହା ଶୁଣି ମନ୍ତ୍ରିମାନଙ୍କ ମୁହଁରେ ହସ ଫୁଟିଉଠିଥିଲା ।

ପ୍ରଫୁଲ୍ଲିତ ହୋଇ ମହାମନ୍ତ୍ରୀ କହିଥିଲେ, "ମହାରାଜ ! ଆମ ରାଜ୍ୟରେ ଆଉ ଯେପରି ଅପହରଣର ଖବର ଶୁଣିବାକୁ ନମିଳିବ, ମୁଁ ତା'ର ବ୍ୟବସ୍ଥା କରିସାରିଛି । ମୁଁ ଆମର ସୁରକ୍ଷା କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇସାରିଛି ଯେ, ଯଦି କୌଣସି ବ୍ୟକ୍ତି ଅପହରଣର ଅଭିଯୋଗ ଦାଏର କରିବାକୁ ଆସନ୍ତି, ତେବେ ସେମାନେ ତାଙ୍କୁ ଅପହର୍ତ୍ତାଙ୍କ ଦାବି ମୁତାବକ ଅର୍ଥ ପଇଠ କରିବାକୁ ପରାମର୍ଶ ଦେବେ । ଯଦି ଅର୍ଥ ନଦିଅନ୍ତି, ତେବେ ହରିଶଙ୍କରର ଦଶା ଭୋଗିବାର ଆଶଙ୍କା ରହିଥିବା ସୂଚାଇଦେବେ । ମୁଁ ନିଶ୍ଚିତ, ଏହାପରେ ସେ ଅଭିଯୋଗ ଦାଖଲ ନକରି ଅର୍ଥ ବିନିମୟରେ ଅପହୃତଙ୍କୁ ମୁକୁଳାଇ ଆଣିବା ପାଇଁ ଆଗେଇଯିବେ । ଆବଶ୍ୟକ ପଡ଼ିଲେ ଆମର ସୁରକ୍ଷା କର୍ମୀମାନେ ଏହି ଦେଣନେଣ ପ୍ରକ୍ରିୟାରେ ତାଙ୍କୁ ସହାୟତା ଯୋଗାଇଦେବେ । ଆଉ ଅପହରଣ ଖବର ପ୍ରଘଟ ନହୋଇ ଶାନ୍ତିପୂର୍ଣ୍ଣ ଭାବରେ ଘଟଣାର ଅନ୍ତ ହେବ ।"

"ଧନ୍ୟ ମହାମନ୍ତ୍ରୀ ! ତୁମେ ଧନ୍ୟ !" କହି ମହାରାଜ ବୈଠକ ସାଙ୍ଗ କରିଥିଲେ । ମନ୍ତ୍ରିପରିଷଦ ବୈଠକର ବିବରଣୀ କିନ୍ତୁ ଅବିଳମ୍ବେ ପ୍ରଜାମହଲରେ ପ୍ରଘଟ ହୋଇଯାଇଥିଲା । ତାହା ଶୁଣି ସେମାନେ କହିଥିଲେ, "ଅବିବେକୀ ରାଜାଠାରେ ବୁଦ୍ଧିର ଇଚ୍ଛା; ମାଟିଘୋଡ଼ା ଚଢ଼ି ଯୋଜନ ଯିବାର ବାଞ୍ଛା ।"

●

# ମହାମନ୍ତ୍ରୀ ଉବାଚ

ମହାରାଜ ସେଦିନ ତାଙ୍କ ମନ୍ତ୍ରିପରିଷଦର ଏକ ଜରୁରୀ ବୈଠକ ଡକାଇଥିଲେ । ସମସ୍ତ ମନ୍ତ୍ରୀ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଦରବାରରେ ହାଜର ହୋଇଯାଇଥିଲେ । ଗମ୍ଭୀର ଚିତ୍ତରେ ମହାରାଜ ଯଥାସମୟରେ ରାଜସଭାରେ ବିଜେ କରିଥିଲେ । ସିଂହାସନରେ ବସୁବସୁ ସେ କହିଥିଲେ, "ମୁଁ ସ୍ଥିର କରିଛି, ଆଜି ଆମ ରାଜ୍ୟର ସୀମାନ୍ତ ଅଞ୍ଚଳ ରାୟଘରକୁ ଯିବି । ସେଠାରେ ଗଣଧର୍ଷଣର ଶିକାର ହୋଇ ଆଖି ବୁଜିଥିବା 'ପୀଡ଼ିତା'ର ଘରେ ପହଞ୍ଚି ସମବେଦନା ଜଣାଇବି । ମୁଁ ଆଜି ହିଁ ଖବର ପାଇଲି ଯେ, ତେରଦିନ ତଳେ ସେ ଗଣଧର୍ଷଣର ଶିକାର ହୋଇ ସେଠା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା । ମାତ୍ର ତା'ର ଅବସ୍ଥା ଉଦ୍‌ବେଗଜନକ ହେବାରୁ ପରିବାର ଲୋକେ ତାକୁ ଅଧିକ ଚିକିତ୍ସା ଲାଗି ଆମ ପଡ଼ୋଶୀ ରାଜ୍ୟକୁ ନେଇଯାଇଥିଲେ । ସେଠାରେ ବି ତା' ଅବସ୍ଥାରେ ଉନ୍ନତି ଘଟିନଥିଲା ଓ ଶେଷରେ ସେ ମୃତ୍ୟୁବରଣ କରିଥିଲା । ପରିବାର ଲୋକେ ତା' ମୃତଦେହକୁ ଘରକୁ ଆଣି ଗ୍ରାମ୍ୟ ଶ୍ମଶାନରେ ଦାହ କରିଥିଲେ ।" ସ୍ୱଳ୍ପ ସମୟ ରହି ମହାରାଜ ପୁଣି କହିଥିଲେ, "ଆପଣମାନେ ଜାଣିଥିବେ, ଏହାର ଅଳ୍ପଦିନ ପୂର୍ବରୁ ଇନ୍ଦ୍ରପ୍ରସ୍ଥ ରାଜ୍ୟରେ ଠିକ୍ ଏହିପରି ଏକ ଘଟଣା ଘଟିଥିଲା । ସେଠାରେ ଜନୈକ ଛାତ୍ରୀ ଗଣଧର୍ଷଣର ଶିକାର ହୋଇ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲା । ଏ ଖବର ପାଇ ସେଠାର ମହାରାଜ ତଥା ମୋର ବନ୍ଧୁ ଶିଳାଜିତ୍ ତାକୁ ଦେଖିବା ପାଇଁ ଡାକ୍ତରଖାନାକୁ ଯାଇଥିଲେ । ତା' ଅବସ୍ଥାରେ ସୁଧାର ନଆସିବାରୁ ଶିଳାଜିତ୍ ତାକୁ ଉନ୍ନତ ଚିକିତ୍ସା ଆଶାରେ ବିଦେଶକୁ ପଠାଇଦେଇଥିଲେ । ସେଠାରେ କିନ୍ତୁ ହତଭାଗିନୀ ମୃତ୍ୟୁବରଣ କରିଥିଲା । ଶିଳାଜିତ୍ ତା' ଶବ ଆଣିବାର ବ୍ୟବସ୍ଥା କରିଥିଲେ ଓ ଶବଦାହବେଳେ ଶ୍ମଶାନରେ ଉପସ୍ଥିତ ଥିଲେ । ପରେ ସେ ତା' ଘରକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଖାଲି ସେତିକି ନୁହେଁ, ମୃତ ଛାତ୍ରୀ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଏକାଠି ହୋଇଥିବା ଅଗଣିତ ଶୋକାକୁଳ ପ୍ରଜାଙ୍କ ସମ୍ମୁଖୀନ ହୋଇ ସେ ବିହିତ କାର୍ଯ୍ୟାନୁଷ୍ଠାନର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ମୁଁ ମୋର ବନ୍ଧୁ ମହାରାଜ ଶିଳାଜିତ୍‌ଙ୍କ ପଦାଙ୍କ ଅନୁସରଣ କରି ଆଜି 'ପୀଡ଼ିତା'ର ଘରକୁ ଯାଇ ସମବେଦନା ଜଣାଇବି ।"

ଦରବାରରେ ବେଶ୍ ସମୟ ନୀରବତା ବିରାଜମାନ କରିଥିଲା । ତତ୍ପରେ ମହାମନ୍ତ୍ରୀ ଦଣ୍ଡାୟମାନ ହୋଇ ନୀରବତା ଭାଙ୍ଗି କହିଥିଲେ, "ମଣିମା ! ମୁଁ କିନ୍ତୁ ଆଜିର ପ୍ରସ୍ତାବିତ ଗସ୍ତ ବାତିଲ କରିବାକୁ ଆପଣଙ୍କୁ ପରାମର୍ଶ ଦେଉଛି । ଦୟାକରି ମହାରାଜ ଶିଳାଜିତ୍‌ଙ୍କ ସହିତ ଆପଣଙ୍କୁ ତୁଳନା କରନ୍ତୁନାହିଁ । ସେ ମୂଳରୁ ପ୍ରଜାମାନଙ୍କ ସହିତ ମିଶିଆସିଛନ୍ତି । ପ୍ରଜାମାନେ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି; ସେ ବି ପ୍ରଜାମାନଙ୍କୁ ଖୁବ୍ ଶ୍ରଦ୍ଧା କରନ୍ତି । ମାତ୍ର ଆପଣ ତ... ... । 'ପୀଡ଼ିତା'ର ଘରକୁ ଗଲେ ଆପଣ ପ୍ରଜାମାନଙ୍କର ରୋଷର ଶିକାର ହେବାର ଆଶଙ୍କା ରହିଛି । ତା'ଛଡ଼ା ଆମ ରାଜ୍ୟରେ ଦୈନିକ ପ୍ରାୟ ଚାରିଟି ଲେଖାଏଁ ଧର୍ଷଣ ସଂଘଟିତ ହେଉଛି । ଯଦି ଆପଣ ପ୍ରତ୍ୟେକ ଧର୍ଷିତାର ଘରକୁ ସମବେଦନା ଜଣାଇବାକୁ ଯିବେ, ତେବେ ପୂରା ଦିନଯାକର ସମୟ ବି ନିଅଣ୍ଟ ହେବ । ତେଣୁ ଆପଣ ଧର୍ଷିତାର ଘରକୁ ଯିବାର ପରମ୍ପରା ସୃଷ୍ଟି କରନ୍ତୁନାହିଁ । ଏଥିପାଇଁ ତ ଆମେ ଗତ ତେରଦିନ ଧରି ରାୟଘର ଗଣଧର୍ଷଣର ଖବର ଆପଣଙ୍କ କାନରେ ପକାଇ ନଥିଲୁ । ଆପଣ ବରଂ 'ପୀଡ଼ିତା'ର ପରିବାରକୁ ପାଞ୍ଚଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରି ଘଟଣାର ପୂର୍ଣ୍ଣଚ୍ଛେଦ ପକାନ୍ତୁ ।"

ମହାରାଜଙ୍କ ମୁଖମଣ୍ଡଳରୁ ଗମ୍ଭୀର ଭାବ ଲିଭିଯାଇଥିଲା । ସେ କହିଥିଲେ, "ମହାମନ୍ତ୍ରୀ ! ତୁମେ ବିଦ୍ୱାନ୍; ତୁମେ ଦିବ୍ୟଦର୍ଶୀ । ଈଶ୍ୱର ତୁମକୁ ପ୍ରଚଣ୍ଡ ଧୀଶକ୍ତି ପ୍ରଦାନ କରିଛନ୍ତି । ସେଥିଲାଗି ମୁଁ ତୁମର ପରାମର୍ଶ ଅନୁସାରେ ହିଁ କାର୍ଯ୍ୟ କରିଥାଏ । ଆଜି ତୁମର ପରାମର୍ଶ ଅନୁଯାୟୀ ମୋର ପ୍ରସ୍ତାବିତ ଗସ୍ତକୁ ବାତିଲ କରୁଛି । ଏଥି ସଙ୍ଗେସଙ୍ଗେ 'ପୀଡ଼ିତା'ର ପରିବାରକୁ ପାଞ୍ଚଲକ୍ଷ ବଦଳରେ ଦଶଲକ୍ଷ ଟଙ୍କା ପ୍ରଦାନ କରିବାକୁ ଆଦେଶ ଦେଉଛି ।" ମୁଣ୍ଡ ସାମାନ୍ୟ ତଳକୁ କରି ମହାମନ୍ତ୍ରୀ କହିଥିଲେ, "ଯେ ଆଜ୍ଞା ମହାରାଜ ।"

ଦରବାରରେ ପୁଣି ନୀରବତା ବିରାଜମାନ କରିଥିଲା । ଏଥର ମହାରାଜ ନୀରବତା ଭଙ୍ଗ କରି ପଚାରିଥିଲେ, "ମହାମନ୍ତ୍ରୀ ! ମୁଁ ଚାହେଁ, ଆମ ରାଜ୍ୟରୁ ଧର୍ଷଣ ଦୂର ହେଉ । ଏହା କ'ଣ ସମ୍ଭବ ନୁହେଁ ?" ମହାମନ୍ତ୍ରୀ ଉତ୍ତର ଦେଇଥିଲେ, "ହଜୁର ! ଏହା ସମ୍ଭବ । ଦୁର୍ନୀତିକୁ ନୀତିରେ ପରିଣତ କରିଦେଲେ ଦୁର୍ନୀତି ଆଉ ରହେନାହିଁ । ସେହିପରି, ଧର୍ଷଣକୁ ଅପରାଧ ତାଲିକାରୁ ବାଦ୍ ଦେଲେ, କଥା ସରିଲା । ଅର୍ଥାତ୍ ଆମକୁ ଦର୍ଶାଇବାକୁ ହେବ ଯେ, ଧର୍ଷଣ ଏକ ଅପରାଧ ନୁହେଁ । ଏ ଦିଗରେ ଆମକୁ ଜନସଚେତନତା ସୃଷ୍ଟି କରିବାକୁ ହେବ । ପ୍ରକୃତପକ୍ଷେ, ଧର୍ଷଣର ଅର୍ଥ ହେଲା ବଳପୂର୍ବକ ରମଣ ବା ମୈଥୁନ କରିବା । ଜୀବମାନଙ୍କର ବଞ୍ଚିବା ପାଇଁ ଆହାର ଓ ନିଦ୍ରା

ପରି ମୈଥୁନର ମଧ୍ୟ ଆବଶ୍ୟକତା ରହିଛି । ମଣିଷ, ସେ ପୁରୁଷ ହେଉ ବା ନାରୀ ହେଉ, ଜୀବ ହୋଇଥିବାରୁ ତା'ର ବି ଏସବୁର ଆବଶ୍ୟକତା ରହିଛି । ତେଣୁ ଯେକୌଣସି ପରିସ୍ଥିତିରେ ନାରୀ ମୈଥୁନ ପାଇଁ ଅମଙ୍ଗ ହେବା ଉଚିତ ନୁହେଁ । ଆମେ ଏହା ଆମର ପ୍ରିୟ ପ୍ରଜାମାନଙ୍କୁ ଭଲ ଭାବରେ ବୁଝାଇଦେବା । ମୁଁ ନିଶ୍ଚିତ ଯେ, ଆମ ରାଜ୍ୟର ଶାନ୍ତିପ୍ରିୟ ପ୍ରଜାମାନେ ଏହାକୁ ସାଦରେ ଗ୍ରହଣ କରିନେବେ ।"

ମହାମନ୍ତ୍ରୀଙ୍କ ବକ୍ତବ୍ୟ ମହାରାଜାଙ୍କ ସମେତ ମନ୍ତ୍ରିପରିଷଦର ସମସ୍ତ ସଦସ୍ୟଙ୍କ ମନକୁ ପାଇଲା ପରି ଲାଗିଥିଲା । ଅଧିକ ଉତ୍ସାହିତ ହୋଇ ମହାମନ୍ତ୍ରୀ ପୁଣି କହିଥିଲେ, "ଧର୍ଷଣ ସମ୍ପର୍କରେ ମହାନ୍ ଦାର୍ଶନିକ କନ୍‌ଫ୍ୟୁସିଅସ୍‌ଙ୍କର ଉକ୍ତି ଥିଲା 'ଯଦି ଧର୍ଷଣ ଅବଶ୍ୟମ୍ଭାବୀ ବୋଲି ଜାଣୁଛ, ତେବେ ଶାୟିତ ହୁଅ ଓ ତା'କୁ ଉପଭୋଗ କର ।' କନ୍‌ଫ୍ୟୁସିଅସ୍ ଏହି ବକ୍ତବ୍ୟ କେଉଁ ପରିପ୍ରେକ୍ଷୀରେ ପ୍ରଦାନ କରିଥିଲେ, ତାହା ଭିନ୍ନ କଥା । ମାତ୍ର ଆମକୁ ଏହି ଉକ୍ତିର ବ୍ୟାପକ ପ୍ରଚାର ଓ ପ୍ରସାର କରାଇବାକୁ ହେବ । ତା'ଛଡ଼ା ଆମକୁ ଜଣାଇଦେବାକୁ ହେବ ଯେ, ମୈଥୁନ ବା ରମଣକୁ ରତିକ୍ରୀଡ଼ା ବା ଯୌନକ୍ରୀଡ଼ା ବୋଲି ମଧ୍ୟ କୁହାଯାଏ । ତେଣୁ ନାରୀ ଯେକୌଣସି ପରିସ୍ଥିତିରେ ବି ଏହାକୁ କ୍ରୀଡ଼ା ବୋଲି ଗ୍ରହଣ କରିନେବା ଭଲ ହେବ । ଆମେ ଏସବୁ କଥା ପ୍ରଜାମାନଙ୍କୁ ବୁଝାଇ ଧର୍ଷଣ ସମ୍ପର୍କରେ ଏକ ଜନସଚେତନତା ଅଭିଯାନ ଆରମ୍ଭ କରିବା । ତା'ହେଲେ ଯାଇ ସମସ୍ୟାର ସମାଧାନ ହୋଇପାରିବ ।"

ମହାମନ୍ତ୍ରୀଙ୍କ କଥାକୁ ଶତକଡ଼ା ଶହେ ଗ୍ରହଣ କରି ସହାସ୍ୟ ବଦନରେ ମହାରାଜ କହିଥିଲେ, "ଧନ୍ୟ ମହାମନ୍ତ୍ରୀ ! ତୁମେ ଧନ୍ୟ । ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କର ।" ଏତିକି କହି ସେ ସିଂହାସନ ତ୍ୟାଗ କରିଥିଲେ । ମନ୍ତ୍ରିପରିଷଦ ବୈଠକରେ ମହାରାଜଙ୍କର ନିର୍ଣ୍ଣୟ ରାଜମାତାଙ୍କ କାନକୁ ଯାଇଥିଲା । ଧର୍ଷଣ ପରି ସ୍ପର୍ଶକାତର ପ୍ରସଙ୍ଗରେ ମହାରାଜଙ୍କର ସିଦ୍ଧାନ୍ତ ଶୁଣି ସେ ଦୀର୍ଘଶ୍ୱାସ ଛାଡ଼ିଥିଲେ । କହିଥିଲେ, "ପୁତ୍ର ମୋର ଧୂର୍ତ୍ତ ମହାମନ୍ତ୍ରୀଙ୍କ କୁପରାମର୍ଶକୁ ଗ୍ରହଣ ନକରି ନିଜର ବିବେକ ଅନୁସାରେ ରାଜ୍ୟ ଶାସନ କଲେ ଭଲ ହୁଅନ୍ତା ।" ମାତ୍ର ମହାରାଜ ଯେ ତାଙ୍କ କଥା ଶୁଣିବେନାହିଁ, ଏହା ରାଜମାତାଙ୍କୁ ଭଲ ରୂପେ ଜଣାଥିଲା ।

●

# ମାଓବାଦୀ ନେତା ବନାମ ଶିକ୍ଷକଙ୍କ ବିଧବା ପତ୍ନୀ

ମହାରାଜ ସେଦିନ ଯଥାସମୟେ ଦରବାରରେ ବିଜେ କରିଥିଲେ । ସେ କିନ୍ତୁ ଖୁବ୍ ବିମର୍ଷ ଦିଶୁଥିଲେ । ବିନା ଉପକ୍ରମଣିକାରେ ସେ କହିଥିଲେ, "ମହାମନ୍ତ୍ରୀ ! କୀର୍ତ୍ତିବୀର୍ଯ୍ୟ ନେତୃତ୍ୱରେ ମାଓବାଦୀମାନେ ଆମ ରାଜ୍ୟ ସୀମାନ୍ତରେ ବେଶ୍ କିଛି ଅଞ୍ଚଳ ଦଖଲ କରିନେଲେଣି । ସେହି ଅଞ୍ଚଳରେ ସେମାନେ ନିର୍ବିଘ୍ନରେ ସମାନ୍ତରାଳ ଶାସନ ଚଳାଇଛନ୍ତି । ଆମ କର୍ମଚାରୀମାନେ ସେଠାରେ ଚୁପ୍‌ଚାପ୍ ସେମାନଙ୍କର ହୁକୁମ ତାମିଲ କରୁଛନ୍ତି । ରାଜ୍ୟରେ ଦିନକୁ ଦିନ ସେମାନଙ୍କର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଏ ପରିସ୍ଥିତିର ମୁକାବିଲା ପାଇଁ ଆମେ କ'ଣ କରିଛେ ?"

ଛିଡ଼ା ହୋଇ ମୁଣ୍ଡ ତଳକୁ କରି ମହାମନ୍ତ୍ରୀ ଉତ୍ତର ଦେଇଥିଲେ, "ମହାରାଜ ! ଏ ସମ୍ପର୍କରେ ଶୃଙ୍ଖଳା ମନ୍ତ୍ରୀ ଆପଣଙ୍କୁ ବିସ୍ତୃତ ଭାବେ ଅବଗତ କରାଇବେ ।" ତତ୍‌କ୍ଷଣାତ୍ ଛିଡ଼ା ହୋଇଯାଇ ଶୃଙ୍ଖଳା ମନ୍ତ୍ରୀ କହିଥିଲେ, "ମହାରାଜ ! ମୋ ମୁଣ୍ଡ ରଖିଲେ ରଖିବେ, ନେଲେ ନେବେ । ଆମ ଶାସନ ବ୍ୟବସ୍ଥାରେ ଯାହା ସମ୍ଭବ, ଆମେ ତାହା କରିଛୁ । ଅଧିକ କିଛି କରିବା ସମ୍ଭବ ନୁହେଁ ।" ଛେପ ଢୋକି ସେ ପୁଣି କହିଥିଲେ, "ମହାରାଜ ! ଆମ ରାଜତନ୍ତ୍ରରେ ବିଧାନମଣ୍ଡଳ, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛନ୍ତି । କେହି ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରିବାର ପ୍ରଶ୍ନ ନାହିଁ । ଏହି ଶାସନ ବ୍ୟବସ୍ଥାରେ କୀର୍ତ୍ତିବୀର୍ଯ୍ୟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାଓବାଦୀଙ୍କୁ ଦୃଢ଼ହସ୍ତରେ ଦମନ କରିବା ସମ୍ଭବ ନୁହେଁ ।"

ମହାରାଜ ଗର୍ଜିଉଠିଥିଲେ, "ମୁଁ ତୁମକୁ ସଙ୍ଗେସଙ୍ଗେ କାର୍ଯ୍ୟଚ୍ୟୁତ କଲି । ଅନ୍ୟାଦେଶ ପର୍ଯ୍ୟନ୍ତ ତୁମେ ବିନା କାର୍ଯ୍ୟରେ ବସିରହିବ ।" ସାମାନ୍ୟ ପ୍ରକୃତିସ୍ଥ ହୋଇ ସେ କହିଲେ, "ମହାମନ୍ତ୍ରୀ ! ମୁଁ ଦୀର୍ଘଦିନରୁ ଚଳିଆସିଥିବା ଶାସନ ବ୍ୟବସ୍ଥାକୁ ବଦଳାଇପାରିବି ନାହିଁ । ଏହି ବ୍ୟବସ୍ଥା ଭିତରେ କୀର୍ତ୍ତିବୀର୍ଯ୍ୟକୁ ସାବାଡ଼ କରି ମାଓବାଦୀଙ୍କୁ ମୁକାବିଲା କରିବାକୁ ପଡ଼ିବ । ଏହି କାର୍ଯ୍ୟ କିଏ କରିପାରିବେ ତୁମେ ତାଙ୍କ ନାମ କୁହ । ମୁଁ ତାଙ୍କୁ ହିଁ ଶୃଙ୍ଖଳା ମନ୍ତ୍ରୀ କରିବି ।" ମହାମନ୍ତ୍ରୀ ଉତ୍ତର ଦେଲେ,

"ମହାରାଜ ! ପାରିବେ, ଆମର ଶିକ୍ଷାମନ୍ତ୍ରୀ ମକରଧ୍ୱଜ ହିଁ ଏହି କାମ କରିପାରିବେ ।"

"ତାଙ୍କ ପାରିବାପଣର ଉଦାହରଣ ମୋ ସମ୍ମୁଖରେ ଉପସ୍ଥାପନ କର", ମହାରାଜ ଆଦେଶ ଦେଇଥିଲେ ।

ମହାମନ୍ତ୍ରୀ କହିଥିଲେ ଯେ, ଶିକ୍ଷାମନ୍ତ୍ରୀ ମକରଧ୍ୱଜ ଶିକ୍ଷକନେତା କୈଳାସପତିଙ୍କ ଚାକିରିକାଳରୁ ଅବିଚାରିତ ଭାବେ ଦଶବର୍ଷ କାଟିଦେଇଥିଲେ । କୈଳାସପତି କିନ୍ତୁ ମକରଧ୍ୱଜଙ୍କ କାର୍ଯ୍ୟର ବୈଧତାକୁ 'ଚାଲେଞ୍ଜ' କରି ଅଦାଲତର ଆଶ୍ରୟ ନେଇଥିଲେ । ମାମଲା ସେଠାରେ ବିଚାରାଧୀନ ଥିବାବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କୈଳାସପତିଙ୍କର ଅକାଳ ବିୟୋଗ ଘଟିଥିଲା । ତାଙ୍କ ମୃତ୍ୟୁ ପରେ ମାମଲାର ରାୟ ପ୍ରକାଶ ପାଇଥିଲା ଏବଂ ରାୟ ତାଙ୍କ ସପକ୍ଷରେ ଯାଇଥିଲା । ଅଦାଲତ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବୈଧ ଘୋଷଣା କରିଥିଲେ । କଟାଯାଇଥିବା ଦଶବର୍ଷକୁ ମିଶାଇ ସ୍ୱର୍ଗତ କୈଳାସପତିଙ୍କ ବେତନ ପୁନଃନିର୍ଦ୍ଧାରଣ କରିବା ସଙ୍ଗେସଙ୍ଗେ ଏ ବାବଦ ପ୍ରାପ୍ୟ ତାଙ୍କ ବିଧବା ପତ୍ନୀଙ୍କୁ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ । ରାୟ ପ୍ରକାଶ ପାଇବା ପରେ କୈଳାସପତିଙ୍କ ପତ୍ନୀ ତିଳୋତ୍ତମା ସ୍ୱାମୀଙ୍କର ନ୍ୟାଯ୍ୟ ପ୍ରାପ୍ୟ ପାଇବା ପାଇଁ ଆଗୁସାର ହୋଇଥିଲେ । ମାତ୍ର ମକରଧ୍ୱଜଙ୍କ ନିର୍ଦ୍ଦେଶ ଅଦାଲତରେ କାଟଖାଇଯାଇଥିବାରୁ ସେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ ଏବଂ ଏହାକୁ ନିଜର ସମ୍ମାନର ପ୍ରଶ୍ନ ବୋଲି ଧରିନେଇଥିଲେ । ତିଳୋତ୍ତମାଙ୍କୁ ପ୍ରାପ୍ୟ ପ୍ରଦାନ କରିବା ପରିବର୍ତ୍ତେ ସେ ଉଚ୍ଚ ଅଦାଲତରେ ଅପିଲ ଦାଖଲ କରିଥିଲେ । ବିଚାରୀ ତିଳୋତ୍ତମା ସେଠାକୁ ଘୋଷଡ଼ା ହୋଇଥିଲେ । ଉଚ୍ଚ ଅଦାଲତରେ କିନ୍ତୁ ଏହି ଅପିଲ ଖାରଜ ହୋଇଯାଇଥିଲା । ମକରଧ୍ୱଜ ଏଥିରେ ତିଳେମାତ୍ର ହତୋତ୍ସାହ ହୋଇନଥିଲେ; ବରଂ ତାଙ୍କର ଜିଦ୍ ବଢ଼ିଯାଇଥିଲା । ସେ ଉଚ୍ଚତମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ବିଧବା ତିଳୋତ୍ତମାଙ୍କୁ ସେଠାକୁ ବି ଟାଣିଥିଲେ । ଉଚ୍ଚତମ ଅଦାଲତରେ ମଧ୍ୟ ତିଳୋତ୍ତମାଙ୍କର ଜିତାପଟ ହୋଇଥିଲା । ଅନନ୍ୟୋପାୟ ହୋଇ ମକରଧ୍ୱଜ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ମାତ୍ର ସପ୍ତାହେ ନପୂରୁଣୁ ସେ ଏହି ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେଇଥିଲେ । ବିଜ୍ଞପ୍ତି ପ୍ରତ୍ୟାହାର ଖବର ପାଇ ବିଚାରୀ ତିଳୋତ୍ତମା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ । ଲଢ଼େଇ କରିବାକୁ ତାଙ୍କର ଆଉ ବଳ ନଥିଲା କି ଧୈର୍ଯ୍ୟ ନଥିଲା । "ଆଉ ପାରିବିନାହିଁ", କହି ସେ ରାଜ୍ୟ ଛାଡ଼ି ଚାଲିଯାଇଥିଲେ ।

ସାମାନ୍ୟ ରହି ମହାମନ୍ତ୍ରୀ କହିଥିଲେ, "ମହାରାଜ ! ଆମ ଶାସନ ବ୍ୟବସ୍ଥାରେ ନାରୀମାନଙ୍କୁ ସର୍ବାଧିକ ସୁରକ୍ଷା ଯୋଗାଇଦିଆଯାଇଛି । ବିଧବାମାନେ ତ ଆମର ସମ୍ପୂର୍ଣ୍ଣ

ସୁରକ୍ଷା ବଳୟ ଭିତରେ ରହିଛନ୍ତି । ତା' ସତ୍ତ୍ୱେ ମକରଧ୍ୱଜ ତିଳୋତ୍ତମାଙ୍କୁ ଦହଗଞ୍ଜ କରି ରାଜ୍ୟରୁ ତଡ଼ିଦେଇପାରିଲେ । କୀର୍ତ୍ତିବୀର୍ଯ୍ୟ ତ ରାଷ୍ଟ୍ରଦ୍ରୋହ କାର୍ଯ୍ୟ କରି ଆମର କୋପଦୃଷ୍ଟିରେ ରହିଛି । ତାକୁ ସାବାଡ଼ କରି ମାଓବାଦୀଙ୍କ ଆତ୍ମା ଭାଙ୍ଗିବା ମକରଧ୍ୱଜଙ୍କ ପାଇଁ ବାମ ହାତର ଖେଳ ହେବ ।"

ସହାସ୍ୟ ବଦନରେ ମହାରାଜ କହିଥିଲେ, "ତୁମେ ଠିକ୍ ପ୍ରସ୍ତାବ ଦେଇଛ ମହାମନ୍ତ୍ରୀ । ମକରଧ୍ୱଜଙ୍କୁ ତୁରନ୍ତ ଏଠାକୁ ଡକାଅ ।" ଡକରା ପାଇ ମକରଧ୍ୱଜ ସଙ୍ଗେସଙ୍ଗେ ଦରବାରରେ ଉପସ୍ଥିତ ହୋଇଥିଲେ । ତାଙ୍କୁ ସ୍ୱାଗତ କରି ମହାରାଜ କହିଥିଲେ, "ମକରଧ୍ୱଜ ! ତୁମେ ବିଧବା ତିଳୋତ୍ତମା ବିରୋଧରେ ଲାଗିପଡ଼ି ତାକୁ ରାଜ୍ୟରୁ ତଡ଼ିଦେଇପାରିଛ । ତୁମର ଏହି ପାରିଲାପଣ ଜାଣି ମୁଁ ଭାରି ଖୁସି ହେଲି । ମୁଁ ତୁମ ଉପରେ ଶୃଙ୍ଖଳା ମନ୍ତ୍ରୀ ଦାୟିତ୍ୱ ଅର୍ପଣ କରୁଛି । ତୁମେ କୀର୍ତ୍ତିବୀର୍ଯ୍ୟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାଓବାଦୀମାନଙ୍କୁ ଦୃଢ଼ହସ୍ତରେ ଦମନ କର ।"

ଦୁର୍ଦ୍ଧର୍ଷ ମାଓବାଦୀ କୀର୍ତ୍ତିବୀର୍ଯ୍ୟର ନାମ ଶୁଣି ମକରଧ୍ୱଜଙ୍କର ପିଳେହି ପାଣି ହୋଇଯାଇଥିଲା । ତାଙ୍କ ମୁଣ୍ଡ ଝାଇଁଝାଇଁ ହୋଇଥିଲା ଏବଂ ସେ ଦୁମ୍ କରି ତଳେ କଚାଡ଼ି ହୋଇ ପଡ଼ିଥିଲେ । ମହାମନ୍ତ୍ରୀ ପ୍ରଭୃତି ତାଙ୍କ ପାଖକୁ ଦୌଡ଼ିଯାଇଥିଲେ । ହଠାତ୍ ଦୁର୍ଗନ୍ଧରେ କକ୍ଷ ଫାଟିପଡ଼ିଥିଲା । ମହାରାଜ ଘୋଷଣା କରିଥିଲେ, "ଦୁର୍ଗନ୍ଧ ଯୋଗୁଁ ଆଜିର କାର୍ଯ୍ୟ ଆସନ୍ତାକାଲିକୁ ମୁଲତବୀ ରହିଲା ।" ମହାମନ୍ତ୍ରୀ ପ୍ରଭୃତି ଦେଖିଲାବେଳକୁ ମକରଧ୍ୱଜଙ୍କର ଚେତା ଉଡ଼ିଯାଇଥିଲା ଓ ସେ ଅଜାଣତରେ ମଳତ୍ୟାଗ କରି-ପକାଇଥିଲେ ।

ପାଠକେ ! କଥାରେ ଅଛି, "କାଣୀ ବିରାଡ଼ିର କୁଜି ଅସରପା ଉପରେ ଟାଣ ।" କ୍ଷମତାନ୍ଧ ଶିକ୍ଷାମନ୍ତ୍ରୀ ମକରଧ୍ୱଜ ଶିକ୍ଷକ କୈଳାସପତିଙ୍କ ବିଧବା ପତ୍ନୀ ତିଳୋତ୍ତମାଙ୍କ ଉପରେ ଦାଉସାଧି ତାଙ୍କୁ ଏପରି ହଲାପଟା କଲେ ଯେ, ସେ ରାଜ୍ୟ ଛାଡ଼ି ପଳାଇଗଲେ । ମାତ୍ର ଶୃଙ୍ଖଳା ମନ୍ତ୍ରୀ ଦାୟିତ୍ୱ ନେଇ ମାଓବାଦୀଙ୍କ ନେତା କୀର୍ତ୍ତିବୀର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା, ତା' ନାଆଁ ଶୁଣି ସେ ହଗିମୂତି ପକାଇଥିଲେ ।

●

# ୱେଲକମ, ଫେୟାରୱେଲ

ଷ୍ଟାଫ କ୍ଲବର ସମ୍ପାଦକ ରୂପେ ନିର୍ବାଚିତ ହେବା ଦିନ ହିଁ ଅଧ୍ୟାପକ ମଣିନାଗ ୩୦ ତାରିଖରେ ଆମର 'ପରମପୂଜ୍ୟ' ଅଧକ୍ଷଙ୍କୁ ଫେୟାରୱେଲ ଦିଆଯିବ ବୋଲି ଜଣାଇ ଏକ ନୋଟିସ ଜାରି କରିଥିଲେ । ଇଂରାଜୀ ଭାଷାରେ ସ୍ୱହସ୍ତରେ ଲିଖିତ ଏହି ନୋଟିସ ସେ ଷ୍ଟାଫ କମନ ରୁମ୍‌ରେ ଥିବା ଗାର୍ଡ଼ ଫାଇଲରେ ଲଗାଇଦେଇଥିଲେ । ଉକ୍ତ ନୋଟିସରେ ସେ ଆମ୍ଭମାନଙ୍କୁ ଫେୟାରୱେଲ ପାଇଁ ତିନିଶହ ଟଙ୍କା ଲେଖାଏଁ ଦେବାକୁ ନିବେଦନ କରିଥିଲେ ଏବଂ ସବିଶେଷ ସୂଚନା ପରେ ଜଣାଇଦିଆଯିବ ବୋଲି ଦର୍ଶାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଆମର 'ଅତିପ୍ରିୟ' ଅଧକ୍ଷ ୫୮ ବର୍ଷ ପୂର୍ତ୍ତି ଯୋଗୁଁ ୩୦ ତାରିଖରେ ସରକାରୀ ଚାକିରିରୁ ଅବସର ନେବାକୁ ଯାଉଥିଲେ ।

ପରଦିନ ଅଧ୍ୟାପକ ଭଗବାନ ଦାସ ଗାର୍ଡ଼ ଫାଇଲରେ ଲାଗିଥିବା ଉକ୍ତ ନୋଟିସ ପାଠ କରିଥିଲେ । 'ଫେୟାରୱେଲ'ର ବନାନରେ ସିଙ୍ଗଲ୍ ଏଲ୍ ଥିବା ଦେଖି ସେ ଚିହିଁକି ଉଠିଥିଲେ । ଆକାଉଣ୍ଟସ୍ ସେକ୍ସନ୍‌ରୁ ନାଲିକାଳି ଥିବା କଲମ ମଗାଇ ତା' ଉପରେ ଗୋଲ ବୁଲାଇଦେଇଥିଲେ । ଅର୍ଥାତ୍ ସେ farewel ବଦଳରେ farewell ବୋଲି ନାଲିକାଳିରେ ସଂଶୋଧନ କରିଦେଇଥିଲେ । ପରେ ଏହି ସଂଶୋଧନ ସମ୍ପର୍କରେ ଅଧ୍ୟାପକ ଦାସଙ୍କୁ କୌଣସି ସହକର୍ମୀ କିଛି ବି କହିନଥିଲେ । ସୁତରାଂ ତାଙ୍କ କାର୍ଯ୍ୟକୁ ସେମାନେ ଗ୍ରହଣ କରିନେଇଛନ୍ତି ବୋଲି ସେ ଧରିନେଇଥିଲେ ।

କ୍ରମେ ଫେୟାରୱେଲର ଦିନ ପାଖେଇଆସିଥିଲା । ଅଧ୍ୟାପକ ମଣିନାଗ ଏ ସମ୍ପର୍କରେ ସବିଶେଷ ସୂଚନା ଥାଇ ଦ୍ୱିତୀୟ ନୋଟିସ ବାହାର କରିଥିଲେ । ତହିଁରେ ଭୋଜି ଓ ସଭାର ସମୟ ଓ ସ୍ଥାନ ଆଦି ଉଲ୍ଲେଖ ଥିଲା । ଏହି ନୋଟିସରେ କିନ୍ତୁ 'ଫେୟାରୱେଲ'ର ବନାନରେ ପୂର୍ବବତ୍ ସିଙ୍ଗଲ୍ ଏଲ୍ ରହିଥିଲା । ଏହା ଦେଖି ଅଧ୍ୟାପକ ଭଗବାନ ଦାସ ଦୀର୍ଘଶ୍ୱାସ ଛାଡ଼ି କହିଥିଲେ, "ଆମ୍ଭମାନଙ୍କୁ ଅଧ୍ୟାପକ କଲା କିଏ !" ତାଙ୍କର ଏହି ମନ୍ତବ୍ୟ ଅଧ୍ୟାପକ ମଣିନାଗଙ୍କ କାନକୁ ଅବଶ୍ୟ ଯାଇଥିଲା ।

ତା' ପରଦିନ ମଧ୍ୟାହ୍ନରେ ଅଧ୍ୟାପକ ମଣିନାଗ ତାଙ୍କ ବିଭାଗ ଛାଡ଼ି ଷ୍ଟାଫ କମନ ରୁମ୍‌ରେ ଆସି ପହଞ୍ଚିଯାଇଥିଲେ । ସେ ସମୟରେ ଭଗବାନ ଦାସଙ୍କ ସମେତ ଅଧିକାଂଶ ଅଧ୍ୟାପକ କ୍ଲାସକୁ ଚାଲିଯାଇଥିଲେ । ମାତ୍ର ଛଅଜଣ ଅଧ୍ୟାପକ କମନ ରୁମ୍‌ରେ ଉପସ୍ଥିତ

ଥିଲେ । ଅଧ୍ୟାପକ ମଣିନାଗ ସେମାନଙ୍କ ଆଗରେ ଭାଷଣ ଆରମ୍ଭ କରିଦେଇଥିଲେ । ସେ କହିଥିଲେ, "ଆପଣମାନେ ଜାଣନ୍ତି, ୱେଲକମ ଓ ଫେୟାରୱେଲର ଆୟୋଜନ କରିବା ଷ୍ଟାଫ କ୍ଲବର ମୁଖ୍ୟ କାମ । କୌଣସି ଅଧ୍ୟାପକ ଆମ କଲେଜରେ ଯୋଗଦେଲେ ଆମେ ତାଙ୍କ ପାଇଁ ୱେଲକମ ଓ କୌଣସି ଅଧ୍ୟାପକ କଲେଜ ଛାଡ଼ିଲେ ତାଙ୍କ ପାଇଁ ଫେୟାରୱେଲ ବ୍ୟବସ୍ଥା କରିଥାଉ । ୱେଲକମରେ ଖୁସି ହେବାର କିମ୍ବା ଫେୟାରୱେଲରେ ଦୁଃଖ କରିବାର କିଛି ନାହିଁ । ଏହି ଉଭୟ କଥା ଆମ ପାଇଁ ସମାନ । ତେଣୁ ୱେଲକମରେ ସିଙ୍ଗଲ୍ ଏଲ୍ ଥିବାରୁ ଫେୟାରୱେଲରେ ବି ସିଙ୍ଗଲ୍ ଏଲ୍ ରହିବ । ଏହା କଦାପି ଡବଲ୍ ଏଲ୍ ହୋଇପାରିବ ନାହିଁ । ଦ୍ୱିତୀୟତଃ, ଆପ୍ଭେମାନେ ଜାଣିଛେ, ଭାଷା ଏକ ବିଜ୍ଞାନସମ୍ମତ ବିଷୟ । ଆମ ଓଡ଼ିଆ ଭାଷାରେ ୱେଲକମକୁ 'ସ୍ୱାଗତ' ଓ ଫେୟାରୱେଲକୁ 'ବିଦାୟ' ବୋଲି କୁହାଯାଏ । ଏହି ଉଭୟ ଓଡ଼ିଆ ଶବ୍ଦରେ ସମାନ ସଂଖ୍ୟକ ଅର୍ଥାତ୍ ୩ଟି କରି ଅକ୍ଷର ରହିଛି । ସେହିପରି ଇଂରାଜୀ ଭାଷାରେ ଉଭୟ 'ୱେଲକମ' ଓ 'ଫେୟାରୱେଲ'ରେ ମଧ୍ୟ ସମାନ ସଂଖ୍ୟକ ଅର୍ଥାତ୍ ୭ଟି କରି ଅକ୍ଷର ରହିଛି । ଯଦି ଆମେ 'ଫେୟାରୱେଲ'ରେ ଡବଲ୍ ଏଲ୍ ଲେଖିବା, ତେବେ ତହିଁର ଅକ୍ଷର ସଂଖ୍ୟା ବଢ଼ିଯିବ । ଏହାଦ୍ୱାରା ଭାଷାର ମୌଳିକ ସୂତ୍ର ଉଲ୍ଲଙ୍ଘନ ହେବ । ତୃତୀୟତଃ, ଯଦି ସିଙ୍ଗଲ୍‌ରେ ଚଳିଯିବ, ତେବେ ଡବଲ୍‌ର ଆବଶ୍ୟକତା ନାହିଁ । ଆପଣମାନେ ଜାଣନ୍ତି, ଅଧ୍ୟାପକ ରାଜକିଶୋର ୪୦ ବର୍ଷରେ ପଦାର୍ପଣ କଲେଣି । ମାତ୍ର ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି । ତାଙ୍କୁ ଯେ କନ୍ୟା ମିଳୁନାହିଁ, ତାହା ନୁହେଁ । ସିଙ୍ଗଲ୍‌ରେ ଚଳିଯାଉଥିବାରୁ ସେ ଡବଲ୍ ହେବାର ଆବଶ୍ୟକତା ନାହିଁ ।" ଏତିକି କହି ଅଧ୍ୟାପକ ମଣିନାଗ ତାଙ୍କ ଭାଷଣ ଶେଷ କରିଥିଲେ ।

ସାଧାରଣତଃ ଚୁପ୍‌ଚାପ୍ ରହୁଥିବା ଅଧ୍ୟାପିକା ସଂଯୁକ୍ତା ମିଶ୍ର ମୁହଁ ଖୋଲି କହିଥିଲେ, "ସାର୍, ସନ୍ଦେହ ରହୁଛି ତ ଚାଲନ୍ତୁ ଲାଇବ୍ରେରିକୁ ଯାଇ ଡିକ୍‌ସିନାରୀ ଦେଖିଦେବା ।" ରାଗ ଓ କ୍ରୋଧକୁ ଚାପିରଖି ଅଧ୍ୟାପକ ମଣିନାଗ କହିଥିଲେ, "ଯେଉଁମାନେ ଶବ୍ଦର ଅର୍ଥ ଜାଣନ୍ତିନାହିଁ, ସେହିମାନେ ଡିକ୍‌ସିନାରୀ ଖେଳାନ୍ତି । ଆପ୍ଭେମାନେ ଅଧ୍ୟାପକ ହୋଇ ଡିକ୍‌ସିନାରୀ ଘାଣ୍ଟିବା ! ଛାତ୍ରମାନେ ଏହା ଜାଣିଲେ, ଆମ ସମ୍ମାନ ରହିବ ତ ?" ଏହା କହି ଅଧ୍ୟାପକ ମଣିନାଗ ଚାଲିଯାଇଥିଲେ । ଦୀର୍ଘଶ୍ୱାସ ଛାଡ଼ି ଅଧ୍ୟାପିକା ମିଶ୍ର କହିଥିଲେ, "ଆପ୍ଭମାନଙ୍କୁ ଅଧ୍ୟାପକ କଲା କିଏ !"

●

# ପରୀକ୍ଷା ନିୟନ୍ତ୍ରକ ହେବିନାହିଁ

କଳ, ବଳ ଓ କୌଶଳ ପ୍ରୟୋଗ କରି ମୁଁ ଶେଷରେ ଆମ ସଂଘର ସାଧାରଣ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲି । ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ସଭାପତି ପ୍ରସ୍ତାବ ଦେଲେ ଯେ, ଆମେ ନବନିର୍ବାଚିତ କର୍ମକର୍ତ୍ତାମାନେ ପ୍ରଥମେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆସିବା । ମାତ୍ର ମୋର ପ୍ରସ୍ତାବ ଥିଲା, ଆଗ ସଚିବାଳୟକୁ ଯାଇ ମନ୍ତ୍ରୀ ଓ ସଚିବଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା । ଥାଥାମାମା ହୋଇ ମୋ ପ୍ରସ୍ତାବକୁ କିନ୍ତୁ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତା ଗ୍ରହଣ କରିଥିଲେ ଓ ତାହା ତତ୍କ୍ଷଣାତ୍ କାର୍ଯ୍ୟକାରୀ ହୋଇଥିଲା ।

ନିର୍ବାଚନ ଜିଣିବା ପରେ ମୋର ପ୍ରଥମ କାର୍ଯ୍ୟ ଥିଲା, ଯେତେ ଶୀଘ୍ର ସମ୍ଭବ ରାଜଧାନୀକୁ ବଦଳି ହୋଇ ଆସିବା । ତେଣୁ ଦୁଇଦିନ ଛାଡ଼ି ମୁଁ ଏକା ସଚିବାଳୟକୁ ଯାଇ ମନ୍ତ୍ରୀ ଓ ସଚିବଙ୍କୁ ଦେଖା କରିଥିଲି । ମୋତେ ରାଜଧାନୀକୁ ବଦଳି କରି ଆଣିବା ପାଇଁ ଉଭୟଙ୍କୁ ନେହୁରା ହୋଇ କହିଥିଲି । ମୁଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲି ଯେ, ମୋ କାର୍ଯ୍ୟକାଳ ଭିତରେ ଆଦୌ ଆନ୍ଦୋଳନ ହେବନାହିଁ । ଏପରିକି ମୁଁ ଆନ୍ଦୋଳନର ଡାକରା ମଧ୍ୟ ଦେବିନାହିଁ । ଉଭୟେ ମୋ କଥାକୁ ଗ୍ରହଣ କରିଥିଲେ ଓ ଏକମାସ ମଧ୍ୟରେ ମୋର ରାଜଧାନୀକୁ ବଦଳି ହୋଇଯାଇଥିଲା ।

ସାଧାରଣ ସମ୍ପାଦକ ଭାବେ ସଂଘ କାମରେ ବ୍ୟସ୍ତ ରହୁଥିବାରୁ ମୁଁ ପ୍ରାୟତଃ କ୍ଲାସ ନେଉନଥିଲି । ପ୍ରତ୍ୟେକ କାର୍ଯ୍ୟ ଦିବସରେ ମୁଁ ସଚିବାଳୟ ଓ ନିର୍ଦ୍ଦେଶାଳୟକୁ ଅବଶ୍ୟ ଆସୁଥିଲି । ସହକର୍ମୀମାନଙ୍କର ଦୀର୍ଘଦିନରୁ ପଡ଼ିରହିଥିବା ମାମୁଲି କାମସବୁ ଲାଗିପଡ଼ି କରାଇଦେଉଥିଲି । ଏଥିଲାଗି ଯାହା ଦେବା କଥା ଖୁସି ମନରେ ସଂପୃକ୍ତ ସହାୟକଙ୍କୁ ଦିଅନ୍ତୁ ବୋଲି ପରାମର୍ଶ ଦେଉଥିଲି ।

ମୁଁ କ୍ରମେ ମନ୍ତ୍ରୀଙ୍କର ନିକଟରୁ ନିକଟତର ହୋଇଗଲି । ମାତ୍ର ଆମ ମନ୍ତ୍ରୀ କୌଣସି କାମର ନଥିଲେ । ସେ ଜାଣିଥିଲେ ଯେ, ବଦଳିରୁ ହିଁ ଟଙ୍କା ଆସିବ । ତା'ସତ୍ତ୍ୱେ ସେ ବଦଳିକୁ ବନ୍ଦ କରିଦେଇଥିଲେ । ଅବଶ୍ୟ ସେ ସଚ୍ଚୋଟ ବୋଲି ସମସ୍ତେ ମାନୁଥିଲେ । ମୁଁ ମନ୍ତ୍ରୀଙ୍କର ପାଖଲୋକ ବୋଲି ଦେଖାଇ ହେବା ପାଇଁ ସତତ

ଚେଷ୍ଟିତ ଥିଲି । ତେଣୁ ସୁଯୋଗ ପାଇଲେ ମନ୍ତ୍ରୀଙ୍କର ଚାମ୍ବର ଭିତରକୁ ପଶିଯାଉଥିଲି । ଦିନକର ଘଟଣା–

ମୁଁ ମନ୍ତ୍ରୀଙ୍କର ଚାମ୍ବର ଭିତରେ ଅନ୍ୟମାନଙ୍କ ସହ ବସିରହିଥିଲି । ହାପ୍‌ପ୍ୟାଣ୍ଟ ପିନ୍ଧିଥିବା ଜନୈକ ବାଳକ ଜଣେ ରାଜନେତାଙ୍କ ସହ ଭିତରକୁ ପଶିଆସିଥିଲା । ହଠାତ୍ ସେ କାନ୍ଦିବାକୁ ଆରମ୍ଭ କରିଥିଲା ଓ ଆମ ସମସ୍ତଙ୍କ ଦୃଷ୍ଟି ତା' ଉପରେ ନିବଦ୍ଧ ହୋଇଥିଲା । ବ୍ୟତିବ୍ୟସ୍ତ ହୋଇ ମନ୍ତ୍ରୀ କ'ଣ ହେଲା ବୋଲି ତାକୁ ପ୍ରଶ୍ନ କରିଥିଲେ । ସେ କହିଥିଲା, "ଆପଣ ମୋ ଭାଇଙ୍କୁ ବଦଳି କରିଦେଇଛନ୍ତି । ଏ ଖବର ଶୁଣି ସେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି । ଆମ ଘରେ ରୋଷେଇ ବନ୍ଦ ରହିଛି ।" ମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଥିଲେ, "ନା, ମୁଁ ଏଥିମଧ୍ୟରେ କାହାର ବଦଳି କରିନାହିଁ ।" କାନ୍ଦିକାନ୍ଦି ସେ ବାଳକ କହିଥିଲା, "ହଁ, ଆପଣ ମୋ ଭାଇଙ୍କୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ କରିଦେଇଛନ୍ତି । ଏ ଖବର ପାଇ ସେ ଭାଙ୍ଗିପଡ଼ିଛନ୍ତି । ଆମ ଘରେ ଚୁଲି ଜଳୁନାହିଁ ।" ଆହୁରି ଆଶ୍ଚର୍ଯ୍ୟ ହୋଇ ମନ୍ତ୍ରୀ ପ୍ରଶ୍ନ କରିଥିଲେ, "ସେ କ'ଣ ପରୀକ୍ଷା ନିୟନ୍ତ୍ରକ ହେବେନାହିଁ ?" ନିର୍ବିକାର ଭାବରେ ବାଳକ କହିଥିଲା, "ନା, ଭାଇ କହୁଛନ୍ତି, ସେ ପ୍ରଶାସନିକ ଚାକିରି ଛାଡ଼ି ପାଠ ପଢ଼ାଇବା ପାଇଁ ଅଧ୍ୟାପକ ହୋଇଛନ୍ତି । ତାଙ୍କ ଅଧୀନରେ ଗବେଷଣା କରି ତିନିଜଣ ପିଏଚ୍.ଡି. ପାଇସାରିଛନ୍ତି । ଆଉ ପାଞ୍ଚଜଣ ପିଏଚ୍.ଡି. ପାଇବା ପାଇଁ ଗବେଷଣା ଜାରି ରଖିଛନ୍ତି । ସେ ଅଧ୍ୟାପନା ଓ ଗବେଷଣା ଛାଡ଼ି ପ୍ରଶାସନିକ ପଦବୀକୁ ଯିବେନାହିଁ ।" ଦୀର୍ଘନିଶ୍ୱାସ ଛାଡ଼ି ମନ୍ତ୍ରୀ କହିଥିଲେ, "ସେ ଖୁବ୍ ଭଲଲୋକ ବୋଲି ଶୁଣି ମୁଁ ତାଙ୍କୁ ପରୀକ୍ଷା ନିୟନ୍ତ୍ରକ କରିଥିଲି । ହଉ, ତୁମେ ଯାଅ । ଭାଇଙ୍କୁ କହିବ, ମୁଁ ତାଙ୍କର ଏହି ନିଯୁକ୍ତିକୁ ବାତିଲ କରିଦେବି ।" ଏହା ଶୁଣି ବାଳକର କାନ୍ଦ ବନ୍ଦ ହୋଇଯାଇଥିଲା । ମନ୍ତ୍ରୀ ବ୍ୟକ୍ତିଗତ ସଚିବଙ୍କୁ ଡକାଇ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ସଂକ୍ରାନ୍ତ ନଥି ଫେରାଇଆଣିବାକୁ ନିର୍ଦ୍ଦେଶ ଦେଇଥିଲେ ।

ମୁଁ ସ୍ତବ୍ଧ ହୋଇଯାଇଥିଲି । ଯେଉଁ ପଦବୀ ପାଇବା ପାଇଁ ଅନ୍ୟମାନେ ପ୍ରବଳ ଭାବରେ ଲାଳାୟିତ ହୋଇ ନକଲା କାମ କରିବସନ୍ତି, ସେହି ପଦବୀକୁ ସେ ଗୋଡ଼ରେ ଆଡ଼େଇଦେଲେ ! କୁହାଯାଏ, ଏହି ପଦବୀରେ ପର୍ଯ୍ୟାପ୍ତ ଟଙ୍କା ଅଛି; ଖୁବ୍ ଖାତିର ବି ଅଛି । ତା' ସତ୍ତ୍ୱେ ସେ ଏସବୁକୁ ତୁଚ୍ଛ ମଣି ପ୍ରତ୍ୟାଖ୍ୟାନ କରିଦେଲେ !

ମୁଁ ବ୍ୟକ୍ତିଗତ ସଚିବଙ୍କ ପଛେପଛେ ମନ୍ତ୍ରୀଙ୍କ ଚାମ୍ବରରୁ ବାହାରିଆସିଥିଲି । ସେ ତାଙ୍କ ପ୍ରକୋଷ୍ଠକୁ ଆସି ଚେୟାରରେ ବସିଲା ପରେ ମୁଁ ପ୍ରଶ୍ନ କରିଥିଲି, "ଏବେ

କାହାକୁ ପରୀକ୍ଷା ନିୟନ୍ତ୍ରକ କରିବେ ?" ସେ କହିଥିଲେ, "ଅଧ୍ୟାପକ ସୁନୀଲ ଜେନା ଏହି ପଦବୀ ପାଇଁ ଖୁବ୍ ଜୋରରେ ଲବି କରିଥିଲେ । ତାଙ୍କୁ ହିଁ କରିଦେବା ।" ଏତିକି ଖବର ମୋ ପାଇଁ ଯଥେଷ୍ଟ ଥିଲା । ମନ୍ତ୍ରୀଙ୍କ ଟେଲିଫୋନରୁ ମୁଁ ଶ୍ରୀ ଜେନାଙ୍କ ପାଖକୁ ଫୋନ କରିଥିଲି । ମୋ 'ମୋବାଇଲ'ରେ ରିଙ୍ଗ୍ କରିବାକୁ ତାଙ୍କୁ କହିଥିଲି ଓ ତା'ପରେ ବାହାରକୁ ଚାଲିଆସିଥିଲି । ମୁଁ ମନ୍ତ୍ରୀଙ୍କ ଦପ୍ତରରୁ ଫୋନ କରିଥିବା ଶ୍ରୀ ଜେନା ଜାଣିପାରିଥିଲେ । ସେ ସଙ୍ଗେସଙ୍ଗେ ମୋ 'ମୋବାଇଲ'କୁ ରିଙ୍ଗ୍ କରିଥିଲେ । ମୁଁ କହିଥିଲି, "ମନ୍ତ୍ରୀଙ୍କୁ କହି ମୁଁ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ସଂକ୍ରାନ୍ତ ଫାଇଲ ଫେରାଇଆଣିଛି । ତହିଁରେ ଭଗବାନ ଦାସଙ୍କ ନାମ ବଦଳରେ ଆପଣଙ୍କ ନାମ ଲେଖିଦେଇଛି ।" ମୋ କଥା ଶୁଣି ଶ୍ରୀ ଜେନା ଆନନ୍ଦରେ ଅଧୀର ହୋଇଯାଇଥିଲେ । "ମୁଁ ଆପଣଙ୍କ ଘରକୁ ଯାଇ ଦବାନବା ବିଷୟରେ କଥା ହେବି"– ଏହା କହି ମୁଁ ଫୋନ ରଖିଦେଇଥିଲି ।

ସେହି ବାଳକର କଥା କିନ୍ତୁ ବାରମ୍ବାର ମୋ କାନରେ ବାଜୁଥିଲା । ସେ କହିଥିଲା, ଭାଇ ପାଠ ପଢ଼ାଇବା ପାଇଁ ଅଧ୍ୟାପକ ହୋଇଛନ୍ତି । ସେ ଅଧ୍ୟାପନା ଛାଡ଼ି ପ୍ରଶାସନିକ ପଦବୀକୁ ଯିବେନାହିଁ ।

●

# ସିଟି ବସ୍ ବନାମ ଡକାଳି, ଟଣାଳି ଓ ଖଞ୍ଜାଳି

କଟକରୁ ଭୁବନେଶ୍ୱର ଯିବା ପାଇଁ ସେଦିନ ମର୍କତନଗରସ୍ଥିତ ରୋଟାରୀ ଚକ୍ଷୁ ଚିକିତ୍ସାଳୟଠାରୁ ସିଟି ବସ୍ ଧରିଥିଲି । ବସ୍ ଭିତରେ କୌଣସି 'ସାଇଡ଼ ସିଟ୍' ନମିଳିଲେ ବି ଏକ ଭିତରପଟ ସିଟ୍ ମିଳିଯାଇଥିଲା । ମୋ ବାମ କଡ଼ର 'ସାଇଡ଼ ସିଟ୍'ରେ ଜନୈକ ବୟସ୍କ ବ୍ୟକ୍ତି ବସିଥିଲେ । ଅଳ୍ପବାଟ ଗଲା ପରେ ଦେଖିଲି, ସେ ବାମ ପାର୍ଶ୍ୱକୁ ଚାହିଁ ଦୁଇହାତ ଯୋଡ଼ି ପ୍ରଣାମ କରୁଛନ୍ତି । ଥରେ ନୁହେଁ କି ଦିଥର ନୁହେଁ, ସେ ତିନିଥର ସେହିପରି ପ୍ରଣାମ କରିଥିଲେ । ସେ ଦିଗରେ କିନ୍ତୁ କୌଣସି ମନ୍ଦିର ନଥିଲା । ସୁତରାଂ ସେ କାହାକୁ ପ୍ରଣାମ କରୁଛନ୍ତି, ତାହା ଜାଣିବା ପାଇଁ ମୁଁ ଅନୁସନ୍ଧିତ୍ସୁ ହୋଇଉଠିଥିଲି । ମୁଁ ପ୍ରଶ୍ନ କରିଥିଲି, "ଆଜ୍ଞା ! ଆପଣ କାହାକୁ ପ୍ରଣାମ କରୁଛନ୍ତି କି ?" ବିନମ୍ର ଭାବରେ ସେ କହିଥିଲେ, "ମାନ୍ୟବର ହାଇକୋର୍ଟକୁ ପ୍ରଣାମ କରୁଛି ।" କୌତୂହଳୀ ହୋଇ ପଚାରିଥିଲି, "କ'ଣ ପାଇଁ ?" ତାଙ୍କର ଉତ୍ତର ଦୀର୍ଘ ଥିଲା । ସେ କହିଥିଲେ –

"ପୂର୍ବରୁ ଭୁବନେଶ୍ୱର ଯିବାକୁ ହେଲେ ମୁଁ ଘରୁ ଚକ୍ଷୁ ଚିକିତ୍ସାଳୟ ପର୍ଯ୍ୟନ୍ତ ଚାଲିକରି ଆସି ସେଠାରେ ଅଟୋ ରିକ୍ସାକୁ ଅପେକ୍ଷା କରୁଥିଲି । ପ୍ରାୟତଃ ସେଗୁଡ଼ିକ 'ଫୁଲ୍' ହୋଇ ଆସୁଥିଲା; ଅର୍ଥାତ୍ ପଛରେ ତିନିଜଣ ଯାତ୍ରୀ ବସିକରି ଓ ଆଗରେ ତିନିଜଣ ଯାତ୍ରୀ ଝୁଲିକରି ଆସୁଥିଲେ । ଦୈବାତ୍ କୌଣସି ଅଟୋ ରିକ୍ସାରେ ଛଅଜଣରୁ ଜଣେ ଯାତ୍ରୀ କମ୍ ଥିଲେ, ମୁଁ ତହିଁର ଆଗରେ ଝୁଲିକରି ବାଦାମବାଡ଼ି ପର୍ଯ୍ୟନ୍ତ ଆସୁଥିଲି । ସାମାନ୍ୟ ଅନ୍ୟମନସ୍କ ହେଲେ ଖସିପଡ଼ି ପ୍ରାଣ ଯିବାର ଆଶଙ୍କା ବି ଥିଲା । ବାଦାମବାଡ଼ିରେ ପହଞ୍ଚି ଭଡ଼ା ବାବଦକୁ ଦଶଟଙ୍କା ଦେଇ ଅଟୋ ରିକ୍ସାରୁ ଓହ୍ଲାଉଥିଲି । ତତ୍ପରେ ବସ୍ ଷ୍ଟାଣ୍ଡର ପଛପଟ ଫାଟକ ମୁହଁରୁ ଭୁବନେଶ୍ୱରଗାମୀ ବସ୍ ଧରୁଥିଲି । ତହିଁରେ କିନ୍ତୁ ଆରାମ୍‌ରେ ମନଲାଖି ସିଟ୍ ମିଳିଯାଉଥିଲା । ବସ୍ ବି ସଙ୍ଗେସଙ୍ଗେ ଛାଡ଼ିଦେଉଥିଲା । କାରଣ ସାମାନ୍ୟ ବିଳମ୍ବ ହେଲେ ପଛରେ ଥିବା ବସ୍ ତରଫରୁ ଗଣ୍ଡଗୋଳର ଆଶଙ୍କା ରହିଥିଲା । ବସ୍ ସେଠାରୁ ବାହାରି ଯାତ୍ରୀ ଉଠାଇବାକୁ ବାଟସାରା

ରହିରହି ଲିଙ୍କରୋଡ଼ରେ ପହଞ୍ଚିଲାବେଳକୁ ଖୁବ୍ କମ୍‌ରେ ୧୫ ମିନିଟ୍ ଲାଗୁଥିଲା । ଲିଙ୍କ୍‌ରୋଡ଼ରେ ହିଁ ଅସଲ ଯାତ୍ରା ଦେଖିବାକୁ ମିଳୁଥିଲା ।

ସେଠାରେ ଜାତୀୟ ରାଜପଥ କଡ଼ରେ ଭୁବନେଶ୍ୱରଗାମୀ ବସ୍‌ଗୁଡ଼ିକ ପଛକୁ ପଛ ଛିଡ଼ା ହୋଇ ରହିଥାଏ । ଏକକାଳୀନ ତିନିରୁ ପାଞ୍ଚଖଣ୍ଡ ବସ୍ ସେଠାରେ ଅଟକି ଥିବାର ଦେଖାଯାଏ । ପ୍ରତ୍ୟେକ ବସ୍ ପାଇଁ ଜଣେ ଡକାଳି, ଜଣେ ଟଣାଳି ଓ ଜଣେ ଖଞ୍ଜାଳି ନିୟୋଜିତ ଥା'ନ୍ତି । ବସ୍ ପହଞ୍ଚିଲା ମାତ୍ରେ ସେମାନଙ୍କର କାମ ଆରମ୍ଭ ହୋଇଯାଏ । ଡକାଳିମାନେ ବସ୍ ପାଖରୁ ଛକ ପର୍ଯ୍ୟନ୍ତ "ଭୋଁସ୍ର, ଭୋଁସ୍ର" ଚିତ୍କାର କରିକରି ପ୍ରାୟତଃ ଦୌଡୁଥାନ୍ତି । ସେମାନେ ପୁଣି ଛକ ପାଖରୁ ବସ୍ ପର୍ଯ୍ୟନ୍ତ ସେହିପରି ଚିଲାଇଚିଲାଇ ଫେରୁଥାନ୍ତି । ସେମାନଙ୍କର ବିକଟାଳ ରଡ଼ିରେ ବୁକୁ ଫାଟିପଡ଼ିବା ପରି ବୋଧ ହେଉଥାଏ । ଟଣାଳିମାନେ କୌଣସି ବ୍ୟକ୍ତି ଛକ ଆଡୁ ବସ୍ ଆଡ଼କୁ ଆସୁଥିବାର ଦେଖିଲେ ତାଙ୍କୁ ଘେରିଯା'ନ୍ତି । ତାଙ୍କ ହାତରେ ବ୍ୟାଗ୍ ବା ଅନ୍ୟ କୌଣସି ଜିନିଷ ଥିଲେ ପ୍ରଥମ ଟଣାଳି ତାହା ଝାମ୍ପିନେଇ ତା' ବସ୍ ପାଖକୁ ଦୌଡ଼େ । ଆଉ ଦିଜଣ ଟଣାଳି ତାଙ୍କର ଦିହାତକୁ ଧରି ସେମାନଙ୍କ ବସ୍ ଆଡ଼କୁ ଟାଣୁଥାନ୍ତି । ଏହି ବର୍ବର ଦୃଶ୍ୟ ଦେଖି ଆମର ଆଖି ସ୍ୱତଃ ବନ୍ଦ ହୋଇଆସେ । ସେମାନଙ୍କ ମଧ୍ୟରୁ ଭାଗ୍ୟବାନ୍ ଟଣାଳି ତାଙ୍କୁ ତା' ବସ୍‌ର 'ଡୋର୍' ପାଖକୁ ନେଇଯିବାରେ ସମର୍ଥ ହୋଇଥାଏ । ପ୍ରତ୍ୟେକ ବସ୍‌ର 'ଡୋର୍' ପାଖରେ ତହିଁର ଖଞ୍ଜାଳି ଚାତକ ପରି ଚାହିଁ ଛିଡ଼ା ହୋଇଥାଏ । ଟଣାଳି ହାତରୁ ସେ ତତ୍‌କ୍ଷଣାତ୍ ଯାତ୍ରୀଙ୍କୁ ବସ୍ ଭିତରକୁ ଭିଡ଼ି ନେଇଯାଏ । ବସ୍‌ର ସିଟ୍‌ଗୁଡ଼ିକ ଲିଙ୍କରୋଡ଼ରେ ପହଞ୍ଚିବା ପୂର୍ବରୁ ହିଁ 'ଫୁଲ୍' ହୋଇସାରିଥାଏ । ଉଭୟ ପଟ ସିଟ୍‌ର ମଝିରେ ଥିବା ସ୍ଥାନରେ ଖଞ୍ଜାଳି ଦୁଇଧାଡ଼ିରେ ଜଣକ ପରେ ଜଣେ ଯାତ୍ରୀଙ୍କୁ ଆଣି ଖଞ୍ଜିଦିଏ । ଯାତ୍ରୀ ଯେତେ କମ୍ ସ୍ଥାନ ଦଖଲ କରିବେ ସେ ସେଥିପ୍ରତି ବିଶେଷ ଦୃଷ୍ଟି ଦେଇଥାଏ । ପ୍ରତ୍ୟେକ ଥର ସର୍ବନିମ୍ନ ୩୦ ମିନିଟ୍ କାଳ ବସ୍ ଭିତରେ ବସି ମୁଁ ଏହି ଅମାନୁଷିକ ଦୃଶ୍ୟ ଦେଖୁଥାଏ । ବସ୍ ଭିତରେ ଆଉ ଜଣେ ବି ଯାତ୍ରୀ ଛିଡ଼ା ହେବାର ସମ୍ଭାବନା ନଥିବା ଅବସ୍ଥା ଉପୁଜିଲେ ବସ୍ ଛାଡ଼େ । ତା'ପରେ କଣ୍ଡକ୍‌ଟର ଆସି ଯାତ୍ରୀ ପିଛା ପନ୍ଦରଟଙ୍କା କରି ଆଦାୟ କରିନିଏ ଏବଂ ଏହା ସରକାର ଧାର୍ଯ୍ୟ କରିଥିବା ଭଡ଼ାଠାରୁ କମ୍ ବୋଲି ଘୋଷଣା କରିଥାଏ ।

ଆଚାର୍ଯ୍ୟବିହାର ଛକରେ ବସ୍‌ରୁ ଓହ୍ଲାଇ ମୁଁ ଅଟୋ ରିକ୍ସା ଧରି ଏ.ଜି. ଛକ ପର୍ଯ୍ୟନ୍ତ ଯାଉଥିଲି । ଭଡ଼ା ବାବଦକୁ ଅଟୋ ରିକ୍ସାବାଲାକୁ ଛଅଟଙ୍କା ଦେଉଥିଲି । କଟକରୁ ଭୁବନେଶ୍ୱର ଆସିବାକୁ ମୋତେ ମୋଟ୍ ୩୧ ଟଙ୍କା ଭଡ଼ା ଦେବାକୁ ପଡୁଥିଲା

ଏବଂ ଏଥିଲାଗି ସର୍ବନିମ୍ନ ୧ ଘଣ୍ଟା ୪୫ ମିନିଟ୍ ସମୟ ଲାଗୁଥିଲା । ତା'ଛଡ଼ା ଯାତ୍ରୀମାନଙ୍କୁ ବସ୍ କର୍ମଚାରୀମାନେ ବଳିପଶୁ ତୁଲ୍ୟ ବ୍ୟବହାର କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଥିଲା । ମାତ୍ର ଆଜି ସିଟି ବସ୍‌ରେ ଆସିଲେ ପଚିଶଟଙ୍କା ଭଡ଼ା ଦେବାକୁ ପଡୁଛି ଏବଂ ସର୍ବାଧିକ ୧ ଘଣ୍ଟା ୧୫ ମିନିଟ୍ ସମୟ ଲାଗୁଛି । ତା'ଛଡ଼ା ଏଥିରେ ଯାତ୍ରୀମାନେ ଦୁର୍ବ୍ୟବହାରର ଶିକାର ହେବା ଦୃଶ୍ୟ ଦେଖିବାକୁ ମିଳୁନାହିଁ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସିଟି ବସ୍ ଚାଲୁଥିବାରୁ କୃତଜ୍ଞତା ସ୍ୱରୂପ ମୁଁ ହାଇକୋର୍ଟକୁ ପ୍ରଣାମ କରେ । ପୁନଶ୍ଚ ଅଧିକ ସିଟି ବସ୍ ଚଳାଇବା ପାଇଁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରେ ।"

ଏକ ନିଃଶ୍ୱାସରେ ଏତକ କହି ସେ ନୀରବ ହୋଇଥିଲେ । "କିନ୍ତୁ ସିଟି ବସ୍‌ର ଭଡ଼ା କମାଇବା ପାଇଁ ଦାବି ଉଠୁଛି । ଏଥିଲାଗି କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦିଆଯାଉଛି । ଖବରକାଗଜରେ ବିବୃତି ପ୍ରକାଶ ପାଉଛି । ଏପରି କାହିଁକି ହେଉଛି ?" ମୁଁ ପ୍ରଶ୍ନ କରିଥିଲି । "ଯେଉଁମାନେ ଏପରି ଦାବି ଉଠାଉଛନ୍ତି, ସେମାନେ ଦିନେ ବି କଟକରୁ ବସ୍‌ରେ ବସି ଭୁବନେଶ୍ୱର ଯାଆନ୍ତିନାହିଁ," ସେ କହିଥିଲେ ଓ ହସିଥିଲେ ।

ମୋ ପାଟିରୁ ସ୍ୱତଃ ବାହାରିଥିଲା, "ଜୟହୋ, ନ୍ୟାୟପାଳିକାର ଜୟହୋ ।"

●

# ଅଧ୍ୟକ୍ଷଙ୍କ ଫତ୍‌ୱା

ଅଧ୍ୟକ୍ଷ ମହୋଦୟ ସେଦିନ ଆମ୍ଭମାନଙ୍କର ଏକ ବିଶେଷ ବୈଠକ ଡକାଇଥିଲେ । ଉକ୍ତ ବୈଠକରେ ବିନା ଔପଚାରିକତାରେ ସେ କହିଥିଲେ, "ଆପଣମାନେ ଜାଣନ୍ତି, ନିଖିଳୋତ୍କଳ ବୈଷୟିକ କଲେଜ ଅଧ୍ୟାପକ ସଂସଦର ନିର୍ବାଚନ ଆସନ୍ତା ସପ୍ତାହରେ ହେବାକୁ ଯାଉଛି । ଏହି ନିର୍ବଚନରେ ଆମ କଲେଜର ସମସ୍ତ ଅଧ୍ୟାପକ ଶ୍ରୀ ସଂକର୍ଷଣ ବେହେରା ଓରଫ ଶ୍ରୀ ସଂକର୍ଷଣଜୀଙ୍କୁ ଭୋଟ ଦେବା ପାଇଁ ମୁଁ ନିର୍ଦ୍ଦେଶ ଦେଉଛି । ଯିଏ ଏହାକୁ ଅମାନ୍ୟ କରିବେ, ମୁଁ ତାଙ୍କ ବିରୋଧରେ ସରକାରଙ୍କୁ ଲେଖି ଏଠାରୁ ବଦଳି କରିଦେବି ।" ଅଧ୍ୟକ୍ଷଙ୍କ ଶ୍ରୀମୁଖରୁ ଏପରି ବାଣୀ ଶୁଣିବା ଆମ୍ଭମାନଙ୍କ କଳ୍ପନାର ବାହାରେ ଥିଲା । ଏହା ଶୁଣି ଆମ୍ଭମାନଙ୍କର ମୁଣ୍ଡ ଝାଇଁଝାଇଁ ହୋଇଯାଇଥିଲା ଏବଂ ଆମ୍ଭେମାନେ ନୀରବରେ ବସିରହିଥିଲୁ ।

ଯଦି ଅଧ୍ୟକ୍ଷ ମହାଶୟ ନିୟମିତ ରୂପେ କ୍ଲାସ ନେବା ପାଇଁ ଆମ୍ଭମାନଙ୍କ ଉପରେ ଫତ୍‌ୱା ଜାରି କରିଥାନ୍ତେ, ତେବେ ଆମ୍ଭେମାନେ ବିସ୍ମିତ ହୋଇନଥାନ୍ତୁ । ମାତ୍ର ସେ ତାହା କରିନଥିଲେ । ଯାହାହେଉ, ଅଧ୍ୟାପକ ରବି ଶତପଥୀ ନୀରବତା ଭଙ୍ଗ କରି କହିଥିଲେ, "ସାର୍, ଆପଣ ଚାକିରିରୁ ଅବସର ନେବାକୁ ମାତ୍ର ଦୁଇମାସ ବାକି ଅଛି । ଆପଣ କାହିଁକି.... ।" ତାଙ୍କୁ ବାକ୍ୟ ପୂରଣ କରିବାକୁ ନଦେଇ ଅଧ୍ୟକ୍ଷ ଗର୍ଜିଉଠିଥିଲେ, "ଦୁଇମାସ ନୁହେଁ, ସାତବର୍ଷ ଦୁଇମାସ ।" ସାମାନ୍ୟ ରହି ସ୍ୱଭାବସିଦ୍ଧ ଢଙ୍ଗରେ ସେ କହିଥିଲେ, "ୟୁ.ଜି.ସି. ଆମ ଅଧ୍ୟାପକଙ୍କର ଅବସର ଗ୍ରହଣର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି । ତା' ସତ୍ତ୍ୱେ ରାଜ୍ୟ ସରକାର ଏହା ପାଳନ ନକରି ବୟସ ସୀମା ପୂର୍ବବତ୍ ୫୮ ବର୍ଷ ରଖିଛନ୍ତି । ଶ୍ରୀ ସଂକର୍ଷଣଜୀ ଏ ବିଷୟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିସାରିଲେଣି । ତାଙ୍କର ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ଖୁବ୍ ଭଲ ସମ୍ପର୍କ ରହିଛି । ସେ ଦିଲ୍ଲୀ ଗଲେ ପ୍ରଧାନମନ୍ତ୍ରୀଙ୍କ ସହ ଚା' ପାନ କରିଥାନ୍ତି । ଗତଥର ଚା' ପାନବେଳେ ସେ ଏ ବିଷୟ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ । ଏହା ଶୁଣି ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ଜୋର୍‌ରେ ରାଗିଯାଇଥିଲେ । ଆମ ଅଧ୍ୟାପକ ସଂସଦର ନିର୍ବାଚନ ପରେ ଆସନ୍ତା ମାସରେ ସେ ରାଜ୍ୟ ସରକାରଙ୍କୁ କହି ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରିଦେବେ ବୋଲି ଶ୍ରୀ ସଂକର୍ଷଣଜୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ।"

ଅବିଚଳିତ ରହି ଅଧ୍ୟାପକ ଶତପଥୀ ପ୍ରଶ୍ନ କରିଥିଲେ, "ଆମ କଲେଜରୁ କିଏ ଶ୍ରୀ ସଂକର୍ଷଣଜୀଙ୍କୁ ଭୋଟ ଦେଲେ ଓ କିଏ ନଦେଲେ, ତାହା ଆପଣ କିପରି ଜାଣିବେ ?" ହସହସ ମୁହଁରେ ଅଧ୍ୟକ୍ଷ ମହୋଦୟ ଉତ୍ତର ଦେଇଥିଲେ, "ବ୍ୟାଲେଟ୍ ପେପର ପାଇବା ପରେ ମୁଁ ତହିଁର କ୍ରମିକ ସଂଖ୍ୟା ଲେଖି ରଖିବି । ଭୋଟ ଗ୍ରହଣ ଦିନ ଆପଣମାନଙ୍କର ସ୍ୱାକ୍ଷର ନେଇ କ୍ରମାନ୍ୱୟରେ ତାହା ପ୍ରଦାନ କରିବି । ତେଣୁ ଗଣତିବେଳେ କିଏ କାହାକୁ ଭୋଟ ଦେଲେ ତାହା ଜାଣିପାରିବି ।" ଅଧ୍ୟାପକ ଶତପଥୀ ସ୍ତବ୍ଧ ହୋଇଯାଇଥିଲେ । ଆମ୍ଭମାନଙ୍କ ପାଟିରୁ କଥା ବାହାରି ନଥିଲା । ଅଧ୍ୟକ୍ଷ ବୈଠକ ଶେଷ ହେଲା ବୋଲି ଘୋଷଣା କରିଥିଲେ ।

ଭୋଟ ଗ୍ରହଣ ଦିନ ଅଧ୍ୟାପକ ଶତପଥୀ ଛୁଟି ନେଇ ରହିଥିଲେ । ତାଙ୍କ ବ୍ୟତୀତ ଆମେ ସମସ୍ତେ ଆମର ମତାଧିକାର ସାବ୍ୟସ୍ତ କରିଥିଲୁ । ଭୋଟ ଗ୍ରହଣ ପରେ ସେହିଠାରେ ତାହା ଗଣନା କରାଯାଇଥିଲା । ଶ୍ରୀ ସଂକର୍ଷଣଜୀ ଆମ କଲେଜରୁ ସମସ୍ତ ଭୋଟ ପାଇଥିଲେ । ଅଧ୍ୟକ୍ଷ ତୁରନ୍ତ ଏହା ନିର୍ବାଚନ କମିଶନଙ୍କୁ ଜଣାଇଦେଇଥିଲେ । କମିଶନ ସମସ୍ତ କଲେଜର ଫଳାଫଳକୁ ମିଶାଇ ଶ୍ରୀ ସଂକର୍ଷଣଜୀଙ୍କୁ ବିଜୟୀ ଘୋଷଣା କରିଥିଲେ । ସେଦିନ ଅଧ୍ୟକ୍ଷ ମହାଶୟ ଖୁସିରେ ଫାଟିପଡ଼ିଥିଲେ ।

କ୍ରମେ ଅଧ୍ୟକ୍ଷଙ୍କ ଅବସର ନେବାର ଦିନ ପାଖେଇଆସିଥିଲା । ରାଜ୍ୟ ସରକାର କିନ୍ତୁ ଅବସର ଗ୍ରହଣର ବୟସ ସୀମା ବୃଦ୍ଧି କରିନଥିଲେ । ଅଧ୍ୟକ୍ଷ ମହୋଦୟ ଶ୍ରୀ ସଂକର୍ଷଣଜୀଙ୍କୁ ଫୋନ କରିକରି ଥକିପଡ଼ିଥିଲେ । ସେ ଆଉ ଫୋନ ଉଠାଇ ନଥିଲେ । ଅଧ୍ୟକ୍ଷଙ୍କ ମୁହଁରେ ବିଷାଦର କାଳିମା ସ୍ପଷ୍ଟ ବାରିହୋଇ ପଡୁଥିଲା । ତାଙ୍କର ସ୍ୱପ୍ନ ଭାଙ୍ଗି ଚୁର୍ମାର ହୋଇଯାଇଥିଲା । ନିର୍ଦ୍ଧାରିତ ଦିନ ସେ ଅବସର ଗ୍ରହଣ କରିଥିଲେ ।

ଅବସର ନେବା ପରେ ସେଦିନ ପ୍ରାକ୍ତନ ଅଧ୍ୟକ୍ଷ ପେନ୍‌ସନ କଥା ବୁଝିବାକୁ କଲେଜକୁ ଆସିଥିଲେ । ଦୈବବଶତଃ ତାହା ଜାନୁଆରୀ ମାସ ୨୫ ତାରିଖ ଥିଲା । ଅଫିସରୁ କାମ ସାରି ସେ ଷ୍ଟାଫ କମନ ରୁମ୍‌କୁ ଯାଇଥିଲେ । ତାଙ୍କୁ ଦେଖି ଅଧ୍ୟାପକ ଶତପଥୀ କହିଥିଲେ, "ସାର୍, ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ଆମେ ଆଜି ଦିନକୁ ଜାତୀୟ ଭୋଟର ଦିବସ ରୂପେ ପାଳନ କରୁଛେ । ଭୋଟ ଦେବା ଅଧିକାରକୁ ଅଧିକରୁ ଅଧିକ ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି କହୁଛେ । କାହାଦ୍ୱାରା ପ୍ରଭାବିତ ନହୋଇ ନିଜ ଇଚ୍ଛା ଅନୁସାରେ ଭୋଟ ଦେବା ପାଇଁ ଆହ୍ୱାନ ଦେଉଛେ । ମାତ୍ର ଆମ ଅଧ୍ୟାପକ ସଂସଦ ନିର୍ବାଚନରେ ଆପଣ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ

ଦେବା ପାଇଁ ଆମ୍ଭମାନଙ୍କୁ ବାଧ୍ୟ କରିଥିଲେ । 'ସିକ୍ରେଟ୍ ବ୍ୟାଲେଟ୍' ପ୍ରତ୍ୟୟକୁ ଭୁଲିଯାଇ କିଏ କାହାକୁ ଭୋଟ ଦେଲେ, ତାହା ଜାଣିପାରିବାର ବ୍ୟବସ୍ଥା ବି କରିଥିଲେ । କାରଣ ଶ୍ରୀ ସଂକର୍ଷଣ ବେହେରାଙ୍କ (ମିଥ୍ୟା) ପ୍ରତିଶ୍ରୁତିରେ ଆପଣ ଭାସିଯାଇଥିଲେ । ଚାକିରିକାଳ ଆଉ ସାତବର୍ଷ ବଢ଼ିଯିବାର ସ୍ୱପ୍ନରେ ଆପଣ ବିଭୋର ହୋଇଉଠିଥିଲେ । ତେଣୁ ତାଙ୍କୁ ଭୋଟ ଦେବା ପାଇଁ ଆମ ଉପରେ ଫତ୍‌ୱା ଜାରି କରିଥିଲେ । ଯଦି ଆମେ ଅଧ୍ୟାପକ ହୋଇ ଏପରି ଆଚରଣ କରୁ, ତେବେ ରାଜନୀତିଜ୍ଞମାନଙ୍କୁ କାହିଁକି କହିବା ?"

ପ୍ରାକ୍ତନ ଅଧ୍ୟକ୍ଷ କିନ୍ତୁ ଏ ପ୍ରଶ୍ନର ଉତ୍ତର ଦେଇନଥିଲେ । ସେ ନୀରବରେ ବସିରହିଥିଲେ । ତାଙ୍କ ଆଖି ଲୁହରେ ଭରିଯାଇଥିଲା ।

●

# ଅତିଥି ଅଧ୍ୟାପକ

ଅଧ୍ୟାପକ ସୁନୀଲ ଜେନା ତାଙ୍କ ଚାକିରିକାଳର ଶେଷ ଚଉଦବର୍ଷ ଆମ ଆଦର୍ଶ କଲେଜରେ କଟାଇଥିଲେ । ଏହି ଚଉଦବର୍ଷରୁ ଶେଷ ସାତବର୍ଷ ମୁଁ ତାଙ୍କର ସହକର୍ମୀ ହେବାର ସୌଭାଗ୍ୟ ଲାଭ କରିଥିଲି । ସେହି ସମୟରେ ମୁଁ ହୃଦୟଙ୍ଗମ କରିଥିଲି ଯେ, ସେ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ପ୍ରତ୍ୟେକ କାର୍ଯ୍ୟ ଦିବସରେ ସେ ପୂର୍ବାହ୍ନ ଠିକ୍ ୧୦ଟାରେ ତାଙ୍କ ସ୍କୁଟି ଧରି କଲେଜରେ ପହଞ୍ଚିଯାଉଥିଲେ । ମୁଣ୍ଡଫଟା ଖରା, ଦୁମୁକାଣି ବର୍ଷା ବା ହାଡ଼ଭଙ୍ଗା ଶୀତ ତାଙ୍କୁ ଏଥିରୁ ବିରତ କରିପାରୁ ନଥିଲା । ଅବଶ୍ୟ ନିନ୍ଦୁକମାନେ କହୁଥିଲେ ଯେ, ତାଙ୍କର ଦାମ୍ପତ୍ୟ ଜୀବନ ଆଦୌ ଭଲ ନଥିଲା । ତେଣୁ ସେ ଖୁବ୍ କମ୍ ସମୟ ଘରେ ରହିବାକୁ ଚାହୁଁଥିଲେ । ଏଥିଲାଗି ସଅଳ ଘର ଛାଡୁଥିଲେ ଓ ବିଳମ୍ବରେ ଘରକୁ ଫେରୁଥିଲେ । ସେ ଯାହାହେଉ, ଅଧ୍ୟାପକ ଜେନା ସ୍କୁଟି ରଖି ସିଧା ଷ୍ଟାଫ କମନ ରୁମ୍‌କୁ ପ୍ରବେଶ କରୁଥିଲେ ଏବଂ ପ୍ରବେଶଦ୍ୱାର ପାଖରେ ପଡ଼ିଥିବା ଚେୟାରକୁ ଦଖଲ କରିନେଉଥିଲେ । ସେହି ଚେୟାରରେ ତାଙ୍କ ଭିନ୍ନ ଆଉ କୌଣସି ଅଧ୍ୟାପକ ବସିବା ମୁଁ ସାତବର୍ଷ ଭିତରେ ଆଦୌ ଦେଖିନଥିଲି ।

ସେ ନୀରବରେ ବସିବାର କିଛି ସମୟ ପରେ ଯୁକ୍ତଦୁଇ ଦ୍ୱିତୀୟ ଓ ପ୍ରଥମ ବର୍ଷ ଶ୍ରେଣୀର ମୁଖିଆ ଛାତ୍ରମାନେ କ୍ରମାନ୍ୱୟରେ ତାଙ୍କ ପାଖରେ ଆସି ହାଜର ହୋଇଯାଉଥିଲେ । ଯୁକ୍ତଦୁଇ ଶ୍ରେଣୀର ଛାତ୍ରମାନେ କଲେଜରେ ବିଶେଷ ପୁରୁଣା ହୋଇନଥିବାରୁ ଧୀର ଭାବରେ ଅଧ୍ୟାପକ ଜେନାଙ୍କ ପାଖରେ ଛିଡ଼ା ହୋଇ ରହୁଥିଲେ । ସେ ଆସିବାର କାରଣ ଜିଜ୍ଞାସା କଲା ପରେ ସେମାନେ ନମ୍ର ଭାବରେ ଆଜି କ୍ଲାସ ହେବ କି ନାହିଁ ବୋଲି ପଚାରୁଥିଲେ । ସାମାନ୍ୟ ବିରକ୍ତ ହୋଇ ଅଧ୍ୟାପକ ଜେନା କହୁଥିଲେ, "ମୁଁ ଆଜି ଅନର୍ସ ଶ୍ରେଣୀରେ ପଢ଼ାଇବି । ସେମାନଙ୍କର ପାଠ୍ୟକ୍ରମ ପଛାଇଯାଇଛି । ତେଣୁ ତୁମର କ୍ଲାସ ନେଇପାରିବି ନାହିଁ । ଏକା ଲୋକ... ।" ଏଥିସହିତ ସେ ହାତରେ ଧରିଥିବା ଅନର୍ସ ଶ୍ରେଣୀର ବହିଟି ଛାତ୍ରମାନଙ୍କୁ ଦେଖାଇଦେଉଥିଲେ । ଏହା ଯେ ଏସ୍.ବି.ଡ଼ି. ଦ୍ୱାରା ପ୍ରକାଶିତ ଏକ ମାନେ ବହି (କି ବୁକ୍), ତାହା ଯୁକ୍ତଦୁଇ ଶ୍ରେଣୀର ଛାତ୍ରମାନେ ଅବଶ୍ୟ ଜାଣିପାରୁ ନଥିଲେ । କ୍ଲାସ ହେବ ନାହିଁ ଶୁଣିବା ପରେ ସେମାନେ ଖୁସି ମନରେ ଫେରିଯାଉଥିଲେ ।

ଅଧ୍ୟାପକ ଜେନା ସେହିଠାରେ ନୀରବରେ ବସିରହୁଥିଲେ । ବେଶ୍ କିଛି ସମୟ ପରେ ଯୁକ୍ତତିନି ତୃତୀୟ, ଦ୍ୱିତୀୟ ଓ ପ୍ରଥମ ବର୍ଷ ଶ୍ରେଣୀର ଅନର୍ସ ରଖିଥିବା ଛାମୁଆ ଛାତ୍ରମାନେ କ୍ରମାନ୍ୱୟରେ ତାଙ୍କ ପାଖରେ ଆସି ପହଞ୍ଚିଯାଉଥିଲେ । ସେ ମୁହଁ ଖୋଲିବା ଆଗରୁ ସେମାନେ ପ୍ରଶ୍ନ କରୁଥିଲେ, "ସାର୍, ଆଜି ଆମର କ୍ଲାସ ନେବେ କି ?" ଖୁବ୍ କ୍ଳାନ୍ତ ଥିବା ପରି ଦେଖାଇ ହୋଇ ସେ କହୁଥିଲେ, "କ'ଣ କରିବି, ସକାଳୁ ଯୁକ୍ତଦୁଇ ପ୍ରଥମ ଓ ଦ୍ୱିତୀୟ ବର୍ଷ ଶ୍ରେଣୀରେ ପଢ଼ାଇସାରି ଆସି ବସିପଡ଼ିଛି । ଗର୍ଜିଗର୍ଜି ତଣ୍ଟି ବସିଯାଇଛି । ଯୁକ୍ତଦୁଇ ଶ୍ରେଣୀରେ ଶହେଜଣ ଲେଖାଏଁ ଛାତ୍ର ଆମ ବିଷୟ ନେଇଛନ୍ତି । ଏକା ଲୋକ... ।" କହିବା ବାହୁଲ୍ୟ, ତାଙ୍କ ବିଭାଗରେ ସେ ଏକମାତ୍ର ଅଧ୍ୟାପକ ଥିଲେ । ତହିଁରେ ସରକାର ପଦବୀ ସଂଖ୍ୟା ବି ଏକ ରଖିଥିଲେ । ତେଣୁ ତାଙ୍କ ବିଭାଗକୁ ଆଉ କୌଣସି ଅଧ୍ୟାପକ ଆସିବାର ନଥିଲେ । ଏତେ କାର୍ଯ୍ୟଭାର ସତ୍ତ୍ୱେ ସେ ଦିନେ ବି ଅସନ୍ତୋଷ ବ୍ୟକ୍ତ କରୁନଥିଲେ । କେବେହେଁ ଏକ ନୂଆ ପଦବୀ ଖୋଲିବା ପାଇଁ ସରକାରଙ୍କୁ ଚିଠି ଲେଖିବାକୁ ଅଧକ୍ଷଙ୍କୁ କହୁନଥିଲେ । ସେ ଯାହାହେଉ, କ୍ଲାସ ହେବନାହିଁ ବୋଲି ଶୁଣିବା ପରେ ଅନର୍ସ ରଖିଥିବା ସେହି ଛାତ୍ରମାନେ ଖୁସି ହୋଇ ଫେରିଯାଉଥିଲେ । ଫେରିଲା ବାଟରେ ଆନନ୍ଦ ମନରେ ସେମାନେ ଚିତ୍କାର କରିଉଠୁଥିଲେ । ସେମାନଙ୍କର ଚିତ୍କାର ମୋ ମନକୁ ଅବଶ୍ୟ ଆନ୍ଦୋଳିତ କରୁଥିଲା ।

ସମୟ ଗଡ଼ିଚାଲୁଥିଲା । ଅଧ୍ୟାପକ ଜେନା କିନ୍ତୁ ସେହି ସ୍ଥାନ ତ୍ୟାଗ କରୁନଥିଲେ । ଶେଷରେ ଯୁକ୍ତିତିନି ତୃତୀୟ, ଦ୍ୱିତୀୟ ଓ ପ୍ରଥମ ବର୍ଷ ଶ୍ରେଣୀରେ ପାସ୍ ରଖିଥିବା ଆଗୁଆ ଛାତ୍ରମାନେ କ୍ରମାନ୍ୱୟରେ ତାଙ୍କ ପାଖରେ ଆସି ହାଜର ହୋଇଯାଉଥିଲେ । ଅବଶ୍ୟ ସେମାନଙ୍କର ସଂଖ୍ୟା ନଗଣ୍ୟ ଥିଲା ଏବଂ ସେମାନେ ଖାମ୍‌ଖିଆଲ ଜଣାପଡୁଥିଲେ । ସେମାନଙ୍କର କୌଣସି ପ୍ରଶ୍ନକୁ ଅଧ୍ୟାପକ ଜେନା କିନ୍ତୁ ଅପେକ୍ଷା କରୁନଥିଲେ । ସେମାନଙ୍କୁ ଦେଖିଲାମାତ୍ରେ ସେ ଗର୍ଜିଉଠୁଥିଲେ, "କୁଆଡ଼େ ଆସିଛ ? ତୁମର କ୍ଲାସ ହେବନାହିଁ । ଯାଅ ପଳାଅ ।" ସାମାନ୍ୟ ରହି ସେ କହୁଥିଲେ, "ସକାଳୁ ତ ଯୁକ୍ତଦୁଇର ଦୁଇଟି ଶ୍ରେଣୀରେ ପଢ଼ାଇଲି । ତା'ପରେ ଯୁକ୍ତତିନି ଅନର୍ସର ତିନିଟି ଶ୍ରେଣୀରେ ପଢ଼ାଇଲି । ପାଞ୍ଚପାଞ୍ଚଟି କ୍ଲାସ ନେଇସାରିଲିଣି । ଏକା ଲୋକ... । କ'ଣ କ୍ଲାସ ନେଇନେଇ ମରିବି ?" ସେ ରାଗିକରି ପ୍ରଶ୍ନ କରୁଥିଲେ, "ତୁମେମାନେ ଏହି ବିଷୟକୁ ପାସ୍ ରୂପେ କାହିଁକି ରଖିଲ ? ଏଥିଲାଗି ତୁମକୁ କିଏ କହିଲା ?" ସାର୍‌ଙ୍କ ରାଗ ଦେଖି ପାସ୍ ରଖିଥିବା ସେହି ଛାତ୍ରମାନେ ବିନା ବାକ୍ୟବ୍ୟୟରେ ସେଠାରୁ ପ୍ରସ୍ଥାନ କରୁଥିଲେ ।

ଏହି ଦୃଶ୍ୟ ନିୟମିତ ବ୍ୟବଧାନରେ ଅଭିନୀତ ହେଉଥିବାର ମୁଁ ଦେଖୁଥିଲି । ତା'ପରେ ଯାଇ ଅଧ୍ୟାପକ ଜେନା ସେହି ଚେୟାର ତ୍ୟାଗ କରୁଥିଲେ । ସେ ୨ଟା ପର୍ଯ୍ୟନ୍ତ ଷ୍ଟାଫ କମନ ରୁମ୍‌ରେ ରହୁଥିଲେ । ତା'ପରେ ଅଧକ୍ଷଙ୍କ ପାଖକୁ ଯାଉଥିଲେ । ସେଠାରେ ସେ କ'ଣ କରୁଥିଲେ, ତାହା ଅବଶ୍ୟ ମୁଁ ଜାଣିବାକୁ ପାଉନଥିଲି । ସନ୍ଧ୍ୟା ୬ଟାରେ କିନ୍ତୁ ସେ କଲେଜ ତ୍ୟାଗ କରୁଥିଲେ ।

ଅଧ୍ୟାପକ ସୁନୀଲ ଜେନାଙ୍କର ଚାକିରିରୁ ଅବସର ଗ୍ରହଣ କରିବା ଦିନ ପାଖେଇଆସିଥିଲା । ସେଦିନ ଆମେ ଚିରାଚରିତ ପ୍ରଥା ଅନୁସାରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭାର ଆୟୋଜନ କରିଥିଲୁ । ଏଥିରେ ଆମେ ତାଙ୍କର କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଆଦି ଗୁଣାବଳୀ ବର୍ଣ୍ଣନା କରି ତାଙ୍କ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲୁ । ତାଙ୍କର ଅବସର ଜୀବନ ସୁଖରେ କଟୁ ବୋଲି ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥିଲୁ । ତାଙ୍କୁ ଉପଢ଼ୌକନ ପ୍ରଦାନ କରିବା ସଙ୍ଗେସଙ୍ଗେ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିଲୁ ।

ଶ୍ରୀ ଜେନା ଅବସର ନେଲା ପରେ ତାଙ୍କ ବିଭାଗ ଅଧ୍ୟାପକଶୂନ୍ୟ ହୋଇଯାଇଥିଲା । ସରକାର ନୂତନ ନିଯୁକ୍ତି ଉପରେ କଟକଣା ଜାରି କରିଥିବାରୁ ସେ ପଦବୀ ଆଉ ପୂରଣ ହୋଇପାରି ନଥିଲା । ଗେଷ୍ଟ ଫ୍ୟାକଲ୍‌ଟି ବା ଅତିଥି ଅଧ୍ୟାପକ ରଖି କାମ ଚଳାଇନେବାକୁ ସରକାର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଅଧକ୍ଷ ବିଜ୍ଞପ୍ତି ବାହାର କରିଥିଲେ । ଏହି ବିଜ୍ଞପ୍ତିକୁ ସେ କଲେଜର ନୋଟିସ ବୋର୍ଡ଼ରେ ଲଗାଇଦେଇଥିଲେ ।

ଅବସର ନେବାର ଏକ ପକ୍ଷ ନପୂରୁଣୁ ଅଧ୍ୟାପକ ଜେନା ସେଦିନ କଲେଜରେ ଆସି ହାଜର ହୋଇଯାଇଥିଲେ । ସେ ଷ୍ଟାଫ କମନ ରୁମ୍‌ରେ ପହଞ୍ଚି ସେଠାରୁ ମୋତେ ଲାଇବ୍ରେରିକୁ ଡାକିନେଇଥିଲେ । ଲାଇବ୍ରେରିର ନିରୋଳା ପରିବେଶରେ ମୋ ଆଗେ ସେ ତାଙ୍କର ଦୁଃଖ ବଖାଣିଥିଲେ । କୌଣସି କାମ ନଥିବାରୁ ଅବସର ଜୀବନ ଦୁର୍ବିସହ ହୋଇପଡୁଥିବା ସେ କହିଥିଲେ । ଅସଫଳ ଦାମ୍ପତ୍ୟ ଜୀବନ ବିଷୟରେ କହୁକହୁ ତାଙ୍କ ଆଖିରେ ଲୁହ ଆସିଯାଇଥିଲା । "ମୁଁ କ'ଣ କରିପାରିବି ?" ମୁଁ ପଚାରିଥିଲି । ତାଙ୍କୁ ଅତିଥି ଅଧ୍ୟାପକ ରୂପେ ରଖିବା ପାଇଁ ଅଧକ୍ଷଙ୍କୁ କହିବାକୁ ସେ ମୋତେ ଅନୁରୋଧ କରିଥିଲେ । ମାତ୍ର ଅଧକ୍ଷଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିବାରୁ ସେ ସିଧାସଳଖ ତାଙ୍କୁ ଏ କଥା କହିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି । ଅଧ୍ୟାପକ ଜେନା କହିଥିଲେ, "ମୁଁ ଅଧକ୍ଷଙ୍କୁ ଏଥିଲାଗି ଅନୁରୋଧ କରିଥିଲି । ମାତ୍ର ସେ ରାଜି ହୋଇନଥିଲେ ।" "ଠିକ ଅଛି । ମୁଁ

ତାଙ୍କୁ କହିବି", ମୁଁ କହିଥିଲି । ଅଧ୍ୟାପକ ଜେନା ବିଦାୟ ନେଇଥିଲେ । ତା'ପରେ ଲାଇବ୍ରେରିୟାନ୍ ମୋତେ ଡାକି କହିଥିଲେ, "ଅଧ୍ୟାପକ ଜେନା ଚାକିରିରେ ଥିବା ଭିତରେ ଦିନେ ବି ଲାଇବ୍ରେରି ମାଡ଼ିନଥିଲେ । ଯାହାହେଉ, ଅବସର ନେବା ପରେ ତାଙ୍କ ପାଦ ଏଠାରେ ପଡ଼ିଲା ।" ମୁଁ ନୀରବ ରହିଥିଲି ।

ତା' ପରଦିନ ବିଳମ୍ବିତ ପ୍ରହରରେ ଅଧ୍ୟକ୍ଷଙ୍କୁ ନିରୋଳାରେ ଭେଟି ଅଧ୍ୟାପକ ଜେନାଙ୍କୁ ଅତିଥି ଅଧ୍ୟାପକ ରୂପେ ନିଯୁକ୍ତି ଦେବା ପାଇଁ ମୁଁ ଅନୁରୋଧ କରିଥିଲି । ଅଧ୍ୟକ୍ଷ ମୋ ମୁହଁକୁ ଚାହିଁଥିଲେ ଏବଂ ପ୍ରଶ୍ନ କରିଥିଲେ, "ଚାକିରିରେ ଥିବାବେଳେ ଆଦୌ କ୍ଲାସ ନେଇନଥିବା ବ୍ୟକ୍ତିଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ଆପଣ କିପରି କହୁଛନ୍ତି ?" ବିନମ୍ର ଭାବେ ମୁଁ କହିଥିଲି, "ସାର୍, ଅତିଥି ଅଧ୍ୟାପକ ହେଲେ ସେ କ୍ଲାସ ନେଇ ପଢ଼ାଇବାକୁ ବାଧ ହେବେ । କ୍ଲାସ ନେଲେ ହିଁ ସେ କ୍ଲାସ ପିଛା ତିନିଶହ ଟଙ୍କା ପାଇବେ, ନହେଲେ ନାହିଁ ।" ଅଧ୍ୟକ୍ଷ କହିଥିଲେ, "ଏହା ଆପଣଙ୍କର ମୋତେ ପ୍ରଥମ ଅନୁରୋଧ ହୋଇଥିବାରୁ ମୁଁ ଏହାକୁ ଏଡ଼ାଇପାରୁ ନାହିଁ । ମାତ୍ର ଯଦି ସେ କ୍ଲାସ ନନିଅନ୍ତି, ତେବେ ମୁଁ ତାଙ୍କୁ ବାହାର କରି ନୂତନ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବି ।" ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇ ମୁଁ ବିଦାୟ ନେଇଥିଲି । ତାଙ୍କ ସହିତ ମୋର ଯାହା କଥା ହୋଇଥିଲା, ତାହା ଅବିକଳ ଭାବେ ଅଧ୍ୟାପକ ଜେନାଙ୍କୁ ଜଣାଇଦେଇଥିଲି ।

ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଅଧ୍ୟକ୍ଷ ନାମମାତ୍ର ସାକ୍ଷାତ୍କାର କରିଥିଲେ । ଶ୍ରୀ ଜେନାଙ୍କୁ ହିଁ ନିଯୁକ୍ତି ଦିଆଯାଇଥିଲା । ଅତିଥି ଅଧ୍ୟାପକ ରୂପେ ସେ ନିୟମିତ କ୍ଲାସ ନେଉଥିବା ଦେଖାଯାଇଥିଲା । ଚାକିରିକାଳ ଭିତରେ ଆଦୌ ପାଠ ପଢ଼ାଇନଥିବା ଅଧ୍ୟାପକ ଅବସର ଗ୍ରହଣ କରିବା ପରେ ହିଁ ପାଠ ପଢ଼ାଇବା ଆରମ୍ଭ କରିଥିଲେ । ଏହା ଦେଖି ମୁଁ ଅବଶ୍ୟ ହସ ସମ୍ଭରଣ କରିପାରି ନଥିଲି ।

●

# ଉଠାପକା ଚାକିରି

ଗତ ପୂଜା ଅବକାଶ ମୁଁ ଆମ ଗାଁରେ ହିଁ କଟାଇଥିଲି । ଏହି ସମୟରେ ମୁଁ ପାଖ ଗାଁର ସ୍ୱର୍ଗତ ଭଗବାନ ଦାସଙ୍କ ଘରକୁ ଯାଇଥିଲି । ତାଙ୍କ ଘର ଚିହ୍ନିବାରେ ମୋର କୌଣସି ଅସୁବିଧା ହୋଇନଥିଲା । କାରଣ ତହିଁରେ କିଛି ପରିବର୍ତ୍ତନ ଘଟିନଥିଲା ଓ ତାହା ପୂର୍ବବତ୍ ନଡ଼ାରେ ଛପର ହୋଇଥିଲା । ମୁଁ ତାଙ୍କ ପୁଅ ବାବୁଲିର ନାମ ଧରି ଡାକିଥିଲି । ମାଉସୀ ବାହାରିଆସିଥିଲେ ଓ ଏତେଦିନ ପରେ ମୋତେ ଦେଖି ଭାରି ଖୁସି ହୋଇଥିଲେ । ସେ ମୋତେ ବାବୁଲିର ପ୍ରକୋଷ୍ଠ ଦେଖାଇଦେଇଥିଲେ । ତହିଁରେ ପ୍ରବେଶ କରି ମୁଁ ଦେଖିଥିଲି ଯେ, ଦିନ ଦ୍ୱିପ୍ରହରରେ ବାବୁଲି ନିଘୋଡ଼ ନିଦରେ ଶୋଇଥିଲା । ତାକୁ ନଉଠାଇ ଖଟ ପାଖରେ ପଡ଼ିଥିବା ଏକ ଭଙ୍ଗା ଚେୟାରରେ ମୁଁ ବସିପଡ଼ିଥିଲି । ଅତୀତ ମୋର ମନେ ପଡ଼ିଯାଇଥିଲା ।

ସ୍ୱର୍ଗତ ଭଗବାନ ଦାସ ଗାଁରେ ରହି ପିତା ଅର୍ଜିଥିବା ସ୍ୱଳ୍ପ ଜମିବାଡ଼ି ବୁଝାସୁଝା କରୁଥିଲେ । ତହିଁରୁ ହେଉଥିବା ଆୟରେ ସେ କୌଣସି ପ୍ରକାର ପରିବାର ଚଳାଇନେଉଥିଲେ । ସେ ମୋତେ ତାଙ୍କର ଧର୍ମପୁଅ କରିଥିଲେ । ମୁଁ କୁଆଡ଼େ ଅକାଳରେ ମୃତ୍ୟୁବରଣ କରିଥିବା ତାଙ୍କ ବଡ଼ପୁଅ ପରି ଦିଶୁଥିଲି । ଜମିବାଡ଼ି ବୁଝାସୁଝା କରିବା ସହ ସେ ସାମାଜିକ କାର୍ଯ୍ୟଗୁଡ଼ିକରେ ସକ୍ରିୟ ସହଯୋଗ କରୁଥିଲେ । ତାଙ୍କର ଭଦ୍ର ବ୍ୟବହାର, ସରଳ ଜୀବନଯାପନ, ସର୍ବୋପରି ସଚ୍ଚୋଟପଣିଆ ଅଞ୍ଚଳବାସୀଙ୍କ ମନରେ ରେଖାପାତ କରିଥିଲା । ଆମ ଅଞ୍ଚଳରେ ସେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ରୂପେ ପ୍ରତିଷ୍ଠା ଲାଭ କରିଥିଲେ ।

ଘଟଣାଚକ୍ରରେ ଭଗବାନ ଦାସ ତତ୍କାଳୀନ ବିରୋଧୀ ଦଳ ନେତାଙ୍କ ସଂସ୍ପର୍ଶରେ ଆସିଥିଲେ । ସ୍ୱଳ୍ପ ସମୟ ଭିତରେ ସେ ନେତାଙ୍କର ସମ୍ପୂର୍ଣ୍ଣ ଆସ୍ଥା ଭାଜନ ହୋଇପାରିଥିଲେ । ଦିନେ ବିରୋଧୀ ଦଳ ନେତା ତାଙ୍କୁ ଆମ ବିଧାନସଭା ଆସନରେ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତାବ ଦେଇଥିଲେ । ମାତ୍ର ସେ ତାହାକୁ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ । ବିରୋଧୀ ଦଳ ନେତା ବିକଳ୍ପ ସନ୍ଧାନ କରିବାର ଦାୟିତ୍ୱ ତାଙ୍କ ଉପରେ ହିଁ ନ୍ୟସ୍ତ କରିଥିଲେ । ଯଥାସମୟରେ ସେ ଆମ ହାଇସ୍କୁଲର କୃତୀ ଶିକ୍ଷକ ହଟ-ମାଷ୍ଟ୍ରଙ୍କ ନାମ ସୁପାରିସ କରିଥିଲେ । ବିରୋଧୀ ଦଳ ନେତା ତାହା ଗ୍ରହଣ କରି

ହଟ-ମାଷ୍ଟ୍ରଙ୍କୁ ପ୍ରାର୍ଥୀ କରାଇଥିଲେ । ସ୍ୱର୍ଗତ ଦାସ ହଟ-ମାଷ୍ଟ୍ରଙ୍କ ଇଲେକ୍‌ସନ ଏଜେଣ୍ଟ ହୋଇ ତାଙ୍କ ପାଇଁ ଲାଗିପଡ଼ିଥିଲେ । ନିର୍ବାଚନରେ ହଟ-ମାଷ୍ଟ୍ର ବିଜୟୀ ହୋଇ ଏମ୍.ଏଲ୍.ଏ. ହୋଇଥିଲେ । ତାଙ୍କ ଦଳ ମନ୍ତ୍ରିମଣ୍ଡଳ ଗଠନ କରିଥିଲା ଓ ସେ ତହିଁରେ ସ୍ଥାନ ପାଇଥିଲେ । ଅଭାବରେ ଥାଇ ବି ସ୍ୱର୍ଗତ ଦାସ ମନ୍ତ୍ରୀଙ୍କ ପାଖରେ କେବେ ହାତ ପତାଇ ନଥିଲେ । ସ୍ୱାଭିମାନ ତାଙ୍କ ପାଇଁ ବଡ଼ କଥା ଥିଲା ।

ସମୟ ଗଡ଼ିଯାଇଥିଲା ଓ ସ୍ୱର୍ଗତ ଦାସଙ୍କ ପୁଅ ବାବୁଲି ଏଚ୍.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ତା'ପରେ ସେ ରେଭେନ୍‌ସା କଲେଜରେ ନାମ ଲେଖାଇ ସେଠାରୁ ବି.ଏ. ପାସ କରିଥିଲା । ସେ ସେତେ ଭଲ ଛାତ୍ର ନଥିଲା । ତେଣୁ ପରୀକ୍ଷାରେ ବିଶେଷ ଭଲ କରିନଥିଲା । ମନ୍ତ୍ରୀଙ୍କୁ କହି ଚାକିରି ଖଣ୍ଡେ କରାଇଦେବାକୁ ସେ ବାପାଙ୍କୁ କହିଥିଲା । ସ୍ୱର୍ଗତ ଦାସ ପୁଅର ଚାକିରି ପାଇଁ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ବାରମ୍ବାର ଯିବା ପରେ ମନ୍ତ୍ରୀ ତାଙ୍କୁ ପୁଅର ନିଯୁକ୍ତିପତ୍ର ଧରାଇଦେଇଥିଲେ । ନିଯୁକ୍ତିପତ୍ର ଘେନି ଭଗବାନ ଦାସ ଖୁସି ମନରେ ଘରକୁ ଫେରିଥିଲେ । ଘରେ ପହଞ୍ଚିଲା ମାତ୍ରେ ବାବୁଲିକୁ ଡାକି ତା' ହାତକୁ ନିଯୁକ୍ତିପତ୍ର ବଢ଼ାଇଦେଇଥିଲେ । ତାହା ପଢ଼ି ବାବୁଲିର ମୁହଁ ରାଗରେ ଲାଲ ପଡ଼ିଯାଇଥିଲା । ସେ ଚିତ୍କାର କରିଉଠିଥିଲା, "ବାପା, ମୁଁ ରେଭେନ୍‌ସା କଲେଜରୁ ବି.ଏ. ପାସ କରିଛି । ମୁଁ ଏ ଉଠାପକା ଚାକିରି କରିବିନାହିଁ ।" ସାମାନ୍ୟ ରହି ସେ କହିଥିଲା, "ମୋତେ ତନଖି ଫାଟକରେ ଏନ୍.ଏମ୍.ଆର୍.ରେ ନିଯୁକ୍ତି ଦେଇଛନ୍ତି । ସେଠି ଫାଟକ ଖୋଲିବା ଓ ବନ୍ଦ କରିବା ମୋର କାମ ହେବ । ମୁଁ ଲମ୍ବା କାଠଦଣ୍ଡକୁ ଦଉଡ଼ି ସାହାଯ୍ୟରେ ଉଠାପକା କରି ଏହି କାମ କରିବି । ହବନି ବାପା, ହବନି ।" ସ୍ୱର୍ଗତ ଦାସଙ୍କ ପାଟିରୁ କଥା ବାହାରିନଥିଲା ।

ପରଦିନ ସକାଳେ ଭଗବାନ ଦାସ ବାବୁଲିକୁ ଧରି ମନ୍ତ୍ରୀଙ୍କ ପାଖେ ହାଜର ହୋଇଥିଲେ । ଏହି ନିଯୁକ୍ତିରେ ବାବୁଲି ସନ୍ତୁଷ୍ଟ ନଥିବା କଥା ସେ ମନ୍ତ୍ରୀଙ୍କୁ ଜଣାଇଥିଲେ । "ମୁଁ ତାକୁ ବୁଝାଇଦେଉଛି", କହି ମନ୍ତ୍ରୀ ବାବୁଲିକୁ ଭିତରକୁ ଡାକିନେଇଥିଲେ । କହିଥିଲେ, "ମୁଁ ଜାଣିକରି ତୋତେ ଏ ଚାକିରି ଦେଇଛି । ତୋତେ କାଠଦଣ୍ଡକୁ ଉଠାପକା କରିବାକୁ ପଡ଼ିବନାହିଁ । ଏ କାମ ତୁ ଅନ୍ୟ ଲୋକ ରଖି କରାଇଦେବୁ । ଖାଲି ଗାଡ଼ିବାଲାଙ୍କଠାରୁ ଟଙ୍କା ଆଦାୟ କରିବା ତୋ କାମ ହେବ । ଲକ୍ଷପତି ହୋଇଯିବୁରେ ବାବୁଲି, ଲକ୍ଷପତି ହୋଇଯିବୁ ।" ବାବୁଲି ନୀରବ ରହିଥିଲା । ବାପପୁଅ ଘରକୁ ଫେରିଥିଲେ । ଘରେ ପହଞ୍ଚି ବାବୁଲି କହିଥିଲା, "ମନ୍ତ୍ରୀ ଆଖିବୁଜି ଠିକାଦାରଙ୍କଠାରୁ ଟଙ୍କା ଲୁଟ କରି କୋଟିପତି ହୋଇଗଲେଣି । ଏଣେ ମୋତେ

ଗାଡ଼ିବାଲାଙ୍କଠାରୁ ଟଙ୍କା ଅସୁଲ କରି ବଡ଼ଲୋକ ହେବାକୁ ପ୍ରବର୍ତ୍ତାଉଛନ୍ତି । ବାପା ! ମୁଁ ଏ କାମ କରିପାରିବି ନାହିଁ ।" ତା'ପରେ ସେ ତନଖି ଫାଟକରେ ଚାକିରି କରିବନାହିଁ ବୋଲି ବାପାଙ୍କୁ ରୋକ୍‌ଠୋକ୍ ଜଣାଇଦେଇଥିଲା । ଏହାର ଅଳ୍ପଦିନ ଉତ୍ତାରେ ଭଗବାନ ଦାସଙ୍କର ଏକ ସଡ଼କ ଦୁର୍ଘଟଣାରେ ଆକସ୍ମିକ ମୃତ୍ୟୁ ଘଟିଥିଲା ।

ବାବୁଲିର ନିଦ ଭାଙ୍ଗିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିଥିଲି । ମୋତେ ଦେଖି ସେ ପ୍ରଣାମ କରିଥିଲା ଏବଂ ତା'ପରେ ମୁହଁ ଧୋଇବାକୁ ଚାଲିଯାଇଥିଲା । ସେ ଫେରିଲା ଉତ୍ତାରେ ମୁଁ ପଚାରିଥିଲି, "ସେଦିନ ତନଖି ଫାଟକର ଏନ୍.ଏମ୍.ଆର୍. ଚାକିରିକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଆଜି ଅନୁଶୋଚନା କରୁଛୁ କି ?" ସେ ମୋ ମୁହଁକୁ ଚାହିଁଥିଲା ଓ ଉତ୍ତର ଦେଇଥିଲା, "ଆଦୌ ନୁହେଁ ।" ମୁଁ କହିଥିଲି, "ମନ୍ତ୍ରୀ କିନ୍ତୁ ତୋ ପ୍ରତି ସହାନୁଭୂତିଶୀଳ ଥିଲେ । ସେ ଉଠାପକା ଚାକିରି କରିଥିଲେ ତୁ ଲକ୍ଷପତି ହୋଇଯାଇଥା'ନ୍ତୁ । ସେହି ଚାକିରି କରି ଲକ୍ଷଲକ୍ଷ ଟଙ୍କା ଉପାର୍ଜନ କରିଥିବା ଏକାଧିକ ବ୍ୟକ୍ତି ଏଥିମଧ୍ୟରେ ମୋ ନଜରକୁ ଆସିଛନ୍ତି ।" "ଟଙ୍କା ନୁହେଁ, ସ୍ୱାଭିମାନ ମୋ ପାଇଁ ବଡ଼ କଥା," ସେ ନିର୍ବିକାର ଭାବରେ କହିଥିଲା । ମୁଁ ନୀରବ ରହିଥିଲି ।

●

# ଲଫାପା

ଲଫାପା ଅନେକ ପ୍ରକାର କାର୍ଯ୍ୟରେ ବ୍ୟବହୃତ ହୁଏ । ଲଫାପାରେ ଆମେ ଚିଠି ପଠାଉ । ତା'ଛଡ଼ା ଦସ୍ତାବିଜ ବି ପଠାଉ । ଲଫାପାରେ ନିମନ୍ତ୍ରଣପତ୍ର ଆସେ । ତାହା ଶୁଭବିବାହ ଉପଲକ୍ଷେ ପ୍ରୀତିଭୋଜନ ପାଇଁ ହୋଇପାରେ କିମ୍ବା ଏକାଦଶାହ ଉପଲକ୍ଷେ ପ୍ରସାଦ ସେବନ ପାଇଁ ହୋଇପାରେ । ଏକୋଇଶା, ଜନ୍ମଦିନ, ବ୍ରତୋପନୟନ, ବାହାଘରରେ ଆମେ ଟଙ୍କା ଲଫାପାରେ ପୂରାଇ ପ୍ରଦାନ କରିଥାଉ । ନବବର୍ଷର ଅଭିନନ୍ଦନପତ୍ର ବି ଲଫାପାରେ ଭରି ପଠାଇଥାଉ । ରାକ୍ଷୀ ଲଫାପାରେ ପଶି ଆସେ । ବହୁରୂପୀ ଏ ଲଫାପା ।

ସେଦିନ କିନ୍ତୁ ମୁଁ ଆମ ଉପନିର୍ଦ୍ଦେଶକଙ୍କ ଟେବୁଲର ଡ୍ରୟାର ଭିତରେ ଏକ ଲଫାପା ତାଡ଼ା ଦେଖି ଚକିତ ହୋଇଯାଇଥିଲି । ଘଟଣା ହେଲା, ମୋ ବୋଉଙ୍କର ସ୍ୱର୍ଗବାସ ପରେ ବଡ଼ପୁଅ ହିସାବରେ ମୋତେ ତାଙ୍କର 'କ୍ରିୟା' କରିବାକୁ ପଡ଼ିଥିଲା । ସେଥିଲାଗି ମୁଁ କର୍ମକ୍ଷେତ୍ରରୁ ଛୁଟି ନେବାକୁ ବାଧ୍ୟ ହୋଇଥିଲି । ମାତ୍ର ଛୁଟିରୁ ଫେରିଲା ପରେ ତାହା ମଞ୍ଜୁର କରିବା ଏକ ସହଜ କାମ ନଥିଲା । ଅବଶ୍ୟ ଏଥିଲାଗି ଟଙ୍କା ଦେବାକୁ ମୁଁ ପ୍ରସ୍ତୁତ ଥିଲି । ମାତ୍ର ଟଙ୍କା ଦେଲେ ଯେ କାମ ହୋଇଯିବ, ତା'ର କୌଣସି ନିଶ୍ଚିତତା ନଥିଲା । କାରଣ ରାମବାବୁ, ହରିବାବୁ, ମଧୁବାବୁ ଟଙ୍କା ଦେଇ କରି ବି ଦୌଡ଼ିଦୌଡ଼ି ନୟାନ୍ତ ହୋଇଥିଲେ । ସୁତରାଂ କ'ଣ କରିବି, ସେହି ଚିନ୍ତାରେ ମୁଁ ଘାରି ହେଉଥିଲି । ଏଣେ ଛୁଟି ମଞ୍ଜୁର ନହେଲେ ଇନ୍‌କ୍ରିମେଣ୍ଟ ବନ୍ଦ ହୋଇଯିବାର ଆଶଙ୍କା ଥିଲା । ତାହା ମୋ ଚିନ୍ତାକୁ ଦ୍ୱିଗୁଣିତ କରିଥିଲା ।

ହଠାତ୍ ଭଗବାନ ଦାସଙ୍କ କଥା ମୋର ମନେ ପଡ଼ିଯାଇଥିଲା । ମୋ ଜାଣିବାରେ, ଆମ ଉପନିର୍ଦ୍ଦେଶକଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା । ସଙ୍କୋଟପଣିଆ ଆଦି ଯୋଗୁଁ ଆମ କ୍ୟାଡ଼ରରେ ପ୍ରାୟ ସମସ୍ତେ ତାଙ୍କୁ ଖାତିର କରୁଥିଲେ । ମୋ ସମସ୍ୟା ତାଙ୍କୁ ଜଣାଇ ମୋ ସହ ଉପନିର୍ଦ୍ଦେଶକଙ୍କ ପାଖକୁ ଯିବା ପାଇଁ ଅନୁରୋଧ କରିଥିଲି । ସେ ମୋ ଅନୁରୋଧକୁ ଭାଙ୍ଗିପାରି ନଥିଲେ ।

ନିର୍ଦ୍ଧାରିତ ଦିନ ଭଗବାନ ଦାସଙ୍କୁ ସାଙ୍ଗରେ ନେଇ ମୁଁ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଞ୍ଚିଲି । ଏକ ଚିରକୁଟରେ ତାଙ୍କ ନାମ ଲେଖି ପିଅନ ହାତରେ

ଉପନିର୍ଦ୍ଦେଶକଙ୍କ ପାଖକୁ ପଠାଇଥିଲୁ । ଏହା ପାଇଲା କ୍ଷଣି ସେ ଆମକୁ ତାଙ୍କ ପ୍ରକୋଷ୍ଠ ଭିତରକୁ ଡକାଇଥିଲେ । ଆମେ ଭିତରକୁ ଯାଇ ତାଙ୍କ ସମ୍ମୁଖରେ ପଡ଼ିଥିବା ଚେୟାରରେ ସ୍ଥାନ ଗ୍ରହଣ କରିଥିଲୁ । ବିନା ଉପକ୍ରମଣିକାରେ ଭଗବାନ ଦାସ ମୋର ସମସ୍ୟା ତାଙ୍କ ଆଗରେ ଉପସ୍ଥାପନ କରିଥିଲେ । ତାହା ଶୁଣି ଉପନିର୍ଦ୍ଦେଶକ କଲିଂ ବେଲ୍ ବଜାଇଥିଲେ ଓ ପିଅନ ଆସି ହାଜର ହୋଇଯାଇଥିଲା । ତା' ମାଧ୍ୟମରେ ସେ ସମ୍ପୃକ୍ତ କିରାଣିକୁ ଡକାଇଥିଲେ । କାଳବିଳମ୍ବ ନକରି ସମ୍ପୃକ୍ତ କିରାଣି ଆସି ପହଞ୍ଚିଯାଇଥିଲେ । ମୋର ଛୁଟି ମଞ୍ଜୁର କରିଦେବା ପାଇଁ ଉପନିର୍ଦ୍ଦେଶକ ତାଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଖାଲି ସେତିକି ନୁହେଁ, ଏହି କାମ ଆଜି ହିଁ କରିଦେବା ପାଇଁ ସେ ଜୋର୍‌ଦେଇ କହିଥିଲେ । "ସାର୍, ମୁଁ ଆଜି ହିଁ ଏ କାମ କରିଦେବି । ସେ କାଲି ଆସି ମୋଠାରୁ ଛୁଟି ମଞ୍ଜୁରୀର ଚିଠି ନେଇଯିବେ", ସମ୍ପୃକ୍ତ କିରାଣି କହିଥିଲେ । "ଠିକ୍ ଅଛି । ଆପଣ ଯା'ନ୍ତୁ", ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ । ଏତେ ସହଜରେ ମୋ କାମ ହୋଇଯିବ ବୋଲି ମୁଁ ଭାବିନଥିଲି । ସୁତରାଂ ମୁଁ ଖୁସିରେ ବିଭୋର ହୋଇଉଠିଥିଲି ।

ତା'ପରେ ଉପନିର୍ଦ୍ଦେଶକ ଭଗବାନ ଦାସଙ୍କୁ କହିଥିଲେ, "ସାର୍, ଆପଣ ଆମର ସହକାରୀ ନିର୍ଦ୍ଦେଶକ ବିଜୟ ନାୟକଙ୍କୁ ଭେଟନ୍ତୁ । ନଚେତ୍ ଆପଣ ଏଠାକୁ ଆସିଥିବା କଥା ଶୁଣିଲେ ସେ ମନଦୁଃଖ କରିବେ ।" "ହଁ, ହଁ, ମୁଁ ଏତେଦିନ ପରେ ଏଠାକୁ ଆସିଛି । ତାଙ୍କୁ ନିଶ୍ଚୟ ଭେଟିବି", କହି ଭଗବାନ ଦାସ ଉଠିଯାଇଥିଲେ । ତାଙ୍କ ସହ ମୁଁ ବି ଉଠିପଡ଼ିଥିଲି । ମାତ୍ର ଉପନିର୍ଦ୍ଦେଶକ ମୋତେ କହିଥିଲେ, "ଆପଣ ଏଠାରେ ବସନ୍ତୁ । ସାର୍ ଆସିଲେ ଯିବେ ।" ତାହା ହିଁ ହୋଇଥିଲା ।

ଟେବୁଲର ଡ୍ରୟାର ଖୋଲି ଉପନିର୍ଦ୍ଦେଶକ ଏକ ତାଡ଼ା ଲଫାପା ବାହାର କରିଥିଲେ । ତହିଁରୁ ଖଣ୍ଡେ ଲଫାପା ଟାଣିଆଣି ମୋତେ ବଢ଼ାଇଦେଇଥିଲେ । ମୁଁ କିଛି ବୁଝିନପାରି ତାହା ହାତରେ ଧରିଥିଲି । ସେ କହିଥିଲେ, "ଏଥିରେ ଦୁଇଶହ ଟଙ୍କା ଭରି ସମ୍ପୃକ୍ତ କିରାଣିକୁ ଦେଇଦିଅନ୍ତୁ । କାଲି ଆସି ଛୁଟି ମଞ୍ଜୁରୀର ଚିଠି ନେଇଯିବେ ।" ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଥିଲି, "ସାର୍, ଆପଣ ନିର୍ଦ୍ଦେଶ ଦେଲା ପରେ ବି କ'ଣ ଟଙ୍କା ଦେବାକୁ ପଡ଼ିବ... ତା'ହେଲେ ମୁଁ ଆପଣଙ୍କ ପାଖକୁ ନଆସି ସିଧାସଳଖ ତାଙ୍କୁ ଟଙ୍କା ଦେଇପାରିଥାନ୍ତି ।" ଉପନିର୍ଦ୍ଦେଶକ ହସିଥିଲେ ଓ କହିଥିଲେ, "ସେପରି କରିଥିଲେ ଆପଣଙ୍କ କାମ କିନ୍ତୁ ହୋଇନଥାନ୍ତା ।" ମୁଁ ବଲବଲ କରି ତାଙ୍କ ଆଡ଼କୁ ଚାହିଁରହିଥିଲି ।

ସେ କହିଥିଲେ, "ସମ୍ପୃକ୍ତ କିରାଣି ଆପଣଙ୍କଠାରୁ ସିଧାସଳଖ ଟଙ୍କା ନେଇ ଫାଇଲ ପେଶ୍ କରିଥିଲେ ମୋର ସନ୍ଦେହର ବଳୟ ଭିତରକୁ ଆସିଯାଇଥାନ୍ତେ । ଅପର ପକ୍ଷରେ, ମୁଁ ତାଙ୍କୁ ଖାଲିଟାରେ ଯେତେ ନିର୍ଦ୍ଦେଶ ଦେଇଥିଲେ ବି ସେ ମୋ କଥା ଶୁଣିନଥାନ୍ତେ । ଉଭୟ ପ୍ରକୃତି ଓ ପୁରୁଷର ମିଳନରେ ହିଁ ଜଗତର ସୃଷ୍ଟି ହୁଏ । ସେହିପରି ମୋର ନିର୍ଦ୍ଦେଶ ଓ ତାଙ୍କର ଅର୍ଥ ଗ୍ରହଣ – ଏହି ଉଭୟର ମିଶ୍ରଣରେ ହିଁ ଆପଣମାନଙ୍କର କାର୍ଯ୍ୟ ହୁଏ ।" ତାଙ୍କ ଆଗରେ ପକେଟରୁ ଦୁଇଶହ ଟଙ୍କା କାଢ଼ି ଲଫାପାରେ ପୂରାଇଥିଲି । ତତ୍ପରେ ଉପବିଭାଗକୁ ଯାଇ ସର୍ବସମ୍ମୁଖରେ ତାହା ସମ୍ପୃକ୍ତ କିରାଣିଙ୍କୁ ପ୍ରଦାନ କରିଥିଲି ।

ତା' ପରଦିନ ଆସି ତାଙ୍କଠାରୁ ମୋ ଛୁଟି ମଞ୍ଜୁରୀର ଚିଠି ନେଇଯାଇଥିଲି । ଫେରିବା ବାଟରେ ଉପନିର୍ଦ୍ଦେଶକଙ୍କ କଥା ମୋର ତୁହାକୁତୁହା ମନେ ପଡୁଥିଲା । ସେ କହିଥିଲେ, ଉଭୟ ପ୍ରକୃତି ଓ ପୁରୁଷର ମିଳନରେ ଜଗତର ସୃଷ୍ଟି ହୋଇଥାଏ । ସେହିପରି ଅଫିସରଙ୍କର ନିର୍ଦ୍ଦେଶ ଓ କିରାଣିଙ୍କର ଅର୍ଥ ଗ୍ରହଣ – ଏହି ଉଭୟର ମିଶ୍ରଣରେ ଆମ୍ଭମାନଙ୍କର କାର୍ଯ୍ୟ ସାଧିତ ହୋଇଥାଏ । ମାତ୍ର କିରାଣି ନେଉଥିବା ଅର୍ଥରୁ କେତେ ଭାଗ ଅଫିସରଙ୍କ ପାଖକୁ ଯାଏ, ତାହା ମୁଁ ଭାବିପାରୁ ନଥିଲି ।

●

# ଦୁର୍ନୀତି ବିରୋଧୀ ଆନ୍ଦୋଳନ ଓ ତହିଁରେ ମୋର ସ୍ଥାନ

ଗାନ୍ଧିବାଦୀ ନେତା ଆନ୍ନା ହଜାରେଙ୍କ ଆନ୍ଦୋଳନ ସେ ସମୟରେ ତା'ର ଶୀର୍ଷ ସ୍ତରରେ ପହଞ୍ଚିଥିଲା । ଏହି ଆନ୍ଦୋଳନରେ ଯୋଗଦେଇ ପୁଣି ଲୋକଲୋଚନକୁ ଆସିବା ପାଇଁ ମୋର ଭାରି ଇଚ୍ଛା ହୋଇଥିଲା । ମୁଁ ପତ୍ନୀଙ୍କ ଆଗରେ ପ୍ରଥମେ ଏହି ଇଚ୍ଛା ବ୍ୟକ୍ତ କରିଥିଲି । ସେ ପଚାରିଥିଲେ, "କିଏ ଏହି ଆନ୍ନା ହଜାରେ ? କ'ଣ ପାଇଁ ସେ ଆନ୍ଦୋଳନ କରୁଛନ୍ତି ?" ମୁଁ ଉତ୍ତର ଦେଇଥିଲି, "ଭାରତବର୍ଷରୁ ଦୁର୍ନୀତି ଦୂର କରିବା ପାଇଁ ସେ ଏହି ଆନ୍ଦୋଳନ ଚଳାଇଛନ୍ତି । ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ବିଚାର ଆଦି ପାଇଁ ସରକାର ସଶକ୍ତ ଲୋକପାଳ ନିଯୁକ୍ତ କରିବାକୁ ସେ ଚାହୁଁଛନ୍ତି ।"

ଏହା ଶୁଣି ପତ୍ନୀ ପାଟିକରି ଉଠିଥିଲେ, "ମୁଁ ଦେଖୁଛି, ତୁମର ମତିଭ୍ରମ ହେଲାଣି । ତେଣୁ ତୁମେ ନିଜ ଆଡୁ ବିପଦକୁ ଡାକିଆଣିବାକୁ ବସିଛ ।" ସାମାନ୍ୟ ରହି ସେ କହିଥିଲେ, "ତୁମେ ତ ମାତ୍ର ଦଶବର୍ଷ କ୍ଷମତାରେ ଥିଲ । ସେ ସମୟରେ ଏହି ରାଜଧାନୀରେ ଆମେ ଦୁଇଟି ପ୍ରାସାଦ ନିର୍ମାଣ କରିଥିଲେ । ତା'ଛଡ଼ା ଦିଲ୍ଲୀ ଓ କୋଲକାତାରେ ଦୁଇଟି ଘର ତିଆରି କରିଥିଲେ । ଅବଶ୍ୟ ସୁଇସ୍ ବ୍ୟାଙ୍କରେ ବି କିଛି ଟଙ୍କା ଜମା ରଖିଥିଲେ ।" ତାଙ୍କୁ ଅଧିକ ଆଗେଇବାକୁ ନଦେଇ ମୁଁ ବଡ଼ପାଟିରେ କହିଥିଲି, "ଖାଲି ଆମର ସମ୍ପତ୍ତି ତୁମ ଆଖି ଆଗରେ ନାଚିଯାଉଛି । ଅନ୍ୟମାନଙ୍କର ସମ୍ପତ୍ତି କଥା ତ ତୁମ ମନ ଭିତରକୁ ଆସୁନାହିଁ । ମୋ ସହ ଦଶବର୍ଷ କ୍ଷମତାରେ ଥାଇ ସେମାନେ ଏହି ରାଜଧାନୀରେ ତିନିତିନିଟି ପ୍ରାସାଦ ନିର୍ମାଣ କରିଛନ୍ତି । ତା' ଛଡ଼ା ଦିଲ୍ଲୀ ଓ ମୁମ୍ବାଇ ସମେତ ବେଙ୍ଗାଲୁରୁ ଓ ହାଇଦ୍ରାବାଦରେ ବି ଘର ତିଆରି କରିଛନ୍ତି । ଆଉ ସୁଇସ୍ ବ୍ୟାଙ୍କରେ ମୁଁ ଲାଗିପାଗି ମାତ୍ର ଶହେକୋଟି ଟଙ୍କା ରଖିଛି । ଯେଉଁମାନେ ସେଠାରେ ହଜାରେକୋଟି ବା ତା'ଠାରୁ ଅଧିକ ଟଙ୍କା ରଖିଛନ୍ତି, ସେମାନଙ୍କ କଥା ଭାବିଦେଖ ।"

ଦୀର୍ଘଶ୍ୱାସ ଛାଡ଼ି ପୁଣି କହିଥିଲି, "କ୍ଷମତାରେ ଥିଲା ଭିତରେ ମୁଁ ନୀତି ଓ ଆଦର୍ଶରୁ ଜମା ବିଚ୍ୟୁତ ହୋଇନାହିଁ । ଯାହାଠାରୁ ଟଙ୍କା ନେଇଛି, ତା'ର କାମ କରିଦେଇଛି । କାମ ନକରିପାରିଲେ ଟଙ୍କା ଫେରାଇଦେଇଛି । ପୁଣି ନେଇଥିବା ଟଙ୍କା ମୁଁ ଏକା ରଖିନାହିଁ । ଉପରକୁ ବି ଭାଗ ପଠାଇଛି ।" ପତ୍ନୀ କିଛି ସମୟ ମୌନ

ରହିଥିଲେ । ମୋର ମନେ ହୋଇଥିଲା, ସେ ମୋ କଥା ବୁଝିପାରିଛନ୍ତି । ତା'ପରେ ପଚାରିଥିଲେ, "ଦିଲ୍ଲୀ ହେଉ ବା ଏଠି ହେଉ, ଆନ୍ନାଙ୍କ ସମର୍ଥକମାନେ ତୁମକୁ ଗ୍ରହଣ କରିବେ ତ ?" "କ'ଣ କରୁଛି ଦେଖ", କହି ମୁଁ ଉଠିଆସିଥିଲି ।

ସେଦିନ ସନ୍ଧ୍ୟାରେ ମୋର ଦୁଇଜଣ ପୁରୁଣା ଓ ବିଶ୍ୱସ୍ତ କର୍ମୀଙ୍କୁ ଡକାଇଥିଲି । ସେମାନଙ୍କୁ କହିଥିଲି, "କାଲି ଛାଡ଼ି ପଅରିଦିନ ପୂର୍ବାହ୍ନରେ ରାଜଧାନୀର ଅମୁକ ସ୍ଥାନରୁ ଏକ ଶୋଭାଯାତ୍ରା ବାହାର କରିବା । ତାହା ଅମୁକ ସ୍ଥାନ ପର୍ଯ୍ୟନ୍ତ ଯିବ ଓ ସେଠାରେ ଏକ ସଭା ହେବ । ଏହି ସଭା ଓ ଶୋଭାଯାତ୍ରା ପାଇଁ ତୁମେ ଲୋକ ଯୋଗାଡ଼ କର ।" ସେ ଦୁହେଁ ପରସ୍ପର ମୁହଁକୁ ଚାହିଁଥିଲେ । ମୁଁ ତା'ର ଅର୍ଥ ବୁଝିପାରିଥିଲି । ତେଣୁ କହିଥିଲି, "ଜଣପିଛା କାର୍ଯ୍ୟକ୍ରମ ଆରମ୍ଭରେ ପାଞ୍ଚଶହ ଟଙ୍କା ଓ ଶେଷରେ ପାଞ୍ଚଶହ ଟଙ୍କା ଦେବି । ତା' ଛଡ଼ା ଖାଇବା ବାବଦକୁ ଆଉ ପାଞ୍ଚଶହ ଟଙ୍କା ଦେବି । ଏମିତି ମୋଟ ଜଣପିଛା ଦେଢ଼ହଜାର ଟଙ୍କା ଦେବି । ତା'ଛଡ଼ା ତୁମ ଦୁହିଙ୍କ ମନ ଖୁସି କରିଦେବି ।" ସେମାନଙ୍କ ମୁହଁରେ ହସ ଫୁଟିଉଠିଥିଲା । ଦୁହେଁ ଏକାବେଳେକେ କହିଉଠିଥିଲେ, "ତା'ହେଲେ ପାଞ୍ଚଶହ ଲୋକ ଯୋଗାଡ଼ କରିଦେବୁ ।" "ନା, ନା, ଏତେ ଲୋକ ଦରକାର ନାହିଁ । ପଚାଶ ଲୋକ ଯୋଗାଡ଼ କର", ମୁଁ କହିଥିଲି ।

ସେଦିନ ନିର୍ଦ୍ଧାରିତ ସମୟରେ ଆମର ଶୋଭାଯାତ୍ରା ବାହାରିଥିଲା । ଆମ ସହ ଗଣମାଧ୍ୟମର ପ୍ରତିନିଧି ତଥା ପୁଲିସବାଲା ବି ଚାଲିଥିଲେ । ଆମେ 'ଆନ୍ନା ହଜାରେ କି ଜୟ' ଧ୍ୱନି ସହ 'ଭାରତମାତା କୀ ଜୟ' ଧ୍ୱନି ଦେଉଥିଲୁ । ଆମ ହାତରେ ପ୍ଲାକାର୍ଡ଼ମାନ ଥିଲା । ମୁଁ ଧରିଥିବା ପ୍ଲାକାର୍ଡ଼ରେ ଲେଖାଥିଲା, 'ବୈଭବଶାଳୀ ଓ ଦୁର୍ନୀତିମୁକ୍ତ ରାଷ୍ଟ୍ର ନିର୍ମାଣ ପାଇଁ ଆନ୍ନାଙ୍କ ସହ ହାତ ମିଳାନ୍ତୁ ।' ନିର୍ଦ୍ଧାରିତ ସ୍ଥାନରେ ଶୋଭାଯାତ୍ରା ଆସି ପହଞ୍ଚିଥିଲା ଓ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ତହିଁରେ ଉଦ୍‌ବୋଧନ ଦେଇ ଭାରତବର୍ଷରୁ ଦୁର୍ନୀତି ହଟାଇବା ପାଇଁ ଆନ୍ନା ହଜାରେ ଚଳାଇଥିବା ଆନ୍ଦୋଳନ ପ୍ରତି ମୁଁ ପୂର୍ଣ୍ଣ ଓ ନିଃସର୍ତ୍ତ ସମର୍ଥନ ଜ୍ଞାପନ କରିଥିଲି ।

କାର୍ଯ୍ୟକ୍ରମ ସାରି ଘରେ ପହଞ୍ଚିଲା ମାତ୍ରେ ପତ୍ନୀ କହିଥିଲେ, "ଦେଖ, ଦେଖ । ଟିଭି ପରଦାରେ ତୁମର ସଭା ଓ ଶୋଭାଯାତ୍ରାର ଦୃଶ୍ୟ ଭାସିଉଠୁଛି ।" ମୁଁ ହସିଥିଲି ଓ ତାହା ତୃପ୍ତିର ହସ ଥିଲା ।

ମୋତେ 'ଦୁର୍ନୀତିର ଗନ୍ତାଘର' ଆଖ୍ୟା ଦେଉଥିବା ବିରୋଧୀମାନେ ଅବଶ୍ୟ ମୋର ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଯୋଗଦାନକୁ ତୀବ୍ର ସମାଲୋଚନା କରିଥିଲେ । ମୁଁ କିନ୍ତୁ ଏଥିମଧ୍ୟରେ ସମସ୍ତ ସମାଲୋଚନାକୁ ହଜମ କରିଦେବାର ଶକ୍ତି ଓ ସାମର୍ଥ୍ୟ ହାସଲ କରିସାରିଥିଲି ।

●

# ଲାଡ଼େନ ନିହତ : ବନ୍ଧୁ ବିଚଳିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ମୁଁ ଗତ ୧୦ ତାରିଖ ଦିନ ବନ୍ଧୁ ଶ୍ରୀ ସୁନୀଲ ଜେନାଙ୍କ ଘରେ ଯଥାସମୟରେ ପହଞ୍ଚିଥିଲି । କଲିଂ ବେଲ୍ ବଜାଇଲା ମାତ୍ରେ ତାଙ୍କର ଜଣେ ସହକାରୀ ଆସି ମୋତେ ପାଛୋଟିନେଇଥିଲେ । ମୁଁ ସୁସଜ୍ଜିତ ଡ୍ରଇଂରୁମ୍‌ରେ ପହଞ୍ଚି ଦେଖିଲି ବିମର୍ଷ ବଦନରେ ଶ୍ରୀ ଜେନା ପଦଚାରଣ କରୁଛନ୍ତି । ମୋତେ ବସିବାକୁ କହି ସେ ଗର୍ଜିଉଠିଲେ, "ମାନ୍ୟବର ଲାଡ଼େନଙ୍କ ହତ୍ୟା ମାନବାଧିକାରର ଉଲ୍ଲଙ୍ଘନ ଛଡ଼ା ଆଉ କିଛି ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟ, ପାକିସ୍ଥାନର କୌଣସି ମାନବାଧିକାରକର୍ମୀ ପାଟି ବି ଖୋଲିଲେନାହିଁ । ଯଦି ଭାରତରେ ଏ କାଣ୍ଡ ଘଟିଥାନ୍ତା, ତେବେ... ।" ଶ୍ରୀ ଜେନା ଉତ୍ତେଜନାରେ ଥରୁଥିଲେ । ସେ ବାକ୍ୟ ସମ୍ପୂର୍ଣ୍ଣ କରିନପାରି ରହିଯାଇଥିଲେ ।

କହିବା ବାହୁଲ୍ୟ, ଆଜିଠୁ ଚାଳିଶଦିନ ପୂର୍ବରୁ କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡ଼େନକୁ ଆମେରିକା ନୌସେନାର ପଚିଶଜଣ କମାଣ୍ଡୋ ଗୁଳି କରି ହତ୍ୟା କରିଥିଲେ । ସେମାନେ ପାକିସ୍ଥାନ ଭିତରେ ପଶି ଲାଡ଼େନ ଲୁଚିଥିବା ଘର ଉପରେ ଆକ୍ରମଣ କରି ତାକୁ ହତ୍ୟା କରିଥିଲେ ।

ଶ୍ରୀ ଜେନା ପୁଣି କହିଲେ, "ଯଦି ଭାରତରେ ଏ କାଣ୍ଡ ଘଟିଥାନ୍ତା, ମୁଁ କଦାପି ଛାଡ଼ିନଥାନ୍ତି । ମାନବାଧିକାର ଉଲ୍ଲଙ୍ଘନ ଅଭିଯୋଗରେ ସେହି ପଚିଶଜଣ କମାଣ୍ଡୋଙ୍କୁ ଜେଲଖାନାରେ ଠୁଙ୍କିଦେଇଥାନ୍ତି । ଦେଖ ହୋ, ନିରପରାଧ ଓ ନିରସ୍ତ୍ର ଲାଡ଼େନଙ୍କୁ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ଆଗରେ ଗୁଳି କରି ମାରିଦେଲେ ।"

ଶ୍ରୀ ଜେନାଙ୍କୁ ଅଧିକ କହିବାକୁ ନଦେଇ ମୁଁ ପାଟିକରି ଉଠିଲି, "ଲାଡ଼େନ ତା'ର ସଂଗଠନ ମାଧ୍ୟମରେ ସାରା ବିଶ୍ୱରେ ଆତଙ୍କବାଦ ଚଳାଇଥିଲା । ୨୦୦୧ ସେପ୍‌ଟେମ୍ବର ୧୧ରେ ଆମେରିକାସ୍ଥ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରି ତାହା ଧରାଶାୟୀ କରିଦେବା ସହ ପ୍ରାୟ ତିନିହଜାର ନିରୀହ ଲୋକଙ୍କ ଜୀବନ ନେଇଥିଲା । ତା'ଛଡ଼ା ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ବିସ୍ଫୋରଣ ଆଦି ଘଟାଇ ନରସଂହାର ଚଳାଇଥିଲା ।"

"କ'ଣ ହୋଇଗଲା ସେଠୁ ?" ଶ୍ରୀ ଜେନା ପ୍ରଶ୍ନ କଲେ ଓ କହିଚାଲିଲେ, "ପାକିସ୍ଥାନର କୌଣସି ଅଦାଲତ ତ ତାଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରିନଥିଲା ।

କରିଥିଲେ ବି ସେ ତା' ବିରୋଧରେ ଉପର ଅଦାଲତରେ ଅପିଲ କରିଥାନ୍ତେ । ସର୍ବୋଚ୍ଚ ଅଦାଲତ ଦୋଷୀ ବୋଲି ସାବ୍ୟସ୍ତ ନକଲା ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ବିବେଚିତ ହୋଇଥାନ୍ତେ । ଏପରି ଏକ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ହତ୍ୟା କରି ତାଙ୍କ ଶବକୁ ନେଇ ସମୁଦ୍ରରେ ଫିଙ୍ଗିଦେଲେ ।"

ଛେପ ଢୋକି ଶ୍ରୀ ଜେନା କହିଲେ, "ଯଦି ଭାରତରେ ଏ କାଣ୍ଡ ହୋଇଥାନ୍ତା, ତେବେ ମୁଁ ଓ ଦେଶବ୍ୟାପୀ ରହିଥିବା ଆମର ମାନବାଧିକାରକର୍ମୀମାନେ ମିଶି କ'ଣ ନାହିଁ କ'ଣ କରିପକାଇଥାନ୍ତୁ ।"

କିଛି ସମୟ ଅଟକି ସେ ପୁଣି ଆରମ୍ଭ କଲେ, "ଆମ ଦେଶର ନ୍ୟାୟପାଳିକା ଉପରେ ମୋର ସମ୍ପୂର୍ଣ୍ଣ ଆସ୍ଥା ରହିଛି । ମାନବାଧିକାର ଉଲ୍ଲଙ୍ଘନ ପ୍ରତି ଆମର ନ୍ୟାୟପାଳିକା ସର୍ବଦା କଠୋର ଆଭିମୁଖ୍ୟ ଗ୍ରହଣ କରିଛି ।"

ମୁଁ କ'ଣ କହିବି ଜାଣିପାରୁନଥିଲି । ଅତୀତ ମୋର ମନେ ପଡ଼ିଯାଉଥିଲା । ଶ୍ରୀ ସୁନୀଲ ଜେନା ମୋ ସହିତ ପଢୁଥିଲେ ଓ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ମାତ୍ର ଅନର୍ସ ନଥିବାରୁ ସେ ଏମ୍.ଏ. ଶ୍ରେଣୀରେ ନାମ ଲେଖାଇପାରି ନଥିଲେ । ଚାକିରି ଖଣ୍ଡେ ପାଇବାକୁ ବାରମ୍ବାର ହୋଇ ବିଫଳ ହୋଇଥିଲେ । ଓଳିଏ ଖାଇ ଓଳିଏ ଉପାସ ରହି ସେ ଦିନ କାଟୁଥିଲେ । ଏହି ପରିସ୍ଥିତିରେ ସେ ଦିନେ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ତାଙ୍କର କୌଣସି ପତ୍ତା ମିଳିନଥିଲା । ଦୀର୍ଘ ବର୍ଷ ପରେ ଜଣେ ମାନବାଧିକାରକର୍ମୀର ଅବତାରରେ ସେ ରାଜଧାନୀରେ ଉଭା ହୋଇଥିଲେ । ଆଜି ରାଜଧାନୀରେ ସେ ଏକ ସୁରମ୍ୟ ଅଟ୍ଟାଳିକାରେ ରହୁଛନ୍ତି । ଦେଶର ଅନ୍ୟାନ୍ୟ ପ୍ରସିଦ୍ଧ ସହରମାନଙ୍କରେ ତାଙ୍କର କୋଠାଘରମାନ ରହିଛି ବୋଲି ଶୁଣିବାକୁ ମିଳୁଛି । ସେ ଗର୍ବର ସହ କହିପାରୁଛନ୍ତି, "କ'ଣ ନାହିଁ କ'ଣ କରିପକାଇଥାନ୍ତୁ ।"

"ଧନ୍ୟ ଏ ଦେଶ !" ମୋ ପାଟିରୁ ବାହାରିପଡ଼ିଥିଲା । ଶ୍ରୀ ଜେନା ମୋ କଥା ଶୁଣିପାରିଥିଲେ ଏବଂ ତାହା ଶୁଣି ଜୋର୍‌ରେ ହସିଉଠିଥିଲେ । ତାଙ୍କ ହସରେ ତାଚ୍ଛଲ୍ୟ ଭରିରହିଥିଲା ।

●

# ଭଗବାନ ଦାସଙ୍କ ଡାଇରି

ଭଗବାନ ଦାସଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କର ଡାଇରି ଦେଖିବା ପାଇଁ ମୋର ପ୍ରବଳ ଇଚ୍ଛା ହୋଇଥିଲା । କାରଣ ନୀତି ଓ ଆଦର୍ଶକୁ ଜାବୁଡ଼ିଧରିଥିବା ଏହି ନିଆରା ମଣିଷଙ୍କ ଦିନଲିପି ଜାଣିବା ପାଇଁ ମୋର ବିଶେଷ ଆଗ୍ରହ ଥିଲା । ବିଶେଷତଃ, ସେ ମୋ ସହିତ କାର୍ଯ୍ୟ କରିଥିବା ତିନିବର୍ଷରେ ତାଙ୍କର କାର୍ଯ୍ୟାବଳୀ ଜାଣିବାକୁ ମୋ ମନରେ ଉତ୍ସୁକତା ଭରିରହିଥିଲା ।

ସୁତରାଂ ମୁଁ ସେଦିନ ସ୍ୱର୍ଗତ ଭଗବାନ ଦାସଙ୍କ ଘରେ ପହଞ୍ଚି ତାଙ୍କ ପୁତ୍ର ଆଗରେ ମୋର ଇଚ୍ଛା ବ୍ୟକ୍ତ କରିଥିଲି । ବିନା ଦ୍ୱିଧାରେ ସେ ପିତାଙ୍କ ଡାଇରିଗୁଡ଼ିକ ଗଚ୍ଛିତ ହୋଇଥିବା ଆଲମାରି ଖୋଲିଦେଇଥିଲେ । ତହିଁରୁ ମୁଁ ଆବଶ୍ୟକ ଥିବା ତିନିବର୍ଷର ଡାଇରି ବାଛି କରି ଆଣିଥିଲି ।

ଘରେ ପହଞ୍ଚି ସେହି ଡାଇରିଗୁଡ଼ିକର ପୃଷ୍ଠା ଓଲଟାଇବାରେ ଲାଗିଥିଲି । ହଠାତ୍ ଦିନକର ଦିନଲିପି ନାଲିସ୍ୟାହିରେ ଲେଖା ହୋଇଥିବା ମୋ ଦୃଷ୍ଟିରେ ପଡ଼ିଥିଲା । ସୁତରାଂ ପ୍ରଥମେ ତାହାକୁ ପାଠ କରିଥିଲି । ଥରେ ନୁହେଁ, ଶହେଥର ତାହା ପଢ଼ିଥିଲି । ମୋର ଅନୁଭବ ହୋଇଥିଲା, ସାମ୍ପ୍ରତିକ ସମାଜରେ ନୈତିକତାର ଦ୍ରୁତ ଅବକ୍ଷୟ ଘଟୁଥିବାରୁ ଭଗବାନ ଦାସ ବିଚଳିତ ହୋଇପଡ଼ିଥିଲେ । କଲେଜଗୁଡ଼ିକରେ ଖାଲି ଛାତ୍ରମାନଙ୍କଠାରେ ନୁହେଁ, ଅଧ୍ୟାପକମାନଙ୍କଠାରେ ବି ନୈତିକତାର ଦ୍ରୁତ ଅଧଃପତନ ଦେଖି ସେ ବ୍ୟଥିତ ହୋଇପଡ଼ିଥିଲେ । ଏହି ଅଧଃପତନକୁ ରୋକିବା ପାଇଁ ବାଟ ଖୋଜି ତାଙ୍କ ମନ ଆନ୍ଦୋଳିତ ହୋଇଉଠିଥିଲା ।

ଭଗବାନ ଦାସଙ୍କର ସେଦିନର ଦିନଲିପି ଅବିକଳ ଭାବେ ନିମ୍ନରେ ଉପସ୍ଥାପନ କରୁଛି । ଏହା ପାଠ କରି ପାଠକମାନେ ନୈତିକ ଅବକ୍ଷୟ ରୋକିବା ଦିଗରେ ପ୍ରଚେଷ୍ଟା କଲେ ଶ୍ରମ ସାର୍ଥକ ହେଲା ବୋଲି ଜାଣିବି ।

"ଛି, ଛି, ଛି । ମୋ ଆଖି ଆଜି କ'ଣ ନଦେଖିଲା ! ମୋ କାନ ଆଜି କ'ଣ ନଶୁଣିଲା ! ପାପ, ଘୋର ପାପ ମାଡ଼ିଆସିଲାଣି । ଏ ପାପ ଭାରରେ ପୃଥିବୀ ଧ୍ୱଂସ ପାଇଯିବ ।

ଆଜି ଆମର ବରିଷ୍ଠ କିରାଣି ଶ୍ରୀ ଦୀନନାଥ ପାଢ଼ୀ (ଅବସରପ୍ରାପ୍ତ)ଙ୍କର ଝିଅର ବିବାହ ଉପଲକ୍ଷେ ପ୍ରୀତିଭୋଜନ ଆୟୋଜିତ ହୋଇଥିଲା । ପୂର୍ବରୁ ଶ୍ରୀ ପାଢ଼ୀ ସସ୍ତ୍ରୀକ

ଆମ ଘରକୁ ଆସି ଶ୍ରଦ୍ଧାର ସହ ନିମନ୍ତ୍ରଣପତ୍ର ଦେଇଯାଇଥିଲେ । ପୁଅ ଓ ବୋହୂଙ୍କୁ ସାଙ୍ଗରେ ନେଇ ଯିବାକୁ ଜିଦ୍ କରି କହିଯାଇଥିଲେ । ଆଜି ପୁଅ ଘରେ ନଥିବାରୁ ବୋହୂଙ୍କୁ ସାଙ୍ଗରେ ନେଇ ମୁଁ ସ୍କୁଟିରେ ଯାଇଥିଲି । ସନ୍ଧ୍ୟା ୭ଟା ୩୦ଠାରୁ ପ୍ରୀତିଭୋଜନ ଚାଲିବ ବୋଲି ନିମନ୍ତ୍ରଣପତ୍ରରେ ଉଲ୍ଲେଖ ଥିଲା ଏବଂ ମୁଁ ଠିକ୍ ୭ଟା ୩୦ରେ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଯାଇଥିଲି । ତଳ ମହଲାରେ ଝିଅକୁ ଦେଖି ସାମ୍ପ୍ରତିକ ପ୍ରଥା ଅନୁସାରେ ଟଙ୍କା ଥିବା ଏକ ଲଫାପା ବଢ଼ାଇଦେଇଥିଲି । ତା'ପରେ ବୋହୂ ଓ ମୁଁ ଭୋଜନ କରିବା ପାଇଁ ଉପର ମହଲାକୁ ଯାଇଥିଲୁ ।

ସେଠାରେ ପହଞ୍ଚିଲା ମାତ୍ରେ ଆଖି ପ୍ରଥମେ ଦୁଇ ସହକର୍ମୀ ଡକ୍ଟର ଶ୍ରୀନିବାସ ମହାନ୍ତି ଓ ମାଡ଼ାମ୍ ତିୱାରୀଙ୍କ ଉପରେ ହିଁ ପଡ଼ିଥିଲା । ଏକ ସାର୍ବଜନୀନ ସ୍ଥାନରେ ସେ ଦିହିଙ୍କୁ ଏକାଠି ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଥିଲି । ମୋର ଆଖି ଉପରୁ ମୁଁ ବିଶ୍ୱାସ ହରାଇଥିଲି ଏବଂ ମୋତେ ସ୍ୱପ୍ନ ଦେଖିଲା ପରି ଲାଗିଥିଲା । ଆଧୁନିକ ପାଶ୍ଚାତ୍ୟ ଦର୍ଶନର ଜନକ ରେନେ ଦେକାର୍ତଙ୍କର ଏକ ଉକ୍ତି ମୋର ମନେପଡ଼ି ଯାଇଥିଲା । ସେ କହିଥିଲେ, "ସ୍ୱପ୍ନ ଦେଖିବା ସମୟରେ ସ୍ୱପ୍ନର ବସ୍ତୁକୁ ଆମେ ବାସ୍ତବ ବୋଲି ମନେକରିଥାଉ । ସ୍ୱପ୍ନ କାଳରେ ସ୍ୱପ୍ନର ବସ୍ତୁଗୁଡ଼ିକ ସ୍ପଷ୍ଟ ରୂପେ ଅନୁଭୂତ ହେଉଥିବାରୁ ବାସ୍ତବତାଠାରୁ ତା'ର ପାର୍ଥକ୍ୟ ନିର୍ଣ୍ଣୟ କରିପାରୁ ନାହିଁ ।" ମୋତେ ସ୍ୱପ୍ନ ଦେଖିଲା ପରି ଲାଗୁଥିଲା ।

କିନ୍ତୁ ଦୁଇମିନିଟ୍ ଭିତରେ ଡକ୍ଟର ମହାନ୍ତି ଓ ମାଡ଼ାମ୍ ତିୱାରୀ ସାଙ୍ଗ ହୋଇ ପାହାଚ ଦେଇ ତଳକୁ ଓହ୍ଲାଇଯାଇଥିଲେ । ତା'ପରେ ସେମାନଙ୍କୁ ଆଉ ସେଠାରେ ଦେଖିବାକୁ ମିଳିନଥିଲା । ଏ ଘଟଣା ମୋତେ ଅପଭ୍ରାନ୍ତି ବା ହାଲୁସିନେସନ୍ ପରି ବୋଧ ହୋଇଥିଲା । "ହଁ ଅପଭ୍ରାନ୍ତି, ହାଲୁସିନେସନ୍", ମୁଁ କହିପକେଇଥିଲି ।

ଏତିକିବେଳେ ଆମର ମୁଖ୍ୟ କିରାଣି ଶ୍ରୀ ଭିକାରି ରଥ (ଅବସରପ୍ରାପ୍ତ) ତମତମ ହୋଇ ମୋ ଆଡ଼କୁ ମାଡ଼ିଆସିଥିଲେ । ତାହା ଦେଖି ମୁଁ ବୋହୂଙ୍କୁ ଖାଇବା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲି ଏବଂ ସେ ସଙ୍ଗେସଙ୍ଗେ ଚାଲିଯାଇଥିଲେ । ଦୀର୍ଘ ଦିନରୁ ଅବସର ନେଇସାରିଥିବା ରଥେ ରାଗରେ ପାଚିଯାଇଥିଲେ । ତାଙ୍କର ଗୋରା ତକ୍‌ତକ୍ ମୁହଁ ସେଥିଯୋଗୁଁ ଲାଲ୍ ପଡ଼ିଯାଇଥିଲା । ସେ ଗର୍ଜିଉଠିଥିଲେ, "ଯଦି ଆପଣ ଅଧ୍ୟାପକ ହୋଇ ସହକର୍ମୀ ଅଧ୍ୟାପିକାଙ୍କୁ ସଙ୍ଗିନୀ କରି ସର୍ବସାଧାରଣରେ ନିର୍ଲଜ୍ଜ ଭାବେ 'ବୁଲିବେ', ତେବେ ଛାତ୍ରମାନେ ସେମାନଙ୍କର ସହପାଠୀ ଛାତ୍ରୀମାନଙ୍କୁ ସାଙ୍ଗରେ ଧରି କଲେଜ ପରିସରରେ 'ବସିଲେ', କ'ଣ ଭାସିଗଲା ? ଏପରି ସ୍ଥଳେ ଆପଣଙ୍କର ଛାତ୍ର

ଓ ଛାତ୍ରୀମାନଙ୍କୁ ତାଗିଦ୍ କରିବାର କି ଅଧିକାର ଅଛି ? ଆପଣ ଶିକ୍ଷକନେତା ହୋଇଛନ୍ତି । ମୋ ପ୍ରଶ୍ନର ଜବାବ ଦିଅନ୍ତୁ ।"

ଥରିଲା କଣ୍ଠରେ ମୁଁ କହିଥିଲି, "ବେଲଜ୍ଜା ହେଲେ ତ ସବୁ ସରିଲା ।" ମୋ କଥା ଶୁଣିବାକୁ ବୃଦ୍ଧ ରଥେ ଅପେକ୍ଷା କରିନଥିଲେ । ଦୁମ୍‌ଦୁମ୍ ପାଦ ପକାଇ ମୋଠାରୁ ଦୂରେଇଯାଇଥିଲେ । ବୋଧହୁଏ, ଆମ ଅଧ୍ୟାପକମାନଙ୍କ ପ୍ରତି ତାଙ୍କ ମନରେ ଘୃଣା-ଭାବ ଚରମ ସୀମାରେ ପହଞ୍ଚିଥିଲା ।

ମୁଁ ଏକ ସ୍ତମ୍ଭ ପରି ଛିଡ଼ାହୋଇ ରହିଥିଲି । ବୋହୂ ହାତରେ ପ୍ଲେଟ୍ ଧରି ଖାଇବାରେ ଲାଗିଥିଲେ । ଏହି ସମୟରେ ଛାତ୍ର ସଂସଦର ପୂର୍ବତନ ସଭାପତି ଶ୍ରଦ୍ଧେୟ ଅମିତାଭ ଦାସ, କୁଆଡ଼େ ଥିଲେ କେଜାଣି, ମୋ ଆଡ଼କୁ ମାଡ଼ିଆସିଥିଲେ । ହସିହସି କହିଥିଲେ, "ଶ୍ରୀନିବାସ ସାର୍ ଆଜି 'ହିଷ୍ଟ୍ରି ମାଲ୍'କୁ ସାଙ୍ଗରେ ଧରି ଖୁବ୍ ଗମାତ୍ କରୁଛନ୍ତି । ଦୁହେଁ ଏକାଠି ଏଠିକି ବି ଆସିଥିଲେ । ଆପଣ ସେ ଦିହିଙ୍କି ଏଠି ଦେଖିଛନ୍ତି ତ ?" 'ହିଷ୍ଟ୍ରି ମାଲ୍' – ଏହି ପଦ ଶୁଣି ମୁଁ ଗମ୍ଭୀର ହୋଇଯାଇଥିଲି । କଲେଜରେ ହିଷ୍ଟ୍ରି ପଢ଼ାଉଥିବା ଅଧ୍ୟାପିକା ଆଜି 'ହିଷ୍ଟ୍ରି ମାଲ୍'ରେ ପରିଣତ ହେଲେଣି । ମୁଁ ଗର୍ଜିଉଠିଥିଲି, "ଚୁପ୍ କର । ଜଗିରଖି କଥାବାର୍ତ୍ତା କର । ସୀମା ଭିତରେ ରହ ।" ମୋ ପାଟି ଶୁଣି ଶ୍ରଦ୍ଧେୟ ଅମିତାଭ ପ୍ରକୃତିସ୍ଥ ହୋଇଯାଇଥିଲେ । ନଇଁପଡ଼ି ମୋ ପାଦଧୂଳି ନେଇ ମୁଣ୍ଡରେ ମାରି ବିନା ବାକ୍ୟବ୍ୟୟରେ ସେ ଚାଲିଯାଇଥିଲେ ।

ମୁଁ ପୂର୍ବଭଳି ନିର୍ବାକ୍ ହୋଇ ଛିଡ଼ାହୋଇ ରହିଥିଲି । ମୋତେ ଏକୁଟିଆ ଦେଖି ବୋହୂ ପାଖକୁ ଆସି କହିଥିଲେ, "ବାପା ! ଖାଇନିଅନ୍ତୁ । ଯିବା ଯେ ।" ମୁଁ ପ୍ଲେଟ୍ ନେଇ ଖାଦ୍ୟ ଆଣିଥିଲି ଓ ମୁହଁ ତଳକୁ ପୋତି ଖାଇଥିଲି । ଡକ୍ଟର ମହାନ୍ତି ଓ ମାଡ଼ାମ୍ ତିୱାରୀଙ୍କ ପ୍ରତି କଟୁ ମନ୍ତବ୍ୟମାନ କାନରେ ବାଜୁଥିଲା । ମୋର ଭୋକ ମରିଯାଇଥିଲା । ସାମାନ୍ୟ ଖାଇ ବୋହୂଙ୍କୁ ଧରି ଘରକୁ ଫେରିଥିଲି । ମନ ଭାରାକ୍ରାନ୍ତ ଥିଲା । ବୃଦ୍ଧ ଭିକାରି ରଥଙ୍କ ପ୍ରଶ୍ନର ଉତ୍ତର ଖୋଜି ପାଉନଥିଲି । ରାତିରେ ଭଲ ନିଦ ହୋଇ ନଥିଲା ।"

●

# ଭଗବାନ ଦାସଙ୍କ ଚିଠି

ଭଗବାନ ଦାସ ! ମୁଁ ତୁମକୁ କଦାପି କ୍ଷମା ଦେବିନାହିଁ । ତୁମେ ମୋ ଦାନାରେ ଧୂଳି ଦେଇଛ । ମୁଁ ତୁମକୁ କେବେ ବି ଛାଡ଼ିବିନାହିଁ ।

ରାତି ୧୨ଟା ବାଜି ୩୦ ମିନିଟ୍ ହେଲାଣି । ତଥାପି ମୋ ଆଖିକୁ ନିଦ ଆସୁନାହିଁ । ଭଗବାନ ଦାସର ଚିଠି କଥା ମୋର ମନେ ପଡ଼ିଯାଉଛି । ମୁଁ ବ୍ୟାଗ୍ ଖୋଲି ତା' ଚିଠି ବାହାର କଲି । ସେ ଏହି ଚିଠି କଲେଜର ଅଧ୍ୟକ୍ଷଙ୍କ ପାଖକୁ ଦେଇଛି ଏବଂ ତା'ର ନକଲ ଆମ୍ଭମାନଙ୍କ ପାଖକୁ ପଠାଇଛି । ମୁଁ ସେହି ଚିଠି ପୁଣି ଥରେ ପଢ଼ିବାକୁ ଆରମ୍ଭ କଲି । ସେ ଲେଖିଛି, "ମୁଁ ଭାବୁଛି, ଆପଣ ମୋ ସହିତ ଏକମତ ହେବେ ଯେ, କଲେଜ ଏକ ଘର ନୁହେଁ କିମ୍ବା ଏହା ଏକ ଘର ହୋଇପାରିବ ନାହିଁ । କଲେଜ ଏକ ସାର୍ବଜନୀନ ସ୍ଥାନ ହୋଇଥିବାବେଳେ ଘର ଏକ ବ୍ୟକ୍ତିଗତ ସ୍ଥାନ ଅଟେ । ଯଦି ଆମେ କଲେଜକୁ ଘର ବୋଲି ଭାବିବା, ତେବେ ଘରର ଏକାନ୍ତତା ବା ନିର୍ଜନତାରେ ଯେଉଁ କାର୍ଯ୍ୟ ହୁଏ, ତାହା କଲେଜରେ କରିବା ପାଇଁ ପ୍ରଲୁବ୍ଧ ହେବା ।" ବଦ୍‌ମାସ ଭଗବାନ ଦାସ ! ତୁମେ ମନେରଖ, ଘରେ ରାତି ହେଲେ ଯେଉଁ ନିର୍ଜନତା ବିରାଜମାନ କରେ, କଲେଜରେ ଦିନ ୩ଟା ବାଜିଲେ ସେହି ନିର୍ଜନତା ଆସିଯାଏ । ନିର୍ଜନତାରେ ଯେଉଁ କାର୍ଯ୍ୟ ହେବା କଥା, ତାହା ଯେକୌଣସି ନିର୍ଜନତାରେ ହୋଇପାରେ । ମୁଁ ଚିତ୍କାର କରିଉଠିଲି ।

ଭଗବାନ ଦାସ ଆମ କଲେଜରେ ଅଧ୍ୟାପକ ଅଛି । କିନ୍ତୁ ତାକୁ ସହକର୍ମୀ ବୋଲି କହିବାକୁ ମୁଁ କୁଣ୍ଠାବୋଧ କରୁଛି । ମୋ ପରି ସେ ମାସକୁ ଟ ୮୪,୫୯୯.୦୦ ଦରମା ପାଉଛି । ଏବେ ୟୁ.ଜି.ସି. ଆମ ଦରମା ହାରରେ ସଂଶୋଧନ କରିଥିବାରୁ ଆମର ଦରମା ଏତେ ବଢ଼ିଯାଇଛି । ମାତ୍ର ଦରମା ବଢ଼ିବା ଭଗବାନ ଦାସ ଉପରେ କୌଣସି ପ୍ରଭାବ ପକାଇନାହିଁ । ବର୍ଦ୍ଧିତ ଦରମା ପାଇଲା ପରେ ଆମେ ସେଦିନ ତାକୁ ଏକ ଚାରିଚକିଆ ଯାନ କିଣିବାକୁ ପ୍ରସ୍ତାବ ଦେଇଥିଲୁ । ମାତ୍ର ସେ ଖୁବ୍ ଗମ୍ଭୀର ହୋଇଯାଇ ଆମ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା । ତେଣୁ ଆମେ ତାକୁ ଏକ ଦୁଇଚକିଆ ଯାନ କିଣିବାକୁ କହିଥିଲୁ । ସେ ହସିଦେଇ ତା'ର ଭଙ୍ଗା ସାଇକେଲ ଆଡ଼କୁ ଆଙ୍ଗୁଳି ଦେଖାଇ କହିଥିଲା, "ମୋର ତ ଦୁଇଚକିଆ ଯାନ

ଅଛି ।" ଯିଏ ହଳେ ଜାମାପ୍ୟାଣ୍ଟକୁ ସପ୍ତାହେ କାଳ ସଫାନକରି ପିନ୍ଧେ, ତା ବିଷୟରେ କ'ଣ ବା କହିବି ।

ପୁଣି ଭଗବାନ ଦାସର ଚିଠି ଆଡ଼କୁ ମୋର ଆଖି ଚାଲିଗଲା । ସେହି ଦୀର୍ଘ ଚିଠିରେ ସେ ଲେଖିଛି, "ଆମ୍ଭେମାନେ ଶିକ୍ଷକ ଏବଂ ଆମର ଚରିତ୍ର ଓ ବ୍ୟବହାର ଛାତ୍ରମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ସମାଜ ଆଶା କରେ ଯେ, ଏହି ପ୍ରଭାବ ନକାରାତ୍ମକ ନହୋଇ ସକାରାତ୍ମକ ହେଉ । ତେଣୁ ଆମେ ଉଚ୍ଚ ନୈତିକ ମାନ ବଜାୟ ରଖୁ ବୋଲି ସମାଜ ପ୍ରତ୍ୟାଶା ରଖେ ।"

ମୁଁ କ୍ରୋଧ ସମ୍ବରଣ କରିବାକୁ ଚେଷ୍ଟା କଲି । ସେଦିନର ଘଟଣା ମୋ ଆଖି ଆଗରେ ଭାସିଉଠିଲା । ସମୟ ପ୍ରାୟ ଦିନ ୩ଟା ହେବ । ପ୍ରଥମ ପର୍ଯ୍ୟାୟ ପରୀକ୍ଷା ୧୦ଟାରେ ଆରମ୍ଭ ହୋଇ ୧ଟାରେ ସରିଯାଇଥିଲା । ସେଦିନ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନଥିଲା । କଲେଜରେ ସମ୍ପୂର୍ଣ୍ଣ ଏକାନ୍ତତା ବା ନିର୍ଜନତା ବିରାଜମାନ କରୁଥିଲା । ମୁଁ ଓ ମାଡ଼ାମ୍ ସାକ୍ସେନା ଷ୍ଟାଫ କମନ ରୁମ୍‌ର ଭିତରପଟେ ବସି ମଧ୍ୟାହ୍ନଭୋଜନ କରୁଥିଲୁ । ଆମର ସାଧାରଣ ଭୋଜନରେ ଖାଲି ତନ୍ଦୁର ରୁଟି ଓ କଙ୍କଡ଼ା ତରକାରି ଥିଲା । ବରାଦ ଦେଇ ମାଡ଼ାମ୍ ଏହାକୁ ଏକ ଜଣାଶୁଣା ହୋଟେଲରୁ ମଗାଇ-ଆଣିଥିଲେ । ସେ ଆଂଶିକ ନିରାମିଷାଶୀ ଥିଲେ ଏବଂ ମାଛ ଓ ମାଂସ ଆଦୌ ଛୁଉଁ ନଥିଲେ । ମାତ୍ର ଅଣ୍ଡା ଓ କଙ୍କଡ଼ା ପ୍ରତି ତାଙ୍କର ଖୁବ୍ ଦୁର୍ବଳତା ଥିଲା । ମୁଁ ବି ଆଂଶିକ ନିରାମିଷାଶୀ ଥିଲି । ମାଂସ ନଖାଇଲେ ବି ମାଛ ଖାଉଥିଲି । ମାତ୍ର ମାଡ଼ାମ୍‌ଙ୍କ ରୁଚିକୁ ସମ୍ମାନ ଜଣାଇ କଙ୍କଡ଼ା ଖାଇବାକୁ ପଛାଉନଥିଲି । ଅବଶ୍ୟ ଆମ ଟେବୁଲ ଉପରେ ତା' ସହିତ ଏକ ବୋତଲ ବିଅର ରହିଥିଲା । ମାଡ଼ାମ୍ ମୋ ପାଟିକୁ ଓ ମୁଁ ତାଙ୍କ ପାଟିକୁ ଖାଦ୍ୟ ବଢ଼ାଇଦେଉଥିଲୁ । ଖାଇସାରିଲା ପରେ କି କାର୍ଯ୍ୟ ହେବ, ସେ କଥା ଭାବି ମୋର ଦେହ ଶିହରି ଉଠୁଥିଲା । ଆମେ ଜାଣିଥିଲୁ, ସେକାର୍ଯ୍ୟ ପାଇଁ ଆମ ଘର କିମ୍ବା ତାଙ୍କ ଘର ଉପଯୁକ୍ତ ସ୍ଥାନ ନଥିଲା । ମାଡ଼ାମ୍‌ଙ୍କ ଘରେ ତାଙ୍କର ବାପା, ମାଆ, ଭାଇ, ଭଉଣୀ, ପୁତୁରା ଓ ଝିଆରୀ ରହୁଥିଲେ । ତେଣୁ ତାଙ୍କ ଘରକୁ ତ ଯିବାର ପ୍ରଶ୍ନ ନଥିଲା । ଅବଶ୍ୟ ଆମ ଘରେ ମୁଁ ଏକା ରହୁଥିଲି । ମୋ ସ୍ତ୍ରୀ ଦୂରରେ ଚାକିରି କରୁଥିବାରୁ ସେଠାରେ ରହୁଥିଲେ । ଦୁଇଝିଅ ବିବାହ କରି ବଡ଼ ୟୁ.ଏସ୍.ଏ.ରେ ଓ ସାନ ଇଂଲଣ୍ଡରେ ରହୁଥିଲେ । କିନ୍ତୁ ମୋର ପଡ଼ୋଶୀମାନଙ୍କ ପ୍ରତି ତଥା ଭଡ଼ାଟିଆଙ୍କ ପ୍ରତି ଖୁବ୍ ଭୟ ଥିଲା । ତେଣୁ ଆମ ଘରେ ସେହି କାର୍ଯ୍ୟ ହେବା ମୁଁ ଆଦୌ ଚାହୁଁନଥିଲି । ହୋଟେଲରେ ଧରପଗଡ଼ର ଭୟ ଥିବାରୁ ଆମେ ସେକଥା ଚିନ୍ତା ବି କରିପାରି ନଥିଲୁ । କଲେଜ ହିଁ ଆମ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ଥିଲା ।

ହଠାତ୍ କବାଟ ଖୋଲିଯାଇଥିଲା ଏବଂ ଭୂତ ପରି ଭଗବାନ ଦାସ ଭିତରକୁ ପଶିଆସିଥିଲା । ମୁଁ ପ୍ରମାଦ ଗଣିଥିଲି – ମାଡ଼ାମ୍ ଭଲ ରୂପେ ଭିତରୁ ବୋଧେ କବାଟ ବନ୍ଦ କରିନଥିଲେ । ଭଗବାନ ଦାସକୁ ଦେଖି ମୋ ଦେହର ଉତ୍ତେଜନା ଉଭେଇ-ଯାଇଥିଲା । ମାତ୍ର ମାଡ଼ାମ୍ ସାକ୍ସେନା ଗର୍ଜିଉଠିଥିଲେ, "ବନ୍ଦ କର୍ ବେ ସେ କବାଟ ।" ଭଗବାନ ଦାସ ଚୁପ୍‌ଚାପ୍ ଛିଡ଼ା ହୋଇଯାଇଥିଲା । ତା'ପରେ ପଛକୁ ଫେରି କବାଟକୁ ଭଲକରି ଖୋଲିଦେଇଥିଲା । ଫେରିଆସି ଆମ ସମ୍ମୁଖରେ ପୁଣି ଛିଡ଼ା ହୋଇ ତା' ବାଟରେ ଚାଲିଯାଇଥିଲା । ମୁଁ ସିଧାସଳଖ ଉଠିଆସି ହାତମୁହଁ ଧୋଇ ଅବିଳମ୍ବେ କଲେଜ ଛାଡ଼ିଥିଲି ।

ବାସ୍ ! କଥା ଏତିକି ହିଁ ଥିଲା । ତା' ପରଦିନ ଭଗବାନ ଦାସ ଅଧ୍ୟକ୍ଷଙ୍କୁ ଉଲ୍ଲିଖିତ ଚିଠିଟି ଦେଇଥିଲା । ସେହି ଚିଠି ଉପରେ ମୁଁ ପୁଣି ଥରେ ଆଖି ବୁଲାଇଆଣିଲି । ସେ ଲେଖିଛି, "ଆମେ ଶିକ୍ଷକମାନେ ଅବଶ୍ୟ ମନୁଷ୍ୟ ଅଟୁ ଏବଂ ମନୁଷ୍ୟ ହିସାବରେ ଆମର କାମନା ଓ ଆବେଗ ରହିଛି । କହିବା ବାହୁଲ୍ୟ ଯେ, ଆମର ପ୍ରାଚୀନ ପରମ୍ପରା କାମ ପ୍ରତି ବିରାଗ ନହୋଇ ତା' ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଛି । ଏପରିକି କାମକୁ ଚାରି ପୁରୁଷାର୍ଥ ଭିତରେ ସ୍ଥାନିତ କରିଛି । କିନ୍ତୁ ଦୟାକରି ମନେପକାନ୍ତୁ, ଆମର ପରମ୍ପରା ଏକ ସର୍ତ୍ତ ରଖିଛି ଯେ, କାମ ଧର୍ମଦ୍ୱାରା ପରିଚାଳିତ ହେବ ।" ଭଗବାନ ଦାସ ! କେଉଁ ମାନ୍ଧାତା ଯୁଗରେ ତୁମେ ରହିଛ । ଏଥିଭିତରେ ଆମ ମହାନ୍ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କହିସାରିଲେଣି ଯେ, ପ୍ରେମ କରୁଥିବା ପୁରୁଷ ଓ ମହିଳା ଏକତ୍ର ବାସ କରିବା ମୌଳିକ ଅଧିକାରର ଅଂଶବିଶେଷ ଏବଂ ଏହା ଏକ ଅପରାଧ ନୁହେଁ । ମୁଁ ହସିଉଠିଲି ଏବଂ ଭଗବାନ ଦାସର ଚିଠିକୁ ଚିରି ଫିଙ୍ଗିଦେଲି । ତା'ପରେ ନିଶ୍ଚିନ୍ତରେ ଶୋଇଗଲି ।

●